ମହାପୁରୁଷ

## ଅରକ୍ଷିତ ଦାସଙ୍କ

# ମହୀମଣ୍ଡଳ ଗୀତା

ମହାପୁରୁଷ

ଅରକ୍ଷିତଦାସଙ୍କ

# ମହୀ ମଣ୍ଡଳ ଗୀତା


ପ୍ରଥମ ମୁଦ୍ରଣ—

ଶ୍ରୀଛ ଦିବସ—ମାଘ କୃଷ୍ଣ ଏକାଦଶୀ, ୧୯୭୦

ପ୍ରକାଶକ—ମହାନ୍ତ ଶ୍ରୀ ଲଚ୍ଛମନ ଦାସ
ଓଳାଶୁଣୀ ଗୁମ୍ଫା, କଟକ

ମୂଲ୍ୟ-୧୦-୫୦ ଦଶଟଙ୍କା ପଚାଶ ପଇସା

ଡାକର ଅତିରିକ୍ତ ଏକଟଙ୍କା



ଶ୍ରୀ ଶ୍ରୀ ମହାପୁରୁଷ ଅରକ୍ଷିତ ଦାସଙ୍କ ସମାଧି

-⁜- ଓଲାଶୁଣି ଗୁମ୍ଫା -⁜-

# ଭୂମିକା

ସନ୍ଥ ଅରକ୍ଷିତ ଦାସଙ୍କ ମହିମଣ୍ଡଳ ଗୀତାର ଅଧ୍ୟୟନ ଓ ଚିନ୍ତନ ସେଇଁ ଆଧ୍ୟାତ୍ମିକ ସ୍ତରକୁ ନେଇଯିବାର କଥା, ତାହା ମୁଁ କହିନାହିଁ । ମୋର ମନେହୁଏ ଅନ୍ୟ ଅନେକଙ୍କ ମଧ୍ୟ ଜଣାନ ହେବ । ମହିମା ଧର୍ମ ସମ୍ପ୍ରଦାୟର ଅନେକ ପୁସ୍ତକ ପ୍ରକାଶିତ ହେଲାଣି, ଓ ସେଥିରେ ଲେଖକମାନେ ଉଦ୍ଧାର ପ୍ରକାଶ କରି ସେ ତତ୍ତ୍ୱର ବ୍ୟାଖ୍ୟା କରିଛନ୍ତି, ସେଥିରେ ମୋର ମନ ମାନି ନାହିଁ । ଅଥଚ ମୁଁ ମଧ୍ୟ ସେଥିପାଇଁ ଉପଯୁକ୍ତ ନୁହେଁ । କିନ୍ତୁ ମୁଁ ଅନୁଭବ କରୁଛି ଯେ 'ମନ ଚୈତନ୍ୟ ସମ୍ବାଦ' ଶାସ୍ତ୍ରର ଆଧ୍ୟାତ୍ମିକ ଅନୁଭୂତିର ବସ୍ତୁ । ସେ ସାଧାରଣ ସାହିତ୍ୟ ନୁହେଁ ବା ସାଧାରଣ ଜ୍ଞାନ ପ୍ରସୂତ ନୁହେଁ । ଭାରତରେ ଯେତେ ସନ୍ଥ ଯେତେ ଶାସ୍ତ୍ର ଲେଖିଛନ୍ତି, ସବୁ ଅନୁଭୂତି ପ୍ରସୂତ । କୌଣସି ବୌଦ୍ଧିକ କିମ୍ବା ପ୍ରସୂତ ନୁହେଁ । ପାଶ୍ଚାତ୍ୟ ଦର୍ଶନ ଭାବରେ ଭାରତୀୟ ଦର୍ଶନକୁ ବିଚାର କଲେ ଭାରତୀୟ ଦର୍ଶନର ବାସ୍ତବତା ବୁଝିବା କଠିନ୍ । ଏହା ଶ୍ରୀ ଅରବିନ୍ଦ ପ୍ରକାଶ କରିଛନ୍ତି । ଶ୍ରୀଅରବିନ୍ଦ ନିଜ ସାଧନା ଓ ଅନୁଭୂତି ଯୋଗେ 'ମନ'ର ଯେଉଁ ବିଶ୍ଳେଷଣ କରିଛନ୍ତି ଓ ମନୁଷ୍ୟ ଚେତନାର ଯେଉଁ କ୍ରମ ବିକାଶଧାରା ପ୍ରତିପାଦନ କରିଛନ୍ତି, ସେଥିରୁ ଯେତିକି ମୁଁ ବୁଝିପାରୁଛି, ତାହାକୁ ହିଁ ପ୍ରୟୋଗ କରି ଅନୁଭବ କରୁଛି ଯେ "ମନ ଚୈତନ୍ୟ" ସମ୍ବାଦ ଶାସ୍ତ୍ର ଆଧ୍ୟାତ୍ମିକ ସାଧନା ଓ ଅନୁଭୂତିରୁ ଲିଖିତ । ଏଣୁ ଏହାକୁ ସାଧାରଣ ସାହିତ୍ୟ ସମାଲୋଚନାର ଦୃଷ୍ଟିରୁ ଦେଖିବା ଏକ ଭ୍ରମ ।

ଅରକ୍ଷିତ ଦାସଙ୍କ 'ମହିମଣ୍ଡଳ ଗୀତା' ସେହିପରି ସାଧନା ଓ ଅନୁଭୂତି ପ୍ରସୂତ । ମନ ଓ ଚୈତନ୍ୟ ମଧ୍ୟରେ କଥୋପକଥନ ବା ଭାବର ଆଦାନ ପ୍ରଦାନ କେବଳ ସାଧକଙ୍କ ହିଁ ବୁଝିପାରିବେ, ଅନ୍ୟ କେହି ନୁହେଁ । କୌଣସି ସନ୍ଥଙ୍କୁ ଅନ୍ୟ ଏକ ସନ୍ଥଙ୍କ ସହିତ ତୁଳନା କରିବା ଠିକ୍ ନୁହେଁ । ଏଣୁ କେଉଁ ସନ୍ଥର ସାଧନାକୁ କିଏ ଅନୁସରଣ କରିବ ତାହା ବ୍ୟକ୍ତି ବିଶେଷର ନିଜର ବିଶ୍ୱାସ ଉପରେ ନିର୍ଭର କରେ ।

# ଡକ୍ଟର ମାୟାଧର ମାନସିଂହଙ୍କ ଅଭିମତ

ଓଡ଼ିଆ ସାହିତ୍ୟର ଅନ୍ୟ ଧାରାମାନଙ୍କ ସମାନ୍ତରାଳରେ ସପ୍ତମ-ନବମ ଶତାବ୍ଦୀରେ ବୌଦ୍ଧାଚାର୍ଯ୍ୟମାନେ ଯେଉଁ ସ୍ରୋତ ଆରମ୍ଭ କରି ଦେଇଥିଲେ, ତାହାର ପ୍ରବାହ ଅବାଧଗତିରେ ଚାଲି ଆସିଛି । କିନ୍ତୁ ପଂଚସଖା ନାମଂକ ସମୟରେ ଏହି ସ୍ରୋତରେ ଯେଉଁ ପ୍ରବଳ ବନ୍ୟା ଦେଖା ଦେଇଥିଲା, ଏହି କାଳକୁ ତାହା ଅପସାରିତ ହୋଇ, ସ୍ରୋତର ଧାରା ମଧ୍ୟ କ୍ଷୀଣ ହୋଇ ଆସିଥିଲା । ବସ୍ତୁତଃ ଓଡ଼ିଆ ଜାତିର ସେହି ପ୍ରାଚୀନ ଆଧ୍ୟାତ୍ମିକ ସ୍ରୋତ ଏହି କାଳର କୃଷ୍ଣ-କେନ୍ଦ୍ରିକ ଭକ୍ତି-ନଦୀର ପ୍ଲାବନରେ ହିଁ ନିଜର ଜଳରାଶିକୁ ମିଶାଇ ଦେଇଥିଲା ।

ଅତଏବ ଗୀତା, ସଂହିତା ଓ ମାହାତ୍ମ୍ୟ ରଚନା କରି 'ଦାସ' ସଳିଥାନ୍ତି କବିଗୋଷ୍ଠୀ ଓଡ଼ିଆ ସାହିତ୍ୟରେ ଆଧ୍ୟାତ୍ମିକତାର ବର୍ତ୍ତିକାକୁ ଜଳାଇ ରଖିଥିଲେ । ନିଜ ନିଜର ମୌଳିକ ନାମକୁ ପରିତ୍ୟାଗ କରି ପ୍ରତ୍ୟେକ ନିଜ ନିଜକୁ ଏକ 'ହୀନ' (ଦୀ) ବୋଲି ଘୋଷିତ କଲାପରି, ଓଡ଼ିଶାର ଏହି ଆଧ୍ୟାତ୍ମିକ କବିବୃନ୍ଦ ନିଜକୁ ଈଶ୍ୱରଙ୍କ 'ଦାସ' ବୋଲି ପରିଚିତ କରାଇଲେ । ଶାରଳା ଦାସ, ଜଗନ୍ନାଥ ଦାସ, ବଳରାମ ଦାସ ପ୍ରଭୃତି ଏବଂ ସମସ୍ତଙ୍କ ଦାସଙ୍କ ତାଲିକା ଅନ୍ତ ନାହିଁ । ଏ ସ୍ୱାମୀ କାଳରେ ଦେଖା ଦେଇଥିବା ବହୁ ସଂଖ୍ୟକ ଆଧ୍ୟାତ୍ମିକ କବିଙ୍କ ମଧ୍ୟରୁ ଯେଉଁ ଦୁଇ ଜଣ ସର୍ବଶ୍ରେଷ୍ଠ ବିବେଚିତ ହେବାର କଥା, ସେମାନଙ୍କ ମଧ୍ୟରୁ ଜଣେ ଦାସ, ଅରକ୍ଷିତ ଦାସ, ଆଉ ଜଣେ ଅଂଧ ଓ କଂଧ ଭୀମ ଭୋଇ । ସୃଷ୍ଟିର ତୁଳନାରେ ଏ ଦୁହେଁ ପୂର୍ବର ପଂଚସଖାଙ୍କ ସମାସନ ଲଭନ୍ତି । ଭୀମ ଦେଖା ଦେଇଥିଲେ ଓଡ଼ିଶାର ପଶ୍ଚିମ ପାର୍ବତ୍ୟ ଅଂଚଳରେ; ଅରକ୍ଷିତ ଦାସଂକର ଜନ୍ମ ହୋଇଥିଲା, ଦକ୍ଷିଣର ଖଲ୍ଲିକୋଟ ଅଂଚଳରେ । ଉଭୟେ ସମସାମୟିକ ଥିଲେ କିଂତୁ ଆଶ୍ଚର୍ଯ୍ୟର କଥା ଏହି ଯେ, ପରସ୍ପରକୁ ଅଜ୍ଞାତ ରହି, ଉଭୟେ ପ୍ରାୟ ଏକ ଧରଣର ପ୍ରଚାର କରି ଯାଇଛନ୍ତି । ଉଭୟେ ଥିଲେ ବ୍ରାହ୍ମଣ୍ୟ ଧର୍ମର ଓ ପ୍ରତିମା ପୂଜାର ବିରୋଧୀ ! ପ୍ରତିମା ଓ ପୌରୋହିତ୍ୟ ସାଧାରଣ ହିଂଦୁ ଧର୍ମର ଏହି ଦୁଇ ମୁଖ୍ୟ ଉପାଦାନ ବିରୁଦ୍ଧରେ ସେମାନେ ପ୍ରକାଶ୍ୟ ବିଦ୍ରୋହ କରି

ମୂଳଥିଲେ । ସେମାନେ ଜନତାକୁ ଆହ୍ୱାନ କରିଥିଲେ କେବଳ ନିରାକାର ବ୍ରହ୍ମଙ୍କର ଉପାସନା କରିବାକୁ । କୃଷ୍ଣ ଓ ରାମ କେନ୍ଦ୍ରିକ ବୈଷ୍ଣବ ଉପାସକ କବିମାନଙ୍କର ଜଟିଳ ଅଲଂକାରିକ ବଚନ ତୁଳନାରେ ଏମାନଙ୍କର ଭାଷା ତତ୍ତ୍ୱସ୍ବଳିତ ଭାବରେ ସରଳ । ତାହାହିଁ ସେମାନଙ୍କର ସରଳ ଧର୍ମତତ୍ତ୍ୱର ସହଜ ଓ ସପୋଷିତ ମାଧ୍ୟମ ଥିଲା ।

ପୁଣି ଅଦ୍ଭୁତ ବିସ୍ମୟର କଥା ଏହି ଯେ, ଉତ୍କଳର ଏହି ସିଦ୍ଧି ମୂଳ ଆଧୁନିକ ସଭ୍ୟତା ମଣ୍ଡିତ ସହରକୁ ଅପରିଚିତ ଥିଲେ ବି, ଆଧୁନିକ-ଆଲୋକ-ମଣ୍ଡିତ ରାଜା ରାମମୋହନ ରାୟ ପ୍ରତିବେଶୀ ବଙ୍ଗ ଦେଶରେ ଯେଉଁ ସବୁ ଧର୍ମ-ସଂସ୍କାର ଉଦ୍ୟମ କରୁଥିଲେ ଠିକ୍ ସେହି ସମୟରେ, ସେମାନେ ଠିକ୍ ସେସବୁହିଁ ପ୍ରଚାର କରି ଚାଲିଥିଲେ । ଓଡ଼ିଶାର ଜାତୀୟ ଧର୍ମୀୟ ସଂସ୍କୃତିର ସଂରକ୍ଷା ହେଉଛି ବୌଦ୍ଧପନ୍ଥ । ତାହାହିଁ ଯୁଗେ ଯୁଗେ ଓଡ଼ିଶାର ଆଧ୍ୟାତ୍ମିକ ଚିନ୍ତା ନାୟକ ଓ କବିଙ୍କ ରଚନାରେ ବାରଂବାର ସ୍ଫୁଟି ଉଠିଛି । ଭୀମ ଭୋଇଙ୍କ ମହିମା ବା ଅଲେଖ ଧର୍ମ ବୌଦ୍ଧ ମତାନୁସୃତ । ଅରକ୍ଷିତ ଦାସଙ୍କ ବ୍ରହ୍ମକେନ୍ଦ୍ରିକ ସଂସାର ରାମମୋହନ ଓ କେଶବଚନ୍ଦ୍ର-ପ୍ରତିଷ୍ଠିତ ବ୍ରାହ୍ମଧର୍ମଠାରୁ ଏକାବେଳେକେ ଅଲଗା । ଯାହା କିଛି ଭିନ୍ନତା ତାହା ପାଶ୍ଚାତ୍ୟ-ଶିକ୍ଷା-ସଭ୍ୟତା-ଜନିତ, ତତ୍ତ୍ୱରେ ନୁହେଁ । ବଙ୍ଗର ରାମମୋହନ ଓ କେଶବଚନ୍ଦ୍ରଙ୍କ ସଂସ୍କାର ପ୍ରବଣତାର ମୂଳରେ ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାର ସଂପର୍କହିଁ । ଭୀମ-ଭୋଇ ବା ଅରକ୍ଷିତ ଦାସ ଏହି ବଙ୍ଗ-ସଂସ୍କାର ମାନଙ୍କଠାରୁ ବା ପାଶ୍ଚାତ୍ୟ ଭାବଧାରାରୁ ନିଜ ମତ ସବୁ ଧାର ଆଣିବାର ପ୍ରଶ୍ନହିଁ ଉଠି ନ ପାରେ, କାରଣ ସେମାନେ ତ ନିଜ ଭାଷା ଓଡ଼ିଆ ଛଡ଼ା ଅନ୍ୟ କୌଣସି ଭାଷା ଜାଣିଥିବାର ଜଣାଯାଏ ନାହିଁ ଏବଂ ଓଡ଼ିଶାରେ ଇଂରାଜୀ ଭାଷା ଉପକୂଳ ଅଂଚଳରେ ଟାଁ ଟାଁ ଆରମ୍ଭ ହେବାର ବହୁ ପୂର୍ବରୁ ହିଁ ସେମାନେ ଇହଧାମ ତ୍ୟାଗ କରିଥିଲେ ।

## ଅରକ୍ଷିତ ଦାସ (୧୭୭୨-୧୮୦୩)

ଓଡ଼ିଶାର ଧର୍ମ ଓ ସାହିତ୍ୟର ସମଗ୍ର ଇତିହାସରେ ଅରକ୍ଷିତ ଦାସ ହେଉଛନ୍ତି ସେପରି ସବୁଠାରୁ ବୈଚିତ୍ର୍ୟମୟ ବ୍ୟକ୍ତି । ତାଙ୍କର ଜୀବନ କପିଳବସ୍ତୁର ରାଜପୁତ୍ର ଶାକ୍ୟ ସିଦ୍ଧାର୍ଥଙ୍କ ଜୀବନ ଚରିତକୁ

ଯତନେ ଯତନେ ଦୂରଣ କରାଇ ଦେଉଛନ୍ତି । ସଂସ୍କାରର ଚିରନ୍ତନ ବନ୍ଧି ଖୋଲାଦ୍ଧି ରାଜ୍ୟର ରାଜାଙ୍କର ଯେ ଦଶା ହୁଏ । କେତେକଙ୍କ ମତରେ ମୁକ୍ତ ନୁହଁ । ସେ ଆତ୍ମାନନ୍ଦୀ, ସେ ପୁଣି ଥିଲେ ଏକ ରାଜ ପରିବାରର ଯୁବକ ରୋଗ-ଶୋକ ଓ ମୃତ୍ୟୁର ନିକଟ୍ରେ ସ୍ୱରେ ପରିଚିତ ଥିଲେ ଏଥିରେ ସଂଶୟ ନାହିଁ । ଅଗଣିତ ଧାମଙ୍କ ନିଷ୍କଂଟକ ଗୀତାରେ ଲେଖା ଅଛି—

ପ୍ରାସାଦରେ ଥିଲାବେଳେ ମୁଁ କି ଭୋଗ କରି ନଥିଲି ? ମୁଁ ହୀରା ଚନ୍ଦନ ଛଡ଼ା ଆଉ କିଛି ବ୍ୟବହାର କରୁ ନଥିଲି ଓ ମୋର ଶରୀର ସର୍ବଦା ସୁଗନ୍ଧ ଦ୍ରବ୍ୟରେ ଲିପ୍ତ ଥିଲା । ମୁଁ କୋମଳ ଶଯ୍ୟାରେ ଶୋଉଥିଲି । ମୋର ନିଜର ଦୁଗ୍ଧଶାଳା ରହୁଥିଲା । ମୁଁ କେବଳ କ୍ଷୀର, ପିଠା ଓ ଚେଚନ୍ଦ୍ର ଖାଉଥିଲି ଏବଂ ଅଶ୍ୱାରୋହଣ କରି ବୁଲୁଥିଲି ।

ଅଗଣିତ ଦାସ ଏହି ସ୍ୱେଚ୍ଛାଚାରୀ ଜୀବନକୁ ମାତ୍ର ଅଠର ବର୍ଷ ବୟସରେ ପରିତ୍ୟାଗ କରି ଶେଷ ଅଠର ବର୍ଷ କାଳ ପାହାଡ଼ରୁ ପାହାଡ଼, ଜଙ୍ଗଲରୁ ଜଙ୍ଗଲ ଓ ଗ୍ରାମରୁ ଗ୍ରାମ ଘୂରି ବୁଲିଥିଲେ ସତ୍ୟ ଓ ଆତ୍ମୋପଲବ୍ଧିର ସନ୍ଧାନରେ । ସର୍ବକାଳ ଧରି ସେ କେବଳ ଜଳପାନ କରି ରହୁଥିଲେ । ସେ ଆଧ୍ୟାତ୍ମିକ ଅନୁସନ୍ଧାନ ଶିଖରରେ ଏହି ରାଜକୁମାର ଅତେ ଦୁଃଖରେ ଏକ ମାନବୀ ବାର ଶ୍ରେଷ୍ଠ ବୋଲି 'ସଂବେଦନର, ଧାତୁ ମନ୍ତ୍ରଣାନନ୍ଦ ଭାବରେ ପ୍ରଭାବିତ ହୋଇଥିଲେ । ସେ ଏକ ଦୁର୍ବିଷହ ଜୀବନ ଭଳି ସ୍ତ୍ରୀଲୋକ ଦ୍ୱାରା ଯେ ଲାଞ୍ଛିତ ଓ ଶୁଶ୍ରୂଷିତ ହୋଇଥିଲେ, ତାହା ଶ୍ରୀମୁଖ ନିରଂଜନା ନାମ-ଦକ୍ଷିଣର ଏକ ପ୍ରମାଣ । ଜଣେ ସର୍ବଶ୍ରେଷ୍ଠା ବିଧବା ରମଣୀ, ଏହି ଜେନା-ରଜା କୁମାରଙ୍କର ଚତୁର୍ଦ୍ଦିଗ ଓ ଅସାଧାରଣ କୃଚ୍ଛ୍ର ସାଧନା ଦେଖି ତାଙ୍କୁ ଏସବୁ ତ୍ୟାଗ କରି ଶାନ୍ତିମୟ ମୁକ୍ତ ସ୍ୱଚ୍ଛନ୍ଦ୍ୟ ଭୋଗ କରିବାକୁ ଉପଦେଶ ଦେଇଥିଲେ ।

ଏହି ଭ୍ରମଣମାନ କାଳରେ ଏହି ଧାର୍ମିକ ରାଜକୁମାର ଜୀବନର ବହୁ ବିଖ୍ୟାତ ଦେବ ଦେବୀଙ୍କ ପୀଠସ୍ଥାନ ସବୁକୁ ଯାଇଥିଲେ । ବହୁ ଥରେ ଦସ୍ୟୁମାନଙ୍କ ସବୁସ୍ୱଙ୍କ ଜୀବନରେ ଯାହା ଘଟିଲା, ଏହି ସତ୍ୟାନୁ-

ପ୍ରଥମରୁ ତରୁଣ ରାଜକୁମାରଙ୍କଠି ମଧ୍ୟ ଦୟା ଦେଖାଗଲା । ସେ ଏହି ହିନ୍ଦୁ ଧର୍ମ ନେତାଙ୍କଠାରେ କୌଣସି 'ଦେବତ୍ୱ' ଦେଖି ନପାରି ପ୍ରକାଶ୍ୟରେ ହିନ୍ଦୁ ଜାତିର ବିରୋଧରେ ପ୍ରଚାର ଆରମ୍ଭ କରିଦେଲେ । ରାଜକୁମାରଙ୍କ ଚେତନାରେ ଯେଉଁ ଆତ୍ମିକ ପରିବର୍ତ୍ତନ ଆସ୍ତେ ଆସ୍ତେ ଘଟି ଆସୁଥିଲା, ସେ ପ୍ରଭାବରେ ହିନ୍ଦୁ ସମାଜର ଜାତି-ବିଭାଗର ଅଯୌକ୍ତିକତାରେ ମଧ୍ୟ ସେ ନିଃସନ୍ଦେହ ହୋଇ, ତଥା କଥିତ ବହୁ ନିମ୍ନ ଜାତିର ଲୋକଙ୍କଠାରୁ ଖାଦ୍ୟ ଗ୍ରହଣ କଲେ ।

**ସେ କହନ୍ତି—**

“ମୁଁ ସକଳ ଜାତିର ଲୋକଙ୍କଠାରୁ ଖାଦ୍ୟ ଗ୍ରହଣ କରିଛି, ବ୍ରାହ୍ମଣଠାରୁ ଓ ଚଣ୍ଡାଳଙ୍କଠାରୁ । ହେ ଭିକ୍ଷୁ, ତୁମ୍ଭେ ସେ ସମସ୍ତଙ୍କଠାରେ ଭିକ୍ଷା କର ! ଗାଈ ନାନା ବର୍ଣ୍ଣର ହେଲେ ମଧ୍ୟ ସମସ୍ତଙ୍କ କ୍ଷୀର ସେହି ଏକ ଶ୍ୱେତ ବର୍ଣ୍ଣର ।”

**ଅନ୍ୟତ୍ର କହନ୍ତି—**

“ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବ । କାହାକୁ ଅଛୁଆଁ ବୋଲି ବିଚାରିବ ନାହିଁ । ପବିତ୍ର ଓ ଅପବିତ୍ର ସମସ୍ତେ ଏକ । ସେହିପରି ସ୍ତ୍ରୀ ଓ ପୁରୁଷ ମଧ୍ୟ ଅଭେଦ ।”

ଅଠର ବର୍ଷର କଠୋର କୃଚ୍ଛ୍ର ସାଧନା ଓ ପର୍ଯ୍ୟଟନ ପରେ ଏମିତି ବୁଲି ଶେଷରେ କଟକ ଜିଲ୍ଲାର ଓଲାଶୁଣୀ ପର୍ବତରେ ସ୍ଥିର ହୋଇ ବାସ ଆରମ୍ଭ କଲେ । ସେ ଊନବିଂଶ ଶତାବ୍ଦୀର ମଧ୍ୟଭାଗ ଆଡ଼କୁ ଦେହତ୍ୟାଗ କରିଥିବା ଜଣାଯାଏ । ତାଙ୍କର ଓଲାଶୁଣୀ ଦେବାଳୟ ସମାଧି ବର୍ତ୍ତମାନ ଏକ ତୀର୍ଥକ୍ଷେତ୍ର ଓ ଏକ ନୂଆ ବର୍ଦ୍ଧମାନ ଧର୍ମ ଗୋଷ୍ଠୀର କେନ୍ଦ୍ର ପୀଠ, ସେଇଁଠାରୁ ଅରକ୍ଷିତଙ୍କ ତତ୍ତ୍ୱ ପ୍ରଚାରିତ ହୋଇ ଆସୁଛି ।

“ଓଡ଼ିଆ ସାହିତ୍ୟର ଇତିହାସ”

— - ○ — -

# ମହୀମଣ୍ଡଳ ଗୀତା : ଏକ ସୂଚନା

ସାହିତ୍ୟରେ ଜୀବନର ବହିରଙ୍ଗ ଓ ଅନ୍ତରଙ୍ଗ ତଥା ଇନ୍ଦ୍ରିୟ-ବୋଧୋତ୍ତର ଦିଗ ପ୍ରକାଶ ପାଇଥାଏ । ଏହି ଦିଗର ବର୍ଣ୍ଣନା ମାଧ୍ୟମ କିମ୍ବା ପରିଚ୍ଛନ୍ନ ମନ ଗମ୍ଭୀରତା ଓ ବ୍ୟାପ୍ତି ନିର୍ଭର କରେ କବିର ଅନୁଭବ ଏବଂ ତତ୍ତ୍ୱ ପ୍ରକାଶକାରୀ ଦୃଷ୍ଟିଭଙ୍ଗୀ ଉପରେ । ଏ ଦୃଷ୍ଟିରୁ ଜଣେ କବି ସାଧକ ହୋଇପାରେ; ମାତ୍ର ସାଧାରଣତଃ ଜଣେ ସାଧକ କବି ହୋଇ ନ ପାରେ । ତଥାପି, କେବଳ ଅନୁଭବର ଭିତ୍ତିରେ ଓ ପରିଧିରେ ସାଧକର କବିମନ ସୁଲଭ, ସ୍ୱଚ୍ଛତା, ଓ ଅଧିକନ୍ତୁ, ଭକ୍ତି-ମୁଖ୍ୟତା ପରିସ୍ଫୁଟ ହୋଇଥାଏ । ମହୀମଣ୍ଡଳ ଗୀତାର ରଚୟିତା, ସାଧକ ଅରକ୍ଷିତ ଦାସ ଏ ପର୍ଯ୍ୟାୟର ଜଣେ ମହତ୍ତ୍ୱ ବ୍ୟକ୍ତି । ତାଙ୍କର କବିତ୍ୱର ସ୍ୱରୂପ ଅନ୍ତରଙ୍ଗତଃ ଅନୁଭବ—ସୀମାରେ ଆବଦ୍ଧ ।

ଏହାଙ୍କ ସାଧନାଗତ ଉଣ୍ଣାସ, ନିଷ୍ଠା ଓ ମହତ୍ତ୍ୱ ସଂପର୍କରେ କେତେକ ଆଲୋଚନା ହୋଇଛି । ସେ ଓଡ଼ିଆ ସମାଜର ଦୃଷ୍ଟି ଆକର୍ଷଣ କରିଛନ୍ତି । କେଶବ ପ୍ରବନ୍ଧ—ପଣ୍ଡିତ ନୃସିଂହଶ୍ରୀ ରଥ ଏହି ମହୀମଣ୍ଡଳ ଗୀତା ଓ ଏହାର ରଚୟିତା ଅରକ୍ଷିତଙ୍କ ସଂପର୍କରେ ପ୍ରଥମେ ଆଲୋଚନା କରିଥିଲେ ବୋଲି ମନେହୁଏ । ବସ୍ତୁତଃ ବଳରାମ ଜଗନ୍ନାଥ ପ୍ରମୁଖ ପ୍ରଖ୍ୟାତ ପଞ୍ଚସଖାଙ୍କ ତପସ୍ୱିତା ସହିତ ଏହାଙ୍କର ସାଧନା-ନିଷ୍ଠା ତୁଳନୀୟ ହୋଇପାରେ ।

ମହୀମଣ୍ଡଳ ଗୀତାରେ ପ୍ରଦତ୍ତ ପଞ୍ଚଭୂତ ତତ୍ତ୍ୱ, ଭକ୍ତି ମୁଖ୍ୟତା, ଆତ୍ମତତ୍ତ୍ୱ, ସର୍ବତ୍ର ଓ ସର୍ବଦା ଆତ୍ମ ବ୍ୟାପ୍ତି ଏବଂ ସାମ୍ୟବୋଧ, ଓଁକାର ତତ୍ତ୍ୱ, ଦୁଃଖ ମଧ୍ୟରୁ ଉତ୍ତରଣର ବିଶଦ ବର୍ଣ୍ଣନାରେ ସାଧକ କବିଙ୍କର ସ୍ୱଚ୍ଛବାଣୀ, ଗଭୀର ଅନୁଭବ, ଓ ବଳିଷ୍ଠ ପ୍ରତ୍ୟୟ ପରିସ୍ଫୁଟ । ଏ ପ୍ରତ୍ୟୟଟି କବି ଜନ ସୁଲଭ; ଅଧିକନ୍ତୁ, ସାଧନସିଦ୍ଧ ବା ସାଧନା-ଲବ୍ଧ ହସ ବଚନରେ ତାଙ୍କର ବାଣୀ (ଏତଦ୍ଧିକ ଆଧୁନିକ) ସାହିତ୍ୟର ବା

ମନସ୍ତତ୍ତ୍ୱର ଗୋଟିଏ ଗୋଟିଏ ମର୍ମ-ବ୍ୟଞ୍ଜନାର ରୂପେ ସ୍ଫୁରିତ ହୋଇ ଯାଇଛି ; ଯେପରି—

ମୁଁ ଝିଅ ଗୁଡ଼ୁଡ଼ି ଖେଳେ ।

* * *

ଝିଅ ଭଉଣି ମୁହିଁ ଜାଣ ।
ମୁଁ ମୋତେ ଡାକୁଅଛି ପୁଣ ॥

* * *

ଖେଳନ୍ତୁ ଲୁଚକାଳି ମୁହିଁ ।
ଖୁଅ କିଅଛି ମୁଁ ଖୋଜିଲି ॥ (ଦ୍ୱିତୀୟ ଅଧ୍ୟାୟ)

[ଗୋଟିଏ ବ୍ୟକ୍ତିତ୍ୱର ଦାୟିତ୍ୱ ଓ ପୂର୍ଣ୍ଣତାର ସମନ୍ୱୟ ଓ ଏକତା ଏହି ଚିତ୍ର ସୃଷ୍ଟି ଏକ ବିଶିଷ୍ଟ ଆଧୁନିକ କବିତା 'ଦର୍ପଣ' (ପିଙ୍ଗଳାର ସ୍ୱୀ) ଲକ୍ଷ କରାଯାଇ ପାରେ]

ପୁନଶ୍ଚ :—

ମୁଁ ମୋତେ କାଟିଲି ହଜାଇ ।
ମୁଁ ମୋତେ ମାରିଲି ମାରିଲି ।

* * *

ହିଂସା ବିଷ ଯେ ଦେଲି ମୁହିଁ
ମୁଁ ମୋତେ ଜପନ୍ତ ଭୁଲାଇ ।

* * *

ମୁହିଁ ଯେ ମୋହର ଛବି ଦେଖି
ଭଜ ଦର୍ପ ଭୂମି ଦେଇ ଥିଲି ॥

ଏ କେତୋଟି ପଦ ପୂର୍ବୋକ୍ତ ଉକ୍ତିର ସ୍ୱଗତର ଅନୁକୃତ ମାତ୍ର ।

ଏହା ବ୍ୟତୀତ କେବେ କେବେ ନିଜର ମୌଳିକ ସୃଷ୍ଟିରେ ସାଧକ-କବି ଅଭିନବ ନୂତନ ପ୍ରକାରର ରୂପକ ସୃଷ୍ଟି କରିଛନ୍ତି । ଶିଶୁ ଯେତେବେଳେ ସଂସାରରେ ଜନ୍ମ ଗ୍ରହଣ କରୁଛି, ସେତେବେଳେ ତାକୁ କବି କହୁଛନ୍ତି—ଅହା ଶବଦ କଲୁ ତୁହି ନାମ ତ ଭୁଲିଗଲୁ କାହିଁ ।

(୩୨ଶ ଅଧ୍ୟାୟ) [ଏହାର ଗଭୀର ତତ୍ତ୍ୱ ମଧ୍ୟ ବୈକୁଣ୍ଠ ନାଥଙ୍କ 'ହିନ୍ଦୁ ସୃଷ୍ଟି' କବିତାର ଭିତ୍ତି । ଇଂରେଜ କବି ଓ୍ୱାର୍ଡସ୍‌ୱର୍ଥଙ୍କର ଶିଶୁତତ୍ତ୍ୱ ଦୃଷ୍ଟିଭଙ୍ଗି ମଧ୍ୟ ଏକାପ୍ରକାର ।, କେବଳ ଏତିକି ନୁହେଁ ଗର୍ଭସ୍ଥ ହେବା ଠାରୁ ଜନ୍ମ, ବାଲ୍ୟ, ଯୌବନ, ବାର୍ଦ୍ଧକ୍ୟ ଓ ମୃତ୍ୟୁ ପର୍ଯ୍ୟନ୍ତ ଶିଶୁର ବିକାଶ ଓ ଲୟ ପ୍ରଭୃତି ଦଶାଭେଦର ରୂପକରେ କବି ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି । 'ପ୍ରଥମେ ମାତାଗର୍ଭେ ରହି' ଠାରୁ 'ମୃତ୍ୟୁ ଦେହାନ୍ତ ଆସିବ ଯାହିଁ' ପର୍ଯ୍ୟନ୍ତ (୩୨ଶ ଅଧ୍ୟାୟର ୨୧ରୁ ୫୦ ପଦ) ଛବିଟି ଦର୍ଶନୀୟ [ଏବଂ ଏହା ସହିତ ତଥ୍ୟଟି ଦୃଷ୍ଟିରୁ ସେକ୍ସପିଅରଙ୍କ World is a stage ପ୍ରସଙ୍ଗଟି ସ୍ମରଣୀୟ] ମୋର କହିବାର କଥା ଅରକ୍ଷିତଙ୍କର ଅନୁଭବ ଓ ସାଧନା ସିଦ୍ଧ ତତ୍ତ୍ୱ ସାହିତ୍ୟରେ ରସମୟ ଭାବରେ ପରିବେଷିତ ହୋଇଛି । ଏହି ସାମର୍ଥ୍ୟହେତୁ ତାଙ୍କୁ ଜଣେ ଅନ୍ତରଙ୍ଗ ବା ଅନ୍ତର୍ମୁଖୀ କବି କୁହାଯାଇପାରେ । ଏହି ଅନୁଭବ-ସିଦ୍ଧିର ଅଭାବରେ ସାଧକ ମଧ୍ୟ ସମାଜରେ ବଞ୍ଚି ରହିବା ସମ୍ଭବ ନୁହେଁ । କିନ୍ତୁ ନିର୍ଣ୍ଣିତ ବ୍ୟକ୍ତିଙ୍କର ସାଧକ ଅରକ୍ଷିତ ଦାସ ବଞ୍ଚି ରହିବେ । ତଥା ତାଙ୍କର ସମ୍ପ୍ରଦାୟଗତା ସାଧନା-ଓ-ଶୁଦ୍ଧ ମୂର୍ତ୍ତି ଓଡ଼ିଶା ମନରେ ମର୍ଯ୍ୟାଦା ଲାଭ କରିଥିବ ।

ଅଧ୍ୟାପକ ବେଣୁଧର ରାଉତ
ରୀଡ଼ର ଓଡ଼ିଆ ବିଭାଗ,
ରେଭେନ୍ସା କଲେଜ, କଟକ
ତା ୨୦ । ୧ । ୧୯୭୦

# ଅଭିମତ

ମହାପୁରୁଷ ଅରକ୍ଷିତ ଦାସଙ୍କ ମହିମଣ୍ଡଳ ଗୀତା ଆମୂଳଚୂଳ ଚାଟକଲି । ମୁଁ ଏଟେନ କରି ନିମ୍ନ ଭାବରେ ମୋର ଅଭିମତ ଜ୍ଞାପନ କରୁଛି ।

ବାସନା ଜୀବର ବନ୍ଧନର କାରଣ । ଏହି ବାସନା ମନୁଷ୍ୟକୁ ଭୋଗ ବିଳାସରେ ଆକୃଷ୍ଟ କରି ତା ସଂସାରରେ ତାକୁ ନିବିଡ଼ ଭାବରେ ବାନ୍ଧି ରଖିଛି । ସେ ବନ୍ଧନ ଏତେ ଦୃଢ଼ ଯେ ସେଥିରୁ ବିଚ୍ଛିନ୍ନ ହେବା ତା ପକ୍ଷରେ ଗୋଟିଏ କଠିନ ବ୍ୟାପାର । ଐକ୍ୟ, ଐଶ୍ୱର୍ଯ୍ୟ, କ୍ଷମତା, ଯଶ ଓ ସୁଖ ଆଦିର ଅନ୍ୱେଷଣରେ ସେ ଯୁଗ ଯୁଗ ବ୍ୟତିବ୍ୟସ୍ତ ହୋଇ ପଡ଼ୁଛି । ଆତ୍ମୀୟମାନଙ୍କ ମଧ୍ୟରେ କିପରି ପ୍ରତିପତ୍ତି ଲାଭ କରିବ ତାର ଚେଷ୍ଟାରେ ସେ ବୁଲୁଛି । ଯାହାର ଐଶ୍ୱର୍ଯ୍ୟ ଯେତେ ମିଳୁ ପଛକେ ସେ ସେଥିରେ ସନ୍ତୁଷ୍ଟ ନ ହୋଇ ନୂତନ ସୁଖର ମୋହରେ ମୁଗ୍ଧ ହୋଇ ନୂତନତର ସୁଖର ଅନ୍ୱେଷଣରେ ସେବକ ଧରି ବୁଲୁଛି । ତାର ଆଶା ବୈତରଣୀ ନଦୀ, ଉପଭୋଗରେ ଶାନ୍ତ ହେଉନାହିଁ—ମାତ୍ର ବଢ଼ି ଚାଲିଛି । କେଉଁଥିରେ ତାର ଆଶା ପୂର୍ଣ୍ଣ ହେଉନାହିଁ । ସବୁବେଳେ ସେ ସୁଖପାଇଁ ଲାଳାୟିତ । ତାର ଏକାନ୍ତ ଆଶା ସବୁବେଳେ ସୁଖ ହେଉ, ଦୁଃଖ ନମିଳୁ ।

ପ୍ରକୃତରେ ସେ ମୂର୍ଖ ନୁହେଁ । କିନ୍ତୁ କେଉଁ ସୁଖରେ ତାର ପରିତୃପ୍ତି ହେବ ସେ ତାହା ଜାଣେ ନାହିଁ । ଅଥଚ ତାର ନିଜ ମଧ୍ୟରେ ଏମିତି ଗୋଟିଏ କିଛି ଅଛି ଯାହା ପାଇବା ପାଇଁ ସେ ସର୍ବଦା ବ୍ୟସ୍ତ ଦୁଃଖ କଷ୍ଟ ସହି ମଧ୍ୟ ବଞ୍ଚି ରହିବାକୁ ଚାହେଁ । ତାର ଅଜାଣତରେ ନିଶ୍ଚୟ ସେ ଏପରି କିଛିର ଆସ୍ୱାଦ ପାଇଛି ଯାହାକୁ ଭୁଲି ରହିବା ତା ପକ୍ଷରେ ଅସମ୍ଭବ ।

ତାକୁ ସେହି ଅଜ୍ଞାତ ବସ୍ତୁପାଇଁ ଆଗ୍ରହାନ୍ୱିତ ହୋଇ ସେପରି ବଞ୍ଚି ରହିବାକୁ ହେବ ସଂସାର ଆବର୍ତ୍ତରେ ଘୂରି ଘୂରି ବୁଲୁଥାଏ । ସେ ଆନନ୍ଦ କେବଳ ତାର ଲକ୍ଷ୍ୟ ଏବଂ ସେହି ଆନନ୍ଦ ଲାଭ କରିବା ନିମିତ୍ତ

ତାର ଏତେ ବ୍ୟଗ୍ରତା । ସଂସାର ଯୋଗାଏ ଭୁକ୍ତି ଶରୀରାଦି ମାତ୍ର ଓ ସେ ସମ୍ପଦା ସବୁରେ ପ୍ରମାଣିତ ହୋଇଅଛି । ଏତେବଡ଼ ସ୍ଥଳରେ ଯେତେବେଳେ ସେ କୌଣସିଥିରେ ତାର ନିଜ ଆକାଂକ୍ଷିତ ଆନନ୍ଦକୁ ପାଇପାରେ ନାହିଁ ସେତେବେଳେ ଶରୀର ଓ ମନର ଆଶ୍ରୟରେ ସେ ଯେଉଁସବୁ ଅଭିଜ୍ଞତା ଅର୍ଜନ କରିଅଛି ତାର କେବଳ ନିଗୂଢ଼ ମର୍ମ ଓ ପ୍ରକୃତ ଅର୍ଥ ହୃଦୟଙ୍ଗମ କରିବା ପାଇଁ ଆକୁଳ ହୁଏ ।

ମନୁଷ୍ୟ ଯେତିକି କେବଳ ବସ୍ତୁ-ସମସ୍ୟାର ନିର୍ଦ୍ଦିଷ୍ଟ ମୀମାଂସା ପାଇଁ ପ୍ରସ୍ତୁତ ହେବାକୁ ତୃପ୍ତି ଜନ୍ମାଇ ରଖିପାରେ ନାହିଁ । ଫଳତଃ ଜୀବନର ପରମ ଲକ୍ଷ୍ୟ ଧନ—ତାହାରି ଅନୁସନ୍ଧାନ କରିଥାଏ ।

ଯେତେବେଳେ ଏହି ଅବସ୍ଥା ଲାଭ କରିବାର ସୌଭାଗ୍ୟ ମନୁଷ୍ୟର ହୁଏ ସେ ସେତେବେଳେ ଆଉ କିଛି ଖୋଜେ ନାହିଁ । ସେ ହୁଏ କେବଳ ସେହି ପୂର୍ଣ୍ଣତ୍ୱର ଅନୁଭୂତିର ଉପାସୀ । ଆତ୍ମାହିଁ ସେହି ପୂର୍ଣ୍ଣତତ୍ତ୍ୱ । ଆମ୍ଭେମାନେ ଯାହାକୁ 'ମୁଁ' 'ମୁଁ' କହୁ ସେହି ଅହଂଭାବଯୁକ୍ତ ଆତ୍ମା ଅନ୍ୟ ବସ୍ତୁର ନୁହେଁ । ଏହି ଆତ୍ମବସ୍ତୁହିଁ ବିଶ୍ୱର ପରମ ତତ୍ତ୍ୱ, ପୂର୍ଣ୍ଣତତ୍ତ୍ୱ । ଆତ୍ମାର ଅନ୍ୱେଷଣ ଏବଂ ଆତ୍ମାକୁ ଜୀବନରେ ପାଇବାହିଁ ପରମାନନ୍ଦ ଓ ସର୍ବଶ୍ରେଷ୍ଠ ଜ୍ଞାନ ।

ଏହି ଆତ୍ମ ଅନ୍ୱେଷଣ, ଆତ୍ମଜିଜ୍ଞାସା ଏବଂ ସେହି ଆତ୍ମଜ୍ଞାନରେ ଏହି ଜିଜ୍ଞାସାର ନିଃଶେଷ ନିବୃତ୍ତି ହୁଏ ସେହି ଜ୍ଞାନ ହିଁ ଏକମାତ୍ର ପରିପୂର୍ଣ୍ଣ ଆତ୍ମବସ୍ତୁ । ଏହା ହିଁ ପରିପୂର୍ଣ୍ଣ ଜୀବନ ।

ଏତେବେଳେ ମନୁଷ୍ୟ ବୁଝେ ବ୍ରହ୍ମମୟ ଜଗତ୍, ବ୍ରହ୍ମ ଛଡ଼ା କିଛି ନାହିଁ ସେ ଭିତରେ ବାହାରେ ସର୍ବତ୍ର ବିଦ୍ୟମାନ—ଏହି ଆତ୍ମାକୁ ଜାଣିଲେ ଆଉ ଜାଣିବାର ଅବଶିଷ୍ଟ କିଛି ରହେନାହିଁ । ଋଷିଗଣ ଚିରଦିନ ଏହି ଆତ୍ମା ବା ଏକତ୍ୱର ଅନ୍ୱେଷଣ କରିଥାନ୍ତି । ଏହି ଏକାତ୍ମାନୁଭୂତି ହିଁ ମନୁଷ୍ୟର ଅନ୍ତଃ ପ୍ରକୃତିର ବିଶିଷ୍ଟ ଧର୍ମ । ଏହି ଆତ୍ମାର ଅନ୍ୱେଷଣକୁ ଶାସ୍ତ୍ର "ବ୍ରହ୍ମଜିଜ୍ଞାସା" ନାମରେ ଅଭିହିତ କରିଅଛି ।

ତତ୍ତ୍ୱଜ୍ଞ ଯେଉଁମାନେ ସେମାନେ ଏହି ପରିପୂର୍ଣ୍ଣ ଆତ୍ମାକୁ ଜ୍ଞାନ ସ୍ୱରୂପ କହି ଅଛନ୍ତି—ସେହି ଜ୍ଞାନ—ସତ୍‌ଚିତ୍, ଆନନ୍ଦ । ଏହି ଆତ୍ମାର ବିଚ୍ଛେଦ ନାହିଁ—ସେ ଅବିଚ୍ଛେଦ୍ୟ, ଅଦାହ୍ୟ ।

ଗୀତକର୍ତ୍ତା ସ୍ଥିତପ୍ରଜ୍ଞ ମହାପୁରୁଷ ଅଭିଷିତ ଦାସ ଏହି ଗୀତାରେ ନିଜର ଅନ୍ତ ଦୃଷ୍ଟିରେ ଏହି ସତ୍ୟକୁ ହିଁ ପ୍ରତିପାଦନ କରିଅଛନ୍ତି । ଭୋଗ ମାନବ ଜୀବନର ଚରମ ଉଦ୍ଦେଶ୍ୟ ନୁହେଁ, ତତ୍ତ୍ୱ ଜିଜ୍ଞାସା କେବଳ ମାନବ ଜୀବନର ଚରମ ଓ ପରମ ଲକ୍ଷ୍ୟ, ନିଜର ଦୀର୍ଘ ତପସ୍ୟା ସାଧନା ଦ୍ୱାରା ପ୍ରକାଶ କରିଅଛନ୍ତି । ମହାପୁରୁଷ ସାଧନାର ନୂତନ ମାର୍ଗରେ ନିରାକାର ବ୍ରହ୍ମ ପରମ ତତ୍ତ୍ୱ ରୂପେ ନିର୍ଦ୍ଧାରଣ କରି-ଅଛନ୍ତି । ସେ ନିରାକାର ନାମ ରୂପକୁ ଅନ୍ତରରେ ସତତ ଜପିବାକୁ । ସେହି ନାମରୁ ସୃଷ୍ଟି ଓ ଲୟାଦି ସମସ୍ତ ସମାହିତ ହୁଏ । ସେହି ନାମ ଅରୂପ ବ୍ରହ୍ମମୟ ନାମ ଭିନ୍ନ ଅନ୍ୟ କିଛି ନୁହଁନ୍ତି । ନିଜ ପ୍ରବର୍ତ୍ତିତ ମାର୍ଗକୁ ସେ ଭକ୍ତିମାର୍ଗ ବୋଲି କହି ଅଛନ୍ତି । ଯାଗ, ଯଜ୍ଞ, ହୋମ ଓ ମାଳା ତିଳକାଦି ବୃଥା ଓ ସ୍ପର୍ଶ୍ୟା ସ୍ପର୍ଶ୍ୟ ଜାତିଗତ ଭେଦାଭେଦ ଅସାର—ଏହାହିଁ ବଜ୍ରଗମ୍ଭୀର ସ୍ୱରରେ ଘୋଷଣା କରି ମନୁଷ୍ୟ କେବଳ ସମଦର୍ଶୀ ହୋଇ ସର୍ବଦା ନାମାଶ୍ରୟୀ ହେବା ବିଧେୟ ବୋଲି ପ୍ରଚାର କରି ଅଛନ୍ତି ।

ଏହା କଳି ସନ୍ତପ୍ତ ମାନବ ପାଇଁ ସହଜ ଓ ସୁଗମ ମାର୍ଗ । ଯେଉଁମାନେ ନିରାକାର ତତ୍ତ୍ୱ ଆଲୋଚନା କରିବାକୁ ପ୍ରୟାସୀ ସେମାନେ ମୁମୁକ୍ଷୁଙ୍କ ପାଇଁ ଏହି ଗୀତାରୁ ଅନେକ ଉପାଦେୟ ବିଷୟ ଗ୍ରହଣ କରି ପାରିବେ ।

ମହାପୁରୁଷଙ୍କର
ଆଶୀର୍ବାଦ ଭିକ୍ଷୁ

ଗୋପାଳପୁର
ତା ୪ । ୧ । ୭୦

କବି ଶ୍ରୀ ଗୋଲୋକ ଚନ୍ଦ୍ର ପ୍ରଧାନ

# ପଦେଧ

ଓଡ଼ିଆ ବୈଷ୍ଣବ ସାହିତ୍ୟରେ ଅଦ୍ୟାବଧି ଯେତେ ଗୀତାର ପ୍ରକାଶ ଜନସମାଜରେ ହୋଇଛି ସବୁ ଦୃଷ୍ଟିକୋଣରୁ ବିଚାର କଲେ, ଅରକ୍ଷିତ ଦାସଙ୍କ ମହୀମଣ୍ଡଳ ଗୀତା ସେମାନଙ୍କ ଠାରୁ କୌଣସି ଗୁଣରେ ନିକୃଷ୍ଟ ବୋଲି କୁହାଯାଇ ନ ପାରେ । ପଞ୍ଚସଖାଙ୍କର ସମସ୍ତ ସ୍ତବ, ସାଧନା, ବର୍ଣ୍ଣନା ଶୈଳୀ ଓ ଅନୁଭୂତି ଧାରଣ କରି ଅରକ୍ଷିତ ଦାସ ଯେ କପରି ଲାଞ୍ଛିତ ଓ ଜର୍ଜରିତ ହୋଇ ଏପରି ଏକ ଅମୂଲ୍ୟ ସମ୍ପଦ ରଖିଯାଇଛନ୍ତି ତାହା ପ୍ରତ୍ୟେକ ଆଧ୍ୟାତ୍ମିକ ପ୍ରାଣଙ୍କୁ ଉଦ୍‌ବୋଧ କରିବ ଏଥିରେ ସନ୍ଦେହ ନାହିଁ ।

ଅଭେଦ ଗୀତା, ଗୁପ୍ତଗୀତା, ବ୍ରହ୍ମଭକ୍ତି ଗୀତା, ଗରୁଡ଼ ଗୀତା, କୈବର୍ତ୍ତ ଗୀତା ପ୍ରଭୃତି ଯେପରି ସ୍ୱୀୟ ମାହାତ୍ମ୍ୟ ବଳରେ ଓଡ଼ିଶାର ବୈଷ୍ଣବ ସାହିତ୍ୟକୁ ଉଦ୍‌ଘାଟିତ କରି ରହିଛନ୍ତି ; ଅରକ୍ଷିତ ଦାସଙ୍କ ମହୀ ମଣ୍ଡଳ ଗୀତା ସେଥିରେ ଯେ ଭକ୍ତି ନୂତନ ଶୈଳୀ ସଂଯୋଗ କରିବ, ଏଥିରେ ସନ୍ଦେହ ନାହିଁ ।

ଭକ୍ତ ମାନଙ୍କ ହୃଦୟ ବେଦୀରେ ଏହା ଯେ ଭକ୍ତିରସ, ଆଦର୍ଶ, ଉଚ୍ଚଶୃଙ୍ଖଳତାର ସଞ୍ଚାର କରିବ ଏହା ସେ କୌଣସି ଆଧ୍ୟାତ୍ମିକ ବାଣୀ ସ୍ୱୀକାର କରିବେ । ବଣ୍ଡିଲି ତଳେ ପଡ଼ିରହିଥିବା ଅରକ୍ଷିତ ଦାସଙ୍କ ଏହି ଗୀତାକୁ ପ୍ରକାଶ କରିବାକୁ ଯେଉଁମାନେ ଆଗେଇ ଆସିଲେ ଏବଂ ଏପରି ଏକ ବିରାଟ ଗ୍ରନ୍ଥର ପ୍ରକାଶ ଯେଉଁ କେତେ ଜଣ ଉଦାର ଭକ୍ତ-ପ୍ରାଣ ଲୋକଙ୍କ ଦ୍ୱାରା ସମ୍ଭବ ହେଲା ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଛି ।

**ଶ୍ରୀ ପ୍ରମଥନାଥ ଜେନା** ଏମ୍. ଏ.

ଝାଞ୍ଜିରି ମଙ୍ଗଳା

କଟକ-୯

# ପ୍ରକାଶକଙ୍କ କଲମରୁ —

ସନ୍ଥ ଅରକ୍ଷିତ ଦାସ ଓଡ଼ିଶାର ଧର୍ମ ସାହିତ୍ୟ ଏବଂ ଇତିହାସରେ ଜଣେ ବିପ୍ଳବକର୍ମୀ ବ୍ୟକ୍ତି । ସେ ଜଣେ ଧର୍ମ ବିଦ୍ରୋହୀ ଥିଲେ । ସେ ବ୍ରାହ୍ମଣ୍ୟ ଧର୍ମ ଏବଂ ପ୍ରତିମା ପୂଜାର ଘୋର ବିରୋଧୀ ଥିଲେ । ସେ ଏହାର ବିରୋଧରେ ପ୍ରକାଶ୍ୟ ପ୍ରଚାର କରିଯାଇଛନ୍ତି । ଲୋକଙ୍କୁ କେବଳ ନିରାକାର ବ୍ରହ୍ମଙ୍କୁହିଁ ଧ୍ୟାନ କରିବାକୁ ଆହ୍ୱାନ କରିଛନ୍ତି ।

ବଙ୍ଗଳାର ବ୍ରାହ୍ମ ଧର୍ମ ପ୍ରତିଷ୍ଠାତା ରାଜା ରାମମୋହନ ରାୟ ଏବଂ କେଶବଚନ୍ଦ୍ର ସେନ୍‌ଙ୍କ ପରି ଓଡ଼ିଶାରେ ଅରକ୍ଷିତ ଦାସ ଏକେଶ୍ୱରବାଦ ଧର୍ମ ପ୍ରଚାର କରି ଯାଇଛନ୍ତି । ଏମାନେ ଏକ ସମୟରେ ନିଜ ନିଜର ଧର୍ମ ପ୍ରଚାର କରିଥିବାର ଜଣାଯାଏ ।

ସନ୍ଥ ଅରକ୍ଷିତ ଦାସଙ୍କ ଜୀବନ ରାଜକୁମାର—ବୁଦ୍ଧଙ୍କ ଜୀବନ ସଙ୍ଗେ ସମାନ । ଅରକ୍ଷିତ ଦାସ ସଂସାର ପ୍ରତି ବିରାଗୀ ହୋଇ ପାରଳା-ଖେମଣ୍ଡିର ରାଜ ଐଶ୍ୱର୍ଯ୍ୟ ମୋହ ଏଡ଼ି ଦେଇ ୧୬ ବର୍ଷ ବୟସରେ ଗୃହ-ପରିତ୍ୟାଗ କରିଥିଲେ । ୧୮ ବର୍ଷ ବଣ ଜଙ୍ଗଲରେ ବୁଲି ନାନା ଦୁଃଖ କଷ୍ଟ ସହ୍ୟ କରିଥିଲେ । ଉଦ୍ଦେଶ୍ୟ ହେଲା ସତ୍ୟ ଏବଂ ଆଧ୍ୟାତ୍ମିକ ସନ୍ଧାନ ।

ବଣ ଜଙ୍ଗଲରେ ବୁଲୁଥିବା ବେଳେ ସେ ଭଜନ, ଜଣାଣ, ଚଉତିଶା, କମତ, ବାଲ୍ୟବୋଧ, ଭକ୍ତିଟୀକା, ଶବାଧ ଏବଂ ମହୀମଣ୍ଡଳ ଗୀତା ପ୍ରଭୃତି ରଚନା କରି ଯାଇଛନ୍ତି । ସମସ୍ତ ଗ୍ରନ୍ଥ ମଧ୍ୟରୁ ମହୀମଣ୍ଡଳଗୀତା ହେଉଛି ତାଙ୍କର ସର୍ବଶ୍ରେଷ୍ଠ କୃତି । ଏହି ଗ୍ରନ୍ଥଟି ତାଳ ପତ୍ରରେ ବଣର କଣ୍ଟାଦ୍ୱାରା ଲିଖିତ ହୋଇ ତାଙ୍କର ହସ୍ତର ମୂଳ ପୋଥିରୁ ଦେଖାଯାଏ । କାରଣ ଜଙ୍ଗଲରେ ଲେଖିବାକୁ ଲେଖନୀ ପାଇ ନ ଥିବାରୁ ଜଣା ପଡ଼ୁଛି । ଏହି ପ୍ରମାଣ ପାଇଁ ତାଙ୍କର ଶେଷ ଜୀବନର କର୍ମସ୍ଥଳ ଓଳାଶୁଣି ଗୁମ୍ଫାରେ ସାଇତେ ଥିବା ତାଙ୍କ ସ୍ୱହସ୍ତଲିଖିତ ପୋଥିରୁ ଦୁଇଟି ପତ୍ର ବ୍ଲକ କରା-ଯାଇ ଏହି ପୁସ୍ତକରେ ସନ୍ନିବେଶିତ କରାଯାଇଛି ।

ସନ୍ଥ ଅରକ୍ଷିତ ଦାସ ୧୩୦ ବର୍ଷ ହେବ ମହାପ୍ରୟାଣ କରିଥିବାର ଜଣାଯାଏ । ତାଙ୍କର ମହୀମଣ୍ଡଳ ଗୀତା ଓ ଅନ୍ୟ କେତେକ

ବୋଧୁ ଏହି ଚରିତ୍ର ଦେଶଦେଶରେ ପୂଜା ପାଉଛନ୍ତି । ତାଙ୍କର ଏହି ମହୀମଣ୍ଡଳ ଗୀତାଟି ଚୌତ୍ରିଶ ଅଧ୍ୟାୟରେ ସଂପୂର୍ଣ୍ଣ ହୋଇଛି ।

ଉତ୍କଳର ଅନେକ ସହୃଦୟ ଲେଖକ ଏବଂ ପାଠକମାନେ ମହୀମଣ୍ଡଳ ଗୀତା ପାଇଁ ଆକାଂକ୍ଷିତ ହୋଇ ରହିଥିଲେ । ବହୁବର୍ଷ ପରେ ତାହା ଲୋକ ଲୋଚନକୁ ଆଣିବାକୁ ଚେଷ୍ଟା କରାଗଲା । ଏହି ପବିତ୍ର କାର୍ଯ୍ୟରେ ଧର୍ମ ସନ୍ନ୍ୟାସୀ କଟକଜିଲ୍ଲା ବନ୍ଦରେଶ୍ୱର ଗ୍ରାମନିବାସୀ ଶ୍ରୀ କଣ୍ଠ୍ରି ଚରଣ ଦାସଙ୍କ, ଲନ୍ତଗିରି ଗ୍ରାମନିବାସୀ ଶ୍ରୀ ପରମାନନ୍ଦ ଭୂୟାଁ ଓ ଶ୍ରୀ ପ୍ରାଣକୃଷ୍ଣ ସିଂହ, ଗଡ଼େଇ ଗ୍ରାମନିବାସୀ ଶ୍ରୀ ଦାମୋଦର ପଟ୍ଟନାୟକ ଏବଂ ପାଣ୍ଡପଡ଼େଇ ଗ୍ରାମନିବାସୀ ଶ୍ରୀ ଶ୍ୟାମଳ ଚରଣ ଦାସଙ୍କର ଅକ୍ଳାନ୍ତ ଶ୍ରମ-ଯୋଗୁଁ ଏହି ମହାନ ଗ୍ରନ୍ଥ ପ୍ରକାଶ ସଂଭବ ହେଲା । ସେମାନେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ନଦେଇ ଥିଲେ ଏହି ମହତ୍ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ପାରି ନ ଥାନ୍ତା । ସେଥିପାଇଁ ମୁଁ ସେମାନଙ୍କ ନିକଟରେ କୃତଜ୍ଞତା ପାଶରେ ଆବଦ୍ଧ ।

କୁସୁପୁର ନନ୍ଦ କିଶୋର ବିଦ୍ୟାମନ୍ଦିରର ସହକାରୀ ଶିକ୍ଷକ ଶ୍ରୀ ପ୍ରଭାକର ଷଡ଼ଙ୍ଗୀ ତାଙ୍କର ବହୁମୂଲ୍ୟ ସମୟ ଦେଇ ଉକ୍ତ ଗ୍ରନ୍ଥ ପଠନ କରି ଭାଷା ସଂଶୋଧନ କରିଥିବାରୁ ମୁଁ ତାଙ୍କ ନିକଟରେ ବହୁଭାବରେ ଋଣୀ ଓ ଶ୍ରୀ ରାଜେନ୍ଦ୍ର ବର୍ମା ଏହି ଗ୍ରନ୍ଥ ପ୍ରକାଶନରେ କେତେକ ଭଲ ପରାମର୍ଶ ଦେଇ ଥିବାରୁ ତାଙ୍କୁ ଆଶୀର୍ବାଦ କରୁଅଛି ।

ସନ୍ଥ ଅରକ୍ଷିତ ଦାସଙ୍କ ମହୀମଣ୍ଡଳଗୀତା ପ୍ରକାଶ ଦ୍ୱାରା ଉତ୍କଳର ଧର୍ମପ୍ରାଣ ବ୍ୟକ୍ତିମାନେ ଉକ୍ତ ପୁସ୍ତକ ପାଠକରି କଥିତ ଜ୍ଞାନଲାଭ କଲେ ମୋର ଶ୍ରମ ସାର୍ଥକ ହେବ ।

ଏହି ମହୀମଣ୍ଡଳ ଗୀତା ସନ୍ଥ ଅରକ୍ଷିତ ଦାସଙ୍କ ଲିଖିତ । ତାହା ତାଙ୍କର ଓଲାଶୁଣୀ ଗୁମ୍ଫାର ସମ୍ପତ୍ତି । ମୁଁ ସେହି ଧର୍ମପୀଠର ଅଧିକାରୀ ଭାବରେ ଏହି ଗ୍ରନ୍ଥ ପ୍ରକାଶ କରୁଛି । ଅନ୍ୟ କେହି ଏ ଗ୍ରନ୍ଥ ପ୍ରକାଶ କରିବାର ଅଧିକାର ନାହିଁ ।

ଓଲାଶୁଣୀ ଗୁମ୍ଫା
୧।୧।୮୦

ମହନ୍ତ ଶ୍ରୀ ଲକ୍ଷ୍ମଣ ଦାସ

# ସୂଚି ପତ୍ର


| ବିଷୟ | ଅଧ୍ୟାୟ | ପୃଷ୍ଠା |
|---|---|---|
| ୧ । ପଞ୍ଚଭୂତ ମହିମା | ୧-୫ | ୧ |
| ୨ । ଅଦ୍ଭୁତ ମହିମା ବର୍ଣ୍ଣନ | ୬-୧୩ | ୧୬ |
| ୩ । ଆତ୍ମାର ମହିମା | ୧୪-୧୫ | ୩୯ |
| ୪ । ନାମର ମହିମା | ୧୬-୧୭ | ୪୫ |
| ୫ । ଅଙ୍ଗର ମହିମା | ୧୮-୨୫ | ୫୦ |
| ୬ । ଭକ୍ତି ଯୋଗ | ୨୬-୨୭ | ୬୮ |
| ୭ । ମହାଶୂନ୍ୟ କଥା | ୨୮ | ୭୩ |
| ୮ । ଓଁକାର ମହିମା | ୨୯-୩୦ | ୭୭ |
| ୯ । ସପ୍ତାଙ୍ଗ ଯୋଗ | ୩୧ | ୮୦ |
| ୧୦ । ପରମ ପୁରୁଷଙ୍କ ସ୍ତବ | ୩୨-୩୫ | ୮୩ |
| ୧୧ । ଦୁଃଖ ସୁଖ କଥା | ୩୬ | ୯୪ |
| ୧୨ । ଦଶ ଅବତାର କଥା | ୩୭ | ୯୭ |
| ୧୩ । ଆତ୍ମାର ଅଣାତ୍ମାର ବର୍ଣ୍ଣନ | ୩୮ | ୧୦୦ |
| ୧୪ । ନାମର ମହାତ୍ମ୍ୟ ଓ ଶୂନ୍ୟ ଯୋଗର କଥା | ୩୯-୪୦ | ୧୦୨ |
| ୧୫ । ଭ୍ରମଣ ବର୍ଣ୍ଣନା | ୪୧ | ୧୦୮ |
| ୧୬ । ଭକ୍ତି ଯୋଗ ପ୍ରାର୍ଥନା | ୪୨-୪୯ | ୧୧୦ |
| ୧୭ । ସହସ୍ର ନାମର ମହିମା | ୫୦-୫୫ | ୧୩୫ |
| ୧୮ । ଜୀବ ପରମ ଭକ୍ତ | ୫୬-୬୫ | ୧୪୬ |
| ୧୯ । ବ୍ରହ୍ମର ମହିମା ବର୍ଣ୍ଣନ | ୬୬ | ୧୬୪ |
| ୨୦ । ଗୃହତ୍ୟାଗ ବିଷୟ ବର୍ଣ୍ଣନ | ୬୭ | ୧୮୦ |
| ୨୧ । ଭ୍ରମଣ ବିବରଣ | ୬୮-୮୦ | ୧୮୨ |
| ୨୨ । ଓଲାଶୁଣୀ ପ୍ରବେଶ | ୮୧ | ୨୧୨ |
| ୨୩ । ଅକ୍ଷର ମହିମା | ୮୨-୯୩ | ୨୧୫ |



ମହାପୁରୁଷ ଅରକ୍ଷିତ ଦାସଙ୍କ ସ୍ୱହସ୍ତ ଲିଖିତ ତାଳପତ୍ର ପୋଥିର ଶ୍ଳୋକ ଓ ସ୍ୱାକ୍ଷର ର

* ଏକ ନମୁନା *

ଏହା ସେ ନେପାଳ ପ୍ରଭୃତି ଭ୍ରମଣ କରି ବୁଲୁ ଥିବା ସମୟରେ ଲେଖକ ଅଭାବରୁ ବଣ ଜଙ୍ଗଲରେ ଲେଖିଛନ୍ତି । ସମସ୍ତ ମହୀମଣ୍ଡଳ ଗୀତା ଟି କଣ୍ଠାଗ୍ରସ୍ଥ ଲେଖାହୋଇଛି ।

# ପ୍ରଥମ ଅଧ୍ୟାୟ

ମନ ଚୈତନକୁ ଦେଖିଣ
ଅତି ଆନନ୍ଦ ଯେ ହୋଇଣ ।୧।
ଏ ମଧ୍ୟ ମଣ୍ଡଳରେ ମୁହିଁ
ତୁମ୍ଭଙ୍କୁ ଖୋଜି ଯେ ନ ପାଇ ।୨।
ତୁମ୍ଭର ଦୟା ଅଳ୍ପ ଯେଣୁ
ଦର୍ଶନ ହେଲ ମୋତେ ତେଣୁ ।୩।
ଏବେ ମୋ ସର୍ବ ଦୁଃଖ ଗଲା
ତୁମ୍ଭ ଦର୍ଶନ ଯେ ମିଳିଲା ।୪।
ଏବେ ମୁଁ କଥା ଏ ଜଣାଇ
କହିବ ମୋତେ ଦୟା କରି ।୫।
ମଧ୍ୟ ମଣ୍ଡଳ ଗୀତା କହ
ମୋ ମନୁ ସଂଶୟ ଫିଟାଅ ।୬।
ଏ ମଧ୍ୟ ସ୍ଥଁ ଭିତରେ ଯେ ଗୁଣ
ଶୁଣିବେ ନିସ୍ତାରିବ ପୁଣ ।୭।
ପ୍ରକୃତି ସଙ୍ଗରେ ଭ୍ରମଇ
ତୁମ୍ଭଙ୍କୁ ଦେଖି ନ ପାରଇ ।୮।
ହେ ପ୍ରଭୁ ମୋର ପ୍ରାଣ ପତି
ତୋ ବିନୁ ଆନ ନାହିଁ ଗତି ।୯।
ନମସ୍ତେ ଗୁରୁ ସର୍ବ ଦାତା
ନମସ୍ତେ ଗୁରୁ ଜଗତ୍ କର୍ତ୍ତା ।୧୦।
ନମସ୍ତେ ଗୁରୁ ସର୍ବଦେହୀ
ତୋ ବିନୁ ଅନ୍ୟ ନାହିଁ କେହି ।୧୧।
ନମସ୍ତେ ଗୁରୁ ସର୍ବ ଦେବ
ମୋତେ ଦୟାଟି ହୋଇ ଥିବ ।୧୨।
ନମସ୍ତେ ଗୁରୁ ମାୟାଧର
ମୋତେ ତୁ ମାୟା ଯେ ନ କର ।୧୩।

ନମସ୍ତେ ଗୁରୁ ଅନ୍ତର୍ଯ୍ୟାମୀ
ତୋ ମାୟା କେ ପାରିବ ଜାଣି ।୧୪।
ନମସ୍ତେ ଗୁରୁ ଦୟା ଯାକୁ
ତୋ ମାୟା ନ ଲାଗଇ ତାକୁ ।୧୫।
ମୋହିଲେ ତୋ ମାୟା ନିଜ ତରେ
ବ୍ରହ୍ମାଦି ଦେବା ସୁର ନରେ ।୧୬।
ନମସ୍ତେ ଗୁରୁ ସର୍ବ ଦେହି
ତୋହର ରୂପ ବର୍ଣ୍ଣି ନାହିଁ ।୧୭।
ନମସ୍ତେ ଗୁରୁ ତୁ ଅନନ୍ତ
ନମସ୍ତେ ଗୁରୁ ଜଗନ୍ନାଥ ।୧୮।
ନମସ୍ତେ ସର୍ବ ଜୀବ ଗୁରୁ
ନମସ୍ତେ ବାଞ୍ଛା କଳ୍ପତରୁ ।୧୯।
ନମସ୍ତେ ଗୁରୁ ମୋକ୍ଷ ଦାତା
ନମସ୍ତେ ଗୁରୁ ପିତା ମାତା ।୨୦
ନମସ୍ତେ ଗୁରୁ ଦୟାକର
କଥାଏ ଜଣାଏ ପ୍ରଭୁର ।୨୧
ପଞ୍ଚଭୂତଙ୍କ କଥା କହ
ମୋ ମନ ସଂଶୟ ଫିଟାଅ ।୨୨
ଏଣୁ ଦେହରେ ମୁହିଁ ଥାଇ
ପଞ୍ଚ ଭୂତଙ୍କୁ ନ ଚିହ୍ନଇ ।୨୩
ଏ ଦେହେ ପଞ୍ଚଭୂତ କେଉଁ
ଏହା କହିବ ମହାବାହୁ ।୨୪
ପୃଥ୍ୱୀ ନାହିଁ ଜାତ ହେଲା
ତୁମ୍ଭ ମାୟାକୁ ନ ଜାଣିଲା ।୨୫
ଯେତେକ ତୋ ମାୟା ମୋହେକେଶବ
କଥା ପୃଥ୍ୱୀରେ ଏହୁ ଥିବ ।୨୬

ତେ ଦେହ ଶୂନ୍ୟ ନାହିଁ ଥାଇ
ଏ ଦେହୁଁ ଥାଣ୍ଡ ଜାଣ ଭୂମି । ୨୭
ଏ ଦେହେ କର୍ତ୍ତା କାର୍ଯ୍ୟ ନାହିଁ
ତେବେ ତୁମ୍ଭଙ୍କୁ ନ ଦେଖଇ । ୨୮
ମନ ମଧ୍ୟରୁ ଏଥା ଶୁଣି
ଚୈତନ୍ୟ କହେ ମଧୁର ବାଣୀ । ୨୯
ତୁମ୍ଭ ମନ କାହିଁ ନ ପାରୁଛି
ପୃଥ୍ୱୀକି କାହିଁକି ନିନ୍ଦୁଛି । ୩୦
ପଞ୍ଚ ଭୂତଙ୍କ କଥା ଶୁଣ
ତତ୍ତ୍ୱକଲ୍ପ ଯେ ଶୁଣ କହି । ୩୧
ପୃଥ୍ୱୀର ମହିମା କହିବା
ତୋ ମନୁ ସନ୍ଦେହ ଫେଡ଼ିବା । ୩୨
ପୃଥ୍ୱୀ ନ ଥିଲେ ଭୁଞ୍ଜ ମୁହିଁ
କି ଦେଖି ଲୀଳା କରିବଇଁ । ୩୩
ପୃଥ୍ୱୀ ନଥିଲେ ଲୀଳା କାହିଁ
ଦେହ ରହିଲେଟି ଶୂନ୍ୟ ହୋଇ । ୩୪
ଶୂନ୍ୟରେ କି ଲୀଳା କରିବା
ଏକ ଅଙ୍ଗ ହୋଇ ରହିବା । ୩୫
ସେଠାରେ ଲୀଳା ନାହିଁ ଶୁଣ
ଅଷ୍ଟଲୋକ ହିଁ ନ ଗମିଣ । ୩୬
ପଞ୍ଚ ଭୂତଟି ଏ ପୃଥ୍ୱୀରେ
ଲୀଳା କରନ୍ତି ଏ ସଂସାରେ । ୩୭
ପୃଥ୍ୱୀ ନ ଥିଲେ ଲୀଳା କାହିଁ
କି ଦେଖି ବଢ଼ାଇବୁ ତୁହି । ୩୮
ନାନାଦି ଭୋଗ ତୁ କରିବୁ
ଯେତେବ ପୃଥ୍ୱୀକି ରଖିଥିବୁ । ୩୯
ନାନାଦି ଲୀଳା ମୋର ଏଥିରେ
ପୃଥ୍ୱୀ ରଖିଛି ଦେଖ ଚିନ୍ତ । ୪୦
ପୃଥ୍ୱୀ ଗଲେ କାହିଁ ରହିବୁ
କି ଦେଖି ଭୋଗ ତୁ କରିବୁ । ୪୧
ପୃଥ୍ୱୀ ଥିଲେଟି ମୋର ନାମ
ଚିନ୍ତା କରିବୁ ତୁହି ପୁଣ । ୪୨
ପୃଥ୍ୱୀ ଥିଲେଟି ଫଳ କର
ନାନା କୌତୁକେ ତୁ ବଢ଼ାଇ । ୪୩
ପୃଥ୍ୱୀ ଥିଲେଟି ସବୁ ସୁଖ
ନାନାଦି ଲୀଳା ମୋର ଦେଖ । ୪୪
ନାନାଦି ଦ୍ରବ୍ୟ ତୁ ଭୁଞ୍ଜିବୁ
ଷଟ ଫଳକେ ପହଡ଼ିବୁ । ୪୫
ନାନାଦି ଅଳଙ୍କାର ଯେତେ
ନାନାଦି ପୁଷ୍ପ ଅଛି କେତେ । ୪୬
ନାନାଦି ବାହାନ ଯେ ଭିଡ଼ି
ନାନାଦି ବସ୍ତ୍ର ଯେ ପଟ୍ଟଡ଼ି । ୪୭
ନାନାଦି ଚୂଆ ଚନ୍ଦନ ଶ୍ରୀ
କର୍ପୂର କସ୍ତୁରୀ ଅଗର । ୪୮
ପୃଥ୍ୱୀ ଥିଲେ ଭୋଗ କରିବୁ
ପୃଥ୍ୱୀ ଗଲେ କାହିଁ ରହିବୁ । ୪୯
ସ୍ୱର୍ଗପୁର ବୈକୁଣ୍ଠ ପୁର
ଏ ଦେହେ ମିଳା ଭୋଗ ସାର । ୫୦
ପୃଥ୍ୱୀ ଥିଲାକୁ କର୍ମ ଧର୍ମ
ପାପ ପୁଣ୍ୟକୁ ଯେ ଜାଣିଣ । ୫୧
ପୃଥ୍ୱୀ ଗଲେ କିଛି ନ ଜାଣି
ପୃଥ୍ୱୀ ଥିଲେଟି ସବୁ ମଣି । ୫୨
ପୃଥ୍ୱୀ ଯେଣିକି ତୁ ରହିଛି
ସଂସାରେ ଲୀଳା ତୁ କରୁଛି । ୫୩
ମନୁଷ୍ୟ ବସ୍ତ୍ରେ ଶୋଭୁଛି
ନାନା କୌତୁକେ ରହୁଛି । ୫୪

ଦେଉ ଗଲେ କାହିଁ ରହିବୁ
କି ଯେଣ ସଂସାରେ ଭ୍ରମିବୁ ।୫୫
ଛପନ କୋଟି ଜୀବ ଗଣ
ପୃଥ୍ୱୀକି ସେବିନି ଲୀଳା ପୁଣ ।୫୬
ପୃଥ୍ୱୀ ନ ଥିଲେ ଲୀଳା କାହିଁ
ଦେହ ମନ ଚେତ ଏବେ ବୁଝି ।୫୭
ନାମକୁ ନିତ୍ୟ ଚିନ୍ତା କର
ହୋ ପୃଥ୍ୱୀ ଦେହ ଅନ୍ତାମର ।୫୮
ପୃଥ୍ୱୀ ଯେଣି ଅମରେ ଥିବୁ
ବ୍ରହ୍ମାଣ୍ଡ ଯାକେ ତୁ ଭ୍ରମିବୁ ।୫୯
ପୃଥ୍ୱୀ ସଙ୍ଗେ ପୃଥ୍ୱୀ ହେବୁ
ସକଳ ସମାନ ଦେଖିବୁ ।୬୦
ଭକତି ଯୁଗେ ଚିତ୍ତ ଧର
ପୃଥ୍ୱୀକି ସେବିନି ବୁଲୁ ଥାଅ ।୬୧
ପୃଥ୍ୱୀ ଥିଲେଟି ସବୁ ଅଛି
ପୃଥ୍ୱୀ ଗଲେ କିଛି ନ ରହି ।୬୨
ପୃଥ୍ୱୀ ବ୍ରହ୍ମାଣ୍ଡ ଯାକରେ
ଯୋଗି ତପସ୍ୱି ତପନରେ ।୬୩
ଜଳରୁ ପୃଥ୍ୱୀ ଜନ୍ମିଲି
ଶୁଣ ସୁମନେ ତାର ଲୀଳା ।୬୪
ମେରୁ ଠାରୁ ଯେତେ ପର୍ବତ
ପୃଥ୍ୱୀରେ ଅଛନ୍ତି ସମସ୍ତ ।୬୫
କାଳିନ୍ଦ୍ରୁ ଗଣ୍ଡକି ପର୍ଯ୍ୟନ୍ତ
ପୃଥ୍ୱୀରେ ଅଛନ୍ତି ସମସ୍ତ ।୬୬
ଅଶ୍ୱତ୍ଥ ଠାରୁ ଯେତେ ବୃକ୍ଷ
ପୃଥ୍ୱୀରେ ଅଛନ୍ତି ପ୍ରତ୍ୟକ୍ଷ ।୬୭
ବ୍ରହ୍ମାଙ୍କୁ ବ୍ରହ୍ମ ଯାଏ ପୁଣ
ପୃଥ୍ୱୀରେ ସର୍ବେ ଛନ୍ତି ଜାଣ ।୬୮

ସିଂହଠାରୁ ପକ୍ଷିପୋକ ଯାଏ
ପୃଥ୍ୱୀରେ ସର୍ବ ଜୀବ ରହେ ।୬୯
ଇନ୍ଦ୍ରଙ୍କ ଠାରୁ ଯେତେ ଦେବ
ପୃଥ୍ୱୀରେ ଅଛନ୍ତି ଏ ସର୍ବ ।୭୦
ଜଡ଼ା ବୁଡ଼ା ତଳ କଣ୍ଡଳ
ଏ ଗୁରୁ ଖାନି ଯେ ସକଳ ।୭୧
ପୃଥ୍ୱୀ ଥିଲାକୁ ସର୍ବେ ରକ୍ଷି
ନୋହିଲେ ସର୍ବେ ନାଶ ଯାଇ ।୭୨
ସପ୍ତ ସମୁଦ୍ର ତୁହି ଜାଣ
ପୃଥ୍ୱୀ ଥିଲକୁ ରହେ ପୁଣ ।୭୩
ଚଉଦ ବ୍ରହ୍ମାଣ୍ଡ ସହିତେ
ପୃଥ୍ୱୀ ଥିଲକୁ ଏ ସମସ୍ତେ ।୭୪
ସପ୍ତ ପାତାଳ ସପ୍ତ ଦ୍ୱୀପ
ପୃଥ୍ୱୀକି ସେବିନି ସର୍ବ ଦେଖ ।୭୫
ପୃଥ୍ୱୀ ଥିଲକୁ ସର୍ବ ରହେ
ପୃଥ୍ୱୀ ଗଲେଟି କିଛି ନୋହେଁ ।୭୬
ପୃଥ୍ୱୀରୁ ସର୍ବେ ଜନ୍ମ ହୋନ୍ତି
ଏହାତ କେହି ନ ଜାଣନ୍ତି ।୭୭
ପୃଥ୍ୱୀ ନ ଥିଲେ ଜଳ କାହିଁ
ଉତ୍ପନ୍ନ ଶୁଣ ମୁଁ କହଇ ।୭୮
ପୃଥ୍ୱୀ ଥିଲାକୁ ଜଳ ଜାଣ
କନ୍ଦରେ ଜୀବ ସର୍ବ ପ୍ରାଣ ।୭୯
ପୃଥ୍ୱୀରୁ ଜଳ ମେଘ ନେଇ
ବ୍ରହ୍ମାଣ୍ଡ ଯାକୁ ସେ ଅଛଇ ।୮୦
ପୃଥ୍ୱୀ ନ ଥିଲେ ଜଳ କାହିଁ
ତେଜ ଆଶନ୍ତା ଜଳ କାହିଁ ।୮୧
ପୃଥ୍ୱୀ ଥିଲକୁ ଜଳ ଜାଣ
ନୋହିଲେ ଜଳ କାହିଁ ପୁଣ ।୮୨

ପୃଥ୍ୱୀ ନ ଥିଲେ ନେଶ କାହିଁ
ଜଳ ଆଶ୍ରା ଶୁଣ କହୁ ।୧୩
ପୃଥ୍ୱୀ ଥିଲାକୁ ଜଳ ରକ୍ଷି
ଖାଇ କହନ୍ତି ସବୁ ଦେହୀ ।୧୪
ପୃଥ୍ୱୀ ହେଲାକୁ ଜଳରକ୍ଷେ
ଦେଖୁଛି ସବୁ ଜୀବ ହୋଏ ।୧୫
ଲକ୍ଷେକ କୋଟି ଜୀବ ଯେତେ
ପୃଥ୍ୱୀରେ ଅଛନ୍ତି ସମସ୍ତେ ।୧୬
ପୃଥ୍ୱୀରେ ଯେତେ ଭୂତ ହୋଇ
ତୋ ଦେହେ କହି ଦେତ ଭୁଞ୍ଜି ।୧୭
ପୃଥ୍ୱୀ ଭୂତଙ୍କ କଥା ଶୁଣି
ମନ ଆନନ୍ଦ ହୋଏ ସୃଷ୍ଟି ।୧୮
କହଇ ଅରକ୍ଷିତ ଦାସ
ପୃଥ୍ୱୀ ଭୂତଙ୍କ କଥା ରସ ।୧୯
ଆହେ ସୁଜନ ମାନେ ଜାଣି
ପୃଥ୍ୱୀ ଜ ରକ୍ଷ ନାମଧାରି ।୨୦
ନୋହିଲେ ପୃଥ୍ୱୀ ନାଶ ଯିବ
ଆଶ୍ରମ ଦେହ ନ ପାଇବ ।୨୧
ଜେ ବୋଲେ ମଲେ ଜନ୍ମ ହୋଇ
ଏ ମିଛ ସତ କେବେ ନୋହି ।୨୨
ପୃଥ୍ୱୀ ଭୂତଙ୍କ କଥା ଶୁଣ
ତେସ୍ମାନଙ୍କ ହୃଦରେ ଧରି ।୨୩

ଇତି ଶ୍ରୀ ମନଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା ପୃଥ୍ୱୀଭୂତ
ମହିମା ବର୍ଣ୍ଣନେ ନାମ ପ୍ରଥମୋଽଧ୍ୟାୟଃ ।

---

# ଦ୍ୱିତୀୟ ଅଧ୍ୟାୟ

ଅହେ ଚୈତନ୍ୟ ଶୁଣ ଭାଇ
ପୃଥ୍ୱୀ ମହିମା ଶୁଣିଲଇଁ ।୧
ଜଳର ମହିମା କହିବ
ମୋ ମନୁ ସଂଶୟ ଛେଡ଼ିବ ।୨
ମୁହିଁ ତୋ ଚରଣେ ଶରଣ
ମାୟା ନକର ଜଡ଼ ପୁଣ ।୩
ଭ୍ରମୁଛି ମାୟା ମୋହ ମୋତେ
ତୋ ନାମେ ମୋର ମନ ରହୁ ।୪
ତୋ ନାମ ନିତ୍ୟ ଜପୁ ଥିବ
ତୋ ଭାବେ ମୋ ମନ ରଞ୍ଜିବ । ୫
ଏଣୁ ପଚାରୁଛି ମୋହର ଥିବ
ତୋ ମାୟା କେବେ ନ ଲାଗିବ ।୬
ଚୈତନ୍ୟ କହେ ମନ ଶୁଣ
ତୁ ଯାହା ପଚାରିଲୁ ପୁଣ ।୭
ଜଳ ଭୂତଙ୍କ କଥା କେହି
ଜାଣିବା ବ୍ରହ୍ମାଣ୍ଡରେ ନାହିଁ ।୮
ଜଳର ମହିମା କହୁଛି
ଶୁଣ କହିବା ତୋ ଅଦ୍ଭୁତ ।୯
ଅଗ୍ନିରୁ ଜଳ ଜାତ ହୋଇ
ଏହା ତ ନଜାଣନ୍ତି କେହି ।୧୦

ଜଳର ମହିମା ଶୁଣ ଶୁଣି
ଯେ ସର୍ବ ସଙ୍କଟ ଆଗ ଜାଣି ।୧୧
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ହୋଇ
ଜଳକି ଯୋଡ଼ିଣ ଅଛଇ ।୧୨
ସପ୍ତ ବ୍ରହ୍ମାଣ୍ଡ ସପ୍ତ ଦ୍ୱୀପ
ଜଳକି ଯୋଡ଼ିଛି ସର୍ବ ଦେଶ ।୧୩

ଦଶଖଣ୍ଡ ପୃଥ୍ୱୀ ଜାଣ
ଜଳକି ଯୋଡ଼ିଅଛି ପୁଣ ।୧୪
ଆକାଶ ନକ୍ଷତ୍ର ଯାଏ ପୁଣ
ଧରିଛି ଟେକି ନାରାୟଣ ।୧୫
ଶୀତ ଉଷ୍ଣ ସୃଷ୍ଟି ଆଦି
ସର୍ବ ଜାତ କରୁଛି ସେହି ।୧୬

ଛପନ କୋଟି ଜୀବ ଯେତେ
ଜଳରୁ ଜାତ ଏ ସମସ୍ତେ ।୧୭
ତେତିଶ କୋଟି ଦେବ ଜାଣ
ଜଳରୁ ସର୍ବ ଜାତ ପୁଣ ।୧୮
ମେରୁ ଠାରୁ ଯେତେ ପର୍ବତ
ଜଳରୁ ଜାତ ଏ ସମସ୍ତ ।୧୯
ଅଶ୍ୱତ୍ଥ ଠାରୁ ଯେତେ ବୃକ୍ଷ
ଜଳରୁ ଜାତ ଏ ପ୍ରତ୍ୟକ୍ଷ ।୨୦

କାକରୁ ଗରୁଡ଼ ପର୍ଯ୍ୟନ୍ତ
ଜଳରୁ ଜାତ ଏ ସମସ୍ତ ।୨୧
କୀଟାଦି ବ୍ରହ୍ମ ଯାଏ ସୃଷ୍ଟି
ଜଳରୁ ଜାତ ଏ ପ୍ରମାଣ ।୨୨
ସିଂହରୁ ପକ୍ଷୀ ପୋକ ଯାଏ
ଜଳରୁ ସର୍ବ ଜାତ ହୁଏ ।୨୩
ଚଳନ୍ତା ବେଦ କୋଟି ଜୀବ
ଜଳରୁ ଏ ସର୍ବ ସମ୍ଭବ ।୨୪

ନିଶ୍ଚଳ ବେଦ କୋଟି ହୋଇ
ଜଳରୁ ସର୍ବ ଜାତ କହି ।୨୫

ଅଣ୍ଡା ଭଞ୍ଜ କୋଟି ଜନ୍ତୁ
ଜଳରୁ ଏ ସର୍ବେ ଜନ୍ମନ୍ତୁ ।୨୬
ଗୁଣ୍ଡା ଉଦ୍ଭିଦ କୋଟି ଜାଣ
ଜଳରୁ ଜାତ ଏ ପ୍ରମାଣ ।୨୭
ହେ ମନ ବୁଝ ସବୁକଳୁ
ଜଳର ମହିମା ଶୁଣିଲୁ ।୨୮
ଜଳକି ସର୍ବ ଜାତ କରେ
ଜଳକି ସମସ୍ତ ସଂସାରେ ।୨୯
ଯାହା ସନ୍ତାନ ଲକ୍ଷ ଶୁଣ
ଜଳରୁ ଜାତ ଏବେ ଶୁଣ ।୩୦
ସୁନା ରୂପାରୁ ପଞ୍ଚଧାତୁ
ଜଳରୁ ଜାତ ଏ ସମସ୍ତେ ।୩୧

ତାମ୍ବାରୁ ଲୁହା ଯାଏ ସୃଷ୍ଟି
ଜଳରୁ ଜାତ ଏ ପ୍ରମାଣ ।୩୨
ଆମ୍ବି ତିକ୍ତ ଯାଏ କଷା
ଜଳରୁ ସର୍ବ ଜାତ ହୋଇ ।୩୩

ନଳରୁ ରଙ୍ଗ ଯାଏ ଜାଣ
ଜଳରୁ ସମସ୍ତ ଭିଆଣ ।୩୪
ଷଟ ରତୁଟି ଜଳୁ ଜାତ
ଶୁଣ ମୁମନ ନବଳ ନାଶ୍ତି ।୩୫
ନାନାବି ପୁଷ୍ପ ଜଳୁ ଜାଣ
ନାନାବି ଫଳ ଜଳୁ ପୁଣ ।୩୬
ନାନାବି ବର୍ଣ୍ଣ ଜଳ ଧରେ
ତା ମହିମା କେ ଜାଣେ ସଂସାରେ ।୩୭
ନାନାବି ଅନ୍ନାଦି ଯେ ଜଳ
ଜାତ କରୁଛି ଏ ସକଳ ।୩୮

ରକ୍ତ ମାଂସ ଏ ହାଡ଼ ଚର୍ମ
ଜଳରୁ ସମସ୍ତ ହୁଅଇ ।୩୯
ଜଳ ସୁଖିଲେ ମାଂସ ଛାଡ଼ି
ମହା ଶୂନ୍ୟରେ ଜୀବ ବୁଡ଼ି ।୪୦
ଜଳ ଥିଲେଟି ମାଂସ ନିଗଳ
ମୀନ ଥାଉଣ ଜଳ ଟଳେ ।୪୧
ଜଳ ଯେ ମୀନଙ୍କୁ ଟାଣଇ
ଜଗି ସେ ବସି ଥାଇ ଜାଣି ।୪୨
ଯୋଗଶ୍ଚ ଶୁଖିଲେ ଏ ତନୁ
ଚଳନ୍ତି ସେଣୁ ଗୁଣ ଯେବେ ।୪୩
ଜଳ ଥିଲେଟି ଗନ୍ଧ ଥାନ୍ତି
ଆନନ୍ଦେ ଜଳେ ବିହରନ୍ତି ।୪୪
ଜଳ ଯେତେବେ ମଉନ ଭାଙ୍ଗଇ
ଏମାନେ ଥିବେ କେଉଁ ଠାଇଁ ।୪୫
ଏମନ୍ତ ଜଳରୁ ଯେ କରେ
ତେଜେ ନଇନନ୍ତି ଜଳରେ ।୪୬
ଗୁରୁ ନୈବେଦ୍ୟ ସୃଷ୍ଟି କରନ୍ତି
ଜଳରେ ପୃଥ୍ୱୀକି ଭସାନ୍ତି ।୪୭
ଅଣୁଗୁଣ ମୂଳଭୂତ ଧରି
ଚନ୍ଦନ ଘଷେ ଭିନ୍ନ ପୁଷ୍ପ ।୪୮
ପ୍ରଚଣ୍ଡ ଘୋର ନାଦ କରି
ଅଗ୍ନି ଜଳକୁ ଜିନି ସୁଖି ।୪୯
କାରୁଣ୍ୟ ଜଳ ତେଜ ପାତେ
ସମସ୍ତେ ଦୁଷ୍ଟନ୍ତ ନିପାତେ ।୫୦
ଏମନ୍ତ ପୃଥ୍ୱୀ ନାଶ ଯାଇ
ଶୁଣ ସୁମନେ ଶତ୍ରୁ ଦେଇ ।୫୧
ଜଳ ଯେତେବେ ମଉନ ଭାଙ୍ଗଇ
ପୃଥ୍ୱୀକି ରଖିଥିବ ମୁହିଁ ।୫୨
ପୃଥ୍ୱୀକି ସଦାକାଳେ ଥାଇ
ଆନନ୍ଦେ ସମସ୍ତେ ଯେ ରହି ।୫୩
ନୋହିଲେ ଯଶ ନାହିଁ ଜାଣି
ଜଳର ଏମନ୍ତି ଗୁଣ ।୫୪
ଜଳ ଭୂତଙ୍କ କଥା ମୁହିଁ
କହି ଯିନା ଟେ କହିଲଇଁ ।୫୫
ତାହାଙ୍କ ଗୁଣ ଜନ୍ମପୁରେ
ନ ଜାଣେ ଦେବାସୁର ନରେ ।୫୬
ଜଳ ସଙ୍ଗତେ ଜଳ ହେବୁ
ସକଳ ସମାନ ଦେଖିବୁ ।୫୭
ତେତେବେ ଅମର ହେବୁ ଜାଣି
କହିଲି ତୋତେ ମୁହିଁ ଶୁଣ ।୫୮
ମନ ଶୁଣି ଆନନ୍ଦ ହୋଇ
ବୋଲଇ କର ଯୋଡ଼ିଯୋଡ଼ି ।୫୯
ଭଣଇ ଅରକ୍ଷିତ ଦାସ
ଜଳର ମହିମା ଅଶେଷ ।୬୦
ଆହେ ସୁଜନ ମାନେ ଶୁଣ
ଜଳକୁ ପଦ୍ମ ଜାତ ପୁଣ ।୬୧
ତାହାଙ୍କୁ ମଉନ ଭକ୍ତି ରଖ
ତେତେବେ ପୃଥ୍ୱୀରେ ନାହିଁ ଦୁଃଖ ।୬୨
ଜଳ ଭୂତ ମହିମା ମୁହିଁ
ତେତିକି ପଦରେ ଭଣଇ ।୬୩

ଇତି ଶ୍ରୀ ମନଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା ଜଳ ଭୂତ
ମହିମା କଥନେ ନାମ ଦ୍ୱିତୀୟୋଽଧ୍ୟାୟଃ ।

# ତୃତୀୟ ଅଧ୍ୟାୟ

ମନ କହୁଛି ଦୃଷ୍ଟି ଶୁଣ
ମୋ ଦୋଷ ନ ଘେନବ ପୁଣ ।୧
ଜଳର ମହିମା ଶୁଣିଲି
ମନେ ମୁଁ ଆଶ୍ଚର୍ଯ୍ୟ ହୋଇଲି ।୨
ଅଗ୍ନି ଭୃଗୁଙ୍କ କଥା କହ
ତେବେ ତୁଟିବ ମାୟା ମୋହ ।୩
ଅଗ୍ନିର ମହିମା ଶୁଣିବି
ତେବେ ମୁଁ ଭ୍ରାନ୍ତି ସେ ତ୍ୟଜିବି ।୪
ନୋହିଲେ ଭ୍ରାନ୍ତି ମୋ ନଯାଇ
କହ ତୁ ମୋତେ ଦୟା ବହି ।୫
ହେ ଦୃଷ୍ଟି ମୁଁ ତୁମ୍ଭ କିଙ୍କର
ମୋ ଦୋଷ ବାରେ ସେ ନ ଧର ।୬
ମୁହିଁ ସେ ବଡ଼ ଅପରାଧୀ
ତୁମ୍ଭେ ତ କରୁଣା ବାରିଧି ।୭
ହେ ଦୃଷ୍ଟି ମାୟା ତୁ ନକର
କହ ଅଗ୍ନିର ସମାଚାର ।୮
ଯେବେ ମୋଠାରେ ଦୟା ଥିବ
ଅଗ୍ନି ତତ୍ତ୍ୱ ସେ କହିବ ।୯
ଈର୍ଷ୍ୟା ଥିଲେ ମୋର ତହିଁ
କ୍ଷମା କରିବ ଭବଗ୍ରାହୀ ।୧୦
ମନ ମୁଖରୁ ଏହା ଶୁଣି
ଚୈତନ୍ୟ କହେ ମଞ୍ଜୁ ବାଣୀ ।୧୧
ତୁହି ମୁହିଁ ଏ ଦେହରେ
ବଢ଼ିଲୁ ଏକ ସବସରେ ।୧୨
ଆଦର ଦୟା ତୋର ତହିଁ
ମୋତେଟି ଛାଡ଼ି ଯିବା ତୁହି ।୧୩

ପ୍ରକୃତି ସଙ୍ଗରେ ଭ୍ରମିଲୁ
ମୋତେ ତୁ ସେବ ନ ପାରିଲୁ ।୧୪
ତେଣୁ ଯିବା ମୁଁ ମାୟା କରେ
ନୋହିଲେ ଦୟା ତୋହଠାରେ ।୧୫
ଏବେ ତୁ ମୋର ନାମ ଧର
ତୋ ଦୃଷ୍ଟି ହେବ ଅଜରାମର ।୧୬
ନୋହିଲେ କେବେ ନ ତୁଟଇ
ମନ ବୋଲଇ ଧାଇଁ ଧାଇଁ ।୧୭
ତୁମ୍ଭର ଦୟା ଯେବେ ହେବ
ତେବେ ଏ ନାମକୁ ଚିହ୍ନିବ ।୧୮
ନୋହିଲେ ମୁଁ କିସ ଚିହ୍ନିବ
ତୁମ୍ଭ ଦୟା ହେଲେ ପାଇବ ।୧୯
ହେ ପ୍ରଭୁ ଦୟା ମୋତେ କର
ଜଣାଉ ଅଛି ମୁଁ ତୁମ୍ଭର ।୨୦
ଅଗ୍ନି ଭୃଗୁଙ୍କ କଥା କହ
ହେ ପ୍ରଭୁ ଦୟା ମୋତେ ଦିଅ ।୨୧
ହେ ମନ ଏବେ ଶୁଣ ତୁହି
ଅଗ୍ନି ଭୃଗୁଙ୍କ କଥା ଏହି ।୨୨
ଶବଦୁ ଅଗ୍ନି ଜାତ ହୋଇ
ଶୁଣି ସୁନ୍ଦନେ ଚାଲି ଦେଇ ।୨୩
ଅଗ୍ନିଟି ସବୁ ଭୂତେ ପୂରି
ଜୀବର ଅଙ୍ଗରେ ସମସରି ।୨୪
ସକଳ ଜୀବ ହୃଦେ ଥାଇ
ତେଜ ସ୍ୱରୂପେ ପ୍ରକାଶଇ ।୨୫
ତାଙ୍କର ତେଜ ନ ଜାଣିଲ
କେହି ବସ୍ତୁ ଶୁଣ ଭଲେ ।୨୬

ଅଗ୍ନିଙ୍କ ତେଜ ଲାଗି ଶୁଣ
ଆହାର ପାକ ହୁଏ ଜାଣି ।୨୭
ଆହାର ପାକ ଯେବେ ନୋହିବ
ଏ ପୃଥ୍ୱୀ କେବଳ ହେଁ ନଳିବ ।୨୮
ଅଗ୍ନିଙ୍କି ସର୍ବ ଘଟେ ଥାଇ
ତା ଗୁଣ କେହି ନ ଜାଣଇ ।୨୯
ଛପନ କୋଟି ଜୀବ ଯେତେ
ଅଗ୍ନି ବଳରେ ସେ ଶୁଣନ୍ତେ ।୩୦
ଅଗ୍ନି ସଙ୍ଗତେ ଜଳ ଥାଇ
ଅଗ୍ନିଙ୍କି ଜଳେ ଶୋଷ୍ୟ ହୋଇ ।୩୧
ପୃଥ୍ୱୀ ସଙ୍ଗତେ ଅଗ୍ନି ମିଶି
ବହ୍ନିର ଶକ୍ତ୍ୟ ପ୍ରକାଶି ।୩୨
ଅଗ୍ନି ପ୍ରକାଶୁ ପୃଥ୍ୱୀ ରହେ
ନୋହିଲେ ଜଳ ବୁଡ଼ି ଯାଏ ।୩୩
ଅଗ୍ନିଙ୍କ ତେଜ ବଳ ଘାତେ
ଜଳ ଯେ ଶୁଖଇ ଭୂମିତେ ।୩୪
ଜଳ ବଳିଲେ ଅଗ୍ନି ଛପେ
ପୃଥ୍ୱୀଙ୍କି ନାଶ ଯାଇ କୋପେ ।୩୫
ଏ ଦୁହେଁ ଯେବେ ସମ ଥାନ୍ତି
ପୃଥ୍ୱୀଙ୍କ କେହି ନ ନାଶନ୍ତି ।୩୬
ଏ ଦୁହେଁ ଯେବେ ବାଦ କଲେ
ପୃଥ୍ୱୀଙ୍କି ନାଶ ଯାଇ ଭଲେ ।୩୭
ଏ ଦୁହେଁ ପୃଥ୍ୱୀର କାରଣୀ
ଏହା ନ ଜାଣେ ମୂର୍ଖ ପ୍ରାଣୀ ।୩୮
ହେ ମନ ପଚାରିଲୁ ଭଲ
ଅଗ୍ନି ମହିମା ଶୁଣ କହୁ ।୩୯
ଅଗ୍ନିଙ୍କି ସର୍ବ ଭୂତେ ଥାଇ
ଜରାବ ଅଣ୍ଡଜ ସ୍ୱେଦଜଇ ।୪୦

ଛପନ କୋଟି ଜୀବ ଯେତେ
ଅଗ୍ନି ବଳରେ ସର୍ବ ଖାନ୍ତି ।୪୧
ତଳ ନିର୍ମଳ ବୃକ୍ଷ ହୋଇ
ଅଗ୍ନିଙ୍କି ସର୍ବ ଭୂକେ ଥାଇ ।୪୨
ଝଡ଼ା ସନ୍ଧିତେ ଘୃତ ଖାନ
ଅଗ୍ନିଙ୍କି ବ୍ୟାପେ ସର୍ବ ଯେନା ।୪୩
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ହୋଇ
ଅଗ୍ନି ଯୋଗିଙ୍କି ଦେଖ ଭୁଞ୍ଜି ।୪୪
ନବ ଖଣ୍ଡ ପୃଥିବୀ ଜାଣ
ଅଗ୍ନି ଯୋଗିଙ୍କି ସର୍ବ ସ୍ଥାନ ।୪୫
ଚଉଦ ବ୍ରହ୍ମାଣ୍ଡ ସର୍ବରେ
ଅଗ୍ନି ବଳରେ ସର୍ବ ଖାନ୍ତେ ।୪୬
ହେ ମନ ଅଗ୍ନିର ମହିମା
କେହି ନ ଜାଣେ ତାର ସୀମା ।୪୭
ଏତେ କେତେ ସେ କଳନୋହେ
ବଢ଼ାଇଲେ ସେ ବଢ଼ୁଥାଏ ।୪୮
କଣିକାରୁ ଅଗ୍ନି ବଢ଼ିଲେ
ସପ୍ତ ବ୍ରହ୍ମାଣ୍ଡ ଦହେ ଭଲେ ।୪୯
ବଢ଼ାଇଲେ ସେ ବଢ଼ୁଥାଇ
କେବେ ହେଁ ସରି ସେ ନ ଯାଇ ।୫୦
ଲୁଚାଇଲେ ସେ ଲୁଚିଯାଏ
ତାହାଙ୍କୁ ଦେଖିବ କା କଏ ।୫୧
କେଉଁ ସ୍ଥାନକୁ ସେହି ଯାଇ
ଏହା ତ କେହି ନ ଜାଣଇ ।୫୨
କେଉଁ ସ୍ଥାନରୁ ଆସେ ପୁଣ
କେଉଁଠି ଥାଏ ସେ ରହିଣ ।୫୩
କାହିଁ ଆସିଣ କାହିଁ ଯାଇ
ଏହା ତ ନ ଜାଣନ୍ତି କେହି ।୫୪

ଏ ମନ୍ତ୍ରେ ଅଗ୍ନିର ମହିମା
କେହି ନ ଜାଣେ ତାର ସୀମା ।୬୫
ଏବା ଅଗ୍ନି ଟି ନାନା ତେଜ
ପ୍ରକାଶେ ନାନା ରୂପେ ତେଜ ।୬୬
ଛପନ କୋଟିଏଛି ଅଗ୍ନି
ପ୍ରକାଶେ ନାନା ରୂପ ଘେନି ।୬୭
ହେ ମନ ଶୁଣିଲୁ ତୁହି
ଅଗ୍ନି ମହିମା କହିଲଇଁ ।୬୮
ଅଗ୍ନି ସଙ୍ଗରେ ମିଶିଥିବୁ
ତେବେ ତୁ ଅଜାମର ହେବୁ ।୬୯
ହେ ମନ ଅଗ୍ନି ସେବେ ରସ
ନମଇ ଅରକ୍ଷିତ ଦାସ ।୭୦
ଆହେ ସୁଜନମାନେ ଜନ୍ମି
ଅଗ୍ନି ଟି ସର୍ବ ଭୂତେ ରହି ।୭୧
ଏ ତେଜକୁ ସମାନ ଦେଖିବ
ଅସ୍ତୁତ କାହିଁ ନ ରହିବ ।୭୨
ଅଗ୍ନି ଭୂତ ମହିମା ଶୁଣି
ତରିବ ଭବ ତରଙ୍ଗିଣୀ ।୭୩
ତାହାଙ୍କ ଗୁଣ ଜନସ୍ତରେ
କେହି ନ ଜାଣନ୍ତି ସଂସାରେ ।୭୪
ଅଗ୍ନି ଭୂତ ମହିମା ଶୁଣ
ଚଉଷଠି ପଦରେ ପୂର୍ଣ୍ଣ ।୭୫

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା ଅଗ୍ନି ଭୂତ
ମହିମା ବର୍ଣ୍ଣନେ ନାମ ତୃତୀୟୋଽଧ୍ୟାୟଃ

# ଚତୁର୍ଥ ଅଧ୍ୟାୟ

ମନ କହନ୍ତି ଚଇତନ
ଅଗ୍ନି ଭୂତ କଥା ଶୁଣିଣ ।୧
ଅଗ୍ନିର ଏମନ୍ତ ମହିମା
କେହି ନ ଜାଣେ ତାର ସୀମା ।୨
ଶୁଣି ମୁଁ ଅସମ୍ଭବ ମଣି
ଆଉ କଥା ଏ କହ ପୁଣି ।୩
ପବନ ଭୂତ କଥା କହ
ହେ ପ୍ରଭୁ ଦୟା ମୋତେ ବହ ।୪
ପବନ ଭୂତ କାହୁଁ ଜାତ
ମୋତେ କହିବ ପ୍ରାଣନାଥ ।୫
ପବନ ଭୂତଙ୍କ ମହିମା
ଶୁଣିବ ତୁମ୍ଭ ମୁଖୁ ସିନା
ମନ ମୁଖରୁ ଏହା ଶୁଣି
ତାର ମହିମା କେ ନ ଜାଣି ।୭
ବ୍ରହ୍ମାଦି ଦେବାସୁର ନରେ
ତାଙ୍କୁ କେ ଜାଣିବ ସଂସାରେ ।୮
ଯାହାର ରୂପ ବର୍ଣ୍ଣି ନାହିଁ
ତାକୁ ବା ଜାଣିବନ୍ତି କେହି ।୯
ତୁ ସେ ପଚାରିଲୁ ହେ ମନ
କହୁ କହିବା ତାଙ୍କ ଗୁଣ ।୧୦

ପବନ ଭୂତ କଥା ଶୁଣ
ଶୁଣ ତୁ ସାବଧାନ ହୋଇ ।୧୧
ଅର୍ଜୁନ ପବନ କହିଲି
ବୃତ୍ତାନ୍ତ ସାଙ୍ଗରେ ଯୋଡ଼ିଲି ।୧୨
ସକଳ ଜୀବ ହୃଦେ ଥାଇ
ସ୍ୱୟଂ ଏକମେ ବିହରଇ ।୧୩
ଛପନ କୋଟି ଜୀବମାନ
ପବନ ବଳୁ ଜନ୍ମେ ଜାଣ ।୧୪
ସକଳ ଜୀବ ଦେହେ ଥାଇ
ନ ଲାଗି ଅଲଗେ ଖେଳଇ ।୧୫
ସକଳ ଘଟର ଭରତା
ଏହାକୁ ଜାଣିନା ଅନ୍ଧତା ।୧୬
ସକଳ ଜୀବ ପିଣ୍ଡ ଦେହୀ
ଏହାକୁ ଭାବ ମନ ଲୁହି ।୧୭
ପୃଥ୍ୱୀ ଜଳ ଅଗ୍ନି ତିନ
ପବନ ଅଂଶେ ତିନି ସୃଷ୍ଟି ।୧୮
ଚନ୍ଦ୍ର ସୂର୍ଯ୍ୟ ଯେ ତାଙ୍କ ଗଣ
ପବନ ବଳେ ତନ୍ତ୍ର ପୂର୍ଣ୍ଣ ।୧୯
ଗୁରୁ ମେଘ ଶୁକ୍ର ଦେବହିଁ
ପବନ ବଳେ ତେଜ ଦେହୀ ।୨୦
ଇନ୍ଦ୍ରଙ୍କ ଠାରୁ ସମସ୍ତ ଦେବ
ପବନ ଅଂଶେ ଉତ୍ପତ୍ତି ସର୍ବ ।୨୧
ମେରୁଠାରୁ ସେତେ ପର୍ବତ
ପବନ ସବୁଠାରେ ସ୍ଥିତ ।୨୨
ଅଶ୍ୱତ୍ଥ ଠାରୁ ଯେତେ ବୃକ୍ଷ
ପବନ ବଳେ ଉତ୍ପନ୍ନ ।୨୩
ଜାହ୍ନବୀ ଅନନ୍ତ ସର୍ପମାନେ
ପବନ ଉଦରେ ଉତ୍ପନ୍ନେ ।୨୪

ସିଂହକୁ ଆଦି ସେତେ ଯାଏ
ପବନ ବଳେ ସର୍ବ ଠାଏ ।୨୫
ଗରୁଡ଼କୁ ଆଦି ଯାଏ ଜାଣ
ପବନ ବଳେ ସର୍ବ ସ୍ଥାନ ।୨୬
ସ୍ଥାବର ଜଙ୍ଗମ ଯେତେ ମୁହିଁ
ଜଳେ ସ୍ଥଳେ ତା ଭଜ ।୨୭
ଏ ସୃଷ୍ଟି ଜାଣି ସବୁ ଗଣ
ପବନ ସଙ୍ଗେ ଦେହ ଜାଣ ।୨୮
ପିତୃ ଗଣ ଯମ ଗଣ ମୁହିଁ
ପବନ ବଳେ ଜାଣ ତାହା ।୨୯
ଦେବ ଗନ୍ଧର୍ବ ଯକ୍ଷ ଗଣ
ପବନ ବଳେ ତାଙ୍କ ଜାଣ ।୩୦
ରୁଦ୍ର ଗଣ ନାଗ ଗଣ ମୁହିଁ
ପବନ ବଳେ ତାଙ୍କ ଦେହୀ ।୩୧
ଯୋଗୀ ଗଣ ଯେ ସିଦ୍ଧ ଗଣ
ପବନ ବଳେ ତାଙ୍କ ଜାଣ ।୩୨
ତେତିଶ କୋଟି ଦେବ ଗଣ
ପବନ ଅଂଶେ ତାଙ୍କ ସର୍ବ ।୩୩
ଋଷି ଆଦି ଯେତେ ମୁନି
ପବନ ଅଂଶେ ସେ ଉତ୍ପନ୍ନ ।୩୪
ବ୍ରହ୍ମା ଆଦି ଯେତେ ଜନ
ପବନ ଅଂଶେ ବୃନ୍ଦେ ସର୍ବ ।୩୫
ନଅଲକ୍ଷ ତାରା କୋଟି ଗ୍ରହ
ପବନ ଅଂଶେ ସେ ଉତ୍ପନ୍ନ ।୩୬
ଏମନ୍ତେ ଛପନ କୋଟି ମୁହିଁ
ପବନ ଅଂଶେ ସର୍ବ ଉଦ୍ଧ ।୩୭
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ପୂର୍ଣ୍ଣ
ପବନ ଅଂଶେ ସର୍ବେ ଜାଣ ।୩୮

ଚନ୍ଦ୍ର ସୂର ଶୂନ୍ୟ ଖାଣି
ପବନ ସବୁଠାରେ ପୂର୍ଣ୍ଣି । ୩୯
ଜଳ ସ୍ଥଳ ଗିରି ମୃତ୍ତିକା
ପବନ ସବୁଠାରେ ସ୍ଥିତ । ୪୦
ଦେଖ ଦେହ ବ୍ରହ୍ମାଣ୍ଡରେ
ବହୁଛି ପବନ ଦେହରେ । ୪୧
ଜୀବର ଅଙ୍ଗରେ ଦଶ ପବନ
ଘୋଟିଛି ବ୍ରହ୍ମାଣ୍ଡରେ ଜାଣ । ୪୨
ଦେଖୁ ପବନ ଠାବ ନାହିଁ
ସପ୍ତ ବ୍ରହ୍ମାଣ୍ଡ ଘୋଟି ରହି । ୪୩
ଷଡ଼ ଋତୁଟି ଷଡ଼ ରସ
ପବନ କରଇ ପ୍ରକାଶ । ୪୪
ନବ ରତ୍ନଟି ଅଷ୍ଟ ଧାତୁ
ପବନ ସବୁଠାରେ ହେତୁ । ୪୫
ବାର ମାସଟି ସାତ ବାର
ପବନ ସବୁଠାରେ ସାର । ୪୬
ଗ୍ରୀଷ୍ମ ବରଷା ଶୀତ ହେମ
ପବନ ସବୁଠି କରମ । ୪୭
ଉଦର ଛତି ଖୋଳ ସନ୍ଧି
ପବନ ସବୁଠାରେ ବନ୍ଧି । ୪୮
ବାର ଚନ୍ଦ୍ର ଯୋଗ କରଣ
ପବନ ସବୁ କରେ ଜାଣ । ୪୯
ନକ୍ଷତ୍ର ନବ ଗ୍ରହ ଦଣ୍ଡ
ପବନ ସବୁଟି କରଇ । ୫୦
ଲୀଳା ଶାସ୍ତ୍ରେ ଯେତେ ଜାତ
ସବୁଟି ପବନ ସଞ୍ଚିତ । ୫୧
ବ୍ରହ୍ମାଣ୍ଡ ଯାକେ ବହୁଛନ୍ତି
ସ୍ଥିର ତା ନ ଧରଇ କାନ୍ତି । ୫୨

ହସ୍ତ ପାଦ ଶିର କର୍ଣ୍ଣ ଦ୍ୱି
ନୟନ ନାସା ମୁଖ ନାହିଁ । ୫୩
ହୃଦୟ କଟି ନାହିଁ ଶୁଣ
ଅଜେୟାତ ଅବର୍ଣ୍ଣ ସେ ପୁଣ । ୫୪
ରୂପ ବର୍ଣ୍ଣ ଚିହ୍ନ ଶ୍ରୀ ନାହିଁ
ବ୍ରହ୍ମାଣ୍ଡ ଘୋଟି ଅଛି ସେହି । ୫୫
ଏହି ଦେହରେ ସେ ପବନ
ସର୍ବରେ ରହି ନିବେଶଣ । ୫୬
ଜଗତ୍କୁ ଜନ୍ମି ସୃଜିଲ ସେହି
ଦଣ୍ଡେ ବିଶ୍ରାମ ତାର ନାହିଁ । ୫୭
ରୂପ ରୂପରେ ବହୁଛନ୍ତି
ଏଣୁସେ ପୁରୁଷ ଧରନ୍ତି । ୫୮
ସୃଷ୍ଟି କାରଣ ଖେଳେ ସେହି
ଶୁଆଇ ଉଠାଇ ଚଳାଇ । ୫୯
ବସାଇ ଖେଳାଇ ଉଡ଼ାଇ
ବୁଡ଼ାଇ ଖୁଆଇ ପିଆଇ । ୬୦
ଇନ୍ଦ୍ରିୟ ମନ ବେଗ ଯେତେ
ପବନ ଚଳାଇ ସମସ୍ତେ । ୬୧
ଯେବେ ଏ ଦେହ ଗୁଡ଼ି ଯିବ
ପୃଥ୍ୱୀ ରସାତଳେ ପଡ଼ିବ । ୬୨
ପବନ ଯିବା ଆକାଶ ଧରି
ବୁଲୁଛି ସପ୍ତ କୂଟ କରି । ୬୩
ପବନ ବଳେ ସବୁ ଚଳେ
ଭୂମି ଆକାଶ ଦିଗପାଳେ । ୬୪
ପବନ ବଳେ ଆଇଯାତ
ପବନ ସବୁ କରେ ଘାତ । ୬୫
ପବନ ବଳେ ଜନ୍ମ ହୋନ୍ତି
ପବନ ଛାଡ଼ିଲେ ମରନ୍ତି । ୬୬

ଛତିଶ କୁଟି ମାୟା କରି
ସମସ୍ତ ଅଛଇ ଆବୋରି ।୬୭
ମାୟାରେ ସବୁ ଜୀବେ ଖେଳେ
ନ ଜାଣେ ବ୍ରହ୍ମା ହରପାଳେ ।୬୮
ଏହାଙ୍କ ଠାରୁ ବଡ଼ ନାହିଁ
ତା ମାୟା କେ ପାରିବ କହି ।୬୯
ପବନ ଭୂତ କଥା ଯେତେ
ମୁଁ କସ କହିବି ସୁଜନତେ ।୭୦
ତା କଥା ଅତି ଅଗୋଚର
ନ ଦିଶେ ରୂପ ବର୍ଣ୍ଣ ତାର ।୭୧
ଏତେ ତେତେ ସେ କଳ ନୋହେ
ବ୍ରହ୍ମାଣ୍ଡେ ପୂରି ସେହୁ ଥାଏ ।୭୨
ହେ ମନ ପବନ ଭୂତକୁ
କହିଲି ଶୁଣ ହେ ତାହାଙ୍କୁ ।୭୩
ପବନ ସଙ୍ଗେ ମିଶିଥିବୁ
ତେବେ ଅଜ୍ଞାନରେ ରହିବୁ ।୭୪
ପବନ ଥିଲେ ଦେହ ରହେ
ହେ ମନ ଚେତ ଏବେ ବୁଝି ।୭୫
ମନ ଚୈତନ୍ୟ ମୁଖୁ ଶୁଣି
ସେ ବୋଲଇ ମନେ ମନେ ଗୁଣି ।୭୬
ପବନ ଭୂତଙ୍କ ଚରିତ
ଶୁଣି ମୁଁ ହେଲି ଅଚମ୍ଭିତ ।୭୭
କେ ତାଙ୍କୁ ଜାଣି ଯେ ପାରିବ
କା ଦୟା ପାକୁ ସେ ତରିବ ।୭୮
ମୂର୍ଚ୍ଛିତ ଭରସା କରୁଛି
ତାଙ୍କୁ ବା ମାନ୍ତୁ ନଯ କହୁଛି ।୭୯
ହେ ପ୍ରଭୁ ମାୟା କର ନାଶ
ଜେଣାଇ ଅବଶିତ ଦାସ ।୮୦
ଆହେ ସୁଜନ ମାନେ ଶୁଣ
ପବନ ଶୁଦ୍ଧ ମନେ ଗୁଣ ।୮୧
ତା ଶୁଦ୍ଧ ମନେ ଯେ ଗୁଣିବ
ଏ ଘୋର ସଂସାରୁ ତରିବ ।୮୨
ନୋହିଲେ କେବେ ନ ତରଇ
ତା ଶୁଦ୍ଧ ମନେ ଥିବ ଧ୍ୟାଇ ।୮୩
ପବନ ଭୂତଙ୍କୁ ଯେ ଶୁଦ୍ଧ
ହେଳା କଲେଟି ମାଳି ଦେବ ।୮୪
ପବନ ଭୂତଙ୍କର ଗୁଣ
ଚୌରାଶୀ ପଦେ ସେ ସମ୍ପୂର୍ଣ୍ଣ ।୮୫

ଇତି ଶ୍ରୀ ମନଚୈତନ୍ୟ ବିରଚିତ ମସ୍ତମଣ୍ଡଳ ଗୀତା ପବନ ଭୂତ ମହିମା ବର୍ଣ୍ଣନେ ନାମ ଚତୁର୍ଥୋଽଧ୍ୟାୟଃ ।

## ପଞ୍ଚମ ଅଧ୍ୟାୟ

ଆହେ ଚୈତନ୍ୟ ବ୍ରହ୍ମ ତୁମ୍ଭେ
କଥାଏ ଜଣାଉଛି ଏବେ ।୧
ପବନ ଭୂତଙ୍କୁ କହିଲ
ମନୁ ମୋ ସଂଶୟ ଫେଡ଼ିଲ ।୨
ଏବେ ଆକାଶ ଭୂତ କଥା
ଶୁଣି ମୋ ମନୁ ଗୁଚୁ ବ୍ୟଥା ।୩
ଆକାଶ କାହୁଁ ଜାତ ହୋଇ
ମୋ ମନୁ ଭ୍ରାନ୍ତି ଫେଡ କହି ।୪

ଆକାଶ ମହିମା ଶୁଣିବ
ତୋ ମୁଖୁ ଶୁଣି ପ୍ରତେ ନିତ ।୫
ଆକାଶ କଥା ଅଗୋଚର
କହ ତେବେ ଭ୍ରମ ଯାଉ ଦୂର ।୬
କେହ ମନ ଆକାଶ ମହିମା
କହିଲେ ନ ସରଇ ସୀମା ।୭
ଆକାଶ ଭୂତ କଥାକୁ କିଏଁ
କେ ତାହା କଳି ନ ପାରଇ ।୮
ତାକୁ କେ କଳିବ ସଂସାରେ
ଶୁଣ କହିବା କିଛୁ ତୋତେ ।୯
ମହା ଶୂନ୍ୟରୁ ଯେ ଆକାଶ,
ଜାତ ହୋଇଅଛି ଅଶେଷ ।୧୦
ଆକାଶ ଭୂତର ମହିମା
କହିବ କେବ ତାଙ୍କ ସୀମା ।୧୧
ଆକାଶ ବ୍ରହ୍ମାଣ୍ଡେ ହୋଇଛି
କାହିଁ ନ ଲାଗି ସବୁ ଅଛି ।୧୨
ଆକାଶ ଅନ୍ଧକାର କହି
ତା ଗର୍ଭେ ସର୍ବେ ଜନ୍ମ ରହି ।୧୩
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଜାଣ
ତା ଗର୍ଭେ ସର୍ବେ ଜନ୍ମ ଶୁଣ ।୧୪
ଚଉଦ ବ୍ରହ୍ମାଣ୍ଡ ସହିତେ
ତା ଗର୍ଭେ ଅଛନ୍ତି ସମସ୍ତେ ।୧୫
ସପ୍ତ ସମୁଦ୍ର ସ୍ୱର୍ଗ ସପ୍ତ
ତା ଗର୍ଭେ ରହିଛି ସମସ୍ତ ।୧୬
ନବ ଦ୍ୱୀପ ନବ ପୃଥିବୀ
ତା ଗର୍ଭେ ସର୍ବେ କ୍ଷିତି ଖଣ୍ଡ ।୧୭
ଜଳ ପବନ ଅଗ୍ନି କହି,
ତା ଗର୍ଭେ ଅତଯାତ ହୋଇ ।୧୮

ଗ୍ରହ ମେଘ ଯେ ତାରା ଗଣି
ତା ଗର୍ଭେ ଅତଯାତ ପୁଣି ।୧୯
ଗ୍ରହ ବେଦ ମନ୍ତ୍ର ରକ୍ଷୁ କିଏଁ!
ତା ଗର୍ଭେ ଅତଯାତ ହୋଇ ।୨୦
ଚନ୍ଦ୍ର ସୂର୍ଯ୍ୟଙ୍କ ଦୁଇ ଦ୍ୱୀପ
ତା ଗର୍ଭେ ଜନ୍ମଥାନ୍ତି ଦେଖ ।୨୧
ସପାତେ ତେଜ ତାଙ୍କ ଜାଣ
ଚନ୍ଦ୍ର ସୂର୍ଯ୍ୟ ନିତ୍ୟେ ଭ୍ରମିଣ ।୨୨
ଜଳ ପବନ ଅଗ୍ନି କହି
ଲୀଳା କରନ୍ତି ଭ୍ରମେ ସେହି ।୨୩
ଆକାଶ ଗର୍ଭେ ଲୀଳା ବଳ
ସମସ୍ତ ଅଛନ୍ତି ଅକୋଳ ।୨୪
ତେତିଶ କୋଟି ଦେବ ଯେତେ
ତା ଗର୍ଭେ ଅଛନ୍ତି ସମସ୍ତେ ।୨୫
ଇନ୍ଦ୍ର ଆଦିରୁ ଯେତେ ଦେବ
ତା ଗର୍ଭେ ଅଛନ୍ତି ଏ ସବୁ ।୨୬
ମେରୁଠାରୁ ଯେତେ ପର୍ବତ
ତା ଗର୍ଭେ ଅଛନ୍ତି ସମସ୍ତ ।୨୭
ଅଶ୍ୱତ୍ଥଠାରୁ ଯେତେ ବୃକ୍ଷ
ତା ଗର୍ଭେ ଅଛନ୍ତି ପ୍ରତ୍ୟକ୍ଷ ।୨୮
ସୃଷ୍ଟାଦ୍ରି ବୃକ୍ଷ ପାଦ ପୁଣି
ତା ଗର୍ଭେ ଅଛନ୍ତି ଏବେ ଜାଣି ।୨୯
ସିନ୍ଧୁରୁ ଦଶଲୋକ ଯାଏ
ତା ଗର୍ଭେ ଅତଯାତ ହୁଏ ।୩୦
ଜରା ବୁଢ଼ା ତଳ ନିଷ୍ଫଳ
ନଭେ ସୀମା ତଳ ପ୍ରବଳ ।୩୧
ଆକାଶ ଭୂତ କଥା ଯେତେ
କହିଲେ ନ ସରଇ ତେତେ ।୩୨

ଆକାଶ ଭୂତ କଥା ଶୁଣ
ତା ଗୁଣ ଜନ୍ମ ମୃତ୍ୟୁ ଜାଣ ।୩୩
ମହାଶୂନ୍ୟରୁ ଆକାଶ ହିଁ
ଆକାଶୁ ପବନ ଜନ୍ମଇ ।୩୪
ପବନୁ ଅଗ୍ନି ଜାତ ପୁଣ
ଅଗ୍ନିରୁ ଜଳ ଜାତ ଜାଣ ।୩୫
ଜଳରୁ ପୃଥ୍ୱୀ ଜନ୍ମିଲା
ସଂସାରେ ଖେଳ ଲଗାଇଲା ।୩୬
ମହାଶୂନ୍ୟରୁ ପଞ୍ଚଭୂତ
ଜାତ ହୋଇଣ ଏ ସମସ୍ତ ।୩୭
ଏ ପଞ୍ଚଭୂତ ଭିନ୍ନାଭିନ୍ନ
ନାହିଁଟି ଶୁଣ ହେ ସୁମନ ।୩୮
ଲୀଳା ନିମନ୍ତେ ଭିନ୍ନ ହେଲେ
ସଂସାରେ ଖେଳ ଲଗାଇଲେ ।୩୯
ଖେଳ ସରିଲେ ସର୍ବ ଯାନ୍ତି
ଏକା ଅଙ୍ଗରେ ସେ ମିଳନ୍ତି ।୪୦
ମହାଶୂନ୍ୟରେ ସେ ମିଶିଣ
ଏକା ଅଙ୍ଗରେ ସେ ଗୋପ୍ୟନ ।୪୧
ହେ ମନ ପଞ୍ଚଭୂତ ଗୁଣ
କେହି ନ ଜାଣନ୍ତି ସେ ପୁଣ ।୪୨
ତୋ ଠାରେ ମୋର ଦୟା ଯେଣୁ
ପଚାରିଲୁ ସେ କଥା ତେଣୁ ।୪୩
ଭୁଲୁ ଆତ୍ମର ଭିନ୍ନ ନାହିଁ
ତେଣୁ ମୁଁ ତୋତେ କହିଲଇଁ ।୪୪
ଆକାଶ ଭୂତ ସଙ୍ଗେ ପଶି
ତେବେ ପାଇବୁ ସିନା ଯଶ ।୪୫
ଏ ପଞ୍ଚଭୂତ ସଙ୍ଗ ହୋଇ,
ମିଶାଇ ଆନନ୍ଦରେ ରହି ।୪୬

ତେବେ ଅମର ହେବୁ ଜାଣ,
ତୋ ପୃଥ୍ୱୀ ଅଙ୍ଗ ସଦା ଧନ ।୪୭
ପୃଥ୍ୱୀ ସଙ୍ଗରେ ପୃଥ୍ୱୀ ହେବୁ,
ଜଳ ସଙ୍ଗରେ ଜଳ ଥିବୁ ।୪୮
ଅଗ୍ନି ସଙ୍ଗରେ ଅଗ୍ନି ହୋଇ,
ରହିବୁ ଶୁଣ ମନ ଭୂମି ।୪୯
ପବନ ସଙ୍ଗରେ ପବନ,
ମିଶିଣ ରହିଥିବୁ ଜାଣ ।୫୦
ଆକାଶ ସଙ୍ଗରେଣ ଭୁଲି,
ମିଶି ଆକାଶେ ଥିବୁ ରହି ।୫୧
ଏ ପଞ୍ଚଭୂତ ସଙ୍ଗେ ମିଶି,
ଖେଳୁ ହୋ ଥିବୁ ଏକା ରାଶି ।୫୨
ଏହାଙ୍କ ସଙ୍ଗେ ଖେଳୁଥିବୁ
ମହାଶୂନ୍ୟ ହେଉ ରହିବୁ ।୫୩
ତେବେ ତୋହର ନାହିଁ ଭୟେ
ଅନ୍ତିମରେ ହେବ ତୋ ଜୟେ ।୫୪
ମହାଶୂନ୍ୟରୁ ନିଜ ନାମ,
ହେଉ କହିଣ ଶୁଣ ମନ ।୫୫
ସଂସାରେ ଯେତେ ନାମ ପୁଣି
ଧରନ୍ତେ ହୋଇଛନ୍ତି ଜାଣ ।୫୬
ହେ ମନ ନିଜ ନାମ ବିନୁ
ଆଉଛି ସବୁ ମିଥ୍ୟା ଜାଣ ।୫୭
ବ୍ରହ୍ମରେ ପୃଥ୍ୱୀ ଆଦି ଯାତ,
ବ୍ରହ୍ମରେ ଅଛନ୍ତି ସମସ୍ତ ।୫୮
ବ୍ରହ୍ମରୁ ସର୍ବେ ଜନ୍ମିଛନ୍ତି
ସଂସାରେ ଲୀଳା ସେ କରନ୍ତି ।୫୯
ବ୍ରହ୍ମରୁ ପଞ୍ଚଭୂତ ଜନ୍ମ
ଲୀଳା ନିମନ୍ତେ ଭିନ୍ନାଭିନ୍ନ ।୬୦

ହେ ମନ ବ୍ରହ୍ମରୂପି ସର୍ବ,
ଜାତ ହୁଅନ୍ତି ଅସମ୍ଭବ ।୬୧
ମଲେ ସେ ବ୍ରହ୍ମରେ ଅଛନ୍ତି,
ବ୍ରହ୍ମରେ ଲୀନ ସେ ହୁଅନ୍ତି ।୬୨
ପଞ୍ଚଭୂତରୁ ସେ ଗୋଟିଏ,
ନଥିଲେ ଲୀଳା କେବେ ନୋହେ ।୬୩
ଆକାଶ ନଥିଲେ ପବନ,
କାହୁଁ ଏ ଜାତ ହୋଇନ୍ତା ପୁଣ ।୬୪
ପବନ ଯେବେଟି ନଥାନ୍ତା,
ଅଗ୍ନି କି ଜାତ ହୁଅନ୍ତା କାହିଁ ।୬୫
ଅଗ୍ନି ନଥିଲେ ଜଳ ପୁଣ
କାହୁଁ ଏ ଜାତ ହୁଅନ୍ତା ଜାଣ ।୬୬
ଜଳ ନ ଥିଲେ ପୃଥ୍ୱୀ କାହିଁ
ଜାତ ହୁଅନ୍ତା କହ ଭୁଇଁ ।୬୭
ଏ ପଞ୍ଚ ଭୂତରୁ ଗୋଟିଏ
ନ ଥିଲେ କାହୁଁ ଜନ୍ମ ହୋଏ ।୬୮
ଏ ପଞ୍ଚ ଭୂତରୁ ସଂସାର
ଜାତ ହୁଅନ୍ତି ଚରାଚର ।୬୯
ଏ ପଞ୍ଚ ଭୂତ ଜନ୍ମ କାହିଁ
ଏହା ଅଟନ୍ତି ଶୁଣ ଭାଇ ।୭୦
ଆକାଶୁ ପବନ ଜନମଇ
ପବନୁ ଅଗ୍ନି ଜାତ ହୋଇ ।୭୧
ଅଗ୍ନିରୁ ଜଳ ଜାତ ଜାଣ
ଜଳରୁ ପୃଥିବୀ ଉଆଣ ।୭୨
ପୃଥ୍ୱୀରୁ ଜଳ ଜାତ ହୋଇ,
ଜଳରୁ ଅଗ୍ନି କି ଜନ୍ମଇ ।୭୩
ଅଗ୍ନିରୁ ପବନ ଜନ୍ମିଲା,
ପବନୁ ଆକାଶ ହୋଇଲା ।୭୪

ଏମନ୍ତେ ପଞ୍ଚଭୂତ କଥା,
ଅଟେ ଅଗୋଚର ବ୍ୟବସ୍ଥା ।୭୫
ଏ ପଞ୍ଚଭୂତ ସତ୍ୟ ଜାଣ,
ଆଉକି ସବୁ ମିଥ୍ୟା ଶୁଣ ।୭୬
ଏ ପଞ୍ଚଭୂତ ଲୀଳା କରେ,
ଏ ପଞ୍ଚଭୂତ ସେ ସଂହାରେ ।୭୭
ସଂହାର ଶୂନ୍ୟରେ ପଶନ୍ତି
ଶୂନ୍ୟରୁ ପୁଣି ଜନ୍ମ ହୋନ୍ତି ।୭୮
ଏମନ୍ତେ ଜନ୍ମ ମୃତ୍ୟୁ ହୋଇ,
ଏହା ତ ଜାଣନ୍ତି କେହି ।୭୯
ଏମନ୍ତେ ପଞ୍ଚଭୂତ କଥା
ଶୁଣି ସୁମନ ହୁଅ ଚେତ ।୮୦
ଚୈତନ୍ୟ ମୁଖୁ ଏହା ଶୁଣି
ବୋଲଇ ଅଚ୍ୟୁତ ପୁଣି ।୮୧
ପଞ୍ଚଭୂତଙ୍କ କଥା ଯେତେ
କହିଣ ଦେଲ ମୋତେ ଶ୍ରୀପତେ ।୮୨
ମୋଠାରେ ଦୟା ଥିଲ ସେଣୁ
ଆପଣ କହି ଦେବଲ ତେଣୁ ।୮୩
ମୁଁ ଯେ ସଦା ପାପୀ ଅଟଇ
ମୋଠାରେ ଦୟା ଥିବ କହି ।୮୪
ମୁହିଁ ତ ଭରସା କରୁଛି
ମୋ ଉତ୍ତେ ଭୟ ନାହିଁ କିଛି ।୮୫
ପାପ ପୁଣ୍ୟକୁ ଭୟ ନାହିଁ
ସେଣୁ ଭରସା କରୁଅଇଁ ।୮୬
ତାର ନ ତାର ଏ ଅଧମ
ଭରସା କରି ଅଛି ପୁଣ ।୮୭
କହଇ ଅଚ୍ୟୁତ ଦାସ
ନିଜ ନାମ ବ୍ରହ୍ମକୁ ଆଶ ।୮୮

ଆକାଶ ଭୂତଙ୍କ ମହିମା
କହିଲେ ନ ସରଇ ସୀମା ।୮୯
ଆହେ ସୁଜନମାନେ ଶୁଣ
ପଞ୍ଚଭୂତଙ୍କ ଯେତେ ଗୁଣ ।୯୦
ଭୂତ ବୋଲିଣ ଯେ ଅଧ୍ୟାୟେ
କହିଲି ଶୁଣ ସୁଜନ ହେ ।୯୧
ଏମନ୍ତେ ପାଞ୍ଚ ଅଧ୍ୟା ହୋଇ
ପଞ୍ଚଭୂତଙ୍କ କଥା ଏହି ।୯୨
ଏ ପଞ୍ଚଭୂତଙ୍କ ମହିମା
ବେଦ ଜହ୍ନପାରେ ଗୁଣ ସୀମା ।୯୩
ଅନାଦେଶ ଭୂତଙ୍କ ଚରିତ
ଚୈତନ୍ୟକେ ପଦେ ଭଣିତ ।୯୪

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ନସ୍ମମଣ୍ଡଳ ଗୀତା ଆକାଶଭୂତ
ମହିମା କଥନେ ନାମ ପଞ୍ଚମୋଽଧ୍ୟାୟଃ ।

---

# ଷଷ୍ଠ ଅଧ୍ୟାୟ

ମନ ଚୈତନ୍ୟ ପାଦେ ପଡ଼ି
ଶିରରେ ବେନି କର ଯୋଡ଼ି ।୧
ତୁମ୍ଭେ ମୋହର ପ୍ରାଣଗୁରୁ
ତୁ କର୍ମା ମୋତେ ମାୟା କରୁ ।୨
ଏହି ଦେହରେ ମୁହିଁ ଥାଇ
ତୋତେ ମୁଁ ଚିହ୍ନି ନ ପାରଇ ।୩
ହେ ପ୍ରଭୁ ମାୟା ତୁ ନକର
କଥାଏ ଜଣାଏ ଗୁମର ।୪
ଏ ଦେହ କାହୁଁ ଜାତ ହେଲା
ତୁମ ମାୟାକୁ ନ ଚିହ୍ନିଲି ।୫
ଛପନ କୋଟି ଜୀବ ଯେତେ
ଜାତ ହୋଇଲେ ଏ କେମନ୍ତେ ।୬
ମନ ମୁଖରୁ ଏହା ଶୁଣି
ଚୈତନ୍ୟ କହେ ହେତୁବାଣୀ ।୭
ମହାଶୂନ୍ୟରୁ ସବୁ ଜାତ
ତୋତେ ମୁଁ କହିଦେଲି ସତ ।୮
ଛପନକୋଟି ଜୀବ ମୂର୍ତ୍ତି
ମୁଁ ସୃଜେ ତିଆରି କରଇ ।୯
ନିଳା ନିମନ୍ତେ ଜାତ ହେଲା
ନାନା ରୂପଟି ମୁଁ ଧରଇ ।୧୦
ନାନା ଜୀବ ଜନ୍ତୁଟି ମୂର୍ତ୍ତି
ନାନା ନାମଟି ମୋର ହୋଇ ।୧୧
ଶୂନ୍ୟାରୁ ସୃଷ୍ଟିଲେକ ଯାଏ
ନାନା ନାମଟି ମୋର ହୋଏ ।୧୨
ଇନ୍ଦ୍ରକଠାରୁ ଦେବ ଯେତେ
ନାନା ନାମଟି ଧରି କେତେ ।୧୩
ମେରୁଠାରୁ ଯେତେ ପର୍ବତ
ନାନା ନାମଟି ଧରି ସତ୍ୟ ।୧୪
ଅଶ୍ୱତ୍ଥଠାରୁ ଯେତେ ବୃକ୍ଷ
ନାନା ନାମ ଧରି ପ୍ରତ୍ୟକ୍ଷ ।୧୫
କାକରୁ ଗରୁଡ଼ ପର୍ଯ୍ୟନ୍ତେ
ନାନା ନାମଟି ମୋ ଶରୀରେ ।୧୬

ସିଂହରୁ ଦଶିତପାଳ ଯାଏ
ନାନା ନାମଟି ମୋର ହୋଏ ।୧୭
ଚଳନ୍ତା ଚଉଦକୋଟି ଜୀବ
ମୁହିଁଟି ହୋଇ ଅଛୁ ସବ ।୧୮
କିଷ୍ଟଳ ଚଉଦ କୋଟି ଜାଣ
ମୁହିଁଟି ସବୁ ହେଲି ପୁଣ ।୧୯
ଜଳଜା ଚଉଦ କୋଟି ମୂର୍ତ୍ତି
ମୁଁ ସବୁ ରୂପ ହୋଇଛଇଁ ।୨୦
ବୃକ୍ଷ ଚଉଦକୋଟି ହେଲି
ମୁଁ ସବୁ ରୂପ ଯେ ଧଇଲି ।୨୧
ତପନ କୋଟି ଜବ ମୁହିଁ
ନାନା ନାମଟି ମୋତେ ଦେଇ ।୨୨
ମୁଁ ଦଶ ଅବତାର ହେଲି
ନାନା ନାମଟି ମୁଁ କହିଲି ।୨୩
ମନ କହୁଛି ପ୍ରଭୁ ଶୁଣ
ତୋ ନାମ କହିବେ କଵଣ ।୨୪
ସଂସାରେ ଯେତେକ ନାମ ତୋର
କହିବ ଦେବ ମୋ ଆଗର ।୨୫
ମନ ମୁହଁକୁ ଏହା ଶୁଣି
ଚୈତନ୍ୟ କହେ ମୃଦୁ ବାଣୀ ।୨୬
ମୁଁ ନନା ଅବତାର ହୋଇ
ମୁଁ ଯେମାତେ ନାମ ଯେ ଧରଇ ।୨୭
ମୁହିଁଟି ଭକ୍ତ ରୂପ ହେଲି
ମୁହିଁଟି ମୋତେ ନାମ ଦେଲି ।୨୮
କହୁ ନାମକୁଁ କହି ଦେବା
ତୋ ମନ୍ତ୍ର ସଂଶୟ ଫେଡ଼ିବା ।୨୯
ମୁଁ ବ୍ରହ୍ମା ବିଷ୍ଣୁ ମହେଶ୍ୱର
ତୋତେ କହିଲି ମୁଁ ଶଙ୍କର ।୩୦

ଗୋପପୁର ଅଧର ମୂର୍ତ୍ତି
କଂସ ଅରିକି ମୁଁ ବୋଲାଇ ।୩୧
ନନ୍ଦର ତନୁ ମୁହିଁ ହେଲି
ମୁଁ ଭଗବାନ ବୋଲାଇଲି ।୩୨
ନାରାୟଣଟି ମୋର ନାମ
ନାମପୂର୍ଣ୍ଣଟି ହେଲି ପୁଣ ।୩୩
ଅଷ୍ଟାଙ୍ଗ ଲକ୍ଷଣ ହୋଇଲି
ଗୋପୀଜନବନ ବୋଲାଇଲି ।୩୪
ବସୁଦେବ ସୁତଟି ମୁହିଁ
ହରିନାମଟି ମୁଁ ଅଟଇ ।୩୫
ବନମାଳିଟି ମୁହିଁ ଜାଣ
କମଳା ବିଳାସ ପ୍ରମାଣ ।୩୬
ପୀତ ବସନ ମୁହିଁ ହେଲି
ଯ ଦଶ ମତ ବୋଲାଇଲି ।୩୭
ଅନନ୍ତ ନାମ ମୋର ହୋଇ
ବୈକୁଣ୍ଠ ପାଇଁ ମୁଁ ବୋଲାଇ ।୩୮
ବୈକୁଣ୍ଠ ଅଚ୍ୟୁତଟି ହେଲି
ରାମ ନାମଟି ବୋଲାଇଲି ।୩୯
ମୁଁ ନାଗ ଦର୍ପ ଭଞ୍ଜା ହେଲି
ଅର୍ଜୁନ ଭକ୍ତା ବୋଲାଇଲି ।୪୦
କେଶୀ ସୂଦନ ନାମ ବହି
କୃପାସିନ୍ଧୁଟି ମୁଁ ବୋଲାଇ ।୪୧
ମୁଣ୍ଡର ନର୍ତ୍ତନ ମୁଁ ପୁଣ
ଜଗଜ୍ଜୀବନ ମୁହିଁ ଜାଣ ।୪୨
ଶଙ୍ଖ ଚକ୍ରଧାରୀଟି ମୁହିଁ
ସୁପର୍ଣ୍ଣ ପାଇଁ ମୁଁ ବୋଲାଇ ।୪୩
ମୁକୁନ୍ଦ ବିଦ୍ୟାଧର ହେଲି
ପୁରୁଷୋତ୍ତମ ବୋଲାଇଲି ।୪୪

ଗରୁଡ଼ ଆସନଟି ମୁହିଁ
ପତିତପାବନ ବୋଲାଇ ।୧୪୫
ସର୍ବେଶ୍ୱର ନାଥଟି ହେଲି
ପରମାନନ୍ଦ ବୋଲାଇଲି ।୧୪୬
ପରମ ପୁରୁଷଟି ମୁହିଁ
ନୃସିଂହ ଆତ୍ମମୂଳ ହୋଇ ।୧୪୭
ଅତଙ୍କ ଭଞ୍ଜନ ମୁଁ ହେଲି
ଶଙ୍କଟା ଭଣ୍ଡା ବୋଲାଇଲି ।୧୪୮
ବନବନ୍ଧୁ ରାଘବ ହୋଇ
ଶ୍ରୀ ରଘୁନାଥ ମୁଁ ବୋଲାଇ ।୧୪୯
ଅଖିଳ ପ୍ରଭୁ ଘନଶ୍ୟାମ
ନୀଳାଦ୍ରି ଚନ୍ଦ୍ର ମୋର ନାମ ।୧୫୦
ବାଞ୍ଛାନିଧିଟି ମୁହିଁ ହେଲି
କରୁଣାନିଧି ବୋଲାଇଲି ।୧୫୧
ଠାକୁର ଶିରୋମଣି ହୋଇ
ଆରତ ତ୍ରାଣ ମୁଁ ବୋଲାଇ ।୧୫୨
ଶ୍ରୀରାମ ଚନ୍ଦ୍ର ମୋର ନାମ
ଅନନ୍ତ ଶଯ୍ୟନ ସେ ପୁଣ ।୧୫୩
ବୈକୁଣ୍ଠ ବିହାରୀଟି ମୁହିଁ
ଶ୍ରୀ ଜଗନ୍ନାଥ ମୁଁ ବୋଲାଇ ।୧୫୪
ଶ୍ରୀ ରାମନାମ ମୁଁ ବହିଲି
ନୀଳାଦ୍ରି ପ୍ରଭୁ ବୋଲାଇଲି ।୧୫୫
ରଘୁନାଥଟି ମୁହିଁ ଜାଣ
ନୀଳାଦ୍ରି ନାଥ ମୁହିଁ ପୁଣ ।୧୫୬
ବୈକୁଣ୍ଠ ପତି ମୁହିଁ ହେଲି
ବୈକୁଣ୍ଠ ନାଥ ବୋଲାଇଲି ।୧୫୭
ରଘୁପତି କେଶବ ମୁହିଁ
ଜଗତ ପତି ମୁଁ ବୋଲାଇ ।୧୫୮
ମଙ୍ଗଳାଦ୍ରି ଦାଶରଥି ହେଲି ;
ଗୋବର୍ଦ୍ଧନଟି ବୋଲାଇଲି ।୧୫୯
ମାଧବ ଜନାର୍ଦ୍ଦନ ମୁହିଁ
ଜଗନ୍ନାଥ ମୁଁ ଅଟଇ ।୧୬୦
ଆତଙ୍କ ନାଶନଟି ପୁଣ
ବନମାଳୀଙ୍କ ମୁହିଁ ଜାଣ ।୧୬୧
ପୁଣ୍ଡରୀକାକ୍ଷ ଗରୁଡ଼ଗାମୀ
ଚିନ୍ତାମଣିଟି ମୁଁ ବୋଲାଇ ।୧୬୨
ଅନାଦି ଅବତାର ହେଲି
ମହିମା ମେରୁ ବୋଲାଇଲି ।୧୬୩
ଜଗତ ଜୀବନଟି ମୁହିଁ
ଜଗତ ପ୍ରଭୁ ମୁଁ ବୋଲାଇ ।୧୬୪
ଭକ୍ତ ବତ୍ସଳ ମୋର ନାମ
ବାସୁଦେବଟି ମୁଁ ପ୍ରମାଣ ।୧୬୫
କୃଷ୍ଣ ଦୟାନିଧିଟି ମୁହିଁ
ମହାବାହୁଟି ମୁଁ ବୋଲାଇ ।୧୬୬
ଜଗତ ଜୀବନଟି ପୁଣ
ଶ୍ରୀକୃଷ୍ଣ ନାମ ଟି ପ୍ରମାଣ ।୧୬୭
ଶ୍ରୀହରି ଶ୍ରୀପତିଟି ମୁହିଁ
ଶ୍ରୀକୃଷ୍ଣଚନ୍ଦ୍ର ମୁଁ ବୋଲାଇ ।୧୬୮
ଶୂନ୍ୟ ପୁରୁଷ ମୁହିଁ ଜାଣ
ଆତଙ୍କ ନାଥ ମୁଁ ପ୍ରମାଣ ।୧୬୯
ଆତଙ୍କ ଭଞ୍ଜନଟି ମୁହିଁ
କ [illegible] ସାଗର ଅଟଇ ।୧୭୦
ଚକ୍ରଧରଟି ମୁହିଁ ଜାଣ
ଚକ୍ରଧାରୀଟି ମୁହିଁ ପୁଣ ।୧୭୧
କୃପା ଜଳଧି ମୁହିଁ ହେଲି
ଗୋପାଳ ମୁହିଁ ବୋଲାଇଲି ।୧୭୨
ଜାନୁ ବୃନ୍ଦ ବସନ୍ତ ମୁହିଁ
ଜଗଦୀଶ୍ୱର ଟି ମୁଁ ଅଟଇ ।୧୭୩

ପରମ ଗୁଣାକର ଜାଣ
ଦୟାସାଗର ମୁଁ ପ୍ରମାଣ ।୧୭୪
ଈଶ୍ୱର ଆନନ୍ଦ ହେଲି
ପରମ ବ୍ରହ୍ମ ବୋଲାଇଲି ।୧୭୫
ନିଧିଧାରୀଟି ମୁହିଁ ଜାଣ
ନିତ୍ୟାନନ୍ଦଟି ମୁହିଁ ପୁଣ ।୧୭୬
ମୁଁ ସଦାନନ୍ଦ ବୃନ୍ଦାବନ
ଦ୍ୱାରକାନାଥ ହେଲି ଜାଣ ।୧୭୭
ମଥୁରାନାଥ ହେଲି ମୁହିଁ
ଗଦାଧରଟି ମୁଁ ବୋଲାଇ ।୧୭୮
ଲକ୍ଷ୍ମୀବଲ୍ଲଭ ମୁହିଁ ହେଲି
ଶ୍ୟାମବନ୍ଧୁଟି ବୋଲାଇଲି ।୧୭୯
ମୁଁ ପୀତାମ୍ବର ଚନ୍ଦନ
ବିଶ୍ୱେଶ୍ୱରଟି ହେଲି ଜାଣ ।୧୮୦
ଘନଶ୍ୟାମ ଟି ମୁହିଁ ହେଲି
ଗୋବିନ୍ଦଚନ୍ଦ୍ର ବୋଲାଇଲି ।୧୮୧
ମଧୁସୂଦନ ମୁହିଁ ଜାଣ
ଗୋବର୍ଦ୍ଧନଟି ହେଲି ପୁଣ ।୧୮୨
କୁଞ୍ଜବିହାରୀ ନାମ ବହି
ସାରଙ୍ଗଧର ମୁଁ ଅଟଇ ।୧୮୩
ହଂସ ପୁରୁଷ ମୁହିଁ ହେଲି
ବେଣୁଧରଟି ବୋଲାଇଲି ।୧୮୪
ମୁରଲୀଧର ମୁହିଁ ଜାଣ
ନନ୍ଦ ସୁତଟି ହେଲି ପୁଣ ।୧୮୫
ଯଶୋଦା ସୁତ ମୁହିଁ ହେଲି
ନନ୍ଦ କହ୍ନାଟି ବୋଲାଇଲି ।୧୮୬
ହୃଷିକେଶଟି ମୋର ନାମ
ଅଜେ ନାରଙ୍ଗା ହେଲି ଜାଣ ।୧୮୭
ମୁଁ ମଧୁରିପୁ ବକଶାରି
ମଦନ ମୋହନ ମୁରାରି ।୧୮୮
କଳା ଶ୍ରୀମୁଖ ମୋର ନାମ
ଚକାଡୋଳା ଟି ହେଲି ପୁଣ ।୧୮୯
ସାକେତ ପତି ମୁହିଁ ହେଲି
ରାମ ନାମଟି ବୋଲାଇଲି ।୧୯୦
ଶରଣ ପଞ୍ଜରଟି ମୁହିଁ
ବ୍ରହ୍ମାଣ୍ଡନାଥ ମୁଁ ବୋଲାଇ ।୧୯୧
ଚକ୍ରନାଭିଟି ନାମ ମୋର
ମୁହିଁ ହୋଇଲି ବେଣୁଧର ।୧୯୨
ଦେବକୀସୁତ ମୋର ନାମ
ଦାମୋଦରଟି ମୁଁ ପ୍ରମାଣ ।୧୯୩
ମୁଁ ପାଷାଣରୁ ଅବଧୂତ
ଚକ୍ରପାଣି ଟି ହେଲି ସତ୍ୟ ।୧୯୪
ଲକ୍ଷ୍ମଣ ସୋଦର ମୁଁ ହେଲି
ଦୟାସାଗର ବୋଲାଇଲି ।୧୯୫
ଦେବ ନାରାୟଣଟି ମୁହିଁ
ବିଷ୍ଣୁ ରାଶିଟି ମୁଁ ଅଟଇ ।୧୯୬
ତିନି ଭୁବନ ପତି ହେଲି
ଶ୍ୟାମସୁନ୍ଦର ବୋଲାଇଲି ।୧୯୭
ଅର୍ଯ୍ୟମା ବ୍ରଜବନ ମୁହିଁ
ମଦନ ସୁନ୍ଦର ବୋଲାଇ ।୧୯୮
ମୁଁ ରାଧାପତି ବିଦ୍ୟାଧର
ରୁକ୍ମିଣୀ ପତି ନାମ ମୋର ।୧୯୯
ମୁଁ ସତ୍ୟଭାମା ପତି ହେଲି
ଜଳଧି ପତି ବୋଲାଇଲି ।୨୦୦
ଜଗତନାଥ ମୁହିଁ ଜାଣ
ଗୋପୀବଲ୍ଲଭ ମୁହିଁ ପୁଣ ।୨୦୧
ଉଦଧି ପତି ମୋର ନାମ
ଆକାଶ ପତି ହେଲି ଜାଣ ।୨୦୨

ଶ୍ରୀବତ୍ସ ସୁଖ ମୁହିଁ ହେଲି
ବାସୁଦେବ ଶେଷ ବୋଲାଇଲି ।୧୦୩
କାଳମୁକୁନ୍ଦ ମୁହିଁ ଜାଣ
ବୃନ୍ଦ ବର୍ଦ୍ଧନ ବ୍ରାହ୍ମଣ ।୧୦୪
କାଳକୃଷ୍ଣଟି ହେଲି ମୁହିଁ
କାଳୀ ମର୍ଦ୍ଦନ ମୁହିଁ ଅଟଇ ।୧୦୫
କୋଦଣ୍ଡଧାରୀ ମୁହିଁ ହେଲି
ରଘୁନନ୍ଦନ ବୋଲାଇଲି ।୧୦୬
କୌଶଲ୍ୟା ନନ୍ଦନଟି ମୁହିଁ
ହମ୍ନା ଶଙ୍ଖାସ୍ତ୍ର ବୋଲାଇ ।୧୦୭
ମୁଁ ମହାପ୍ରଭୁ ଜଗନ୍ନାଥ
ଅଜନ୍ମା ମଣି ମୁହିଁ ସତ୍ୟ ।୧୦୮
କରଜ ସୁନ୍ଦରଟି ମୁହିଁ
ପଦ୍ମଲୋଚନ ମୁହିଁ ଅଟଇ ।୧୦୯
ଜଗମୋହନ ମୋର ନାମ
ଚଳନ୍ତି ଧ୍ୱଜ ହେଲି ପୁଣ ।୧୧୦
ମଦନ ମୋହନଟି ମୁହିଁ
ବିଶ୍ୱକେଶବ ମୁହିଁ ଅଟଇ ।୧୧୧
ମୁଁ ମନୋହର ଦେବ କୃଷ୍ଣ
ଶୁଶ୍ରି ସୁମନେ ଦୃଶ ତୋଷ ।୧୧୨
ଶ୍ରୀକର ଉପେନ୍ଦ୍ର ମୁହିଁ
ବରଜ ନାମ ମୁହିଁ ବହିଲି ।୧୧୩
ଚତୁର୍ଭୁଜଟି ମୁହିଁ ଜାଣ
କୁଞ୍ଜ ଲୋଚନ ମୁହିଁ ପୁଣ ।୧୧୪
ନିବଦ୍ଧମଣି ହେଲି ମୁହିଁ
ଘନ ଶବଳ ନାମ ବହି ।୧୧୫
ନନ୍ଦ ନନ୍ଦନ ମୁହିଁ ହେଲି
ଦନ ବାରିଟି ବୋଲାଇଲି ।୧୧୬
ତୃଷ୍ଣା ନିଧନ ନାମ ବହି
ଭୀମା ଭ୍ରମଣ ମୁଁ ଅଟଇ ।୧୧୭
ଅନାଥ ବନ୍ଧୁ ନାମ ମୋର
ଶ୍ରୀବାସ ହରି ମୁଁ ଶ୍ରୀକର ।୧୧୮
କୃପାଳୁ ନାମ ମୁହିଁ ହେଲି
କଦମ୍ବ ଧାରୀ ବୋଲାଇଲି ।୧୧୯
କରୁଣା କାରଣଟି ମୁହିଁ
କେଶୀ ସୂଦନ ମୁଁ ଅଟଇ ।୧୨୦
ଲକ୍ଷ୍ମଣାନୁଜ ମୁହିଁ ହେଲି
ଲକ୍ଷ୍ମୀ ନାମଟି ମୁଁ ବହିଲି ।୧୨୧
ଅଳକଧର ମୁଁ ଅଟଇ
ଗୋବର୍ଦ୍ଧନ ଧାରୀଟି ମୁହିଁ ।୧୨୨
ଆନନ୍ଦ ଶ୍ରୀବର୍ଦ୍ଧି ପୁଣ
କାରୁଣ୍ୟ କମ୍ବୁ ପାଣି ଜାଣ ।୧୨୩
କଣ୍ଠୋଦ୍ଧ କ୍ଷମା ସିନ୍ଧୁ ମୁହିଁ
ଜଗତ ପୋଦର ଅଟଇ ।୧୨୪
ଶରଣ ସୋଦର ମୁଁ ହେଲି
ଗୌରାଙ୍ଗ ନାମ ମୁଁ ବହିଲି ।୧୨୫
ଅଲେଖ ଇଷ୍ଟ ଦାତା ମୁହିଁ
ନବଘନଟି ମୁଁ ଅଟଇ ।୧୨୬
ଭାଳ ପୁରୁଷ ମୁହିଁ ହେଲି
ଭକ୍ତ ରଞ୍ଜନ ବୋଲାଇଲି ।୧୨୭
କଦମ୍ବ ବିହାରୀଟି ମୁହିଁ
ଶିଖିଧରଟି ନାମ ବହି ।୧୨୮
ଜଗତ ବନ୍ଧୁଟି ଜାଣ
ନନ୍ଦଘୋଷ ବିହାରୀ ପୁଣ ।୧୨୯
ମହେନ୍ଦ୍ର ପତି ମୁଁ ଅଟଇ
ମହେନ୍ଦ୍ର ନାମ ମୁଁ ବହଇ ।୧୩୦
ପାତାଳ ପତି ମୁହିଁ ଜାଣ
କଳ୍କି ଭୂମିଟି ମୁହିଁ ପୁଣ ।୧୩୧

ପଦ୍ମଦଳରେ ମୁଁ ବୋଲାଇ
ଅଭୟ ଚରଣଟି ମୁହିଁ ।୧୩୨
ଅଭୟ ପଦ୍ମ ପାଦ ଜାଣ
ବଳୀୟାର ଭୁଜଙ୍ଗି ପୁଣ ।୧୩୩
ଭୃଗୁଶିଷ୍ୟଟି ମୁହିଁ ହେଲି
ମୁଁ ତୋତେ ଗୁପ୍ତ ଯେ କହିଲି ।୧୩୪
ମୁହିଁଟି ମୋତେ ନାମ ଦେଇ
ମୁଁ ମୋତେ ଆଦ୍ୟରେ ଘଟାଇ ।୧୩୫
ତୁ ଯାହା ପଚାରିଲୁ ମୋତେ
କହିଲି ନାମ ଜଣାଇ ତୋତେ ।୧୩୬
କହଇ ଅଚ୍ୟୁତ ଦାସ
ଏମନ୍ତେ ତୋ ନାମ ପ୍ରକାଶ ।୧୩୭
ସୁଜନ ଜନମାନେ ଶୁଣ
ନିଜ ନାମ ନ କହ ଜାଣ ।୧୩୮

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ଶୂନ୍ୟମଣ୍ଡଳ ଗୀତା
କଥନେ ନାମ ଷଷ୍ଠୋଽଧ୍ୟାୟଃ ।

---

# ସପ୍ତମ ଅଧ୍ୟାୟ

ମନ ଚୈତନ୍ୟ ମୁଖ ଶୁଣି
ବୋଲଇ ନମସ୍କରି ମୁହିଁ ।୧
ଏହି ଦେହରେ ଯେତେ କଥା
ଫେଡ଼ି କହନ୍ତେ ସେ ବ୍ୟବସ୍ଥା ।୨
ଚୈତନ୍ୟ କହେ ମନ ଶୁଣ
ତୋତେ କହିବି ସେ ଫେଡ଼ିଣ ।୩
ମନ ଚୈତନ୍ୟ ମୁହିଁ ହେଲି
ଜୀବ ପରମ ବୋଲାଇଲି ।୪
ନଖ ମୁଖ ନାଗିଣୀ ହୋଇ
ମୁଁ ହାଡ଼ ଚର୍ମ ଯେ ବୋଲାଇ ।୫
ରକ୍ତ ମାଂସ ମୁହିଁ ଜାଣ
ମୁଁ ଷୋଳ ଶିମ୍ବଳ ପ୍ରମାଣ ।୬
ପାଞ୍ଚ ପବନଟି ହେଲି ମୁହିଁ
ପଚିଶ ପ୍ରକୃତି ଅଟଇ ।୭
ତ୍ରିଗୁଣ ତ୍ରିକୂଟଟି ହେଲି
ଷଡ଼ ଗୁଣଟି ବୋଲାଇଲି ।୮
ପାଞ୍ଚଶ ବାଉଶି ସେ ନାଡ଼ି
ମୁଁ ମୋତେ ହୋଇଅଛି ଜଡ଼ି ।୯
ଚୌଷଠି ରୋଗ ମୁହିଁ ହେଲି
ମୁଁ ନାନା ବ୍ୟାଧି ବୋଲାଇଲି ।୧୦
ଏକାଦଶ ଇନ୍ଦ୍ରିୟ ମୁହିଁ
ମୁଁ ଦଶଦ୍ୱାରଟି ବୋଲାଇ ।୧୧
ଷଷ୍ଠାଶ ପାଞ୍ଜୁଆଟି ଜାଣ
ଷଡ଼ ଚକ୍ରଟି ମୁଁ ପ୍ରମାଣ ।୧୨
ମୂଳ କମଳ ମୁହିଁ ହେଲି
ଷଡ଼ ଦଳଟି ବୋଲାଇଲି ।୧୩
ମୁଁ ସତ୍ତ୍ୱ ରଜ ତମ ଜାଣ
କ୍ରୋଧ ଲୋଭଟି ମୁହିଁ ପୁଣ ।୧୪

କୁଟ କପଟ ମୁହିଁ ହେଲି
ମୁଁ ପଦ୍ମା ଶାସ୍ତ୍ର ବୋଲାଇଲି ।୧୫
ମୁଁ ପ୍ରେମ ଆସ୍ୱାଦନ ଜାଣି
ଭଲ ମନ୍ଦଟି ମୁହିଁ ପୁଣି ।୧୬
କୁ ବୁଦ୍ଧି ସୁ ବୁଦ୍ଧିଟି ମୁହିଁ
କୁମନ ଅହଂକାର ହୋଇ ।୧୭
ଆହାର ନିଦ୍ରା ମୁହିଁ ହେଲି
ମୈଥୁନ ବାସ୍ନା ବୋଲାଇଲି ।୧୮
ଗୁରୁଜନେ ବିଶ୍ୱାସ ମୁହିଁ
ନିର୍ମଳ ଉଦାସ ବୋଲାଇ ।୧୯
ଧ୍ୟାନ ଲକ୍ଷଟି ମୁହିଁ ଜାଣି
ଏବେ ମୁଁ କହୁଅଛି ପୁଣି ।୨୦
ମୁଁ ସ୍ତ୍ରୀ ପୁରୁଷଟି ହେଲି
ଯୋନି ଲିଙ୍ଗଟି ବୋଲାଇଲି ।୨୧
ସ୍ତ୍ରୀ ସ୍ୱ ରୂପଟି ମୁହିଁ ଜାଣି
ମୁଁ ମୋତେ ମୋହୁଅଛି ପୁଣି ।୨୨
ମାତା ପିତାଟି ହେଲି ମୁହିଁ
ଜାତି କହୁଛି ସବୁ ଦେହି ।୨୩
ଗେରସ୍ତ ଭାର୍ଯ୍ୟାଟି ମୁହିଁ
ପୁଅ ଝିଅଟି ମୁଁ ବୋଲାଇ ।୨୪
ପୁତୁରା ମଉଳାଟି ହେଲି
ମାଉଁ ଭଣଜା ବୋଲାଇଲି ।୨୫
ଅଜା ନାତିଟି ହେଲି ମୁହିଁ
କୁଆଁରି ପିଉସୀ ବୋଲାଇ ।୨୬
ଖୁଡୁଡ଼ା ଭାଇବୋହୂ ମୁହିଁ
ମୁଁ ଦେଢ଼ଶୁର ଶାଳୀ ହୋଇ ।୨୭
ଆଈ ମାଇଁଟି ବୋଲାଇଲି
ଶାଶୁ ଶ୍ୱଶୁର ମୁହିଁ ହେଲି ।୨୮

ଅଷ୍ଟ ପାତକ ଜାତ ମୁହିଁ
ଲୀଳା ନିମନ୍ତେ ଭିନ୍ନ ହୋଇ ।୨୯
ଅଧ କାଳଟି ମୁହିଁ ହେଲି
ଜନ୍ମା କଣାଟି ବୋଲାଇଲି ।୩୦
ଲୁଜା ପ୍ରେତାଟି ମୁହିଁ ଜାଣି
ଯୋଗୀ ଯୋଗୀଟି ମୁଁ ପ୍ରମାଣ ।୩୧
ରଜା ପରଜା ହେଲି ମୁହିଁ
ସେବକ ସାମନ୍ତ ବୋଲାଇ ।୩୨
ବ୍ରାହ୍ମଣ ଜାତି ମୁହିଁ ଜାଣି
ନାନା ଜାତିଟି ମୁହିଁ ପୁଣି ।୩୩
ତୁ ଏହା ଅନୁଭବ କର
ମୋ ମାୟା ହୋଇଅଛି ପାର ।୩୪
ତୁ ମୋତେ ଚିହ୍ନି ନ ପାରିଲେ
ଏ ଦେହ ଗୁଡ଼ିବାଟି ଛଳେ ।୩୫
ରୂପ ଗୋଟାକୁ ସୃଷ୍ଟି ଦେବା
ଅରୂପ ହୋଇଣ ରହିବା ।୩୬
ତୁ ମୋତେ ଚିହ୍ନି ସେ ପାରିଲେ
ଏ ଦେହ ରହିବଟି ଭଲେ ।୩୭
ମୋହର ଖେଳ ସେ ନିମନ୍ତେ
ମାୟା ଦେଖାଇ ଥାଉ ନିତ୍ୟେ ।୩୮
ମୁଁ ମୋତେ କଣାଇ ଭଜଇ
ମୁଁ ମୋତେ ଧାଇଁ ମାରଇ ।୩୯
ମୁଁ ମୋତେ ଖାଇ ସେ ପିଅଇ
ମୁଁ ମୋତେ ଶାସ୍ତ୍ର ସେ ଶୁଣାଇ ।୪୦
ହିଂସା ରାଗ ସେ ହେଲି ମୁହିଁ
ମୁଁ ମୋତେ କପଟ ଦୁଅଇ ।୪୧
ଭଲ ମନ୍ଦ ସେ ମୁହିଁ ଜାଣି
ହରି ଚାପଡ଼ କରେ ପୁଣି ।୪୨

ମୁହିଁ ଯେ ତମ ଆଦି ଗୁଣ କରି
ରଜ ସାର୍ଯ୍ୟ ରୂପ ଯେ ଧରି ।୪୩
କାଳ ଅକାଳ ମୁହିଁ ହେଲି
ଧର୍ମ ଅଧର୍ମ ବୋଲାଇଲି ।୪୪
ମୁଁ ମୋତେ ଖାଇ ଶାନ୍ତ ହୋଇ
ମୁଁ ମୋତେ ଭୟ ଯେ କରଇ ।୪୫
ମୁହିଁ ତ ମୋତେ ଦେଉ ଡାକିଣ
ମୁଁ ମୋତେ ବାନ୍ଧି ରଖେ ପୁଣି ।୪୬
ମୁଁ ମୋତେ ପାଳଣ ମାରଇ
ମୁଁ ମୋତେ ଆଶ୍ରେ ଯେ କରଇ ।୪୭
ମୁହିଁ ଯେ ହରି କାଟେ ଜାଣ
ଚିନ୍ତା ଅଚିନ୍ତା କରେ ପୁଣ ।୪୮
ଦୁଃଖ ଅଦୁଃଖ ହେଲି ମୁହିଁ
ସୁଖ ଅସୁଖ ମୁଁ ବୋଲାଇ ।୪୯
ଭୟ ନିର୍ଭୟ ମୁହିଁ ହେଲି
ଦୟା ନିର୍ଦ୍ଦୟା ବୋଲାଇଲି ।୫୦
ଜ୍ଞାନ ଅଜ୍ଞାନ ହେଲି ମୁହିଁ
ସାଧ୍ୟ ଅସାଧ୍ୟ ମୁଁ ଅଟଇ ।୫୧
ଦେଖୁ ଅଦେଖୁ ମୁହିଁ ଜାଣ
ଯୋଗୀ ଅଯୋଗୀ ହେଲି ପୁଣ ।୫୨
ବିକାର ଅବିକାର ମୁହିଁ
ପାପ ପୁଣ୍ୟଟି ମୁଁ ଅଟଇ ।୫୩
ଗୁଣ ବାରଗୁଣଟି ହେଲି
ଉପାୟ ଉପା ବୋଲାଇଲି ।୫୪
ନାମ ଅନାମ ମୁହିଁ ଜାଣ
କର୍ମ ଅକର୍ମ ଅଟେ ପୁଣ ।୫୫
ବାଦ ବିଦ୍ୟାଟି ମୁଁ ଅଟଇ
ବିଶ୍ୱ ଦୃଷ୍ଟାକଟି ମୁହିଁ ।୫୬

ସର୍ବ ସମଷ୍ଟି ମୁହିଁ ହେଲି
ଶୁଦ୍ଧ ଅଶୁଦ୍ଧ ହେଲାଇଲି ।୫୭
ତର୍କ ଅତର୍କ ମୁହିଁ ଜାଣ
ବୁଦ୍ଧ ଅବୁଦ୍ଧ ମୁହିଁ ପୁଣ ।୫୮
ବଳବନ୍ତଟି ମୁହିଁ ହେଲି
ନିର୍ବଳବନ୍ତ ବୋଲାଇଲି ।୫୯
ବ୍ରହ୍ମଚାରୀ ସାହସୀ ମୁଁ ଜାଣ
ଏତେକ କହିବ ବୁଝି ଶୁଣ ।୬୦
ଭୋଗୀ ବୈରାଗୀଟି ମୁହିଁ ଜାଣ
ଜନ୍ମ ମରଣ ମୁହିଁ ପୁଣ ।୬୧
ମୁହିଁଟି ଜୀଅଇ ମରଇ
କ୍ଷୟ ଅକ୍ଷୟ ମୁଁ ବୋଲାଇ ।୬୨
ଜୀବ ଅଜୀବ ମୁହିଁ ହେଲି
ରୂପ ଅରୂପ ବୋଲାଇଲି ।୬୩
ଜରା ଅଜରା ମୁହିଁ ଜାଣ
ମୁଁ ହର୍ତ୍ତା କର୍ତ୍ତା ଭୂପ ଶୁଣ ।୬୪
ଥଳ ଅଥଳ ମୁହିଁ ହେଲି
କାୟା ଅକାୟା ବୋଲାଇଲି ।୬୫
ଥାନ ଅଥାନ ହେଲି ମୁହିଁ
ଶୂନ୍ୟ ଅଶୂନ୍ୟ ମୁଁ ଅଟଇ ।୬୬
ପରାପରଟି ମୁହିଁ ଜାଣ
ଏହା ତୁ ଦେଖୁ କରି ସେବ ।୬୭
ଆବର ଖେଳିଲା ତ୍ରୟଲୋକେ
ମୁଁ ଏବେ କହି ଦେବି ତୋତେ ।୬୮
କହଇ ଅଭଣିତ ଦାସ
ପ୍ରଭୁଙ୍କ ମାୟାଟି ଅଶେଷ ।୬୯
ଆହେ ସୁଜନ ମାନେ କହି
ତା ମାୟା କେହି ନଜାଣଇ ।୭୦

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମଣ୍ଡଳ ଗୀତା କଥନେ ନାମ ସପ୍ତମୋଽଧ୍ୟାୟଃ ।

# ଅଷ୍ଟମ ଅଧ୍ୟାୟ

ଚୈତନ୍ୟ କହେ ମନ ବୁଝି
ତୁ ମୋର ଅଛୁ ଅଙ୍ଗ ହୋଇ ।୧
ଛପନ କୋଟି ଜୀବ ହେଲି
ତୋତେ ମୁଁ ଖେଳ ଦେଖଇଲି ।୨
ମୁଁ ଯେଣୁ ନାନା ରୂପ ଧରି
ତେଣୁ ମୁଁ ବହୁ ମାୟା କରି ।୩
ମାୟାକୁ ସତ୍ୟ ତୁ ମଣିଲୁ
ତୁ ମୋତେ ଚିହ୍ନି ନ ପାରିଲୁ ।୪
ମୁଁ ଏବେ କହିବେତ ଶୁଣ
ଯେଂତ ରୂପରେ ମୁଁ ଭିଆଣ ।୫
ନାନା ବୃକ୍ଷଟି ହେଲି ମୁହିଁ
ନାନା ପୁଷ୍ପଟି ମୁଁ ହୋଇଲି ।୬
ନାନା ଫଳଟି ମୁହିଁ ହେଲି
ନାନା ମୂଳଟି ହୋଇଛିଲି ।୭
ନାନା ବସ୍ତୁଟି ମୁହିଁ ଜାଣ
ନାନା ଥାନଟି ମୁହିଁ ପୁଣ ।୮
ନାନା ମନ୍ତ୍ର ଯନ୍ତ୍ରଟି ମୁହିଁ
ନାନା ଔଷଧ ମୁଁ ଅଟଇ ।୯
ନାନା ଭଜନ ମୁହିଁ ହେଲି
ନାନା ଜପାସୁ ହୋଇଥିଲି ।୧୦
ଜପ ଅମୃତ ହେଲି ମୁହିଁ
ନାନା ପଶୁଟି ମୁଁ ହୋଇଲି ।୧୧
ନାନା ମାଛଟି ମୁହିଁ ହେଲି
ଗେଣ୍ଡା ହୋଣଆ ହୋଇଲିଲି ।୧୨
ନାନା ପୋକ ଯୋନିଟି ମୁହିଁ
ନାନା ପକ୍ଷୀ ଜନ୍ତୁ ହୋଇଲି ।୧୩
ନାନା ମାଛି ଡାଆଁଶ ହେଲି
ବ୍ୟାଘ୍ର ଭାଲୁ ରୂପ ଧରିଲି ।୧୪
ହସ୍ତୀ ଘୋଡ଼ାଟି ହେଲି ମୁହିଁ
ଗୋରୁ ମହିଷ ମୁଁ ହୋଇଲି ।୧୫
ବରାହ ମୃଗ ଯେ ମୟୂର
ବିରାଡ଼ି ମୂଷା ଯେ କୁକୁର ।୧୬
ଇତ୍ୟାଦି ଜୀବ ଜନ୍ତୁ ଯେତେ
ମୁଁ ହୋଇଅଛି ଶୁଣ ଚିତ୍ତେ ।୧୭
ନାନା ରୂପଟି ହେଲି ମୁହିଁ
ଗନ୍ଧ ଦୁର୍ଗନ୍ଧ ଯେ ହୋଇଲି ।୧୮
ବସ୍ତ୍ର ଭୂମିଟି ମୁହିଁ ଜାଣ
ବାଦ ଅବାଦ ହେଲି ପୁଣ ।୧୯
ନାନା ପଦାର୍ଥ ହେଲି ମୁହିଁ
ନାନା ଭକ୍ଷଟି ମୁଁ ହୋଇଲି ।୨୦
ଆମ୍ବିଳ ପିତା ହୋଇଥିଲି
କଷା ମଧୁର ଯେ ହୋଇଲି ।୨୧
ଖାର ଲବଣଟି ମୁହିଁ ଜାଣ
ନାନା ରୂପରେ ମୁଁ ଭିଆଣ ।୨୨
ଘର ଦ୍ୱାରଟି ମୁହିଁ ହେଲି
ତହିଁରେ ବିହାର ମୁଁ କଲି ।୨୩
ନବ ରତ୍ନଟି ମୁହିଁ ଜାଣ
ଅଷ୍ଟ ଧାତୁଟି ମୁହିଁ ପୁଣ ।୨୪
ବେଶ ଭୂଷାଟି ହେଲି ମୁହିଁ
ମୁଁ ସୁଖେ ବିହାର କରଇ ।୨୫

ମୁହିଁ ମୋହର ଆଶ୍ରେ ଥାଇ
ମୁଁ ନାନା ରୂପରେ ଖେଳଇ ।୨୬
ମୁହିଁ ଯେତେ ରୂପ ଧରି
କେ ଭକ୍ତି ପାରେ ଅନ୍ତ କରି ।୨୭
ଷାଠ ଚଉଦ ଭଣ୍ଡ ଭୁବନ
ମୁଁ ହୋଇଅଛି ସର୍ବ ଜାଣ ।୨୮
ମେରୁ ଠାରୁ ଯେତେ ପର୍ବତ
ମୁଁ ହୋଇଅଛି ଜାଣ ସତ୍ୟ ।୨୯
କାଳକୁ ଗଣନ୍ତି ପର୍ଯ୍ୟନ୍ତେ
ମୁଁ ହୋଇଅଛି ଜାଣ ସତ୍ରେ ।୩୦
ବ୍ରହ୍ମାକୁ ବୃକ୍ଷ ଲେକ ଯାଏ
ମୁଁ ସର୍ବ ହୋଇଅଛି କହେ ।୩୧
ଇନ୍ଦ୍ରଙ୍କଠାରୁ ଯେତେ ଦେବ
ମୁଁ ହୋଇଅଛି ଜାଣ ସର୍ବ ।୩୨
ଅଶ୍ୱତ୍ଥଠାରୁ ଯେତେ ବୃକ୍ଷ
ମୁହିଁଟି ଜାଣିବୁ ପ୍ରତ୍ୟକ୍ଷ ।୩୩
ସିଂହକୁ ପଟିପୋକ ଯାଏ
ମୁଁ ସର୍ବ ହୋଇଅଛି କହେ ।୩୪
ନଳ ଶିଶୁଳ ମୁହିଁ ହେଲି
ଭଣ୍ଡା ଭୂତାଟି ବୋଲାଇଲି ।୩୫
ଛପନ କୋଟି ଜୀବ ମୁହିଁ
ମୋ ବିନୁ ଅନ୍ୟ ନାହିଁ କେହି ।୩୬
ସକଳ ଏକକୁ ମଣିବୁ
ଦ୍ୱୟ ଭୁ କାହିଁ ନ କରିବୁ ।୩୭
ସକଳ ଏକକୁ ମଣିଲେ
ସୁଖ ସୁଖାନ୍ତେ ଥିବୁ ଭଲେ ।୩୮
ଅଷ୍ଟବସୁ ଅମରେ ଭୁ ରଙ୍କ
ଆଉ କଥାଏ ଶୁଣ କହି ।୩୯
ସର୍ବ ଦେବଙ୍କି ମୁହିଁ ଜାଣ
କହୁ କହିବ ମୁଁ ଫେଡ଼ିଣ ।୪୦
ତେତିଶ କୋଟି ଦେବ ମୁହିଁ
ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ ବୋଲାଇ ।୪୧
ଯମ ନୈରୃତ ମୁଁ କୁବେର
ଅଇରାବତ ନାମ ମୋର ।୪୨
ବରୁଣ ବୃହସ୍ପତି ମୁହିଁ
ଦଶ ଦିଗପାଳ ବୋଲାଇ ।୪୩
ବହ୍ନି ଜଳ ମୁଁ ପବନ
ମୁଁ ନବଗ୍ରହ ହେଲି ଜାଣ ।୪୪
ଏକାର କରଣଟି ମୁହିଁ
ବାର ଚନ୍ଦ୍ରଟି ମୁଁ ବୋଲାଇ ।୪୫
ସତାଇଶ ନକ୍ଷତ୍ର ହେଲି
ଅପସରୀ ବୃନ୍ଦ ବୋଲାଇଲି ।୪୬
ଧ୍ରୁବ କଳଣଟି ମୁହିଁ
ଗୁରୁବନ୍ତ ସୁଟିଭ ବୋଲାଇ ।୪୭
ଦ୍ୱାଦଶ ଅଶ୍ୱଦେବା ଜାଣ
ରୁଦ୍ରଗଣଟି ମୁଁ ପ୍ରମାଣ ।୪୮
ରାକ୍ଷସ ଗଣ ମୁହିଁ ହେଲି
ପିତୃଗଣଟି ବୋଲାଇଲି ।୪୯
ମନୁଷ୍ୟଗଣ ମୁହିଁ ଜାଣ
ଗୋପୀ ବୃନ୍ଦଟି ମୁହିଁ ପୁଣ ।୫୦
ନାଗ ଗଣଟି ମୁହିଁ ହେଲି
ଚରଚରଟି ବୋଲାଇଲି ।୫୧
ମଙ୍ଗଳା ଦୁର୍ଗା ହେଲି ମୁହିଁ
କାଳୀ କପାଳୀ ମୁଁ ବୋଲାଇ ।୫୨
ଚଣ୍ଡୀ ଚାମୁଣ୍ଡା ମୁହିଁ ହେଲି
ଭୂତ ପ୍ରେତଟି ବୋଲାଇଲି ।୫୩
ଡାଏଣୀ ଡାକୁଣୀଟି ମୁହିଁ
ଦେବାଦେବଙ୍କି ମୁଁ ବୋଲାଇ ।୫୪

ବାଦ୍ୟ ମୃଦଙ୍ଗ ମୁହିଁ ଜାଣି
ଢୋଲ ଜମାଣ ହେଲି ପୁଣି ।୫୫
ବୀଣା ମହୁରି ମୁହିଁ ହେଲି
ଡମ୍ଫ କାହାଳୀ ବୋଲାଇଲି ।୫୬
ଦୁନ୍ଦୁଭି ବାଦ୍ୟ ମୁହିଁ ଜାଣି
ନାନା ଶବଦ ହେଲୁ ପୁଣି ।୫୭
ଅନେକୋଟି ବାଦ୍ୟଟି ମୁହିଁ
ନୃତ୍ୟ ଗୀତ ନାଦ ବୋଲାଇ ।୫୮
ଯାହାକୁ ଯେମନ୍ତେ ଶବଦ
ମୁଁ ହୁଇ ଅଛି ସବୁ ଠାବ ।୫୯

ସବୁ ଠାବନ୍ତି ମୁହିଁ ହେଲି
ଶବଦ ରୂପେ ବହଇଲି ।୬୦
ଝିଲା ଦାରୁ ରୂପନ୍ତି ହେଲି
ନାନା ଚିତ୍ରମା ବୋଲାଇଲି ।୬୧
ମୁଁ ମୋତେ ପୂଜା ନଯ କରଇ
ଶୁଣ ସୁମନ ମନ ଦେଇ ।୬୨
ଏହାକୁ ଯତନ ହେଉ କରି
ସବୁ ଦେଖିବୁ ମୋ ଶରୀର ।୬୩
କହଇ ଅରକ୍ଷିତ ଦାସ
ହେ ପ୍ରଭୁ ମାୟା କର ନାଶ ।୬୪

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା
କଥନେ ନାମ ଅଷ୍ଟମୋଽଧ୍ୟାୟଃ ।

—୦—

# ନବମ ଅଧ୍ୟାୟ

ମନ ଚୈତନ୍ୟ ଡାକେ ଷଡ଼ି
ହେ ସ୍ୱାମୀ କହ ସବୁ ଫେଡ଼ି ।୧
ପୃଥ୍ୱୀରେ ଯେତେ ରୂପ ଭୁଞ୍ଜି
କହିବ ସବୁ କଥା ଫେଇ ।୨
ମୁଁ ତୁମ୍ଭ ଚରଣେ ଶରଣ
ମୋତେ ଉଦ୍ଧର ଭଗବାନ ।୩
ଏ ଦେହ ଗୋଟିକୁ ଚିହ୍ନିବ
ତୁମ୍ଭ ମାୟାକୁ ସେ ଜାଣିବ ।୪
ଚୈତନ୍ୟ କହେ ମନ ଶୁଣ
ମୁଁ ଯେତେ ରୂପେ ଅଛି ଜାଣ ।୫
ସଯାଇ ଘୋଟା ମୁହିଁ ହେଲୁ
ତହିଁରେ ନଯାଇ ମୁଁ ଜଳ ।୬

ପୃଥ୍ୱୀ ମୁହିଁ ବୋଲୁ ଜାଣ
ମାଟି ରୂପରେ ମୁଁ ଭିଆଣ ।୭
ଗୋଡ଼ ବାଲିଟି ହେଲ ମୁହିଁ
ପଥର ରୂପନ୍ତି ଧରଇ ।୮
ଆଲି ଡ଼ି ଘଟି ମୁହିଁ ହେଲା
ମୁଁ ନଗ ନାଲ ବୋଲାଇଲି ।୯
କୂଅ ପୋଖରୀ ମୁହିଁ ହେଲି
ଲତା ବନସ୍ତ ବୋଲାଇଲି ।୧୦
ତଟଳ କିଷ୍ଟୁଳଟି ମୁହିଁ
ବୃକ୍ଷ ଡାଳଟି ମୁଁ ବୋଲାଇ ।୧୧
ତିନି ଭୁବନ ହେଲି ମୁହିଁ
ସପ୍ତ ସମୁଦ୍ର ମୁଁ ଅଟଇ ।୧୨

ନବ ଖଣ୍ଡ ପୃଥ୍ୱୀ ହେଲି
ସାତ ଦ୍ୱୀପଟି ହୋଇଗଲି ।୧୩
ନବ ଦ୍ୱୀପଟି ମୁହିଁ ଜାଣ
ସ୍ୱର୍ଗ ମଠଟି ମୁହିଁ ପ୍ରମାଣ ।୧୪
ସୁର ମେଘଟି ହେଲି ମୁହିଁ
ସ୍ୱର୍ଗ ବଟଟି ମୁଁ ଅଟଇ ।୧୫
ମୁଁ ଅନୁକୂଳ ନାଗ ହେଲି
ଅଷ୍ଟ ଗିରିଟି ହୋଇଗଲି ।୧୬
ବାସୁକୀ ଗର୍ଭ ହେଲି ମୁହିଁ
ପୃଥିବୀ ଶିରେ ଅଛି ବହି ।୧୭
ଘୋର ପର୍ବତ ମୁହିଁ ଜାଣ
ବୃକ୍ଷ ତୃଣ ମୁଁ ହେଲି ପୁଣ ।୧୮
ଜଳ ପାଷାଣ ମୁଁ ଅଟଇ
ଅନଳ ପବନଟି ମୁହିଁ ।୧୯
ନକ୍ଷତ୍ର ସୋମାବଳୀ ମୁହିଁ
ନବ ଗ୍ରହଟି ମୁଁ ଅଟଇ ।୨୦
ଋତୁ ବାରଟି ମୁହିଁ ହେଲି
ସପ୍ତ ସମୁଦ୍ର ହୋଇଗଲି ।୨୧
ଅନନ୍ତ କୋଟି ସାଧୁ ମୁହିଁ
ବାଅନ ବୀର ମୁଁ ଅଟଇ ।୨୨
ଚୌରାଶୀ ସିଦ୍ଧ ମୁହିଁ ହେଲି
ନବ ନାଥ ମୁଁ ହୋଇଗଲି ।୨୩
ଚୌରାଶୀ କୋଟି ଗଙ୍ଗା ମୁହିଁ
ଚୌରାଶୀ ସନ୍ଧି ମୁଁ ବୋଲଇ ।୨୪
ଋଷି ଧାମଟି ମୁହିଁ ହେଲି
ମେଦ ମେଦାଟି ହୋଇଗଲି ।୨୫
ବେଦ ପୁରାଣ ମୁହିଁ ଜାଣ
ମୁଁ ଗୀତା ଅର୍ଥ ହେଲି ପୁଣ ।୨୬
ଅଷ୍ଟାଦଶ ଗ୍ରନ୍ଥଟି ମୁହିଁ
ଭାଗବତଟି ମୁଁ ବୋଲଇ ।୨୭
ମୁଁ ଗୀତକାଣ୍ଡ ରାମାୟଣ
ଶ୍ଳୋକେ କହୁଛ ଏବେ ଶୁଣ ।୨୮
ମୁଁ ତନ୍ତ୍ରମନ୍ତ୍ର ମନବାଣ
ମୁଁ ବେଦ ବିଦ୍ୟା ଜପତପ ।୨୯
ପିଙ୍ଗଳଶାସ୍ତ୍ର ଭୁସୁକେଶରୀ
ମୁହିଁଟି ସବୁ ରୂପ ଧରି ।୩୦
ନବ ନାଟକ ମୁହିଁ ହେଲି
ମୁଁ କାବ୍ୟ ଭବ୍ୟ ବୋଲାଇଲି ।୩୧
ସୂତ୍ର ଶାସ୍ତ୍ରଟି ମୁହିଁ ପୁଣ
ଜପ ସମର୍ପ ମୁହିଁ ଜାଣ ।୩୨
ଭକ୍ତି ପ୍ରେମଟି ମୁହିଁ ହେଲି
ନବଧା ଭକ୍ତି ହୋଇଗଲି ।୩୩
ବାଳନାପଣଟି ମୁଁ ଅଟଇ
ଯୋଗ ବାଳକଟି ମୁହିଁ ହୋଇ ।୩୪
ମୁଁ ବ୍ରହ୍ମ ଦିବସଟି ଜାଣ
ଦୋରଡ କହୁଲି ମୁଁ ପେଷଣ ।୩୫
ଡୋଳା ସଞ୍ଚଟି ହେଲି ମୁହିଁ
ଶବ୍ଦ ବରଷା ମୁଁ ଅଟଇ ।୩୬
ଶୀତ ଗ୍ରୀଷମ ମୁହିଁ ଜାଣ
କୁମ୍ଭଡ଼ି ଜାକର ମୁଁ ପୁଣ ।୩୭
ଝଡ଼ ବରଷା ମୁଁ ବୋଲଇ
ସତ୍ତ୍ୱଗୁଣ ବେଦ ମୁଁ ହୋଇ ।୩୮
ଭୂ ଲୋକ ବ୍ରହ୍ମଲୋକ ପୁଣ
ସୁର ଲୋକଟି ମୁହିଁ ଜାଣ ।୩୯
ଜନ ଲୋକଟି ହେଲି ମୁହିଁ
ତପ ଲୋକଟି ମୁଁ ବୋଲାଇ ।୪୦
ଆକାଶ ଶୂନ୍ୟ ମୁହିଁ ହେଲି
ମହା ଶୂନ୍ୟଟି ହୋଇଗଲି ।୪୧

ଚୌଦନ ଅକ୍ଷରଟି ମୁହିଁ
ଚଉଦ ବ୍ରହ୍ମାଣ୍ଡ ବୋଲାଇ ।୪୨
ଅଣ ଅକ୍ଷର ମୁହିଁ ହେଲି
ଏକାକ୍ଷରଟି ବୋଲାଇଲି ।୪୩
ଅକ୍ଷର ଅଣାକ୍ଷର ମୁହିଁ
ନାମ ଅନାମ ମୁଁ ବୋଲାଇ ।୪୪
ସ୍ଥାବର ଜଙ୍ଗମଟି ପୁଣ
ମୁଁ ଗ୍ରନ୍ଥ ସନ୍ତଙ୍କ ପ୍ରମାଣ ।୪୫
ତେଳକ୍ଷୀ ଚୌଦ କୋଟି ମୁହିଁ
ଶୁଣ ସୁମନ ଶଣ୍ଡି ଦେଇ ।୪୬
କାନ୍ତୁଳ ଚୌଦ କୋଟି ହେଲି
ତୋତେ ମୁଁ ଗୁପତ କହିଲି ।୪୭
ଭଣ୍ଡା ଚଉଦ କୋଟି ପୁଣ
ମୁଁ ହୋଇଅଛି ସବୁ ଜାଣ ।୪୮
ବୃନ୍ଦା ଚଉଦ କୋଟି ମୁହିଁ
ମୁଁ ସୁଖେ ବିହାର କରଇ ।୪୯
ଛପନ କୋଟି ଜୀବ ହେଲି
ମୁଁ ନାନା ରୂପେ ଲୀଳା କଲି ।୫୦
ମୁହିଁଟି ସଂସାରେ ଦୃଶିଛି
ମୋ ବିନୁ ଅନ୍ୟ ନାହିଁ କିଛି ।୫୧
ସଂସାରେ ଯେତେକ ବସ୍ତୁ ମତ
ପିଣ୍ଡରେ ଅଛଇ ସମସ୍ତ ।୫୨
ପିଣ୍ଡ ବ୍ରହ୍ମାଣ୍ଡ ମୁହିଁ ହେଲି
ମୁଁ ତୋତେ ଗୁପତ କହିଲି ୫୩
ତୁ ଏବେ ଶୁଣ ମୋ ବଚନ
ସକଳ ଦେଖ ତୁ ସମାନ ।୫୪
ଛପନ କୋଟି ଜୀବ ମୁହିଁ
ତୁ ଏବେ ଭିନ୍ନ କାହିଁ ପାଇଁ ।୫୫
ମୁଁ ଏବେ କହୁଅଛି ତୋତେ
ଭଲ ଭପୁ ତୁ ଛାଡ଼ ଶଙ୍କା ।୫୬
ସଂସାର ଦେଖ ଏକାକାର
ତେବେ ହୋଇବୁ ଅଜାମର ।୫୭
ମନ ଚୈତନ୍ୟ ମୁଖ ଶୁଣି
ମୁଁ ଏବେ ଜାଣିଲି ଗୋସାଇଁ ।୫୮
ତୁମ୍ଭ ସୁଦୟା ଏବେ ଦେଖ
ମୋ ମାୟା ବେଗେ ଦୂର ଯାଉ ।୫୯
ଏ ସପ୍ତବିଂଶ ବ୍ରହ୍ମାଣ୍ଡରେ
ତୋ ଛଡ଼ୁଁ ଅନ୍ୟ ନାହିଁ ପରେ ।୬୦
କର୍ମୀ ତୁ ମୋତେ ମାୟା କଲୁ
ଗୁରୁଙ୍କ ଯେ ମୋତେ ନ କହିଲୁ ।୬୧
କହେ ଚୈତନ୍ୟ ମନ ଶୁଣ
ମୋହର ଖେଳ ଭବ ଏହି ।୬୨
ମୋହ ମାୟାରେ ମୁଁ ପଡ଼ିଲି
ତୋତେ ମୁଁ ଗୁପତ କହିଲି ।୬୩
ଅରୂପେ ବିନ୍ଦୁ ମୁଁ ବୋଲାଇ
ରୂପରେ ଜୀବ ମୁଁ ଅଟଇ ।୬୪
ଏବେ ମୁଁ ତୋତେ କହିଦେବି
ତୋ ମନୁ ସଂଶୟ ଫେଡ଼ିବି ।୬୫
ସବୁ ସମାନ ଦେଖ ଶତ୍ରୁ
ଅମର ରଖିବ ମୁଁ ତୋତେ ।୬୬
ହମ ହୋଇଣ ମୁହିଁ ଥାଇଁ
ଏ ବେନି ତୋତେ କହିଲଇଁ ।୬୭
ସମାନ ଦେଖିଲେଣ ଅବୁ
ନୋହିଲେ ଅବଶ୍ୟ ମରିବୁ ।୬୮
ଏହି ଦେହକୁ ଛାଡ଼ି ଯିବୁ
ସେବେ ତୁ ଶିଖି ନ ପାରିବୁ ।୬୯
ଏହି ଦେହକୁ ଛୁଇଁ ଯିବୁ
ମୋ ଦେହେ ଯାଇ ସମାଇବୁ ।୭୦

ତୋ ଦେହ ମୋ ଦେହ ଏକଇ
ଭିନ୍ନଟି ନାହିଁ କଦ ଚିତ ।୭୧
ମୁଁ ଭୋଳିତ ମାଙ୍କ ଆମ୍ଭ
ସଂସାର ଯାକ ବଢ଼ଇଲି ।୭୨
ଚୈତନ୍ୟ କହେ ମନ ଶୁଣି
ତୁ ଏବେ ଦେଖିବୁ ସମାନ ।୭୩
କହଇ ଅରକ୍ଷିତ ଦାସ
ମହିମଣ୍ଡଳ ଗୀତା ରସ ।୭୪
ଏ ଗୀତା ସାଧୁ ଯେ ଜାଣିବ
ସଂସାରେ ଅମର ହୋଇବ ।୭୫
ଏ ଭଳି ଅନ୍ୟ ଗତି ନାହିଁ
ଶୁଣ ସୁମନେ ଚିତ୍ତ ଦେଇ ୭୬
ଶାସ୍ତ୍ରରେ ଏହା ସାଧ୍ୟ କର
ଯେବେ ହୋଇବୁ ଅଜ୍ରାମର ୭୭
ସୁଜନେ ନ ଦେଖିବା ଦୋଷ
ମୁଁ ତୁମ୍ଭ ଦାସଙ୍କର ଦାସ ।୭୮
ସେବଇ ସୁଜନ ପଦରେ
ଏ ଦୋଷ କ୍ଷମା କର ବାରେ ।୭୯

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହିମଣ୍ଡଳ ଗୀତା କଥନେ ନାମ ନବମୋଽଧ୍ୟାୟଃ ।

—o—

# ଦଶମ ଅଧ୍ୟାୟ

ମନ ଚେତନ୍ୟ ମୁକ୍ତ ସ୍ତୁତି
କଣ୍ଠ ଟେକେ ଗୀତ ଗାଇ ।୧
ନମୋ ନମସ୍ତେ ଯୋଗେଶ୍ୱର
ମୋର ଅପରାଧ କ୍ଷମା କର ।୨
ନମୋ ନମସ୍ତେ ଦେବସ୍ୱାମୀ
ନମୋ ନମସ୍ତେ ଅନ୍ତର୍ଯ୍ୟାମୀ ।୩
ନମୋ ନମସ୍ତେ ଭକ୍ତବନ୍ଧୁ
ନମୋ ନମସ୍ତେ କୃପାସିନ୍ଧୁ ।୪
ନମୋ ନମସ୍ତେ ଦୀନବନ୍ଧୁ
ନମୋ ନମସ୍ତେ କ୍ଷମାସିନ୍ଧୁ ।୫
ନମୋ ନମସ୍ତେ ହେ ଜୀବନ
ନମୋ ନମସ୍ତେ ହେ ଅଭ୍ରମ ।୬
ନମୋ ନମସ୍ତେ ନାଥପୂର୍ଣ୍ଣ
ନମୋ ନମସ୍ତେ ଭଗବାନ ।୭
ନମୋ ନମସ୍ତେ ପରଂବ୍ରହ୍ମ
ମହାଶୂନ୍ୟରେ ତୋ ଆଶ୍ରମ ।୮
ନମୋ ନମସ୍ତେ ଚକ୍ରପାଣି
ନମୋ ନମସ୍ତେ ଦେବବର ।୯
ନମୋ ନମସ୍ତେ ହେ ଉଦ୍ଧବ
ନମୋ ନମସ୍ତେ ହେ ମାଧବ ।୧୦
ନମୋ ନମସ୍ତେ ଦାଶରଥି
ନମୋ ନମସ୍ତେ ଜଗପତି ।୧୧
ନମୋ ନମସ୍ତେ ହର୍ତ୍ତାକର୍ତ୍ତା
ନମୋ ନମସ୍ତେ ମୋକ୍ଷଦାତା ।୧୨
ନମୋ ନମସ୍ତେ ହେ ମୁକୁନ୍ଦ
ନମୋ ନମସ୍ତେ ରାମଚନ୍ଦ୍ର ।୧୩
ନମୋ ନମସ୍ତେ ହେ ଗୋବିନ୍ଦ
ନମୋ ନମସ୍ତେ କୃଷ୍ଣଚନ୍ଦ୍ର ।୧୪

ନମୋ ନମସ୍ତେ ବିଷ୍ଣୁ ହରି
ନମୋ ନମସ୍ତେ ଦେବଦେବ ।୧୫
ନମୋ ନମସ୍ତେ ଗୋବର୍ଦ୍ଧନ
ନମୋ ନମସ୍ତେ ଘନଶ୍ୟାମ ।୧୬
ନମୋ ନମସ୍ତେ ଦାମୋଦର
ନମୋ ନମସ୍ତେ ପୀତାମ୍ବର ।୧୭
ନମୋ ନମସ୍ତେ ଚିନ୍ତାମଣି
ନମୋ ନମସ୍ତେ ଚକ୍ରପାଣି ।୧୮
ନମୋ ନମସ୍ତେ ନିରଞ୍ଜନ
ନମୋ ନମସ୍ତେ କଳ୍ପଦ୍ରୁମ ।୧୯
ନମୋ ନମସ୍ତେ ପକ୍ଷୀଶ୍ୱର
ନମୋ ନମସ୍ତେ କଳ୍ପତରୁ ।୨୦
ନମୋ ନମସ୍ତେ ବାଞ୍ଛାନିଧି
ମୋ ବାଞ୍ଛା କର ହେ ପ୍ରସିଦ୍ଧି ।୨୧
ନମୋ ନମସ୍ତେ ମହାପ୍ରଭୁ
ଏ ଦେହ କମାଇଁ ରଖିବୁ ।୨୨
ଏ ଦେହ ଯେବେ ତୁ ରଖିବୁ
ଭକତି ଯୋଗ ମୋତେ ଦେବୁ ।୨୩
ଅନେକ ମୋହର କାର୍ଯ୍ୟ ନାହିଁ
ମୁଁ ସତ୍ୟ କହିଲି ଗୋସାଇଁ ।୨୪
ଭକତି ଯୋଗ ମୁଁ ସାଧିବି
ଷାଠି ଦଣ୍ଡତେ ବିହରିବ ।୨୫
ଷାଠି ଦଣ୍ଡରେ ମୁହିଁ ଥିବ
ଭକତି ଯୋଗ ମୁଁ ସାଧିବ ।୨୬
ଏମନ୍ତ ମନେ ମୁଁ ଭାଳିଲି
ପାଞ୍ଚ ସେ ସଙ୍ଗୁ ମୁଁ ଅଟିଲି ।୨୭
ମୋ ପାଞ୍ଚ ନ ରଖିଲ ତୁମ୍ଭ
ମୋହର କିଛି ଦୋଷ ନାହିଁ ।୨୮
ତୋହର ଦୟା ଯେବେ ହୋନ୍ତା
ଏ କାୟା ଗ୍ରାମରେ ବୁଲନ୍ତା ।୨୯
ତୋହର ଶର୍ଦ୍ଧା ମୋତେ ହୋଇ
ମୁଁ ଏବେ ସାଧି ନ ପାରଇ ।୩୦
ତୋହର ସୁଦୟା ହେବ ଯେବେ
କିଞ୍ଚିତ ସାଧିବି ମୁଁ ତେବେ ।୩୧
ମୋହର ଦୋଷ ତୁ ନ ଘେନ
ମୁଁ ତୁମ୍ଭ ଚରଣେ ଶରଣ ।୩୨
ତୋହର ମାୟାରେ ମୁଁ ଭ୍ରମଇ
ଭକତି ସାଧି ନ ପାରଇ ।୩୩
ଏବେ ମୁଁ କହୁଅଛି ଶୁଣ
ମୋତେ ଉଦ୍ଧର ଭଗବାନ ।୩୪
ଖଣ୍ଡଗିରିରେ ମୁଁ ରହିଲି
ଭକତି ସାଧି ନ ପାରିଲି ।୩୫
ଖଣ୍ଡଗିରିରୁ ମୋତେ ନିଅ
ଭକତି ଯୋଗ ସେ ସଧାଅ ।୩୬
ଷାଠି ଦଣ୍ଡରେ ବୁଲଅ
ମୋ ମନ ଶାନ୍ତ ଯେ କରଅ ।୩୭
ଆହାର ନିଦ୍ରା ମଇଥୁନ
ଏମାନ ଦୂରେ ଯାଉ ପୁଣ ।୩୮
କ୍ଷୁଧା ତୃଷାହିଁ ଦୂରେ ଯାଉ
ଶୁଣ ହେ ପ୍ରଭୁ ମହାବାହୁ ।୩୯
ଷଡ଼ ବରଷା ଶୀତ ମୁହିଁ
ସେମନ୍ତ ସହିବି ଗୋସାଇଁ ।୪୦
ଲଜ୍ଜା ଘୃଣା ନିର୍ଭୟ ହେବ
ତେବେ ମୁଁ ତୁମ୍ଭକୁ ଚିହ୍ନିବ ।୪୧
ତୁମ୍ଭ ସୁଦୟା ମୋତେ ହେଉ
ଏମାନ କେବଳ ଦୂରେ ଯାଉ ।୪୨
ତୁମ୍ଭ ସୁଦୟା ମୋତେ ହେଲେ
ଏମାନେ ଦୂରେ ଯିବେ ଭଲେ ।୪୩

ଚୈତନ୍ୟ କହନ୍ତି ମନ ଶୁଣ
ପ୍ରମାଣ ଦେଖ ତୁ ବନ୍ଧନ ।୫୪
ପ୍ରମାଣ ଦେଖିଲେଣ ତୁମ୍ଭ
ଏମନ୍ତେ ନ ରହିବେ କେମ୍ଭ ।୫୫
ମୋହର ମାୟା ଯିନା ଏହି
ତୁ ଏବେ ଡରୁ କାହିଁ ପାଇଁ ।୫୬
ତୁ ଏବେ ଶୁଣ ମୋ ବଚନ
ସକଳ ଦେଖ ତୁ ପ୍ରମାଣ ।୫୭
ସକଳ ପ୍ରମାଣ ଦେଖିବୁ
ଭୟ ତୁ କାହିଁ ନ ରଖିବୁ ।୫୮
ଷଡ଼ ବରଷା ଶୀତ ମୁହିଁ
ତୁ ଏବେ ଡରୁ କାହିଁପାଇଁ ।୫୯
ତେଣ୍ଟି ଓଠି ଚେତ ମୁହିଁ ଜାଣ
ତୁ ଏବେ ନ ଡରିବୁ ପୁଣ ।୬୦
ମୋତେ ଯେ ଚିହ୍ନି ନ ପାରଇ
ମୋ ମାୟା ତାକୁ ଯେ ମାରଇ ।୬୧
ଭକତି ଯୋଗ ଯେ ସାଧଇ
ମୋ ମାୟା ତାକୁ ନ ଲାଗଇ ।୬୨
ଭକତି ଯୋଗ ସାଧ ନର
ମୋ ମାୟା ହୋଇଥିବୁ ପାର ।୬୩

ଭକତି ଯୋଗ ଯେ ସାଧିଲେ
ଯୁଗଯୁଗାନ୍ତେ ଥିବୁ ଭଲେ ।୬୪
ଅତଏବ ଅମର ତୁ ହେବୁ
ଯେବେ ତୁ ଏ ଯୋଗ ସାଧିବୁ ।୬୫
ନାନା ଯୋନିଙ୍କି ମୁଁ ହୋଇଛି
ନାନା ଭଜନ ମୋର ଅଛି ।୬୬
ନାନା ମନ୍ତ୍ର ଯନ୍ତ୍ରଟି ମୁହିଁ
ନାନା ତୀର୍ଥଟି ମୁଁ ବୋଲଇ ।୬୭
ନାନା ଔଷଧ ମୁହିଁ ହେଲି
ତୋତେ ମୁଁ ବୁଝାଇ କହିଲି ।୬୮
ଏ ସବୁ ସତ୍ୟ ତୁ ନ ମଣ
ମୋ ମାୟା ବୋଲି ସବୁ ଜାଣ ।୬୯
ଏ ସବୁ ତୋର ମାୟା ମୋର
ଭକତି ଯୋଗ ତତ୍ତ୍ୱ ସାର ।୭୦
ମୋ ନାମ ହୃଦେ ଦୃଢ଼ କର
ସବୁ ଦେଖିବୁ ଏକାକାର ।୭୧
କହିଲେ ଅଚ୍ୟୁତ ଦାସ
ମହାମଣ୍ଡଳ ଗୀତା ରସ ।୭୨
ଅହେ ସୁଜନମାନେ କହି
ଶୁଣିଗଲେ ସେ ଭ୍ରମଇ ।୭୩

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା
କଥନେ ନାମ ଦଶମ.ଧ୍ୟାୟଃ

# ଏକାଦଶ ଅଧ୍ୟାୟ

ଅହେ ଚୈତନ୍ୟ ଶୁଣ କୃଷ୍ଣ
ଖଣ୍ଡଗିରିରେ ଥାଇ ମୁହିଁ ।୧
କେତେ କେତେ ଅନ୍ୟାୟ କଲି
ତୁମ୍ଭର ସେବା ମୁଁ ଛାଡ଼ିଲି ।୨
ଏକାନ୍ତ ହୋଇବ ବୋଲିଣ
ଭକ୍ତିରୁ କଲି ମଇଳ ମନ ।୩
ସେ ମନ ତୁମ୍ଭ ଧରି ନେଲ
ମାୟା ମୋହରେ ନାଶ କଲ ।୪
ତୋର ମାୟାରେ ମୁଁ ଭୁଲିଲି
ଗୃହୀ ଗୁଡ଼ାଏ ଠୁଳାଇଲି ।୫
ଦୁଷ୍ଟ ଗୁଡ଼ାଏ ମୁହିଁ ପାଳି
ଅପରାଧ ଅର୍ଜିଲି ମୁଁ ପୁଣି ।୬
ପାଷାଣ ଗୁଡ଼ାଏ କଟାଇ
ଲୋକଙ୍କୁ ବଡ଼ କଷ୍ଟ ଦେଇ ।୭
ନିର୍ଦ୍ଦୋଷ ଜୀବଙ୍କୁ ମାରିଲି
ତୋର ମାୟାରେ ମୁଁ ଭୁଲିଲି ।୮
ତୋର ମାୟାରେ ମୁଁ ଭ୍ରମଇ
ସଙ୍ଗ ତୋ କେବେ ନ ଛାଡ଼ଇ ।୯
ଏବେ କଷ୍ଟରେ ଦୟା କର
ଆୟୁଷ ନାହିଁ ସେ ମୋହର ।୧୦
ତୁମ୍ଭର ଦୟା ହେଲେ ମୁହିଁ
ଖଣ୍ଡଗିରିକି ଛାଡ଼ି ଯିବଇଁ ।୧୧
ନୋହିଲେ ଛାଡ଼ି ନ ପାରିବ
ଅପରାଧୀ ହୋଇଣ ମରିବ ।୧୨
ମିଛ ସତରେ ବାନ୍ଧି ହେଲି
ପେଟର ଜ୍ୱାଳା ନ ସହିଲି ।୧୩
ଖରା ବରଷା ଶୀତ ମୁହିଁ
ସହା ତ ସହି ନ ପାରଇ ।୧୪
କ୍ଷୁଧା ତୃଷା ଯେ ନିଦ୍ରା ଭୟ
ଚୌଷଠି ରୋଗ ଅଛି ଦେହ ।୧୫
ଏ ସବୁ ମୋତେ ଯେ ଘାଣ୍ଟିଲେ
ତୋର ଭଜନ ଛଡ଼ାଇଲେ ।୧୬
ଏହାଙ୍କ ସଙ୍ଗେ ବଶ ହେଲି
ତୋତେ ମୁଁ ସେବ ନ ଜାଣିଲି ।୧୭
ଛୁଇଁଛ ମୋତେ ମାୟା କଲ
ପାପ ପୁଣ୍ୟରେ ଭୁ ମାରିଲ ।୧୮
ମୋହର କିଛି ଦୋଷ ନାହିଁ
ମୋତେ ନିର୍ଦ୍ଦୟ କଲ ତୁହି ।୧୯
ତୋହର ମାୟା ଯେତେ ଦୃଢ଼ା
ଏ କର୍ମା ଭ୍ରମରେ ରହିଲା ।୨୦
ଛୁଇଁଛ ମୋତେ ପାପ ଅଛି
ସର୍ବ ପ୍ରକୃତି ସେ ହୋଇଛି ।୨୧
ତୋ ବିନୁ ଏ ଦେହରେ କେହି
ନାହାନ୍ତି ବାରେ ମୁଁ ଜାଣଇ ।୨୨
ଜଳ ପବନ ଅଗ୍ନି ହେଲ
ରକ୍ତ ମାଂସ ହାଡ଼ କଲ ।୨୩
ଏ ତିନି ଗୁଣ ସବୁ ଜାତ
ଏ ତିନି ସର୍ବ କରେ ହତ ।୨୪
ଏ ତିନି ଗାଆନ୍ତି ମନ୍ତ୍ର
ତିନି ଭୁବନ ହୋଇଛନ୍ତି ।୨୫

ଏହି ବଚନରୁ ଦେବ ମାଧବ
ଏହା ଜାଣିଲା କେହି ନାହିଁ ।୨୬
ଲୁହିତ ଦଶା ପାଇଲେ ନରୁ
ଜନ୍ମ ମୃତ୍ୟୁ ତାଙ୍କୁ ଜାଣୁ ।୨୭
ନୋହିଲେ ଗତି ଅନ୍ତ ନାହିଁ
ପାପ ପୁଣ୍ୟରେ ସେ ନଡ଼ଇ ।୨୮
ପାପ ପୁଣ୍ୟକୁ ଏକ କଲେ
ସେ ପିଣ୍ଡ ନାଶ ନୋହେ ଭଲେ ।୨୯
ପାପ ପୁଣ୍ୟରେ ଅଛି ଯାଇ
ସେ ପିଣ୍ଡ କେବେ ନୋହେ ସ୍ଥିତ ।୩୦
ପାପରେ ଏହୁ ଜାତ ହେଲା
ପୁଣ୍ୟହିଁ ଜଗତେ ଘୋଟିଲା ।୩୧
ପାପକୁ କେତେ ଅଂଶ କର
ପୁଣ୍ୟକୁ ସେନ ସଙ୍ଗତର ।୩୨
ଏ ଦୁଇ ଏକ ହୋଇ ମୁହିଁ
ଜାଣିଛି ତୋର ମାୟା ହୋଇ ।୩୩
ଏ ଦୁଇ ଏକ ମୁଁ ନ କଲି
ତୋତେ ମୁଁ ଛୁଟ ନାଶ ହେଲି ।୩୪
ତୋହର ଦୟା ଯେବେ ହେବ
ଏ ଦୁଇ ଏକ ସେ କରିବ ।୩୫
ନୋହିଲେ କେବେ ଯୋଗ ନାହିଁ
ଲିଙ୍ଗ ଭିନ୍ନ କରି ମରଇ ।୩୬
ଲିଙ୍ଗ ଭିନ୍ନହିଁ କରେ ଯେହୁ
ତୋତେ ପାଇବ କାହିଁ ସେହୁ ।୩୭
ଏବେ ହୃଦୟ ଶୁଦ୍ଧ କର
କିଛି ନ ମାଗଇ ପାମର ।୩୮
ରଖିଲେ ରଖ ଜଣାଇ
ଶୁଦ୍ଧ ବ୍ୟାପକ ଦେବ ଅଛଇ ।୩୯
ଦୁଇଟି ବିହ୍ୱଳ ପାଇଲା
ଏହାକୁ ଏଥି ନ ଚିହ୍ନିଲ ।୪୦
ଏହାକୁ ଏଣିକି ଚିହ୍ନିଲେ
ଏ ଦେହ ରହସ୍ୟ ଯେ ଭଲେ ।୪୧
ଏହାକୁ ଏହି ନ ଚିହ୍ନଇ
ଖୋଜିଲେ ପାଇବ ସେ କାହିଁ ।୪୨
ନାସ୍ତି ତାଷାଣି ରୂପାକ୍ଷରେ
ଖୋଜିଲେ ବର୍ଣ୍ଣିକି ଦର୍ଶିରେ ।୪୩
ମନ୍ତ୍ର ଯନ୍ତ୍ର ଧ୍ୟାନରେ ନାହିଁ
ଘାଇଁ ବ୍ରତରେ ନସ୍ତୁ କାହିଁ ୪୪
ଜଳ ସ୍ଥଳରେ ନାହିଁ ଜାଣି
କ୍ଷୀର ଦେବକ ଖାଇଁ ପୁଣି ।୪୫
ଗୃହୀ ଲୋକରେ ଯତି ଉହୁ
ତୋତେ ପାଇବ ସେହୁ କାହିଁ ।୪୬
ଅଲକ୍ଷ୍ୟ ହୋଇ ଭ୍ରମୁ ଥାଇ
ବଚନ ବ ବାକ୍ୟୁ ନକହ ।୪୭
ନଦ୍ଦାହିଁ ଅଜନ ଅଛଇ
ତୋତେ ପାଇବ ସେହୁ କାହିଁ ।୪୮
ଏ ତୋ ରଚିତ ମାୟା ଜାଲୁ
ନାନା କର୍ମରେ ଭ୍ରମାଇଲୁ ।୪୯
ତେଣୁ ଅଜ୍ଞାନ ହୋଇଲେ
ନାନାଦି ଦେବତା ପୂଜିଲେ ।୫୦
ତେଣୁ ହୋଇଲେ ଅଳ୍ପାୟୁଷ
ତୋତେ ନ ସେବି ଗଲେ ନାଶ ।୫୧
ତୋତେ ଯେ ଏ ଦେହେଁ ଚିହ୍ନଇ
ତାହାର ଜନ୍ମ ମୃତ୍ୟୁ ନାହିଁ ।୫୨
ମୁଁ ଏବେ କଥାଏ ମାଗୁଛି
ଦିଅବା ନ ଦିଅ କହୁଛି ।୫୩
ଦୟାହିଁ ଯେବେ ମୋତେ ଥିବ
ଭକତି ଯୋଗ ମୋତେ ଦେବ ।୫୪

ଏ ବସ୍ତୁ ଅନ୍ୟ ନ ମାଗଇ
ନ ଦେଲେ ଦେବତା ନାଶ ଯାଇ ।୫୫
ସଂସାରେ ଏହୁ କର୍ମା ଥିବ
ନାନା କଷ୍ଟ ଯେ ସେ ପାଇବ ।୫୬
ଏ ଯେ ପ୍ରକୃତି ଗଣମାନେ
କଷ୍ଟ ଦିଅନ୍ତି ଅନୁକ୍ଷଣେ ।୫୭
ଏହାଙ୍କ ହାତୁ କେ ଖଣ୍ଡିବ
ଦେହ ଛାଡ଼ିଲେ ହେବ ଶିବ ।୫୮
ଜନ୍ମର ଅରକ୍ଷିତ ଦାହ
ତେବେ ବ୍ରହ୍ମ ଖଣ୍ଡି ମାୟା ଫାଶ ।୫୯
ସୁଜନ ଜନମାନେ ଶୁଣି
ଦମ୍ଭ କପଟ ନ ଦେଖିବ ପୁଣି ।୬୦
ଏ ବ୍ରହ୍ମ ମଣ୍ଡଳେ ଭ୍ରମିଲ
ବ୍ରହ୍ମଙ୍କୁ ସେବି ନ ପାରିଲ ।୬୧

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ବ୍ରହ୍ମମଣ୍ଡଳ ଗୀତା
କଥନେ ନାମ ଏକାଦଶୋଽଧ୍ୟାୟଃ

---

# ଦ୍ୱାଦଶ ଅଧ୍ୟାୟ

ହେ ଦେବ ଦେବ ନିରଞ୍ଜନ
ତୁମ୍ଭ ବ୍ୟଥିତ ଏହୁ ମନ ।୧
ଆଉ କାହାକୁ ନ ଦେଖଇ
ହେ ଦେବ ଦେବ ସର୍ବସାକ୍ଷୀ ।୨
ହେ ଦେବ ଦେବ ଜଗତ୍‌ଜନନୀ
ହେ ଦେବ ଦେବ ଜଗତ ପିତା ।୩
ହେ ଦେବ ଦେବ ବ୍ରହ୍ମା ଶିବ
ହେ ଦେବ ଦେବ ସର୍ବଦେବ ।୪
ହେ ଦେବ ଦେବ ବସ୍ତୁ ବୁଦ୍ଧି
ତୋହର ରୂପ ବର୍ଣ୍ଣି ନାହିଁ ।୫
ହେ ଦେବ ଦେବ ଶୂନ୍ୟନାଥ
ତୋର ଶକ୍ତିରୁ ଏ ଜଗତ ।୬
ହେ ଦେବ ଦେବ ଶୂନ୍ୟଦେହୀ
ସକଳ ଘଟେ ପୂରି ରହି ।୭
ହେ ଦେବ ଦେବ ମହାପତି
ତିନି ଭୁବନେ ତୋର ସ୍ଥିତି ।୮
ହେ ଦେବ ଦେବ ମହେଶ୍ୱର
ସୃଜି ରଖିଛ ଚରାଚର ।୯
ହେ ଦେବ ଦେବ ତୋ ମହିମା
କେହି ନ ଜାଣେ ତୋର ସୀମା ।୧୦
ହେ ଦେବ ଦେବ ଅନ୍ତର୍ଯ୍ୟାମୀ
ସକଳ ମନ ତୁମ୍ଭେ ଜାଣି ।୧୧
ହେ ଦେବ ଦେବ ଭଗବାନ
ନିଜ ହୃଦରେ ତୁ ଭିଆଣ ।୧୨

ଜୟ ଦେବ ଦେବ ଦାଶରଥି
ପବନ ରୂପେ ତୋର ସ୍ଥିତି ।୧୩
ହେ ଦେବ ଦେବ ନାରାୟଣ
ଅଗ୍ନି ରୂପରେ ତୁ ଭକ୍ଷଣ ।୧୪
ହେ ଦେବ ଦେବ ତନ୍ତ୍ର ଭୂଷି
କାଳ ରୂପରେ ନାଶୁ ମହୀ ।୧୫
ହେ ଦେବ ଦେବ ନିରଞ୍ଜନ
ସୂର୍ଯ୍ୟ ରୂପରେ ତୁ ପାଳନ ।୧୬
ହେ ଦେବ ଦେବ ମୃତ୍ୟୁ କାଳ
ଜାତି କରି ନାଶୁ ସକଳ ।୧୭
ହେ ଦେବ ଦେବ କଳ୍ପଦ୍ରୁମ
ପାପ ପୁଣ୍ୟରେ ତୋ ଆଶ୍ରମ ।୧୮
ହେ ଦେବ ଦେବ ଦୁର୍ଗତିହଣ
ସ୍ୱର୍ଗ ନରକେ ତୋ ନିବାସ ।୧୯
ହେ ଦେବ ଦେବ ଘନଶ୍ୟାମ
ଧର୍ମ ଅଧର୍ମେ ତୁ ବିଶ୍ରାମ ।୨୦
ହେ ଦେବ ଦେବ ଗିରିଧାରୀ
ସୁର ଅସୁରେ ତୁ ବିହାରୀ ।୨୧
ହେ ଦେବ ଦେବ ସର୍ବ ଭୂଷି
ତୋ ବିନୁ ଅନ୍ୟ ନାହିଁ କେହି ।୨୨
ହେ ଦେବ ଦେବ ଚକ୍ରଧର
ଅନେକ ରୂପେ ତୋ ଶରୀର ।୨୩
ହେ ଦେବ ଦେବ ଜୀବ ତୁଷ୍ଟି
ସର୍ବ ଘଟରେ ନିତ୍ୟ ରହି ।୨୪
ହେ ଦେବ ଦେବ ତୁ ପରମ
ସକଳ ଘଟେ ତୁ ବିଶ୍ରାମ ।୨୫
ହେ ଦେବ ଦେବ ଜଗତମାତା
ହେ ଦେବ ଦେବ ଜଗତପିତା ।୨୬
ହେ ଦେବ ଦେବ ବ୍ରହ୍ମ ଭୂଷି
ସକଳ ଘଟେ ତନ୍ତ୍ର ପାଇ ।୨୭
ଲକ୍ଷ କୋଟି ଜୀବ ଯେତେ
ତୋର ଶରୀରେ ଏ ସମସ୍ତେ ।୨୮
ଏତା ବୁଝି ଯେ ତୁଷ୍ଟ ହୋଇ
ନିଜ ଚିନ୍ତିଲ ତୋର ଦେହୁ ।୨୯
ଏ ସପ୍ତ ବଂଶ ବ୍ରହ୍ମାଣ୍ଡରେ
ନିନ୍ଦି ଯାଁବ ଅଜାବରେ ।୩୦
ତୋହର ରୂପ ବର୍ଣ୍ଣି ନାହିଁ
ଅନନ୍ୟ ଅବର୍ଣ୍ଣି ଯେତେ ତୁହି ।୩୧
ହେ ଦେବ ସ୍ୱୟଂ ସୃଷ୍ଟି
ତୋହର ମହିମା ଅଶେଷ ।୩୨
ଜିତି ବଚନ ନ ସହି
ରୂପ ଦେଖି ଧନ୍ୟ ସ୍ୱୟଂଗ୍ରାହୀ ।୩୩
ନୋହିଲେ ରୂପ ନାହିଁ ତୋର
ଶୂନ୍ୟା ନିଶ୍ୟରେ ତୋ ବିହାର ।୩୪
ହେ ଦେବ ଧନଞ୍ଜୟ ସୃଷ୍ଟି
ତେତେ ନ ଦେଖି ଗଲି ନାଶ ।୩୫
ହେ ଦେବ ଶରଣ ନୋପର
ଅନ୍ୟ ଭରସା ନାହିଁ ମୋର ।୩୬
ହେ ପ୍ରଭୁ ଦୟାଶୀଳ ତନ୍ତ୍ର
ନିଧି ଯେ କଲ୍ପ ସର୍ବଗ୍ରାହୀ ।୩୭
ହେ ପ୍ରଭୁ ପତିତ ପାବନ
ଡାକିଲେ ତାର ସ୍ୱି ବନ୍ଦନ ୩୮
ନୋହିଲେ ଦେଖି ତୁଣ୍ଡି ପାଅ
ଶୂନ୍ୟରେ ଶୂନ୍ୟ ହୋଇ ରହ ।୩୯
ହେ ଦେବ ଦେବ ଶୁଣ କହୁ
ଏ ଦେହେ କିଛି କାର୍ଯ୍ୟ ନାହିଁ ।୪୦
ଏ ଦେହ ମୁହିଁ ଛାଡ଼ି ଯିବ
ତୋ ଦେହେ ଯାଇଁ ସମ୍ଭାଳିବ ।

ଏ ଦେହେ ଅଞ୍ଜନ ମୁଁ ହୋଇ
ତୋତେ ମୁଁ ଚିହ୍ନି ନ ପାରଇ ।୮୨
ଏହି ଦେହରୁ ମୁହିଁ ଗଲେ
ତୋ ଅଙ୍ଗେ ମିଶିବି ମୁଁ ଭଲେ ।୮୩
ଏ ଦେହେ କିଛି ନ ଜାଣିଲି
ପାପ ପୁଣ୍ୟରେ ପାଶି ହେଲି ।୮୪
ହେ ଦେବ ଦେବ ଅନ୍ତର୍ଯ୍ୟାମୀ
କଥାଏ ମାଗୁଅଛି ସ୍ୱାମୀ ।୮୫
ହେ ଦେବ ଦେବ ଭକ୍ତ ବନ୍ଧୁ
ନୋହିଲି ଦେହ ଛାଡ଼ି ଯାଅ ।୮୬
ଏ ମହୀ ମଣ୍ଡଳରେ ମୁହିଁ
ଭ୍ରମୁ ଯେ ଥିବି କାହିଁ ପାଇଁ ।୮୭
ଏ ମହୀ ମଣ୍ଡଳେ ଭ୍ରମିଲି
ତୁମ୍ଭକୁ ସେବି ନ ପାରିଲି ।୮୮
ଏ ମହୀ ମଣ୍ଡଳ କଥିତ
ଅନନ୍ତ ବ୍ରହ୍ମରେ ପଶିବ ।୮୯
ଏହି ବସ୍ତୁ ତୁ ମୋତେ କର
ଜଣାଉଅଛି ବାରମ୍ବାର ।୯୦
କହଇ ଅରକ୍ଷିତ ଦାସ
ମହୀ ମଣ୍ଡଳ ଗୀତା ରସ ।୯୧
ସୁଜନ ଜନ ମାନେ ଶୁଣ
ଏମନ୍ତ ରୂପରେ ମୁଁ ଭ୍ରମିଣ ।୯୨
ଆଉ ଏଣିକି କି କହିବ
ସେ କଥା ଜାଣେ ବାସୁଦେବ ।୯୩
ଖଣ୍ଡଗିତାରେ ମୁହିଁ ରଚି
ମହୀ ମଣ୍ଡଳ ଗୀତା କହି ।୯୪

ଇତି ଶ୍ରୀ ଦାସ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଦ୍ୱାଦଶୋଽଧ୍ୟାୟଃ ।

---

# ତ୍ରୟୋଦଶ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
କଥା ମାଗିବି ତୋତେ ମୁହିଁ ।୧
ଆହେ ଚୈତନ୍ୟ ଅନ୍ତର୍ଯ୍ୟାମୀ
ସବୁରି ମନ ତୁମ୍ଭେ ଜାଣି ।୨
ଆହେ ଚୈତନ୍ୟ ଭଗବାନ
ଭକତି ଯୋଗ କହ ପୁଣ ।୩
ଆହେ ଚୈତନ୍ୟ ବାସୁଦେବ
ଭକତି ଯୋଗ ମୋତେ କହିବ ।୪
ଆହେ ଚୈତନ୍ୟ ତୁ ଈଶ୍ୱର
ଭକତି ମାଗୁଛି ପାମର ।୫
ଆହେ ଚୈତନ୍ୟ ବ୍ରହ୍ମ ତୁହି
ଭକତି ଯୋଗ କହ କହି ।୬

ଆହେ ଚୈତନ୍ୟ ବିଷ୍ଣୁ ଶୁଣ
ଭକତି ମାଗୁଅଛି ପୁଣ ।୭
ଆହେ ଚୈତନ୍ୟ ଜଗତ୍ କର୍ତ୍ତା
ଭକତି ଦିଅ ଭୁକ୍ତି ଦାତା ।୮
ଆହେ ଚୈତନ୍ୟ ସର୍ବଦେବୀ
ଭକତି ଯୋଗ ଦିଅ ଦେବ ।୯
ଆହେ ଚୈତନ୍ୟ କଳ୍ପଦ୍ରୁମ
ଭକତି ମାଗୁଅଛି ପ୍ରେମ ।୧୦
ଆହେ ଚୈତନ୍ୟ ରଘୁନାଥ
ଭକତି ମାଗୁଅଛି ତାତ ।୧୧
ଆହେ ଚୈତନ୍ୟ ଚକ୍ରଧର
ଭକତି ମାଗୁଛି ନିକର ।୧୨
ଆହେ ଚୈତନ୍ୟ ହୃଷୀକେଶ
ଭକତି ଦିଅ ଶୀତଳାସ ।୧୩
ଆହେ ଚୈତନ୍ୟ ନାରାୟଣ
ଭକତି ଦେବକୀକ ପୁଣ ।୧୪
ଆହେ ଚୈତନ୍ୟ ରାମଚନ୍ଦ୍ର
ଭକତି ଦିଅ ହେ ଗୋବିନ୍ଦ ।୧୫
ଆହେ ଚୈତନ୍ୟ କଳ୍ପତରୁ
ଭକତି ଦିଅ ମହାମେରୁ ।୧୬
ଆହେ ହେ ଶରଣ ସୋଦର
ଭକତି ମାଗୁଛି ଚାମର ।୧୭
ଆହେ ହେ ଅଲେଖ ଚରଣ
ଭକତି ମାଗୁଅଛି ପୁଣ ।୧୮
ଆହେ ହେ ଅଲେଖ ଶିଖର
ଭକତି ମାଗୁଛି ଚାମର ।୧୯
ଆହେ ହେ ଜଗତ ଜୀବନ
ଭକତି ଯୋଗ ଦିଅ ପୁଣ ।୨୦
ଆହେ ହରି କୃଷ୍ଣ ମାଧବ
ଭକତି ଯେ ତୁ ମୋତେ ଦେବ ।୨୧
ଆହେ ମହିମା ମହାବାହୁ
ଭକତି ଯୋଗ ଆଜ୍ଞା ହେଉ ।୨୨
ଆହେ ହେ ନିତ୍ୟସିଦ୍ଧ ଭୂମି
ଭକତି ଯୋଗ ଦିଅ ନାଥ ।୨୩
ଆହେ ହେ ପତିତପାବନ
ଭକତି ଯୋଗ ଦିଅ ପୁଣ ।୨୪
ଆହେ ହେ ବ୍ରହ୍ମାଣ୍ଡ ଠାକୁର
ଭକତି ମାଗୁଛି ଚାମର ।୨୫
ଆହେ ତ୍ରିଭୁବନ ଗୋସାଇଁ
ଭକତି ମାଗୁଅଛି ମୁହିଁ ।୨୬
ହେ ନାଥ ଜଗତ ସୋଦର
ଭକତି ମାଗୁଛି ନିକର ।୨୭
ଆହେ ଆଦ୍ୟ ନିବାରଣ
ଭକତି ଯୋଗ ଦିଅ ପୁଣ ।୨୮
ଆହେ ତ୍ରିଭୁବନ ଈଶ୍ୱର
ଭକତି ମାଗୁଛି ଚାମର ।୨୯
ଆହେ ହେ ବୈକୁଣ୍ଠ ବିହାରୀ
ଭକତି ମାଗୁଛି ତୋହାରି ।୩୦
ଆହେ ବୈକୁଣ୍ଠ ଶୂନ୍ୟ ନାଥ
ଭକତି ମାଗୁଅଛି ତାତ ।୩୧
ଆହେ ହେ ଅନନ୍ତ ସ୍ୱରୂପ
ଭକତି ଯୋଗ ଦିଅ ପୁଣ ।୩୨
ଆହେ ବୈକୁଣ୍ଠ ବ୍ରହ୍ମବାସୀ
ଭକତି ଦିଅ ହେ ବିଶେଷି ।୩୩
ହେ ଶୂନ୍ୟ ଶୂନ୍ୟ ଶୂନ୍ୟ ଭୂମି
ଭକତି ଯୋଗ ମୁଁ ମାଗଇ ।୩୪
ଆହେ ଅରୂପ ନନ୍ଦ ଶୁଣ
ଭକତି ମାଗୁଅଛି ପୁଣ ।୩୫

ଆହେ ଅଜପା ଶୁଣ ତୁହି
ଭକତି ଯୋଗ ମୁଁ ମାଗଇ ।୩୬
ହେ ଶଙ୍ଖ ଚକ୍ର ଧାରୀ ଶୁଣ
ଭକତି ମାଗୁଅଛୁ ପୁଣ ।୩୭
ଆହେ ଅନ୍ତର୍ଯାମୀ ତୁହି
ଭକତି ଯୋଗ ମୁଁ ମାଗଇ ।୩୮
ଆହେ ଚୈତନ୍ୟ ପୀତାମ୍ବର
ଭକତି ମାଗୁଛି ପାମର ।୩୯
ଆହେ ଭକତଙ୍କ ଜୀବନ
ଭକତି ଯୋଗ ଦିଅ ପୁଣ ।୪୦
ଆହେ ହେ ଗୋବର୍ଦ୍ଧନ ଧାରୀ
ଭକତି ମାଗୁଛି ତୋହରି ।୪୧
ଆହେ ହେ ଚକ୍ରବର୍ତ୍ତି ଦାମୋ
ଭକତି ଯୋଗ ଦିଅ ସ୍ୱାମୀ ।୪୨
ଆହେ ହେ ଅନନ୍ତ ମୂରତି
ଭକତି ଦିଅ ପ୍ରାଣପତି ।୪୩
ତୁ ଚତୁର୍ବର୍ଗ ଦାତା ପୁଣି
ଭକତି ଯୋଗ ଦିଅ ସ୍ୱାମୀ ।୪୪
ତୁହି ଭକତି ଯୋଗ ଧନ
ସକଳ ସନ୍ତ ଅଛୁ ପୂର୍ଣ୍ଣ ।୪୫
ତୋ ବିନୁ କେହି ନ ଜାଣନ୍ତି
ବ୍ରହ୍ମା ଶଙ୍କର ଭ୍ରମି ଶ୍ରାନ୍ତି ।୪୬
ଆଉ କେ ଜାଣିବ ସଂସାରେ
ଏ ସପ୍ତବିଂଶ ବ୍ରହ୍ମାଣ୍ଡରେ ।୪୭
ନାନା ଉପାୟମାନ କଲେ
ତୋର ଭକତି ନ ଜାଣିଲେ ।୪୮
ଭକତି କୂଟରେ ରହିଛୁ
ତୋ ମାୟା ଯୋଗି ଯେ ମାରୁଛୁ ।୪୯
ତେଣୁ ନିଜ ଧର୍ମ ଯେଣୁ
କାହାକୁ ନ ଦେଲୁ ଯେ କହି ।୫୦
ଦୁସ୍ତର ଦୁର୍ଗମ ଭଜନ
ଦୟା ତୁ କର ମୋତେ ପୁଣ ।୫୧
ଏ ବିନୁ ଅନ୍ୟ ନ ମାଗଇ
ଭକତି ଯୋଗ ଦିଅ କହି ।୫୨
ଭକତି ଯୋଗ ମୋତେ ଦେବୁ
ସେବକ ତୁ ସଂସାରୁ ତାରିବୁ ।୫୩
ନୋହିଲେ କେବେ ଗତି ନାହିଁ
ସଂସାରେ ଥିବି କର୍ମ ପାଇଁ ।୫୪
ରଖିଲେ ଭକ୍ତି ମୋତେ ଦିଅ
ନୋହିଲେ ଦେହ ଛାଡ଼ି ଯାଅ ।୫୫
ମୋହର କିଛି ଦୋଷ ନାହିଁ
ଦିଅ ବା ନଦିଅ କହଇ ।୫୬
ଏ ମହା ମଣ୍ଡଳ ଭୁବନ
ତୋର ମାୟାକୁ ଦଣ୍ଡ୍ୟ କଲ ।୫୭
ଏ ମାୟା ବେଗେ ଦୂର କର
କହୁଅଛି ମୁଁ ତୁମ୍ଭର ।୫୮
ଖଣ୍ଡିଦିଅ କେବଳ ନାଥ
ଭକତି ଯୋଗ ମୋତେ ଦିଅ ।୫୯
ଏ ବିନୁ ଅନ୍ୟ ନ ମାଗଇ
ଏଣିକେ ତୁମ୍ଭର ମୁହିଁ ।୬୦
ତୁମ୍ଭର ନାମ ସଙ୍ଗେ ଯେଣ
ଭକତ ସାଧୁ ଥିବ ପ୍ରୀତି ।୬୧
ଏହି ଦୟା ତ ତୁମ୍ଭେ କର
କ୍ଷୁଧା ତୃଷାକୁ ବେଗେ ମାର ।୬୨
କହଇ ଅରକ୍ଷିତ ଦାସ
ମହୀ ମଣ୍ଡଳ ଗୀତା ରସ ।୬୩
ଆହେ ସୁଜନ ମାନେ ଶୁଣ
ଏ ଗୀତା କଲି ମୁଁ ବଖାଣ ।୬୪

ଏଥିରେ ଯେତେ ଦୋଷ ମୋର
କ୍ଷମା କରିବେ ଚକ୍ରଧର ୧୬

ଭକତି ଯୋଗରେ ମୋ ଆଶ
ପୂରଣେ ନ ଦେଖିବା ଦୋଷ ୧୭

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା
କଥନେ ନାମ ତ୍ରୟୋଦଶୋଽଧ୍ୟାୟଃ ।

# ଚତୁର୍ଦ୍ଦଶ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁମ୍ଭେ
କ୍ଷୁଧା ତୃଷା ମୋ ନ ଛାଡ଼ଇ ୧
କ୍ଷୁଧା ତୃଷା ଯେ ହୋଇଅଛି
ଭବ ନଦ୍ୟାରେ ସେ ମାରୁଛି ୨
ତୃଷ୍ଣା ଗତି ମୋହ ମାୟାରେ
ବୁଡ଼ି ଭ୍ରମନ୍ତି ଏ ସଂସାରେ ୩
ତୃଷ୍ଣା ତ ସତ୍ତ୍ୱ ରଜ ତମ
ଲୋଭ କାମ ଯେ ତୃଷ୍ଣା ମନ ୪
ପଞ୍ଚ ମନଙ୍କ ବୁଦ୍ଧି ଜାଣି
ଦଶ ପ୍ରକୃତି ଯେ ପୁଣି ୫
ଏତେ ବସ୍ତୁ ଯେ ତୁମ୍ଭେ ହେଲୁ
ଚୌରାଶି ରୋଗରେ ନାଶିଲୁ ୬
ତୋ ବିନୁ ଏ ଦେହରେ କେହି
ନାଶୁଛି ମୋର ଦୋଷ ନାହିଁ ୭
ସର୍ବ ପ୍ରକୃତି ତୁମ୍ଭେ ନେଲ
ସଂସାର ସାଗରେ ପୋଟିଲ ୮

ତୋ ବିନୁ ବ୍ରହ୍ମାଣ୍ଡ ଭିତରେ
ଅଛି କେ କହିବି ମୁଁ ତୋରେ ୯
ସପ୍ତ ସମୁଦ୍ର ବୋଲାଇଲୁ
ନବ ଖଣ୍ଡ ପୃଥିବୀ ହେଲୁ ୧୦
ଝାଡ଼ି ପର୍ବତ ବୃକ୍ଷ ଜାଣ
ବୃକ୍ଷ ପାଷାଣ ହେଲୁ ପୁଣ ୧୧
ଖାଲ ଢିପର ନଦୀ ନାଳ
ତୋର ଶରୀରୁ ଏ ସକଳ ୧୨
କୀଟ ପତଙ୍ଗ ଜନ୍ତୁ ତୃଣ
ତୋହର ଶରୀରୁ ଉଆଣ ୧୩
ଛପନ କୋଟି ମେଘ ଯେତେ
ତୋହର ଶରୀରୁ ଏ ସମସ୍ତେ ୧୪
ପୃଥିବୀ ଆକାଶ ମଣ୍ଡଳ
ତୋହର ଶରୀରୁ ସକଳ ୧୫
ଜଳ ପବନ ଅଗ୍ନି ହୋଇ
ତୋହର ଶରୀରୁ ଜାତ କହି ୧୬

ଚନ୍ଦ୍ର ସୂର୍ଯ୍ୟଙ୍କି ତୁମ୍ଭ ଜାଣ
ରଶ୍ମି ଷୋଡଶ କଲୁ ପୁଣ ।୧୭
ଷୋଳ ଘଡ଼ିଟି ତୁମ୍ଭ ହେଲୁ
ସାତ ବାରଟି ବୋଲାଇଲୁ ।୧୮
ଚଉଦ ତିଥି ହେଲୁ ତୁମ୍ଭ
ସତେଇଶ ନକ୍ଷତ୍ର ବୋଲାଇ ।୧୯
ନବ ଗ୍ରହଟି ତୁମ୍ଭ ଜାଣି
ବାର ମାସଟି ତୁ ପ୍ରମାଣ ।୨୦
ଶୀତ ଗ୍ରୀଷମ ହେଲୁ ତୁମ୍ଭ
ଛଅ ଋତୁଟି ତୋର ଦେହୀ ।୨୧
ବୃଷ୍ଟି ବରଷା ତୁମ୍ଭେ ଜାଣି
ଶବଦ କରୁ ଘନ ଘନ ।୨୨
ମେଘ ତୋ ଶରୀରୁ ଜନ୍ମଇଁ
ବିଜୁଳି ତେଜ ତୋର ଦେହୀ ।୨୩
ହେ ପ୍ରଭୁ ଜ୍ୟୋତି ରୂପ ଧରୁ
କେତେକ ଭଙ୍ଗିରେ ଲୀଳା କରୁ ।୨୪
ମନ୍ତ୍ର ଯେ ଯନ୍ତ୍ର ତୁମ୍ଭେ ହେଲୁ
ଧ୍ୟାନ ସ୍ତୁତି ଯେ ବୋଲାଇଲୁ ।୨୫
ତନ୍ତ୍ରି ସୁଷୁମ୍ଣା ତୁଳ ହେଉ
ତୋର ଶରୀରୁ ସବୁ ଜାତ ।୨୬
ଅସ୍ଥି ଧାତୁ ଯେ ହେଲୁ ତୁମ୍ଭ
ନବ ରନ୍ଧ୍ରଟି ତୋର ଦେହୁ ।୨୭
ଗାଣ୍ଟି ପଟଣ ପୀତାମ୍ବର
ଚୁଆ ଚନ୍ଦନ ଅଳଙ୍କାର ।୨୮
ଏ ସବୁ ତୋର ଅଙ୍ଗ ଜାତ
ଭୂଷଣ ହୋଇଅଛୁ ତୁ ତ ।୨୯
ନାନାଦି ପୁଷ୍ପ ଫଳ ତୁମ୍ଭ
ନାନାଦି ବେଶ ତୋର ଦେହୁ ।୩୦

ନାନାଦି ସୃଷ୍ଟି ତୁମ୍ଭେ ହେଲ
ନାନାଦି ବାଦ୍ୟ ପ୍ରକାଶିଲ ।୩୧
ସୃଷ୍ଟି ମାନଙ୍କର ସାଦର
ଶରୀରରେ ସ୍ଥିତ ତୁ ବାହାର ।୩୨
କାଷ୍ଠରେ ଅଗ୍ନି ରୂପେ ରହୁ
ତିଳରେ ତେଲ ରୂପେ ତୁମ୍ଭ ।୩୩
ଏକା ପୁରୁଷ ସବୁ ହେଲୁ
କେତେକ ଭଙ୍ଗରେ ଲୀଳା କଲୁ ।୩୪
ସ୍ତ୍ରୀ ପୁରୁଷ ହେଲୁ ତୁମ୍ଭ
ଜାତି ନପୁସ୍ତୁ ସବୁ ଦେହୁ ।୩୫
ଏ ସପ୍ତ ବଂଶ ବ୍ରହ୍ମାଣ୍ଡରେ
ତୋ ଛଡ଼ି ଅନ୍ୟ ନାହିଁ ପରେ ।୩୬
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତୁମ୍ଭ
ତୋର ଶରୀରୁ ଜାତ ହୋଇ ।୩୭
ଆକାଶ ମଧ୍ୟ ଶୂନ୍ୟ ହେଲୁ
ଏ ଅନ୍ଧକାର ଯେ ଘୋଟିଲୁ ।୩୮
ତେତିଶ କୋଟି ଦେବ ତୁମ୍ଭ
ନକ୍ଷତ୍ର ଗଣ ତୁମ୍ଭେ ହୋଇ ।୩୯
ଅନନ୍ତ କୋଟି ସାଧୁ ହେଲ
ପୁରାଣମାନ ତୁମ୍ଭେ କଲ ।୪୦
ଅକ୍ଷରମାନ ହେଲୁ ତୁମ୍ଭ
ଭଣ୍ଡି ଭିତରେ ତୁମ୍ଭ ରହି ।୪୧
ଯାହାକୁ ସେମନ୍ତ ଶବଦ
ଅକ୍ଷର ବେଦ ତୁ ଯେ ନାଦ ।୪୨
ଅକ୍ଷର ଶବଦ ଭିତରେ
ଘୋଟି ରହିଛ ଶବଦରେ ।୪୩
ଅଣ ଅକ୍ଷରୁ ଜାତ ତୁମ୍ଭ
ନାମ ଅନାମ ତୋର ଦେହୁ ।୪୪

ସଂସାରେ ଯେତେକ ଜାତି କଲୁ
ସଭିଙ୍କି ନାମ ଭୁଞ୍ଜି ଦେଲୁ ।୪୫
ଏକା ନାମଟି ଛିନ୍ନା ଭିନ୍ନ
କରି ସେ ଅଳ୍ପ ଭୁଞ୍ଜ ପୁଣ ।୪୬
ସଂସାରେ ଖେଳିବାର ପାଇଁ
ଏତେକ ରୂପ ଯେ ଧରୁ ତୁହି ।୪୭
ଛପନ କୋଟି ଜୀବ ହେଲୁ
ଛିନ୍ନା ଭିନ୍ନ ରୂପ ହୋଇଲୁ ।୪୮
ମେରୁଠାରୁ ଯେତେ ପର୍ବତ
ତୋର ଶରୀରୁ ଏ ସମସ୍ତ ।୪୯
କାଳରୁ ସମୁଦ୍ର ପର୍ଯ୍ୟନ୍ତ
ତୋର ଶରୀରୁ ଏ ସମସ୍ତେ ।୫୦
ମୃତ୍ତିକାରୁ ବ୍ରହ୍ମ ଯାଏ ପୁଣ
ତୋର ଶରୀରୁ ଏ ଭିଆଣି ।୫୧
ଇନ୍ଦ୍ରଙ୍କ ଠାରୁ ଯେତେ ଦେବ
ତୋର ଶରୀରୁ ଟି ସମ୍ଭବ ।୫୨
ଅଶ୍ୱତ୍ଥ ଠାରୁ ବୃକ୍ଷ ଯେତେ
ତୋର ଶରୀରୁ ଏ ସମସ୍ତେ ।୫୩
ସିଂହରୁ ଦଶିମେଂଢ ଯାଏ
ତୋର ଶରୀରୁ ଜାତ ହୋଏ ।୫୪
କୀଟରୁ ବ୍ରହ୍ମ ଯାଏ ତୁହି
ଜାତ ହୋଇଲୁ ସର୍ବ ଦେହୀ ।୫୫
ଚଳନ୍ତା ଲକ୍ଷେ କୋଟି ଜୀବ
ତୋର ଶରୀରୁ ଏ ସମ୍ଭବ ।୫୬
ନିଶ୍ଚଳ ଲକ୍ଷେ କୋଟି ହୋଇ
ତୋର ଶରୀରୁ ଜାତ କହି ।୫୭
ଜଳଜା ଚଉଦ କୋଟି ପୁଣ
ତୋର ଶରୀରୁ ଜାତ ଜାଣ ।୫୮
ଭୂଜା ଚଉଦ କୋଟି ହୋଇ
ତୋର ଶରୀରୁ ଜାତ କହି ।୫୯
ଛପନ କୋଟି ଜୀବ ପୁଣ
ପଢ଼ ଯେ ଦେଖୁଛି ଆପଣ ।୬୦
ଆପଣେ ପଡ଼ି ରୂପ ହୋଇ
ଆପକୁ ଆପେ ନାଶୁ ତୁହି ।୬୧
ଜୀବକୁ ଜୀବ ଖାଉଅଛି
ପାପ ପୁଣ୍ୟ ହିଁ ସବୁ ମିଛ ।୬୨
ଜୀବକୁ ଜୀବ ହିଂସା କରି
ଜୀବକୁ ଜୀବ ଧରି ମାରି ।୬୩
ଜୀବକୁ ଜୀବ ଛିଟି ଥାଇ
ଏମନ୍ତେ ତୋର ମାୟା ହୋଇ ।୬୪
ଦେଖ ପ୍ରଭୁ ସକଳ ଶରୀରେ
ମୂର୍ତ୍ତି ରହିଛି ପଞ୍ଚ ପରେ ।୬୫
ଆକାଶ ମସ୍ତୁ ଯାଏ ପୃଥ୍ୱୀ
ଜୀବେ ଅଜାଣେ ସମ ଗତି ।୬୬
ତେଣୁ ଗଡ଼ିବା ଠାବ ନାହିଁ
ମତ୍ତ ବ୍ରହ୍ମାଣ୍ଡେ ପୂରି ରହି ।୬୭
ଏମନ୍ତେ ଖୋଟି ସେ ରହିଛ
ଉତ୍ପତ୍ତି ପ୍ରଳୟ କରୁଛ ।୬୮
ଜାତ ହୋଇଲୁ ଭୁଞ୍ଜି ପୁଣ
ମଲେ ମରୁଛ ଯେ ଆପଣ ।୬୯
ତୋର ମାୟା କେହି ନ ଜାଣନ୍ତି
ପାପ ପୁଣ୍ୟକୁ ଭଲେ ଖଣ୍ଡି ।୭୦
ଏତେବ କଷ୍ଟେ ଦୟା କରି
ସକଳ ଶରୀର ମୋହର ।୭୧
ସକଳ ସମାନ ଦେଖିବ
ଭକତି ଯୋଗ ମୁଁ ସାଧିବ ।୭୨

ଏଣୁ ଦାସ୍ୟ ତୁ ମୋତେ କର
ଅନ୍ୟ ଭରସା ନାହିଁ ମୋର ।୨୩
କହଇ ଅରକ୍ଷିତ ଦାସ
ମୋତେ କରସୁ ପାଦବାସ ।୨୪
ସୁଜନ ଜନଙ୍କ ପୟରେ
ମୋତେ ମୁଁ ମାଗେ କରଯୋଡ଼ରେ ।୨୫

ଇତି ଶ୍ରୀ ମହା ଚୈତନ୍ୟ ସମ୍ବାଦେ ଶୂନ୍ୟମଣ୍ଡଳ ଗୀତା
କଥନେ ନାମ ଚତୁର୍ଦ୍ଦଶୋଽଧ୍ୟାୟଃ ।

—o—

# ପଞ୍ଚଦଶ ଅଧ୍ୟାୟ

ଆହେ ଚୈତନ୍ୟ ଅଲେଖ ଭୁଜ
ଦୁଃଖ ସୁଖରେ ରଖି ମୋଇ ।୧
ନାନାଦି ବେଶ ତୁମ୍ଭ କରୁ
ନାନାଦି ବସ୍ତୁ ଖାଇ ମରୁ ।୨
ନାନାଦି ଜୀବ ଜନ୍ମ ତୁମ୍ଭ
ଆପଣ୍ଡୁ ଆସେ ଧରି ଖାଇ ।୩
ଆପଣ୍ଡୁ ଆସେ ଯେ ଖାଉଛ
ପାପ ପୁଣ୍ୟ ଶ୍ରୀଁ ଫଳୁ ନିଷ୍ଠ ।୪
ଧର୍ମ ଅଧର୍ମ ମୋର ନାହିଁ
ଶୁଦ୍ଧ ଅଶୁଦ୍ଧ ମୋର ନାହିଁ ।୫
ସ୍ୱର୍ଗ ନରକ ନାହିଁ ଶୁଣି
ମିତ୍ର ଶତ୍ରୁ ହିଁ ନାହିଁ ପୁଣି ।୬
ଆପଣ୍ଡୁ ଆସେ ଅନ୍ଧ ହେଲୁ
ଆପଣ୍ଡୁ ଆସେ ନାଶ ଗଲୁ ।୭
ଆପଣ୍ଡୁ ଆସେ ପିତା ମାତା
ଆପଣ୍ଡୁ ଆସେ ତୁ କରତା ।୮
ଆପଣ୍ଡୁ ଆସେ କର୍ମ ମେଳ
ଆପଣ୍ଡୁ ଆସେ ସୃଷ୍ଟି ଆଣ୍ଡ ।୯

ଆପଣ୍ଡୁ ଆସେ ବାପ ଝିଅ
ଆପଣ୍ଡୁ ଆସେ ମୋହ ମୁଅ ।୧୦
ଆପଣ୍ଡୁ ଆସେ ବନ୍ଧୁ ବାନ୍ଧ
ଆପଣ୍ଡୁ ଆସେ ଛଡ଼ା ଛନ୍ଦ ।୧୧
ଆପଣ୍ଡୁ ଆସେ ଦେହ ସ୍ଥିର
ଆପଣ୍ଡୁ ଆସେ କନ୍ୟାବର ।୧୨
ଆପଣ୍ଡୁ ଆସେ ଖେଳା ମଲି
ଆପଣ୍ଡୁ ଆସେ ଶାସ୍ତ୍ର ବୋଲି ।୧୩
ଆପଣ୍ଡୁ ଆସେ ଗୁଣ ଦୋଷ
ଜେତେ ଭକ୍ତିରେ ଲୀନ ଆଶ ।୧୪
ଆପଣ୍ଡୁ ଆସେ ପରଶଂସି
ଆପଣ୍ଡୁ ଆସେ ହସାହସି ।୧୫
ଆପଣ୍ଡୁ ଆସେ କନ୍ଦାକନ୍ଦ
ଆପଣ୍ଡୁ ଆସେ ବନ୍ଧାବନ୍ଧ ।୧୬
ଆପଣ୍ଡୁ ଆସେ ବେଶ କରି
ଆପଣ୍ଡୁ ଆସେ ଯେ ଉଠାରି ।୧୭
ଆପଣ୍ଡୁ ଆସେ ଲଜ୍ଜା କରୁ
ଆପଣ୍ଡୁ ଆସେ ତରୁତରୁ ।୧୮

ଆପଙ୍କୁ ଆପେ କୋଶ ଦେଖି
ଆପଙ୍କୁ ଆପେ ମନ ବୁଝି ।୧୯
ଆପଙ୍କୁ ଆପେ ପ୍ରୀତି କରୁ
ଆପଙ୍କୁ ଆପେ କୃଷ୍ଣ ହରୁ ।୨୦
ଆପଙ୍କୁ ଆପେ ସଖି ସୃଜି
ଆପଙ୍କୁ ଆପେ ଦଣ୍ଡ ହୋଇ ।୨୧
ଆପଙ୍କୁ ଆପେ ଭକ୍ଷା କରୁ
ଆପଙ୍କୁ ଆପେ ଧଣ ମାରୁ ।୨୨
ଆପେ ତୁ ବିଷ ରୂପ ଧରି
ଆପେ ଅମୃତ ଜାତ କରି ।୨୩

ଆପଙ୍କୁ ଆପେ କ୍ରୋଧ ବଢ଼ି
ଆପଙ୍କୁ ଆପେ ଶାନ୍ତ ହୋଇ ।୨୪
ଆପଙ୍କୁ ଆପେ ଦୁଃଖ ଦେଲୁ
ଆପଙ୍କୁ ଆପେ ବରଜିଲୁ ।୨୫

ଆପଙ୍କୁ ଆପେ ଆଜ୍ଞା ମାନୁ
ଆପଙ୍କୁ ଆପେ ବନ୍ଧୁ ଦେଖୁ ।୨୬
ଆପଙ୍କୁ ଆପେ ବନ୍ଧ ଥାଇ
ଆପଙ୍କୁ ଆପେ ଭିନ୍ନ ହୋଇ ।୨୭
ଆପେ ରଜା ପରଜା ହେଲୁ
ସେବକ ହୋଇଣ ଖଟିଲୁ ।୨୮
ଆପେ ବ୍ରାହ୍ମଣ ହାଡ଼ି ଭୁଞ୍ଜି
ଆପେ ସେବକ ପ୍ରଭୁ ହୋଇ ।୨୯

ଆପଙ୍କୁ ଆପେ ସୁଖ କରୁ
ଆପଙ୍କୁ ଆପେ ଛିଡ଼ି ପାରୁ ।୩୦
ଆପଙ୍କୁ ଆପେ ଗୁଳି କାଣ୍ଡି
ଆପଙ୍କୁ ଆପେ କାଟୁ ମୁଣ୍ଡି ।୩୧

ଆପଙ୍କୁ ଆପେ ମହାବୀର
ଆପଙ୍କୁ ଆପେ ତୁ କାଙ୍ଗାଳ ।୩୨

ଆପଙ୍କୁ ଆପେ ଗୁରୁ ଶିଷ୍ୟ
ଅଛି ଯେ ଆଉ ତୋର ଦାସ ।୩୩
ଆପଙ୍କୁ ଆପେ ସିଦ୍ଧ ଭୃତ୍ୟ
ଆପଙ୍କୁ ଆପେ ଯୋଗୀ ହୋଇ ।୩୪

ଆପଙ୍କୁ ଆପେ ସୁଧା ତୃଷା
ଆପଙ୍କୁ ଆପେ ତୁ ଭରସା ।୩୫
ଆପଙ୍କୁ ଆପେ ନିଦ୍ରା ଭଗ୍ନ
ନଗ୍ନ ଓଟି ବେଶ ତୋର ଦେହ ।୩୬
ପାତକ ବାଆଗ୍ରସ୍ତ ନାଭି
ଆପଙ୍କୁ ଆପେ ଦେଲୁ ଜଡ଼ ।୩୭

ଆପଙ୍କୁ ଆପେ ଶିର ଚର୍ମ
ରକ୍ତ ମାଉଁସ ହାଡ଼ ରୋମ ।୩୮
ଆପଙ୍କୁ ଆପେ ତୁ ବାଳକ
ଆପଙ୍କୁ ଆପେ ବୃଦ୍ଧ ଲୋକ ।୩୯
ଆପେ ବିଧବା ରୂପ ଜାଣ
ଆପେ ଅଶେଷ ରୂପ ପୂର୍ଣ୍ଣ ।୪୦

ଆପଙ୍କୁ ଆପେ ଭୋଗ କଲୁ
କଷ୍ଟ ପାଇଣ ଲୁହି ମଲୁ ।୪୧
ଆପେ ତୁ ମଞ୍ଜୁଳ ଗଜ୍ଜୁଳ
ଆପେ ଦେଖିଣ ଶୁଣୁ ଅଛୁ ।୪୨
ଆପେ କାମନା ଆପେ ଖାଜ
ଆପେ ଦୁର୍ଲଭ ବସ୍ତୁ ହେଉ ।୪୩

ଆପେ ସୁବାସ ରୂପ ଧରି
ଆପେ ଦୁର୍ଗନ୍ଧ ବସ୍ତୁ କରି ।୪୪
ଆପଙ୍କୁ ଆପେ ପାପ ଭୁଞ୍ଜି
ଆପଙ୍କୁ ଆପେ ଧର୍ମ ହୋଇ ।୪୫
ଆପଙ୍କୁ ଆପେ ସ୍ତୁତି କରୁ
ଆପଙ୍କୁ ଆପେ ନିନ୍ଦା କରୁ ।୪୬

ଆପଣକୁ ଆପେ ଅପବାଦ
ଆପଣକୁ ଆପେ ପରମାଦ ।୪୭
ଆପେ ଦେବତା ରୂପ ଧରି
ଆପଣକୁ ଆପେ ପୂଜା କରି ।୪୮
ଆପେ ଭୁ ଧନ ବସ୍ତୁ ହୋଇ
ଆପଣକୁ ଆପେ ମାଗି ଖାଇ ।୪୯
ଆପଣକୁ ଆପେ ହର୍ତ୍ତାକର୍ତ୍ତା
ଆପେ ଭୁ ପଙ୍କଜ ବିଧାତା ।୫୦
ଆପେ ଭୁ ଆପେ ବିଷ୍ଣୁ ଶିବ
ଆପଣକୁ ଆପେ ସର୍ବ ଦେବ ।୫୧
ଆପେ ଜଡ଼ା ଭୁଞ୍ଜାନ୍ତି ହୋଇ
ତନ କଷ୍ଟନ ଚୋର ଦେଖି ।୫୨
ଆପେ ଛପନ କୋଟି ଜୀବ
ପାପ ପୁଣ୍ୟଟି କେ ହୋଇବ ।୫୩
ଆପଣକୁ ଆପେ ଭୁଞ୍ଜି ଖାଇ
ପାପ ପୁଣ୍ୟଟି କାହିଁ ଆଉ ।୫୪
ଆପଣକୁ ଆପେ ଭୁଞ୍ଜି ହରି
ପାପ ପୁଣ୍ୟକୁଁ ଭୁଞ୍ଜି କରି ।୫୫
ଆପଣକୁ ଆପେ ଭୁଞ୍ଜି ଦେଖି
ଧର୍ମ ଅଧର୍ମ କାହିଁ ଆଖି ।୫୬
ଆପେ ଭୁ ସ୍ୱର୍ଗ ନର୍କ ହୋଇ
ଦଣ୍ଡ ମଣ୍ଡ କି କଲ୍ପି ନାହିଁ ।୫୭
ଆପେ ଭୁ ଖେଳିବା ନିମନ୍ତେ
ଦଣ୍ଡ ମଣ୍ଡଳୀ ପାଳି କେତେ ।୫୮
ଆପଣକୁ ଆପେ ଶୁଦ୍ଧ ଖଣ୍ଡି
ଆପଣକୁ ଆପେ ଯେ ଗଣିଷ୍ଟୁ ।୫୯
ଆପଣକୁ ଆପେ ନ୍ୟାୟ କରୁ
ଧର୍ମ ଅଧର୍ମ ଭୁ ବିଚାରୁ ।୬୦

ଆପେ ମନୁଷ୍ୟ ତଣି ହେଲି
ଲଜ୍ଜା ସଙ୍କୋଚ ସବୁ କଲି ।୬୧
ଷୋଳଚନ ମୀନ କଳ୍ପ ଭୁଞ୍ଜି
ଲଜ୍ଜା ସଙ୍କୋଚ କଲ୍ପି ନାହିଁ ।୬୨
ଏହିରୂ ବୃକ୍ଷ ଯାଏ ପୁଣି
ଲୀଳା କଲୁକ ଅନୁଷଣି ।୬୩
ଆପେ ଭୁ ପୃଥିବୀ ହୋଇଲୁ
ଆପେ ଭୁ ତେଜ ପର କଲୁ ।୬୪
ଆପେ ସ୍ୱର୍ଗ ମର୍ତ୍ତ୍ୟ ପାତାଳ
ଆପେ ଚଉଦ ଭୁ ମଣ୍ଡଳ ।୬୫
ଆପେ ଆକାଶ ରୂପ ହୋଇ
ଅନ୍ଧକାର ଯେ ଯୋଡ଼ି ରହି ।୬୬
ଆପେ ଯେ ଚନ୍ଦ୍ର ସୂର୍ଯ୍ୟ ହେଲ
ସିଦ୍ଧ ଦିବସ ଭ୍ରମନ୍ତି କଲ ।୬୭
ଆପେ ଜଳ ଅଗ୍ନି ପବନ
ଆପେ ଉଦର ସର୍ବସ୍ଥାନ ।୬୮
ଆପେଟି ସର୍ବସ୍ଥାନ ହୋଇ
ଆପେ ଯୋଗୀଙ୍କ ସଙ୍ଗ ଠାଇଁ ।୬୯
ଏମନ୍ତେ ତୋହର ଲୀଳା ଜାଣି
ମୁଁ କିସ କହିବି ଯେ ପୁଣି ।୭୦
ଆପଣକୁ ଆପେ ଚିହ୍ନି ରହ
ହେବେ ସଂସାରେ ଦୁଃଖ ଆଉ ।୭୧
ଆପଣକୁ ଆପେ ଭୁ ଚିହ୍ନିଲେ
ଏବେଳେ ରକ୍ଷିବାଟି ଗଲେ ।୭୨
ଆପଣକୁ ଆପେ ଚିହ୍ନି ଛୁଟି
ଏତେବେଳ ଚକାଚକୁଁ ନପାଇ ।୭୩
ଆପଣକୁ ଆପେ ଚିହ୍ନି ଜାଣି
ଆପଣକୁ ଆପେ ରଖ ପୁଣି ।୭୪

ଆଜକୁ ଆଉ ଦୟାକର
ଲୀଳା ଦେଖିବୁ ଯେ ତୋହର ।୭୫
ଧନ୍ୟ ଶଙ୍କର ତୁ ଅଛଇଁ
ଏହା ଜାଣିଲି ପ୍ରଭୁ ମୁହିଁ ।୭୬
କି ଲୁଚେ ଲୀଳା ! ମୁଁ କହୁଛି
ଜଗତେ କି ଲୁଚେ ଘୋଟିଛି ।୭୭
ଏହା ଦେଖିବ ମୁଁ ବୋଲଇ
ହଳଣ୍ଡ ଭୋଗ ହଅ ପୁତ ।୭୮
ଏବସ୍ତୁ ଅନ୍ୟ ଯ ନାଗଛ
କହେ ପ୍ରଭୁ ମୋତେ କର କ୍ଷମା ।୭୯
ଏପେକ୍ଷୀ ମନ୍ତ୍ରକେ ତୋ ଲୀଳା
କେମନ୍ତେ କହୁଅଛ ଭୋଳା ।୮୦
ଏହା ଦେଖିଲେ ମେଉ ଆଶ
କହଇ ଅରକ୍ଷିତ ଦାସ ।୮୧

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହିମଣ୍ଡଳ ଗୀତା ଜଥନେ
ନାମ ପଞ୍ଚଦଶୋଽଧ୍ୟାୟଃ ।

---

# ଷୋଡ଼ଶ ଅଧ୍ୟାୟ

ମନ ମୁକ୍ତ ଏହା ଶୁଣି
ଚୈତନ୍ୟ ମନେ ମନେ ଗୁଣି ।୧
ତୁ ମାୟା କଲ୍ଲୁ ମୋ ମନ୍ୟ
ଏତେମାତ୍ର ମାୟା ବି.ମ ବୃଦ୍ଧ ।୨
ମାୟାକୁ ସତ୍ୟ ତୁ ନେଲୁ
ତୁ ମୋତେ ଚିହ୍ନି ନ ପାରିଲୁ ।୩
ତୁ ମୋର ଜୀବ ଅଟୁ ହୋଇ
ମୋର ସଙ୍ଗତେ ଛୁଟି ଗଲି ।୪
କର୍ମୀ ତୁ ମୋତେ ପାଶୋରିଲୁ
ନାମଟି ମୋର ଛାଡ଼ି ଦେଲୁ ।୫
ତେଣୁ ମୁଁ ତୋତେ ମାୟା କଲି
ନାନା କର୍ମରେ ସ୍ଥଳକଲି ।୬
ତେଣୁ ମାୟାରେ ତୁ ଭୁଲିଲୁ
ମୋତେ ତୁ ଚିହ୍ନି ନ ପାରିଲୁ ।୭
ଏବେ ମୁଁ କହୁଅଛି ଶୁଣ
ନାମ ତୁ ଚିହ୍ନ ଅଲକ୍ଷଣ ।୮
ମାତା ପିତା ହେଉ ଜାଣିଲ
ଜନ ଗର୍ଭିନି ଏକାନ୍ତରେ ।୯
ଯେ କାରଣ ମୁହିଁ କହୁଛି
ନାମ ତୁ ଚିହ୍ନ ହୋ ବୋଲଇ ।୧୦
ତୋତେ ମୁଁ ନାମଦୀକ୍ଷା ଦେଇ
ଶୂନ୍ୟରେ ମୁହିଁ ଛୁଟି ରହି ।୧୧
ଗର୍ଭେ ରହିଲୁ ଦଶମାସ
ନାମରେ ଥିଲୁ ତୋ ବିଶ୍ୱାସ ।୧୨
ପୃଥ୍ୱୀରେ ଜନ୍ମ ହୋଇଲୁ
ଧୂଷ କୌତୁକେ ମନ ଦେଲୁ ।୧୩
ଏବେ ତୁ ସେହି ନାମ ଚିହ୍ନ
ମୋହର ନାହିଁଟି ଅଯତ୍ନ ।୧୪

ସର୍ବ ଘଟରେ ନାମ ଦେଖ
ତେବେ ପାଇବୁ ବ୍ରହ୍ମ ସୁଖ ।୪
ସେ ନାମ ଦୟା ଯେ କରିବେ
କ୍ଷୁଧା ତୃଷାକୁ ଦୂରେ ଦିବେ ।୫
ଖରା ବରଷା ଶୀତ ସମସ୍ତ
ତୋତେ ଯେ ନ ବାଧିବେ ଦେଖ ।୬
ଚଉରାଶି ରୋଗ ସେହି ନାମ
ଦୟା କରିବେ ସେହୁ ଶୁଣ ।୭
ରୋଗ ବ୍ୟାଧିକି ନ କରିବ
ଦେହ ତୋ କଷ୍ଟ ହୋଇଥିବ ।୮
ନିଦ୍ରା ଉଷ୍ମକି ତା ଶଙ୍କର
ତୋ ଠାରୁଁ କରିଦେବେ ଦୂର ।୯
ରୂପ ଅବସ୍ଥା ନ ଜାଣିବୁ
ଯାହା ଚାହିଁଲେ ତା ପାଇବୁ ।୧୦
ତୋତେ କି ନ ଦେଖିବେ କେହି
ତୁହି ଦେଖିବୁ ସର୍ବ ଦେହି ।୧୧
ପବନ ଯେମନ୍ତେ ବହୁଛି
ତା ରୂପ ନ ଦିଶଇ କାନ୍ତି ।୧୨
ତୁହି ସେହି ରୂପ ହୋଇବୁ
ଯେବେ ତୁ ସେ ରୂପ ଚିହ୍ନିବୁ ।୧୩
ବାଳକ ରୂପ ତୁ ଚାହୁଁଲେ
ବାଳକ ରୂପ ହେବୁ ଭଲେ ।୧୪
ବୃଦ୍ଧ ରୂପକୁ ଇଚ୍ଛା ଯେବେ
ବୃଦ୍ଧ ରୂପ ହୋଇବୁ ତେବେ ।୧୫
ନବ ଯୁବାକୁ ଇଚ୍ଛା କଲେ
ନବ ଯୁବା ହୋଇବୁ ଭଲେ ।୧୬
ସେ ନାମ ଜାଣିଥିଲେ ତୁହି
ଯେତେ ରୂପ ଚାହିଁଲେ ପାଇ ।୧୭

ସେ ନାମ ଏମନ୍ତ ମହିମା
କିଏ କହିବ ତାର ସୀମା ।୧୮
ଯେ ନାମେ ଭଜନ୍ତି କୃଷ୍ଣ
ତେବେ ରଖିବୁ ଏହୁ ଦେହ ।୧୯
ଭକତ ଯେମନ୍ତେ ହୋଇବୁ
ତୋତେ ମୁଁ କହୁଅଛି ସବୁ ।୨୦
ଦେଖ ଆକାଶ ଶୂନ୍ୟ ଥାଇ
ସେ ଘଟେ ରହ ମୁଁ କହଇ ।୨୧
ଦେଖ ଏ ସୂର୍ଯ୍ୟ ଘୋଟି ଅଛି
ତା ତେଜ କାହିଁ ନ ଘୁଞ୍ଚୁଛି ।୨୨
ତୁହି ଯେସନ ଘଟେ ରହ
ଘଟେକ ରହିବ ସିନା ଦେହ ।୨୩
ଦେଖ ଚନ୍ଦ୍ରମା ତେଜ ହୋଇ
ବ୍ରହ୍ମାଣ୍ଡ ପୂରିଅଛି କହି ।୨୪
ତୁ ଏବେ ଏକ ଭାବ କର
ଜନ୍ମ ମୃତ୍ୟୁକୁ ତୁ ନ ଡର ।୨୫
ଦେଖ ଏ ପବନ ବହୁଛି
ସକଳ ସମାନ ଦେଖୁଛି ।୨୬
ତୁହି ସମାନ ଦେଖିବୁ
ଅପୂର୍ବ ପ୍ରକାଶ ହୋଇବୁ ।୨୭
ଦେଖ ଅଗ୍ନି ସର୍ବ ଖାଇ
ପାପ ପୁଣ୍ୟ କି ତାର ନାହିଁ ।୨୮
ତୁହି ଏହି ଭାବ କର
ପାପ ପୁଣ୍ୟକୁ ତୁ ନ ଡର ।୨୯
ଜଳ ସେ ସମାନ ଦେଖଇ
ସ୍ୱର୍ଗ ନରକ ନ ଜାଣଇ ।୩୦
ତୁହି ସମାନ ଦେଖିବୁ
ସ୍ୱର୍ଗ ନରକ ନ ବାରିବୁ ।୩୧

ଦେଖ ପୃଥ୍ୱୀ ସବୁଅଛି
ସଜନ ସମାନ ଦେଖୁଛି ।୭୨
ଲୁବ୍ଧ ସେ ଭାବ ଦୁର୍ଜନ ଧନି
ସକଳ ସଦା ସମ କରି ।୭୩
ମୁହିଁଟି ଏବ ଭୂତେକ ଥାଇ
ଚର ଅଚର ନ ଜାଣଇ ।୭୪
ମୁହିଁଟି ଜଗତେ ବୋଲିଛି
ଧର୍ମ ଅଧର୍ମ ନ ଜାଣୁଛି ।୭୫

ଭୂତହିଁ ସମାନ ଦେଖିବୁ
ଧର୍ମ ଅଧର୍ମ ନ କରିବୁ ।୭୬
ସଂସାରେ ଖେଳ ଲଗାଇଲି
ଧର୍ମ ଅଧର୍ମ କଳ୍ପିଲି ।୭୭
କହିଲେ ଏ ଦୁହେଁ ସମାନ
ତୁ ଏବେ ଶୁଣ ମୋ ବଚନ ।୭୮

ଭଜନ୍ତି ଭବ ଶୁଣ ଏହି
ତୋତେ ମୁଁ ଫେଡ଼ି କହୁଅଛି ।୭୯
ଏଭାବ କେହି ନ ଜାଣନ୍ତି
ଜନ୍ମ ମୃତ୍ୟୁରେ ଧାଣ୍ଡି ହୁଣ୍ଡି ।୮୦
ଧ୍ୟାନ ସମ୍ବରେ କ୍ଲେଶ ପାଇ
ଏ ଭାବ ନ ଜାଣନ୍ତି କେହି ।୮୧
କେ ଅବା ତୀର୍ଥ କରନ୍ତି
କେ ଅବା ଦେବତା ପୂଜନ୍ତି ।୮୨
କେ ଅବା ନାନା ଯୋଗ କରି
ମରନ୍ତି ସେ ଭାବ ପାଶୋରି ।୮୩

କେ ଅବା କଳ୍ପ ଖାଇ ରହି
ଭାବତ କିଛି ନ ଜାଣଇ ।୮୪
ଏମନ୍ତେ ନାନା ମତେ ଭ୍ରମି
ତେଣୁ ଅଜ୍ଞାନ ହେଲ ପୁଣି ।୮୫

ଏଣୁ ତୁ ସବୁ କର୍ମ ଛାଡ଼ି
ଭକତି ଭାବ କର ଦୃଢ଼ି ।୮୬
ଭକତି ଭାବେ ତୁ ପଶିଲେ
ସକଳ ଦୂର ଯିବ ଭଲେ ।୮୭
ନିର୍ମାୟା ହୋଇଣ ରହିବୁ
ତୃଷ୍ଣା କେବେ ନ ମଣିବୁ ।୮୮
ଯେବେ ଇଚ୍ଛା ହୋଇବ ତୋର
ମୋ ଦେହେଁ ରହିବୁ ନିକର ।୮୯

ମନ ଆନନ୍ଦ ତାହା ଶୁଣି
ବୋଲିଲ ନିସ୍ତରି ପୁଣି ।୯୦
ଏ ଦେହେ କିଛି କାର୍ଯ୍ୟ ନାହିଁ
ତୋ ଅଙ୍ଗେ ମିଶିବଟି ମୁହିଁ ।୯୧
ଏହି ସୁବସ୍ତୁ ମୋତେ ଦେଇ
ତୋର ଭକତି ବଢ଼େ ଥାଉ ।୯୨

ଏ ମହୀ ମଣ୍ଡଳରେ ମୁହିଁ
କର୍ମା ମୁଁ ଭୁଞ୍ଜୁଥିବ କହି ।୯୩
ତୁ ଧରି ଅବତାର ହେଲୁ
କେତେ କେତେ ଶ୍ରୀ ମାନି ତାଳୁ ।୯୪

ଯେତେ ଧନଟି ଲଭିଥିବ
ତୋ ଭାବ ଅନ୍ତର ନୋହିବ ।୯୫
ଏତେକ ମାଗୁଣି ମାଗଇ
ତୋ ନିଜ ନାମ ଧଅ କହି ।୯୬
ଆହେ ସୁଜନମାନେ ଶୁଣ
ମହୀମଣ୍ଡଳ ଗୀତା ରୁଣ ।୯୭
ଯାହାର ଅନୁଭବ ଥିବ
ଏ ଗୀତା ଭେଦ ସେ ସାଧିବ ।୯୮
ଏ ଗୀତା ଭେଦ ନ ପାଇଲେ
କି ଜ୍ଞାନ ଜାଣିବ ସେ ଭଲେ ।୯୯

ଏ ଗୀତାରେ ଯେଉଁ ଭକ୍ତି ଅଛି
ଯେଉଁଜନ ଲୋକ ଜାଣେ ଶୁଦ୍ଧି ।୧୦
ଯେବେ ସେ ସାଧିବ ନିକର
ଅମର ହେବ ତା ଶରୀର ।୧୧
ନନାହେଲେ କେବେ ଗଣ ନାହିଁ
ସଂସାରେ ଥିବ ସେ କର୍ମାଇଁ ।୧୨
ଯେବେ ସେ ନାମ ନ ଶୁଣଇ
ତୁମ୍ଭର ଦୋରେ ଯାନ୍ତି ସେହି ।୧୩
ଯା ଲାଗି ଦେହ ବହିଅଛି
ତା ନାମ ନ ଭଜଇ କିଛି ।୧୪
ସଂସାର ଦୁଃଖ ସେ ପାଇବ
ନିଜ ସ୍ୱାମୀଙ୍କ ଛାଡ଼ି ମଲ ।୧୫
ହେ ପ୍ରଭୁ ଶରଣ ସୋଦର
ମୋର ଅପରାଧ କ୍ଷମାକର ।୧୬
ଏବେ କହିଲେ ଦୟାହେଜି
ଏ ମହାମନ୍ତ୍ରେକ ନ ଥାଇ ।୧୭
କହଇ ଅଚିନ୍ତ ଦାସ
ହାଣି ଦୁ କର ଶୀତବାସ ।୧୮

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମନ୍ତ୍ରକ ଗୀତା
କଥନେ ନାମ ସପ୍ତଦଶୋଽଧ୍ୟାୟଃ ।

---

# ଅଷ୍ଟାଦଶ ଅଧ୍ୟାୟ

ଅହେ ଚୈତନ୍ୟ ଶୁଣ ତୁମ୍ଭ
ଆଜ୍ଞାକୁ ଦେଲ ଯିବା ମୁହିଁ ।୧
ଆଜ୍ଞା ଖୋଜିଲେ ମୁଁ ନ ପାଇ
ଭୟ ତ କରୁଛି କେଣାପାଇଁ ।୨
ତୁମ୍ଭର ଆଜ୍ଞା ଯେବେ ହେବ
ଭୟ ତ କେବେ ସେ ନୋହିବ ।୩
ମନ ମୁଖନ୍ତୁ ଏହା ଶୁଣି
ମନ ନିର୍ମଳ ଭାବ ଜାଣି ।୪
ହେ ମନ ଭୟ କାହିଁ ପାଇଁ
ଆଜ୍ଞା ମୁଁ ଦେଲି ପାଅ ତୁମ୍ଭ ।୫
କ୍ଷେତ୍ରଗିରିକୁ ଯେତେ ପାଅ
ଏକାନ୍ତ ହୋଇ ତୁମ୍ଭ ରହ ।୬
କେଉଁ ମୁହାଁସ ଛାଡ଼ି ତୁମ୍ଭ
ଏଥିରେ କିଛି ଚାହିଁ ନାହିଁ ।୭
ଏକାନ୍ତ ହୋଇଣ ରହିବ
କାହାଣ ସଙ୍ଗ ନ କରିବ ।୮
ଏକାନ୍ତ ହୋଇ କହେ ରହ
ଆଜ୍ଞା ମୋହର ମାନ ଥାଅ ।୯
ଆଜ୍ଞାକୁ ଦେବ ହୋଇଅଛୁ
ମାୟାରେ ନ ଜାଣିଲୁ କିଛି ।୧୦
ଏବେ ମୁଁ କହୁଅଛି ଶୁଣ
ଆଗେ ଆଜ୍ଞା ସଙ୍ଗେ ଜନମ ।୧୧
ସ୍ଥାବର ଜୀବଜନ୍ତୁ ଯେତେ
ଆଜ୍ଞାକୁ ଜନ୍ମିଲେ ସମସ୍ତେ ।୧୨

ଅଜ୍ଞାନ୍ତି ବ୍ରହ୍ମା ଯେ ପାଇଲେ
ସକଳ ସୃଷ୍ଟି ସେ ସର୍ଜିଲେ ।୧୩
ଅଜ୍ଞାନ୍ତି ବିଷ୍ଣୁ ଯେ ପାଇଣ
ସକଳ ସୃଷ୍ଟି ପାଳେ ପୁଣ ।୧୪
ଅଜ୍ଞାନ୍ତି ଈଶ୍ୱର ପାଇଲେ
ସକଳ ସୃଷ୍ଟି ସଂହାରିଲେ ।୧୫
ଅଜ୍ଞାନ୍ତି ଚନ୍ଦ୍ର ସୂର୍ଯ୍ୟ ପାଇ
ନିଶି ଦିବସ ଭ୍ରମେ ସେହି ।୧୬
ଅଜ୍ଞାନ୍ତି ଗ୍ରହ ତାରାଗଣ
ନିଶି ଦିବସ ଭ୍ରମେ ପୁଣ ।୧୭
ଅଜ୍ଞାନ୍ତି ଦେବତା ପାଇଲେ
ଅମୃତ ଖାଇ ସେ ରହିଲେ ।୧୮
ଅଜ୍ଞାନ୍ତି ଶଚୀ ଯେ ପାଇଲା
ଅମର ପୁରର ସେ ରହିଲା ।୧୯
ଅଜ୍ଞାନ୍ତି ଇନ୍ଦ୍ର ପାଇ ଜଣି
ସ୍ୱର୍ଗ ହୋଇଛି ଅଧିକାରୀ ।୨୦
ଅଜ୍ଞାନ୍ତି ବୃହସ୍ପତି ପାଇ
ସକଳ ବେଦ ସେ କହଇ ।୨୧
ଅଜ୍ଞାନ୍ତି କୁବେର ପାଇଛି
ଭଣ୍ଡାର ଘର ସେ ଜଗିଛି ।୨୨
ଅଜ୍ଞାନ୍ତି ଯମ ଯେ ପାଇଲା
ପାପ ପୁଣ୍ୟକୁ ସେ ବୁଝିଲା ।୨୩
ଅଜ୍ଞାନ୍ତି ଶୁକ୍ର ମେଘେ ପାଇ
ପୃଥ୍ୱୀ ପାଳୁଛନ୍ତି ସେହି ।୨୪
ତେତିଶ କୋଟି ଦେବ ଯେତେକ
ଅଜ୍ଞାରେ ଅଛନ୍ତି ସମସ୍ତ ।୨୫
ଅନନ୍ତ କୋଟି ସାଧୁ ଗଣ
ଅଜ୍ଞାକୁ ଧରି ସେ ଭ୍ରମିଣ ।୨୬

ଅଜ୍ଞାନ୍ତି ଧ୍ରୁବ ଯେ ପାଇଲେ
ଧ୍ରୁବ ମଣ୍ଡଳେ ସେ ରହିଲେ ।୨୭
ଅଜ୍ଞାନ୍ତି ଅଗସ୍ତି ପାଇଣ
ସପ୍ତ ସମୁଦ୍ର ଶୋଷେ ପୁଣ ।୨୮
ଅଜ୍ଞାନ୍ତି ବିଭୀଷଣ ପାଇ
ଅମର ହୋଇଣ ଅଛଇ ।୨୯
ଅଜ୍ଞାନ୍ତି ହନୁ ଯେ ପାଇଲେ
ଅମର ହୋଇଣ ରହିଲେ ।୩୦
ଅଜ୍ଞା ଯେ ମୁନିଗଣ ପାଇ
ଗୋପରେ ସ୍ତ୍ରୀ ରୂପ ହୋଇ ।୩୧
ଅଜ୍ଞାନ୍ତି ବାସୁକି ପାଇଣ
ପୃଥ୍ୱୀ ବହିଅଛି ପୁଣ ।୩୨
ପୃଥ୍ୱୀ ଅଜ୍ଞାନ୍ତି ପାଇଲେ
ସକଳ ଜୀବ ସେ ସହିଲେ ।୩୩
ଅସୁରେ ଅଜ୍ଞା ବଳ ପାଇ
ପୃଥ୍ୱୀକି ବହୁ କ୍ଳେଶ ଦେଇ ।୩୪
ପୃଥ୍ୱୀ ନାମରେ ଦେବ ଗଣ
ଗୁହାରି କରନ୍ତି ସେ ପୁଣ ।୩୫
ତାଙ୍କର ବଚନ ଶୁଣନ୍ତି
ଦଶ ଅବତାର ହୁଅନ୍ତି ।୩୬
ଅଜ୍ଞାନ୍ତି ମୀନ ରୂପ ହୋଇ
ଶଙ୍ଖ ସୁମନେ ଶକ୍ତି ଦେଇ ।୩୭
ଅଜ୍ଞାନ୍ତି କୂର୍ମ ରୂପ ଧରି
ସଂସାରେ ଖେଳେ ନରହରି ।୩୮
ଅଜ୍ଞାନ୍ତି ବରାହ ଏସ ରୂପ
ଅବନୀ ଉଦ୍ଧାରେଣ କୋପ ।୩୯
ନରସିଂହ ରୂପ ଅଜ୍ଞାନ୍ତି
ହିରଣ୍ୟ ନାଶି ଘୋର ହନ୍ତି ।୪୦

ବାମନ ରୂପ ଆଜ୍ଞା ପାଇ
ବାଳୀକୁ ଛପିଲୁ ସେ ମନ୍ତ୍ର ।୮୧
ବାଳୀକି ପାତାଳେ ରଖିଲୁ
ଆଜ୍ଞାରୁ ଦ୍ୱାରପାଳ ହେଲୁ ।୮୨
ଆଜ୍ଞାରୁ ପର୍ଶୁରାମ ରୂପ
ଅବନୀ ଖତ୍ରି ହରୁ ଦର୍ପ ।୮୩
ଆଜ୍ଞାରୁ ରାମ ରୂପ ଜାଣ
ରାବଣ ନାଶିଲୁ ସେ ପୁଣ ।୮୪
ଆଜ୍ଞାରୁ ବଳରାମ ରୂପ
କଂସର ହରିଲୁ ସେ ଦର୍ପ ।୮୫
ଆଜ୍ଞାରୁ ବୌଦ୍ଧ ରୂପ ହେଲୁ
ଶ୍ରୀ ମାଳ କଟକେ ରହିଲୁ ।୮୬

ଆଜ୍ଞାରୁ କଳ୍କି ରୂପ ହେବ
ଦୁଷ୍ଟ ଠାକ ସବୁ ସଂହାରିବ ।୮୭
ଏମନ୍ତେ ଦଶ ଅବତାର
ଅବନୀ ଭାର କଲୁ ଦୂର ।୮୮
ଏମନ୍ତ ଆଜ୍ଞାର ମହିମା
ମୁଁ କିସ କହିବି ତା ସୀମା ।୮୯
ମୁହିଁ ଟି ଆଜ୍ଞା ପାଇଅଛି
ସକଳ ଘଟେ ରହିଅଛି ।୯୦
ଭୁଞ୍ଜିଛି ମୋର ସଙ୍ଗେ ଥିବୁ
ଆଜ୍ଞାକୁ ସେବକ ହୁଅ ତିଷ୍ଠିବୁ ।୯୧
ବୋଇଲେ କେବଳ ନାହିଁ ପଣ
ନମଇଁ ଅରକ୍ଷିତ ଦାସ ।୯୨

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଅଷ୍ଟାଦଶୋଽଧ୍ୟାୟଃ

## ଊନବିଂଶ ଅଧ୍ୟାୟ

ମନ ଚୈତନ୍ୟ ମୁଖ ଶୁଣି
ଆଜ୍ଞା ମହିମା କହ ତୁହି ।୧
ଆଜ୍ଞାର ମହିମା ଶୁଣିବି
ତୋ ଆଜ୍ଞା ହେଲେ ସୁଖେ ଥିବି ।୨
ମନ ମୁଖରୁ ଏହା ଶୁଣି
ଆଜ୍ଞା ମହିମା କୁହେ ପୁଣି ।୩
ବାୟୁନନ୍ଦ ସେ ଆଜ୍ଞା ପାଇ
ସେ ଜଳ ଲଙ୍ଘି ନ ପାରଇ ।୪
ଆଜ୍ଞା ପାଇଣ ସେ ବରୁଣ
ଜଳରେ ଅଛନ୍ତି ପୁଣ ।୫

ଆଜ୍ଞା ପାଇଣ ପ୍ରହଲ୍ଲାଦ
ଭକତି ଯୋଗ କଲା ସାଧ ।୬
ଆଜ୍ଞାକି ଶଙ୍ଖ ଚକ୍ର ଧରିଲି
ଯେତେବେ ଯେତିକିଲେ ତେତେବେ ଶାଇ ।୭
ଆଜ୍ଞାକି ଗଦା ପଦ୍ମ ଧରି
ହେ ମନ ଶୁଣ ହେଲୁ କହି ।୮
ଆଜ୍ଞାକି ଗରୁଡ଼ ପାଇଣ
ପ୍ରଭୁଙ୍କ ବାହାନ ସେ ପୁଣ ।୯
କୌସ୍ତୁଭ ମଣି ଆଜ୍ଞା ପାଇ
ଗଳାରେ ଲମ୍ବି ଅଛି ସେହି ।୧୦

ଜମ୍ବୁ ବନସ୍ଥ ଦେବୀ ସିଦ୍ଧ
ଦ୍ୱାର ଜଗନ୍ତେ ଆଜ୍ଞା ପାଇ ।୧୧
ସାତ ଖଣ୍ଡରି ଜଗନ୍ନାଥ
ଆଜ୍ଞା ପାଇ ଦ୍ୱାର ଜଗିଛି ।୧୨
ସାତ ଖଣ୍ଡରି ସେ ଶୁଣି
ଆଜ୍ଞା ପାଇ ଦ୍ୱାର ଜଗିଣି ।୧୩
ସାତ ଖଣ୍ଡରି କୃଷ୍ଣ ନାମ
ଆଜ୍ଞା ପାଇ ଦ୍ୱାର ଜଗଇ ।୧୪
ସାତ ଖଣ୍ଡରି ନାରାୟଣ
ଆଜ୍ଞା ପାଇ ଦ୍ୱାର ଜଗିଣ ।୧୫
ବ୍ରହ୍ମ ଦେବଙ୍କି ଆଜ୍ଞା ଧରି
ବ୍ରହ୍ମ ଦ୍ୱାରେଟି ସେ ପ୍ରହରି ।୧୬
ନିତ୍ୟ ପ୍ରଳୟ କଥା ଏହି
ଶୁଣ ସୁମନ ଚିତ୍ତ ଦେଇ ।୧୭
ଚନ୍ଦ୍ରଙ୍କୁ ସବେ ଜାଣୁଛନ୍ତି
ଆଜ୍ଞାକୁ ମୁଣ ସେ ଧରନ୍ତି ।୧୮
ଆଜ୍ଞା ପାଇଣ ଚଣ୍ଡ ଗଲା
ରାଜାଙ୍କୁ ସଙ୍କଟୁ ତାରିଲା ।୧୯
ଆଜ୍ଞା ପାଇ ବାସବ ସାଇ
ମୁକୁଣ୍ଡୀ ସଙ୍କଟୁ ତାରଇ ।୨୦
ଆଜ୍ଞା ପାଇ ପବନ ଗଲା
ବୈଦେହୀ ଲଙ୍କାରୁ ଆଣିଲା ।୨୧
ଭଗିଆ ଚଣ୍ଡୀ ଆଜ୍ଞା ପାଇ
ମହା ସଙ୍କଟୁ ପାର ହୋଇ ।୨୨
ଆଜ୍ଞା ପାଇଣ ଦେବମାନେ
ବଳୀକୁ ପିଟିଲେ ତତ୍‌କ୍ଷଣେ ।୨୩
ଶ୍ରୀକୃଷ୍ଣ ଦେବ ଆଜ୍ଞା ପାଇ
ରାଜଶ୍ରୀ ସଙ୍ଗି କଲେ ସେହି ।୨୪

ଆଜ୍ଞା ପାଇଣ ଜନ୍ମି ଥିଲେ
ଦ୍ରୁପଦଶ ସେନ ସ୍ୱର୍ଗ ଗଲେ ।୨୫
ଆଜ୍ଞାକୁ ଭୃଗୁବ ଧରିଲେ
ସ୍ତମ୍ଭ ଶାପରୁ ପାର ହେଲେ ।୨୬
ମାର୍କଣ୍ଡ ଋଷି ଆଜ୍ଞା ପାଇ
ପ୍ରଳୟୁ କଲ୍ପ ପାର ହୋଇ ।୨୭
କୁବୁଜା ଆଜ୍ଞାଟି ପାଳିଲା
ନବ ଯୁବତୀ ସେ ହୋଇଲା ।୨୮
ଆଜ୍ଞାଟି ଅଛି ସେ ପାଳଣ
ଭକ୍ତ ଦେଖିଲେ ନନ୍ଦନ ।୨୯
ଆଜ୍ଞା ପାଇ କାଳିନ୍ଦୀ ଜଳ
ବାଟ ପାଇ ହେଲା ନିର୍ମଳ ।୩୦
ଏମନ୍ତ ଆଜ୍ଞାର ମହିମା
କସ କହିବ ତାର ସୀମା ।୩୧
ଆଜ୍ଞା ପାଇ ନଦୀ ଜଳ ପୁଣି
ସକଳ ଜନର ଜୀବନ ।୩୨
ଆଜ୍ଞାରୁ ଅଗ୍ନି ସେ ଜଳନ୍ତ
ସକଳ ଜୀବ ଦୁହେ ଥାଇ ।୩୩
ଆଜ୍ଞାରୁ ପବନ ବହିଲା
ସକଳ ଘଟେ ଚଳିଲା ।୩୪
ଆଜ୍ଞାଟି ଲକ୍ଷ୍ମୀ ସେ ପାଳିଲେ
ସବୁ ଜୀବଙ୍କୁ ଅନ୍ନ ଦେଲେ ।୩୫
ଆଜ୍ଞାରୁ ବାୟୁ ମାସ ହୋଇ
ଶୀତ ବରଷା ଖରା କହି ।୩୬
ଆଜ୍ଞାରୁ ସତ୍ୟ ତେଜ ହେଲା
ଆଜ୍ଞାରୁ ପୃଥିବୀ ପାଳିଲା ।୩୭
ଆଜ୍ଞାରୁ ସାତ ବାର ଜାଣି
ଓଲଟ ପାଲଟ ସେ ପୁଣି ।୩୮

ଷୋଳ ସନ୍ଧି ଆଜ୍ଞା ଥାଇ
ଷାଠିଏ ଘଟନ୍ତି ଦିନ ରାଇ ।୮୯
ଆଜ୍ଞା ପଦର ସୃଷ୍ଟି ହେଲା
ଅମାବସ୍ୟା ପୂର୍ଣ୍ଣିମା ଯେ ଭଲ ।୯୦
ଆଜ୍ଞାରୁ ଗ୍ରହଗଣ ମାନେ
ସପ୍ତବିଂଶ ନକ୍ଷତ୍ର ଗଣେ ।୯୧
ଆଜ୍ଞାରୁ ସ୍ତ୍ରୀ ପୁରୁଷ ହୋଇ
ଆଜ୍ଞାରୁ ଭୂପତି ହୁଅଇ ।୯୨
ଆଜ୍ଞାରୁ ରଜ ବୀର୍ଯ୍ୟ ମିଶି
ଶରୀର ଗଢ଼ନ୍ତି ଧରଣି ।୯୩
ଆଜ୍ଞାରୁ ହାଡ଼ ରକ୍ତ ମାଂସ
ପ୍ରେମ ନାଭି ଯେ ଶିରବାସ ।୯୪
ଅନ୍ତ ପିତ୍ତ ସୃଷ୍ଟି ପିଚୋଳ୍ପ
ଚୌଷଠି ବେଗ ଆଜ୍ଞା ଥାଇ ।୯୫
ପାଞ୍ଚ ପଚିଶ ଯେ ପ୍ରକୃତି
ଏମାନେ ଆଜ୍ଞାରେ ଚଳନ୍ତି ।୯୬
ଆଜ୍ଞାରୁ ବେଗ ମାନ ଚଳେ
ଦେଖ ନାଶନ୍ତି ଅବସ୍ଥାକେ ।୯୭
ଆଜ୍ଞାରୁ ନବ ଦ୍ୱାର କଲ
ଏକା ସୁଷୁମ୍ନେ ଯେ ଖଞ୍ଜିଲ ।୯୮
ଆଜ୍ଞାରୁ ଦେଖି ଶୁଣି ଖାଇ
ଆଜ୍ଞାରୁ ବାସନା ବାହୁଇ ।୯୯
ଆଜ୍ଞାରୁ ମଳ ମୂତ୍ର କରେ
ଦେଖ ରକ୍ଷନ୍ତି ଯେ ଆକାରେ ।୧୦୦
ଆଜ୍ଞା ହୋଇଲେ ନାଶ ଯାଇ
ଆଜ୍ଞା ହୋଇଲେ ଜାତ ହୁଅଇ ।୧୦୧
ଏମନ୍ତେ ଆଜ୍ଞା ତାର ହୋଇ
ଉତ୍ପତ୍ତି ପ୍ରଳୟ କରଇ ।୧୦୨
ଆଜ୍ଞାକୁ କରି ଭୂଷା ଆଣ
ନମଇ ଅରକ୍ଷିତ ଦାସ ।୧୦୩

ଇତି ଶ୍ରୀ ମଦ ଚୈତନ୍ୟ ସମ୍ବାଦେ ମସ୍ତ୍ରମଣ୍ଡଳ ଗୀତା
କଥନେ ନାମ ଊନବିଂଶୋଽଧ୍ୟାୟଃ ।

---

## ବିଂଶ ଅଧ୍ୟାୟ

ଏବେ ସୁମନ ଶୁଣ ଭକ୍ତି
ଆଛନ୍ତି ଆତ୍ମ ଜାତ ହୋଇ ।୧
ଆଜ୍ଞା ବେଗ ପବନ ଚଳେ
ଆଜ୍ଞା ଖଞ୍ଜାକୁ ଖଞ୍ଜା ଶୂନେ ।୨
ଆଜ୍ଞା ବେଗଣ ନାସ୍ତ ଦ୍ୱାରେ
ବାହାରେ ସହ ଦିବସରେ ।୩
ଆଜ୍ଞାକୁ ବେଗ ଯେ ପବନ
ଓଲଟ ପାଲଟ ହୋଇଣ ।୪
ଦ୍ୱାଦଶ ସୂତ୍ରେ ଆଉ ଗାତ
ଆଜ୍ଞା ହୋଇଲେ ଧରେ ଧାତ ।୫
ଜୀବ ପରମ ଆଜ୍ଞା ଥାଇ
ଦେହକୁ ଜାତ କରେ ଯେତେ ।୬

ମାତା ପିତା ସଂଯୋଗ ପାଇଁକ
ଆସନ୍ତି ପ୍ରାଣ ଚେତନ ନେଇ ।୭
ଶିଶୁ କଳ୍ପରେ କଲେବର
ଆସନ୍ତି କୃଷ୍ଣସ୍ୱରୂପ ହୋଇ ।୮
କି ରୂପେ ଥୋକାଏ ଜନ୍ମନ୍ତି
ଆତ୍ମାକୁ ଚିହ୍ନୀ ଜଣେ ଶୂନ୍ୟ ୯
କୁହା ଯାଉଛି କର୍ତ୍ତା ନିଆରା
କେହି ଭିକାରୀ ଆଶ ପାଇ ।୧୦
କି ରୂପେ ଥୋକାଏ ଜନ୍ମନ୍ତି
ଆତ୍ମାକୁ ଧନ ବସ୍ତୁ ପାନ୍ତି ।୧୧
ଆତ୍ମାକୁ ଆଶା ଦୃଷ୍ଟି ହୋଇ
ଆତ୍ମାକୁ ପ୍ରୀତି କରଇ ।୧୨
କେବେ ଅବା ମାତା ଗର୍ଭେ ନେଇ
କେବେ ଅବା ଜନ୍ମି ପ୍ରାଣ ଧରଇ ।୧୩
କେଉଁ ଅବା ଅନ୍ୟ ବସ୍ତୁ ଏ
ଆତ୍ମା ତୁ ହୋଇ ଯାନ୍ତି ନାଶ ।୧୪
କେବେ ଅବା ବସ୍ତୁତ ଜୀଅନ୍ତି
ଆତ୍ମାକୁ ଜନ୍ମ ମୃତ୍ୟୁ ପାନ୍ତି ।୧୫
ଏମନ୍ତେ ଆତ୍ମାର କି ଜାଣ
ଦେହକୁ ସର୍ବ ନାଶ ପୁଣ ।୧୬
ଆତ୍ମାର ପୁଂସ ଅଙ୍ଗ ହୋଇ
ଆତ୍ମାର ସ୍ତ୍ରୀ ଅଙ୍ଗ କହି ।୧୭
ଥୋକାଏ କ୍ଳିବ ଜନ୍ମ ସ୍ୱଭାବ
ବାହାରି ବାଧବା ବୋଲନ୍ତି ।୧୮
ଥୋକାଏ ସତ୍ତ୍ୱ ଅବ୍ୟୟ ହେଲେ
ଆତ୍ମାର ସ୍ୱରୂପ ଲଭିଲେ ।୧୯
ଆଛନ୍ତି ହେଲେ ମାତା ପିତା
ଆତ୍ମାର ଦଇବ ବିଧାତା ।୨୦

ଆତ୍ମା ହେଲେଟି ଦେହ ହୋଇ
ବିନା ଆତ୍ମାରେ ଦେହ ନାହିଁ ।୨୧
ଆତ୍ମାରେ ପ୍ରକୃତି ଚଳନ୍ତି
ଆତ୍ମାରେ ଦେବମାନେ ଥାନ୍ତି ।୨୨
ପ୍ରକୃତି ଗଣ ଆତ୍ମା ପାଇ
ଦେହ ନାଶନ୍ତି ଶସ୍ତ୍ର ହୋଇ ୨୩
ଆତ୍ମାକୁ କେହି ନ ଚିହ୍ନିଲେ
କେଣୁ ଦେହକୁ ନାଶ ଭଲେ ୨୪
ଆତ୍ମାକୁ ଯେ ଚିହ୍ନି ପାରଇ
ତାହାର ଜନ୍ମ ମୃତ୍ୟୁ ନାହିଁ ।୨୫
ଆତ୍ମାକୁ ଯେ ଚିହ୍ନି ପାରିବ
ମୃତ୍ୟୁ ଥିଲେହିଁ ସେ ବଞ୍ଚିବ ।୨୬
ହେ ମନ ଏ ଆତ୍ମାକୁ ତୁ ଚିହ୍ନ
କେବେହେଁ ନ ମରନ୍ତି ପୁଣ ।୨୭
ନବଖଣ୍ଡ ପୃଥ୍ୱୀ ଗଢନ
ସଂସାରରେ କେହି ନ ରହନ୍ତି ।୨୮
କେବଳ ଆତ୍ମା ମାତ୍ର ଥିବ
ପୃଥ୍ୱୀ ପ୍ରଳୟ ହୋଇବ ।୨୯
ଯେ ଜନ ଆତ୍ମାକୁ ଚିହ୍ନିବେ
ସେ ଜନ ପ୍ରଳୟେ ନ ମରିବେ ।୩୦
ଅକ୍ଷୟ ପିଣ୍ଡ ସେହୁ ଜାଣ
ପ୍ରଳୟ ହେବ କାହିଁ ପୁଣ ।୩୧
ବୃକ୍ଷ ପାଷାଣ ଜଳ ଭୂମି
ଆତ୍ମାର ନାଶ ନୋହେ ପୁଣ ।୩୨
ଆତ୍ମାର ସର୍ବେ ଅଟେ ଯାକ
ଆତ୍ମାର ସର୍ବେ ସୃଷ୍ଟି ହେଉ ।୩୩
ଅଶ୍ୱତ୍ଥ ଠାରୁ ବୃକ୍ଷ ହେଲେ
ଆତ୍ମାରେ ଅଛନ୍ତି ସମସ୍ତେ ।୩୪

ଆଜ୍ଞାରୁ ପୁଷ୍ପ ଯେ ସୃଜନ୍ତି
ଆଜ୍ଞାରୁ ଫଳ ଯେ ଫଳନ୍ତି ।୩୫
ଆଜ୍ଞାରୁ କାର୍ଣ୍ଣି ଭାଗବତରେ
କାର୍ଣ୍ଣିବା ଦୁର୍ଗନ୍ଧ ବାସନରେ ।୩୬
ଅଜ୍ଞାରୁ ଷଡ଼ ଋତୁ ହେଲ
ଆଜ୍ଞାରୁ ଅଷ୍ଟ ଧାତୁ ଜନ୍ମ ।୩୭
ଆଜ୍ଞାରୁ ନବ ରତ୍ନ ହୋଇ
ଆଜ୍ଞାରୁ ନାନା ବର୍ଣ୍ଣ ଜନ୍ମ ।୩୮
ମେରୁ ଠାରୁ ଯେତେ ପର୍ବତ
ଆଜ୍ଞାରୁ ଅନନ୍ତ ସମସ୍ତ ।୩୯
ବୃକ୍ଷାଦି ବୃକ୍ଷ ଯାଏ ହୋଇ
ଆଜ୍ଞାରୁ ସର୍ବ ଜାତ କହି ।୪୦
କୀଟରୁ ଅରୁ ତ ପର୍ଯ୍ୟନ୍ତେ
ଆଜ୍ଞାରୁ ଉତ୍ପନ୍ନ ସମସ୍ତେ ।୪୧
ସିଂହରୁ କୀଟ ଯାଏ ହୋଇ
ଆଜ୍ଞାରୁ ସର୍ବେ ଜାତ କହି ।୪୨
ଇନ୍ଦ୍ରଙ୍କ ଠାରୁ ଯେତେ ଦେବ
ଆଜ୍ଞାରୁ ଅଛନ୍ତି ସେ ସର୍ବ ।୪୩
ଚଉଦ ବ୍ରହ୍ମାଣ୍ଡ ସହିତେ
ଆଜ୍ଞାରୁ ଉତ୍ପନ୍ନ ସମସ୍ତେ ।୪୪
ନବଖଣ୍ଡ ପୃଥିବୀ ଜାଣ
ଆଜ୍ଞାରୁ ଏମାନ ଭୁଅଂଣ ।୪୫
ସପ୍ତ ସମୁଦ୍ର ଆଜ୍ଞା ଯାଇ
ଆଜ୍ଞାରୁ ସର୍ବେ ଜାତ ହୋଇ ।୪୬
ଚଳନ୍ତା ବୈଦ କୋଟି ଛନ୍ତି
ଆଜ୍ଞାରୁ ଏମାନେ ଚଳନ୍ତି ।୪୭

ନିଶ୍ଚଳ ବୈଦ କୋଟି ହୋଇ
ଆଜ୍ଞାରୁ ନ ଚଳନ୍ତି ସେହି ।୪୮
ଉଡ଼ା ଚଉଦ କୋଟି ଛନ୍ତି
ଆଜ୍ଞାରୁ ସେମାନେ ଉଡନ୍ତି ।୪୯
ବୁଡ଼ା ଚଉଦ କୋଟି ହୋଇ
ଆଜ୍ଞାକୁ ସେନି ବୁଡ଼ି ରହି ।୫୦
ରୂପନ କୋଟି ଶବ୍ଦ ଜାଣ
ଆଜ୍ଞାରୁ ଜନ୍ମିଲେଣି ପୁଣ ।୫୧
ଯେଉଁ କାଳେ ପୃଥିବୀ ନ ଥାଇ
ଚନ୍ଦ୍ର ସୂର୍ଯ୍ୟ ସେ ନେତ୍ର ନାହିଁ ।୫୨
ସେ କାଳେ ମହାଶୂନ୍ୟ ଥିଲ
ଶୂନ୍ୟରୁ ଅଜ୍ଞା ପ୍ରକାଶିଲ ।୫୩
ଆଜ୍ଞାରୁ ଦୃଷ୍ଟିବା ହୋଇଛନ୍ତି
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ସନ୍ଧି ।୫୪
ଆଜ୍ଞାରୁ ସର୍ବେ ଜାତ ହେଲେ
ଆଜ୍ଞାରୁ ସର୍ବେ ଲୀନା କଲେ ।୫୫
କୀଟରୁ ବ୍ରହ୍ମ ଯାଏ ଜାଣ
ଆଜ୍ଞାରୁ ଜାତ ହେଲେ ପୁଣ ।୫୬
ଏମନ୍ତ ଆଜ୍ଞାର ମହିମା
କହିଲେ ନ ସରଇ ସୀମା ।୫୭
ସମୁଦ୍ର ବାଲି ଗଣି ହେବ
ଆଜ୍ଞା ମହିମା କେ କହିବ ।୫୮
ଆଜ୍ଞା ମହିମା ଭବେ ରସ
ଜଗଇ ଅରକ୍ଷିତ ଦାସ ।୫୯
ଆଜ୍ଞାର ମହିମା ଅପାର
ସୁଜନେ ଏହା ହେତୁ କର ।୬୦

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା କଥନେ
ନାମ ପଂଚଦଶୋଧ୍ୟାୟଃ ।

# ଏକବିଂଶ ଅଧ୍ୟାୟ

ଆହେ ଚୈତନ୍ୟ ଆଜ୍ଞା କର
ଆଜ୍ଞାକୁ ଚିହ୍ନିବ ପାମର ।୧
ଆଜ୍ଞାକୁ ବେଦମନ୍ତ୍ର ଚିହ୍ନିବ
ଏ ଭାଷା ସମସ୍ତେ କହୁ ଦେବ ।୨
ଚୈତନ୍ୟ କହେ ମନ ଶୁଣ
ଆଜ୍ଞାକୁ ଚିହ୍ନି ହେବା କଠିନ ।୩
ଆଜ୍ଞାରୁ ଜଳ ସ୍ଥଳାନଳ
ଆଜ୍ଞାରୁ ପବନ ଆକାଶ ।୪
ଆଜ୍ଞାରୁ ବ୍ରହ୍ମଲୋକ କଲା
ଆଜ୍ଞାରୁ ଦେବ ଲୋକ ହୋଇ ।୫
ଆଜ୍ଞାରୁ ତପ ଲୋକ କଲା
ଆଜ୍ଞାରୁ ମହ ଲୋକ ହେଲା ।୬
ଆଜ୍ଞାରୁ ସ୍ଵର ଲୋକ ହୋଇ
ଆଜ୍ଞାରୁ ଜନ ଲୋକ କହି ।୭
ଆଜ୍ଞାରୁ ଧ୍ରୁବ ଲୋକ କଲା
ଶୁଣ ସୁମନେ ତାହା ଲୀଳା ।୮
ଆଜ୍ଞାରୁ ଗ୍ରହଗଣ ଜାତ
ଆଜ୍ଞାରୁ ଯକ୍ଷଗଣ ଶୁଣ ।୯
ଆଜ୍ଞାରୁ ଭୂତଗଣ କଲା
ଆଜ୍ଞାରୁ ପିତୃଗଣ ହୋଇ ।୧୦
ଆଜ୍ଞାରୁ ଯୋଗୀଗଣ କଲା
ଆଜ୍ଞାରୁ ପ୍ରେତଗଣ ହେଲା ।୧୧
ଆଜ୍ଞାରୁ ଅପ୍ସରା ଗଣ
ଆଜ୍ଞାରୁ ରୁଦ୍ରଗଣ ଜାଣ ।୧୨
ଆଜ୍ଞାରୁ ପିଶାଚକି ଜାଣ
ଆଜ୍ଞାରୁ ନାଗ ଗଣ ଶୁଣ ।୧୩

ଆଜ୍ଞାରୁ ବସ୍ତୁ ଗନ୍ଧ କଲା
ଆଜ୍ଞାରୁ ତାରାଗଣ ହେଲା ।୧୪
ଆଜ୍ଞାରୁ ଦେବଗଣ ହୋଇ
ଆଜ୍ଞାରୁ ନରଗଣ କହି ।୧୫
ଆଜ୍ଞାରୁ ସୁରଗଣ ହେଲେ
ଆଜ୍ଞା ଅସୁରଗଣ କଲେ ।୧୬
ଆଜ୍ଞାରୁ ଯୋଗୀଗଣ ହୋଇ
ଆଜ୍ଞାରୁ ପ୍ରକୃତି ଗଣହିଁ ।୧୭
ଆଜ୍ଞାରୁ ଚରାଚର ଶୁଣ
ଆଜ୍ଞାରୁ ସୃଷ୍ଟି ଉତ୍ପନ୍ନ ।୧୮
ଆଜ୍ଞାରୁ ମହାମନ୍ତ୍ର କଲା
ଶୁଣ ସୁମନେ ତାହା ଲୀଳା ।୧୯
ଗାୟତ୍ରୀ ସାବିତ୍ରୀ ଆଜ୍ଞାରୁ
ବ୍ରହ୍ମ ସାବିତ୍ରୀ ଯେ ତହିଁରୁ ।୨୦
ଆଜ୍ଞାରୁ ନାରାୟଣ ମନ୍ତ୍ର
ଶୁଣ ସୁମନେ ହେଲ ତନ୍ତ୍ର ।୨୧
ଆଜ୍ଞାରୁ ଗୋପାଳ ମନ୍ତ୍ର ହିଁ
ଦେବତା ସ୍ତୋତ୍ର ଜାତେ ହୋଇ ।୨୨
ଆଜ୍ଞାରୁ ନାନା ମନ୍ତ୍ର ଜାଣ
ଆଜ୍ଞାରୁ ନାନା ଯନ୍ତ୍ର ଶୁଣ ।୨୩
ନାନା ଔଷଧି ଅଜ୍ଞା ପାଇ
ନାନା ମୌଷଧି ଆଜ୍ଞା ହୋଇ ।୨୪
ଆଜ୍ଞାରୁ ନାନା ଯୋଗ ଜନ୍ମ
ଆଜ୍ଞାରୁ ନାନା ସିଦ୍ଧି ଶୁଣ ।୨୫
ଆଜ୍ଞାରୁ ନାନା ଧ୍ୟାନ ହୋଇ
ଆଜ୍ଞାରୁ ନାନା ଆସନ ହିଁ ।୨୬

ଅଜ୍ଞାନୁ ନାନା ମାଳ ଶୁଣ
ଅଜ୍ଞାନୁ ନାନା ଜପ ପୁଣି ।୨୭

ଅଜ୍ଞାନୁ ନାନା ନାମ ହୋଇ
ଶୁଣ ହୁମନ ଚିତ୍ତ ଦେଇ ।୨୮

ଅଜ୍ଞାନୁ ନାନା ବୃକ୍ଷ ଜନ୍ମେ
ଅଜ୍ଞାନୁ ଫୁଲ ଯେ ଫୁଟିଲେ ।୨୯

ଅଜ୍ଞାନୁ ନାନା ପୁଷ୍ପ ହୋଇ
ଅଜ୍ଞାନୁ ନାନା ଫଳ ଜନ୍ମି ।୩୦

ଅଜ୍ଞାନୁ ନାନା ମୂଳ ଜନ୍ମ
ଅଜ୍ଞାନୁ ନାନା ବେଦ ହେଲ ।୩୧

ଅଜ୍ଞାନୁ ନାନା ମାଟି ହୋଇ
ଅଜ୍ଞାନୁ ନାନା ବାଲି ଜନ୍ମି ।୩୨

ଅଜ୍ଞାନୁ ନାନା ଟୋଡ଼ା ଜନ୍ମ
ନାନା ପଥର ବୋଲାଇଲ ।୩୩

ଅଷ୍ଟ ଧାତୁରେ ନାନା ଦ୍ରବ୍ୟ
ଅଜ୍ଞାନୁ ହୋଇଲେଟି ସର୍ବ ।୩୪

ଅଜ୍ଞାନୁ ନବରତ୍ନ ହେଲ
ନାନା ପଦାର୍ଥ ବୋଲାଇଲ ।୩୫

ଅଜ୍ଞାନୁ ନାନା ବସ୍ତୁ ଜନ୍ମ
ଅଜ୍ଞାନୁ ନାନା ରଙ୍ଗ ହୋଇ ।୩୬

ଅଜ୍ଞାନୁ ବଣ ଚିହ୍ନ ହେଲ
ନାନା ବର୍ଣ୍ଣରେ ଭିଆଇଲ ।୩୭

ଅଜ୍ଞାନୁ ଚାରିବେଦ ହୋଇ
ନାନାଦି ଶାସ୍ତ୍ର ଅଜ୍ଞ ପାଇ ।୩୮

ଅଜ୍ଞାନୁ ବେଦାନ୍ତଟି ଜାଣି
ଅଜ୍ଞାନୁ ସିଦ୍ଧାନ୍ତ ପ୍ରମାଣ ।୩୯

ଅଜ୍ଞାନୁ ଯୋଗାନ୍ତଟି ହେଲ
ଅଜ୍ଞାନୁ ନାଗାନ୍ତ ଜନ୍ମିଲ ।୪୦

ଅଜ୍ଞାନୁ ନାନା ଗ୍ରନ୍ଥ ହୋଇ
ନବ ନାଟକ ଲୀଳା କଲ୍ପି ।୪୧

ଅଜ୍ଞାନୁ ନାନା ମନ୍ତ୍ର ଜନ୍ମ
ବେଦ ବିଦ୍ୟା ଜ୍ୟୋତିଷ ହେଲ ।୪୨

ଏମନ୍ତେ ନାନା ଗୀତ ହୋଇ
ଅଜ୍ଞାନୁ ସର୍ବ ଜାତି କଲ୍ପି ।୪୩

ଅଜ୍ଞାନୁ ଷଡ଼ ରସ ଜନ୍ମ
ଜଣା ମଧୁର ଯେ ହୋଇଲ ।୪୪

ଆମ୍ବିଳ ପିତା କ୍ଷାର ହୋଇ
ରାଗ ଅଜ୍ଞାନୁ ଜାତ କଲ୍ପି ।୪୫

ନାନାଦି ଭୋଗ ଯେ ଅଜ୍ଞାନୁ
ଘୃତ ବାହାର ଯେ କ୍ଷୀରନୁ ।୪୬

ତିଳରେ ତୈଳ ଅଜ୍ଞା ପାଇ
ମାଛି ମୁଖରେ ମଧୁ ଥୋଇ ।୪୭

ଅଜ୍ଞାନୁ ଇକ୍ଷୁରେ ଅମୃତ
କାଷ୍ଠରେ ଅଗ୍ନି ଯେ ସମ୍ଭୂତ ।୪୮

ଅଜ୍ଞାନୁ ସପ୍ତ ଯେ ଭୁଆଣ
ନାନାଦି ପକ୍ଷୀ ଜନ୍ମ ପୁଣ ।୪୯

ଅଜ୍ଞାନୁ ନାନା ସର୍ପ ହେଲେ
ନାନାଦି ବ୍ୟାଘ୍ର ଭାଲୁ ଜନ୍ମେ ।୫୦

ଅଜ୍ଞା ବରାହ ମୃଗ ହୋଇ
ଶଶା କୁରଙ୍ଗ ମର୍କଟହିଁ ।୫୧

ଅଜ୍ଞାନୁ ହସ୍ତି ଘୋଡ଼ା ଜନ୍ମ
ସିଂହ ଶୃଗାଳ ରଥ ହେଲ ।୫୨

ଅଜ୍ଞାନୁ ଗାଈ ବଳ ମଇଁଷି
ଛେଳି ମେଣ୍ଢା ଘୁଷୁରି ମିଶି ।୫୩

ଅଜ୍ଞାନୁ ମୂଷା ବେଙ୍ଗ ଜାଣ
ଏଣ୍ଡୁଅ ଟିଟିପିଟି ପୁଣ ।୫୪

ଆଜ୍ଞାରୁ ନାନା ବସ୍ତୁ କଲ
କୁମ୍ଭୀର ଗଧିଆ ନାଗ ହେଲ ।୫୫
ଆଜ୍ଞାରୁ ନାନା ମୀନ ହୋଇ
ଆଜ୍ଞାରୁ ନାନା ଲୋକ କଲ୍ପ ।୫୬
ଆଜ୍ଞାରୁ ନାନା ଜନ୍ତୁ ହେଲ
ନାନା ପକ୍ଷୀ ଭାରିଗ କଲ ।୫୭
ଆଜ୍ଞାରୁ ନାନା ରୂପ ହୋଇ
ନାନା କଦା ଯିମ୍ଭି ଭରି ।୫୮
ଆଜ୍ଞାରୁ ବସନ୍ତ କୁକୁର
ନଗଣ୍ଡା କୋଶିଆ ଇତ୍ୟର ।୫୯
ଇତ୍ୟାଦି ଜୀବ ଜନ୍ତୁ ଯେତେ
ଆଜ୍ଞାରୁ ଜାତ ଏ ସମସ୍ତେ ।୬୦
ଅନ୍ତରୁ ବ୍ରହ୍ମ ଯାଏ ଜାଣ
ଆଜ୍ଞାରୁ ସବୁ ଜାତ ପୁଣ ।୬୧
ହେ ମନ ଆଜ୍ଞାକୁ ତୁ ଚିହ୍ନ
ଆଜ୍ଞାରୁ ସବୁଟି ଉଆଣ ।୬୨
ଆଜ୍ଞାରୁ ଯେତେକ ବ୍ୟବସ୍ଥା
କହିଲେ ନ ସରଇ କଥା ।୬୩
ଆଜ୍ଞାରୁ ଉଆଣ ଅଶେଷ
ନମଇ ଅରକ୍ଷିତ ଦାସ ।୬୪
ଆହେ ସୁଜନ ଜନେ ଶୁଣ
ଆଜ୍ଞାରୁ ସବୁଟି ଉଆଣ ।୬୫

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମସ୍ତ୍ରମନ୍ତ୍ର ଗୀତା କଥନେ
ନାମ ଏକବିଂଶୋଽଧ୍ୟାୟଃ ।

# ଦ୍ୱାବିଂଶ ଅଧ୍ୟାୟ

ହେ ମନ ଶୁଣ ଏବେ ବୁଦ୍ଧି
ଆଜ୍ଞାକୁ ନ ଚିହ୍ନନ୍ତି କେହି ।୧
ଆଜ୍ଞାରୁ ଅମର ଜନ୍ମିଲା
ଆଜ୍ଞାରୁ ନାନା ଖେଳ ହେଲା ।୨
ଆଜ୍ଞାରୁ କୋଟି କୋଟି ହୋଇ
ଜନ୍ମ ଉତ୍ପତ୍ତି ଦେହ ବହି ।୩
ଆଜ୍ଞାରେ କୋଟି କୋଟି ମରେ
ଆଜ୍ଞାଟି ଏମନ୍ତ ବସ୍ତୁରେ ।୪
ଆଜ୍ଞାର ମହିମା ନ ଜାଣି
ଜନ୍ମ ମୃତ୍ୟୁ ଲଭନ୍ତି ପ୍ରାଣୀ ।୫
ଆଜ୍ଞା ନୋହିଲେ ମୃତ୍ୟୁ ନାହିଁ
ଆଜ୍ଞା ହୋଇଲେ ମୃତ୍ୟୁ ହୋଇ ।୬
ଆଜ୍ଞା ହୋଇଲେ ଜାତ ପୁଣ
ଆଜ୍ଞାରୁ ସବୁ ନଷ୍ଟ ଉଆଣ ।୭
ଆଜ୍ଞାରୁ ବହେଟି ପବନ
ସବୁ ଘଟରେ ସେ ଜୀବନ ।୮
ଆଜ୍ଞାରୁ ଅଗ୍ନି ସବୁ ଭୂତେ
କାଷ୍ଠ ଭିତରେ ସେ ଗୁପତେ ।୯
ଆଜ୍ଞାରୁ ଜଳ ଜାତ ହୋଇ
ଘଟେ ଘଟେଟି ସେହୁ ଥାଇ ।୧୦

ଚଉଦ ବ୍ରହ୍ମାଣ୍ଡଟି ମିଥ୍ୟା
ଆତ୍ମାଟି ସତ୍ୟହିଁ ସର୍ବଥା ।୪
ସପ୍ତ ସମୁଦ୍ର ମିଥ୍ୟା ଜାଣ
ଆତ୍ମାଟି ସତ୍ୟ ଏ ପ୍ରମାଣ ।୫
ନବ ଖଣ୍ଡ ପୃଥିବୀ ମିଛ
ଆତ୍ମାଟି ସତ୍ୟ ଏ ପ୍ରତ୍ୟକ୍ଷ ।୬
ତେତିଶ କୋଟି ଜୀବ ପୁଣି
ମିଥ୍ୟାଟି ବୋଲି ସର୍ବ ଜାଣି ।୭
ଭୂଲୋକ ବ୍ରହ୍ମଲୋକ ଯକ୍ଷ
ମିଥ୍ୟା ବୋଲିଣ ଜାଣ ତୁହି ।୮
ଆକାଶ ଶୂନ୍ୟ ମହାଶୂନ୍ୟ
ମିଥ୍ୟା ବୋଲିଣ ଏହୁ ଜାଣ ।୯
ଜଳ ପବନ ଅଗ୍ନି ହୋଇ
ମିଥ୍ୟା ବୋଲିଣ ଜାଣ ତୁହି ।୧୦
ଚନ୍ଦ୍ର ସୂର୍ଯ୍ୟ ସେ ତାରାଗଣ
ମିଥ୍ୟା ବୋଲିଣ ସର୍ବ ଜାଣ ।୧୧
ଆତ୍ମାରୁ ଏମାନେ ଜନ୍ମନ୍ତି
ସଂସାରେ ଲୀଳା କରୁଛନ୍ତି ।୧୨
ସଂସାରେ ଯେତେକ ଜାତ ହୋଇ
ମିଥ୍ୟା ବୋଲିଣ ଜାଣ ତୁହି ।୧୩
କୀଟରୁ ଗରୁଡ଼ ପର୍ଯ୍ୟନ୍ତେ
ମିଥ୍ୟା ବୋଲିଣ ଜାଣ ଚିତ୍ତେ ।୧୪
ରୁଦ୍ରାଦି ବ୍ରହ୍ମାଏ ପୁଣି
ମିଥ୍ୟା ବୋଲିଣ ସର୍ବ ଜାଣ ।୧୫
ମେରୁଠାରୁ ଯେତେ ପର୍ବତ
ମିଥ୍ୟା ବୋଲିଣ ଜାଣ ସତ୍ୟ ।୧୬
ଅଶ୍ୱତ୍ଥାରୁ ବୃକ୍ଷ ଯେତେ
ମିଥ୍ୟା ବୋଲିଣଟି ସମସ୍ତେ ।୧୭

ଇନ୍ଦ୍ରଙ୍କଠାରୁ ଯେତେକ ଦେବ
ମିଥ୍ୟା ବୋଲିଣ ଜାଣ ସର୍ବ ।୧୮
ତ୍ରିଚନ କୋଟି ଜୀବ ଯେତେକ
ମିଥ୍ୟା ଏ ଅନନ୍ତ ସମସ୍ତେ ।୧୯
ଆତ୍ମାରୁ ସର୍ବ ଜନ୍ମୁଛନ୍ତି
ଆତ୍ମା ହୋଇଲେ ସେ ମରନ୍ତି ।୨୦
ଜଡ଼ା ବୁଢ଼ା ତଳ ନିସ୍ତଳ
ମିଥ୍ୟ ଟି ଜାଣିବ ସକଳ ।୨୧
ଧର୍ମ ଅଧର୍ମ ତୀର୍ଥ ପୁଣ୍ୟ
ମିଥ୍ୟା ବୋଲିଣ ସର୍ବ ଜାଣ ।୨୨
ସ୍ୱର୍ଗ ନରକ ଶୁଭାଶୁଭ
ମିଥ୍ୟା ବୋଲିଣ ହୃଦେ ଶୁଭ ।୨୩
ଏ ଦେହ ମିଥ୍ୟା ତୁହି ଜାଣି
ଆତ୍ମାଟି ସତ୍ୟ ଏ ପ୍ରମାଣ ।୨୪
ନୟନେ ଦେଖୁ ଶୁଣୁ ଯାହା
ଏ ସର୍ବ ମିଥ୍ୟା ବୋଲି ତାହା ।୨୫
ବେଦ ପୁରାଣ ଶାସ୍ତ୍ର ଯେତେ
ମନ୍ତ୍ରମାଳା ମିଥ୍ୟା ସମସ୍ତେ ।୨୬
ତିଳକ ଭଜନ ସ୍ମରଣ
ମିଥ୍ୟା ବୋଲିଣ ସର୍ବ ଜାଣ ।୨୭
ଯୋଗ ଜ୍ଞାନ ଧ୍ୟାନ ହିଁ ଯେତେ
ମିଥ୍ୟା ବୋଲିଣ ଜାଣ ଚିତ୍ତେ ।୨୮
ବେଦାନ୍ତ ସେ କାନ୍ତ ସିଦ୍ଧାନ୍ତ
ନାଶାନ୍ତ ମିଥ୍ୟା ଏ ସମସ୍ତ ।୨୯
କାମ କନ୍ଦର୍ପ ମୃତ୍ୟୁ କାଳ
ଜାଣିଟି ଏ ମିଥ୍ୟା ସକଳ ।୩୦
ନବ ଗ୍ରହ ତ୍ରିବେଣୀ ଧାର
ଜାଣିବୁ ମିଥ୍ୟା ଏ ନିକର ।୩୧

ଷଡ଼ ଋତୁ ଯେ ବାର ମାସ
ମିଥ୍ୟା କହନ୍ତି ବୁଦ୍ଧି ଦେବ ।୩୨
ପଚାଶ ପ୍ରକୃତି ଯେ ହୋଇ
ମିଥ୍ୟା ବୋଲିଣ ଜାଣ ବୁଦ୍ଧି ।୩୩
ପଞ୍ଚାଶ ଦଳ ମିଥ୍ୟା ଜାଣ
ଚୌଷଠି ରୋଗ ମିଥ୍ୟା ପୁଣ ।୩୪
ଷୋଡ଼ଶ ବାୟୁଙ୍କ ନାଡ଼ୀ ହିଁ
ମିଥ୍ୟା ବୋଲିଣ ଜାଣ ବୁଦ୍ଧି ।୩୫
କ୍ଷୁଧା ତୃଷା ଯେ ନିଦ୍ରା ଭୟ
ମିଥ୍ୟା ବୋଲିଣ ସର୍ବ କହ ।୩୬
ହିଂସା ମାୟା ମୋହନ୍ତି ରାଗ
ଏ ସର୍ବ ମିଥ୍ୟା ବୋଲି ଭାବ ।୩୭
ମିଥ୍ୟା ଅଷ୍ଟଗୁଣ ଚେତନ
ଅଛନ୍ତି ସତ୍ୟ ଏ ପ୍ରମାଣ ।୩୮
ଆଜ୍ଞାରୁ ସର୍ବେ ଜାତ ହୋଇ
ଆଜ୍ଞା ବ୍ୟତୀତ କେହି ନାହିଁ ।୩୯
ଗ୍ରୀଷ୍ମ ବରଷ ଯେ ଶୀତମ
ମିଥ୍ୟା ବୋଲିଣ ବୁଦ୍ଧି ଜାଣ ।୪୦
ଖରା ବରଷା ଶୀତ ହୋଇ
ମିଥ୍ୟା ବୋଲିଣ ଜାଣ ବୁଦ୍ଧି ।୪୧
ଅସ୍ଥି ଧାତୁ ଯେ ରକ୍ତ ଶୁକ୍ର
ମିଥ୍ୟା ବୋଲିଣ ଜାଣ ହେତୁ ।୪୨
ଷଡ଼ ରସ ଯେ ନବ ରତ୍ନ
ଏ ସର୍ବ ମିଥ୍ୟା ମନେ ଚିହ୍ନ ।୪୩
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଭୂଇଁ
ମିଥ୍ୟା ବୋଲିଣ ଏହା କହି ।୪୪
ସପ୍ତ ପାତାଳ ମିଥ୍ୟା ପୁଣ
ନବ ଖଣ୍ଡ ପୃଥ୍ୱୀ ମିଥ୍ୟା ଜାଣ ।୪୫

ଦେବଗଣ ଦ୍ୱାରଗଣେ ହିଁ
ମିଥ୍ୟା ବୋଲିଣ ଜାଣ ବୁଦ୍ଧି ।୪୬
ନର ଗଣ ରାକ୍ଷସ ଗଣ
ଏ ସର୍ବ ମିଥ୍ୟା ବୋଲି ଜାଣ ।୪୭
ଯୋଗୀ ଗଣନ୍ତି ମିଥ୍ୟା ଜନ୍ତୁ
ସିଦ୍ଧ ଗଣନ୍ତି ଅବା ନାହିଁ ।୪୮
ପିଶାଚ ଗଣ ନାଗଗଣ
ଏ ସର୍ବ ମିଥ୍ୟା ବୋଲି ଜାଣ ।୪୯
ଗୁହ୍ୟଗଣ ଯମଗଣ ହିଁ
ଏ ସର୍ବ ମିଥ୍ୟା ଜାଣ ବୁଦ୍ଧି ।୫୦
ଋଷିଗଣ ଯେ ଯୋଗୀଗଣ
ମିଥ୍ୟା ବୋଲିଣ ବୁଦ୍ଧି ଜାଣ ।୫୧
ବସୁ ଗଣ ରୁଦ୍ରଗଣ ହିଁ
ମିଥ୍ୟା ବୋଲିଣ ସର୍ବ କହି ।୫୨
ମିଥ୍ୟାନ୍ତି ଭୂତ ପ୍ରେତ ଗଣ
ଅପ୍ସରା ଗଣ ମିଥ୍ୟା ଜାଣ ।୫୩
ତପ ଲୋକ ଦେବ ଲୋକ ହିଁ
ଏ ସର୍ବ ମିଥ୍ୟା ଜାଣ ବୁଦ୍ଧି ।୫୪
ପୃଥ୍ୱୀ ଜଳ ସ୍ଥଳ ଅନଳ
ମିଥ୍ୟାନ୍ତି ଜାଣିବ ସକଳ ।୫୫
ବୃକ୍ଷ ମେଘନ୍ତି ସୃଷ୍ଟି ବେଦ
ମିଥ୍ୟା ବୋଲିଣ ସର୍ବ ଭେଦ ।୫୬
ଆକାଶୁ ମର୍ତ୍ତ୍ୟ ଯାଏ ପୁଣ
ମିଥ୍ୟା ବୋଲିଣ ସର୍ବ ଜାଣ ।୫୭
କୀଟରୁ ବ୍ରହ୍ମ ଯାଏ ସୃଷ୍ଟି
ମିଥ୍ୟା ବୋଲିଣ ଜାଣ କହି ।୫୮
କେବଳ ଆଜ୍ଞା ମାତ୍ର ସତ୍ୟ
ଆଜ୍ଞାରୁ ସର୍ବେ ହେଲେ ଜାତ ।୫୯

ଅଜ୍ଞାରୁ ସଂସାର ସାଗର
ସ୍ଥାବର ଜେତେ ଚରାଚର ।୭୦
ହେ ମନ ଅଜ୍ଞାରୁଟି ସବ
ଅଜ୍ଞାରୁ ନାହିଁ ଅନ୍ୟ ଦେବ ।୭୧
ଅଜ୍ଞା ସ୍ତବର ଭେଦ ଭସ
ନନଙ୍କ ଅଭିଷିତ ଦାସ ।୭୨
ଅ ହେ ସୁଜନ ମାନେ ଶୁଣ
ସବୁ ମିଥ୍ୟା ଅଜ୍ଞା ପ୍ରମାଣ ।୭୩

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ଶୂନ୍ୟମଣ୍ଡଳ ଗୀତା କଥନେ
ନାମ ତ୍ରୟୋବିଂଶୋଽଧ୍ୟାୟଃ ।

---

# ଚତୁର୍ବିଂଶ ଅଧ୍ୟାୟ

ଅହେ ଚୈତନ୍ୟ ଶୁଣ ବାଣୀ
ଅଜ୍ଞା ଯେ ଦେଖ ଅଛୁ ପୁଣି ।୧
ତାହାର ସ୍ଥାନ ସ୍ଥିତି କହ
ଯେତେକ ଚଣ୍ଡ ମାୟା ମୋହ ।୨
ମନ ମୁଖରୁ ଏହା ଶୁଣି
ଚୈତନ୍ୟ ସ୍ତମ୍ଭୀଭୂତ ପୁଣି ।୩
ତାହାର ସ୍ଥାନ ସ୍ଥିତି ମୁହିଁ
ଏ ଦେହେ ଜାଣିଅଛି ନାହିଁ ।୪
ଅଜ୍ଞା ପାଇଣ ମୁଁ ଅଛିଲି
ଏ ଦେହେ ଆଇ ଯାଉଥିଲି ।୫
ଯେ ଅଜ୍ଞା ଶିରେ ଧରି ଅଛି
ଏ ଦେହେ ବାସ ମୁଁ କରୁଛି ।୬
ବିଶ୍ୱ ଅଜ୍ଞା ହେବ ଯେଉଁ ସ୍ଥାନ
ଏ ଦେହ ସ୍ଥୂଳ ଶିବ ପୁଣ ।୭
ଏ ଦେହ ଯେତେକ ସ୍ଥୂଳ ଶିବ
ସେ ସ୍ଥାନ ସ୍ଥିତି ମୁଁ ଜାଣିବ ।୮
ଯହିଁରୁ କୋଟି କୋଟି ବ୍ରହ୍ମା
ଅଜ୍ଞା ପାଇ ଜନମ ସୀମା ।୯
ଯହିଁରୁ କୋଟି କୋଟି ହୋଇ
ଅଜ୍ଞାରୁ ବିଷ୍ଣୁ ଜନ୍ମ ଲଭି ।୧୦
ଯହିଁରୁ କୋଟି କୋଟି ଶିବ
ଅଜ୍ଞାରୁ ଜନ୍ମି ଅସମ୍ଭବ ।୧୧
ଯହିଁରୁ କୋଟି କୋଟି ହୋଇ
ଚନ୍ଦ୍ର ଜନ୍ମିଛି ଅଜ୍ଞା ପାଇ ।୧୨
ଯହିଁରୁ କୋଟି କୋଟି ହୋଇ
ଅଜ୍ଞାରୁ ଇନ୍ଦ୍ର ଯେ ଜନ୍ମଇ ।୧୩
ଯହିଁରୁ କୋଟି କୋଟି ଜାଣ
ଅଜ୍ଞାରୁ ଜନ୍ମି ସୂର୍ଯ୍ୟ ପୁଣ ।୧୪
ଯହିଁରୁ କୋଟି କୋଟି ଜାଣ
ଅଜ୍ଞାରୁ ମେଘ ଜନ୍ମ ପୁଣ ।୧୫
ଯହିଁରୁ କୋଟି କୋଟି ହୋଇ
ଅଜ୍ଞାରୁ ବେଦ ଯେ ଜନ୍ମଇ ।୧୬
ଯହିଁରୁ କୋଟି କୋଟି ଜାଣ
ଅଜ୍ଞାରୁ ଭକ୍ତି ଜନ୍ମିଣ ।୧୭
ଯହିଁରୁ କୋଟି କୋଟି ଗଣ
ଅଜ୍ଞାରୁ ହୋଇଛନ୍ତି ଜାତ ।୧୮

ସହସ୍ରେ କୋଟି କୋଟି ପୁଣ
ଅଙ୍ଗରୁ ଅସଂଖ୍ୟ ଜନ୍ମିଣ ।୧୯
ସହସ୍ରେ କୋଟି କୋଟି ହୋଇ
ଅଙ୍ଗରୁ ଧାମ ଜନ୍ମ କଲ୍ପ ।୨୦
ସହସ୍ରେ କୋଟି କୋଟି ହୋଇ
ଅଙ୍ଗରୁ ପବନ ଜନ୍ମଇ ।୨୧

ସହସ୍ରେ କୋଟି କୋଟି ଜାଣ
ଅଙ୍ଗରୁ ଅଗ୍ନି ଜନ୍ମି ପୁଣ ।୨୨
ସହସ୍ରେ କୋଟି କୋଟି ହୋଇ
ଅଙ୍ଗରୁ ଜଳ ଜାତ ଅଛି ।୨୩
ଏମନ୍ତେ ସେ ସ୍ଥାନ ମହିମା
ଅଙ୍ଗରୁ ପଞ୍ଚ ଜଗତ ସୀମା ।୨୪

ତାହାର ସ୍ଥାନ ସ୍ଥିତି ଦେଖ
ଜାଣିବା ବ୍ରହ୍ମାଣ୍ଡରେ ନାହିଁ ।୨୫
ଅସଇ କେଉଁ ରୂପ ହୋଇ
ଯାଉଛି କେହି ନ ଜାଣଇ ।୨୬
ଆସିବା କଥା ସେ ଜାଣିବ
ଯିବା କଥାଟି ବୁଝି ଥିବ ।୨୭
କି ରୂପେ ଦେହ ଧରି ଥାଇ
କି ରୂପେ ଦେହ ଛାଡ଼ି ଯାଇ ।୨୮
କେଉଁ ସ୍ଥାନରୁ ଆସିଥିଲା
କେଉଁ ସ୍ଥାନକୁ ସେହୁ ଗଲା ।୨୯
ଏ ଗୁପ୍ତ କଥା ସେ ଜାଣିବ
ସେ ସ୍ଥାନ ମହିମା କହିବ ।୩୦
ହେ ମନ ତୁମ୍ଭେ ସମ୍ଭାଳିଲୁ
ସେ ସ୍ଥାନ ମହିମା ଶୁଣିଲୁ ।୩୧
ସେ ସ୍ଥାନ ମୂର୍ଖେ ନ ଜାଣଇ
ଏ ଦେହ ଥାଇ ମୁଁ ଭ୍ରମଇ ।୩୨

ଆଜ୍ଞା ହୋଇଲେ ଏଥୁ ଶିଘ୍ର
ସେ ସ୍ଥାନ ନିକଟରେ ଯିବି ।୩୩
ତୁମ୍ଭର ମୋର ସଙ୍ଗେ ଥିବୁ
ଅବଶ୍ୟ ସେ ସ୍ଥାନ ଦେଖିବୁ ।୩୪
ପ୍ରକୃତି ଗଣ ସେ ମରିବ
ଦେହଟି ମାଟିରେ ମିଶିବ ।୩୫

ମନ କହୁଛି ପ୍ରଭୁ ଶୁଣ
ଏ ଦେହ ଛାଡ଼ିବ କେସନ ।୩୬
ଏତେଦିନେ ଦିନା କେତେ ତୁମ୍ଭ
ଖେଳା ତୁ କର ସ୍ୱଚ୍ଛାସ୍ଥା ।୩୭
ହେ ମନ ତୁମ୍ଭ ନାଶ କରୁ
ପ୍ରକୃତି ସଙ୍ଗେ ତୁ ଓଦରୁ ।୩୮
ମୋହର କଷ୍ଟ ଦୋଷ ନାହିଁ
ତୁମ୍ଭେ ତ ମୋତେ ଶାନ୍ତ କହି ।୩୯
ତାହାଙ୍କ ସଙ୍ଗେ ତୁ ଭ୍ରମିଲୁ
ମୋତେ ମାରିବାକୁ ଖୋଜିଲୁ ।୪୦

ଶୁଦ୍ଧ ମୂର୍ତ୍ତିଟି ଏକ ଦେଖ
ମାୟାରେ ମୋତେ ଛାଡ଼ି ଦେଇ ।୪୧
ମାତା ପିତା ସଙ୍ଗମ କାଳେ
ଶୁକ୍ର ମୁକ୍ତି ଏକା ହେଲେ ।୪୨
ଅଙ୍ଗରୁ ଆତ୍ମା ଜାତ ହୋଇ
ଗର୍ଭରେ ଦଶମାସ ରହି ।୪୩

ପୃଥ୍ୱୀ ଆତ୍ମାଙ୍କୁ ଆଜ୍ଞା ଦେଲେ
ପୃଥ୍ୱୀରେ ଜନ୍ମ ହେବା ହୋଇଲେ ।୪୪
ଗଲୁ ପଡ଼ିଣ ପୃଥ୍ୱୀରେ
ଆଜ୍ଞାତ ଛାଡ଼ିଲୁ ମାୟାରେ ।୪୫
ମୂର୍ତ୍ତି ତୋ ଧରଣୀ ଠାବ ହେଲା
ସେ ଆଜ୍ଞା ମୂର୍ତ୍ତି ପାଶୋରିଲା ।୪୬

ତେଣୁ ହୋଇଲି ଉତଥାନ
ହେ ମନ ଶୁଣି ସାବଧାନ ।୭୭
ତୋତେ ମୁଁ ବଳ ଘଣ ଦେଲି
ପ୍ରକୃତି ଗଣ ସମର୍ପିଲି ।୭୮
ବୋଇଲି ଏହାଙ୍କୁ ପୋଷିବୁ
କଷ୍ଟୁ କଷ୍ଟୁ ଆହାର ଦେବୁ ।୭୯
ଏମନ୍ତ କହି ମୁଁ ରହିଲି
ତୋତେ ମୁଁ ଦେହ ସମର୍ପିଲି ।୮୦
ତୁହି ତାହାଙ୍କ ମଧ୍ୟେ ଥାଇ
ଦେହକୁ ନାଶୁଅଛୁ ତୁହି ।୮୧
ବହୁତ ଖାଇବାକୁ ଦେଲୁ
ତାଙ୍କ ମହିମା ନ ଜାଣିଲୁ ।୮୨
ଆହାର ଖାଇ ମତ୍ତ ହେଲେ
ଜଣ ଜଣେକ ଭାଙ୍ଗି ଗଲେ ।୮୩
ତାହାଙ୍କ ବଳ ଯେ ଅଶେଷ
କହଇ ଅରକ୍ଷିତ ଦାସ ।୮୪
ସୁଜନ ଜନ ମାନେ ଶୁଣି
ପ୍ରକୃତି ମହିମା ଏହିନ ।୮୫

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହିମଣ୍ଡଳ ଗୀତା
କଥନେ ନାମ ଚତୁର୍ବିଂଶୋଽଧ୍ୟାୟଃ ।

# ପଞ୍ଚବିଂଶ ଅଧ୍ୟାୟ

ଅହେ ଚୈତନ୍ୟ ଅନ୍ତର୍ଯାମୀ
କି ବୁଦ୍ଧି କରିବି ମୁଁ ସ୍ୱାମୀ ।୧
ହେ ପ୍ରଭୁ ଜଗତ ଜୀବନ
ଏହାଙ୍କୁ ଉଚିତ କେମନ ।୨
ହେ ମନ ତୁହି ଏବେ ରହ
ଅଳ୍ପ ଆହାର ତୁହି ଦିଅ ।୩
ଆହାର ଖାଇ ତାଙ୍କ ବଳ
ଦେହ ନାଶନ୍ତି ଯେ ସକଳ ।୪
ହିଂସା ଗରଜି ମୋହ ମାୟା
ଏହାଙ୍କୁ କେବେ ନାହିଁ ଦୟା ।୫
ମିଥ୍ୟା ଅସତ୍ୟ ତମ କାମ
ମିଳିଣ ହୋଇଛି ଚିନ୍ତା ମନ ।୬
କୁ ବୁଦ୍ଧି କୁ ବଚନ ହୋଇ
କୁଟ କପଟ ଜାଣ ତୁହି ।୭
କୁଟିଳ କୁଜନ ଦୁର୍ଜନ
ତର୍କ ଅହଙ୍କାର ପୁଣ ।୮
ଦୁଃଖ ଦୁଷ୍ଟ କୁଜ୍ଞାନ ମଦ
ପାପ ବିଷୟ ବାଦ ହଦ ।୯
ଟାଣ୍ଡି ଟାଉର ଶୁଣି ତୁହି
ଅପର୍ଣ୍ଣା ଧର୍ଷିଆ ଯେ ହୋଇ ।୧୦
ଅସାଧୁ କୁସାଧୁ ଚଞ୍ଚଳ
ଅଧର୍ମ ଅଶୁଦ୍ଧ ନିର୍ମଳ ।୧୧
କ୍ଷୁଧା ତୃଷା ଯେ ଦୁରାଶନା
ଦୁର୍ଗନ୍ଧ ଅବଶୁଦ୍ଧ ଘିନା ।୧୨

ଆହାର ନିଦ୍ରା ଭୟ ହୋଇ
ମୈଥୁନ ବାୟୁ ନାଶେ ଦେହ ।୧୩
କେଉଁଠି ଦେଖ ସ୍ତ୍ରୀଙ୍କ ମୂତଳ
ଦେହ ନାଶନ୍ତି ଅବହେଳେ ।୧୪
ଏକାଦଶ ଇନ୍ଦ୍ରିୟ ଆନ୍ତ
ଚେଷ୍ଟାର ସଙ୍ଗେ ଦେ ଚଳନ୍ତି ।୧୫
ତ୍ରିଗୁଣ ପାଞ୍ଚ ମନ ସଙ୍ଗେ
ପଚିଶ ପ୍ରକୃତି ତରଙ୍ଗେ ।୧୬
ଏ ଦେହେ ହେଲେ ଚୈତନ୍ୟ ଛନ୍ତି
କର୍ତ୍ତା ନାମରେ ତାଙ୍କ ଖ୍ୟାତି ।୧୭
ଜଣ ଜଣକେ ଶସ୍ତ୍ର ଧରି
ମାରନ୍ତି ଉଦ୍ବୋଧ ନ କରି ।୧୮
ଏହାଙ୍କୁ ଆହାର ତୁ ଦେଇ
ପୋଷିଲୁ ଦୟା ଭାବ ବହି ।୧୯
ଆହାର ଖାଇ ମତ୍ତ ହେଲେ
ଆମ୍ଭଙ୍କୁ ନାନା କଷ୍ଟ ଦେଲେ ।୨୦
ଅଙ୍ଗ ପାଇଣ ତୁଷ୍ଟ ମୁହିଁ
ଏ ଦେହ ଧରିଣ ଅଛଇ ।୨୧
ଆଜ୍ଞା ପାଇଲେ ଆମ୍ଭେ ଯିବା
ପ୍ରକୃତି ଦେହକୁ ଛାଡ଼ିବା ।୨୨
ଏମାନେ ସର୍ବେ ନାଶ ଯିବେ
ଦେହକୁ କେହି ନ ରଖିବେ ।୨୩
ଦେଖ ଅଜ୍ଞାନ ସ୍ତ୍ରୀଙ୍କ ମତ
ଆମ୍ଭଙ୍କୁ ମାରି ଲୋଡ଼ନ୍ତି ।୨୪
ଅତେବ କାରଣ ଯେତେକ ହେବା
ଆଜ୍ଞା ପାଇ ଦେହ ଛାଡ଼ିବା ।୨୫
ଦେହ ପୃଥ୍ବୀରେ ପଡ଼ି ଥିବ
ବାତନେ କାହିଁ ଯେ ଚଳିବ ।୨୬

କର୍ତ୍ତା ଶବଦ ଯିବ କାହିଁ
ବସନ ଲୋକେ ହତ ହୋଇ ।୨୭
ନାସାରୁ ପବନ ଚଳିବ
ଦେହଟି ସ୍ତମ୍ଭୀଭୂତ ହେବ ।୨୮
ଚକ୍ଷୁକୁ ଦୃଷ୍ଟା ନ ଚଳଇ
ଚଳିବା ଲୋକ ଗଲି କାହିଁ ।୨୯
ଶବଦ ନିଃଶବଦ ହେବ
ରକ୍ତ ମାଂସଟି ମିଳିଯିବ ।୩୦
ଏ ଯେ ପ୍ରକୃତି ଗଣମାନେ
କାହିଁ ରହିବେ କେଉଁ ସ୍ଥାନେ ।୩୧
ଏହା ନ ଜାଣି ମୂଢ଼ ଜଣ
ଆମ୍ଭଙ୍କୁ ମାରିବା ପାଇଁଣ ।୩୨
ଅକ୍ଷୟ ଦେହ ଆମ୍ଭ ହୋଇ
ଖଣ୍ଡେ କେବେ ନ ଛିଡ଼ଇ ।୩୩
ଅଗ୍ନିରେ ନ ପୋଡ଼ଇ ପୁଣି
ଜଳରେ ନ ବୁଡ଼ଇ ଜାଣି ।୩୪
ପବନେ କେବେ ନ ଉଡ଼ଇ
ଛିଡ଼ିବା କଟିବା କୁହଇଁ ।୩୫
ଶୁଣିଲ ନାହିଁ ସଦାକାଳେ
ନବ ଯୁବାନ୍ତି ସବୁ ବେଳେ ।୩୬
ଶରୀର ବଢ଼ଇ ଛିଡ଼ଇ
ପ୍ରକୃତି ବଳେ ନାଶ ପାଇ ।୩୭
ଏହା ତ ଜାଣି ନ ପାରିଲୁ
ତାଙ୍କ ସଙ୍ଗରେ ବଶ ହେଲୁ ।୩୮
ତାଙ୍କୁ ଆହାର ଦେଲୁ ତୁହି
ତେଣୁଟି ପ୍ରବର୍ତ୍ତିଲେ ସେହି ।୩୯
ଏବେ ତୁ ମୋର ବୋଲି ଶୁଣି
ଅନ୍ତ ଆହାରେ ରହ ପୁଣି ।୪୦

ତାଙ୍କର ବଳ ବୀର୍ଯ୍ୟ ହର
ଯେବେ ଖଟିବେ ତୋ ଶରୀର ।୪୧
ନ ହେଳ ହେବ ତାଙ୍କ ତେଜ
ଯେବେ ରହିବେ ଶାନ୍ତ ହୋଇ ।୪୨
ତେଜବନ୍ତି ଏ ଦେହ ରକ୍ଷକ
ଛୁଟିବା ବଢ଼ିବା ନୋହିବ ।୪୩
ନବ ଯୁବାଟି ସମ୍ପୂର୍ଣ
ଆୟୁଷ ପାଇବୁ ହେବୁ ପୂର୍ଣ୍ଣ ।୪୪
ଅକ୍ଷୟ ଅମର ହୋଇବ
ପ୍ରଳୟ କାଳେ ସେ ନଶିବ ।୪୫
ହେ ମନ କହିଲି ନିଜର
ଯାହେଲେ ରକ୍ଷା ଏ ଶରୀର ।୪୬
ମନ ବୋଲଇ ଶାନ୍ତି ଶାନ୍ତି
ଦୟା ତୁ କର ଗୁରୁରାୟ ।୪୭
ତୁମ୍ଭର ଦୟା ଯେ ନଥିଲେ
ଏହାକୁ କେ ଜାଣିବ ଭଲେ ।୪୮
ଏବେ କହୁଛି ଦୟାକର
ଆବୃତ୍ତି ନାହିଁ ଯେ ମୋହର ।୪୯
ଏ ଦେହେ ରାଜନେ ଦେଲ
ହସ୍ତକ ଧରି ସମର୍ପିଲ ।୫୦
ସମ୍ପତ୍ତି ପଛେ ପଡ଼ିଲି
ତୁମ୍ଭର ସେବା ମୁଁ ଛାଡ଼ିଲି ।୫୧
ହେ ପ୍ରଭୁ ସର୍ବଙ୍କ ସ୍ୱରୂପ
ଅକ୍ଷୟ ଦାସ ରଖ ପାଶ ।୫୨
ଆହେ ସ୍ୱଜନ ଜନେ ଶୁଣ
ମହାମଣ୍ଡଳେ ମୁଁ ଭ୍ରମିଣ ।୫୩

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା
ଭଣନ୍ତେ ନାମ ପଞ୍ଚବିଂଶୋଽଧ୍ୟାୟଃ ।

## ଷଡ଼ବିଂଶ ଅଧ୍ୟାୟ

ହେ ମନ ଶୁଣ ମୋର ବାଣୀ
ତୁ ଏକ ଗୁଢ଼ କଥା ପୁଣି ।୧
କ୍ଷୁଧା ତୃଷାକୁ ତୁ ଜିଣିବୁ
ନିଦ୍ରା ଭୟକୁ ତୁ ଛାଡ଼ିବୁ ।୨
ତେବେ ଶ୍ରୁତିଗଣ ମାନ
ଜାଣି ଦେଖିବୁଟି ସମାନ ।୩
ତୁମ୍ଭ ମୁହଁଟି ତୁମ୍ଭ ଦେହ
ସ୍ୱର୍ଗ ସମାନ ଦେଖ କହ ।୪
ଇନ୍ଦ୍ର କିଟାକୁ ଯେତେ ଦେବ
ସମାନ ଦେଖିବୁଟି ସର୍ବ ।୫
ବ୍ରହ୍ମାଣ୍ଡ ବ୍ରହ୍ମ ପାଏ ତୁମ୍ଭ
ସର୍ବ ସମାନ ଦେଖ କହ ।୬
ମେରୁଠାରୁ ଯେତେ ପର୍ବତ
ସମାନ ଦେଖ ଥିବୁ ଭୂତ ।୭
ଜାଗରୁ ଗଙ୍ଗାଦି ପର୍ଯ୍ୟନ୍ତେ
ସମାନ ଦେଖି ଥିବୁ ନିତ୍ୟେ ।୮

ଅଶ୍ୱତ୍ଥ ଠାରୁ ଯେତେ ବୃକ୍ଷ
ସମାନ ଦେଖିବୁ ପ୍ରତ୍ୟକ୍ଷ ।୯
କାଷ୍ଠରୁ ଶିଂଶ ଶାଳ ଭୂର୍ଜ
ସର୍ବ ସମାନ ଦେଖ କହୁ ।୧୦
ତୃଣରୁ ଦୂର୍ବା ପର୍ଯ୍ୟନ୍ତେ
ସର୍ବ ସମାନ ଦେଖ ଚିତ୍ତେ ।୧୧
ଗ୍ରାବରୁ ହୀରା ପର୍ଯ୍ୟନ୍ତେ
ସର୍ବ ସମାନ ଦେଖ ନିତ୍ୟେ ।୧୨
ଅଗ୍ନିକୁ ଶର ହୋଇ ପୁଣି
ଭିନ୍ନ ନ କର ଦେଖ ମନ ।୧୩
ଫଳରୁ ପତ୍ର ପାଏ କଢ଼ି
ସର୍ବ ସମାନ ଦେଖ ଭୁଞ୍ଜି ।୧୪
କାଷ୍ଠରୁ ବୃକ୍ଷ ପର୍ଯ୍ୟନ୍ତେ
ସମାନ ଦେଖ ସୃଷ୍ଟି ନିତ୍ୟେ ।୧୫
ପୃଥ୍ୱୀ ଜଗତେ ମହିରୁ
ସକଳ ସମାନ ଦେଖିବୁ ।୧୬
ଆକାଶ ପ୍ରାୟେ ତୃପ୍ତି ଭାବ
କାହିଁ ନ ଲାଗି ରହିଥାଅ ।୧୭
ଅଗ୍ନି ପ୍ରାୟେ ସର୍ବ ଭକ୍ଷିବୁ
ବାଛି ବିଚାର ନ କରିବୁ ।୧୮
ଚନ୍ଦ୍ର ସୂର୍ଯ୍ୟଙ୍କ ପ୍ରାୟେ ତୁହି
ସର୍ବ ସମାନେ ଦେଖ କହି ।୧୯
ଜଳ ପବନ ପ୍ରାୟେ ପୁଣ
ସମାନ ଦେଖ ତୋ କଥନ ।୨୦
ଏକ ବ୍ରହ୍ମଟି ସର୍ବ ଦେହେ
ସକଳ ଘଟେ ପୂର୍ଣ୍ଣ ରହେ ।୨୧
ଏକ ଆତ୍ମାଟି ଭିନ୍ନ ନୋହି
ଶୁଣ କହିବା ତୋତେ ମୁହିଁ ।୨୨

ଗାଭୀଟି ନାନା ବର୍ଣ୍ଣ ଧରଇ
କ୍ଷୀର ତା ଏକଇ ପ୍ରକାରେ ।୨୩
ସୁବର୍ଣ୍ଣ ମୁଣ୍ଡାଏ ଆଣିବା
ନାନା ଅଳଙ୍କାର କରିବା ।୨୪
ତାହାକୁ ଏକ ଠାବ କରି
ଆଣନ୍ତି ଦେଖା ଅଗ୍ନି ଭରି ।୨୫
ଭିନ୍ନଟି କେବେ ନ ଦିଶଇ
ଏକ ବ୍ରହ୍ମଟି ସର୍ବ ଦେହି ।୨୬
ଲକ୍ଷେ ଘାଟି କୁମ୍ଭ ପୂରିବା
ଲକ୍ଷେ ଦେଖନ୍ତି ସେ ସୁଣ୍ଠିବା ।୨୭
ଏକା ସୂର୍ଯ୍ୟଙ୍କି ଲକ୍ଷେ ଦେଖାଇ
ସ୍ୱାମୀଙ୍କୁ ସର୍ବ ଘଟେ ଦେଖୁ ।୨୮
ଏହି ରୂପେଟି ଆତ୍ମା ଥାଇ
ଭିନ୍ନ ତୁ ନ କରିବୁ କାହିଁ ।୨୯
ଭାବ ଶକ୍ତିଟି ଦୁର୍ଗା ଏକ
ସମାନ ଦେଖ ଦୁର୍ଗା ଦେବକ ।୩୦
ଆଉ ଉପମା ତୋତେ ଦେବା
ତୋ ମନୁ ସଂଶୟ ଛାଡ଼ିବା ।୩୧
ଧାନ ଘୋଟିଏ ଜାଣି ଦେଖା
ଲକ୍ଷେ କଳିକା ତହୁଁ ଆଣିବା ।୩୨
ଜାତାନ୍ତେ କେବେ ନ ମରଇ
ଦେହ ଶୀତାଙ୍କି ଜନ୍ମ ଥାଇ ।୩୩
ସର୍ବ ଘଟରେ ଏକ ବ୍ରହ୍ମ
ଏହା ତୁ କରିଥିବୁ ଅନୁମାନ ।୩୪
ଭୂମିଟି ସର୍ବ ଭୂତେ ଅଛି
ତୋତେ ତୁ କିଛି ନ ଜାଣୁଛୁ ।୩୫
ତୋତେ ମୁଁ କିଛି ଏବେ କହି
ତେତେ ସଂସାରେ ସୁଖେ ଥାଅ ।୩୬

ଏ ସ୍ତବେ ଭୁବି ତେ ରହିବୁ
କାହାକୁ ମନେ ନ ଗଣିବୁ ।୩୭
ସପ୍ତ ବ୍ରହ୍ମାଣ୍ଡ ରେଣୁ ପ୍ରାୟେ
ତୋତେ ଦିଶିବ ମୁହିଁ କହେ ।୩୮
ଚନ୍ଦ୍ର ସୂର୍ଯ୍ୟଙ୍କି ତୋହର ତହିଁ
ଦିଶିବେ ଘଟ ପ୍ରାୟେ ହୋଇ ।୩୯
ଲକ୍ଷ୍ମ ହୁତେ ହଳପାଣି
ତୋତେ ସନ୍ତ ନୋହିବେ ପୁଣି ।୪୦
ବ୍ରହ୍ମା ଶିବ ହିଁ ପୃଥ୍ୱୀ ଜାଣ
କେହି ନୋହିବେ ତୋତେ ସମ ।୪୧
ଇନ୍ଦ୍ର କୁବେର ଯେ ବରୁଣ
ବୋଲିବୁ ଶିଶୁ ନ ଏ ପୁଣି ।୪୨
ସପ୍ତ ସମୁଦ୍ର ଥୋପ ହୋଏ
କାଳ ମଣିବୁ ଗାତ ପ୍ରାୟେ ।୪୩
ହିମାଳୟ ପର୍ବତ ଜାଣ
ଦିଶିବ ଗୋଡ଼ ପ୍ରାୟେ ପୁଣ ।୪୪
ଆକାଶ ତୁଛ ପ୍ରାୟେ ଭୁବି
ମଣିବୁ କେତେଦୂର ଏହି ।୪୫
କଳ୍ପ ଘଟିକୁ ଭବ ମଣି
ମର୍କଟ ନାମ ଯେବ ଜାଣ ।୪୬
ତୋ ଆଗେ ବୃହସ୍ପତି ପୁଣ
ଜଡ଼ ପ୍ରାୟେ ଦିଶିବ ଶୁଣ ।୪୭
ଅଶ୍ୱିଣି ପବନ ଭୁଜ
ଦଶିବୁ ନାଗ ବାସୁ ଏହି ।୪୮
ତୋତେ ପ୍ରମାଣେ ବଡ଼ କେହି
ନୋହିବେ ଶୁଣ ମୁଁ କହଇ ।୪୯
ଅଗ୍ନିରେ କେବେ ନ ପୋଡ଼ିବୁ
ଜଳରେ କେବେ ନ ବୁଡ଼ିବୁ ।୫୦
ହାଣିଲେ କାଟିବନ୍ତି ନାହିଁ ।
ପବନେ ଉଡ଼ିବୁଟି ନାହିଁ ।୫୧
ସର୍ବ ଭୂ ଦେଖୁଥିବୁ ପୁଣି
ତୋତେ କେ ନ ଦେଖିବେ ଜାଣ ।୫୨
ଏ ସ୍ତବ କେହି ନ ଜାଣନ୍ତି
ନାନା କର୍ମରେ ନାଶ ଯାନ୍ତି ।୫୩
ହେ ମନ ଏହି ସ୍ତବ କର
ଯେତେବ ରହିବୁ ତୋ ଶରୀର ।୫୪
ନୋହିଲେ ଦେବେ ନରହର
ମନ ବୋଲଇ ଯାହି ଯାହି ।୫୫
ହେ ପ୍ରଭୁ ମାୟା କର ନାଶ
ଦନ୍ତି ଅଛି ତ ଦାସ କ୍ଲେଶ ।୫୬
ଆହେ ସୁଜନ ଜନ ମାନେ
ପ୍ରଭୁଙ୍କୁ ଶାନ୍ତି ସର୍ବ ଜନେ ।୫୭

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା କଥନେ
ନାମ ଷଡ଼୍ବିଂଶୋଽଧ୍ୟାୟଃ ।

---

## ସପ୍ତବିଂଶ ଅଧ୍ୟାୟ

ହେ ଅନ୍ତର୍ଯ୍ୟାମୀ ବ୍ରହ୍ମରୂପ
ଦୟା ତୁ କର ଭବଛାୟ ।୧
ହେ ଅନ୍ତର୍ଯ୍ୟାମୀ ଚନ୍ଦ୍ର ସୂର୍ଯ୍ୟ
ଦୟା ତୁ କର ଦେବରାଜ ।୨

ହେ ଅନ୍ତର୍ଯ୍ୟାମୀ ବ୍ରହ୍ମାଟିକ
ଦୟା ତୁ କର ସର୍ବ ଦେବ ।୩
ହେ ଜୀବ ପରମ ତୁ ଶୁଣ
ଦୟା ତୁ କର ମୋତେ ପୁଣ ।୪
ହେ ଶୂନ୍ୟ ଶୂନ୍ୟ ଶୂନ୍ୟ ଭୂମି
ଦୟା ତୁ କର ମୋତେ କୃଷ୍ଣ ।୫
ହେ ଜଳ ଅଗ୍ନି ତୁ ପବନ
ଦୟା ତୁ କର ମୋତେ ପୁଣ ।୬
ହେ ଅନ୍ତର୍ଯ୍ୟାମୀ ଜଗତ୍‌କର୍ତ୍ତା
ଦୟା ତୁ କର ସର୍ବଦାତା ।୭
ଆହେ ତ୍ରିଭୁବନ ଗୋସାଇଁ
ଦୟା କରହେ ମୋତେ କୃଷ୍ଣ ।୮
ଆହେ ହେ ତ୍ରିଭୁବନ ପତି
ଦୟା ତୁ କର ଦାଶରଥି ।୯
ଆହେ ହେ ବ୍ରହ୍ମାଣ୍ଡ ଠାକୁର
ଦୟା ତୁ କର ଚକ୍ରଧର ।୧୦
ଆହେ ତୁ ଅନନ୍ତ ମୁରତି
ଦୟା ତୁ କର ପ୍ରାଣପତି ।୧୧
ଆହେ ଅନନ୍ତ ତୁ ଈଶ୍ୱର
ଦୟା ତୁ କର ପୀତାମ୍ବର ।୧୨
ଆହେ ହେ ସର୍ବଜ୍ଞ ପୁରୁଷ
ଦୟା ତୁ କର ପୀତବାସ ।୧୩
ଆହେ ଅରୂପ ଅନ୍ତର୍ଯ୍ୟାମୀ
ଦୟା ତୁ କର ଚକ୍ରପାଣି ।୧୪
ଆହେ ଅଚ୍ୟୁତ ତୁ ଅନନ୍ତ
ଦୟା ତୁ କର ଭଗବନ୍ତ ।୧୫
ଆହେ ଅଜପା ହୃଷୀକେଶ
ଦୟା ତୁ କର ପୀତବାସ ।୧୬

ଆହେ ହେ ବିଷ୍ଣୁ ଜଗ ତୁଷ୍ଟି
ଦୟା ତୁ କର ଜନ୍ତୁ ପାଇଁ ।୧୭
ଆହେ ଅନାଥ ନାଥ ଶୁଣ
ଦୟା ତୁ କର ମୋତେ ପୁଣ ।୧୮
ଆହେ ହେ ଶରଣ ପଞ୍ଜର
ଦୟା ତୁ କର ବିଶ୍ୱମ୍ଭର ।୧୯
ଆହେ ହେ ଶରଣ ରକ୍ଷଣ
ଦୟା ତୁ କର ନାରାୟଣ ।୨୦
ଆହେ ଜୀବଙ୍କ ଦାତା ତୁହି
ପ୍ରସନ୍ନ ହୁଅ ଦୟା କୃଷ୍ଣ ।୨୧
ଆହେ ହେ ପତିତପାବନ
ଦୟାକର ସର୍ବ ଗଞ୍ଜନ ।୨୨
ଆହେ ହେ କଳ୍ପଦ୍ରୁମ ଶୁଣ
ସକଳ ଭକ୍ତ ହେ ପାବନ ।୨୩
ଆହେ ହେ ଜଗତ ସୋଦର
ମୋ ଅପରାଧ କ୍ଷମାକର ।୨୪
ଆହେ ହେ ତାରଣ କରତା
ଦୟା ତୁ କର ମାତା ପିତା ।୨୫
ଆହେ ଆକାଶ ମଣ୍ଡଧର
ଦୟା ତୁ କର ଦେବବର ।୨୬
ହେ କୃଷ୍ଣ ସୃଷ୍ଟି ବେଦ ତୁହି
ହେ ରାମ ଦୟା କର କୃଷ୍ଣ ।୨୭
ଆହେ ହେ ମୀନ ରୂପ ଶୁଣ
ନିଦ୍ରା ଭକ୍ତଙ୍କ ନାଶ ପୁଣ ।୨୮
ଆହେ ହେ କୂର୍ମ ରୂପ ତୁହି
କ୍ଷୁଧା ତୃଷାକୁ ନାଶ କରି ।୨୯
ଆହେ ହେ ବରାହ ଯେ ରୂପ
ନାଶ ମୋହର ଯେତେ ପାପ ।୩୦

ଆହେ ହେ ନରସିଂହ ରୂପ
ଦୈତ୍ୟ ମାନଙ୍କ ହର ଦର୍ପ ।୩୧
ଆହେ ବାମନ ରୂପ ତୁମ୍ଭେ
ମାୟାକୁ ନାଶ ମୁଁ କହଇ ।୩୨
ଆହେ ହେ ରୂପ ପର୍ଶୁ ଧର
ପ୍ରକୃତି ମାନ ନାଶ କର ।୩୩
ଆହେ ହେ ରାମ ରୂପ ତୁମ୍ଭେ
ଶରୀର ରକ୍ଷ ମୁଁ କହଇ ।୩୪
ଆହେ ତୁ ରୂପ ବଳରାମ
ଅରଣ୍ୟେ ମୋତେ ରଖ ସ୍ୱାମି ।୩୫
ଆହେ ବଉଦ୍ଧ ରୂପ ତୁମ୍ଭେ
କଳେଯୁ ଯାହା ହେବୁ ଜନ୍ମ ।୩୬
ଆହେ କଳକୀ ରୂପ ହେବ
ମୋତେ କଳିରୁ ଦୟା ରଖିବ ।୩୭
ଏମନ୍ତେ ନାନା ରୂପ ଧର
ଭକତ କଷ୍ଟକୁ ହର ।୩୮
ଭକତର ଆତଙ୍କ ଡ଼ାକିଲେ
ରୂପ ଯେ ଧରୁ ଭେଦାଭେଦଲେ ।୩୯
ନୋହିଲେ ରୂପ ନାହିଁ ତୋର
ହେ ପ୍ରଭୁ ଦୟା ତୁମ୍ଭେ କର ।୪୦
ଆହେ ଅଗମ୍ୟ ନାଥ ତୁମ୍ଭେ
କରଣ କାରଣ ଯେ ହୋଇ ।୪୧
ଆହେ ଆରତ ତୁ ଜୀବନ
ଏ ଦେହେ ହେଲି ମୁଁ ଅଜ୍ଞାନେ ।୪୨
ହେ ପ୍ରଭୁ ଦୟାଶୀଳ ତୁମ୍ଭେ
ମୋତେ ନଦେଖ ସୁ ତୁମ୍ଭ କହି ।୪୩
ଆହେ ଦେବ ଚୈନସ୍ୱରୂପ
ଏ ଦେହେ ତୁମ୍ଭେ ହେଲୁ ବାସ ।୪୪

ଏ ଦେହେ ଥାଇ ମୁଁ ଭ୍ରମିଲି
ତୋତେ ନ ଦେଖି ନାଶ ଗଲି ।୪୫
ହେ ଅନ୍ତର୍ଯ୍ୟାମୀ ଶୁଣ ତୁମ୍ଭେ
ଯଉଳ ଜୀବ ତୋର ଦେଖି ।୪୬
ଯଉଳ ଆତ୍ମଘାତ କରୁ
କାଳ ରୂପରେ ତୁ ପ୍ରହାରୁ ।୪୭
ତୁ ନାଥ ସର୍ବ ଜୀବେ ଅଛୁ
ମୋତେ କୁବୁଦ୍ଧି ଯେ ଦେଉଛୁ ।୪୮
ତୋ ବିନୁ ଏ ଦେହେ କେ ପୁଣ
ଜାଣି ନଶିବ ନିରଞ୍ଜନ ।୪୯
ଆହେ ହେ ଅନ୍ତର୍ଯ୍ୟାମୀ କହ
କେଣ୍ଡିଗିରିରୁ ନାଥ କୃଷ୍ଣ ।୫୦
ମୋ ମନ ଉଜ୍ଜଳ କରିବୁ
ଏ ସ୍ୱାଦ ଦେଶରେ ଛଡ଼ାଇବୁ ।୫୧
ତୁମ୍ଭର ଦୟା ଯେ ନୋହିଲେ
ଏ ସ୍ୱାନ ନ ଛାଡ଼ିଲ ଘଟେ ।୫୨
ନମୋ ନମସ୍ତେ ଅନ୍ତର୍ଯ୍ୟାମୀ
ତାର ବା ନ ତାର ହେ ସ୍ୱାମୀ ।୫୩
ତୁମ୍ଭ ବ୍ୟତୀତ ମୋତେ କେହି
ତାରିତ କେହି ନ ପାରଇ ।୫୪
ହେ ପ୍ରଭୁ ଦୟା ହେଲେ ତୋର
ଯେ ଘଟେ ପଶିବ ନକର ।୫୫
ଯେ ଘଟେ ପଶିଲେଟି ମୁହିଁ
ପ୍ରସନ୍ନ ହେବ ଧର୍ମଗ୍ରାହୀ ।୫୬
ତୁମ୍ଭେ ପ୍ରସନ୍ନ ହେଲେ ପିତା
ଯେ ଘଟ କଳିବ ଭାବନା ।୫୭
ତେବେ ମୁଁ ସୁତ ସ୍ଥିତ ଥିବ
ନୋହିଲେ ଏ ଦେହ ଛାଡ଼ିବ ।୫୮

ହେ ପ୍ରଭୁ ହେ କାଳ ପୁରୁଷ
ନମଇ ଅରକ୍ଷିତ ଦାସ ।୫୯
ଆହେ ସୁଜନ ମାନେ ଶୁଣ
ଏ ଗୀତା ହୋଇଲା ବଖାଣ ।୬୦
ମୂର୍ଖ ଗଣରେ ଏହା କଲି
ଏ ଦୋଷ ତୁମ୍ଭଙ୍କୁ ମାଗିଲି ।୬୧
ଅମୃତମୟ ଗୀତା ରସ
ସୁଜନେ ଏହା ଘେନିବେ ଯଶ ।୬୨
ଏ ଗୀତା ଭେଦ ଯେ ସାଧିବ
ଜନ୍ମ ମୃତ୍ୟୁକୁ ସେ ଜିଣିବ ।୬୩
ଅନ୍ତରେ ଚିହ୍ନେ ଯେବେ ଜାଣ
ତ୍ରିଜନ୍ମେ ନ ଛିଣ୍ଡିବଟି ପୁଣ ।୬୪
ନୋହିଲେ କେବେ ଗତି ନାହିଁ
ଏ ଭାବ ଯେବେ ନ ଜାଣଇ ।୬୫

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମଧ୍ୟମଣ୍ଡଳ ଗୀତା କଥନେ
ନାମ ସପ୍ତବିଂଶୋଽଧ୍ୟାୟଃ ।

---

# ଅଷ୍ଟାବିଂଶ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
କଥା ଏ ପରମ୍ପରା ମୁହିଁ ।୧
ମହାଶୂନ୍ୟର କଥା କହ
ମୋ ମନୁ ସଂଶୟ ଫିଟାଅ ।୨
ମନ ସୁଖଲୁ ଏହା ଶୁଣି
ଅଗମ୍ୟ କଥା କେହୁ ଜାଣି ।୩
ପୃଥ୍ୱୀରେ ଥିଲକୁଳ ନାହିଁ
ମୁଁ କିସ ତୋତେ କହିବଇଁ ।୪
ବ୍ରହ୍ମ ଦେବତ ଯେ ନ ଜାଣନ୍ତି
ମୁଁ କିସ କହିବି ତା ଗତି ।୫
ପବନ ତହିଁ ନ ଗମଇ
ଆକାଶ ଛାଡ଼ିବଟି କହି ।୬
ବ୍ରହ୍ମା ବିଷ୍ଣୁ ଶିବ ସହିତେ
ଚଳି ନ ପାରନ୍ତି କହି ତୋତେ ।୭
ଚନ୍ଦ୍ର ସୂର୍ଯ୍ୟହିଁ ନ ଜାଣନ୍ତି
ଆଉ କେ ଜାଣିବ ତା ଗତି ।୮
ଜଳ ଅଗ୍ନି ଯେ ନ ଭେଦଇ
ସେ ସ୍ଥାନ ଭେଦ କେ କହଇ ।୯
ଇନ୍ଦ୍ର ଧ୍ରୁବ ଯେ ତାହାଗଣ
ଏମାନେ ନଜାଣନ୍ତି ପୁଣ ।୧୦
ଅକ୍ଷର ମାନେ ନ ଗମନ୍ତି
ବେଦ ଶାସ୍ତ୍ରହିଁ ନାହିଁ ସ୍ଥିତି ।୧୧
ଯମ ବରୁଣ ଯେ କୁବେର
ଏମାନଙ୍କୁ ହିଁ ଅଗୋଚର ।୧୨
ସ୍କନ୍ଦ ମେଘହିଁ ନ ଜାଣନ୍ତି
ନ ଜାଣେ ପୁଣ ବୃହସ୍ପତି ।୧୩
ମୁନି ଗଣଙ୍କୁ ଅଗୋଚର
ଆଉ କେ ଜାଣିବ ସଞ୍ଚାର ।୧୪

ତା ଗର୍ଭ କେହ୍ନ ନଜାଣନ୍ତି
ବଡ଼ ସେ ଛୁଞ୍ଚ ସେ ଅଟନ୍ତି ।୧୫
ନମାଠର୍ଣ୍ଣି କେତେ ସେ ହୋଇଛନ୍ତି
ଓଜନ୍ତି କେହ୍ନ ନ ଜାଣୁଛନ୍ତି ।୧୬

ଲମ୍ବନ୍ତି କେହ୍ନ ନ ଜାଣନ୍ତି
ଘୋଷନ୍ତି କେହ୍ନ ନ ମଣନ୍ତି ।୧୭
ହସ୍ତ ପାଦନ୍ତି ତାର ନାହିଁ
ନୟନ ମୁଖ କର୍ଣ୍ଣ ନାହିଁ ।୧୮
ନାସା ଶିର ନ୍ତି ନାହିଁ ଶୁଣ
ଅନେମ୍ୟାଣ୍ଡ ଅବର୍ଣ୍ଣ ରୂପ ପୁଣ ।୧୯

ଅଜପା ଅରୂପନ୍ତି ସେହି
ତନ୍ତିରେ ଥଳ କୂଳ ନାହିଁ ।୨୦
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ହୋଇ
ତା ଗର୍ଭେ ଆତ ଯାତ କହି ।୨୧

ଏମନ୍ତ ଗର୍ଭ ଶୁଣ ତାର
କେହ୍ନ ନ ଜାଣେ ଅଗୋଚର ।୨୨
ଅଦଳିତ ଗର୍ଭ ତା ଦେହୀ
ନାଦଳ ରୂପ ସେ ଅଟଇ ।୨୩
ସେ ନାଦଳର ସେ ମହିମା
କେହ୍ନ ନ ଜାଣେ ତାର ସୀମା ।୨୪

ଶୂନ୍ୟକୁ ଶୂନ୍ୟ ଗ୍ରାସ ଦେଇ
ମହାଶୂନ୍ୟରେ ରହିଥାଇ ।୨୫
ମହାଶୂନ୍ୟନ୍ତି ତା ଶରୀର
ତା ଗର୍ଭେ ଆଜ ସେ କାହାର ।୨୬
ତା ଗର୍ଭେ ଆଜ୍ଞା ବାହାରୁଛି
ସକଳ ସୃଷ୍ଟି ସେ କରୁଛି ।୨୭
ତା ଗର୍ଭେ ଆଜ୍ଞା ବାହାରିଲେ
ସକଳ ସୃଷ୍ଟି ନାଶେ ଭଲେ ।୨୮

ସେ ମହାଶୂନ୍ୟ କଥା ମୁହିଁ
କାହିଁ କହିବି ତୋତେ ସେହି ।୨୯
ଶୂନ୍ୟରେ ପୃଥ୍ୱୀ ଆତଯାତ
ଶୂନ୍ୟରେ ଯାଉଛନ୍ତି ଜଗତ ।୩୦
ଶୂନ୍ୟରେ ପୃଥ୍ୱୀ ରହିଛନ୍ତି
ସପ୍ତ ବ୍ରହ୍ମାଣ୍ଡ ଶୂନ୍ୟେ ଅଛି ।୩୧

ଚନ୍ଦ୍ର ସୂର୍ଯ୍ୟ ଯେ ତାରାଗଣ
ଶୂନ୍ୟରେ ଆତଯାତ ପୁଣ ।୩୨
ବୃଦ୍ଧି ହେଉଛି ଶୂନ୍ୟ ଜାତ
ଶୂନ୍ୟରୁ ଜଳ ସେ ସମ୍ଭୂତ ।୩୩
ତେତିଶ କୋଟି ଦେବଗଣ
ଶୂନ୍ୟରେ ଆତଯାତ ପୁଣ ।୩୪
ଅନନ୍ତ କୋଟି ସାଧୁ ହୋଇ
ଶୂନ୍ୟରେ ଭ୍ରମୁଛନ୍ତି ସେହି ।୩୫
ଯକ୍ଷଦଗଣ ପିତୃଗଣ
ଶୂନ୍ୟରେ ଏହୁ ସେ ଭ୍ରମଣ ।୩୬

ଗ୍ରହଗଣ ସମଗଣ ନ୍ତି
ଶୂନ୍ୟରେ ଭ୍ରମୁଛନ୍ତି ରହି ।୩୭
ଭୂ ଲୋକ ବ୍ରହ୍ମଲୋକ ପୁଣ
ତପ ଲୋକ ଶୂନ୍ୟେ ଭ୍ରମଣ ।୩୮
ସପ୍ତ ସମୁଦ୍ର ଶୂନ୍ୟେ ଅଛି
ନବ ଦ୍ୱୀପ ନ୍ତି ଶୂନ୍ୟେ ଗଲ୍ଲି ।୩୯
ଶୂନ୍ୟରେ ନବଖଣ୍ଡ ପୃଥ୍ୱୀ
ସପ୍ତ ପାତାଳ ଶୂନ୍ୟେ ସ୍ଥିତି ।୪୦
ଚଉଦ ବ୍ରହ୍ମାଣ୍ଡ ସହିତେ
ଶୂନ୍ୟରେ ଅଛନ୍ତି ସମସ୍ତେ ।୪୧
ମେରୁଠାରୁ ଯେତେକ ପର୍ବତ
ଶୂନ୍ୟରେ ଅଛନ୍ତି ସମସ୍ତ ।୪୨

କାଳରୁ ଗରୁଡ଼ ପର୍ଯ୍ୟନ୍ତେ
ଶୂନ୍ୟରେ ଅଛନ୍ତି ସମସ୍ତେ ।୪୩
ପୃଷ୍ଠାରୁ ବ୍ରହ୍ମପାଏ ଜାଣ
ଶୂନ୍ୟରେ ଆକାଶାନ୍ତ ପୁଣ ।୪୪
ଇନ୍ଦ୍ରକଠାରୁ ଯେତେ ଦେବ
ଶୂନ୍ୟରେ ଅଛନ୍ତି ଏ ସବ ।୪୫
ଅଶ୍ୱଥଠାରୁ ଯେତେ ବୃକ୍ଷ
ଶୂନ୍ୟରେ ଅଛନ୍ତି ପ୍ରତ୍ୟକ୍ଷ ।୪୬
ତଳନ୍ତା ଚୌଦକୋଟି ଜୀବ
ଶୂନ୍ୟରେ ଅଛନ୍ତି ସେ ସର୍ବ ।୪୭
ନଶ୍ଚଳ ଚୌଦକୋଟି ହୋଇ
ଶୂନ୍ୟରେ ଅଛନ୍ତି ସେ ରହି ।୪୮
ଜନ୍ତା ଚଉଦ କୋଟି ଜାଣ
ଶୂନ୍ୟରେ ଅଛନ୍ତି ସେ ପୁଣ ।୪୯
ଗୁଳ୍ମା ଚଉଦ କୋଟି ସୃଷ୍ଟି
ଶୂନ୍ୟରେ ଏ ସର୍ବେ ଅଛନ୍ତି ।୫୦
ଛପନ କୋଟି ଜୀବ ହୋଇ
ଶୂନ୍ୟରେ ଛନ୍ତି ସର୍ବେ ରହି ।୫୧
ପୀଠରୁ ବ୍ରହ୍ମପାଏ ଜାଣ
ଶୂନ୍ୟରେ ଆତପାତ ପୁଣ ।୫୨
ଦଣ୍ଡିପୋକରୁ ସିଂହ ପାଏ
ଶୂନ୍ୟରେ ସିନା ସର୍ବ ରହେ ।୫୩
ରୂପାରୁ ଲୂହା ପର୍ଯ୍ୟନ୍ତେ
ଶୂନ୍ୟରେ ଅଛନ୍ତି ସମସ୍ତେ ।୫୪
ସୁନାରୁ ଷାରୁପାଏ ପୁଣ
ଶୂନ୍ୟରୁ ଏମାନେ ଉଆଣ ।୫୫
ଶୂନ୍ୟରୁ ଦଶରଥ ହୋଇ
ଖଣ୍ଡ ରହୁଛି ଶୂନ୍ୟ ଥାଇ ।୫୬
ଖଣ୍ଡ ରହିଛି ଶୂନ୍ୟ ଜାତ
ଶୂନ୍ୟରେ ଅଛନ୍ତି ସମସ୍ତ ।୫୭
ଜଳ ପବନ ଅଗ୍ନି ହୋଇ
ଶୂନ୍ୟରୁ ଜନ୍ମିଛନ୍ତି ସେହି ।୫୮
ପୃଥ୍ୱୀ ଶୂନ୍ୟରେ ରହିଛି
ଏହାତ କେହି ନ ଜାଣୁଛି ।୫୯
ଏ ସବୁ ଶରୀର ଶୂନ୍ୟ ଥାଇ
ଶୂନ୍ୟରେ ଆତପାତ ହୋଇ ।୬୦
ଶୂନ୍ୟରୁ ଆତପାତ ହେଲେ
ସର୍ବେ ଶୂନ୍ୟରେ ଲୀଳା କଲେ ।୬୧
ଲୀଳା ସରିଲେ ସର୍ବେ ଯାନ୍ତି
ଶୂନ୍ୟରେ ଲୀନ ସେ ହୁଅନ୍ତି ।୬୨
ଶୂନ୍ୟରୁ ଆଜ୍ଞା ସେ ହୋଇଲା
ଓଁକାର ରୂପରେ ହୋଇଲା ।୬୩
ମାଟିଳ ରୂପ ମହାଶୂନ୍ୟ
ତହିଁରୁ ସବୁ ସେ ଉଆଣ ।୬୪
ଏବେ ଶୁଣ ହେତୁକର
ମହାଶୂନ୍ୟରୁ ସେ ଓଁକାର ।୬୫
ଓଁକାର ମହିମା କହିବା
ଆଉ ଅଧ୍ୟାୟରେ ବୁଝାଇବା ।୬୬
ମହା ଶୂନ୍ୟରୁ ଉଦେ ରବି
ନମକ ଅରକ୍ଷିତ ଦାସ ।୬୭
ମହାଶୂନ୍ୟରେ ଥଳକୂଳ
ନାହିଁଟି ଶୁଣ ହେ ସକଳ ।୬୮

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା
କଥନେ ନାମ ଅଷ୍ଟାବିଂଶୋଽଧ୍ୟାୟଃ ।

# ଊନତ୍ରିଂଶ ଅଧ୍ୟାୟ

ଅଚ୍ୟୁତ ଚୈତନ୍ୟ ସର୍ବଦେବ
ଓଁକାର ମହିମା କହିବ ।୧
ମହାଶୂନ୍ୟ ଅଗମ୍ୟ ଭୂଇଁ
କାହାରି ସମାଗମ ନାହିଁ ।୨
ମନ ଯେ ଗମି ନ ପାରିଲା
କନ୍ଦର୍ପ ଶକ୍ତି ମୋହ ହେଲା ।୩
ନାସା ପବନ କେତେ ଦୂର
ଗମିବା ସଖ୍ୟ ନାହିଁ ତାର ।୪
ନୟନ କେତେଦୂର ଦେଖି
ସେ ତାହା ଗମି ନ ପାରଇ ।୫
ମନ ବୁଦ୍ଧି ଯେ ଚଇତନ
ସେ କାହିଁ ଜାଣିବେ ସେ ସ୍ଥାନ ।୬
ମୁଖରେ କହି ତ ନପାରି
ହୃଦେ ଚିନ୍ତିଲେ ସେ ନ ସରି ।୭
ଏମନ୍ତେ ମହାଶୂନ୍ୟ କଥା
ଅତି ଅଗୋଚର ବ୍ୟବସ୍ଥା ।୮
ମହା ଶୂନ୍ୟରୁ ଯେ ଓଁକାର
କି ରୂପେ ହେଲା ସେ ବାହାର ।୯
ଏହା ଶୁଣିବାକୁ ମୋର ମନ
ଦୟା ତୁ କର ମୋତେ ପୁଣ ।୧୦
ହେ ମନ ଶୁଣ ଏବେ ତୁହି
କ୍ଷୀରରୁ ଘୃତ ବାହାରଇ ।୧୧
ଗାଭିଟି ନାନା ଦ୍ରବ୍ୟ ଭୁଞ୍ଜେ
କ୍ଷୀରଟି ଏକା ରୂପ ଜନ୍ମେ ।୧୨
ତା ଗର୍ଭେ ଘଟେ ଥାଇ ହୋଇ
ରହିଛି ନିଗିଡ଼ି ଆପଣ ।୧୩

ବୁଦ୍ଧିବନ୍ତେ କ୍ଷୀର ଯେ ଦେଖନ୍ତି
ଘୃତ କିଁ କାହିଁ ନ ଜାଣନ୍ତି ।୧୪
କେତେ ଉପାୟ ତହିଁ କଲେ
କ୍ଷୀରୁ ଘୃତ ବାହାର ହେଲେ ।୧୫
ସେହି ପ୍ରକାରେ ହେ ଓଁକାର
ମହାଶୂନ୍ୟରୁ ସେ ବାହାର ।୧୬
ମହାଶୂନ୍ୟରୁ ଅଣ୍ଡା ପାଇ
ସପ୍ତ ବ୍ରହ୍ମାଣ୍ଡ ଘୋଟେ ସେହି ।୧୭
ଆକାଶ ମଧ୍ୟେ ଥାଏ ପୁଣ
ଶବଦ ରୂପେ ସେ ଭ୍ରମିଣ ।୧୮
ସକଳ ଜୀବ ହୃଦେ ଥାଇ
ଓଁକାର ରୂପେ ବିହରଇ ।୧୯
ଓଁକାରୁ ସର୍ବ ଜାତ ହେଲା
ଓଁକାର ବ୍ରହ୍ମାଣ୍ଡ ଘୋଟିଲା ।୨୦
ଓଁକାରୁ ଦେହ ହୋଇଅଛି
ବିନ୍ଦୁରୁ ଶବଦ ଶୁଣୁଛି ।୨୧
ଖାଇଣ ବାସନା ବାରଇ
ସ୍ୱାଦ ଅସ୍ୱାଦ ଜାଣେ ସେହି ।୨୨
ଓଁକାରୁ ନିଦ୍ରା ଉପୁ ଜାଣ
ଓଁକାରୁ କ୍ଷୁଧା ତୃଷା ପୁଣ ।୨୩
ଓଁକାରୁ ପାଞ୍ଚ ମନ ହେଲା
ନାନା ପାଞ୍ଚଟି ସେ ପାଞ୍ଚିଲା ।୨୪
ଓଁକାରୁ ପଚିଶ ପ୍ରକୃତି
ଓଁକାରୁ ଷଡ଼ ରିପୁ ସ୍ଥିତି ।୨୫
ଓଁକାରୁ ଚଣ୍ଡିତି ବେଗ
ହିଂସା କାମ ଯେ ମୋହ ରାଗ ।୨୬

ଓଁକାରୁ କୁବୁଦ୍ଧି ସୁବୁଦ୍ଧି
ଧର୍ମ ଅଧର୍ମ ଯେ ପ୍ରସିଦ୍ଧି ।୨୭
ସୋଡ଼ଶ ବାସୁକୀ ଯେ ନାଡ଼ି
ଓଁକାରୁ ହୋଇଛନ୍ତି ଜଡ଼ି ।୨୮
ରକ୍ତ ମାଂସ ହାଡ଼ ଚର୍ମ
ଓଁକାରୁ ସମସ୍ତ ଉତ୍ପନ୍ନ ।୨୯
ଓଁକାରୁ ନବଦ୍ୱାର ହେଲା
ଶବଦ ରୂପେ ବହିଲା ।୩୦
ନୟନେ ଦେଖଇ ଶୁଣଇ
ନାସାରେ ବାସନା ବାରଇ ।୩୧
ଜିହ୍ୱାରେ ସ୍ୱାଦ ରସ ବାଣୀରୁ
ଏକା ଓଁକାର ଜନ୍ମ କଲୁ ।୩୨
ଏକା ଓଁକାର ଶୁଣ ବେଦ
ନବ ଦ୍ୱାରରେ ଏ ସମ୍ଭବ ।୩୩
ସତ୍ତ୍ୱ ରଜ ତମୋଗୁଣ ହେଲା
ଓଁକାର ରୂପେ ସର୍ବ ଠୁଳ ।୩୪
ଓଁକାର ଶରୀରେ ପୂରିଛି
ଦେଖ ଏ ବ୍ରହ୍ମାଣ୍ଡେ ଘୋଟିଛି ।୩୫
ଓଁକାର ସର୍ବ ଜାତ କରେ
ଓଁକାର ସର୍ବ ଯେ ସଂହାରେ ।୩୬
ଅକ୍ଷରୁ ଓଁକାର ଜନ୍ମିଲା
ପୃଥ୍ୱୀଖଣ୍ଡି କି ଜାତ କଲା ।୩୭
ସ୍ୱର୍ଗ ମର୍ତ୍ତ୍ୟ ପାତାଳ କରି
ଓଁକାର ରୂପେ ସେ ବିହରି ।୩୮
ଚନ୍ଦ୍ର ସୂର୍ଯ୍ୟ ଯେ ତାରା ଗଣ
ଉତ୍ପନ୍ନ କଲା ସେହୁ ପୁଣି ।୩୯
ଜଳ ପବନ ଅଗ୍ନି ସେହି
ଜାତକି କଲା ସର୍ବ ଦେହୀ ।୪୦

ତେତିଶ କୋଟି ଦେବ ଜନ୍ମ
ଓଁକାରୁ ସର୍ବ ଜାତ ହୋଇ ।୪୧
ବ୍ରହ୍ମା ବିଷ୍ଣୁ ଶିବଙ୍କି ଅଙ୍ଗେ
ଜାତ କରୁ ସଂହାରୁ କୋପେ ।୪୨
ମାଳା ନିପତ୍ନେ ଲକ୍ଷା ହୋଇ
ଜାତ କରନ୍ତି ସର୍ବ ଦେହୀ ।୪୩
ନିସ୍ତୁଳ ବେଦ କୋଟି ଜାଣ
ଓଁକାରୁ ଜନ୍ମିଲେକି ଶୁଣ ।୪୪
ତଳଲୀ ବେଦ କୋଟି ହୋଇ
ଓଁକାରୁ ସର୍ବ ଜାତ କର୍ମ ।୪୫
ବ୍ରହ୍ମା ଚଉଦ କୋଟି ଦେବଲ
ଓଁକାରୁ ସର୍ବ ଜାତ କଲେ ।୪୬
ଉତ୍ତମ ଚଉଦ କୋଟି ଜାଣି
ଓଁକାରୁ ଜାତ ହେଲେ ପୁଣି ।୪୭
ଜୀବକରୁ ଗିରି ଓ ପର୍ଯ୍ୟନ୍ତ
ଓଁକାରୁ ଜନ୍ମିଲେ ସମସ୍ତ ।୪୮
ଅଶ୍ୱତ୍ଥ ଠାରୁ ଯେତେ ବୃକ୍ଷ
ଓଁକାରୁ ଜାତ ଏ ପ୍ରତ୍ୟକ୍ଷ ।୪୯
ସୃଷ୍ଟିଲି ବୃକ୍ଷ ଯାଏ ଜାଣି
ଓଁକାରୁ ଜନ୍ମିଲେକି ପୁଣି ।୫୦
ମେରୁ ଠାରୁ ଯେତେ ପର୍ବତ
ଓଁକାରୁ ଜାତ ଏ ସମସ୍ତ ।୫୧
ଇନ୍ଦ୍ରଙ୍କ ଠାରୁ ଯେତେ ଦେବ
ଓଁକାରୁ ଜାତ ହେଲେ ସର୍ବ ।୫୨
ସିଂହରୁ ଦୀ ମାଳ ଯାଏ
ଓଁକାରୁ ସର୍ବ ଜାତ କରେ ।୫୩
ଏକା ଓଁକାର ନାନା ବର୍ଣ୍ଣ
ଜନ୍ମକି କାର୍ଯ୍ୟ ଦେଖ ସମ ।୫୪

ଓଁକାରୁ ଘଟେ ତୁମ୍ଭ ସଣ
ଜନମରୁ ଅରକ୍ଷିତ ଦାସ ।୧୫
ଆଦ୍ୟ ସୁଜନ ଜନ ଶୁଣ
ଓଁକାରୁ ପ୍ରକୃତି ଭିଆଣ ।୧୬

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ସପ୍ତମଣ୍ଡଳ ଗୀତା
କଥନେ ନାମ ଊନତ୍ରିଂଶୋଧ୍ୟାୟଃ ।

—o—

# ତ୍ରିଂଶ ଅଧ୍ୟାୟ

ଏବେ ସୁମନ ଶୁଣ ତୁମ୍ଭେ
ଓଁକାରୁ ହୋଇଛି ଅଷ୍ଟ ମଣ୍ଡ ।୧
ସଂସାର ବ୍ରହ୍ମ ଯାଏ ଜାଣ
ଓଁକାରୁ ଜାତ ହୋଇଲେ ପୁଣି ।୨
ଓଁକାରୁ ଜନ୍ମିଲା ପାତାଳ
ଓଁକାରୁ ଜନ୍ମି ରସାତଳ ।୩
ଭୂତଳ ବିତଳ ଅତଳ
ଓଁକାରୁ ଜାତ ଏ ସକଳ ।୪
ପାତାଳ ମହାତଳ ହୋଇ
ଓଁକାରୁ ସର୍ବ ଜାତ କହି ।୫
ଭୂଲୋକ ଭୁବର୍ଲୋକ ଜାଣ
ଓଁକାରୁ ସ୍ୱର୍ଲୋକ ପୁଣ ।୬
ଜନ ଲୋକ ତପଲୋକ ହିଁ
ଓଁକାରୁ ଦେବଲୋକ କହି ।୭
ବ୍ରହ୍ମଲୋକ ଅସୁର ଗଣ
ଓଁକାରୁ ଜନ୍ମି ସୁରଗଣ ।୮
ଦେବଗଣ ନରଗଣ ହିଁ
ଓଁକାରୁ ପିତୃଗଣ କହି ।୯
ଋଷିଗଣ ନାଗଗଣ
ଓଁକାରୁ ଜନ୍ମ ଭୂତଗଣ ।୧୦
ଗନ୍ଧର୍ବଗଣ ଦେବଗଣ ହିଁ
ଓଁକାରୁ ରୁଦ୍ରଗଣ କହି ।୧୧
ପିଶାଚଗଣ ପ୍ରେତଗଣ
ଓଁକାରୁ ସିଦ୍ଧଗଣ ପୁଣ ।୧୨
ଯୋଗୀଗଣ ଯମଗଣ ହିଁ
ଓଁକାରୁ ଋଷିଗଣ କହି ।୧୩
ଓଁକାରୁ ଅପସରା ଗଣ
ଲୀଳା ନାମଚକ୍ର ଜାତ ପୁଣି ।୧୪
ଓଁକାରୁ କାଳ ମୃତ୍ୟୁ ହୋଇ
ଜାତ କର ନାଶନ୍ତି ସେହି ।୧୫
କର୍ମା ଜାତକର ନାଶିଲା
ଏ କଥା ସଂଶୟ ଲାଗିଲା ।୧୬
ନୂଆ ସୁଜ୍ଞାନ ସେ ବୋଇଲେ
କାଳକି ମୁଖ ନାହିଁ ଭଲେ ।୧୭
ମନୁଷ୍ୟ ଗଣଙ୍କର ପାଇଁ
କେବଳ ପଦାର୍ଥ କରେ ସେହି ।୧୮

ଛପନ କୋଟି ନଅଛନ୍ତି ଗାଉ
ମନୁଷ୍ୟ ବୋଲ ଯେ ଶରୀର ।୧୯
ଓଁକାର ସଙ୍ଗ ଘଟେ ଥାଇ
ମନୁଷ୍ୟ ଗଣେ ହେଲୁ ଦେଇ ।୨୦
ଅଙ୍ଗରୁ ନାନା ଯୋଗ କରଇ
ଓଁକାର ରୂପେ ସେ ଶରୀରେ ।୨୧
ଓଁକାରୁ ନାନା ବେଶ ହେଲା
ସେହି ତାହାଙ୍କୁ ଭୋଗ କଲା ।୨୨
ଘାଟ ପଡ଼ଣ ନୀଳାମ୍ବର
ଭୁଞ୍ଜ ଚନ୍ଦନ ଅଳଙ୍କାର ।୨୩
ଖଟ ପଲଙ୍କ ଯେ ଶୁଣାଣ୍ଡି
ନାନାଦି ପୁଷ୍ପ ଯେ ଯୁଅନ୍ତି ।୨୪
ନାନାଦି ଭକ୍ଷ୍ୟ ଭୋଜ ଯେତେ
ଓଁକାରୁ ଜାତ ଏ ସମସ୍ତେ ।୨୫
ଓଁକାର ତତ୍ତ୍ୱ ରସ ଦେଇ
ମନୁଷ୍ୟ ଗଣେ ହେଲେ ଦେହି ।୨୬
ବେଦ ବିଦ୍ୟା ଜ୍ୟୋତିଷ ଜାଣୀ
ଗୀତ ପୁରାଣ ଯେ ବଖାଣି ।୨୭
ମନୁଷ୍ୟଗଣ କଳୁ ଜେଣି
ଆଜି କେ ଯୋଗ ନ କରଇ ।୨୮
ଏ ଯାକୁ ବୁଝଇନ୍ତି ଶୁଣି
ଦେବତା ବୋଲନ୍ତି ବଖାଣି ।୨୯
ଶୋଧିଲେ ଦେବତା ବୁଝିଁଇ
ଶୁଣି ସୁମନେ ଚିନ୍ତି ଦେଇ ।୩୦
ଏ ଯେ ମନୁଷ୍ୟ ଗଣ ଯାଇ
ନାନା ଭଡ଼ାମ୍ବୁ ଏହାଙ୍କର ।୩୧
ଓଁକାର ସଙ୍ଗ ଘଟେ ଥାଇ
ମନୁଷ୍ୟ ଗଣେ ହେଲୁ ଦେଇ ।୩୨

ନେଣୁ କାଳିତିଲ ଓଁ ଶବ୍ଦ
ଏ ତନୁ ନାହିଁ ଅନ୍ୟ ଭେଦ ।୩୩
ଏହାଙ୍କୁ ଏଥି ଯେ ଶିଖିଲେ
ଏ ଚିତ୍ତ ଘେନିବନ୍ତି ଭଜନ ।୩୪
ଯୋଗିଲେ କେବେ ନ ଛାଡ଼ଇ
ଓଁକାର ସ୍ଥାପିଛନ୍ତି ଦେହୀ ।୩୫
ଅଙ୍ଗ ଢାଙ୍କଣ ସେ ଓଁକାର
ଦେହରେ ବନ୍ଧୁଛି ବିହାର ।୩୬
ଅଙ୍ଗ ହୋଇଲେ ଦେହ ଗୁପ୍ତ
ମହା ଶୂନ୍ୟରେ ଯିବ ବୁଡ଼ି ।୩୭
ତାହାର ଅପୂର୍ବ ବୁଝିଁଇ
ଅଙ୍ଗରୁ ସଙ୍ଗ ଘଟେ ସେହି ।୩୮
ଅଙ୍ଗ ଧାଇଣ ସେ ଅଳିଲ
ସଙ୍ଗ ଘଟରେ ଲୀଳା କଲ ।୩୯
ଯାହାକୁ ଦେହଗତ ଝଙ୍କ
ଓଁକାରୁ କଳୁଛନ୍ତି ନାଦ ।୪୦
ନାନା ବର୍ତ୍ତିନ୍ତି ଜଳ ଠାରେ
ଏକା ଓଁକାର ସଙ୍ଗ ନୟଣ ।୪୧
ଛପନ କୋଟି ଜୀବ ଜାଣି
ଭିନ୍ନାଭିନ୍ନି କଲ ପୁଣି ।୪୨
ଏକା ଓଁକାର ସଙ୍ଗ ଦେହୀ
ତାହାର ରୂପ ବର୍ଣ୍ଣ ନାହିଁ ।୪୩
ଭୁଞ୍ଜିଛି ଦେଖ ସମକଣ
ଏକା ଓଁକାର ଭୁ ବିସ୍ତର ।୪୪
ଏକା ଓଁକାରୁ ଭିନ୍ନ ନାହିଁ
ସଙ୍ଗ ଜାତ କରୁଛି ସେହି ।୪୫
ଶୀତ ବରଷା ଖରା ଜାଣ
ତାର ଶବ୍ଦରୁ ଏ ଥୁଆଣି ।୪୬

ଷଡ଼ ଚକ୍ରଟି ତା ଉପର
ଏହା ତୁ ମନେ ହେଲୁ ଜାଣ ।୪୭
ସୁଷ୍ଟ ଦ୍ୱାଦଶ ଓଁକାର ହ୍ରୀଁ
ବାର ମାସଟି ତାର ଦେହୀ ।୪୮
ଯାହା ବାରଟି ସେ ଓଁକାର
ଷୋଳ ଘଡ଼ିଟି ତା ଉପର ।୪୯
ଏବେ କହିବା ଶୁଣ ଭଗ
ନମଲ ଅଗସ୍ତିଚ ଦାସ ।୫୦
ଅହେ ସୁଜନ ମାନେ ଶୁଣ
ଚନ୍ଦ୍ର ସୂର୍ଯ୍ୟଙ୍କର ବଖାଣ ।୫୧

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମନ୍ତ୍ର ଗୀତା କଥନେ ନାମ ତ୍ରିଂଶୋଽଧ୍ୟାୟଃ ।

---

# ଏକତ୍ରିଂଶ ଅଧ୍ୟାୟ

ଅହେ ଚୈତନ୍ୟ ଦସ୍ତାକର
ମନ୍ତ୍ରାଙ୍କ ଯୋଗର ଈଶ୍ୱର ।୧
ଏହା ଶୁଣିଣ ତୋହ୍ମ ମନ
ପୃଚ୍ଛନ୍ତି କୃଷ୍ଣ ପାଦେ ପୁଣ ।୨
ମନ ମୁଖରୁ ଏହା ଶୁଣି
ମନ୍ତ୍ରାଙ୍କ ଯୋଗ କହୁ ପୁଣି ।୩
ଚନ୍ଦ୍ର ସୂର୍ଯ୍ୟ ଜୀବ ପବନ
ଏ ଦୁଇ ଜନଙ୍କର ଗୁଣ ।୪
ଜୀବ ପବନ ଦେହୁ ହୋଇ
ଦେହକୁ ଧରିଛନ୍ତି ସେହି ।୫
ଓଁକାରୁ ଚନ୍ଦ୍ର ସୂର୍ଯ୍ୟ ହେଲେ
ନାସିକା ପଥେ ବହଇଲେ ।୬
ବାମ ପୁଡ଼ାରେ ଯେବେ ବହି
ଜୀବ ଚନ୍ଦ୍ରଟି ସେ ବୋଲଇ ।୭
ଡାହାଣ ପୁଡ଼ାରେ ବହିଲେ
ପବନ ସୂର୍ଯ୍ୟ ଅଟେ ଭଲେ ।୮
ଦୁଇ ଘଡ଼ିଏ ଭାଗେ ବହି
ପୁଣି ଦକ୍ଷିଣକୁ ସେ ଯାଇ ।୯
ଏ ଘଡ଼ି ଦକ୍ଷିଣ ପୁଡ଼ାରେ
ଓଲଟ ପାଲଟେ ବହରେ ।୧୦
ଦକ୍ଷିଣ ପୁଡ଼ାରେ ବହିଲେ
ସ୍ନାନ ଭୋଜନ କର ଭଲେ ।୧୧
ନାନାଦି ଦ୍ରବ୍ୟ କୁ ଭକ୍ଷିବୁ
ନୈବେଦ ଶରୀରେ କରିବୁ ।୧୨
ସୂର୍ଯ୍ୟଙ୍କ ତେଜ ଲଗି ପୁଣ
ଆହାର ପାକ ତତକ୍ଷଣ ।୧୩
ଆହାର ପାକ ଯେବେ ହୋଇ
ଦେହଟି କେବେ ନ ପଶଇ ।୧୪
ସୂର୍ଯ୍ୟ ଜାଣିବ ଯେତେବେଳେ
ନିଦ୍ରାକୁ ଜାଗିଥିବୁ ବେଳେ ।୧୫
ସେ ଦୁଇ ଘଡ଼ିରେ ନ ଶୋଇ
ଜୋଗିବ ଭଣିବୁ ତୋର ଦେହୀ ।୧୬

ରବି ଶନି ଗୁରୁ ମଙ୍ଗଳ
ଏ ଦୃଶିବାର ସୂର୍ଯ୍ୟ ସ୍ଥଳ ।୧୭
ଏ ଯୁଗ୍ମବାରେ ସ୍ନାନକର
ଜନ୍ମ ମୃତ୍ୟୁକୁ ତୁ ନଡ଼ର ।୧୮
ବାମ ପୁଡ଼ାରେ ବହୁଥିଲେ
କିଛି ତୁ ଖାଇବୁଟି ଭଲେ ।୧୯
ଚନ୍ଦ୍ରମା ଶୀତଳ ଅଟଇ
ଅହାର ଖାଇ ଯେ ଭୁଞ୍ଜିଲ ।୨୦
ଆହାର ଖାଇ ଯେ ନୋହିଲେ
ନାନା ରୋଗଟି କରେ ଭଲେ ।୨୧
ତେଣୁ ଅକଟେ ନାଶ ଯାଇ
ତାଙ୍କୁ ନ ଲଗି ପାରେ କେହି ।୨୨
ବାମ ପୁଡ଼ାରେ ବହୁଥିବ
ସ୍ନାହାନ କେବେ ନ କରିବ ।୨୩
ଏ ଦୁଇ ଘଡ଼ିରେ ଶୋଇବୁ
ଯୋଗ ନଷ୍ଟାଟି ଲୁହ ଶିବୁ ।୨୪
ସୋମ ଶୁକ୍ରେ ତୁ ବୁଧବାରେ
ସ୍ନାହାନ ନକର ଭକ୍ତିରେ ।୨୫
ଏ ତିନିବାର ଚନ୍ଦ୍ରଙ୍କର
ଏଥି ଜାଣିଲେ ଅନ୍ତ୍ରାମ୍ବର ।୨୬
ସୂର୍ଯ୍ୟଙ୍କବାର ହୋଇଥିବ
ଏଣ୍ଟିବାରରେ ଦାଗିଦିବ ।୨୭
ଚନ୍ଦ୍ରଙ୍କବାର ହୋଇଥିଲେ
ଗଲେଟି ଯଶ ନାହିଁ ଭଲେ ।୨୮
ସୂର୍ଯ୍ୟଙ୍କବାର ହୋଇଥିବ
ଏଣ୍ଟି ବେଳରେ ଯେତେଣେ ଗିବ ।୨୯
ସୂର୍ଯ୍ୟଙ୍କ ବେଳ ହୋଇଥିଲେ
ଚନ୍ଦ୍ରବାରରେ ଯେତେଣେ ଗଲେ ।୩୦

ଅଶୁଭ ଯେବେନ ଅଟଇ
ଯେତେଣ ଗଲେଟି ଯଶ ନାହିଁ ।୩୧
ଚନ୍ଦ୍ର ସୂର୍ଯ୍ୟଙ୍କୁ ଜାଣିଥିଲେ
ଏ ଦେହ ରକ୍ଷିବୁଟି ଭଲେ ।୩୨
ଏହାଙ୍କୁ ଅଭେଦ୍ୟ ଜାଣିଥିବୁ
ଦୁଇ ଘଡ଼ିରେ ତୁ ଗୁଡ଼ିବୁ ।୩୩
ଏ ଦୁହେଁ ଦେହ ଧରିଛନ୍ତି
ଏହାଙ୍କୁ ଜାଣିଥିବୁ ଭିନ୍ନ ।୩୪
ଉଦେ ଅସ୍ତ ତୁ କରୁଥିବୁ
ଭିଳାଢେ ବଳାଇ ନ ଦେବୁ ।୩୫
ଚନ୍ଦ୍ରମା ତେଜ ଯେ ବଳିଲେ
ଜଳ ଯୋଟିବ ତତକାଳେ ।୩୬
ସୂର୍ଯ୍ୟଙ୍କ ତେଜ ଯେବେ ବଳ
ଅଗ୍ନି ଉଠିବ ଅସମ୍ଭାଳ ।୩୭
ଦୁଇ ଘଡ଼ି ଯେ ଦୁଇବାରେ
ଓଲଟ ପାଲଟ ଯେ କରେ ।୩୮
ରୋଗ ବ୍ୟାଧିହିଁ ନ ପଶନ୍ତି
ଅମର ହୋଇଣ ରହନ୍ତି ।୩୯
ନୋହିଲେ କେବେ ଯଶ ନାହିଁ
ଏହାକୁ ଯେବେ ନ ଜାଣଇ ।୪୦
ସାତବାରଟି ଯେବେ ବାଇ
ବାମ ପୁଡ଼ାରେ ଯେବେ ବହି ।୪୧
ଆଠ ଦିନେଟି ମୃତ୍ୟୁ ହେବ
ଡାହାଣେ ଯେବେ ସେ ନଶିବ ।୪୨
ଡାହାଣ ପୁଡ଼ା ସାତବାର
ଯେବେ ବହିବ ଦସ ଶିବର ।୪୩
ଅବଶ୍ୟ ମୃତ୍ୟୁଟି ଘଟିବ
ବାମକୁ ଯେବେ ଯେ ନଶିବ ।୪୪

ଶୁକ୍ରବାର ଯେ ବୈଳାଷ୍ଟମୀ
ମୁକ୍ତିକୁ କିଣି ଦେଇ ରଖିଲ ।୪୫
ଗଙ୍ଗା ଯମୁନା ସ୍ନାନ କର
କାଳ ମୃତ୍ୟୁକୁ ତୁ ନ ଡର ।୪୬
ଏକାବେଳେକି ସ୍ନାନ କଲେ
କୋଟିଏ ତୀର୍ଥ ଫଳ ଲଭେ ।୪୭
ଚନ୍ଦ୍ର ସୂର୍ଯ୍ୟଟି ଦୁଇ ନଣି
ଏକା ଓଁକାରୁ ସବୁ ହୋଇ ।୪୮
ଏହା ନଜାଣେ ମୂର୍ଖ ଜଣେ
ଘଡ଼ ନଜାଣି ଏଣେ ତେଣେ ।୪୯
ନାନା ତୀର୍ଥରେ ସ୍ନାନକରେ
ଘର ବଅଁ ଡାହେଣୀ ମରେ ।୫୦
ନାନାଦି ଧ୍ୟାନ ମନ୍ତ୍ର ସ୍ମରେ
ନିଜ ବଅଁ ଡାହୋଣି ମରେ ।୫୧
ଏକା ଓଁକାର ଦେଖ ଭୁଞ୍ଜି
କେତେକ ପ୍ରକାରେ ସେ ବାହୁଲ ।୫୨
ଆଜ୍ଞା ଧାରଣ ଯେ କରନ୍ତି
ଘଟ ଏକଥ ନ ଜାଣନ୍ତି ।୫୩
ଏଣୁ ସେ ମାରଇ ବେଶୀକ
ତେଣୁ ସେ ମାରଇ ଏତିକ ।୫୪
ଦସ୍ତ୍ରି ଶ୍ରୀରାମ ଡାର ନାହିଁ
ଆଜ୍ଞାକୁ ଶିରେ ବହୁଥାଇ ।୫୫
ଆଜ୍ଞା ହୋଇଲେ ଦେହ ସ୍ଥିତେ
ମାଟି ପିଣ୍ଡିଟି ସୁଢ଼ ଗଢ଼େ ।୫୬
ଏମନ୍ତେ ଆଜ୍ଞା ମାଣନ୍ତି
ଭଲାଙ୍କେ ସମ୍ମୁଖ ଭୁଞ୍ଜନ୍ତି ।୫୭
ଏବେ ଶୁମନ ଶୁଣ ଭୁଞ୍ଜ
ସାତବାରଙ୍କ ଗୁଣ ଏହି ।୫୮

ରବିବାରର କଥା ଶୁଣ
କହିବା ତେଙ୍କୁ କଣ ଦେନ ।୫୯
ଚନ୍ଦ୍ର ସୂର୍ଯ୍ୟଙ୍କୁ ଏକ କରି
ଡୋଳକୁ ନିଶାଇଣ ଧରି ।୬୦
ଶ୍ରୀକୃଷ୍ଣ ପଦ୍ମରେ ରଖିବୁ
ଜଣାଣି ବାଇ ବୁଲଇବୁ ।୬୧
ଏଦିନ ସ୍ତ୍ରୀ ସଙ୍ଗ କରି
ନକରି ନ ଛୁଇଁବୁ ଭୁଞ୍ଜି ।୬୨
ତେବେକି ଏଦେହ ରହିବ
ଯମ ଦେଖି ଭୟ କରିବ ।୬୩
ସୋମବାରେ ସ୍ତ୍ରୀ ସଙ୍ଗ
ଘଷି କରିବୁ ନାନା ରଙ୍ଗେ ।୬୪
ଦକ୍ଷିଣ ପୁଞ୍ଜାରେ ପବନ
ବନ୍ଧୁ ସେ ଅଙ୍ଗ କଣ୍ଠ ଶୁଣ ।୬୫
କେତେକେତେଳ ଚକ୍ର କରିବୁ
ତିଥି ଲଗ୍ନକୁ ଜଗିଥିବୁ ।୬୬
ମଙ୍ଗଳବାରେ ସ୍ତ୍ରୀ ସଙ୍ଗ
ଦୂରର କରିବୁ ପରିତ୍ୟାଗ ।୬୭
ଏବାରେ ପବନ ଜଣାଣି
ଡୋଳକୁ ଶ୍ରୀକୃଷ୍ଣକୁ ପୁଣି ।୬୮
କାଳ ମୃତ୍ୟୁକୁ ତୁ ଜିଣିବୁ
ତେବେକି ଏଦେହ ରଖିବୁ ।୬୯
ବୁଧବାରରେ ରତି କରି
ତିଥି ଲଗ୍ନକୁ ଭୁଞ୍ଜ ଧରି ।୭୦
ଗୁରୁବାରରେ ସ୍ତ୍ରୀ ଭୁଞ୍ଜ
ନକରି ନ ଛୁଇଁବୁ କଞ୍ଜି ।୭୧
ନାମକୁ ଚିନ୍ତା କରୁଥିବୁ
କେବେ ଅଜାମେରେ ରଖିବୁ ।୭୨

ଯମ ଦେଖିଣ ତତ୍ତ୍ୱଥିବ
ମୃତ୍ୟୁ କେତେବ ତାଡେ ନୋହିବ ।୭୩
ବୃହବାରରେ ରବି ଭୁଞ୍ଜ
ଜର ହୋ କିଛି ଭୟ ନାହିଁ ।୭୪
ଦକ୍ଷିଣ ପୂର୍ବରେ ପବନ
ବହିବ ଯେତେବେଳେ ପୁଣ ।୭୫
ସେତେବେଳକୁ ପ୍ରିୟ ସଙ୍ଗେ
ରତି କରିବୁ ନାନା ରଙ୍ଗେ ।୭୬
ସେ ବୀର୍ଯ୍ୟ ପାଇଁ ଉଦର ରକ୍ଷ
ପୁରୁଷ ଅଙ୍ଗ ଜାତ ଲକ୍ଷ ।୭୭
ଶନିବାରରେ ଭୁଞ୍ଜି ଜାଣି
ପୁଂଶକ ନଛୁଇଁବୁ ପୁଣି ।୭୮
ଏବାରେ ପବନ ତୋଳିବୁ
ଅବାଯ୍ୟ ମନ୍ତ୍ରରେ ରଖିବୁ ।୭୯
ତେବେ ଅମର ହେବୁ ଶୁଣ
ସାତବାରକୁ ଜାଗ ପୁଣ ।୮୦
ଶଣିବାରଟି ପ୍ରିୟ କଷ୍ଟ
ରବିବାରଟି ପୁରୁଷଇଁ ।୮୧
ସାତବାରଟି ଜାଗିଥିବୁ
କଳାରେ ହେଳା ନ କରିବୁ ।୮୨
ହେଲା କଲେଟି କାଳ ମୃତ୍ୟୁ
ମାତ୍ର ନେବଟି କର ହେତୁ ।୮୩
ଶୁଣ ବିବସ ସାତବାର
ଜାଡିଥିବୁଟି ଭୁ କଳର ।୮୪
ଏ ସାତବାର ଜାଗିଥିଲେ
କେବେ ନମରିବୁଟି ଭଲେ ।୮୫
ଏମନ ଏ ସାତ ବାରକୁ
ଜାଗହେ କହିଲି ତୁମ୍ଭଙ୍କୁ ।୮୬
ନ ଜାଗିଲେଟି ଯଣ ନାହିଁ
ଏତେକଟି ନିତ୍ୟ ଜାଗ କହି ।୮୭
ନ ଜାଗିଲେଟି ହେବୁ ନାଶ
କହଇ ଅରକ୍ଷିତ ଦାସ ।୮୮
ଆହେ ସୁଜନମାନେ ଶୁଣ
ସପ୍ତାଙ୍ଗ ଯୋଗର ବିଧାନ ।୮୯

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମଷ୍ଟମଣ୍ଡଳ ଗୀତା
କଥନେନାମ ଏକବିଂଶୋଽଧ୍ୟାୟଃ ।

---

# ଦ୍ୱାତ୍ରିଂଶ ଅଧ୍ୟାୟ

ଆହେ ସୁମନ ଶୁଣ ଭୃଙ୍ଗ
ଓଁକାରୁ ସବୁ ଜାତ ହୋଇ ।୧
ଓଁକାରୁ ଆଜ୍ଞା ପାଇକରି
କେତେ ଭଙ୍ଗିରେ ସେ ବସ୍ତୁର ।୨
ମନୁଷ୍ୟଗଣ ଯେତେକନ୍ତି
ଚୌଷଠିକ ବେତାଳ ଦଶନ୍ତି ।୩
ଶୋଭନ୍ତି ଯାହାକୁ ଯେମନ୍ତ
ଓଁକାରୁ ସବୁ ଯେ ଘଟିତ ।୪

ଯାହାଙ୍କୁ ଯେତେକ ତେତେକ ସେହି
ଏକା ଓଁକାର ସଙ୍ଗ ଦେହୀ ।୫
ଭୁଞ୍ଜିକୁ ଭୁଞ୍ଜ ରୂପ ଶୁଣି
ମୋଟକୁ ମୋଟ ରୂପ ପୁଣି ।୬

ଦେଖ କଣ୍ଟାକୁ ଗୋଜା କଲ
ପୁଷ୍ପରେ ବାସ ଯେ ଥୋଇଲ ।୭
ବୃକ୍ଷରେ ଫଳ ଯେ ଫଳଇ
ଫଳରେ ଜଳ ଯେ ଟୁଙ୍ଗଇ ।୮
ହଂସ ବକଙ୍କୁ କଲ ଶ୍ୱେତ
ଆମ୍ବରେ ପୂରିଲ ଅମୃତ ।୯

ମାଛି ମୁଖରେ ମଧୁ ଥୋଇ
ଗାଈ ଉଦରେ କ୍ଷୀର ରଖି ।୧୦
ଜନନୀ ସ୍ତନେ କ୍ଷୀର ପୁଣି
ପଞ୍ଚଲ ଏଡୁ ତଥି ଶୁଣି ।୧୧
ବ୍ୟାଘ୍ର ହସ୍ତୀ ମୃଗ ଯେ ମୟୂର
ଏହାଙ୍କୁ ଚିତ୍ରି କଲ ଶରୀର ।୧୨

ଚନ୍ଦନ ପୁଷ୍ପ ଗୁଣ ଜାଣି,
ଏକା ଓଁକାର ସଙ୍ଗ ଯେଣି ।୧୩
ଋତୁ ବସନ୍ତ ଗ୍ରୀଷ୍ମମହିଁ
ଶରତ ବରଷା ଶୀତ ସେହି ।୧୪
ଶୁଷ୍କ ମାନଙ୍କରେ ଆନନ୍ଦ
ଷଡ଼ ଋତୁଟି ଯେ ଓଁକାର ।୧୫

କାଷ୍ଠ ପାଷାଣେ ଅଗ୍ନି ଥୋଇ
କ୍ଷୀରରେ ଘୃତ ଯେ ରଖଇ ।୧୬
ତିଳରେ ତୈଳ ଯେ ଥୋଇଲ
କାର୍ଯ୍ୟେ ମଙ୍ଗଳ ସେହୁ ହେଲ ।୧୭

ନାନାବିଧ ପକ୍ୱ ଫଳ ସେହି
ନାନାବିଧ ବାସ ଗନ୍ଧ ହୋଇ ।୧୮

ଷଡ଼ ରସରେ ନାନା ଭୋଗ
ସମ୍ଭାବ କଲକ ସଂଯୋଗ ।୧୯
ଅଷ୍ଟ ଧାତୁରେ ନାନା ଦ୍ରବ୍ୟ
ଉତ୍ପନ୍ନ କଲ ଅସମ୍ଭବ ।୨୦

ଅଷ୍ଟ ରତ୍ନରେ ଅଳଙ୍କାର
ନାନାବିଧ ପଦାର୍ଥରେ ସାର ।୨୧
ଏକା ଓଁକାରୁ ସଙ୍ଗ ଜାତ
ଦାଣ ରଙ୍ଗରେ ଯେ ଘଟିତ ।୨୨
ଛପନ କୋଟି ଜୀବ ସେହୁ
ଏକା ଓଁକାର ସଙ୍ଗ କହୁ ।୨୩
ଆକାଶୁ ମେଘ ଯାଏ ପୂରି
ଘଡ଼େକେ ଅଳକେ ସମସରି ।୨୪

ଲୀଳା କମନ୍ତେ ଆଜ୍ଞା ପାଇ
କ୍ଷଣେ ବିଶ୍ରାମ ତାର ନାହିଁ ।୨୫
ଦେଖ ପବନ ଯେ ଓଁକାର
କ୍ଷଣେ ବିଶ୍ରାମ ନାହିଁ ତାର ।୨୬
ଓଁକାରୁ ଜଳ ଜାତ ହୋଇ
କ୍ଷଣେ ବିଶ୍ରାମ ତାର ନାହିଁ ।୨୭

ଓଁକାରୁ ଅଗ୍ନି ରୂପ ଜାଣି
କ୍ଷଣେ ବିଶ୍ରାମ ନାହିଁ ପୁଣି ।୨୮
ଓଁକାରୁ ସୃଷ୍ଟି ବେଦ ହୋଇ
କ୍ଷଣେ ବିଶ୍ରାମ ତାର ନାହିଁ ।୨୯
ଓଁକାରୁ ଅକ୍ଷର ଜନ୍ମିଲି
କ୍ଷଣେ ବିଶ୍ରାମ ତା ନୋହିଲି ।୩୦

ଓଁକାରୁ ଚନ୍ଦ୍ର ଜନ୍ମ ହୋଇ
କ୍ଷଣେ ବିଶ୍ରାମ ତାଙ୍କ ନାହିଁ ।୩୧
ଓଁକାରୁ ସୂର୍ଯ୍ୟ ଜନ୍ମ ଜାଣ
କ୍ଷଣେ ବିଶ୍ରାମ ନାହିଁ ପୁଣ ।୩୨

ଓଁକାରୁ ଚାନ୍ଦ୍ରାୟଣ ହୋଇ
କ୍ଷଣେ ବିଶ୍ରାମ ତାଙ୍କ ନାହିଁ ।୩୩
ଓଁକାରୁ ଭୂତପ୍ରେତ ଜାଣି
କ୍ଷଣେ ବିଶ୍ରାମ ନାହିଁ ପୁଣି ।୩୪
ଓଁକାରୁ ଇନ୍ଦ୍ର ଜନ୍ମ ହୋଇ
ଅନୁକ୍ଷଣେଟି ଚିନ୍ତା କରୁ ।୩୫
ଓଁକାରୁ ଯମଟି ଜନ୍ମିଲ
ଅନୁକ୍ଷଣେଟି ଚିନ୍ତାକଲ ।୩୬
ବୃହସ୍ପତି ଓଁକାରୁ ହୋଇ
ଅନୁକ୍ଷଣେ ସେ ଚିନ୍ତା କରୁ ।୩୭
ଓଁକାରୁ କୁବେର ଜନ୍ମିଲ
ଅନୁକ୍ଷଣେଟି ଚିନ୍ତା କଲ ।୩୮
ଓଁକାରୁ ବାରୁଣିଧି ହୋଇ
କ୍ଷଣେ ବିଶ୍ରାମ ତାର ନାହିଁ ।୩୯
ଓଁକାରୁ ଲକ୍ଷ୍ମୀ ଜନ୍ମ ହେଲେ
ଅନୁକ୍ଷଣେଟି ଚିନ୍ତା କଲେ ।୪୦
ଓଁକାରୁ ବାସୁକି ଜନ୍ମିଲ
କ୍ଷଣେଟି ଚିନ୍ତା ନ ଛାଡ଼ିଲ ।୪୧
ଓଁକାରୁ ପୃଥିବୀ ଜନ୍ମିଛି
ଅନୁକ୍ଷଣେ ଚିନ୍ତା କରୁଛି ।୪୨
ଓଁକାରୁ ବ୍ରହ୍ମା ସେ ଜନ୍ମିଲେ
ଅନୁକ୍ଷଣେ ସୃଷ୍ଟି ସର୍ଜିଲେ ।୪୩

ଓଁକାରୁ ବିଷ୍ଣୁ ଜାତ କରୁ
ଅନୁକ୍ଷଣେ ସୃଷ୍ଟି ପାଳଇ ।୪୪
ଓଁକାରୁ ଈଶ୍ୱର ଜନ୍ମିଲ
ଅନୁକ୍ଷଣେଟି ସଂହାରିଲ ।୪୫
ମହାଶୂନ୍ୟରୁ ଆଜ୍ଞା ହେଲେ
ଏମାନେ ଓଁକାରୁ ଜନ୍ମିଲେ ।୪୬
ଓଁକାରୁ ଅଗ୍ନି ଜଳପାଇ
ଏ ସର୍ବ ଜାତ କଲ ଦେଖି ।୪୭
ଜାତ କରନ୍ତି ଆଜ୍ଞା ହେଲେ
ପୃଥିବୀ ପାଳ ହେ । ବୋଇଲେ ।୪୮
ତା ଅଗ୍ନି ଶିରେ ଧରିଲନ୍ତି
କ୍ଷଣେ ସ୍ଥିରନ୍ତି ସେ ନୁହନ୍ତି ।୪୯
ଛପନ କୋଟି ଜୀବ ପୁଣ
ଏହାଙ୍କୁ ପାଳ ନାଶେ ଜାଣ ।୫୦
ଏକା ଓଁକାର ସୋଟି ଅଛୁ
ସବୁ ଭୂ ଭସ୍ମ ନାହିଁ କରୁ ।୫୧
ଓଁକାର ମହିମା ଅଶେଷ
କହଇ ଅରକ୍ଷିତ ଦାସ ।୫୨
ଅତେବ ସୁଜନେ କ୍ଷମା କର
ମୋହର ଦୋଷ ସେ ନ ଧର ।୫୩
ମୂର୍ଖ ପଣରେ ଏହା କହୁ
ଏ ଦୋଷ ତୁମ୍ଭଙ୍କୁ ମାଗଇ ।୫୪

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା
କଥନେ ନାମ ଦ୍ୱାବିଂଶୋଽଧ୍ୟାୟଃ ।

# ତ୍ରୟସ୍ତ୍ରିଂଶ ଅଧ୍ୟାୟ

ଏବେ ସୁମନ କହୁ ତୋତେ
ଯେମନ୍ତେ ଭ୍ରମିବୁ ଜଗତେ ।୧
ଓଁକାର ଶବ୍ଦ ମନେ ଘେନ
ସର୍ବ ଦେଖିବୁ ତୁ ସମାନ ।୨
ଓଁକାର ଯେମନ୍ତେ ଯୋଚିଛି
ଶୁଭ ଅଶୁଭ ନ ଜାଣୁଛି ।୩
ସ୍ୱର୍ଗ ନରକ ନ ଜାଣଇ
ଧର୍ମ ଅଧର୍ମ ତାର ନାହିଁ ।
ପାପ ପୁଣ୍ୟ କିଛି ନାହିଁ ତାର
ଭଲ ମନ୍ଦହିଁ ନାହିଁ ଆର ।୫
ସକାର ଅନକାର ନାହିଁ
ସର୍ବ ସମାନ ଦେଖେ ଯେହୁ ।୬
ଜାତି ଅଜାତି ନାହିଁ ତାର
ଏକ ଜାତିଟି ତା ଶରୀର ।୭
ଏକା ଜ୍ୟୋତି ସର୍ବ ଘଟେ
ଭୁଞ୍ଜି ଭିନ୍ନ ଜଳ ଘଟେ ।୮
ଲୀଳା କିମନ୍ତେ ଭିନ୍ନ କଲା
ତା ମାୟା କେହି ନ ଜାଣିଲା ।୯
ମାୟାରେ ମୋହୁଛି ସଂସାର
ତା ମାୟାକୁ ଜାଣିବ ନର ।୧୦
ଚନ୍ଦ୍ର ସୂର୍ଯ୍ୟ ବ୍ରହ୍ମା ଶିବ ହିଁ
ତାର ମାୟାରେ ଭ୍ରମେ କହି ।୧୧
ଆଉକେ ନ ଭ୍ରମିବ ଶୁଣ
କଡ଼କେ ଅଛି ଅଜ୍ଞ ପୁଣ ।୧୨
ଯେହୁ ଓଁକାର ବଶ୍ୟା କଲେ
ତା ମାୟା ଜାଣିବ ସେ ଭଲେ ।୧୩

ଦୋହିଲେ ନେତ୍ରେ ଗନ୍ଧ ନାହିଁ
ଖୋଜିଲେ ପାଇବୁଟି ନାହିଁ ।୧୪
ଏହି ଦେହରେ ଯେ ରହିଛି
ତା ରୂପ ନ ଦିଶଇ କାହି ।୧୫
ଦେହରେ ଖାଉ-ଅଛି ଯେହି
ଏହା ତ କେହି ନ ଜାଣଇ ।୧୬
କର୍ଣ୍ଣରେ କେହୁ ଶୁଣୁ ଅଛି
ଏହା ତ କେହି ନ ଜାଣୁଛି ।୧୭
ନୟନେ କେହୁ ଦେଖେ ଜାଣି
ଏହା କେ କହି ଦେବ ପୁଣି ।୧୮
ନାସାରେ ନାନ୍ଦୁଁ ବାୟୁ ବହି
ଏହା ତ କେହି ନ ଜାଣଇ ।୧୯
ଶରୀର କେମନ୍ତେ ଚଳୁଛି
ଏହା ତ କେହି ନ ଜାଣୁଛି ।୨୦
ଦିନକେ କେତେ ବଢ଼େ ପୁଣ
ଏହା କେ କହି ଦେବ ଶୁଣ ।୨୧
ବଢ଼ୁଛି ଛାଡ଼ୁଛି କି କେହି
ଏହାତ କେହି ନ ଜାଣଇ ।୨୨
ବୃଦ୍ଧ ବାଳକ କେ ହୋଇଲା
ଏହାତ କେହି ନ ଜାଣିଲା ।୨୩
କି ରୂପେ ଶରୀର ଗଢ଼ୁଛି
ଏହାତ ଜାଣି ନ ପାରୁଛି ।୨୪
ପାଣି ଟୋପାଏ ସିନା ଯାଇ
ମାତା ଗର୍ଭରେ କି ସଂଭଇ ।୨୫
ରକ୍ତ ମାଂସ ହାଡ଼ ଚର୍ମ
କାହୁଁ ଆଇଲା ଶୁଣ ମନ ।୨୬

ରଙ୍କୌ ଷଟି ବେଦଙ୍କର ଘର
କେମନ୍ତ ରୂପ ତାହାଙ୍କର ।୨୭
କେଉଁ ସ୍ଥାନରୁ ସେ ଆସନ୍ତି
ଏହାତ କେହି ନ ଜାଣନ୍ତି ।୨୮
ସାତଶ ବାଆସ୍ତରି ନାଡ଼ି
ଏ ରୂପ ଶରୀରରେ ବେଢି ।୨୯
ଏହାତ କେହି ନ ଜାଣଇ
ଶୁଣ ସୁମନେ ଚିତ୍ତ ଦେଇ ।୩୦
ପ୍ରକୃତି ଗଣଙ୍କର ଘର
କେଉଁ ସ୍ଥାନରୁ ସେ ବାହାର ।୩୧
ତାଙ୍କର ରୂପଟି କେମନ୍ତ
ଏହା ନ ଜାଣନ୍ତି ଜଗତ ।୩୨
ଏ ସବୁ ଭେଦ ଯେ ଜାଣିବ
କେବଳ ସଂସାରେ ସୁଖ ଥିବ ।୩୩
ନୋହିଲେ ମୂର୍ଖ ସେ ଅଟଇ
ଅଜ୍ଞାନ ହୋଇ ସେ ମରଇ ।୩୪
ଏବେ ତୁ ମୋର ବୋଲ ଶୁଣ
ଏହା ପୁରୁଷ ସେ ଭୂଆଁଣ ।୩୫
କର୍ମ ଲତରେ ଏ ଶରୀର
କି ରୂପେ ସଜାଇଲା ସୁତ ।୩୬
ଏହାକୁ ଧରି ସେ ଖାଟିଲେ
ଏ ଦେହ ରକ୍ଷାକଟି ଭଲେ ।୩୭
ଛୁଇବା ଛାଡ଼ିବା ନୋହିବ
ନସ ପ୍ରଭୁ ଦୟା ସେ କରିବ ।୩୮
ସେତୁ କି ଶରୀର ଗଢ଼ଇ
ତାଙ୍କୁ ଭାବିଲେ ଗତି ପାଇ ।୩୯
ନୋହିଲେ ଗତି କାହିଁ ଶୁଣ
ଏ କାହିଁ ରହିଁବଟି ପୁଣ ।୪୦

ଏବେ ସୁମନ ତାଙ୍କୁ ଭାବ
ତା ତତ୍ତ୍ୱ କାହିଁ ଅନ୍ୟ ଦେବ ।୪୧
ତାଙ୍କୁଟି ମନେ ଭାବୁଥିବୁ
ସବୁ କର୍ମ କି ତୁ କରିବୁ ।୪୨
ନୟନେ ଦେଖି ଶୁଣୁ ଯେତେ
ସମାନ ଦେଖ ସବୁ ଭୂତେ ।୪୩
ତାଙ୍କୁ ନ ଚିହ୍ନି ମୂଢ଼ ନରେ
ସବୁ କର୍ମ କରି ସଂସାରେ ।୪୪
ଅଜ୍ଞାନେ ପ୍ରାଣୀ ଯେ ହରନ୍ତି
ପ୍ରଭୁର ଦୋରେହା ଅଟନ୍ତି ।୪୫
ମୁହିଁଟି କହୁଅଛି ତୋତେ
ତାଙ୍କୁ ଦେଖିବୁ ସବୁ ଭୂତେ ।୪୬
ତା ସ୍ୱର ହୃଦେ ଲୁଚି ଯେଣୁ
କ୍ଷଣେ ନ ଛାଡ଼ୁଛି ପୁଣି ।୪୭
ଯେମନ୍ତେ ସଂସାରେ ଭ୍ରମିବୁ
ତାହା ଲକ୍ଷିତ ମୁହିଁ ଯିବୁ ।୪୮
ଏକାନ୍ତ ହୋଇ ଭୁଞ୍ଜ ରସ
କାହାର ସଙ୍ଗ ତୁ ଯେ ନୁହ ।୪୯
ଏକ ଧ୍ୟାନେ ସ୍ଥାନେ ବସିବୁ
ଏକ ଧ୍ୟାନେ କାନନେ ଥିବୁ ।୫୦
କାହିଁ ବା ଧରଣୀ ଶୟନ!
କାହିଁ ଖାଟ ପଲଙ୍କେ ପୁଣ ।୫୧
କାହିଁ ବା ସମ୍ପତ୍ତି ଭୁଞ୍ଜିବୁ
କାହିଁ ବା ଉପାସେ ରହିବୁ ।୫୨
କାହିଁ ବା ଧୂଳି ଅଙ୍ଗ ଦେଇ
କାହିଁ ଚନ୍ଦନ ଲଗା ଲୁହି ।୫୩
କାହିଁ ପାଟ ପଟମ ପିନ୍ଧ
କାହିଁ ବା ଚର୍ମ ହୃଦେ ବାନ୍ଧ ।୫୪

କାହିଁକା ଦୁଃଖ ଭୁଞ୍ଜେ ସ୍ୱେକୁ
କାହିଁ ଅଦୃଶ୍ୟ ତୁ ଦେଖାଇବୁ ।୧୫
କାହିଁ କା ଜାୟା ସୁତ ସବୁ
ମନ ଅନନ୍ତେ ଭ୍ରମୁ ଥାଅ ।୧୬
ଏକା ଓଁକାର ଶବ୍ଦ ସେହି
ଶବ୍ଦ ବିବର ତୁ ନ ଜାଣି ।୧୭
ଭୂତ ଶରୀର ପ୍ରାୟେ ସବୁ
ତେବେ ତଳକୁ ମାୟା ମୋହ ।୧୮
ଏକା ଶବ୍ଦକୁ ଧରିଥିବୁ
ଜାହାକୁ ଲୟ ନ କରିବୁ ।୧୯
ତୋତେ ରକ୍ଷିବେ ସେ ପୁରୁଷ
କହଇ ଅଚ୍ୟୁତ ଦାସ ।୨୦
ଆବର ସୁଜନ ଜନ ମାନେ
ମୋ ଦୋଷ ନ ଦେଖିବ ମନେ ।୨୧

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମଣ୍ଡମଣ୍ଡଳ ଗୀତା କଥନେ
ନାମ ତ୍ରୟୋତ୍ରିଂଶୋଽଧ୍ୟାୟଃ ।

---

# ଚତୁସ୍ତ୍ରିଂଶ ଅଧ୍ୟାୟ

ହେ ମନ ଶୁଣ ଏବେ ବୁଦ୍ଧି
ସବୁକୁ ତୋତ୍ର ପ୍ରାୟେ ହୋଇ ।୧
ସର୍ବ ଜୀବଜନ୍ତୁଙ୍କ କ୍ରୋଧ
ସବୁକୁ ସମକରି ବୋଧ ।୨
ଯେ ଅବା ମାଡ଼ ସେ ମାରିବେ
ଯେ ଅବା ଭର୍ତ୍ସନା କରିବେ ।୩
ଜୀବ ଜନ୍ତୁଙ୍କ ହିଂସା ନାନ
ସବୁ ବୋଲିବୁ ନାରାୟଣ ।୪
ବୋଲିବୁ ପ୍ରଭୁ କୋପ ହୋଇ
ନମିବୁ ତାର ପାଦେ ବୁଦ୍ଧି ।୫
ମୋର ଅନ୍ୟାୟ ସେ ଦେଖିଲେ
ତେଣୁଟି ମୋତେ କୋପ କଲେ ।୬
ଏମନ୍ତେ ବୋଲି ମନେ ମନେ
ସର୍ବ ସବୁକୁ ସମାଧାନେ ।୭
ବୃକ୍ଷ ପାଷାଣ ପ୍ରାୟେ ସବୁ
ତେବେ ଲଭିବୁ ଗିନା ଦେହ ।୮
ଦେଖ ନାହା ପବନ ବନ୍ଧି
ବାସ ଦୁର୍ଗନ୍ଧ ସେ ନିଅଇ ।୯
ସେହି ପ୍ରକାରେ ତୁ ହୋଇବୁ
ଗନ୍ଧ ଦୁର୍ଗନ୍ଧ ତୁ ଲଭିବୁ ।୧୦
ଦେଖ କର୍ଣ୍ଣଟି ସର୍ବ ଶୁଣେ
ପାପ ପୁଣ୍ୟଟି ସେ ନ ମଣେ ।୧୧
ଏହି ପ୍ରକାରେ ବୁଦ୍ଧି ଦୃଢ଼
ତେବେ ତରିବୁ ମାୟା ମୋହ ।୧୨
ଦେଖ ଚକ୍ଷୁ ସର୍ବ ଦେଖଇ
ଭକ୍ଷ୍ୟ ଅଭକ୍ଷ୍ୟ ଦୃଷ୍ଟି ଦେଇ ।୧୩
ସେହି ପ୍ରକାର ବୁଦ୍ଧି ଦୃଢ଼
ତେବେ ସଂସାରେ ସୁଖେ ଥାଅ ।୧୪

ଦେଖ କହୁଅଛି ସର୍ବ ଖାଇ
ସ୍ୱାଦ ଅସ୍ୱାଦ ସେ ବାରଇ ।୧୫

ଏହାଙ୍କୁ ଜଣ ସମ କରି
ତେବେ ତରିବୁ ଭବବାରି ।୧୬
ମିତ୍ର ଶତ୍ରୁଟି ଦୁଇ ଜାଣ
ଏ ଦୁହେଁ ଅଟନ୍ତି ସମାନ ।୧୭
ଛୁଆଁ ଅଛୁଆଁ ନ ବାରିବୁ
ଏହାଙ୍କୁ ସମାନ ଦେଖିବୁ ।୧୮
ସଙ୍କୁଚ ନିସଙ୍କୁଚ ଦୁଇ
ସମାନ ଦେଖିବୁଟି ଭାଇ ।୧୯

ତୁ ମନ କଷ୍ଟ ନ ବାରିବୁ
ସର୍ବ ସମାନ ତୁ ଦେଖିବୁ ।୨୦
ଏକା ଓଁକାର ସର୍ବ କରେ
ତା ଦେହେ ସର୍ବ ତତ୍ତ୍ୱ ଥରେ ।୨୧
ସ୍ୱାଦ ଅସ୍ୱାଦ ସେ ବିଚାରି
ନୟନେ ଦେଖି ଶୁଣି କରି ।୨୨

ସ୍ୱାଦ ଅସ୍ୱାଦ ତୁ ବାରିବୁ
ଏ ଦୁହେଁ ସମାନ ଦେଖିବୁ ।୨୩
ଦେଖ ଓଁକାର ସର୍ବେ ଅଛୁ
ଏ ଦୁଇ ସମାନ ଦେଖୁଛୁ ।୨୪
ଭୁଞ୍ଜିଟି ଏହି ସ୍ୱାଦ ରସ
ଓଁକାର ସବ ରେଜି ଆଶ ।୨୫

କର୍ମ ଅକର୍ମ ଦେଖ ସମ
ଏ ଦୁହେଁ ଅଟନ୍ତି ସମାନ ।୨୬
ଶୁଭ ଅଶୁଭ ନ ମଣିବୁ
ଏ ଦୁହେଁ ସମାନ ଦେଖିବୁ ।୨୭
ଭଲ ମନ୍ଦଟି ଦାହିଁ ଶୁଣ
ଏ ଦୁହେଁ ଅଟନ୍ତି ସମାନ ।୨୮

ଦୁଃଖ ସୁଖ କିଁ ନ ଜାଣିବୁ
ଏ ଦୁହେଁ ସମାନ ଦେଖିବୁ ।୨୯

ଚିନ୍ତା ଅଚିନ୍ତା ତୁ ନ କର
ଏ ଦୁହେଁ ସମାନ ବିଚାର ।୩୦
ବସ୍ତୁ ଅବସ୍ତୁ ନ କରିବୁ
ଏ ଦୁହେଁ ସମାନ ଦେଖିବୁ ।୩୧
ସାଧୁ ଅସାଧୁ ତ ନ ମଣ
ଏ ଦୁହେଁ ଅଟନ୍ତି ସମାନ ।୩୨
ଧର୍ମ ଅଧର୍ମ ନ କରିବୁ
ଏ ଦୁହେଁ ସମାନ ଦେଖିବୁ ।୩୩

ପାପ ପୁଣ୍ୟଟି ତୁ ନ କର
ଏ ଦୁହେଁ ସମାନ ବିଚାର ।୩୪
ସ୍ୱର୍ଗ ନରକ ନ ବାରିବୁ
ଏ ଦୁହେଁ ସମାନ ଦେଖିବୁ ।୩୫
ନିନ୍ଦା ସ୍ତୁତିଟି ତୁ ସହିବୁ
ଏ ଦୁଇ ସମାନ ଦେଖିବୁ ।୩୬

ବିକାର ଅବିକାର ଜାଣ
ଏ ଦୁହେଁ ସମାନଟି ଶୁଣ ।୩୭
ଜାତି ଅଜାତି ନ ବାରିବୁ
ଏ ଦୁହେଁ ସମାନ ଦେଖିବୁ ।୩୮
ଦେହ ଅଦେହ ତୁ ନ ମଣ
ଏ ଦୁହେଁ ଅଟନ୍ତି ସମାନ ।୩୯

ଯୋଗ ଅଯୋଗ ନ ଜାଣିବୁ
ଏ ଦୁଇ ସମାନ ଦେଖିବୁ ।୪୦
ଚନ୍ଦ୍ର ସୂର୍ଯ୍ୟଙ୍କି ଏକ ଜାଣ
ଏ ଦୁହେଁ ଅଟନ୍ତି ସମାନ ।୪୧
ଦୁଇ ନୟନେ ସେ ଅଛନ୍ତି
ଏ ଦୁହେଁ ସମାନ ଅଟନ୍ତି ।୪୨

ଦୁଇ ନାସା ପୁଡ଼ାକି ଜାଣ
ଏ ଦୁହେଁ ସମାନକି ଶୁଣ ।୪୩
ଦୁଇ କର୍ଣ୍ଣ କି ସେ ଅଛନ୍ତି
ଏ ଦୁହେଁ ସମାନ ଅଟନ୍ତି ।୪୪
ଗୁହ୍ୟ ଦ୍ୱାରକି ଦୁଇଦ୍ୱାର
ଏ ଦୁହେଁ ସମାନ ନିକର ।୪୫
ମୁଖରେ ବଚନ ବୋଲୁଛି
ଭଲ ମନ୍ଦକି ସେ ଶୁଣୁଛି ।୪୬
ମୁଖତା ସମାନ ଜାଣଇ
ଏ ଦୁହେଁ ଏକ ବୋଲି ସେହି ।୪୭
ସ୍ତ୍ରୀ ପୁରୁଷ ଦୁହେଁ ଜାଣ
ଏ ଦୁହେଁ ସମାନକି ଶୁଣ ।୪୮
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନି
ଏ ତିନି ଏକ ବୋଲି ସେନି ।୪୯
ବ୍ରହ୍ମା ବିଷ୍ଣୁ ଶିବକି ଜାଣ
ଏ ତିନି ଏକ ବୋଲି ସେନ ।୫୦
ଜଳ ପବନ ଅଗ୍ନି ହୋଇ
ଏ ତିନି ଏକ ଅଙ୍ଗ କହି ।୫୧
ଏହା ଓଁକାର ସଙ୍ଗ ଜାଣ
ଭିନ୍ନ ଭିନ୍ନକି କଲ୍ପ ପୁଣ ୫୨
ଲୀଳା ନିମନ୍ତେ ଭିନ୍ନ ହୋଇ
ତା ମାୟା ଚେଷ୍ଟା ନ ଜାଣଇ ।୫୩
ନବ ଦ୍ୱାରରେ ବନ୍ଧଇଲୁ
ପିଣ୍ଡାକୁ ପିଣ୍ଡା ସେ ଗୁଣିଲୁ ।୫୪
ପ୍ରେମ ପ୍ରେମକେ ବନ୍ଧଇ
ଅନନ୍ତ ରୂପ ତାର କହି ।୫୫
ଅଙ୍ଗକୁ ଶିରେ ଧେନ ଅଛି
ଦୁଃଖ ସୁଖକି ସେ ପାଉଛି ।୫୬
ଜନ୍ମ ତ୍ରି ମରୁଛନ୍ତି ନସନ୍ତି
ଏ ଦୁହେଁ ସମାନ ଅଟଇ ।୫୭
ଜନ୍ମ ମୃତ୍ୟୁକି ତୁ ନୋହିବୁ
ଏ ଦୁହେଁ ସମାନ ଦେଖିବୁ ।୫୮
ପର ଘରରେ ତୁ ରହିଛୁ
ଆପଣା ଘର ନ ଜାଣୁଛୁ ।୫୯
ଆପଣା ଘର ଚେତୁ କର
ପର ଘରରେ ତୁ ବନ୍ଧର ।୬୦
ଏହା ତୁ ଜାଣି ନ ପାରୁଛୁ
ଦେହକୁ ଚମାର ବୋଲୁ ଅଛୁ ।୬୧
ଓଁକାର ପରମ ପ୍ରଭୁତ
ନବଇ ଅରକ୍ଷିତ ଦାସ ।୬୨
ଆହେ ସୁଜନ ମାନେ ଶୁଣ
ପର ଘରକି ଏହୁ ମନ ।୬୩

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମଧ୍ୟମଣ୍ଡଳ ଗୀତା କଥନେ
ନାମ ଚତୁର୍ଥୋଽଧ୍ୟାୟଃ ।

# ପଞ୍ଚତ୍ରିଂଶ ଅଧ୍ୟାୟ

ନମୋ ନମସ୍ତେ ହେ ଚୈତନ୍ୟ
ପର ପୁରୁଷ କର୍ତ୍ତା ନାମ ।୧
ପର ପରଟି କେ ବୋଲଇ
ଏହା କହିବ ମୋତେ ଫେଇ ।୨
ଜନେ ଅଜାଣେ ପୁରିଅଛି
ନଥିବା ଠାବ ନାହିଁ କହି ।୩
କର୍ତ୍ତାଟି ପରମ ପୁରୁଷ
ସଂଶୟ ଛେଦ ହୃଷୀକେଶ ।୪
ଯାହାର ପରପର ନାହିଁ
ତା ଗର୍ଭେ ଆତ ଯାତ ହୋଇ ।୫
ନିଜ ପରଟି କେ ହୋଇଲା
ପର ପର କାହାକୁ କଲା ।୬
ମାହାଳ ଭୁଷ ନିଜ ପର
କହିତ ଅଛ ମୋ ଆଗର ।୭
ତହିଁରୁ ସର୍ବେ ଜନ୍ମ ଛନ୍ତି
ତା ଗର୍ଭେ ପର୍ବେ ସେ ଅଛନ୍ତି ।୮
ପର ପରଟି କେ ହୋଇଲା
ମୋତେ ତ ସଂଶୟ ଲାଗିଲା ।୯
ପରମ ପୁରୁଷ କର୍ତ୍ତାର
ପର ପରଟି କେ ଅଟଇ ।୧୦
ଏହା ତ ମୋତେ କହି ଦେବ
ଏହି ଦେହରେ ବୁଝାଇବ ।୧୧
ହେ ମନ ଜାଣି ନ ପାରୁଛି
ପର ପରରେ ଭୁ ଭରିଛି ।୧୨
ଏ ଦେହ ପର ପର କହି
ଏଥିରେ ଲୀଳା କର ଭୁଞ୍ଜି ।୧୩
ମୁହିଁ ତୋ ସଙ୍ଗେ ରହିଅଛି
ଏ ଦେହେଁ ଥାଇ ମୁଁ ଭ୍ରମୁଛି ।୧୪
ପର ପରଟି ଦେହ ଜାଣ
ଏଥିରେ ବାସ କଲ ପୁଣି ।୧୫
ତେଣୁଟି ପରମ ପୁରୁଷ
ଏବେ କହିବା ଶୁଣି ରସ ।୧୬
ଲୀଳା ନିମନ୍ତେ ଜାତ ହୋଇ
ଆପେହିଁ ପର ପର କହି ।୧୭
ଏବେ ଉପମା ତୋତେ ଦେବା
ତୋ ମନୁ ସଂଶୟ ଫେଡ଼ିବା ।୧୮
କମାର ଘଣ୍ଟ ଯେ ଘଳଇ
ପବନ ଗର୍ଜନ କରଇ ।୧୯
ଯେତେକ ହାତଟି ନ ବଳାବ
ପବନ ନିଶବଦ ହେବ ।୨୦
ଏହି ପ୍ରକାରେ ଏ ଶରୀର
ଏହା ଭ ବୁଦ୍ଧି ହେତୁ କର ।୨୧
ଶବଦ ନିଶବଦ ହେଲେ
ଏ ପଞ୍ଚ ନାଶ ଯିବ ଭଲେ ।୨୨
ଶବଦ ପର ପର କହି
ହେ ମନ ଦେଖ ଏବେ ଭୁଞ୍ଜି ।୨୩
ନିଶବଦଟି ହେଲେ ଶୁଣ
ନିଜ ପରକୁ ଯାଏ ପୁଣି ।୨୪
ସେହି ନପୁନ ଦେହେ ଥାଇ
କହୁ ତ ନ ଦିଶଇ କହି ।୨୫

ଦୁଇ କର୍ଣ୍ଣକି ଥାଇ ଦେହେ
କଛି ନ ଶୁଭଇ ଯେ କହେ ।୧୨୬
ଦୁଇ ନାସା ପୁଟାକି ଥାଇ
ପବନ ଆଉ ନ ବହଇ ।୧୨୭
ସେହି ମୁଖକି ଥାଇ ପୁଣ
ବଚନ ନ କହଇ ଜାଣ ।୧୨୮
ସେହି ହସ୍ତ ପାଦ କି ଥାଇ
ଚଳିତ ଅଙ୍ଗ ନ ପାରଇ ।୧୨୯
ଲିଙ୍ଗ ଗୁହ୍ୟକି ଥାଇ ପୁଣ
ନ କରେ ମଳ ମୂତ୍ର ଜାଣ ।୧୩୦
ସେହି ହୃଦୟ ଟେକି ଥାଇ
କ୍ଷୁଧା ତୃଷାକି ନ କରଇ ।୧୩୧
ସେହି ପବନ ଥାଇ ଦେହେ
ଅଭଶାର୍ଦ୍ଧ ଗଣଇକି କାହୁଁ ।୧୩୨
ଭସ୍ମ କିପାଁକି ଯେ ହୁଅଇ
କିଣ୍ଟିକ୍ର କୋଉଣ ରହିଲା ।୧୩୩
ଯାଚଣ ବାଆନ୍ତୁଙ୍କ ନାଡ଼ି
ଚଳ ନ ପାରନ୍ତି ଯେ ବିଡ଼ି ।୧୩୪
ଲୋଟିପଟି ଲୋମଙ୍କୁ ଘୁଞ୍ଚିଣ
ପ୍ରବୃତ୍ତି ଗଣଙ୍କୁ ଚେତଣା ।୧୩୫
ଦୁଃଖ ସୁଖ କି ସବୁ ଛାଡ଼ି
ରହିଲା ସେହି ଦେହେ ଭୁଡ଼ି ।୧୩୬
ସମ୍ପୂର୍ଣ୍ଣ ହୋଇ ପୂର୍ଣ୍ଣ ଥିଲା
କେମନ୍ତେ ଦେହ ନାଶ ଗଲା ।୧୩୭
ଏହାକୁ ଭେଦ ଯେ ଜାଣିବ
ଘର ଦେହକୁ ସେ ରଖିବ ।୧୩୮
ନୋହିଲେ କେବେ ନ ରହିଇ
ଅବଶ୍ୟ ଘଟ ନାଶ ଯାଇ ।୧୩୯
ଦେହକୁ ପବନ ସେହି ଦେହ
ନାଶ ନକେ ଦେଖିଅଛୁ କହ ।୧୪୦
ପବନ ନାଶ ହେବେ ଯେବେ
ଦେହରେ ସେହୁ ପ୍ଲୁତି ଥାଏ ।୧୪୧
ଦେହକୁ ନାଶ କରେ ସେହୁ
ଏହାକୁ ନ ଜାଣନ୍ତି କେହୁ ।୧୪୨
ପରମ ପୁରୁଷଙ୍କୁ ଚିହ୍ନ
ଦେହକୁ ଯାଇ ସେହୁ ମନ ।୧୪୩
ସେହି ପବନ ଦେହେ ଥାଇ
ରକ୍ତ ମାଂସ ମିଳାଇ ଯାଇ ।୧୪୪
ଏଣୁକି ଘଟ ନାଶ ଗଲା
ଯର ଯରକି ବୋଲଇଲା ।୧୪୫
ତେଣୁକି ପରମ ପୁରୁଷ
ସବ ଘଟରେ କରି ବାସ ।୧୪୬
ଇଚ୍ଛାରେ ଦେହ-ବନ୍ଧ ଥାଇ
ଇଚ୍ଛା ହେଲେ ଦେହ ନାଶଇ ।୧୪୭
ଇଚ୍ଛା ହେଲେକି ଦେହ ଜାତ
ଏକା ପୁରୁଷ ଦୁଇ ମତ ।୧୪୮
ପଞ୍ଚ ଶକ୍ତି ସେହି ଜାଣ
କାଳ ଘରକି ସେହି ପୁଣ ।୧୪୯
ଲୀଳା ନାମନ୍ତେ ଭିନ୍ନ ହେଲା
ଆଜ୍ଞାରୁ ସବୁ ଜାତ କଲା ।୧୫୦
ସ୍ୱର୍ଗ ମର୍ତ୍ତ ପାତାଳ ହୋଇ
ଘର ଘରକି ଜାଣ କହି ।୧୫୧
ଛପନ କୋଟି ମେଘ ଯେତେ
ଘର ଘରକି ଜାଣି ତତ୍ତ୍ୱେ ।୧୫୨
ସପ୍ତ ସମୁଦ୍ର ଘର କହି
ନବଖଣ୍ଡ ପୃଥ୍ୱୀ ଘରହିଁ ।୧୫୩

ଚନ୍ଦନ ଭୂର୍ଜ୍ଜ ସିନ୍ଦୂରେ
ପର ଘଟ ଭୁ ଜାଣ ଶରେଣ୍ଟେ ।୫୪
ବୃକ୍ଷାଙ୍କୁ ବୃକ୍ଷ ଯାଏ ତୁଣ୍ଡ
ପର ଘଟନ୍ତି ସର୍ବ ଜନ୍ମ ।୫୫
ଜାଳୁ ଗଳୁଣ୍ଡ ଯାଏ ପୁଣି
ପର ଘଟନ୍ତି ସର୍ବ ଜାଣି ।୫୬
ଇନ୍ଦ୍ର ଜଠାରୁ ଯେତେକ ଦେବ
ପର ଘଟନ୍ତି ଜାଣ ସର୍ବ ।୫୭
ମେରୁଠାରୁ ଯେତେ ପର୍ବତ
ପର ଘଟନ୍ତି ଜାଣ ଭୁତ ।୫୮
ଅଶ୍ୱତ୍ଥଠାରୁ ଯେତେ ବୃକ୍ଷ
ପର ଘଟ ଜାଣ ପ୍ରତ୍ୟକ୍ଷ ।୫୯
ଦଂଶି ଦୋକରୁ ସିଂହ ଯାଏ
ପର ଘଟନ୍ତି ସର୍ବ କଟଦ ।୬୦
ସ୍ୱାନାରୁ ଘାସ ଯାଏ ଜାଣ
ପର ଘଟନ୍ତି ସବୁ ପୁଣ ।୬୧
ଲୁହାରୁ ଲୁହା ପର୍ଯ୍ୟନ୍ତେ
ପର ଘଟନ୍ତି ଜାଣ ସତ୍ତ୍ୱେ ।୬୨
ଆମ୍ବରୁ ଘାସ ଯାଏ ପୁଣି
ପର ଘଟନ୍ତି ସବୁ ଜାଣ ।୬୩
ମାଳରୁ ରଙ୍ଗ ପର୍ଯ୍ୟନ୍ତେ
ଘଟନ୍ତି ସର୍ବ ଜାଣ ଚିତ୍ତେ ।୬୪
ଷଡ଼ ଋତୁନ୍ତି ପର କଣ୍ଠ
ଏକା ପୁରୁଷ ସର୍ବ ହୋଇ ।୬୫
ଚନ୍ଦ୍ର ସୂର୍ଯ୍ୟ ଯେ ତାରାଗଣ
ପର ଘଟନ୍ତି ସର୍ବ ଜାଣ ।୬୬
ଶୁଦ୍ଧ ମେଘନ୍ତି ପର ଜଣ୍ଟ
ଶୁଦ୍ଧ ଦେବନ୍ତି ପର ହୋଇ ।୬୭

ଜଳ ପବନ ଅଗ୍ନି ହୋଇ
ପର ଘଟନ୍ତି ଜାଣ ଭୁଷ୍ଟ ।୬୮
ଚଳନ୍ତା ଚୌଦ କୋଟି ଜୀବ
ପର ଘଟନ୍ତି ଜାଣ ସର୍ବ ।୬୯
ନିଶ୍ଚଳ ଚୌଦ କୋଟି ହୋଇ
ପର ଘଟନ୍ତି ଏବେ ଦଣ୍ଡି ।୭୦
ବୁଡ଼ା ଚଉଦ କୋଟି ଜୀବ
ପର ଘଟନ୍ତି ଜାଣ ସର୍ବ ।୭୧
ଉଡ଼ା ଚଉଦ କୋଟି ହୋଇ
ପର ଘଟନ୍ତି ସର୍ବ କଣ୍ଟ ।୭୨
ଆକାଶ ମଣ୍ଡଳ ଯାଏ ପୁଣି
ପର ଘଟନ୍ତି ସର୍ବ ଜାଣ ।୭୩
ଏକା ପୁରୁଷ ଦୁଇ ହୋଇ
ଲୀଳା କରନ୍ତି ସର୍ବ ଠାଇଁ ।୭୪
ଏକରୁ ନାନା ଜଣ୍ଟ ହୋଇ
ପର ଘଟନ୍ତି ଯେ ଅଟଇ ।୭୫
ହେ ମନ ପଚାରିଲୁ ବୁଦ୍ଧି
ପର ଘଟନ୍ତି ଏକ ଦେଖି ।୭୬
ଏ ଘଟ ଯେବେ ଗୁପତିବୁ
ନିଜ ଘଟରେ ତୁ ଦେଖିବୁ ।୭୭
ପର ଘଟକୁ ଇଚ୍ଛା ଯେବେ
ଆକ୍ଷିକୁ ଝିମ୍ପି ଭୁଞ୍ଜ ବେଗେ ।୭୮
ପରମ ପୁରୁଷଙ୍କୁ ବାନ୍ଧ
ତେବେ ରହିବ ହୋଇ ଜନ୍ମ ।୭୯
ଅଣୀ ପାଶରେ ତୁ ବାନ୍ଧିବୁ
ତେବେକି ଯୁଗେ ଯୁଗେ ଥିବୁ ।୮୦
ପାଶରେ ଧରି ଯେ ନ ଦେଇ
ଖୋଜିଲେ ବ୍ରହ୍ମାଣ୍ଡରେ ନାହିଁ ।୮୧

ତୋତେ ମୁଁ କହୁଅଛୁ ଯାହା
ସମ କରଣ ସର୍ବ ଗୁହ୍ୟା ।୮୨
ରଖ ତୁ ପରମ ପ୍ରମୁଦ
ନମଇ ଅଭକ୍ତି ଦାସ ।୮୩
ଆହେ ସୁଜନ ମାନେ ଶୁଣ
ଭକ୍ତ ଚରଣକୁ ଶରଣ ।୮୪
ନୋହିଲେ ଏଥୁ ପର ପର
ଗୁପ୍ତ ରହିବ ନଜ ପୁର ।୮୫
ପଞ୍ଚତ୍ରିଂଶ ଅଧ୍ୟା ସମ୍ପୂର୍ଣ୍ଣ
ମହାମଣ୍ଡଳ ଗୀତା ନାମ ।୮୬
ଏ ଗୀତା ଶୁଣିବ ଯେ ଭକତ
ଜନ୍ମ ମୃତ୍ୟୁତେ ଯେ ନୋହିବ ।୮୭
ଯୁଗେ ଯୁଗେ ଈଶ୍ୱର ଭକ୍ତ
ପରମ ପ୍ରାପ୍ତ ହୋଇବ ସେହି ।୮୮

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା କଥନେ
ନାମ ପଞ୍ଚତ୍ରିଂଶୋଽଧ୍ୟାୟଃ ।

---

# ଷଟ୍‌ତ୍ରିଂଶ ଅଧ୍ୟାୟ

ଜୟ ଜୟ ଶୂନ୍ୟ ପୁରୁଷ
ଅରୂପ ରୂପେ କର୍ମା ବାସ ।୧
ଜୟ ତୁ ଜୟ ପରଂ ବ୍ରହ୍ମ
ପରମ ପୁରୁଷ ତୋ ନାମ ।୨
ଏପର ଦେହେ ଥାଇ ତୁହି
କର୍ମା ଏତେ ତୁ ମାୟା ଦେହୀ ।୩
ଏ ଦେହେ କି ସୁଖ ପାଇବ
କର୍ମା ଏତେ ଦୁଃଖେ ଭ୍ରମୁଛ ।୪
ତୋ ଦେହୁ ମୋତେ ଜାତ କରି
ଏ ପର ଘରେ ରଖି ମାରି ।୫
ମୂର୍ଚ୍ଛିତ ଏ ଦେହେ ରହିଲି
ତୁମ୍ଭର ସେବାକୁ ଛାଡ଼ିଲି ।୬
ଆହେ ତୁ ପରମ ପୁରୁଷ
ଏ ପର ଦେହେ କର୍ମା ବାସ ।୭
ଏ ପର ଦେହେ ମୋତେ ଥୋଇ
କର୍ମା ଧନ ମାରୁଛୁ କହି ।୮
ଏପର ଦେହରେ ରହିଲି
ପ୍ରକୃତି ଗଣେ ବଶ ହେଲି ।୯
ଏପର ଦେହରୁ ତୁ ମୋତେ
ପାରିକର ଜଣାଇ ଚିତ୍ତେ ।୧୦
ଏପର ଦେହରେ ରହିଲି
ତୋତେ ମୁଁ ସେବି ନ ପାରିଲି ।୧୧
ପ୍ରକୃତିଗଣ ମୋତେ ଧରି
କାଅନ୍ତି ଏଣେ ତେଣେ କରି ।୧୨
ତାଙ୍କର ଆମୃତରେ ମୁଁହି
ରହିଲି ପର ଘରେ ଥାଇ ।୧୩
ଏପର ଦେହେ ରହି ତୁହି
କର୍ମା ଧନ ମାରୁଛୁ କହି ।୧୪

ଏ ଘର ଘରେ ରକ୍ଷାଅଛି
କର୍ମା ଏତେ କଷ୍ଟ ପାଉଛ ।୧୫
ଏ ଘର ଦେହ ଛାଡ଼ି ଯିବ
ଏଥିରେ କିଛି କାର୍ଯ୍ୟ ନାହିଁ ।୧୬
ନିଜ ସ୍ଥାନକୁ ଚାଲି ଯିବା
ଏ ଘର ଦେହକୁ ଛାଡ଼ିବା ।୧୭
ଏ ଘର ଦେହେଁ ଥାଇ ମୁହିଁ
ଦେହମତ୍ତେ ଭ୍ରମିଲି ମୁଁ କଷ୍ଟ ।୧୮
ପୂର୍ବେ ଖଣ୍ଡଗିରିରେ ଥିଲି
ଛାଡ଼ି ମୁଁ ବନକୁ ଅଇଲି ।୧୯
ଆରେ ପରମ ଶୁଣ ତୁମେ
ନୀଳାଗିରି ପର୍ବତେ ଏବେ ।୨୦
ମାୟା କରଣ ଭୁଲାଇଲ
ଆଣି ତ ଏ ଥାନେ ରଖିଲ ।୨୧
ଏବେ ଏ ଥାନେ ଅଛୁ ରଖି
ଭ୍ରମି ଭ୍ରମି ପାଇଲି ଦୁଃଖ ।୨୨
ଭକତ ଯୋଗ ନ ଦେଖଇ
କର୍ମାଇ ଭ୍ରମାଇ ମାରୁଛ ।୨୩
ଭକତି ଯୋଗେ ଅଣା ନାହିଁ
କଷ୍ଟ ମୁଁ ସହି ନ ପାରଇ ।୨୪
ଏବେ ଏ ପର୍ବତରୁ ପୁଣି
କାହିଁ ନ ନିଅ ନାରାୟଣ ।୨୫
ଖଣ୍ଡଗିରିରେ ମୁହିଁ ଥିଲି
ତୁମ୍ଭ ଦୟାରୁ ଗୀତା କଲି ।୨୬
ଗୀତାରେ ତୁମ୍ଭ ଆଜ୍ଞା ହୋଇ
ଭକତ ସାଧ ଏବେ ତୁଟି ।୨୭
ପଞ୍ଚବିଂଶ ଅଧ୍ୟା କଲି
ଖଣ୍ଡଗିରି ଛାଡ଼ି ଅଇଲି ।୨୮

ବୋଇଲ ଭକତି ସାଧିବ
ମହା ଅରଣ୍ୟରେ ପଶିବ ।୨୯
ସ୍ଥାନ ଗଢ଼ିଲ ଅଚଳ
ଏଥି ରକ୍ଷିବ କାର୍ଯ୍ୟ ନାହିଁ ।୩୦
ନଅତ ଲୋକ ଯେ ମିଳିଲେ
ଅନ ଷଡ଼େଣି ହି କଳା କଲେ ।୩୧
ଦୋଙ୍କ ସଙ୍ଗ ମୁହିଁ ଥାଇ
ଧନ ମରୁଛି କଷ ପାଇଁ ।୩୨
ବୋଇଲ ପ୍ରଭୁ ମାୟା କଲ
ଏତେ ଧଦା ହିଁ ଦୋରତ ଦେଲ ।୩୩
ଏବାରେ ଭକ୍ତି ଗାଇଲ
ମୋ ପାଖି କେବେ ନ ରଖଇ ।୩୪
ହେ ପ୍ରଭୁ ମ ଯା ତୁ ନକର
ଭକତ ଦିଅ ହେ ନକର ।୩୫
ହେ ମନ ଶୁଣ ଏବେ ତୁମି
ସଂସାର ସୁଖ ଛାଡ଼ି ଦିଅ ।୩୬
ବନସ୍ତେ ଏକା ତୁ ଭ୍ରମିବୁ
ଜଳ ଖାଇଣ ତୁ ବଞ୍ଚିବୁ ।୩୭
ଭୂମିରେ ଶୋଇବୁଟି ତୁହି
ଆପଣ ବନସ୍ତରେ ନାହିଁ ।୩୮
ଜାଡ଼ି କାଳରେ ତୁ ସହିବୁ
ବନସ୍ତେ ବସ୍ତ୍ର ନ ପାଇବୁ ।୩୯
ଖରା ଗ୍ରୀଷମ ଏବେ ଲୁହି
ସହିବୁ ପାଷାଣ ପଡ଼ିଲି ।୪୦
ବରଷା କାଳେ ତୁ ସହିବୁ
ଘରକୁ ବନସ୍ତେ ପାଇବୁ ।୪୧
ଏତେ କଥାଟି ତୁ ସହିଲେ
ଏ ଦେହ ରଖିବ ମୁଁ ଭଲେ ।୪୨

ନ ସହିଲେ ଭୁଞ୍ଜ ମରିବୁ
ଆମ୍ଭେ ହି ଦେହ ଗୁଡ଼ି ପିଣ୍ଡୁ ।୪୩
ଏବେ ଯେ ସୁଖ ଗୁଡ଼ି ଭୁଞ୍ଜି
ଦୁଃଖକୁ ଆଦର ମୁ କହି ।୪୪
ଦୁଃଖ ସୁଖକି ଦୁଇ ଜାଣ
ଭୋଗ କରନ୍ତି ଦେହେ ପୁଣ ।୪୫
କେହି କାହାକୁ ନ ଛାଡ଼ନ୍ତି
ଏ ଦୁହେଁ ବାଦ କରୁଛନ୍ତି ।୪୬
ଦୁଃଖ ବୋଲଇ ବଡ଼ ମୁହିଁ
ମୁଁ ବଡ଼ ବୋଲି ସୁଖ କହି ।୪୭
ଏମନ୍ତେ ଦୁଃଖ ସୁଖ ଜାଣ
ଆଉ କଥା ଏ କହି ଶୁଣ ।୪୮
ମାତା ଗର୍ଭରେ ଯେବେ ଥିଲୁ
ଅନେକ ଦୁଃଖକୁ ପାଇଲୁ ।୪୯
ସେ ଦୁଃଖ କହୁ ଅଛି ଶୁଣ
ମାତା ଗର୍ଭର କଷ୍ଟ ପୁଣ ।୫୦
ପାଞ୍ଚ ମାସକି ହେଲ ପିଣ୍ଡ
ଜୀବନ ଦେହେ ପଶେ ପିଣ୍ଡ ।୫୧
ହାତ ଗୋଡ଼କି ପିଣ୍ଡ ନାଡ଼ି
ଚର୍ମ ମୁଣ୍ଡି ଜଠରେ ପଡ଼ି ।୫୨
ତହିଁରେ ଶୁଇବାକୁ ସ୍ଥାନ
ନ ପାଇ ଛଟପଟ ପ୍ରାଣ ।୫୩
ପେଟରେ ମଳ ମୂତ୍ର ଥାଇ
ତହିଁରେ ପାଣି ହୋଇ ଭୁଞ୍ଜି ।୫୪

ଅନ୍ଧାର ଘରେ ପଡ଼ି ଥାଇ
ଅଧାର ତାତ୍ର ବାଟେ ଖାଇ ।୫୫
ପିଣ୍ଡକି ଦଶମାସ ହେଲା
ତୋ ଦେହେ ଦେଖୁଛି କହିଲା ।୫୬
ଏମନ୍ତେ ପାତ ଦିନ ଭୁଞ୍ଜି
ନିଜ ଧ୍ୟାନକୁ ଛାଡ଼ି ଧାଇଁ ।୫୭
ନିଜ ନାମ ପିଣ୍ଡେ ଶୁଣିଲୁ
ପ୍ରଭୁଙ୍କୁ ଗର୍ଭରେ ଦେଖିଲୁ ।୫୮
ସେ ପ୍ରଭୁ ପ୍ରସନ୍ନ ହୋଇଲେ
କି ଚିନ୍ତା କହ ତୋ କହିଲେ ।୫୯
ହେ ପ୍ରଭୁ ଗର୍ଭ କଷ୍ଟ ଭୁଞ୍ଜି
ପାରୁ ନ ହୁଁ ନାଥ କହି ।୬୦
କର୍ମାଇ ମୋତେ ଜାତ କଲୁ
ଗର୍ଭ କଷ୍ଟ କର୍ମା ରଚିଲୁ ।୬୧
ଅନ୍ଧାର ଘରେ ଅଛି ମୁହିଁ
ମରୁଛି ଛଟ ପଟ ହୋଇ ।୬୨
କେ ଧରେ ବାଟ ଅଛି ଦେହ
ପାରି କରଣ ମୋତେ ନାଥ ।୬୩
ଏ କଷ୍ଟୁ ଯେବେ ପାରୁ ହେବି
ଅବଶ୍ୟ ତୁମ୍ଭଙ୍କୁ ସେବିବି ।୬୪
କହଇ ଅଚ୍ୟୁତ ଦାସ
ଗର୍ଭ କଷ୍ଟକି ବଡ଼ ତ୍ରାସ ।୬୫
ଆହେ ସୁଜନମାନେ କହି
ଗର୍ଭ କଷ୍ଟର କଷ୍ଟ ନାହିଁ ।୬୬

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା କଥନେ
ନାମ ଷଟ୍ତ୍ରିଂଶୋଧ୍ୟାୟଃ ।

# ସପ୍ତତ୍ରିଂଶ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ଭକ୍ତି
ବୋଇଲ୍ଲ ଜଗ ଶାସ୍ତ୍ର ଯାଜ୍ଞ ।୧

ହେ ପ୍ରଭୁ ଦୟା ହେଲ୍ଲ ଜାଣି
ଗର୍ଭୁ ହି ପେଲି ଦେଲ ପୁଣ ।୨
ଭୋଇଲେ ଯୋନି ବାଟେ ପାଶ
ପୃଥ୍ୱୀରେ ଶଡ଼ ନାମ ଯାଅ ।୩
ଗର୍ଭରୁ ଝଡ଼ିଣ ପୃଥ୍ୱୀରେ
ସେ ନାମ ଭୁଲିଲୁ ମାୟାରେ ।୪

ଆହା ଶବଦ କଲୁ ଭକ୍ତି
ନାମତ ଭୁଲି ଦେଲୁ କାନ୍ଦି ।୫
ସେଠାରୁ ଗର୍ଭ ହେବୁ ଯନ୍ତ୍ର
ମାୟା ପ୍ରକୃତି ସେ ଡାକିଲ୍ଲ ।୬
ଅଜ୍ଞାନ ଚିତ୍ତ ହୋଇ ହୋଇ
ନିଜ ନାମ ଭୁଲିଲୁ ସହି ।୭
ଏମନ୍ତେ ପୃଥ୍ୱୀରେ ଜନ୍ମିଲୁ
ପୁଣି କେତେ କଷ୍ଟ ପାଇଲୁ ।୮
ନାଡ଼ି କାଟିଣ ହୋଇ ଦେଲେ
ନାଳ ରକ୍ତହିଁ ଧୋଇ ନେଲେ ।୯
ଅନ୍ତୁଡ଼ି ଲଗାଇ ନେଇକନ୍ତି
ଭୁକାରେ କ୍ଷୀର ସେ ପିଆନ୍ତି ।୧୦
କନା ଖଣ୍ଡିଏ ପାରି ଦେଇ
ତହିଁ ଉପରେ ସେ ଶୁଆଇ ।୧୧
କନା ଉପରେ ପଡ଼ି ଥାଇ
ମଳ ମୂତ୍ରରେ ଘାଣ୍ଟି ହେଉ ।୧୨

ଆପଣା ମଳ ମୂତ୍ର ଭକ୍ଷି
ଆପଣା ହସ୍ତେ ଧରି ଖାଇ ।୧୩
ଯେତେବେ ସେ ଜନନୀ ଦେଖନ୍ତି
କନା ଖଣ୍ଡିକେ ପୋଛି ଦିଅନ୍ତି ।୧୪
ଏମନ୍ତେ ଅଜ୍ଞାନ ଭୁ ହୋଇ
ଆପଣା ହସ୍ତ ଅଙ୍ଗେ ଖାଇ ।୧୫

ଲଜ୍ଜିନ ହୋଇ ଶତ୍ରୁ ପୁଣ
କର ଚରଣ ଛାଡ଼ୁ ଜାଣି ।୧୬
ଯେତେବେଳେକେ ହିଁ କ୍ଷୁଧା କରେ
ଆହା ଶବ୍ଦେ ଡାକୁ ସ୍ୱରେ ।୧୭
ତା ଶୁଣି ଜନନୀ ଆସଇ
ସ୍ତନ ପିଆଇ କ୍ଷୀର ଦେଇ ।୧୮

ବଚନ ବନ୍ଧିତ ନପାରୁ
ଅଛି କଷ୍ଟରେ ଦିନ ଦରୁ ।୧୯
ଦିନକୁ ଦିନ ଭୁ ବଢ଼ିଲୁ
ପୁଣି ହିଁ ସୁଖ ଭୁ ଭୁଞ୍ଜିଲୁ ।୨୦
ପ୍ରଥମେ ମାତା ଗର୍ଭେ ରହି
ମୀନ ରୂପରେ ଦୁଃଖ ସହି ।୨୧
ଦ୍ୱିତୀୟେ ଜନ୍ମି କୂର୍ମ ରୂପ
ଦୁଃଖ ପାଇଲୁ ବହୁ ତାପ ।୨୨
ତୃତୀୟେ ବରାହ ରୂପରେ
ଅଜ୍ଞାନେ ବୁଲୁ ଏ ପୃଥ୍ୱୀରେ ।୨୩
ଚତୁର୍ଥେ ରୂପ ନରସିଂହ
ହେଲାରୁ ବଢ଼ିଲା ତୋ ଦେହ ।୨୪

ପଞ୍ଚମେ ବାମନ ରୂପରେ
ପୃଥ୍ୱୀରେ ଚାଲୁ ଧୀରେ ଧୀରେ ।୨୫
ଷଷ୍ଠରେ ପର୍ଶୁ ରୂପ ଧରୁ
ଥିଲୁ ନ ରଖି ପୃଥ୍ୱୀ ଯେତୁ ।୨୬

ସପ୍ତମେ ରାମ ରୂପ ପୁଣି
ଜ୍ଞାନ ହଜିଲ ତୋ ଦେହେଣି ।୨୭
ଅଷ୍ଟମେ ବଳରାମ ରୂପ
ହେଲେ ତୋ ହଳଦେବ ଦର୍ପ ।୨୮
ନବମେ ବୌଦ୍ଧ ରୂପ ହେବୁ
ବୁଦ୍ଧ ରୂପରେ କି ଜଣିବୁ ।୨୯
ଦଶମେ କଲ୍କି ରୂପ ହେବ
ମୃତ୍ୟୁ ତୋହରେ ଆସି ଘୋଟିବ ।୩୦

ଏବେ ରାମ ରୂପଟି ତୋର
ଏ ରୂପ ଭଳ ତୁ କାହର ।୩୧
ଯେବେ ଦୁଃଖେ ନାମ ଶିଖିବୁ
ଏ ରାମ ଶରୀର ରଖିବୁ ।୩୨
ମତ୍ସ୍ୟ କଚ୍ଛ ବରାହ ରୂପ
ବିତିଣ ଆସିଲୁ ଅଦ୍ୟାନ ।୩୩

ନୃସିଂହ ବାମନ ରୂପ ହିଁ
ପର୍ଶୁରାମ ରୂପେ ବଢ଼ି ଭୁଞ୍ଜି ।୩୪
ନ ଅବତାର ଘରେ ବଢ଼ି
ସପ୍ତମେ ଘରକୁ ଯେ ଛାଡି ।୩୫
ରାମ ରୂପରେ ହେଲୁ ହୋଇ
ଘର ଛାଡି ଅଇଲୁ ଭୁଞ୍ଜି ।୩୬
ଆପଣେ ବହୁ ଦୁଃଖ ପାଇ
ପୁଣି ସୁଖ ଭୁଞ୍ଜିଲୁ ତୁହି ।୩୭
ଏବେ ତୁ ଦୁଃଖ ଭୋଗ କର
ସୁଖ ତୁ ପାଇବୁ ଅପାର ।୩୮

ଏମନ୍ତେ ଦୁଃଖ ସୁଖ ବୁଝ
ଏ ଦେହେଁ ଭୋଗ କରୁଛଇଁ ।୩୯
ଆଗହି ଦୁଃଖ ଭୋଗ କଲ
ପଛେହି ସୁଖ ଯେ ଭୁଞ୍ଜିଲ ।୪୦

ଦୁଃଖକୁ ଆଗ ତୁ ଜାଣିବୁ
ସୁଖକୁ ପଛେ ତୁ ରଖିବୁ ।୪୧
ଏମନ୍ତେ ଦୁଃଖ ସୁଖ ହୋନ୍ତି
ବାଦ କରି ଦେହ ନାଶନ୍ତି ।୪୨
ଏ ଦୁହେଁ ପରସ୍ପର ଭାବରେ
ଭୋଗ କରନ୍ତି ସବୁ ଠାରେ ।୪୩
ଏହାକୁ ଜାଣି ନପାରନ୍ତି
ଦୁଃଖ ଛାଡ଼ି ସୁଖ ଲୋଡନ୍ତି ।୪୪

ମାତା ଗର୍ଭରୁ ଦୁଃଖ ପାଇ
ଏବେ ଛାଡ଼ିଲେ କି ଛାଡ଼ଇ ।୪୫
ମନୁଷ୍ୟ ଦେହେ ସୁଖ ନାହିଁ
ନାନା ରୋଗ ଏଥି ଅଛଇ ।୪୬
ଷୈଧଠେ ରୋଗ ଶସ୍ତ୍ର ଧରି
ଏ ଦେହ କାଟି ଗଲେ ପାରି ।୪୭

ଗଳେ ପଡ଼ିଣ ଦୁଃଖ ପାଇ
ମରିଣ ପଦକୁ ଲଭିଲ ।୪୮
ଅତି ଦୁଃଖରେ ଜନ୍ମ ହେଲ
ମରନ୍ତେ ଦୁଃଖ ପାଇ ମଲ ।୪୯
ସୁଖଟି ଏ ଦେହକୁ ନାହିଁ
ଅନୁକ୍ଷଣେ ଦୁଃଖ ଭୁଞ୍ଜଇଁ ।୫୦

ଏ ଯେବେ ଦୁଃଖ ଆଦରନ୍ତା
ସୁଖ ସ୍ୱଭାବେ ଦେହ ଥାନ୍ତା ।୫୧
ଅକ୍ଷୟ ଅମର ହୋଇଣ
ରହି ସୁଖ ଭୁଞ୍ଜନ୍ତା ପୁଣ ।୫୨

ଦୁଃଖକୁ ଅନାଦର କର
ସୁଖ ବାଞ୍ଛା ଯାଏ ମର ।୫୩
ଦଣ୍ଡ ଖାଇଟି ଦୁଃଖ ଜାଣ
ଯାନ ଚଢ଼ିଟି ସୁଖ ପୁଣ ।୫୪
ଦଣ୍ଡ କି ଯାନକୁ ଲଖଇ
ଅଟି ଅଙ୍ଗେ ପତଙ୍ଗ କାହିଁ ।୫୫
ଅଗ୍ନିଟି ଦୁଃଖ ବୋଲି ଜାଣ
ପତଙ୍ଗ ସୁଖଟି ପ୍ରମାଣ ।୫୬
ଦୁଃଖ ଆଗରେ ସୁଖ କାହିଁ
ବ୍ୟାଘ୍ରକୁ ଛେଳକୁ ଲଖଇ ୫୭
ବ୍ୟାଘ୍ର ଦୁଃଖ ଛେଳିଟି ସୁଖ
ସର୍ପ କି ଲଗେ ବେଙ୍ଗ ପାଖ ।୫୮
ସର୍ପ ଦୁଃଖ ସୁଖ ବେଙ୍ଗଟି
ବିରାଡ଼ି ମୂଷାକୁ ଲଖଇ ।୫୯
ବିରାଡ଼ି ଦୁଃଖ ମୂଷା ସୁଖ
ଅଗ୍ନିକି ଲଗେ ଶୀତ ପାଖ ।୬୦
ଅଗ୍ନିଟି ଦୁଃଖ ଶୀତ ସୁଖ
ନଜାଣି ସୁଖ ଶତନ୍ତି ମୂର୍ଖ ।୬୧
ଯେତେବେ ଦୁଃଖକୁ ଆଦରନ୍ତି
ନିତ୍ୟ ସୁଖକୁ ସେ ଭୁଞ୍ଜନ୍ତି ।୬୨
ଯେବେ ଦୁଃଖେ ନାମ ଡାକନ୍ତି
କମାଇଁ ଏ ଦେହ ନାଶନ୍ତି ।୬୩
ଦେଖ ଚନ୍ଦ୍ର ସୂର୍ଯ୍ୟ ଅଛନ୍ତି
ଦୁଃଖେ ନାମକୁ ନିତ୍ୟ ଚିନ୍ତି ।୬୪
ଜଳ ପବନ ଅଗ୍ନିଙ୍କର
ଦୁଃଖେ ନାମ ଧରି ଅମର ।୬୫
ଆକାଶ ବାସୁକି ପୃଥିବୀ
ଅମର ଦୁଃଖେ ନାମ ଭାବି ।୬୬
ତେତିଶ କୋଟି ଦେବ ଯେତେ
ଅମର ଦୁଃଖେ ନାମ ଚିନ୍ତେ ।୬୭
ବ୍ରହ୍ମା ବିଷ୍ଣୁ ଶିବ ଶ୍ରୀ ଜାଣ
ଇନ୍ଦ୍ର ଦୁଃଖେ ନାମ ସ୍ମରଣ ।୬୮
ଅନନ୍ତ କୋଟି ସାଧୁ ଯେତେ
ଇନ୍ଦ୍ର ଦୁଃଖ ନାମକୁ ଚିନ୍ତେ ।୬୯
ଏ ସର୍ବେ ଦୁଃଖେ ନାମ ଧରି
ଅଛନ୍ତି ସୁଖ ଭୋଗ କରି ।୭୦
ଏ ସର୍ବେ ଦୁଃଖ ଆଦରିଲେ
ଅମର ହୋଇଣ ରହିଲେ ।୭୧
କହଇ ଅଭିସିତ ଦାସ
ଦୁଃଖ ନ ସହି ମନେ ପ୍ରାସ ।୭୨
ଅହେ ସୁଜନ ମାନେ କହି
ଦୁଃଖ ନ ସହି ନାଶ ମୁହିଁ ।୭୩

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା
କଥନେ ନାମ ସପ୍ତବିଂଶୋଽଧ୍ୟାୟଃ ।

# ଅଷ୍ଟତ୍ରିଂଶ ଅଧ୍ୟାୟ

ଅରେ ଲୁମନ ହୋତେ କହି
ଏବେ ଦୁଃଖକୁ ସହ ଭୁଞ୍ଜି ।୧
ତୁ ଯେବେ ଦୁଃଖେ ନାମ ଧରି
ଏ ଦେହ ରଖିବୁ ହୋମକରି ।୨
ଯୁଝିକୁ ଆଦରନ୍ତି ଜାଣି
ନିଷ୍ଠା ଅସୁର ଯେ କରଣି ।୩
ମିଛେ ହେଁ ଭୁମି ମନୁଥାନ୍ତି
ଅଜ୍ଞାନେ ଦେବତା ପୂଜନ୍ତି ।୪
ନାନା ଦ୍ରବ୍ୟ ଦେବତା ପାଶେ
ଥୋଇଣ ପୂଜନ୍ତି ହରଷେ ।୫
ଜଳ ପବନ ଅଗ୍ନି ବିନ
ନ ଲାଗେ କେଉଁ ଦ୍ରବ୍ୟ ପୁଣି ।୬
ସେ ଦ୍ରବ୍ୟ ସେବ ହୋଇଥାଇଁ
ଅଇଁଠା କାହାକୁ ପୂଜଇ ।୭
ଏ ତିନି ଯାହିଁ ନ ମିଶିବେ
ସେ ଦ୍ରବ୍ୟ ଜାଅଇଁଠା ହେବେ ।୮
ନୋହିଲେ ସବେ ଅଇଁଠାଇ
ଅଜ୍ଞାନେ ଭ୍ରମୁଛନ୍ତି କହି ।୯
ଦେବତା ଏହି ଦେହେ ଛନ୍ତି
ଏହା ନ ଜାଣେ ମୂଢ଼ ମତି ।୧୦
ଚିତ୍ରିଲ କାଷ୍ଠ ପାଷାଣକୁ
ଦେବତା ବୋଲି ପୂଜେ ତାକୁ ।୧୧
ଏ କି ଗତି ମୁକତି ଦେବେ
ଏହା ନ ଜାଣେ ମୂଢ଼ କେବେ ।୧୨
ଯେଉଁ ଦେବତା ଦେହ ଧରେ
ତାକୁ ନ ପୂଜି ମୂଢ଼ ନରେ ।୧୩
ଯେବେ ସେ ଦେହ ଛାଡ଼ିଯିବ
କେଉଁ ଦେବତା ଏ ପୂଜିବ ।୧୪
ଏହା ନ ଜାଣି ଦେବତାଙ୍କୁ
ଆତ୍ମା ହେ ଭ ପୂଜେ ତାକୁ ।୧୫
ଏ ଦେହେଁ ଯେଉଁ ଦେବତାଙ୍କି
ଅଣାଆତ୍ମା ଅଟେ ସେହି ।୧୬
ଏତ ଆତ୍ମା ହୋଇ ମନ
ଦେବତା କେହି ନ ଚିହ୍ନିଲ ।୧୭
ଯେତେବେଳେକି ତ୍ୟାଗ ଧରେ
ଶୋଇଣ ଥାଇ ଆସନରେ ।୧୮
କର ଚରଣ ଯେ ଚଳଇ
ଧରି ଆଣି ଖୁଆଇ ଦେଇ ।୧୯
ଆପନେ ମଳ ମୂତ୍ର କରେ
ବୋଲଇ ମଣ୍ଡପାନ୍ତି ଭରେ ୨୦
ଏମନ୍ତେ ବହୁ ଦୁଃଖେ ମରି
ଆତ୍ମାର ନିଷ୍ଠା ଦୂର କରି ।୨୧
ତେତେବେଳେ ଆତ୍ମାର ଜାଣି
କେଉଁ ଦେବତା ସେ ରଖଇ ।୨୨
ଜନ୍ମେନ୍ତେ ଅଣାତ୍ମାର ଜାଣି
ମଳ ଅଣାତ୍ମାରେ ହିଁ ପୁଣ ।୨୩
ଜନ୍ମେନ୍ତେ ବହୁ ଦୁଃଖ ପାଇ
ମରନ୍ତେ ଦୁଃଖେ ସେ ମରଇ ।୨୪
ଆଦ୍ୟ ଶାନ୍ତରେ ଦୁଃଖ ଜାଣି
ସୁଖହିଁ କାହିଁ ଥାଏ ପୁଣ ।୨୫
ଏହା ନ ବୁଝି ମୂଢ଼ ଭୁଞ୍ଜି
ଆତ୍ମାର ସୁଖ କି ରହଇ ।୨୬

ଏ ଦେହେ ମଳ ମୂତ୍ର ଅଛି
କେତେ ଆୟୁର କହୁ ବାଛି ୨୭
ଦନ୍ତ ମୂଳରେ ବସ୍ତୁ ଥାଇ
କେତେ ଆୟୁଷ କହୁ ଖୁଦି ।୨୮
ବସ୍ତୁ ବୋଲଣ କାହୁଁ ଆସି
ଜନ୍ମନ୍ତି ଶୁଣରେ ତରଣି ।୨୯
ନାନା ପଦାର୍ଥ ଆଣି କରି
ମୁଖରେ ନେଇ ପେଟ ଭରି ।୩୦
ଜଠର ଅଗ୍ନି ତହିଁ ଥାଇ
ସିଝିଣ ଦ୍ରବ୍ୟ ତାଜ ହୋଇ ।୩୧
ତହିଁରୁ ରସ ଜନମନ୍ତି
ରକ୍ତ ମାଉଁସ ହାଡ଼ ହୁଅନ୍ତି ।୩୨
ତହିଁରୁ ପିଠାଟି ଯେତେକ
ଗୁହ୍ୟରେ ବାହାର ନେତେକ ।୩୩
ନବ ପିଠା ଅଛି ଶୁଣ ଜାଣ
ଜଠର ଅଗ୍ନିରେ ସିଝିଣ ।୩୪
ସେ ପିଠା ବସ୍ତୁ ହୋଇଲା
ତହିଁରୁ ବାପ ଦ୍ରକା ହିଲା ।୩୫
ସେ ବସ୍ତୁ ମଳଦ୍ୱାରେ ଯାନ୍ତି
ବାପନା ନେଇ ନାଥାଗ୍ରତେ ।୩୬
ବସ୍ତୁଟି ନବେଧ୍ୟ ଟାଇଅଛି
କଷ ଆୟୁର ଛୁ କହୁଛି ।୩୭
ସେ ବସ୍ତୁ ଅଛି ଶୁଣ ଜାଣ
କ୍ଷୀରରୁ ଘୃତଟି ଯେସନ ।୩୮
ବସ୍ତୁଟି କ୍ଷୀର ବୋଲି କହି
ତହିଁରୁ ଘୃତ ବାହାରଇ ।୩୯
ସେ ଘୃତ ରକ୍ତ ମାଂସ ହେଲା
ଏଥିରେ ଅଭେଦ କହିଲା ।୪୦

ତାହାର ଅନୁଭବ ଥିବ
ଗୁରୁ ଦୟା ଭେଦ ଜାଣିବ ।୪୧
ଗୁରୁଙ୍କ ଦୟା ଯେ ନଥିଲେ
ଏ ଭେଦ ନ ଜାଣିବ ଭଲେ ।୪୨
ଏ ଭେଦ ନ ଜାଣନ୍ତି କେହି
ମଧ୍ୟନ୍ତ ଆୟୁଷ ସେ ହୋଇ ।୪୩
ଏ ଦେହ କଲ ଅଣାଦ୍ୱର
ଆଖି କଥାଏ ଦେଖୁ କର ।୪୪
ଦେଖ ଅଣାଦ୍ୱର ପବନ
ତାଙ୍କ ଠାରୁ କେ ବଡ଼ ପୁଣି ।୪୫
ଦେଖ ଜଳନ୍ତି ଅଣାଦ୍ୱର
ତାଙ୍କଠାରୁ କ ବଡ଼ ନର ।୪୬
ଦେଖ ଅଗ୍ନିନ୍ତି ଅଣାଦ୍ୱରେ
ତାଙ୍କଠାରୁ କି ବଡ଼ ନରେ ।୪୭
ପୃଥିବୀ ଅଣାଦ୍ୱର କହି
ବଡ଼ୁରୁ ଖଡ଼େ ଦେବେ ନାହିଁ ।୪୮
ତାଙ୍କଠାରୁ କ ବଡ଼ ଜାଣ
ମରୁ ଅଙ୍କୁରେ ନ ଚେତିଣ ।୪୯
ଦେଖ ସୃଷ୍ଟି ଅଣାଦ୍ୱର
ତାଙ୍କଠାରୁ କି ବଡ଼ ନର ।୫୦
ଦେଖ ଚନ୍ଦ୍ରନ୍ତି ଅଣାଦ୍ୱରେ
ତାଙ୍କଠାରୁ କି ବଡ଼ ନରେ ।୫୧
ଆକାଶ ଅଣାଦ୍ୱର କହି
ତାଙ୍କଠାରୁ କି ବଡ଼ ତହିଁ ।୫୨
ବ୍ରହ୍ମା ବିଷ୍ଣୁ ଶିବ ଏ ତିନି
ଅଣାଦ୍ୱରେ ଭୁବନେ ମେଦିନୀ ।୫୩
ସୂର୍ଯ୍ୟଙ୍କଠାରୁ କି ବଡ଼ ନରେ
କି ଅନ୍ତର କରେ ସଂସାରେ ।୫୪

ଏ ସର୍ବେ ଅଶାସ୍ତ୍ର ହୋଇ
ଦୁଃଖ ଆଦର ସୁଖ ଯାଇ ।୫୫
ଦୁଃଖ ନାମକୁ ନ ଛାଡ଼ନ୍ତି
ହସି ଖେଳଣି ନାଚୁଛନ୍ତି ।୫୬
ଅମରେ ଏ ସର୍ବେ ରହିଣ
ଲୀଳା କରନ୍ତି ଅନୁକ୍ଷଣ ।୫୭
ମନୁଷ୍ୟଗଣେ ଦେଖ ବନ୍ଧ
ଦୁଃଖ ଛାଡ଼ି ସୁଖ ଭଜଇ ।୫୮
ଦୁଃଖେ ନାମକୁ ଯେ ଛାଡ଼ିବ
ଆସୁର ଜନ୍ମ ସେ ଘୁଡ଼ିବ ।୫୯
ସେହି ଅମର ହୋଇ ରହେ
ନୋହିଲେ ମରେ ଦୁଃଖ ପାଏ ।୬୦
ଏ ରୂପେ ଦୁଃଖ ସୁଖ ଜାଣ
ଅଚ୍ୟୁତ ଦାସ କହେ ଶୁଣ ।୬୧
ଆହେ ସୁଜନ ମାନେ ବନ୍ଧୁ
ଦୁଃଖକୁ ନ ଆଦର ମୂର୍ଖ ।୬୨
ସୁଖକୁ କର୍ତ୍ତବ୍ୟ ଇଚ୍ଛା କଲା
ନାମ ଦୁଃଖେ ନରକ ଗଲା ।୬୩

ଇତି ଶ୍ରୀ ମନ ଚୈତନ୍ୟ ଦାସ୍ୟାଦେ ମନ୍ତ୍ରମଣ୍ଡଳ ଗୀତା
କଥନେ ନାମ ଅଷ୍ଟତ୍ରିଂଶୋଽଧ୍ୟାୟଃ ।

---

# ଊନଚତ୍ୱାରିଂଶ ଅଧ୍ୟାୟ

ଆରେ କୁମନ ଚେତାରେ ବନ୍ଧୁ
ଦୁଃଖେ ନାମ ଚିନ୍ତରେ ଲୁବ୍ଧ ।୧
ଦୁଃଖେ ନାମକୁ ଚିନ୍ତି ଦେବେ
ଆଜ୍ଞା କଥାଏ ଶୁଣ ଏବେ ।୨
ହିରଣ୍ୟ ପୁତ୍ର ପ୍ରହଲ୍ଲାଦ
ତାହାଙ୍କୁ କେତେ ପରମାଦ ।୩
ନାମକୁ ଚିନ୍ତା କଲା ସହି
ହିରଣ୍ୟ କୋପ କଲା ତହିଁ ।୪
ବିଷ୍ଣୁ ସେ ଅସୁର ବଇରି
କାହା ନାମ ତୁ ଚାହୁ ଧରି ।୫
ଏବେ ତୁ ବିଷ୍ଣୁ ନାମ ଛାଡ଼ି
ଶିବ ନାମ ତୁ କର୍ତ୍ତବ୍ୟ ପଢ଼ ।୬
ଶିବ ନାମ କର ଭଜନ
ସପ୍ତ ପାପେ ହେବୁ ସୁଜନ ।୭
ବୋଇଲା ଶୁଣ ଆହେ ତାତ
ଶିବ ନାମେ ନାହିଁ ମୁକତ ।୮
ଶିବ ସେ ବିଷ୍ଣୁ ନାମ ଧାରୀ
ଅମର ହୋଇଣ ଅଛଇ ।୯
ଶିବ ନାମରେ ମୁକ୍ତି ନାହିଁ
ବିଷ୍ଣୁ ନାମ ମୁଁ ନ ଛାଡ଼ଇ ।୧୦
ଶୁଣି ହିରଣ୍ୟ କୋପ କଲା
ନଗ୍ନ ଦଣ୍ଡ ଆସି ଡାକିଲା ।୧୧

ବୋଇଲେ କୁମରଙ୍କୁ ନେଇ
ଗ୍ରାମ ବାହାରେ ହାଣି ଦେଇ ।୧୨
ରାଜା ମୁଖରୁ ଶୁଣି କଥା
ନେଇ ହାଣି ପକାଇ ତ୍ୱର ।୧୩
ପ୍ରଭୁ ତା ଜାଣି ବିଜେ କଲେ
ଝଁଆଇ ଘର ଯା ବୋଇଲେ ।୧୪
ଶୁଣି ପ୍ରହ୍ଲାଦ ଅଇଲା
ପିତା ଆଗରେ ଉପସ୍ଥିଲା ।୧୫
ଦେଖିଣ ରାଜା କୋପ ହୋଇ
ହସ୍ତୀ ଦନ୍ତେ ପଡ଼ି ଦଂଶାଇ ।୧୬
ତେବେ ହେଁ ନାମକୁ ନଛାଡ଼ି
ଶୁଣି ହିରଣ୍ୟ କୋପ ବଢ଼ି ।୧୭
ବିଷ ଦେଇଣ ମରାଇଲା
ଢିଙ୍କିରେ କୁଟାଇ ମାଇଲା ।୧୮
ପ୍ରଭୁ ତା ଜାଣିଣ ରଖନ୍ତି
ଦେଖି ହିରଣ୍ୟ କୋପେ ଚିନ୍ତି ।୧୯
ସମୁଦ୍ରେ ବାନ୍ଧି ନେଇ ପକେ
ତେବେ ହେଁ ନ ମରେ ନପକେ ।୨୦
ପଛେ ମଣ୍ଡପେ ସେ ଦେଖିଲା
କୁମର କେଶ ସେ ଧଇଲା ।୨୧
ଆଜ କେ ରଖିବରେ ତୋତେ
କାହିଁ ତୋ କୃଷ୍ଣ ଦେଖା ମୋତେ ।୨୨
ବୋଇଲା ସବୁ ଘଟେ ଆନ୍ତି
ଦେଖ ଏ ସ୍ତମ୍ଭରେ ଅଛନ୍ତି ।୨୩
କେଶ ଛାଡ଼ିଣ ବେଗେ ଗଲା
ସ୍ତମ୍ଭକୁ ଗୋଇଠା ମାଇଲା ।୨୪
ନୃସିଂହ ରୂପ ପ୍ରଭୁ ହୋଇ
ସ୍ତମ୍ଭ ଭିତରୁ ବହରାଇ ।୨୫

ଆସିଣ ହିରଣ୍ୟକୁ ମାରି
ପ୍ରହ୍ଲାଦକୁ ଅଜ୍ଞା କରି ।୨୬
ଏ ତୋର ପିତା ଏବେ ମଲା
ତୋ ଲାଗି କେତେ କଷ୍ଟ ଦେଲା ।୨୭
କେତେ ଦୁଃଖ ପାଇଲୁ ତୁହି
ଏବେ ତୁ ସୁଖ ଭୁଞ୍ଜ କହି ।୨୮
ସ୍ୱର୍ଗରେ ଇନ୍ଦ୍ର ହେବୁ ଜାଣି
ସୁଖ ଭୋଗ ତହିଁ କରଣି ।୨୯
ତପରେ ଅମର ତୁ ହୁଅ
ନାମକୁ ନତେଜ ଧ୍ୟାୟୀ ଥାଅ ।୩୦
ଏମନ୍ତେ ଅଜ୍ଞା ତାକୁ ଦେଇ
ଅନ୍ତରଧାନ ତହୁଁ ହୋଇ ।୩୧
ଏମନ୍ତେ ପ୍ରହ୍ଲାଦ ବୀର
ରାଜ୍ୟରେ ହେଲା ନୃପବର ।୩୨
ଦୁଃଖେ ନାମଟି ସେ ଧଇଲା
ମାରନ୍ତେ କେତେବେହେଁ ନ ମଲା ।୩୩
ସେ ପ୍ରଭୁ ତାଙ୍କୁ ଦୟା କଲେ
ଅମର କରିଣ ରଖିଲେ ।୩୪
ହିରଣ୍ୟ ନାମ ନ ଭଜିଲା
ସୁଖ ଚିନ୍ତିଣ ସେହୁ ମଲା ।୩୫
ହେ ମନ ଦୁଃଖେ ନାମ ଧର
କେବେ ନ ମଣରୁ ଜକର ।୩୬
ଅକ୍ଷୟ ଅମରେ ତୁ ରହି
ଆଜ କଥାଏ ଶୁଣ କହି ।୩୭
ଧ୍ରୁବଟି ମାତା ଛଳେ ଗଲା
ଦୁଃଖେ ନାମକୁ ସେ ଭଜିଲା ।୩୮
ପ୍ରଭୁ ପ୍ରସନ୍ନ ଆଜ୍ଞା ଦେଲେ
ଧ୍ରୁବ ମଣ୍ଡଳେ ରୁ ବୋଇଲେ ।୩୯

ଅମର ଯୁଗେ ଯୁଗେ ଥାଅ
ଅନେକ ସୁଖ ତହିଁ ପାଅ ।୪୦
ଦୁଃଖେ ନାମଟି ମୋହର ଧରି
ଏ ଆଜ୍ଞା ଦେଇ ଗଲେ ହରି ।୪୧
ଧ୍ରୁବଟି ଅମରେ ରହିଲେ
ଆଉ କଥାଏ କହୁ ଭଲେ ।୪୨
ତ୍ରେତୟା ଯୁଗେ ରାମ ଶୁଣ
ପିତା ସତ୍ୟଟି ସେ ପାଳିଣ ।୪୩
ଚଉଦ ବରଷ ବନସ୍ତେ
ଦୁଃଖ ସହିଲେ ସେ ଜିଉନ୍ତେ ।୪୪
ରାମ ଯାନକୀ ନ ଦେଖନ୍ତେ
ଯାନ୍ତି ପର୍ବତେ ବୁଲୁଥାନ୍ତି ।୪୫
ଖରୁ ବରଷା ଶୀତ ସହି
ପତ୍ର ଶଯ୍ୟାରେ ଶୟନ ହୋଇ ।୪୬
କନ୍ଦମୂଳ ଖାଇ ବଞ୍ଚନ୍ତି
ଦୁଃଖେ ଆପଣ ଦିନ ନିଅନ୍ତି ।୪୭
ଏମନ୍ତେ ବନସ୍ତେ ବୁଲନ୍ତେ
ରାବଣ ଆସି ସେ ରୂପତେ ।୪୮
ଏକାନ୍ତେ ସୀତାଙ୍କୁ ଦେଖିଣ
ବଳେ ସେ ଧରିନେଲା ପୁଣ ।୪୯
ଅଶୋକ ବନେ ସେ ରଖିଲା
ଦୁଃଖ ତାହାଙ୍କୁ ନ ଛାଡ଼ିଲା ।୫୦
ଜଗତ ମାତା ଠାକୁରାଣୀ
ଦୁଃଖ ସହି ରହିଲେ ପୁଣି ।୫୧
ନିର୍ଜନେ ଥାଇଣ ବଞ୍ଚନ୍ତି
ଦୁଃଖେ ନାମକୁ ଧ୍ୟାଉଥାନ୍ତି ।୫୨
ଏମନ୍ତେ ରାମ ଲକ୍ଷ୍ମଣ ହିଁ
ଆସି ଦେଖିଲେ ସୀତା ନାହିଁ ।୫୩

ବନସ୍ତେ ଖୋଜି ଖୋଜି ପୁଣ
ସୁଗ୍ରୀବରକୁ ସେ ଭେଟିଣ ।୫୪
ତାଙ୍କ ସଙ୍ଗତେ ମିତ୍ର ହେଲେ
ମିତ୍ର ଛଳେକି ବାଳୀ ନାଶିଲେ ।୫୫
ସୁଗ୍ରୀବର ସେ ଦୁଃଖ ସହି
ପର୍ବତେ ଲୁଚି ଥିଲେ ସେହି ।୫୬
ବାଳୀକି ମାରି ରାମ ପୁଣ
କିଷ୍କିନ୍ଧ୍ୟା ସୁଗ୍ରୀବକୁ ଦେଇଣ ।୫୭
ରାଜ୍ୟରେ ନୃପତି ହୋଇଲେ
ଅନେକ ସୁଖ ସେ ଭୁଞ୍ଜିଲେ ।୫୮
ବାଳୀଟି ସୁଖକୁ ରହିଲା
ଅଳପ ଦିନେ ନାଶ ଗଲା ।୫୯
ସୁଗ୍ରୀବଟି ଦୁଃଖେ ନାମ ଧରି
ରାଜ୍ୟ ସମ୍ପଦ ଭୋଗ କରି ।୬୦
ଦୁଃଖେ ନାମକୁ ସେ ଧରିଲା
ପ୍ରଭୁଙ୍କ ଦୟା ତାଙ୍କୁ ହେଲା ।୬୧
ବାଳୀକି ନାଶି ରାଜ୍ୟ ଦେଇ
ତାଙ୍କୁ ସେନା ଲଙ୍କାକୁ ଯାଇ ।୬୨
ରାବଣ ମାରି ସୀତା ଆଣି
ବିଭୀଷଣଙ୍କୁ ଲଙ୍କା ପୁଣି ।୬୩
ଲଙ୍କାରେ ରାଜା ସେ ହୋଇଲା
ଦୁଃଖକୁ ସହି ଆଦରିଲା ।୬୪
ପ୍ରଭୁ ତାହାଙ୍କୁ ଦୟା କଲେ
ଅମର ଥାଅ ଆଜ୍ଞା ଦେଲେ ।୬୫
ରାବଣ ସୁଖ ଶକ୍ତି ମନ
ଅଳପ ଦିନେ ନାଶ ଗଲା ।୬୬
ବିଭୀଷଣ ସେ ନାମ ଧ୍ୟାଇ
ଅମର ହୋଇଣ ଅଛଇ ।୬୭

ବିଭୀଷଣଙ୍କୁ ଲଙ୍କା ଦେଇ
ସୀତାଙ୍କୁ ଘେନି ରାମ ଯାଇ ।୧୮
ଅଯୋଧ୍ୟା ପୁରରେ ମିଳିଲେ
ଅଭିଷେକ ତହିଁ ହୋଇଲେ ।୧୯
ଦୁଃଖକୁ ଆଗେ ରାମ ପାଇ
ପଛେ ସୁଖ ଭୁଞ୍ଜିଲେ ବହି ।୨୦
ସେ ବ୍ରହ୍ମ ସ୍ୱୟଂ ପ୍ରଭୁ ଜାଣି
ଦୁଃଖକୁ ଆଦରିଲେ ପୁଣି ।୨୧
ଦୁଃଖ କରିବା ଅଛି ଯେତେ
କମ୍ବକ ପାଇଲେ ଦୁଃଖ ରହି ।୨୨
ଦୁର୍ଗୀ ବସୁଦେବଙ୍କୁ ଜାଣି
ସୁତ ଭୁଞ୍ଜାଇଲେ ଆପଣ ।୨୩
ପଞ୍ଚ ଦୁଃଖେ ଦାନକୁ ତନ୍ତ
ସୁଖଟି ହେଲିଲ ସୀତା ଖଣ୍ଡ ।୨୪
ଯାର ଅଙ୍ଗରେ ଦୁଃଖ ଯାଇ
ସେହି ଦୁଃଖ ଆଦରି ସନ୍ଥ ।୨୫
ଦୁଃଖକୁ ଦେଖି ନ ଚିନ୍ତନ୍ତି
ବ୍ରହ୍ମା ଶଙ୍କର ଦେବେ ଜନ୍ତୁ ।୨୬
କହଇ ଅଚ୍ୟୁତ ଦାସ
ଦୁଃଖକୁ ସେବା କରି ଆଶ ।୨୭
ଆହେ ସୁଜନ ମାନେ ତୁମ୍ଭେ
ଦୁଃଖ ମହିମା ଶୁଣ ସର୍ବେ ।୨୮

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ବ୍ରହ୍ମମଣ୍ଡଳ ଗୀତା
କଥନେ ନାମ ଊନଚତ୍ୱାରିଂଶୋଽଧ୍ୟାୟଃ ।

---

# ଚତ୍ୱାରିଂଶ ଅଧ୍ୟାୟ

ଆହେ କୁମର କହୁ ଶୁଣ
ଦ୍ୱାପର ଯୁଗ କଥା ପୁଣ ।୧
ପଞ୍ଚ ପାଣ୍ଡବ ଜାତ ହୋଇ
କେତେକ ଦୁଃଖ ପାଇଲେ ସେହି ।୨
ଦୁର୍ଯ୍ୟୋଧନ ଦ୍ୟୁତ ଜିଣିଲା
ରାଜ୍ୟରେ ତାଙ୍କୁ ନ ରଖିଲା ।୩
ଦ୍ୱାଦଶ ଅରଣ୍ୟ ଦୁଃଖ ପାଇ
ଖରା ବରଷା ଶୀତ ସହି ।୪
ବାର ବରଷ ସେ ବନସ୍ତେ
ଭ୍ରମିଲେ ନାନା ଦେଶେ ଦେଶେ ।୫
ବୁଲନ୍ତେ ଦ୍ରୁପଦ ଦେଶରେ
ଦ୍ରୌପଦୀ କନ୍ୟା ସ୍ୱୟମ୍ବରେ ।୬
ଅର୍ଜ୍ଜୁନ ଲକ୍ଷ ସେ ବିନ୍ଧିଲେ
ଦ୍ରୌପଦୀଙ୍କ ସେ ବିଭା ହେଲେ ।୭
ବିପ୍ର ହୋଇଣ ତହୁଁ ଆସି
ହସ୍ତିନା ପୁରେ ପରବେଶି ।୮
ଯୁଧିଷ୍ଠି ପାନଗୋବିନ୍ଦାର
ପଶା ଖେଳନ୍ତି ଦୁଇଭାଇ ।୯
ପଶାରେ ଯୁଧିଷ୍ଠି ଠାକୁରେ
ପଞ୍ଚ ରାଜ୍ୟ ହାରିଲେ ଶରେ ।୧୦

ମାନଭୋଜନ ସେ କରିଲେ
ପଞ୍ଚ ପ୍ରାଜ୍ୟନ୍ତି ଭୋଗ କଲେ ।୧୧
ଏହାଙ୍କୁ ଦ୍ରୌପଦୀ ମୁନେ ସ୍ନାନ
ନ ଦେଇ ନ ଲଭଣ ଭୋଜନ ।୧୨
ଦୁର୍ବା ଦାକ୍ଷିଣ ସେତୁ ଗଲେ
ଅନେକ ଦୁଃଖ ସେ ପାଇଲେ ।୧୩
ବିରାଟ ଦେଶରେ ଲୁଚିଣ
ଦୁଃଖେ ନାମକୁ ସେ ଚିନ୍ତିଣ ।୧୪
ସେ ପ୍ରଭୁ ତାଙ୍କ ଦୁଃଖ ଜାଣି
ଦୟା କରିଲେ ଚକ୍ରପାଣି ।୧୫
ଦୁର୍ଯ୍ୟୋଧନକୁ କୂଟେ ମାରି
ପଞ୍ଚ ପାଣ୍ଡବେ ରାଜ୍ୟ କରି ।୧୬
ଆଗନ୍ତି ଦୁଃଖ ସେ ସହିଲେ
ପଛେନ୍ତି ସୁଖ ସେ ଭୁଞ୍ଜିଲେ ।୧୭
ଦୁର୍ଯ୍ୟୋଧନ ସୁଖ ଭୁଞ୍ଜିଲ
ଭୋଗ କରି ନର୍କେ ମଲା ।୧୮
ପାଣ୍ଡବେ ଦୁଃଖେ ନାମ ଧରି
ରାଜ୍ୟ ସମ୍ପଦ ଭୋଗ କରି ।୧୯
ଦୁଃଖକୁ ଆଦରିଲେ ପଞ୍ଚେଁ
ସିଦ୍ଧି ସୁଖ ଭୁଞ୍ଜାଇ ତହିଁ ।୨୦
ଦୁଃଖକୁ ଏବେ ତୁ ଆଦର
ଆଉ କଥାଏ କହୁ ସାର ।୨୧
ଇନ୍ଦ୍ରାଦି ସମସ୍ତ ଦେବତ
ଲଙ୍କା ଚଣ୍ଡୀନ୍ତି କଲ ଗ୍ରାସ ।୨୨
ଅଗ୍ନିରେ ଶରୀର ଦହିଲା
ଦୁଃଖେ ନାମକୁ ସେ ଚିନ୍ତିଲା ।୨୩
ଅମରେ ସୁରପତି କଲେ
ତାଙ୍କୁନ୍ତି ସୁଖ ଭୁଞ୍ଜାଇଲେ ।୨୪

ଦୁଃଖକୁ ଆଦରିଲେ ଯହିଁ
ଭୁଞ୍ଜନ୍ତି ସୁଖ ଦେଇଲେ ତହିଁ ।୨୫
ଶଚୀନ୍ତି ଦୁଃଖେ ନାମ ଧରି
ଅମର ସ୍ୱର୍ଗ ଭୋଗ କରି ।୨୬
ତାଙ୍କୁନ୍ତି ପ୍ରଭୁ ଦୟା କଲେ
ଅମରେ ଥାଅ ଆଜ୍ଞା ଦେଲେ ।୨୭
ଦୁଃଖେ ନାମକୁ ସେ ଚିନ୍ତିଲ
ଅମର ବର ଯେ ପାଇଲ ।୨୮
ଶିଶୁବଳ ତିନି ଲକ୍ଷ ଯୁଗ
ଦୁଃଖେ ପାଇଲେ କୃଷ୍ଣଯୋଗ ।୨୯
ତେଣୁ ଅମରେ ସେ ଅଛନ୍ତି
ସୃଷ୍ଟି ପ୍ରଳୟକୁ ଚାହିଁ ଅଛି ।୩୦
ଦୁଃଖେ ନାମକୁ ସେ ଚିନ୍ତିଲେ
ତେଣୁଟି ପ୍ରଭୁ ଦୟା କଲେ ।୩
ବସୁଦେବନ୍ତି ଦୁଃଖ ସହି
କଂସଙ୍କ ବନ୍ଦୀ ଘରେ ନେଇ ।୩୨
ବନ୍ଦୀ ଘରରେ ପଡ଼ିଥାନ୍ତି
ଦୁଃଖେ ନାମକୁ ନିତ୍ୟ ଚିନ୍ତି ।୩୩
ପ୍ରଭୁ ତାହାଙ୍କ ଦୁଃଖ ଜାଣି
ତାଙ୍କ ଘରେ ଜନ୍ମିଲେ ପୁଣି ।୩୪
ଦେବକୀ ଗର୍ଭୁ ଜନ୍ମେଣି
ଯାଇଁ ଗୋପପୁରେ ବଢ଼ିଣି ।୩୫
ସେ ପ୍ରଭୁ ଦୁଃଖ ଆଦରିଲେ
ଗୋପପୁରେ ଗାଈ ରଖିଲେ ।୩୬
ଲଉଡ଼ା ବନସ୍ତେ ଗାଈ ନେଇ
ଚରାଉଥାନ୍ତି ଦୁଃଖ ସହି ।୩୭
ଏଣୁ ଭକତେ ସେ ସନ୍ତ
ନାନା ଦୁଃଖନ୍ତି ପାଉଥାନ୍ତି ।୩୮

ନନ୍ଦ ଦେଖନ୍ତି ନନ୍ଦରାଣୀ
ମାରନ୍ତି କାହିଁ ଦେଖ ପୁଣି ।୪୯
ଏମ ପ୍ରଭୁ ବ୍ରହ୍ମାଣ୍ଡ ଠାକୁର
ସେ ମାତୃ ହସ୍ତେ ଦଣ୍ଡଧର ।୫୦

ଦୁଃଖକୁ ଅଦରନ୍ତି ପୁଣି
ଯେ ବ୍ରହ୍ମ ବ୍ରହ୍ମାଣ୍ଡ ଜାଣି ।୫୧
ଯାଂନ୍ତି ଅନ୍ତରକୁ ପେଶି
ଦେବାଙ୍କ ଗଲଣ୍ଟି ବିଶେଷି ।୫୨
କୃଷ୍ଣଙ୍କୁ ଦେଖି କଂସ ମଲ
ଯେଣୁଟି ସ୍ବନ୍ଦକୁ ଜାଣିଲ ।୫୩

ଉଗ୍ରସେନଙ୍କୁ ରଜା କଲେ
ତା ଦୁଃଖ ପ୍ରଭୁ ସେ ତେଜିଲେ ।୫୪
ସେଣୁ ଦୁଃଖେ ନାମ ବହିଲ
ରାଜ୍ୟ ଦେଇତ ଶ୍ରେଷ୍ଠ ହେଲ ।୫୫
ବାସୁଦେବଙ୍କ ବନ୍ଦୀଠାରେ
କୃଷ୍ଣଚନ୍ଦ୍ର ଜନ୍ମ ସେଠାରେ ।୫୬
ବନ୍ଦୀକୁ ତେଜିଅଣି କରି
ସ୍ବର୍ଗ ଦେଖି ଦୁଷ୍ଟାଙ୍ଗ ମରି ।୫୭
ଆସନ୍ତି ଦୁଃଖ ସେ ପାଇଲେ
ପଚ୍ଛନ୍ତି ସ୍ବର୍ଗକୁ ଭୁଞ୍ଜିଲେ ।୫୮
ସେ ପ୍ରଭୁ ଗୋପପୁରେ ଥାଇ
ଅନେକ ଦୁଃଖ ଭଙ୍ଗି ପାଇ ।୫୯

ଗୋପରୁ ଯାଇ ଦ୍ବାରକାରେ
ସୁଖ ଭୁଞ୍ଜିଲେ ନିରନ୍ତରେ ।୬୦
ଆଗନ୍ତି ଦୁଃଖ ସେ ପାଇଲେ
ଶେଷନ୍ତି ସୁଖ ସେ ଭୁଞ୍ଜିଲେ ।୬୧
ସେ ବ୍ରହ୍ମ ବ୍ରହ୍ମାଣ୍ଡ କରତା
ଦୁଃଖକୁ ଆଦରି ସହିଥା ।୬୨

ଯେତେ ଚାହିଁଲେ ଦୁଃଖ ନାହିଁ
ଦୁଃଖକୁ ନ ଛାଡ଼ନ୍ତି କେହି ।୬୩
ଭରତ ଦୁଃଖେ ନାମ ଧରି
ବ୍ରହ୍ମ ଶାପରୁ ହେଲେ ଛାର ।୬୪

ଯା ଶତେ ପୁତ୍ର ନାଶ ଗଲେ
ଯଦୁବଂଶ ନିଅଂଶ ହେଲେ ।୬୫
ଋଷିବ ଶାପରୁ ବଞ୍ଚିଣ
ରହି ଦୁଃଖେ ନାମ ଗାଇଣ ।୬୬
ଚେତେ ଶାପରୁ ମାରି ମେଳି
ସେମୁ ଦୁଃଖେ ନାମ କାଟିଲେ ।୬୭

ବ୍ରହ୍ମଶାପ ଚିତଙ୍କ ହେଲ
ନାମ ଅତିନ୍ଦ୍ରିଗ ହୋଇଗଲ ।୬୮
ତେଣୁଟି ଶାପ ନ ନାଶିଲ
ନାମ ଅନେକ ଟାପ ଦକ୍ଷ ।୬୯
ଏମନ୍ତ ନାମର ମହିମା
ଦୁଃଖେ ନାମ କର ଭାବନା ।୭୦
ସତ୍ୟ ଯୁଗରେ ନାରାୟଣ
ନାମକୁ ଦୁଃଖରେ ଭାବିଣ ।୭୧
ଦୁଃଖକୁ ତେଜନ୍ତି ନ ଛାଡନ୍ତି
ପରଶୁରାମ ନାମ ଚିନ୍ତି ।୭୨
ସେମନ୍ତ ସୁରଗ ସୁରେ ରହିଲେ
ସେଣୁ ଦୁଃଖେ ନାମ ଭଜିଲେ ।୭୩

କଳିରେ ଚୈତନ୍ୟ ଠାକୁରେ
ନାମ ଉଦ୍ଯୋତ କଲେ ନରେ ।୭୪
ବୋଲନ୍ତି ଦୁଃଖେ ନାମ ଧର
କି ସୁଖ ଦେଉଛରେ ପାମର ।୭୫
ଦୁଃଖେ ନାମ ଯେବେ ଚିନ୍ତିବ
ମୁକତିଟି ପାଇବ ।୭୬

କର୍ମାରେ ମୂର୍ଖେ ଭ୍ରମି ମର
ନାମକୁ ଦୁଃଖେ ଚିନ୍ତାକର ।୬୭।
ଜେବେଟି ସୁଖ ସେ ଭୁଞ୍ଜିବ
ଦୁଃଖେଟି କେବେ ନ ପାଇବ ।୬୮।
ଏମନ୍ତେ ନର ଲୋକେ ଜନ୍ମ
ଅନ୍ତର ହେଲେ ଖଣ୍ଡଗ୍ରାସ୍ତ ।୬୯।
ଏବେ ଶୁଣ ଦୁଃଖେ ନାମ
ଧ୍ୟାଉଛେ ନିତ୍ୟ ଭୁଞ୍ଜି ଦୁଷ ।୭୦।
କହଇ ଅଭିନ୍ନତ ଦାସ
ଦୁଃଖେ ନାମ ଭଜ ଅବଶ୍ୟ ।୭୧।
ଆହେ ସୁଜନ ମାନେ ଜନ୍ମ
ଦୁଃଖେ ମନ୍ଦ୍ରମା ସେନ ହିଁ ।୭୨।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମଣ୍ଡିମଣ୍ଡଳ ଗୀତା କଥନେ
ନାମ ଚତ୍ୱାରିଂଶୋଽଧ୍ୟାୟଃ ।

---

# ଏକଚତ୍ୱାରିଂଶ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ଦୁଃଖକୁ ସହି ନ ପାରଇ ।୧।
ଏ ଦେହେ ଯେତେ ଭାର ଜନର
କିଛି ନ ସହି ମୋତେ ମାରଇ ।୨।
ନିତ୍ୟେ ଦୁଃଖକୁ ଭଞ୍ଜଇ
ଅନୁକ୍ଷଣେ ମୋତେ ଭ୍ରମାଇ ।୩।
ହେ ପ୍ରଭୁ ଏ ସ୍ଥାନରୁ ମୁହି
ଆଉ କେଣିକି ନେବୁ ନାହିଁ ।୪।
କେତେ ଗର୍ଭରେ ବୁଲିଲି
ଅନ୍ତ କରୁଣ ନ ରଖିଲି ।୫।
ପ୍ରଥମେ ଜେସ୍ତ୍ରି ମାନଙ୍କରେ
ନ ରଖି ମାୟା କଲୁ ମୋରେ ।୬।
ବିଶେଷେ ତୋହାରେ ରଖିଣ
ତୋ ମାୟା ହେଲୁ ମୁଁ ପ୍ରଭୃଣ ।୭।
ତ୍ରିଗୁଣରୁ ଗର୍ଭକୁ ନେଲୁ
ରଖି ସେ ସ୍ଥାନ ଛଡ଼ାଇଲୁ ।୮।
ବ୍ରହ୍ମା ଆଦି ନନ୍ତ ଲକ୍ଷ୍ମୀ ଦେଖାଇ
ନ ରଖି ମନ ସେ ସେଥିରେ ।୯।
ପୁଣି ଶ୍ରୀବୃନ୍ଦା ପର୍ବତ
ନ ରଖି ଛଡ଼ାଇଲୁ ମୋତେ ।୧୦।
ଦେବାଳି ପର୍ବତକୁ ନେଇ
ନ ଦେଲ ଭକ୍ତି ମନେ ବାଞ୍ଛା ।୧୧।
ହେମନ୍ତଦେଶେ ପର୍ବତ ହିଁ
ଲଭିଲି ତୋ ମାୟା ଭୁଞ୍ଜଇ ।୧୨।
ପୁଣି ଶ୍ୟାମ କୁଣ୍ଡ ପର୍ବତ
ନ ନେଲ ସଙ୍ଗକୁ ସେ ଭକ୍ତି ।୧୩।
ତଦନ୍ତେ ଯୋଗୀ ବ୍ରହ୍ମା ଜାଣି
ରଖି ଛଡ଼ାଇଲୁ ସେ ସ୍ଥାନ ।୧୪।

ପୁଣି ମୁଁ ମନ୍ଦର ପର୍ବତେ
ନ ରହି ମାୟା କଲୁ ଶତ୍ରେ ।୧୫।
ବୃନ୍ଦ ହୃଦୟେ ପର୍ବତରେ
ନ ରହି ସ୍ୱର୍ଗିଲୁ ମନରେ ।୧୬।
ପାଣ୍ଡିବ ପଡ଼ା ପର୍ବତ ମୁଁ
ଇଚ୍ଛା ମୋ ଭର୍ଜିଲୁ ଯେ ଭୂମି ।୧୭।
ପୁଣି ଶିବ କାଞ୍ଚିକୁ ନେଲ
ନ ରହି ସେ ସ୍ଥାନ ଛାଡ଼ିଲ ।୧୮।
ଶ୍ରୀ ପୁରୁଷୋତ୍ତମକୁ ନେଲୁ
ରହି ସେ ସ୍ଥାନ ଛାଡ଼ିଗଲୁ ।୧୯।
ଖଣ୍ଡଗିରି ନେଲେ ରଖି
ସେ ସ୍ଥାନ ଛାଡ଼ିଲ ଭୂଷଣି ।୨୦।
ମାଳଟିରେ କି ଇଚ୍ଛା କଲି
ତୋ ମାୟା ଦେଖି ମୁଁ ନ ଗଲି ।୨୧।
ଭୀମପିଣ୍ଡା ପର୍ବତ ନେଲ
ରହିଣ ସେ ସ୍ଥାନ ଛାଡ଼ିଲ ।୨୨।
ସପ୍ତ ଶଯ୍ୟାକୁ ବାହାରନ୍ତେ
ସେ ମନ ଭର୍ଜିଲୁ ଯେ ଶତ୍ରେ ।୨୩।
କପିଳାସକୁ ଇଚ୍ଛା କଲି
ତୋ ମାୟା ଦେଖି ମୁଁ ନ ଗଲି ।୨୪।
ମହା ପର୍ବତକୁ ମୁଁ ଯାଇ
ନ ରହି ତୋ ମାୟା ଯୋଗଇ ।୨୫।
ଜ୍ୱାଳା ପର୍ବତକୁ ମୁଁ ଯାନ୍ତେ
ସେ ମନ ଭର୍ଜିଲୁ ଯେ ଶତ୍ରେ ।୨୬।
ଅଗ୍ନିକୁଆ ପର୍ବତେ ଯାଇ
ତୋ ମାୟା ଦେଖି ମୁଁ ଫେରଇ ।୨୭।
ଦୁଲନ୍ଧିଆ ପର୍ବତେ ଗଲି
ତୋ ମାୟା ଦେଖି ମୁଁ ଫେରିଲି ।୨୮।

ପୁଣି ଖଣ୍ଡଗିରି ଆସିଲୁ
ରହି ସେ ସ୍ଥାନ ଛାଡ଼ିଲୁ ।୨୯।
ବୃନ୍ଦା ମଣ୍ଡଳ କି ହେ ନେଇ
ନ ରହି ମନ ନଦ ଯୋଗ ।୩୦।
ଧଉଳି ପର୍ବତକୁ ଗଲି
ତୋ ମାୟା ଦେଖି ମୁଁ ଫେରିଲି ।୩୧।
ଜଗଦେବୀଙ୍କ ଇଚ୍ଛା କରଇ
ନ ରହି ସେ ସ୍ଥାନୁ ଫେରଇ ।୩୨।
ବରୁଣାଇ ପର୍ବତେ ମୁହିଁ
ରହିବି ତୋ ମାୟା ଯୁଝାଇ ।୩୩।
ଅଡ଼ିଳା ପର୍ବତରେ ପୁଣି
ରହିବ ତୋ ମାୟା ଯୁଝିଣି ।୩୪।
ଧନାଶ୍ରୀ ପର୍ବତ ଉଲ୍ଲଇ
ତୋ ମାୟା ମୋ ମନ ଯୁଝଇ ।୩୫।
ଖାଲବ ମୁଣ୍ଡି ଆସିରେ ମୁହିଁ
ରହିବ ତୋ ମାୟା ଯୁଝାଇ ।୩୬।
ଗୋଲକଧାମୁ ମୁଣ୍ଡି ଅରେଇଣି
ରହିବ ତୋ ମାୟା ଯୁଝିଣି ।୩୭।
ସାତ ପଡ଼ା ଖାଲିକୁଳ ମୁଁ
ତୋ ମାୟା ଦେଖି ମୁଁ ନ ଯା ।୩୮।
ମହିଷଘାଟି ସେ ପର୍ବତ
ରହିବ ତୋ ମାୟା ନାଶିତ ।୩୯।
ସମ୍ବଲପୁର ବାହାରିଲି
ତୋ ମାୟା ଦେଖି ମୁଁ ନ ଗଲି ।୪୦।
ତାଳଚେର କି ଇଚ୍ଛା ହୁଅନ୍ତେ
ତୋ ମାୟା ଭର୍ଜିଲ ସେ ଶତ୍ରେ ।୪୧।
ବାଙ୍ଗିରିଶିଆ ପର୍ବତେ ଯାଇ
ତୋ ମାୟା ଦେଖି ମୁଁ ଫେରଇ ।୪୨।

ବଡ଼ମ୍ବା ଅର୍ବୁଦ ଦେଖିଣ
ତୋ ମାୟା ନ ବୁଝିଲି ପୁଣ ।୪୩।
ପୁଣି ଖଣ୍ଡଗିରି ଆସିଲୁ
ନ ଲଭି ସେ ସ୍ଥାନ୍ତୁ ଦେଖିଲୁ ।୪୪।
ପ୍ରାଚୀ କୂଳକୁ ଗଲୁ ଭକ୍ତି
ସେ ସ୍ଥାନେ ନ ରଖିଲୁ ଯୁକ୍ତି ।୪୫।
ତପନ୍ତେ ସାବିତ୍ରୀ କାଶୀ
ନ ରହିଲୁ ସେ ତହିଁ ପୁଣି ।୪୬।
କନକା ଯିବା ଭଲା ହୋଇ
ସେ ମନ ଧରିଲୁ ସେ ଭୁକ୍ତି ।୪୭।
କେଦାରପୀଢ଼ା ଆଶିବରି
ତହିଁ ନ ଲଭି ମନ ଧରି ।୪୮।
ଏବେ ଉଲାଗୁଣ୍ଡି ପର୍ବତ
ଆସି ରହିଲୁ ଭକ୍ତି ମୋହିତ ।୪୯।
ଆଜି ତ ନ ଭ୍ରମାଅ ପୁଣି
ଏଠାରେ ରଖ ନାରସୁଣି ।୫୦।
ଉଲା ଗୁଣ୍ଡି ପର୍ବତୁ ଭକ୍ତି
କାହିଁ ନ କଲୁ ମୁଁ ଜଣାଣ ।୫୧।
ଭକ୍ତି ମାଗନ୍ତେ ନ ଦେଉଛ
କହୋଇ ଭ୍ରମାଇ ମାରୁଛ ।୫୨
ଭକତ ଯେତେକ ଆଶା ନାହିଁ
ଆଜିତ ନ ଭ୍ରମାଅ କାହିଁ ।୫୩।
ଏ ସ୍ଥାନେ ମୁକ୍ତି କରିଦିଅ
ଆଜି ମୋ ଭୂମି ନ ଛାଡ଼ିବ ।୫୪।
ତୁମର ଦୟା ଥିଲା ଶୁଣ
ଭକତ ଦେହ ଦେ ଆପଣ ।୫୫।
ନୋହିଲେ ଆଜ ଯୋଗ ମୁକ୍ତି
ନଲେ ନ ପାରେ ଶୁଦ୍ଧ ଭକ୍ତି ।୫୬।
ମୋ ପ୍ରଭୁ ଏ ସ୍ଥାନରୁ ମୋତେ
ନ ନିଅ ନ ଭ୍ରମାଅ ତତ୍ତ୍ୱେ ।୫୭।
ଏ ସ୍ଥାନେ ରଖ ପୀଡ଼ାଦାସ
ଏମିତି ଦାସ ଭକ୍ତ ଆଶ ।୫୮।
ଆହେ ଦୁର୍ଜନ ସେ ସମସ୍ତେ
ମୋ ଦୋଷ ନ ଦେଖିବ ଚିତ୍ତେ ।୫୯।

ଇତି ଶ୍ରୀ ନନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା କଥନେ
ନାମ ଏକତ୍ରିଂଶୋଽଧ୍ୟାୟଃ ।

---

## ଦ୍ୱିତ୍ରିଂଶ ଅଧ୍ୟାୟ

ଆହେ ଚୈତନ୍ୟ ପ୍ରଭୁ ମାୟା
ଏମନ୍ତ ଭ୍ରମୁଛି ମୋ କାୟା ।୧।
ତୁମେ ତ ଏହି ଦେହେ ଅଛ
ଦୁଃଖ ସୁଖ କିଁନ ଜାଣୁଛ ।୨।
ମୁହିଁ ତ ଏହି ଦେହେ ଥାଇ
ଧନ ମଣୁଛି ମୁଁ କହଇ ।୩।
ପ୍ରକୃତି ଗଣ ମାନ ଦେହେ
ସ୍ଥିରେ ନ ରହନ୍ତି ମୋ କାୟେ ।୪।

ଯେଉଁପରି ଯୋଗ ଦେହେ ଥାନ୍ତି
ଅନୁଷ୍ଠାନେ ଦେହ ନାଶନ୍ତି |୫|
ଏହାଙ୍କ ସଙ୍ଗେ ମୋତେ ଯୋଗ
ନିଶ୍ଚିନ୍ତ ହୋଇ ତୁମ୍ଭେ ଭଜ |୬|
ଏହାଙ୍କ ସଙ୍ଗ ମୁଁ ଭ୍ରମଇ
ବିରୁଦ୍ଧ ମୁଦ୍ରା ନ ରଖଇ |୭|
ମୁଁ ମୁଦ୍ରା ବିରୁଦ୍ଧ ଯେ ଯୋଗ
ତାଙ୍କ ସଙ୍ଗରେ ଦେଲ ଯୋଗ |୮|
ବିରୁଦ୍ଧ ମୁଦ୍ରା ନ ରଖିବେ
ଯୋଗ ତ ଦେହକୁ ନାଶିବେ |୯|
ସର୍ପ ନ ଦେଖିଲୁ ରଖଇ
ଯେମନ୍ତି ସର୍ପ ଦେଖେ ମୁହିଁ |୧୦|
ବ୍ୟାଘ୍ରକୁ ଛେଳି ଉଠେ ଶୁଣି
ମୁଁ ଛେଳି ବ୍ୟାଘ୍ର ଯେଉଁ ଜାଣି |୧୧|
ଅଗ୍ନି ନ ପତଙ୍ଗ ଘେନ
ଯୋଗ ଅଗ୍ନି ମୁଁ ପତଙ୍ଗ ହିଁ |୧୨|
ଏମନ୍ତ ସଙ୍ଗ ମୋତେ ଦେଲୁ
ପର ହାତରେ ନିର୍ବଛିଲୁ |୧୩|
ତୋହର ଦୟା ଯେତେକ ଦୁଷ୍ଟା
ବିରୁଦ୍ଧ ମୁଦ୍ରାକୁ ଉଭଜ୍ଞା |୧୪|
ତୁମ୍ଭର କୃପା ହେଲେ ଜାଣି
ଦେଖିଲୁ ସର୍ପ ଉଠେ ଶୁଣି |୧୫|
ତୁମ୍ଭର କରୁଣା ହୋଇଲେ
ଛେଳି କି ବ୍ୟାଘ୍ର ଭିତରେ ଖେଳ |୧୬|
ତୁମ୍ଭେ ପ୍ରସନ୍ନ ହେଲେ ପୁଣି
ଅଗ୍ନି ପତଙ୍ଗ ନ ଜଳିଣ |୧୭|
ଏମନ୍ତ ତୁମ୍ଭର ମହିମା
ନିର୍ଦ୍ଦୟା କଲୁ ମୋତେ ସିନା |୧୮|

ପ୍ରକୃତିମାନଙ୍କୁ ସେ କହି
ଦୂତଗମାନଙ୍କୁ ଆଜ୍ଞା ଦେଇ |୧୯|
ତୁମ୍ଭ ଆଜ୍ଞାରୁ ମାତ୍ରକନ୍ତି
ଭିଳାରେ ଦୟା ନ କରନ୍ତି |୨୦|
ପର ହାତରେ ମର୍ଦ୍ଦିଛ
ଆପଣା ହସ୍ତେ ନ ମାରୁଛ |୨୧|
ଆପଣା ହସ୍ତେ ମାର କହି
ଯେତେକ ଦୟା ମୋର ଅଛଇ |୨୨|
ପର ହାତରେ ନ ମରାଅ
ଏତେକ ଦୟା ମୋରେ ଦିଅ |୨୩|
ଭକ୍ତି ନ କଲଇ ପର ହାତେ
କର୍ମ୍ମା ମାରୁଛ କହ ମୋତେ |୨୪|
ଭକତି ଯୋଗ ତୁମ୍ଭେ ଦେଲ
ଏ ଦେହ ବେନି ନାଶିବା ଭଲ |୨୫|
ପ୍ରକୃତି ମାନେ ଶତ୍ରୁ ଥାନ୍ତି
କର୍ମ୍ମାଇ ଦେହକୁ ନାଶନ୍ତି |୨୬|
ତୁମ୍ଭେ ତ ଦେହ ନାଶ କରି
ନାଶୁଛ ଦୋଷ ସେ କାହାରି |୨୭|
ଦୟା ସାଗର ବୋଲି ତୁହି
କଥା ଏ ମାଗିଥିଲି ମୁହିଁ |୨୮|
ଭକତି ସାଧିବି ବୋଲିଣ
ମାଗି ସେ ଥିଲି ମୁହିଁ ପୁଣି |୨୯|
ଭକତି ଯୋଗ ନେଇ ନ ଦେଲୁ
ମାୟାରେ ମୋତେ ଭୁଲାଇଲୁ |୩୦|
ସାଚ ବେନି ବଚନ ବାହାରି
ଏକାନ୍ତେ ଭକ୍ତି ଆଚରି କରି |୩୧|
ଅଗମ୍ୟ ବନସ୍ଥରେ ମୁହିଁ
ଭକତି ଯୋଗ ସାଧିବଇ |୩୨|

ଏମନ୍ତେ ଯାଞ୍ଚି ମୁଁ ବାହାରି
ତୋ ମାୟା ବାନ୍ଧେ ଆସେ ଫେରି ।୭୩।
ସାତ ବେଳ ମୁଁ ବାହାରିଲି
ସାତ ବେଳ ଫେରି ଆଇଲି ।୭୪।

ତୁମ୍ଭର ଦୟା ଯେବେ ଥାନ୍ତା
କର୍ମା ସାତବେଳ ଫେରନ୍ତା ।୭୫।
ଏକାବେଳେ ସାଧି କରନ୍ତି
ଭକତି ଯୋଗ ମୁଁ ସାଧନ୍ତି ।୭୬।
କଷ୍ଟରେ ଦୟା ଯେବେ ଥାନ୍ତା
ଭକତି ପ୍ରାପତି ହୁଅନ୍ତା ।୭୭।

ନ ଦେବା ଯାସ୍ତ ତୁମ୍ଭ ମନ
ମାୟା କରି ଫେରି ଆସଇ ।୭୮।
ଭକତି ଯୋଗ ଦେନ୍ତୁ ଶୁଣି
ଆଉ ଯୋଗ ମୁଁ ନ ଛୁଇଁଣି ।୭୯।
ଭକତି ଯୋଗେ ଆଶା ନାହିଁ
ଆଉ ବନେ ମୁଁ ଯଶଇ ।୮୦।

ଜାଣିଲି ସେ ଯୋଗ ନ ଦେବ
କର୍ମା ବନରେ ଏ ଜଣିବ ।୮୧।
ସାତବେଳ ବୁଝିଲି ମୁହିଁ
ତେଣୁ ଆଶା ଛାଡ଼ିଲି ମହିଁ ।୮୨।
କେବଳ ଭରସା ତୋହର
ଯା ଇଚ୍ଛା ତାହା ତୁହି କର ।୮୩।

କେବଳ ଭରସା ତୁମ୍ଭର
ନ ଜାଣେ କିଛି ମୁଁ ମନରେ ।୮୪।
ଦେବାନ୍ତ ମୁହିଁ ନ ଜାଣଇ
ତୁମ୍ଭ ନାମର ଭରସା ଥାଇ ।୮୫।
ଯୋଗାନ୍ତ ନ ସାଧିଲି ଶୁଣି
ନାମକୁ ଭରସା କରିଣି ।୮୬।

ସିଦ୍ଧାନ୍ତ ମନେ ନ ଭାବଇ
ତୁମ୍ଭ ନାମେ ସୁଖ ପାଉଛଇ ।୮୭।
ନାମାନ୍ତ ଦେବେ ନ ରଖିଲି
ନାମ ଆଶ୍ରେ ସବୁ ଘୁଞ୍ଚିଲି ।୮୮।

ସାର୍ଥ ମୁଁ କରଇ ନ ଯାକ
ତୁମ୍ଭ ନାମେ ଭରସା ଥୋଇ ।୮୯।
ସ୍ମୃତି ମୁଁ ନ ଜାଣଇ ଶୁଣି
ନାମ ଭରସା କରି ପୁଣି ।୯୦।
ଦେବତା ସେବିବ ନ ଜାଣଇ
ନାମ ଭରସାରେ ମୁଁ ଥାଇ ।୯୧।

ହୋମ ଜପ ତର୍ପଣ ଜାଣି
ନ ସାଧି ନାମ ଆଶା ଧୁଣି ।୯୨।
କଳନ ନାମ ପୂରଣ ହିଁ
ନ କରେ ନାମେ ଅଷ୍ଟ ଥାଇ ।୯୩।
ମନ୍ତ୍ର ଯନ୍ତ୍ର ହିଁ ଧ୍ୟାନ ଦେବେ
ନ କରି ନାମେ ଆଶା କେବେ ।୯୪।

ଅଷ୍ଟାଙ୍ଗ ଠାବୁ ସେ ନ ସେବେ
ନ ସାଧେ ନାମ ଆଶା ରତ୍ରେ ।୯୫।
ତବନ ସୂନ୍ତ ନ ଭଜଇ
ନାମ ଭରସାରେ ମୁଁ ଥାଇ ।୯୬।
ସବୁ ଯୋଗ ଜପରେ ଯାଇ
ଭକତି ବୋଲିଣ ସେ ତୋର ।୯୭।

ତପ ଭକ୍ତି ମାଗନ୍ତି ନ ଦେଲୁ
କର୍ମାଇ ଦୁଃଖ ଛଡ଼ାଇଲୁ ।୯୮।
ଆଉ ଯୋଗରେ ଚିତ୍ତ ନାହିଁ
କର୍ମା ସାଧିବ ଶୁଣ ତୁହି ।୯୯।
ଭକତି ସାକ୍ଷୀ ତୁ ନ ଦେଲୁ
କୋଟିକ ଫାଇବ ସେହୁ କାହିଁ ।୧୦୦।

ଆଜ୍ଞା ଯୋଗେ ଭ୍ରମି ମରନ୍ତି
ଭକତି ସନ୍ଧି ନ ଜାଣନ୍ତି ।୬୧
ଯେ ତ ଅଗମ୍ୟ ଯୋଗ କହି
ପଣ୍ଡିତେ ଫଳ ଦୂଲ ନାହିଁ ।୬୨
ଭକ୍ତିରେ ଥାଇ ନ ଜାଣଣ
ନାନା ଯୋଗ ସାଧନ୍ତି ପୁଣି ।୬୩
ତୁମ୍ଭର ନିଜ ଧର୍ମ ଦେଖି
ତାଙ୍କୁ ଆଦେଶ କରନ୍ତି ତୁମ୍ଭ ।୬୪
ଯୋଗୀ ବନ୍ଧୁ ଦେହି ନ ସାଧନ୍ତି
ବ୍ରହ୍ମା ଶଙ୍କରେ ନ ପାଇନ୍ତି ।୬୫
ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ ବରୁଣ
ଏ ଯୋଗେ ନ ଚଳିଲେ ଶୁଣ ।୬୬
ଜଳ ପବନ ଅଗ୍ନି କହି
ଏ ଯୋଗେ ନ ପଡ଼ିଲେ ଦେହି ।୬୭
ମୁନିଗଣ ଶ୍ରୀ ନ ପଡ଼ିଲେ
ଧନ ସ୍ତୁତି କରି ବହିଲେ ।୬୮
ନର ଦେହରେ ମୂଢ଼ ମୁହିଁ
ନ ଜାଣି ତୁମ୍ଭଙ୍କୁ ମାଗଇ ।୬୯
ପୁତ୍ର ମାନଙ୍କରେ ଶୁଣି
ମୁଁ ବୈକୁଣ୍ଠ ଧାମ ଜାଣି ।୭୦
ମେରୁଙ୍କୁ ଧୂଳି ଜନ୍ମ ଯାଉ
ଧୂଳିକି ମେରୁ ତୁଲ୍ୟ କରୁ ।୭୧
ଏହା ଶୁଣି ସ୍ୱୟଂବଶ ମୁହିଁ
ମାଗିଲି କ୍ଷମା କର ତୁମ୍ଭେ ।୭୨
ଦେହ ଦିଅ ପାଇଲି କୃପାକର
ତୁମ୍ଭ ଚରଣେ ତା ବିଚାର ।୭୩
ଭକତି ଯୋଗ ଯେ ସାଧଇ
ତୁମ୍ଭ ଚରଣେ ସେହୁ ଥାଇ ।୭୪
ତୋ ବସ୍ତୁ ଦେଲେଟି ଅବଶ୍ୟ
ସାଧୁବ ଅଭିଷିକ୍ତ ଦାସ ।୭୫
ଆହେ ସୁଜନ ମାଧବ କହ
ଭକ୍ତିରେ ଅଳ ଦୂଲ ନାହିଁ ।୭୬
ତାଙ୍କ ବସ୍ତୁ ପାଇଲେ ଶୁଣ
ସେ ସ୍ଥଳ ପାଇବ ସେ ପୁଣ ।୭୭
ନୋହିଲେ ସ୍ଥଳ ପାଇଁ ନାହିଁ
ଅଟଳ ଯୋଗ ସେ ଅଟଇ ।୭୮
ଆଜ୍ଞା ଯୋଗରେ ସ୍ଥଳ ଅଛି
ଭକ୍ତିରେ ସ୍ଥଳ ନାହିଁ କହି ।୭୯

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା କଥନେ
ନାମ ଦ୍ୱିତ୍ରିଂଶୋଽଧ୍ୟାୟଃ ।

---

# ତ୍ରିତ୍ରିଂଶ ଅଧ୍ୟାୟ

ଆହେ ଚୈତନ୍ୟ ତୋ ସ୍ୱରୂପ
ଭକତ ବିନୁ ନାହିଁ ଆଶା ।୧
ଭକତି ଯୋଗ ଅରୂପରେ
କାହାକୁ ନ ଜଣେ ଦେହରେ ।୨
କନ୍ଦର୍ପ ଘର ନ ଜାଣଇ
ଜଣିଲେ ଭକ୍ତି ଛାଡ଼ିବଇଁ ।୩

ନିଦ୍ରାକୁ ନ ଜଗଇ ଜାଣ
ଜଗିଲେ ଭକ୍ତ ଛାଡନ୍ତି ପ୍ରାଣ ।୪
ଅନ୍ଧାରକୁ ଯେ ନ ଜଗଇ
ଜଗିଲେ ଭକ୍ତ ଛାଡ଼ବଇଁ ।୫
ଭୂଷାକୁ ନ ଜଗଇ ଜାଣ
ଜଗିଲେ ଭକ୍ତ ଛାଡନ୍ତି ପ୍ରାଣ ।୬
ଖଗ ବଇଦା ଶୀତ ମୁହିଁ
ଏ ତିନିକୁ ମୁଁ ନ ଜଗଇ ।୭
ଜଗିଲେ ମରଣକୁ ଲଭେ
ଭକତ କେବେ ହେଁ ନ ଯାଏ ।୮
ଭସ୍ମକୁ ନ ଛାଡ଼ଇ ଜାଣ
ଛାଡ଼ିଲେ ଭକ୍ତ ଜୀବ ପ୍ରାଣ ।୯
ବେଗମାନଙ୍କୁ ନ ଜଗଇ
ଜଗିଲେ ଭକ୍ତ ଛାଡ଼ିବନି ।୧୦
ଦୁଷ୍କୃତମାନଙ୍କୁ ନ ଜଗି
ଜଗିଲେ ଭକ୍ତ ଜୀବ ଘୁଞ୍ଚି ।୧୧
ପାପ ପୁଣ୍ୟକୁ ନ ଛାଡ଼ଇ
ଛାଡ଼ିଲେ ଭକ୍ତ ନ ଆସଇ ।୧୨
ଧର୍ମ ଅଧର୍ମ ନ ଲକ୍ଷଣ
କଲେ ଭକତ ଛାଡ଼ନ୍ତି ପ୍ରାଣ ।୧୩
ଦୁଃଖ ସୁଖ ଭୋଗ କରୁଛି
ଏ ଦୁହିଁଙ୍କି ମୁଁ ନ ଛାଡ଼ୁଛି ।୧୪
ଛାଡ଼ିଲେ ଭକ୍ତ ଜୀବ ଜନ୍ମ
ଏ ବେନି କେବେ ନ ଛାଡ଼ଇ ।୧୫
ଚିନ୍ତା ଅଚିନ୍ତା ନ ଛାଡ଼ଣ
ଛାଡ଼ିଲେ ଭକ୍ତ କାହିଁ ପୁଣ ।୧୬
ସ୍ୱର୍ଗ ନରକ ଭୋଗ କରି
ନ କଲେ ଭକ୍ତକ ପାତଶାର ।୧୭

ଶୁଭ ଅଶୁଭ କାହିଁ ମୋର
ଯାଞ୍ଚିଲେ ଭକ୍ତ ହେବ ଦୂର ।୧୮
ଜନ୍ମ ମୃତ୍ୟୁକୁ ଡ଼ରୁ ଥାଇ
ନ ଡ଼ରିଲେଟି ଭକ୍ତ କାହିଁ ।୧୯
ଜାତ ଅଜାତ ମୁଁ ନଜାଣି
ଜାଣିଲେ ଭକ୍ତ ଛାଡ଼ନ୍ତି ପ୍ରାଣି ।୨୦
ଚକାର ଅଚକାର କରି
ନ କଲେ ଭକ୍ତ ନ ପାଶୋରି ।୨୧
କାନ୍ତି ଅକାନ୍ତି ମୁଁ ନ ଛାଡ଼େ
ଛାଡ଼ିଲେ ଭକ୍ତ ଝଡ଼ି ପଡ଼େ ।୨୨
ସ୍ଥିତି ପ୍ରଳୟ ମୁଁ ନ ଜାଣି
ଜାଣିଲେ ଭକ୍ତ ଛାଡ଼େ ପ୍ରାଣୀ ।୨୩
ଜୀବ ପରମ ନ ଜାଣଇ
ଜାଣିଲେ ଭକ୍ତ କେବେ କାହିଁ ।୨୪
ଚନ୍ଦ୍ର ସୂର୍ଯ୍ୟ ତାରା ନ ଜାଣି
ଜାଣିଲେ ଭକ୍ତ କାହିଁ ପୁଣି ।୨୫
ଭୂମି ମେଘଟି ନ ଜାଣଇ
ଜାଣିଲେ ଭକ୍ତ ହେବ କାହିଁ ।୨୬
ଜଳ ପବନ ଅଗ୍ନି ପୁଣ
ଏ ତିନିକ ମୁଁ ନ ଜାଣିବ ।୨୭
ଜାଣିଲେ ଭକ୍ତକ ଛାଡ଼ିବ
ପଦ୍ମଠାରେ ହୋଇବା ହେବ ।୨୮
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ପୁଣି
ଏ ତିନିକ ଯେ ମୁଁ ନ ଜାଣି ।୨୯
ଜାଣିଲେ ଭକ୍ତ କାହିଁ ପୁଣି
କିସ କରିବ ଏ ଥାଇଣ ।୩୦
ନବ ଦ୍ୱୀପ ନବ ପୃଥ୍ୱୀ
ନ ଜାଣେ ମନେ ମୁହିଁ ଘର ।୩୧

ସ୍ୱର୍ଗରେ ଭକ୍ତ କାହିଁ ହେବ
ଏ ହେଳା ନ ସ୍ମରଇ ଦେବ ।୩୨
ତେତିଶ କୋଟି ଦେବ ଯେତେ
ନ ସ୍ମର ଭବ ତାଙ୍କୁ ନିଶ୍ଚୟ ।୩୩
ନ ସ୍ମର ସ୍ୱର୍ଗ ଯେ ନ କରିଲ
ଭକ୍ତ ନ ହୋଇଲେଟି ଭଲେ ।୩୪
ଅନନ୍ତ କୋଟି ସାଧୁ ଜଣ
ସୁନ୍ତେ ନ ସ୍ମର ଭବେ ପୁଣ ।୩୫
ଏ ହେଳା ସ୍ମରି ନ ଭଜଇ
ଭଜନ୍ତି ଯୋଗୀଙ୍କୁ ଛାଡ଼ି ।୩୬
ଛପନ କୋଟି ଶିବ ଯେତେ
ନ ସ୍ମର ସ୍ୱର୍ଗ ତାଙ୍କୁ ନିଶ୍ଚୟ ।୩୭
ନ ସ୍ମର ସ୍ମରି ଯେ ନ କରିଲ
ଭକ୍ତ ହୃଦେ କାହିଁ ଲୁଚିଲେ ।୩୮
ଏହାଙ୍କ ଠାରେ ସିଦ୍ଧ ସନ୍ତ
ଜନ୍ମ ମୁଁ ନ ସ୍ମରଇ ଚିତ୍ତ ।୩୯
ନୋଳକ ଅଲୋଳକ ସ୍ୱାଙ୍କ ଠାବର
ଜଣ ମୁଁ ନ ଭ୍ରମକ ମନରେ ।୪୦
ନିର୍ଦ୍ଦ୍ୱା ମାୟା ସ୍ୱାଙ୍କ ଠହିଁ
ନକରି କରି ମୁଁ ଯେ ଆଛି ।୪୧
କାମ ଅକାମ ସ୍ୱାଙ୍କ ଠାରେ
ନକରି ଜଣ ଯେ ମନରେ ।୪୨
ତଳନ୍ତା ଚୌଦ କୋଟି ଜାଣି
ଏହାଙ୍କୁ ସ୍ମର ନ ଭଜନ୍ତି ।୪୩
ନିଶୁଳ ଚୌଦ କୋଟି ବସ୍ତି
ସ୍ମର ନସ୍ମର ମୁଁ କରଇ ।୪୪
ଛତ୍ରି ଚଉଦ କୋଟି ସ୍ୱନ୍ତ
ସ୍ମର ନ ସ୍ମରେ ମୋର ମତ ।୪୫

ବ୍ରହ୍ମା ଚଉଦ କୋଟି ଜାଣ
ସ୍ମର ନ ସ୍ମର ସ୍ୱାଙ୍କୁ ପୁଣ ।୪୬
ତ୍ରିଶୀଡ଼ ବ୍ରହ୍ମ ନୋଳକ ଯାଏ
ନ ସ୍ମରି ସ୍ମର ମୁହିଁ କହେ ।୪୭
ମେରୁଠାରୁ ଯେତେ ପର୍ବତ
ସ୍ୱାଙ୍କୁ ନ ସ୍ମର ସ୍ମରେ ଚିତ୍ତ ।୪୮
ଜାତନ୍ତୁ ଗଲୁଞ୍ଜ ପର୍ଯ୍ୟନ୍ତେ
ସ୍ୱାଙ୍କୁ ନ ସ୍ମରି ସ୍ମରେ ନିଶ୍ଚୟ ।୪୯
ଅଶ୍ୱତ୍ଥ ଠାରୁ ଯେତେ ବୃକ୍ଷ
ସ୍ମର ନ ସ୍ମରଇ ପ୍ରତ୍ୟକ୍ଷ ।୫୦
ଇନ୍ଦ୍ର ଇଠାରୁ ଯେତେ ଦେବ
ସ୍ମର ନ ସ୍ମରି ତାଙ୍କ ଠାବ ।୫୧
ଦର୍ଶିତୋନରୁ ସିଂହ ଯାଏ
ସ୍ମର ନ ସ୍ମରି ତାଙ୍କ ଠାଏ ।୫୨
ଏମନ୍ତେ ଛପନ କୋଟିରେ
ଭକ୍ତି ନ ପାଇ ସ୍ୱାଙ୍କ ଠାରେ ।୫୩
ସୁଁଶ ଶ୍ରୀ ଭକ୍ତି ସ୍ୱାଙ୍କ ଠହିଁ
ଅଛି ଏ ମନ ନ ଜାଣଇ ।୫୪
ଯା ଠାରେ ବହ୍ମ ଦୟା ହୋଏ
ସେହି ଘଟରେ ଭକ୍ତି ଥାଏ ।୫୫
ଏହି ଘଟରେ ଯେ ପ୍ରବୀଣ
ବଳି ନାଚେ ଜାତେ ଖେଳଣ ।୫୬
ସେବା ଆଜ୍ଞା ଯୋଗ ସାଧନ
ସବୁ ଥାଇନ୍ତି ତାଙ୍କ ଠହିଁ ।୫୭
ମାୟା ଯେତେବେଳେ ପାଞ୍ଚଇ
ଭାବ ତେତେବେଳେ ଯେ ଯାଇ ।୫୮
ଏମନ୍ତେ ଯେ ଯୋଗ ମହିମା
ଜାଣ କହିବ ତାର ସୀମା ।୫୯

ମୋତେ ପ୍ରଭୁଙ୍କ ଦୟା ଅଳ୍ପ
ଦେଇ ମାୟାରେ ଭରି ନେଲ ।୬୦
ସେ ଯୋଗ ଛାଡ଼ି କରି ମୁହିଁ
ଆଜ୍ଞ ନ ଯୋଗ ସାଧିବଇଁ ।୬୧
ଅମୃତ ସେଠୁଁ ଲୋକ ଖାଏ
ପିତା ଭ କେବେହେଁ ନ ହୁଏ ।୬୨
ଭକତି ଯୋଗ ବିନୁ ଜାଣ
ଆଜ୍ଞା ଯୋଗ ନ ସାଧେ ପୁଣ ।୬୩
ଯେ ଲୋକ ନିସ୍ତା ଅନ୍ନ ଖାଇ
ବରଗ୍ରା ଅନ୍ନ ନ ଭୁଞ୍ଜିଲ ।୬୪
ଯେ ଲୋକ ପଲଙ୍କେ ଶୁଅନ୍ତି
ଭୂମି ଶଯ୍ୟାକୁ ସେ ଇଚ୍ଛନ୍ତି ।୬୫
ନାନା ରସ ଷଣ୍ଡା ସେ ଖାଇ
ସେ ନ ସୁଝଟଣା ଇଚ୍ଛଇ ।୬୬
ଭକତି ଯୋଗ ମୁଁ ଛାଡ଼ିବ
ଆଜ୍ଞା କର୍ମ ସାଧନେ ଦୁଃଖ ।୬୭
ନାନା ଅଳଙ୍କାର ଯେ ନାଇ
ପଥର ବନ୍ଧନ ଇଚ୍ଛଇ ।୬୮
ଖାଟ ପଲଣ ପିନ୍ଧି ଯେହୁ
ବସ୍ତ୍ର କନା ନ ଇଚ୍ଛେ ଦେହୁ ।୬୯
ଭକତି ଯୋଗ ମୁଁ ଛାଡ଼ିଣ
ଆଜ୍ଞା ଯୋଗ ନ ସାଧେ ପୁଣ ।୭୦
ଯେ ଲୋକ ହସ୍ତୀ ଯାନେ ବସେ
ସେ କି ଗଧ କଢିଲୁ ଇଚ୍ଛେ ।୭୧
ଯେ ଲୋକ ପାଲିଙ୍କିରେ ଯାଇ
ସେ କି ହିଣ୍ଡିଥିବାକୁ ଇଚ୍ଛଇ ।୭୨
ଭକତି ଯୋଗ ଛାଡ଼ି କରି
ଆଜ୍ଞା ଯୋଗକୁ ମୁଁ ନ ଧରି ।୭୩
ଭକତି ବିନୁ ଯୋଗ ଯେତେ
ମଣିଲି ମୁଁ ସାଧିଲି ଚିତ୍ତେ ।୭୪
ଆଜ୍ଞା କରି କିସ କରିବ
ଯେବେ ତୁମ୍ଭଙ୍କୁ ନ ଚିହ୍ନିବ ।୭୫
ଭକତି ବିନୁ ଯୋଗ ଯେତେ
ଚିହ୍ନି ନ ପାରେ କଦାଚିତେ ।୭୬
ଆଜ୍ଞା ଯୋଗରେ ତୁ ନ ଥାଉ
ଭକ୍ତିରେ ପରବ୍ରହ୍ମ ରହୁ ।୭୭
ଭକତି ଯୋଗରେ ପ୍ରସନ୍ନ
ଆଜ୍ଞା ଯୋଗରେ ମନ ଭିନ୍ନ ।୭୮
ଭକତି ସଙ୍ଗ ମୁକ୍ତି ଥାଇ
ଆଜ୍ଞା ଯୋଗରେ ଲଭି ନାହିଁ ।୭୯
ଯେବେ ମୁକ୍ତି କି ନ ଲଭିବ
ପିଣ୍ଡ ହୋଇଣ କି କରିବ ।୮୦
ପିଣ୍ଡ ହୋଇ ଦିନ କାଟିଲ
ଚୋରା ଭବ କିଛି ନ ଜାଣିଲ ।୮୧
ଏ ଯୋନି ଅନ୍ତ ମାନଙ୍କ ଶୁଣି
ନ ଦେଇ ମାୟା କଲୁ ପୁଣି ।୮୨
ଭକ୍ତି ନ ଦେଲୁଟି ଅବଶ୍ୟ
ଅଚ୍ୟୁତ ଦାସ ଆଜ୍ଞା ନାଶ ।୮୩
ଅନେକ ସୁଜନ ମାନେ କହି
ସଂସାରେ ଥିବ କାହିଁ ପାଇଁ ।୮୪
ଏତେ ନିନ୍ଦା ମୋତେ କଲେ
ଭକ୍ତି ମାଗନ୍ତେ ସେ ନ ଦେଲେ ।୮୫
ତାଙ୍କର ଭରସା ବିନୁ ହିଁ
ନ ଜାଣେ ହେ ସୁଜନ ମୁହିଁ ।୮୬

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ସପ୍ତମଣ୍ଡଳ ଗୀତା
କଥନେ ନାମ ଚିତ୍ତୋଲ୍ଲାସଂ ଷୋଡ଼ଶୋଧ୍ୟାୟଃ ।

# ଚତୁଶ୍ଚତ୍ୱାରିଂଶ ଅଧ୍ୟାୟ

ଅହେ ଚୈତନ୍ୟ ତୋ ଭରସା
ତୋ ବିନୁ ଆନ ନାହିଁ ଆଶା । ୧
ଭକତ ଯୋଗ୍ୟ ତୁ ନ ଦେଲୁ
କର୍ମୀଙ୍କି ବୃଥା ଭଣ୍ଡାଇଲୁ । ୨
ବିଜ୍ୟଶ୍ରୀ ଘୁଡ଼ିଣ ଅଇଲି
ତୋତେ ଭରସା ମୁହିଁ କଲି । ୩
ତୁମ୍ଭ ଦୟାକି ମୋତେ ନାହିଁ
ତେଣୁ ସବୁ ତେଜି ଆସଇ । ୪
ଦୟା ଭଉଚି ଯେ ଅର୍ପିଲୁ
ଏବେ କର୍ମୀ: ନିନ୍ଦି କଲୁ । ୫
ତୋ ବିନୁ ଆନ ଆଶା ନାହିଁ
ମୋ ମନ ନ ଜାଣୁନ ତୁହି । ୬
କେ ଅବା ଅନ୍ନ ନ ପାଇଣି
କୌପୀନ ମାତ୍ର ଥାନ୍ତି ନିଣି । ୭
କେ ଅବା ଘରେ ଧନ୍ଦା ଥାନ୍ତି
କୌପୀନ ମାତ୍ର ଯେ ପଳାନ୍ତି । ୮
କେ ଅବା ଛିଣ୍ଡା ଯେ ନୋହିଲେ
ଘରକୁ ତେଜି ଯାନ୍ତି ଭଲେ । ୯
ବୋଲନ୍ତି ଏବେ କର୍ମୀ ପ୍ରିୟା
କୌପୀନ ମାତ୍ରଣ ଫେରିବା । ୧୦
କେ ଅବା କଳି ଗୋଳ କରି
କୌପୀନ ମାତ୍ର ଯାନ୍ତି ଫେରି । ୧୧
କେ ଅବା ଅପବାଦ ପାଇ
କୌପୀନ ମାତ୍ର ଫେରି ଯାଇ । ୧୨
କେ ଅବା ପାଇଣି ଲଜ୍ଜାରେ
କୌପୀନ ମାତ୍ର ଯେନ୍ତୁ ଫେରେ । ୧୩
କେ ଅବା ପରବୃତ୍ତି କରି
କୌପୀନ ମାତ୍ର ଯାନ୍ତି ଫେରି । ୧୪
କାହାର ବୃଥ ଯେ ନୋହିଲେ
ଘରକୁ ତେଜି ଯାନ୍ତି ଭଲେ । ୧୫
କେ ଅବା ଶିଖା ଶିଖି ହୋଇ
କୌପୀନ ମାତ୍ର ସଙ୍ଗେ ଯାଇ । ୧୬
କେ ଅବା ବେଗ ପାଇ ଦେହେ
କୌପୀନ ମାତ୍ର ହୋଇ ଯାଏ । ୧୭
କେ ଅବା ମାତା ପିତା ଦେଖିଲେ
କବି ସୁତ ପାଦେ ପଡ଼ିଲେ । ୧୮
ତେଣୁ ସେ କୌପୀନ ମାତ୍ରଇ
ତାର ଆପ୍ତି ସେ ନ ଥାଇ । ୧୯
କେ ଅବା ଜ୍ଞାନ ପାଇ ଦେହେ
ପଳାନ୍ତି ଘର ଗୁଡ଼ି କହେ । ୨୦
କୁଞ୍ଜ ଖୋଜି ସେବା କରଇ
ତାଙ୍କ ଠାରୁ କୌପୀନ ନେଇ । ୨୧
ଗୁରୁ ଠାଁ ଶିଖାଇ ଦେନ୍ତି
ତହିଁରେ ମତି ଥାଇ ନିତି । ୨୨
ଏହି ତୁମ୍ଭଙ୍କୁ ନ ଚିହ୍ନି
ଭକତି ପାଇବ ସେ କାହିଁ । ୨୩
ମୁହିଁ ତ ଏତେ ସେ କଥାରେ
ବୁଦ୍ଧି ତେଜି ନାହିଁ ମନରେ । ୨୪
କେବଳ ଭରସା ତୁମ୍ଭର
ନ ଦେବ ଦେବାସୁର ନର । ୨୫
ତୁମ୍ଭେ ତ ଅନ୍ତର୍ଯାମୀ କହ
କି ଅବା ନ ଜାଣୁ ସେ ତୁହି । ୨୬

ହେତୁ ସେ ତୁମ୍ଭଙ୍କୁ ଗୋଚର
ମୁଁ କଷ୍ଟ କହିବି ଘୁମୁରି । ୨୭
ତୁମ୍ଭ ଭରସା ବନ୍ଧୁ ଜାଣି
କରି ମୁଁ ନ ଜାଣିଲି ପୁଣି । ୨୮
ଛଳ ଯା ମନେ ପାଞ୍ଚଅଛି
ତାହାର ଅବଶ୍ୟ କଟିବେ । ୨୯
ଗୁରୁ ଛଡ଼ାଇ ଅଛନ୍ତି
ତାଙ୍କ ମନେ କ ନାହିଁ ଭ୍ରାନ୍ତି । ୩୦
ମୁଁ କଷ୍ଟ କରିବଇଁ ପୁଣି
ଯାହା କରିବେ ନାରାୟଣ । ୩୧
ଆମ୍ଭ ହାତରେ କଷ୍ଟ ହୋଇ
ତାହା ନ ଥିଲେ ଜୀବଗୋଷ୍ଠୀ । ୩୨
ଏହା ନ ଜାଣି ମୂଢ଼ ମୁହିଁ
ପ୍ରଭୁଙ୍କୁ ଭକତି ମାଗଇ । ୩୩
ସେଥିର ମୋଠାରେ ଦୟା ଥିବ
ଅବଶ୍ୟ ଯାତ ମୋତେ ଦେବ । ୩୪
ନିର୍ଦ୍ଦୟା ଥିଲେ ମୋର ତହିଁ
କିମ୍ପା ଭକତି ଦେବେ ସେହି । ୩୫
ମୁହିଁତ ତାଙ୍କ ଭରସାରେ
ଅନ୍ୟ ଦେବ ସେବା ନ କରେ । ୩୬
କେ ଅବା ଈଶ୍ୱର ପୂଜନ୍ତି
ତୁମ୍ଭ ଭକତି ନ ଜାଣନ୍ତି । ୩୭ ।
କେ ଅବା ଜଟା ମୁଣ୍ଡେ ବହେ
ତୁମ୍ଭ ଭକତି କାହିଁ ଦେହେ । ୩୮
କେ ଅବା ପଶି ରୂପ ଭ୍ରାନ୍ତି
ତୁମ୍ଭ ଭକତି ନ ଜାଣନ୍ତି । ୩୯
କେ ଅବା ଦୁର୍ଗା ସେବା କରେ
ତୁମ୍ଭ ଭକତି କାହିଁ ଜାଣେ । ୪୦
କେ ଅବା ଧୂମ୍ରପାନ ଖାଇ
ତୁମ୍ଭ ଭକତି ନ ଜାଣଇ । ୪୧
କେ ଅବା ଗଞ୍ଜେଇ ଭଖନ୍ତି
ତୁମ୍ଭ ଭକତି ନ ଜାଣନ୍ତି । ୪୨
କେ ଅବା ଅସ୍ତ୍ର ଖାଇ ପୁଣି
ତୁମ୍ଭ ଭକତି ନ ଜାଣିଣ । ୪୩
କେବା ନାନା ଅନଳ ଖାନ୍ତି
ତୁମ୍ଭ ଭକତି ନ ଜାଣନ୍ତି । ୪୪
କେ ଅବା ହନୁମନ୍ତ ଧ୍ୟାୟି
ଭଣ୍ଡୁ ଥାନ୍ତି ସଂସାର ଦେଖି । ୪୫
କେ ଅବା ବେତାଳ ସାଧନ୍ତି
ସଂସାରେ ଭଣ୍ଡିଣ ଖାଆନ୍ତି । ୪୬
କେ ଅବା ଭୂତ ପ୍ରେତ ସେବ
କେ ଚଣ୍ଡୀ ଧୂମୁଣ୍ଡୀ ସେ ଭଜ । ୪୭
କେ ଅବା ବଡ଼ଗୁଣ ସେବନ୍ତି
ସଂସାରେ କରଣି ଦେଖାନ୍ତି । ୪୮
କେ ଅବା ଇନ୍ଦ୍ର ସେବା କରି
ଭଣ୍ଡୁଣ ଥାନ୍ତି ସେ ସଂସାରେ । ୪୯
କେ ଅବା ଚନ୍ଦ୍ର ସୂର୍ଯ୍ୟ ସେବେ
କେ ଅବା ଜଳକୁ ସେ ସେବେ । ୫୦
କେ ଅବା ପବନ ସାଧଇ
ବୋଲଇ ବଡ଼ ଯୋଗୀ ମୁହିଁ । ୫୧
କେ ଅବା ଅଗ୍ନି ହୋମ କରେ
ବୋଲଇ ଯୋଗୀ ମୁଁ ସଂସାରେ । ୫୨
କେ ଅବା ଲକ୍ଷ୍ମୀ ସେ ସେବନ୍ତି
ସଂସାରେ କରଣି ଦେଖାନ୍ତି । ୫୩
କେ ଅବା ସରସ୍ୱତୀ ଧ୍ୟାୟି
କେ ଅବା ଗୋପାଳୀ ସାଧଇ । ୫୪

ଏମନ୍ତେ ସର୍ବେ ଚଯ ଭ୍ରମନ୍ତି
ତୋତେ ନ ଜାଣିବେ କେହ୍ଣି ଜନ୍ତୁ । ୪୫
ଏତେ କଥାରେ ନାହିଁ ଆଶା
ଅଜିତ ଦାସେ ତୁ ଭରସା । ୪୬
ଆହେ ସୁଜନ ମାନେ ଶୁଣ
ଏ ସବୁ କଥା ମୁଁ ଶୁଣିଣ । ୪୭
କେବଳ ପ୍ରଭୁଙ୍କ ଭରସା
ନିତ୍ୟ ମୁଁ କରିଅଛି ଆଶା । ୪୮
ହେ ପ୍ରଭୁ ଚରଣ ମୂର୍ତ୍ତି
ତେବେ ଭକତି ମୋତେ ଦିଅନ୍ତୁ । ୪୯

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମର୍ମମନ୍ତ୍ରକ ଗୀତା କଥନ
ନାମ ଚତୁଶ୍ଚତ୍ୱାରିଂଶୋଽଧ୍ୟାୟଃ ।

---

# ପଞ୍ଚଚତ୍ୱାରିଂଶ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ଶୁଦ୍ଧି
ଭ୍ରମିଷ ନଥା ପାରେ ହୋଇ । ୧
ଯେତେ ଭ୍ରମନ୍ତି ମନେ ଜାଣି
ଆଜି ଲୋକ ନରକେ ପୁଣି । ୨
କେ ଅବା କର୍ମ ଟାଳି ଭଜି
ଅମର ପଦକୁ ଇଚ୍ଛଇ । ୩
କହି କି ଭାବକୁ ବନ୍ଧି ଯାରେ
ଉଛିନେ ଉଷ୍ମଭ ପଦାରେ । ୪
ସିଦ୍ଧାନ୍ତ ମନରେ ଭଜଇ
ଭକତି ଯେ ଜାଣିବ କାହିଁ । ୫
କେ ଅବା ଯୋଗାନ୍ତ ଇଚ୍ଛନ୍ତି
ନାନା ଯୋଗ ପଦେ ଭ୍ରମନ୍ତି । ୬
କେ ଅବା ବେଦାନ୍ତ ସାଧଇ
ନାନା ଶାସ୍ତ୍ରେ ମନ ଦେଇ । ୭
କେ ଅବା ନାଗାନ୍ତ ଶାସନ୍ତି
ନାନା କରଣୀ ଯେ କହନ୍ତି । ୮
ଏ ଭାବ ନ ଜାଣିଲେ ମୂର୍ତ୍ତି
ଭ୍ରମନ୍ତି ନାମେ ଭରସା ଦେଇ । ୯
କେ ଅବା ତୀର୍ଥ କରି ଯାନ୍ତି
କେ ଅବା ଦେବତା ପୂଜନ୍ତି । ୧୦
କେ ଅବା ନାନା ମନ୍ତ୍ର ଘୂରଇ
ନାନା ମାଳ ହୃଦେ ଭରଇ । ୧୧
କେ ଅବା ନାନା ତିଳକର୍ଣ୍ଣ
ହୃଦେ କାଟି ଦାସ ବୋଲାଇ । ୧୨
କେତେ ବିଭୂତି ଅଙ୍ଗେ ଘଷି
ବୋଲନ୍ତି ଆମ୍ଭେ ଯେ ସନ୍ନ୍ୟାସୀ । ୧୩
କେ ଅବା ଊର୍ଦ୍ଧ୍ୱ ବାହୁ ହୋଇ
କେ ବା ଭିନ୍ନ ତପ ସାଧଇ । ୧୪
କେ ଅବା ଘଟ ଅଟି କରଇ
ବୋଲଇ ଯୋଗୀ ମୁଁ ସଂସାରେ । ୧୫
କେ ଅବା ଆସନ ଗୁଡ଼ନ୍ତି
କେବା କ୍ଷୀର ଖାଇ ରହନ୍ତି । ୧୬

କେବା କୁମ୍ଭୀ ଭିତରେ ଲୁଚେ
ତାଙ୍କୁ ଦେଖା ନ ଦେବା ପାଇଁ ।୧୭
କେ ଅବା ବସ୍ତ୍ର ଢାଙ୍କି ହୋଇ
ଅଙ୍ଗ କାହାକୁ ନ ଦେଖାଇ ।୧୮
କେ ଅବା ଜଳ ଧାଇଁ ଯିବେ
କେବା କୋମଳ ଚର୍ମ ଖାଏ ।୧୯
କେବା ସେ ଜଳଚକ୍ର ଭ୍ରମନ୍ତି
କେବା ପବନ ନ ଜାଣନ୍ତି ।୨୦
କେବା ନାନା ପ୍ରତିମା ଧରି
ବୁଲନ୍ତି ତାଙ୍କୁ ପୂଜା କରି ।୨୧
କେବା ବୃକ୍ଷ ଧାନ ବୁଲିଲ
ଅଙ୍ଗ ପୋଡ଼ି ଘୃତ ଦେଇ ।୨୨
କେବା ନାନା ଆସନ ସ୍ୱରେ
କେବା ନାନା ଯୋଗ ଉପୁରେ ।୨୩
କେବା ନାନା ସାଧନା କରି
କେବା ପବନ ରୁନ୍ଧେ ଭରି ।୨୪
କେ ଅବା ପବନ ଭକ୍ଷଇ
କେ ଅବା ଉଜାଣି ସାଧଇ ।୨୫
କେ ଅବା ବିନ୍ଦୁକୁ ଜିତିଣ
କେବା କନ୍ଦର୍ପ ନାଶେ ପୁଣ ।୨୬
କେ ଅବା ମନକୁ ସାଧନ୍ତି
କେ ଅବା ଦେହକୁ ଜିତନ୍ତି ।୨୭
କେ ଅବା ନିଦ୍ରାକୁ ଜିଣଇ
କେ ଅବା ଇନ୍ଦ୍ରିୟକୁ ମାରଇ ।୨୮
କେ ଅବା କ୍ଷୁଧା ତୃଷା ମାରେ
ଯୋଗୀମାନଙ୍କୁ କେ ସଂହରେ ।୨୯
କେ ଅବା ପ୍ରକୃତି ନାଶନ୍ତି
କେବା ପାପମନ ମାରନ୍ତି ।୩୦

କେ ଅବା କ୍ଷୀର ଗନ୍ଧ ପୁଣ
ଅଂଶରେ ବନ୍ଧ ନ ଦେଖଣ ।୩୧
କେ ଅବା ଶରୀରକୁ ସାଧନ୍ତି
ଘରକୁ ନ ଲେଡ଼ି ପୂର୍ଯ୍ୟ ଶାନ୍ତି ।୩୨
କେ ଅବା ବଗର୍ଭ ସାଧନ୍ତି
ସ୍ନାନ ନ କେଉଁ ତନ୍ତ୍ର ଥାନ୍ତି ।୩୩
କେ ବା ଆସନେ ନ ଶୁଅଇ
ଭୂମି ଶଯ୍ୟାରେ ବାସ କେଇ ।୩୪
କେବା ବସନ ନ ପିନ୍ଧନ୍ତି
ବକଳ ଚିର ଗୁଡ଼ି ପିନ୍ଧନ୍ତି ।୩୫
କେବା ତ ଆ ଗଦନ ଛାଡ଼ି
ମାଉଁସରେ ଟି ଥାନ୍ତି ଜଡ଼ି ।୩୬
କେବା ବାସ ନ କରନ୍ତି
ବୃକ୍ଷ ମୂଳରେ ବାସ ଦାନ୍ତି ।୩୭
କେ ଅବା ଅଜ୍ଞାନ ପୂଜଇ
ଅକୋ ସତ୍ତ୍ୱ ବହି ଖାଇ ।୩୮
କେ ଅବା ମନୋଧିବ କରି
କେ ଅବା ଗୋସ୍ୱାଁକ ଆବୃଷ ।୩୯
କେ ଅବା ଅନେକ ତୀର୍ଥରେ
କୀର୍ତ୍ତନ ଦେନ୍ତି ତାଙ୍କୁ ଭରେ ।୪୦
ଏ ସବୁ କଥା ଛାଡ଼ି ମୁହିଁ
କେଉଁଣସି କଥା ନ କରଇ ।୪୧
ଦେବ ପ୍ରଭୁ ତୁମ୍ଭ ଚରଣରେ
ମୋ ଜଗି ନ ସାଧୁ ମନରେ ।୪୨
ଦେବ ପ୍ରଭୁ ତୁମ୍ଭ ନାମେ ଆଶା
କରିଣ ଅଛି ମୁଁ ଭରସା ।୪୩
ଦେବ ପ୍ରଭୁ ସବୁ ଭୂମି ଗଲେ
ନାମ ଭକତି ନ ଜାଣିଲେ ।୪୪

ନାନା ନାମ ମୁଖେ ଗାଅନ୍ତି
ନିଜ ନାମ କେ ନ ଜାଣନ୍ତି ।୪୫

କେ ରାମ ନରସିଂହ ଗାଇ
କେବା ହରେକୃଷ୍ଣ ବୋଲଇ ।୪୬

କେ ବୋଲେ ମୁରାରି ଅଚ୍ୟୁତ
କେବା ଶବ୍ଦଇ ଜଗତ୍ତ୍ରାତ ।୪୭

କେ ନାରାୟଣ ଭଗବାନ
କେବା କେଶବ ଜନାର୍ଦ୍ଦନ ।୪୮

କେବା ଜଗନ୍ନାଥ ମୁକୁନ୍ଦ
କେବା ଗୋବିନ୍ଦ ଆନନ୍ଦକନ୍ଦ ।୪୯

କେବା ପରମ ହୃଷୀକେଶ
କେବା ଶବ୍ଦଇ ପୀତବାସ ।୫୦

କେ ବୋଲେ କୃଷ୍ଣ ଚକ୍ରଧର
କେ ବୋଲେ ଭଜ ପୀତାମ୍ବର ।୫୧

କେ ବୋଲେ ଶରଣ ରକ୍ଷଣ
କେହୁ ଡାକଇ ଆର୍ତ୍ତତ୍ରାଣ ।୫୨

ଏମନ୍ତେ ନାନା ନାମ ଗାଇ
ନିଜ ନାମ ପାଇବେ କାହିଁ ।୫୩

କର୍ଣ୍ଣରେ ଯେତେ ନାମ ଶୁଣି
ଏଥିରେ ଗତି କାହିଁ ପୁଣି ।୫୪

ଭକତେ ମୁଖରେ ଉଚ୍ଚାରି
ଡାକନ୍ତି ଅନନ୍ତ ନାମଧାରି ।୫୫

ଭକତେ ପିତା ମାତା ହୋଇ
ପ୍ରଭୁ ତାହାଙ୍କ ପୁତ୍ର କହି ।୫୬

ପ୍ରଭୁଙ୍କୁ ଜାତ ସେ କରନ୍ତି
ନାମ ଦେଇଣ ସେ ଡାକନ୍ତି ।୫୭

ସେ ନାମ ଗ୍ରନ୍ଥରେ ଲେଖିଣ
ନାନା ଶାସ୍ତ୍ରକି କଲେ ପୂର୍ଣ୍ଣ ।୫୮

ସେ ଶାସ୍ତ୍ର ଜଗତେ ବିଖ୍ୟାତ
ସେ ନାମ ଭଜନ୍ତି ସମସ୍ତ ।୫୯

ନିଜ ନାମ ଗୋପନେ ଥୋଇ
ଏ ସବୁ ନାମ ପ୍ରକାଶଇ ।୬୦

ଏ ସବୁ ନାମ ଯେ ଭଜନ୍ତି
ଜନ୍ମ ମୃତ୍ୟୁକି ଲଭୁଥାନ୍ତି ।୬୧

ଯେତେକେ ଲୀଳା ସୁଖ ହେବ
ମାୟା ସଂସାରେ ବୋଲାଇବ ।୬୨

ନିଜ ନାମ ଯେତେବେ ଜାଣିବେ
ଅମର ହୋଇଣ ରହିବେ ।୬୩

ତେବେ ନ ଲୀଳା ସୁଖ ହେବ
ତାହାଙ୍କ ସୁଖ ଯେ ମିଳିବ ।୬୪

ଏ ହେତୁ ନିଜ ନାମ ଲୁଚି
ନାନା ନାମକି ସବେ ଘୋଷି ।୬୫

ନିଜ ନାମ ଭକ୍ତ ନ ଜାଣି
ନାନା କର୍ମରେ ଭ୍ରମେ ପ୍ରାଣୀ ।୬୬

ପ୍ରଭୁ ଦୟା ଯାକୁ କରନ୍ତି
ନିଜ ନାମ ଭକତ ଦିଅନ୍ତି ।୬୭

ସେହୁ ମୃତ୍ୟୁକି ଆଉ ନୋହେ
ପୃଥିବୀ ପ୍ରଳୟେ ନ ଯାଏ ।୬୮

ଅକ୍ଷୟ ଅମର ସେ ଜାଣ
ସର୍ବ ଯୋଗ ପାଦେ ଖଟିଣ ।୬୯

ନିଜ ନାମ ଭକତ ଆଣ
ଭଣିଲ ଅରକ୍ଷିତ ଦାସ ।୭୦

ପ୍ରଭୁ ନିର୍ଦ୍ଦେଶ ସେ ନ ହୋଇ
ଆତ୍ମେ ପୂଜନ ମାନେ କହି ।୭୧
ଦେଖିଲେ ନ ଦେଖିଲେ ନାହିଁ ଇଚ୍ଛା
ଏ କରଇ ଆଉ ମନେ ବାଞ୍ଛା ।୭୨

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମଣ୍ଡମଣ୍ଡଳ ଗୀତା
କଥନେ ନାମ ପଞ୍ଚତ୍ରିଂଶୋଽଧ୍ୟାୟଃ ।

---

# ଷଟ୍‌ତ୍ରିଂଶ ଅଧ୍ୟାୟ

ଆତ୍ମେ ଚୈତନ୍ୟ ତୁମ୍ଭ ଇଚ୍ଛା
ପ୍ରକୃତି ଯେତେ ଥିଲା ବାଞ୍ଛା ।୧
ପ୍ରକୃତି ଯୋଗ ସାଧୁଥିଲି
ତୁମ୍ଭଙ୍କୁ ସେବିବ ପାଇଲି ।୨
ଆଉ ତ କିଛି ନ ଚାହିଲି
ନିଜ ନାମ ଯାହି ମାଗଇ ।୩
ଏବେ ସବୁ ଆଶା ପୂରିଣ
ଯାଇଚ୍ଛା ତାହା କରି ପୂଣି ।୪
ଆଉ କି ତୁମ୍ଭକୁ ମୁଁ ଦେବ
ତହିଁ ସୁଖ ଭୋଗ ଭୁଞ୍ଜିବ ।୫
ପ୍ରଭୁ ମୁଁ ଥିଲି ଯେଉଁ ଦିନ
ଶ୍ରେଷ୍ଠ ବସ୍ତୁ ନପିନ୍ଧେ ମନ ।୬
ଯେବେ ଭୂମିରେ ବସୁ ବାକି
ତେବେ ମୋ ମନ ହୋଏ ଦୁଃଖି ।୭
ଏବେ କଳା ଖଣ୍ଡି ଏ ମାଣି
ଆବର ଭୁଲି ଗ୍ରାମେ ଫେରି ।୮
ତୁମ୍ଭର ଭରସାରେ ମୁହିଁ
ଲଜ୍ଜା ସୁଖ ଦୂରେ ଛାଡ଼ଇ ।୯
ବୋଇଲି ଏକା ମୁଁ ଭ୍ରମିବି
ଏ ସବୁ ସୁଖ ମୁଁ ଛାଡ଼ିବି ।୧୦
ଏମନ୍ତ ଚାଖି ମୁଁ ଅଇଲି
ନିର୍ଦ୍ଦିଷ୍ଟ ହେଲୁ ମୁଁ ଜାଣିଲି ।୧୧
ସଂସାରେ ଥିଲେ ଭଲ ସ୍ତ୍ରୀ
ନାନା ଭୋଗଟି କରୁଥାନ୍ତି ।୧୨
ତୁଅ ଚନ୍ଦନ ଅଙ୍ଗେ ଦେଇ
କେଶ ଖାଣ୍ଟ ବାନ୍ଧି ଝଞ୍ଜାଳି ।୧୩
ତହିଁ ଉପରେ ପୁଷ୍ପ ଖଞ୍ଜି
ଲଲଟେ ନାନା ଚିତା ରଞ୍ଜି ।୧୪
ଏବେ କେଶ ମୁକୁଳା କଲି
ଲଜ୍ଜା ଛାଡ଼ି ଗ୍ରାମେ ବୁଲିଲି ।୧୫
ମାତ୍ର ପାଳନ୍ତି ସର୍ବ ସନ୍ଧି
ତୋ ଆଜ୍ଞା ଧନ ମୁଁ ବାନ୍ଧିଲି ।୧୬
ସର୍ବ ସୁଖ ଛଡ଼ାଇ ଆଣି
ଏବେ ନିର୍ଦ୍ଦିଷ୍ଟ କଲା ପୁଣି ।୧୭
ଅଳି ବସ୍ତ୍ର ହିଁ ନ ପାଇଲି
ଏ ଦେହେ କଷ୍ଟ ମୁଁ ସହିଲି ।୧୮

ଘରେ ପଖାଳ ଅନ୍ନ ମୁହିଁ
କେବେହେଁ ଘଟନ ଖାଇ ନାହିଁ ।୧୯
ଏବେ ଚଣ୍ଡା ପାଣି ଖାଉଛି
ଏ ଦେହ କଷ୍ଟ ମୁଁ ସହୁଛି ।୨୦

ବ୍ୟଞ୍ଜନ ଲୁଣା ହେଲେ ପୁଣ
ଅନ୍ନ ମୁଁ ଛାଡ଼େ ସାଏ ଜାଣ ।୨୧
ଏବେ ଆମ୍ବିଳ ଖଟଣ୍ଡି ହେନ
ଭଳ ଖାଇ ମୁଁ କରେ ପୁଣି ।୨୨
କୁଙ୍କୁମ ଚନ୍ଦନ ଯେତେକ ନୋହେ
ଯେଧନ ନିନ୍ଦା ସେ ନ ହୁଏ ।୨୩

ସ୍ନାହାନ ନ କଲେ ମୁଁ ଧନେ
ନିଦ୍ରା ମୋ ନ ଆସେ ନୟନେ ।୨୪
ଏବେ ମାସକେ ଦ୍ୱି ମାସରେ
ସ୍ନାନ କରେ ମୁଁ ଅଣାସ୍ଥରେ ।୨୫
ଖଟ ଶଯ୍ୟା ମାଣ୍ଡି ଶୁଇଲି
ଏବେ ଭୂମିରେ ମୁଁ ଶୋଇଲି ।୨୬

ଜାତି କୁଳ ମହତ ଏଡ଼ି
ଲଜ୍ଜା ସଙ୍କୋଚ ସବୁ ଛାଡ଼ି ।୨୭
ନିର୍ଲଜ ପଣ ଆଚରିଲି
ଗ୍ରାମେ ଗ୍ରାମେ ମାଗି ଖାଇଲି ।୨୮
ଚଣ୍ଡାଳ ବ୍ରହ୍ମ ଯାଏ ପୁଣ
ଭିକ୍ଷିଲି ସର୍ବ ଘରେ ଜାଣ ।୨୯

ଭୁମ୍ଭେତ ସର୍ବ ଘଟେ ବସ
ତେଣୁ ମୁଁ ଭୁଞ୍ଜାଇ ବିଶ୍ୱାସ ।୩୦
ଯେ ଯାହା ଯାଚ ମୋତେ ଦେଲ
ନାସ୍ତି ନ କରି ତାହା ଖାଇ ।୩୧
ଏ ସର୍ବେ ମୋର ଅର୍ଦ୍ଧ ଅଙ୍ଗ
କର୍ମୀ କରିବ ନଷ୍ଟ ଭଙ୍ଗ ।୩୨

ସେ ତ ମୋ ଦେହରେ ଅଛନ୍ତି
ମୁହିଁ ତାହାଙ୍କ ଦେହ ସ୍ଥିତି ।୩୩
ଏଥିରେ ଜାତି ଭିନ୍ନ ନାହିଁ
ଏକ ଜାତିଟି ସର୍ବ ଦେହୀ ।୩୪

ସଂସାରେ ଖେଳିବା ଇଚ୍ଛାରେ
ନାନା ଜାତି ଶାସ୍ତ୍ର ବସ୍ତୁରେ ।୩୫
ଅଷ୍ଟ ଧାତୁକ ଜାତି କରି
ସଂସାରେ ଖେଳୁଛି ନରହରି ।୩୬
ଏ ଯେଣୁ ସର୍ବ ଘରେ ଖାଇ
ଏକ ଆତ୍ମାଟି ସର୍ବ ଦେହୀ ।୩୭

ନାନା ଗାଈଟି ଶରୀର ଶ୍ୱେତ
ନାନା ଜାତି ଏକା ରକତ ।୩୮
ଦେଖ ଏ ସୂର୍ଯ୍ୟ ଘୋଟିଅଛି
ତା ତେଜ କାହିଁ ନ ଛାଡ଼ୁଛି ।୩୯
ତାଙ୍କ ଠାରୁ କି ବଡ଼ ହୁଏ
ହେ ମୂର୍ଖ ଭିନ୍ନ ନାହିଁ କେଉଁ ।୪୦

ଦେଖ ଚନ୍ଦ୍ରମା ବ୍ରହ୍ମାଣ୍ଡରେ
ତା ତେଜ ଲାଗେ ସର୍ବ ଠାରେ ।୪୧
ତାଙ୍କ ଠାରୁ କି ବଡ଼ ପୁଣ
ହେ ମୂର୍ଖ ଭିନ୍ନ ତୁ କି ମଣ ।୪୨
ଦେଖ ପବନ ବହୁ ଅଛି
ସର୍ବ ଭୂତେ ବାଜି ଯାଉଛି ।୪୩

ତାଙ୍କଠାରୁ କି ବଡ଼ ଭୂମି
ଆରେ ପାମର ଭିନ୍ନ ନାହିଁ ।୪୪
ଦେଖ ଜଳଟି ବହେ ପୁଣ
ସର୍ବଙ୍କୁ ଧୋଇ ନଏ ଜାଣ ।୪୫
ତାଙ୍କଠାରୁ କି ବଡ଼ ଭୂମି
ଆରେ ପାମର ମୂଢ କର୍ମୀ ।୪୬

ଦେଖ ଅଗ୍ନିଟି ସର୍ବ ଭକ୍ଷେ
ଯାବନ୍ତବସ୍ତୁର ଦେଖ ଭକ୍ଷେ ।୪୭
ତାଙ୍କଠାରୁ କି ବଡ ବୁଦ୍ଧି
ଆରେ ମୂଢ ଯାକୁ କମ୍ପାଇଁ ।୪୮
ଦେଖ ପୃଥ୍ୱୀ ରହିଅଛି
ସର୍ବ ଅର୍ଦ୍ଧ କରି ସହୁଛି ।୪୯
ତାଙ୍କଠାରୁ କି ବୁଦ୍ଧି ବଡ଼
କିସ ସହୁଛୁ ଆରେ ମୂଢ଼ ।୫୦
ଦେଖ ମେଘଟି ବରଷନ୍ତି
ନଦୀ ପୂରନ୍ତି ସହୁଛନ୍ତି ।୫୧
ତାଙ୍କଠାରୁ କି ବଡ ବୁଦ୍ଧି
ହେ ମୂଢ ନସହୁ କମ୍ପାଇଁ ।୫୨
ଦେଖ ଆକାଶ ଦେଖଟି
କାହିଁ ନଲାଗି ସର୍ବେ ଅଛି ।୫୩
ତାଙ୍କଠାରୁ କି ବଡ଼ ଗୁଣ
ଆରେ ମୂଢ଼ ଭିନ୍ନ ନ ମଣ ।୫୪
ଏକ ଆତ୍ମାଟି ଭିନ୍ନ ନାହିଁ
ଭଜନା ଦେବ ଶୁଣ ବୁଦ୍ଧି ।୫୫
ସୁବର୍ଣ୍ଣେ ନାନା ଅଳଙ୍କାରେ
ଆଉଟି କଲେଟି ଦୋହେ ଘର ।୫୬
ଏହି ଭୂତେଟି ସର୍ବ ଜନ୍ତ
ମଲେ ଏକ ଠାବେ ପଶନ୍ତି ।୫୭
ଏ ଯେଉଁ ଭିନ୍ନ ନାହିଁ ମୋର
ମୁହିଁ ବ୍ୟାପିଛି ଚରାଚର ।୫୮
ପ୍ରକୃତି ଭିନ୍ନ ମଣୁଛନ୍ତି
ମୋ ମନେ ଭିନ୍ନ ମୁଁ ନ ଚିନ୍ତି ।୫୯
ଭିନ୍ନ ନାହିଁ ଅଶ୍ରିତ ଦାସ
ସବୁ ଘଟରେ ମୋର ବାସ ।୬୦
ଆହେ ସୁଜନ ମାନେ ଶୁଣ
ମୋ ଚିତ୍ତେ ଭିନ୍ନ କେବେ ନାହିଁ ।୬୧

ଇତି ଶ୍ରୀ ଦୀନ ଚୈତନ୍ୟ ଦାସ୍ୟାବେ ମହାମଣ୍ଡଳ ଗୀତା
କଥନେ ନାମ ଷଟ୍‌ଚତ୍ୱାରିଂଶୋଽଧ୍ୟାୟଃ ।

---

# ସପ୍ତଚତ୍ୱାରିଂଶ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ବୁଦ୍ଧି
ଭରସା କରି ଚୋଟେ ମୁହିଁ ।୧
ପୁରାଣ ମାନଙ୍କରେ ଶୁଣି
ଦୟା ସାଗର ଚିନ୍ତାମଣି ।୨
ଏହା ଶୁଣି ଯେ ମୁଁ ଅଇଲି
ଦୟା ନୋହିଲ ଭୁମି ମଲି ।୩
ତୁମ୍ଭ ଭରସା ବଳେ ମୁହିଁ
କାହାକୁ ମନେ ନଗଣଇ ।୪
ଏବେ ଗୁରୁ ସେବା କରନ୍ତି
ତାଙ୍କଠାରୁ କୌପୀନ ବାନ୍ଧନ୍ତି ।୫
ଦଣ୍ଡା ଶିଖା ହିଁ ମନ୍ତ୍ର ଦେଉଛ
ଗୁରୁଙ୍କୁ ମାଗି ଯେଉଁ ଚିତ୍ତେ ।୬

ଗୁରୁଙ୍କୁ ସେବି ତାଙ୍କ ମନ
ତୁମ୍ଭଙ୍କୁ କରୁଥାନ୍ତି ଧ୍ୟାନ ।୭
ସେ ତ ଭକତ ନ ଜାଣଇ
ତୁମ୍ଭଙ୍କୁ ବନ୍ଧିବ କେ କାହିଁ ।୮

ତୁମ୍ଭ ପ୍ରେମ ଡୋରେ ଯାକୁ
ସେକ ବାନ୍ଧି ପାରେ ତୁମ୍ଭଙ୍କୁ ।୯
ତୁମ୍ଭ ଦୟାକି ଯାକୁ ହୋଇ
ସେହି ତୁମ୍ଭଙ୍କୁ ବାନ୍ଧି ରଖି ।୧୦
ଏ ହେନ ଗୁରୁ ନ ସେବିଲ
ତୁମ୍ଭ ନାମେ ଆଶା ରଖିଲ ।୧୧

ହୋଇଲେ ସବ ଗୁରୁ ଏହି
ଆଉ କାହାକୁ ନ ଦେଖଇ ।୧୨
ଯେବେ ଗୁରୁ ସେବା କରିବ
ସେ ଯାହା ଦେବେ ମୁଁ ଗ୍ରହିବ ।୧୩
ନ ଭାବିଲେଟି ଶ୍ରେଷ୍ଠ ହୋଇ
ମହିମ ଭକତ ନ ପାଇ ।୧୪

ଭକତ ପ୍ରଭୁ ହାତେ ଅଛି
ଦେଖିଲେ ସେ ହୋଇ ପାରେ କାଛି ।୧୫
ଅଜିତ କାହା ହାତେ ନାହିଁ
ଜଗତ ମଣ୍ଡଳେ ଜାତ ହୋଇ ।୧୬
ଭକତି ଯୋଗ ପ୍ରଭୁ ଧରି
ବ୍ରହ୍ମାଣ୍ଡ ମଧ୍ୟେ ଅଛୁ ପୂରି ।୧୭

ଅନନ୍ତ କୋଟି ବ୍ରହ୍ମାଣ୍ଡରେ
ଏହି ଯୋଗକୁ ଧନ୍ୟ ଯେତେରେ ।୧୮
ଆଉ କାହାକୁ ନ ବଶଇ
ତାହାଙ୍କ ନିଜ ଧର୍ମ ସେହି ।୧୯
ଯାହାରେ ଅତି ସ୍ନେହ ବଶେ
ତାଙ୍କୁଟି ହୁଅନ୍ତି ହରଷେ ।୨୦

ଏମନ୍ତ ଜାଣି ମନେ ମୁହିଁ
ଗୁରୁଙ୍କ ହାତେ ଭକ୍ତି ନାହିଁ ।୨୧
ଗୁରୁ ବୋଲନ୍ତେ କାହୁଁ ଅଛି
ମନୁଷ୍ୟ ଦେହ ସିନା ଘେନି ।୨୨

ଏ ହେନ ଗୁରୁ ନ ସେବିଲି
ଏକା ପ୍ରଭୁ ଭରସା କଲି ।୨୩
ଆପଣା ହାତେ କଣ୍ଠହୀନ
ମାଗିଲ ପ୍ରଭୁ ଆଶା ହେନ ।୨୪
ଦୀକ୍ଷା ଶିକ୍ଷା ସ୍ଵ ମନ୍ତ୍ର ଯେତେ
କାହୁଁ ପାଇବ ମୁହିଁ ଚତେ ।୨୫

ନାମହିଁ ନ ଜାଣଇଁ ମୁହିଁ
ଭକତ ପାଳବ ମୁଁ ନାହିଁ ।୨୬
ଜାହାକୁ ସେବା ମୁଁ ନ କରେ
ନ ଯେବେ ଦେବାସୁର ନରେ ।୨୭
ତୁମ୍ଭର ଭରସାରେ ମୁହିଁ
କାହାକୁ ମନେ ନ ଗଣଇ ।୨୮

ପ୍ରଭୁ ତାରନ୍ତୁ ବା ମାରନ୍ତୁ
ଯା ଇଚ୍ଛା ତାହା ସେ କରନ୍ତୁ ।୨୯
ସେ ବୁଦ୍ଧି ଦେଉଅଛେ ଯେଣୁ
ତାହା ସେ କରୁଥିବ ମୁହିଁ ।୩୦
ନାହିଁ ନ କରିବାକୁ ମନ
କେବେହେଁ ନୋହୁ ମତ ଭିନ୍ନ ।୩୧

ସେ ପ୍ରଭୁ ଯାହା ବସ୍ତୁଣବେ
ତାହାକୁ ଅବଶ୍ୟ କରିବେ ।୩୨
ଏ ତ ଆସ୍ତି ନାସ୍ତି କରିବ
ଜଲେ କି ସ୍ଥୀ କଣ୍ଠୀ ରହିବ ।୩୩
ଗର୍ବ ଗଞ୍ଜନ ସେ ଅଟନ୍ତି
ପାଣ୍ଡିଲେ ପାଞ୍ଚ ନ ରଖନ୍ତି ।୩୪

ଏ ଦେହ ମତେ ନ ଶୋଭଇ
ଯା ଇଚ୍ଛା ତାହା କରୁ ଦେହ ।୩୫
ଆତ୍ମ ଚାହୁଁଣ ସେତେବେ କରି
ଦଇବ ସୃଷ୍ଟି କର୍ମ ଧରି ।୩୬
ଆତ୍ମ ପାଶ୍ଚଲେ ସ୍ୱର୍ଗ ଯାଇ
ଦଇବ ଆଜ୍ଞା କି କରଇ ।୩୭
ଦଇବ ତାଙ୍କୁ କା ଯେ ମାରୁ
ଯା ଇଚ୍ଛା ତାହା ମୋତେ କରୁ ।୩୮
ମୁହିଁ କାହାକୁ ନ ଡରଇ
ଡରିଲେ ମୋର ହାତେ ନାହିଁ ।୩୯
ମୋତେ ଡରନ୍ତୁ ଜୀବବାସ
ନ ଡରିଲେ କରନ୍ତୁ ନାଶ ।୪୦
ଖାଇବା ମରିବାକୁ ଆଶା
ନାହିଁ ତୁମ୍ଭ ପାଦେ ଭରସା ।୪୧
ହେ କୃଷ୍ଣ ସବୁ ଆଶା ଛାଡ଼ି
ତୁମ୍ଭ ଚରଣେ ଅଛି ପଡ଼ି ।୪୨
ହେ କୃଷ୍ଣ ରଖ କା ନିରଖ
ସବୁ ଛାଡ଼ି ହେଲି ନିରେଖ ।୪୩
ହେ କୃଷ୍ଣ ମାତା ପିତା ହୋଇ
ଜାତ କରିଲ ମୋତେ ତୁହି ।୪୪
ହେ କୃଷ୍ଣ ଜାତ କରି ନାଶି
କା ଆଗେ କହିବି ବିଶେଷି ।୪୫
ହେ କୃଷ୍ଣ ଦୟା ଲେଶ ନାହିଁ
ଜାଣିଲି ନର୍ଦ୍ଦୟ ତୋ ଦେହି ।୪୬
ହେ କୃଷ୍ଣ ତୋ ବିନୁ ସଂସାରେ
କେ ନାହିଁ କହନ୍ତି ମୁଁ ତୋରେ ।୪୭
ହେ କୃଷ୍ଣ ତୁମ୍ଭେ ବ୍ୟଗ୍ରରେକେ
ନାହାନ୍ତି କେହି ଜନଲୋକେ ।୪୮

ହେ କୃଷ୍ଣ ସର୍ବ ଜାତ କରୁ
ମାରଣ ଗର୍ଭେ ଭୁଞ୍ଜ ହରୁ ।୪୯
ହେ କୃଷ୍ଣ ସୃଷ୍ଟି ଜାତ କରି
ସୃଷ୍ଟି ମାରି ଗର୍ଭେ ସଂହରି ।୫୦
ହେ କୃଷ୍ଣ ଏମନ୍ତେ ତୋ ଲୀଳା
ସଂସାରେ କରୁ ଅଛ ଖେଳା ।୫୧
ଅନନ୍ତ କୋଟି ବ୍ରହ୍ମାଣ୍ଡ ହିଁ
ଦେହେ ଅଛ ଯେ ରୂପ କହି ।୫୨
ହେ କୃଷ୍ଣ ତୋହର ମାୟାରେ
ଭ୍ରମୁ ଅଛନ୍ତି ଜଗତରେ ।୫୩
ହେ କୃଷ୍ଣ ତୋ ମାୟା ନ ଜାଣି
ବେଦ ଶାସ୍ତ୍ରକୁ ପଠ୍ୟ ମଣି ।୫୪
ହେ କୃଷ୍ଣ ଭକ୍ତି ନ ବୁଝିଣ
ଭ୍ରମନ୍ତି ନାନା ପଥ ଧରି ।୫୫
ହେ କୃଷ୍ଣ କେଉଁ ନାଶ ଯାନ୍ତି
ତୁମ୍ଭଙ୍କୁ ନ ଚିହ୍ନି ଭ୍ରମନ୍ତି ।୫୬
ହେ କୃଷ୍ଣ ତୁମ୍ଭଙ୍କୁ ଯେ ଚିହ୍ନେ
ସେ କି ସାଧଇ ଯୋଗ ମନେ ।୫୭
ହେ କୃଷ୍ଣ ଅଣ ସାଧନାରେ
ସଦ୍ବୁଦ୍ଧିର କରେ ମନରେ ।୫୮
ହେ କୃଷ୍ଣ ତୁମ୍ଭ ସଙ୍ଗ ଧରି
ସର୍ବ ଯୋଗକୁ ସେ ପାଶୋରି ।୫୯
ହେ କୃଷ୍ଣ ପାପ ପୁଣ୍ୟ ସେହି
ଏ ଦୁହିଁକି ସେ ନ ଛାଡ଼ଇ ।୬୦
ହେ କୃଷ୍ଣ ସେହି ତୋ ବିଶ୍ୱାସ
ତାହାଙ୍କୁ ଆଉ ତୁଂଭ ଆଶ ।୬୧
ହେ କୃଷ୍ଣ ତୁମ୍ଭ ପଦେ ଜଡ଼ି
ତାଙ୍କୁ ନ ପାରି ତୁମ୍ଭେ ଛାଡ଼ି ।୬୨

ହେ ବନ୍ଧୁ ଜନ ଯାହା ମାଗଇ
ତାହା ତୁ ତତକାଳେ ଦେଇ ।୬୩
ହେ ବନ୍ଧୁ ଭକ୍ତ ସବେ ବଶ
ଅନ୍ୟ ସବରେ ତୁ ଅଦୃଶ୍ୟ ।୬୪
ହେ ବନ୍ଧୁ ଅନ୍ୟ ସବେ ତୁହି
କୋଟି କଳ୍ପରେ ଭେଟ ନୋହି ।୬୫
ହେ ବନ୍ଧୁ ଏଣୁ ଜାଣି ଚିତ୍ତେ
ଭକତି ମାଗିଲି ମୁଁ ତୋତେ ।୬୬
ହେ ବନ୍ଧୁ ଭକ୍ତି ତୁ ନ ଦେଲୁ
ମୋତେ କର୍ମୀ ତୁ ଜାତ କଲୁ ।୬୭
ହେ ବନ୍ଧୁ ଭକ୍ତି ବିନୁ ମୁହିଁ
ଆଜ୍ଞ ଯୋଗ ନ ସାଧେ କହି ।୬୮
ହେ ବନ୍ଧୁ ଅଠର ବରଷ
ଭ୍ରମିଲି ମୁହିଁ ନାନା ଦେଶ ।୬୯
ହେ ବନ୍ଧୁ ତୁମ୍ଭ ମାୟା ହୋଇ
ସ୍ଥିର ନ ରଖିଲୁଟି କାହିଁ ।୭୦
ହେ ବନ୍ଧୁ ଭକ୍ତି ଆଶା ଶୁଣ
ଘୁଞ୍ଚିଲି ଯାହା କରି ପୁଣ ।୭୧
ହେ ବନ୍ଧୁ ଦୟା ଥିଲେ ତୁହି
ଦେଲେ ଦେବୁ ମୋ ଆଶା ନାହିଁ ।୭୨
ହେ ବନ୍ଧୁ ଦୋଷ କ୍ଷମାକର
ଖଣ୍ଡଣ ଦୁଖ ଚକ୍ରଧର ।୭୩
ହେ ବନ୍ଧୁ ତୋ ବିନୁ ସଂସାରେ
ନାହାନ୍ତି କେତେ ଭାଗ୍ୟବାରେ ।୭୪
ହେ ବନ୍ଧୁ ପ୍ରକୃତି ସମସ୍ତ
ମାରିବା ଚାହାନ୍ତି ସେ ନିତ୍ୟ ।୭୫
ହେ ବନ୍ଧୁ ତୁମ୍ଭ ଭରସାରେ
କାହାକୁ ନ ଡରଇ ମନରେ ।୭୬
ହେ ବନ୍ଧୁ ତୁମ୍ଭ ନାମ ଧରି
ହୃଦେ ମୁଁ ମନ ଦାମ୍ଭ କରି ।୭୭
ବୋଲଇ ପ୍ରକୃତି ଯେ ମୋତେ
କି କରି ପାରିବେ ସମସ୍ତେ ।୭୮
ହେ ବନ୍ଧୁ ମନ୍ଦ ମୁଁ ପାମର
ମାରିଲେ ମାରେ ସ୍ୱବନ୍ଧୁ ।୭୯
ଆଜ୍ଞ ନା ହାରନ କପ ଅଛି
ମୋ ମନେ କାହାକୁ ନ ଗଣି ।୮୦
ହେ ବନ୍ଧୁ ତୁମର ନାମକୁ
ଭରସା କରିଅଛି ତାକୁ ।୮୧
ହେ ବନ୍ଧୁ ତୁମ ନାମେ ଆଶ
କରିଛି ଅଭିଳାଷ ଦାସ ।୮୨
ଆଜ୍ଞ ସୁଜନ ମାନେ ଆଶ
ନାମକୁ କରନ୍ତି ଭରସା ।୮୩

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମଣ୍ଡମଣ୍ଡଳ ଗୀତା କଥନେ
ନାମ ସପ୍ତଚତ୍ୱାରିଂଶୋଽଧ୍ୟାୟଃ ।

# ଅଷ୍ଟଚତ୍ୱାରିଂଶ ଅଧ୍ୟାୟ

ଅଛେ ଚୈତନ୍ୟ ସ୍ୱରୂପ ତୁହି
ନାମ ଭରସାରେ ମୁଁ ଥାଇ ।୧
ବୈକୁଣ୍ଠ ନାମ କରି ଆଶ
ଛାଡ଼ି ଅଇଲି ଗୃହବାସ ।୨
ହେ ବ୍ରହ୍ମ ଅନ୍ନ ସୁଖ ଛାଡ଼ି
ଭୁଜା ମୁଁ ଖାଏ ଦୁଃଖେ ପଡ଼ି ।୩
ହେ ବ୍ରହ୍ମ ନାନା ବ୍ୟଞ୍ଜନକୁ
ଛାଡ଼ିଲି ତୋତେ ସେବିବାକୁ ।୪
ହେ ବ୍ରହ୍ମ ପଡ଼ି ରସେ ସୁଖ
ନ ପାଇ ଅଛେ ଚନ୍ଦ୍ରମୁଖ ।୫
ହେ ବ୍ରହ୍ମ ତେବେ ଦୟା ନାହିଁ
ଏଡ଼େ ନିର୍ଦ୍ଦୟ ତୁମ୍ଭ ଦେହି ।୬
ହେ ବ୍ରହ୍ମ ନାନା ଅଳଙ୍କାର
ତୋ ଆଶେ ସର୍ବ କଲି ଦୂର ।୭
ହେ ବ୍ରହ୍ମ ନାନା ବସ୍ତ୍ର ଛାଡ଼ି
କନ୍ଥା ଖଣ୍ଡିଏ ପିନ୍ଧିଲି ଏଡ଼ି ।୮
ହେ ବ୍ରହ୍ମ ନାନା ବାସନରେ
ନ ଖାଇ ଖାଏ ଖପରରେ ।୯
ହେ ବ୍ରହ୍ମ ତେତେବେ ନାହିଁ ଦୟା
କମ୍ପା କରୁଛ ମୋତେ ମାୟା ।୧୦
ହେ ବ୍ରହ୍ମ ଖଟ ମାଣ୍ଡି ଶଯ୍ୟା
ତୋ ଆଶେ ସର୍ବ କଲି ତେଜ୍ୟା ।୧୧
ହେ ବ୍ରହ୍ମ ନାନା ଅଳଙ୍କାର
ତୋ ଆଶେ ସର୍ବ କଲି ଦୂର ।୧୨

ହେ ବ୍ରହ୍ମ ଚୁଆ ଚନ୍ଦନ ଶ୍ରୀ
ତୋ ଆଶେ ସର୍ବ ଛାଡ଼ି ଦେଲି
ହେ ବ୍ରହ୍ମ ନାନା ପୁଷ୍ପ ଯେତେ
ଛାଡ଼ିଲି ତୁମ ଆଶେ ନିତ୍ୟେ ।୧୪
ହେ ବ୍ରହ୍ମ ନାନା ବାହନ ଶ୍ରୀ
ଛାଡ଼ିଲି ତୁମ ଆଶେ କହି ।୧୫
ହେ ବ୍ରହ୍ମ ସଂସାରେ ଯେ ସୁଖ
ତୋ ଆଶେ ଛାଡ଼ି ପଦ୍ମମୁଖ ।୧୬
ହେ ବ୍ରହ୍ମ ସର୍ବ ସୁଖ ଏଡ଼ି
ତୋ ଆଶେ ସର୍ବ ଦେଲି ଛାଡ଼ି ।୧୭
ହେ ବ୍ରହ୍ମ ଖେଳା ଲୀଳା ଯେତେ
ଛାଡ଼ିଲି ତୁମ ଆଶେ ନିତ୍ୟେ ।୧୮
ହେ ବ୍ରହ୍ମ ଗୀତ ବାଦ୍ୟ ନୃତ୍ୟ
ତୁମ୍ଭ ଆଶେ ନ ଦେଖେ ନେତ୍ର ।୧୯
ହେ ବ୍ରହ୍ମ ଯାତ୍ରା ତୀର୍ଥ ଯେତେ
ତୁମ୍ଭ ଆଶେ ନ ଦେଖେ ଚିତ୍ତେ ।୨୦
ହେ ବ୍ରହ୍ମ ସଂସାରେ ତୋ ଲୀଳା
ନ ଦେଖି ତୁମ୍ଭ ନାମେ ଭୋଳା ।୨୧
ହେ ବ୍ରହ୍ମ ସର୍ବ ସୁଖ ଏଡ଼ି
ତୋ ଆଶେ ବସନ ଥାଏ ସଙ୍ଗ ।୨୨
ହେ ବ୍ରହ୍ମ ଧୂଳି ପଙ୍କରେ
ଏକାନ୍ତେ ଭ୍ରମି ତୋ ଆଶାରେ ।୨୩
ହେ ବ୍ରହ୍ମ ବୃକ୍ଷ ପଞ୍ଚ କରି
ତୁମ୍ଭ ଆଶ୍ରିତେ ନିତ୍ୟ ସେବି ।୨୪

ହେ ବ୍ରହ୍ମ ଏତେ ଦୁଃଖେ ମୁହିଁ
ଭ୍ରମୁଛି ଦୟା ଲେଶେ ନାହିଁ ।୨୫
ହେ ବ୍ରହ୍ମ ତୁମ୍ଭ ବହୁ ଗୁଣ
କିଛି ମୁଁ ନଜାଣଇ ପୁଣ ।୨୬
ହେ ବ୍ରହ୍ମ ମନ୍ତ୍ର ତନ୍ତ୍ର ତୀର୍ଥ
ନ ଜାଣେ ଆନନ୍ଦ ଜଗତୀନାଥ ।୨୭
ହେ ବ୍ରହ୍ମ ଜପ ହୋମ ବ୍ରତ
ନଜାଣେ ତୁମ୍ଭ ପାଦେ ଭକ୍ତି ।୨୮
ହେ ବ୍ରହ୍ମ ନାନା ଯୋଗ ଯେତେ
ନସାଧେ ତୁମ୍ଭ ଆଶ୍ରା ନିତ୍ୟ ।୨୯
ହେ ବ୍ରହ୍ମ ଜ୍ଞାନ ଧ୍ୟାନ ସୂତ୍ର
ନଜାଣେ ତୁମ୍ଭ ଆଶ୍ରା ନିତ୍ୟ ।୩୦
ହେ ବ୍ରହ୍ମ ମାଳା ତିଳକହିଁ
ସବୁ ଛାଡ଼ି ତୁମ ଆଶ୍ରାହିଁ ।୩୧
ହେ ବ୍ରହ୍ମ ଭଜନ ସ୍ମରଣ
ନଜାଣେ ତୁମ୍ଭ ଆଶ୍ରା ପୁଣ ।୩୨
ହେ ବ୍ରହ୍ମ ସେବନ ସାଧନା
ଛାଡ଼ି ତୁମ୍ଭ ପାଦେ ଭାବନା ।୩୩
ହେ ବ୍ରହ୍ମ ଅଗ୍ନି ନ ପୂଜଇ
ତୁମ୍ଭ ଆଶ୍ରେ ମୁହିଁ ଥାଇ ।୩୪
ହେ ବ୍ରହ୍ମ ଜଳହିଁ ନ ପୂଜେ
ଭରସା ତୋ ପାଦ ପଙ୍କଜେ ।୩୫
ହେ ବ୍ରହ୍ମ ବ୍ରହ୍ମା ବିଷ୍ଣୁ ଶିବ
ନସେବେ ଆଶ୍ରା ବାସୁଦେବ ।୩୬
ହେ ବ୍ରହ୍ମ ଚନ୍ଦ୍ର ସୂର୍ଯ୍ୟ ଦୁଇ
ନପୂଜେ ତୁମ୍ଭ ଆଶ୍ରେ ଥାଇ ।୩୭
ହେ ବ୍ରହ୍ମ ଆକାଶ ପୃଥିବୀ
ନ ସେବେ ତୁମ୍ଭ ଆଶ୍ରା ଭାବି ।୩୮

ହେ ବ୍ରହ୍ମ ଯୋଗାନ୍ତ ସିଦ୍ଧାନ୍ତ
ନସାଧେ ତୁମ୍ଭ ଆଶ୍ରା ନିତ୍ୟ ।୩୯
ହେ ବ୍ରହ୍ମ ବେଦାନ୍ତ ନଜାଣି
ତୋ ଆଶ୍ରେ ବସେ ନିତ୍ୟ ପୁଣି ।୪୦
ହେ ବ୍ରହ୍ମ ନାଗାନ୍ତ ନ ସାଧେ
ତୋ ଆଶ୍ରେ ହିଁ ହେଲି ତ୍ୟାଗୀ ।୪୧
ହେ ବ୍ରହ୍ମ ନାନା ମନ୍ତ୍ରାଦି
ନ ଜାଣି ଆଶ୍ରେ କୃପାନିଧି ।୪୨
ହେ ବ୍ରହ୍ମ ତୁମ ନାମ ମୁହିଁ
ନଜାଣି ଭରସା କରଇ ।୪୩
ହେ ବ୍ରହ୍ମ ଭକ୍ତି ମୁଁ ନ ଜାଣେ
ଭରସି ଅଛି ଶ୍ରୀ ଚରଣେ ।୪୪
ହେ ବ୍ରହ୍ମ ପାପ ପୁଣ୍ୟ ଦୁଇ
ନଜାଣେ ତୋ ଆଶ୍ରେ ବଞ୍ଚଇ ।୪୫
ହେ ବ୍ରହ୍ମ ସ୍ୱର୍ଗ ନର୍କ ବେନି
ନ ଜାଣେ ତୁମ୍ଭ ଆଶ୍ରା ଘେନି ।୪୬
ହେ ବ୍ରହ୍ମ ସ୍ଥୂଳ ସୂକ୍ଷ୍ମ ଦୁଇ
ନ ଜାଣେ ତୁମ୍ଭ ଆଶ୍ରେ ଥାଇ ।୪୭
ହେ ବ୍ରହ୍ମ ଧର୍ମ ଯେ ଅଧର୍ମ
ନଜାଣେ ତୁମ୍ଭ ଆଶ୍ରା ପୁଣ ।୪୮
ହେ ବ୍ରହ୍ମ ସତ୍ୟ ଯେ ଅସତ୍ୟ
ନଜାଣେ ତୁମ୍ଭ ଆଶ୍ରା ନିତ୍ୟ ।୪୯
ହେ ବ୍ରହ୍ମ ଚିନ୍ତା ଅଚିନ୍ତାହିଁ
ନଜାଣେ ତୁମ୍ଭେ ଯେ ଆଶ୍ରାହିଁ ।୫୦
ହେ ବ୍ରହ୍ମ ମାୟା ଯେ ନିର୍ମାୟା
ନ ଜାଣେ ଦୟା କି ନିର୍ଦ୍ଦୟା ।୫୧
ହେ ବ୍ରହ୍ମ ଦୁଃଖ ସୁଖ ଦୁଇ
ନଜାଣେ ତୁମ୍ଭ ଆଶ୍ରା କହି ।୫୨

ହେ ବ୍ରହ୍ମ ଲୋଭ ଯେ ନିର୍ଲୋଭ
ନଜାଣେ ଆନନ୍ଦ ଚିଦାଭ ।୪୩
ହେ ବ୍ରହ୍ମ କ୍ରୋଧ ଅକ୍ରୋଧ ତୁହିଁ
ନଜାଣେ ତୁମ୍ଭର ଆଶେ ରହି ।୪୪
ହେ ବ୍ରହ୍ମ କାମ୍ୟା ନକାମୀ
ନଜାଣେ ନିର୍ବିକାର ସ୍ୱାମୀ ।୪୫
ହେ ବ୍ରହ୍ମ ଭୟ ଯେ ନିର୍ଭୟ
ନଜାଣେ ଆତ୍ମ ମୃତ୍ୟୁଞ୍ଜୟ ।୪୬
ହେ ବ୍ରହ୍ମ ନିନ୍ଦା ଅନିନ୍ଦାହିଁ
ନଜାଣେ ତୁମ୍ଭ ଆଶେ ଥାଇ ।୪୭
ହେ ବ୍ରହ୍ମ ଜନ୍ମ ମୃତ୍ୟୁ ମୁକ୍ତି
ନଜାଣେ ଆଶେ ଶ୍ରୀ ଚରଣି ।୪୮
ହେ ବ୍ରହ୍ମ କ୍ଷୁଧା ଅକ୍ଷୁଧା ତୁହିଁ
ନଜାଣେ ତୁମ୍ଭ ଆଶେ ଥାଇ ।୪୯
ହେ ବ୍ରହ୍ମ ତୃଷା ଯେ ଅତୃଷା
ନଜାଣେ ତୁମ୍ଭରେ ଭରସା ।୫୦
ହେ ବ୍ରହ୍ମ ଶୀତ ଅଶୀତ ତୁହିଁ
ନଜାଣେ ତୁମ୍ଭ ଆଶେ ଥାଇଁ ।୫୧
ହେ ବ୍ରହ୍ମ ଗମ୍ୟ ଯେ ନଗମି
ନଜାଣେ ତୁହିଁ ଦେବସ୍ୱାମୀ ।୫୨
ହେ ବ୍ରହ୍ମ କାମ ନିସର୍ତ୍ତ ତୁହିଁ
ନଜାଣେ ତୁମ୍ଭ ଆଶେ ଥାଇ ।୫୩
ହେ ବ୍ରହ୍ମ ଦେଖୁ ମୁଁ ନଜାଣି
ନଜାଣେ ଅଦେଖୁ ଶୁଣି ।୫୪
ହେ ବ୍ରହ୍ମ ନାନା ଭୋଗଭକ୍ତି
ନଜାଣେ ତୁମ୍ଭ ଯୋଗ ଭକ୍ତି ।୫୫
ହେ ବ୍ରହ୍ମ ପାଞ୍ଚ ମନ ମୁହିଁ
ନଜାଣେ ତୁମ୍ଭ ଆଶେ ଥାଇ ।୫୬

ହେ ବ୍ରହ୍ମ ପଚିଶ ପ୍ରକୃତି
ନଜାଣେ ତୁମ୍ଭ ଅଷ୍ଟା ଗତି ।୫୭
ହେ ବ୍ରହ୍ମ ଇନ୍ଦ୍ର ଏକାଦଶ
ନଜାଣେ ତୁମ୍ଭ ନାମ ଆଶ ।୫୮
ହେ ବ୍ରହ୍ମ ଚନ୍ଦ୍ର ସିନ୍ଧୁ ଭକ୍ତି
ନଜାଣେ ତୁମ୍ଭର ନାମ ଶକ୍ତି ।୫୯
ହେ ବ୍ରହ୍ମ ନିର୍ଗୁଣହିଁ ଅଛ
ନଜାଣେ ଆତ୍ମ ଶୀଘ୍ରବଳି ।୬୦
ହେ ବ୍ରହ୍ମ ଏସର୍ବକୁ ନାହିଁ
ଛାଡ଼ିକି ତୁମ୍ଭ ଆଶ୍ରେ ରହି ।୬୧
ହେ ବ୍ରହ୍ମ କାହାକୁ ନଜାଣେ
ତୁମ୍ଭେ ଅଛି ଦେବ ସର୍ବ ସ୍ଥାନେ ।୬୨
ହେ ବ୍ରହ୍ମ ତୁମ୍ଭ ଭରସାରେ
ନ ଲାଗେ କାହାକୁ ଡେଙ୍ଗରେ ।୬୩
ହେ ବ୍ରହ୍ମ ସର୍ବ ଆଶା ଛାଡ଼ି
ତୁମ୍ଭ ଚରଣେ ଅଛି ପଡ଼ି ।୬୪
ହେ ବ୍ରହ୍ମ ଯାହା କଲେ କର
ମୁହିଁ ଚାହିଁବୁ ଦୁଆରର ।୬୫
ହେ ବ୍ରହ୍ମ ଚରଣ ମୁଁ ନୋହିବ
କାରଣ ମୁହିଁ ମୋ ଶରୀରର ।୬୬
ହେ ବ୍ରହ୍ମ ଶରଣ ପଶିଲୁ
ଦୟା ନକଲୁ ଶୀଘ୍ରବଳି ।୬୭
ହେ ବ୍ରହ୍ମ ଶରୀର ଦୋଷର
ଅନ୍ୟ ଭରସା ନାହିଁ ମୋର ।୬୮
ହେ ବ୍ରହ୍ମ ଚରଣ ଭଜନି
ନିନ୍ଦ୍ୟ ନଷ୍ଟ ଅପଣ ।୬୯
ହେ ବ୍ରହ୍ମ କ୍ଷମା ପିତୃ ହୋଇ
ମୋ ଦୋଷ ନ ଦେଖିବୁ ତୁହି ।୭୦

ହେ ବନ୍ଧୁ ପତିତପାବନ
ନ ଚାହିଁଲେ ମାର ବନ୍ଧନ ।୧୧
ହେ ବନ୍ଧୁ ଧନ ଗଲ ବସ୍ତି
ତୁମ୍ଭ ମନରେ କି ଅଛଇ ।୧୨
ହେ ବନ୍ଧୁ ଭକ୍ତି ନିଜ ନାମ
ନଦେଲେ କେହ୍ନେ ସ୍ଥିର ପୁଣି ।୧୩
ହେ ବନ୍ଧୁ ସଂସାରେ କର୍ମ୍ମଇ
ଥିବ ହେ ନାଶ କର ତୁମ୍ଭେ ।୧୪
ହେ ବନ୍ଧୁ ଦୟା ତୁ ଛାଡ଼ିଲୁ
କିଂପାଁ ମୋରେ ଦୁଃଖ ଦେଲୁ ।୧୫
ହେ ବନ୍ଧୁ ଆଜ୍ଞା ନଭ୍ରମଇ
ଏ ସ୍ଥାନେ ବସିଥିବ ମୁହିଁ ।୧୬
ହେ ବନ୍ଧୁ ଯାହା ଇଚ୍ଛା କର
ଭକତି ଛାଡ଼ିଲି କିଙ୍କର ।୧୭
ହେ ବନ୍ଧୁ ଦୟା ଥିଲେ ତୋର
ଯାଚି କରି ଦେବୁ କିଙ୍କର ।୧୮
ହେ ବନ୍ଧୁ କେତେବେ ମୁଁ ମାଗଇ
ମାଗିଲେ ନଦେଲୁ ସେ ଭୁକ୍ତି ।୧୯
ହେ ବନ୍ଧୁ ଭକ୍ତି ଯୋଗେ ଆଶ
ଉପଜଇ ଅଭିଷିତ ଦାସ ।୨୦
ଅଚ୍ୟୁତ ସୁଜନ ପାଦେ କହି
ତୁଚ୍ଛ କିପାଁ ସେ ନ ଦେଇ ।୨୧

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା କଥନେ
ନାମ ଅଷ୍ଟଚତ୍ୱାରିଂଶୋଽଧ୍ୟାୟଃ ।

# ଊନପଞ୍ଚାଶତ୍ ଅଧ୍ୟାୟ

ଅଚ୍ୟୁତ ଚୈତନ୍ୟ ଶୁଣ ଭୁକ୍ତି
ଭକତି ଆଶା ଛାଡ଼ି ମୁହିଁ ।୧
ହେ ବନ୍ଧୁ ତୋ ଚରଣେ ମୁଁ ଥିଲେ
ଅବଶ୍ୟ କାହିଁ ଦେବୁ ଭଲେ ।୨
ହେ ବନ୍ଧୁ ଏଣୁ ପରବତେ
ତୋ ପାଦେ ଆଶା କର ନିତ୍ୟେ ।୩
ହେ ବନ୍ଧୁ ଏଣୁ ଯବେ ତୁ
କାହିଁ ନ ଦେବୁ ଆନ ବୁଦ୍ଧି ।୪
ହେ ବନ୍ଧୁ ଆଜ୍ଞାନ ଭ୍ରମଇ
ଭ୍ରମି ଭ୍ରମି ପୂଜିଲି ମୁହିଁ ।୫
ହେ ବନ୍ଧୁ ଏତେ ପାପ ମୋରେ
ଲଗିଣ ଥିଲୁ ହୃଦୟରେ ।୬
ହେ ବନ୍ଧୁ ମୁହିଁ ନଜାଣଇ
ତୋର ମାୟାରେ ଭ୍ରମୁ ଥାଇ ।୭
ହେ ବନ୍ଧୁ ମୁହିଁ ଜାଣିଥିଲେ
କର୍ମ୍ମ ଭ୍ରମନ୍ତି ଏଥି ଭଲେ ।୮
ହେ ବନ୍ଧୁ ସ୍ଥାନ ଦେଖି ମୁହିଁ
କଷ୍ଟେଣ ବସିଥାନ୍ତି କହି ।୯
ହେ ବନ୍ଧୁ ଏତେ ଦୁଃଖ ଦେଲୁ
କିମ୍ପାଇଁ ମୋତେ ଭ୍ରମାଇଲୁ ।୧୦

ହେ ବ୍ରହ୍ମ ଦୋଷ ମୋର କ୍ଷମ
କ୍ଷମା ଲଭିବ ଏହି ଦେହ ।୧୧

ହେ ବ୍ରହ୍ମ କ୍ରୋଧ ଅର୍ଜି ମୁହିଁ
କର୍ମା ଘଟାଇଲେ ଥିବ ରହି ।୧୨
ହେ ବ୍ରହ୍ମ ମାୟା ତୁ ନକର
ମିଛାଇ କହ ମୋ ଆଗର ।୧୩
ହେ ବ୍ରହ୍ମ କେବେ ମୁଁ ଜାଣିବ
ଏ ନର ଦେହକୁ ଛାଡ଼ିବ ।୧୪

ହେ ବ୍ରହ୍ମ ଏ ଦେହକୁ ଛାଡ଼ି
ତୋ ଅଙ୍ଗେ ହୋଇଥିବ ଜଡ଼ି ।୧୫
ହେ ବ୍ରହ୍ମ ଏ ଦେହରେ ମୁହିଁ
କ୍ରୋଧ କର୍ମେ ଯେ ଅର୍ଜିଲିଁ ।୧୬
ହେ ବ୍ରହ୍ମ ହୋଇଲେ କି ପୁଣ
ଇଚ୍ଛା ଦକ୍ଷିଣ ଆପଣ ।୧୭

ହେ ବ୍ରହ୍ମ ଏହି ଦେହ ତୁମ୍ଭ
ନାଶ ତୁ କର କେବେ କହ ।୧୮
ହେ ବ୍ରହ୍ମ ମୀନ ରୂପ ପୁଣ
ଏଦେହ ନାଶ ହେ ବହନ ।୧୯
ହେ ବ୍ରହ୍ମ କୂର୍ମ ରୂପ ତୁମ୍ଭ
ଏଦେହ ଛାଡ଼ି ମୁଁ ଜଗଇ ।୨୦
ହେ ବ୍ରହ୍ମ ବରାହ ରୂପରେ
ନାଶ ଦେହକୁ ମୋର ଖରେ ।୨୧

ହେ ବ୍ରହ୍ମ ରୂପ ନରସିଂହ
ଏ ଦେହ ଛାଡ଼ି ଶୂନ୍ୟେ ରହ ।୨୨
ହେ ବ୍ରହ୍ମ ବାମନ ରୂପରେ
ଛାଡ ପୃଥିବୀ ମାର ଦରେ ।୨୩
ହେ ବ୍ରହ୍ମ ରୂପ ପର୍ଶୁଧର
ଅମୋଘ ଖଡ୍ଗେ ନାଶ କର ।୨୪

ହେ ବ୍ରହ୍ମ ରାମ ରୂପ ଜାଣି
ଅମୋଘ ଶରେ ନାଶ ପୁଣ ।୨୫

ହେ ବ୍ରହ୍ମ କୃଷ୍ଣ ରୂପ ଧରି
ଅମୋଘ ଚକ୍ରେ ନାଶ କରି ।୨୬
ହେ ବ୍ରହ୍ମ ବୌଦ୍ଧ ରୂପ ଶୁଣ
ହୋଇ ନଥିବ ନାଶ ପୁଣ ।୨୭
ହେ ବ୍ରହ୍ମ କଳ୍କି ରୂପ ଆଏ
ରହିଲେ କିପା ଦେଶ କହ ।୨୮

ହେ ବ୍ରହ୍ମ ଛଅ ଅବତାରେ
ଭୋଗ କଲି ମୁଁ ଏ ଶରୀରେ ।୨୯
ହେ ବ୍ରହ୍ମ ରାମ ରୂପ ଏବେ
ନାଶ ନକର ତୁମ୍ଭେ କେବେ ।୩୦
ହେ ବ୍ରହ୍ମ ରାମ ରୂପ ଜାଣି
ରଖିଲେ ଭକ୍ତି ଦାଅ ସ୍ତୁତି ।୩୧

ହେ ବ୍ରହ୍ମ ଯୁଗେ ଯୁଗେ ଥିବ
ତୁମ୍ଭ ଭକତ ଯେ ସାଧିବ ।୩୨
ହେ ବ୍ରହ୍ମ ଅସଂଖ୍ୟ ଅମରେ
ଶରୀର ରଖି ଲୀଳା କରେ ।୩୩

ହେ ବ୍ରହ୍ମ ନବଖଣ୍ଡ ପୃଥ୍ୱୀ
ପ୍ରଳୟ ହେଲେ ନାହିଁ ଭିତ୍ତି ।୩୪
ହେ ବ୍ରହ୍ମ ଦଶ୍ୟାଅନ୍ତି ଯେତେକ
ଜଣାଇ ଭକ୍ତି ଦାଅ ଏବେ ।୩୫
ହେ ବ୍ରହ୍ମ ନ ହେଲେ ଯେ କଷ୍ଟ
ଏ ରାମ ରୂପ ନାଶ ତୁମ୍ଭ ।୩୬
ହେ ବ୍ରହ୍ମ ଏତେକ ମାଗୁଛି
ଦୋଷ କ୍ଷମା କର କହୁଛି ।୩୭
ହେ ବ୍ରହ୍ମ ବାରମ୍ବାର ମୁହିଁ
ଭକତ ମାଗିଲି ଯେ ତୁହି ।୩୮

ହେ ବନ୍ଧୁ ନ ହେଲୁ ତୁ ଜାଣି
ଏବେ ମୋ ଦୋଷ ନାହିଁ ଶୁଣ ।୩୯
ହେ ବନ୍ଧୁ ତୁମ୍ଭ ପାଦେ ଆଶା
କର ଅନୁଗ୍ରହେ ଭରସା ।୪୦
ହେ ବନ୍ଧୁ ତୁମ୍ଭ ଦୟା ଯେଣୁ
ଗୀତା କହେନ କଲ କେଣୁ ।୪୧
ହେ ବନ୍ଧୁ ଭକ୍ତି ମୁଁ ମାଗନ୍ତେ
ମାୟା ଦିନା କରୁଣ ମୋତେ ।୪୨
ନୋହିଲେ ଦୟା ଅଛି ତୋର
ଏହା ମୁଁ ଜାଣିଛି ହୃଦର ।୪୩
ତୁମ୍ଭର ଦୟା ଯେଣୁ ମୋତେ
ଏ ଗୀତା ପଶିଲ ହୃଦରେ ।୪୪
ନୋହିଲେ ମୁଁ କସ ପାଇନ୍ତି
ଗତେ ତ କହି ନ ପାରନ୍ତି ।୪୫
ତୁମ୍ଭ ଦୟାରୁ ପ୍ରକାଶ
ଦୋଷ ନ ଧର ପୀତବାସ ।୪୬
ହେ ବନ୍ଧୁ ଦେବ ନାରାୟଣ
ଅର୍ପିତ ଦାସ ତୁ ଶରଣ ।୪୭
ଆହେ ସୁଜନମାନେ କହି
ମୋ ଦୋଷ ନ ଦେଖିବ କେହି ।୪୮
ଏ ଗୀତା ଯେ ଜନ ପଢ଼ିବ
ପ୍ରଭୁଙ୍କ ଦୟା ତାଙ୍କୁ ହେବ ।୪୯
ଧନାଦ୍ୟ ପୁତ୍ର ବାଞ୍ଛା ଯେତେ
ମାଗିଲେ ପାଇବ ସେ ତେତେ ।୫୦
ଯେ ଜନ ଭକତ ଭଜିବ
ପ୍ରଭୁ ଯା ଠାରେ କୃପାହେବ ।୫୧
ତେବେ ସେ ଏ ଗୀତାର ଅର୍ଥ
ଜାଣିବ ଦିନା ସେହୁ ତଥ୍ୟ ।୫୨

ନୋହିଲେ ସେ ଜାଣିବ କାହିଁ
ପ୍ରଭୁ କୃପା ଯା ଉପର ନାହିଁ ।୫୩
ଏ ଗୀତାରେ ଯେ ଭକ୍ତି ଅଛି
ଏଥିରେ ଆଉ ନାହିଁ କିଛି ।୫୪
ଯେ ଜନ ଭକତ ଭଜିବ
ଗତି ଅନୁଭବେ ବାଣ୍ଟିବ ।୫୫
ଯେତେକ ସେ ସାଧିବ କାଳର
ସୁଖ ଦୁଃଖେ ସେ ଅନନ୍ତ ।୫୬
ପ୍ରଭୁ କୃପା ତା ଠାରେ ହେବ
ତା ସଙ୍ଗ ଖଣ୍ଡେ ନଛାଡ଼ିବ ।୫୭
ଏମନ୍ତେ ସେ ଯୋଗ ମନ୍ତ୍ରମା
କସ କହିବ ତାର ସୀମା ।୫୮
ମୋତେ ପ୍ରଭୁଙ୍କ ଦୟା ହେଲା
ଏ ଗୀତା ହୃଦରେ ସ୍ଫୁରିଲା ।୫୯
ମୋହର ଅନୁଭବ ଯେତେ
ଗୀତାରୁ ଶୁଣ ହେ ସମସ୍ତେ ।୬୦
ପ୍ରଭୁ ଦୟାରୁ ଗୀତା କଲି
ଏଥିର ଭେଦ ନ ପାଇଲି ।୬୧
ମହା ଗୁପତ ଗୀତା ଏହି
ଏଥିରେ ଥିଲ କୂଳ ନାହିଁ ।୬୨
କଣ ମୁଁ ଥିଲ ନ ପାଇଲି
ଭୁମି ଭ୍ରମିଣ ମୁଁ ଫେରିଲି ।୬୩
ପ୍ରଭୁ ନିର୍ଦ୍ଦେଶ ମୋର ଠାରେ
ଭକ୍ତି ନ ହେଲ ମାୟା କରେ ।୬୪
ମୋତେ ସେ ତାରନ୍ତୁ ମାରନ୍ତୁ
ଯା ଇଚ୍ଛା ତାହା ସେ କରନ୍ତୁ ।୬୫
ଭକତ ଯୋଗ ବିନୁ ଆନ
ମନେ ନ ସାଧେ କେବେଁ ଜ୍ଞାନ ।୬୬

ହେ ପ୍ରଭୁ ଏ ଗୀତାରେ ମୁହିଁ
ମିଛ ସତ ବା କହିଅଛଇଁ ।୧୭
ଏଥିରେ ଯେତେ ଦୋଷ ମୋର
କ୍ଷମା କର ହେ ଚକ୍ରଧର ।୧୮
ମୁହିଁ ତ ସଦା ଅପରାଧୀ
ତୁମ୍ଭେ ତ ଅଟ କ୍ଷମାନିଧି ।୧୯
ହେ ପ୍ରଭୁ ତୁମ ଭରସାରେ
ପାପ ପୁଣ୍ୟକୁ ମୁଁ ନ ଡରେ ।୨୦
ହେ ପ୍ରଭୁ ପତିତପାବନ
ଏଣିକି ପାପ ତୁ ଖଣ୍ଡଣ ।୨୧
ତୁମ୍ଭେ ବା ମୋତେ ଦୂର କରି
ମୁଁ ତ ନ ଛାଡେ଼ ମନେ ଧରି ।୨୨
ତାହା ବା ନ ତାର ମୋ ଆଶା
ତୋ ବିନୁ ନାହିଁ ମୋ ଭରସା ।୨୩
ଆହେ ସୁଜନମାନେ ଜାଣ
ମହାମଣ୍ଡଳ ଜାତ ମୁହିଁ ।୨୪
ପ୍ରଭୁଙ୍କୁ ସେବ ନ ଛାଡ଼ିଲି
ଏ ମହାମଣ୍ଡଳକୁ ଭଣିଲି ।୨୫
ତେଣୁ ମହାମଣ୍ଡଳ ଗୀତା
କହିଲି ମୋର ଯେତେ ଶକ୍ତା ।୨୬

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା କଥନେ
ନାମ ଚତୁର୍ଦ୍ଦଶୋଽଧ୍ୟାୟଃ ।

# ପଞ୍ଚଦଶ ଅଧ୍ୟାୟ

ମନ ଚୈତନ୍ୟ ପାଦେ ପଡ଼ି
ଜୟ ଶବଦେ କରଯୋଡ଼ି ।୧
ଉଦ୍ୟେ କର୍ମଇ ଅପାର
ବୋଲଇ ମୁହିଁ ଦୁରାଚାର ।୨
ମୁଁ ପାପୀ ଅଟଇ ପାମର
ଜୟ ତ୍ରିଭୁବନ ଈଶ୍ୱର ।୩
କର୍ମ ପୃଥ୍ୱୀରେ ଜାତ କଲୁ
ମନୁଷ୍ୟ ଜନ୍ମ ମୋତେ ଦେଲୁ ।୪
ଏଣୁରେ ଜାତ ଯେ କରନ୍ତି
ତୋହର ମାୟାରେ କି ମାରନ୍ତି ।୫
ଅଷ୍ଟମ ଦେହ ଯେ ଦେଇଛ
କର୍ମ ମାୟାରେ ମାରୁଅଛ ।୬
ତୋର ମାୟାକୁ ସତ୍ୟ କଲି
ମୁଁ ନାନା କର୍ମେ ଭ୍ରମି ହେଲି ।୭
ତୁ ପ୍ରଭୁ ମୋତେ ମାୟା କଲୁ
ମାୟା ପଥରେ ଭ୍ରମାଇଲୁ ।୮
ଏବେ ସୁଦୟା ମୋରେ ହେଉ
ତୋ ମାୟା କେବେ ଦୂର ଯାଉ ।୯
ଏ ବିନୁ ଅନ୍ୟ ନ ଜାଣଇ
ଜୟ ତୁ ଜୟ ଯଦୁସାଇଁ ।୧୦

ଜୟ ତୁ ଜୟ ସର୍ବବ୍ୟାପ୍ତ
ଚରାଚରର ସ୍ୱାମୀ ତୁହି ।୧୧
ଜୟ ତୁ ଜୟ ଯୋଗେଶ୍ୱର
ମୁଁ ତୁମ୍ଭ ଚରଣେ କିଙ୍କର ।୧୨
ଜୟ ତୁ ଜୟ ନିରଞ୍ଜନ
ଜୟ ତୁ ଜୟ ଭଗବାନ ।୧୩
ଜୟ ତୁ ଜୟ ଅନ୍ତର୍ଯ୍ୟାମୀ
ତୁ ଜନମଣି ଦେବସ୍ୱାମୀ ।୧୪
ଜୟ ତୁ ଜୟ ପରଂବ୍ରହ୍ମ
ସକଳ ଘଟେ ତୁ ବିଶ୍ରାମ ।୧୫
ଜୟ ତୁ ଜୟ ଦେବ ଜୀବନ
ଜୟ ତୁ ଜୟ ଦେବ ଚେତନ ।୧୬
ଜୟ ତୁ ଜୟ ସର୍ବଗ୍ରାହ୍ୟ
ତପନ କୋଟି ତେଜ ତୁହି ।୧୭
ଜୟ ତୁ ଜୟ ଚିନ୍ତାମଣି
ତୋ ନାମ ନେଲେ ପାତକ ଘୁଣି ।୧୮
ଜୟ ତୁ ଜୟ ସର୍ବବ୍ୟାପ୍ତ
ତୋ ନାମ ତାର ନ ସରଇ ।୧୯
ଅନେକ ନାମ ତୁ ବୋଲାଇଲୁ
ତୋ ନିଜ ନାମ ଗୁପ୍ତ କଲୁ ।୨୦
ନିଜ ନାମ ଗୋପନେ ଥୋଇ
ଭକତ ନାମ ଖ୍ୟାତ ହୋଇ ।୨୧
ଭକତେ ଦିଲା ତୋ ଅନନ୍ତ
ଯେତେକ ନାମଟି ଦେଇଛନ୍ତି ।୨୨
ସେ ନାମ ଜପୁଅଛି ମୁହିଁ
ଯେତେକ ନାମଟି କହି ଦେଇ ।୨୩
ସକୃତ କହି ନ ପାରିବ
କହି କହି ବା ମୁଁ କହିବି ।୨୪

ଅନେକ ନାମ ବହୁ ତୁହି
ଶୁଣ କହନ୍ତି କହି ମୁହିଁ ।୨୫
ତୁ ବ୍ରହ୍ମା ବିଷ୍ଣୁ ମହେଶ୍ୱର
ସକଳ ଘଟେ ତୋ ବିହାର ।୨୬
ତୁହି ମତ୍ସ୍ୟ ଯେ କୂର୍ମ
ବରାହ ନୃସିଂହ ତୋ ନାମ ।୨୭
ତୁହି ବାମନ ପରଶୁରାମ
ରାମ ତୁ ବଳରାମ ପୁଣ ।୨୮
ବୌଦ୍ଧ କଳ୍କି ନାମ ତୋର
ତୁହିତ ଦଶ ଅବତାର ।୨୯
ଜଗତ କରତା ସେ ତୁହି
ବ୍ରହ୍ମାଣ୍ଡ ଭରିଅଛି ଦେହି ।୩୦
ତୁ ମହୀପତି ସୁଲୋଚନ
କୁଣ୍ଡଳ ମଣ୍ଡିତ ବଦନ ।୩୧
ବ୍ରହ୍ମାଣ୍ଡ ନାସିକ ଶିଖର
ଆକାଶ ପଣ୍ଡ ଧରାଧର ।୩୨
ତ୍ରୈଲୋକ୍ୟ ସ୍ୱାମୀ ସେମେଶ୍ୱର
ଶଙ୍ଖ ସାରଙ୍ଗ ଚକ୍ରଧର ।୩୩
ଶ୍ୟାମ ସୁନ୍ଦର ବଂଶୀଧର
ତୁ ସନାତନ ପଦ୍ମାକର ।୩୪
ତୁ ସତ୍ୟ ବସ୍ତୁ ସତ୍ୟପଣ
ମଙ୍ଗଳ ପରମ ଈଶାନ ।୩୫
ହେ ପ୍ରଭୁ ତୁ ପୁରୁଷୋତ୍ତମ
ଭୁଜ କୌତମ ତୁ ତ୍ରିପୁର ଦାନ ।୩୬
ବେଦ ଶ୍ରବଣ ମଧୁସୂଦନ
ତୁ ପ୍ରଜାପତି ପରଂବ୍ରହ୍ମ ।୩୭
ନାମ ତୋ ଲକ୍ଷ ନିବାରଣ
ଅଚ୍ୟୁତ ତୁ ପ୍ରୀତି ବର୍ଦ୍ଧନ ।୩୮

ଗୋପଧ କମଳ ନୟନ
ପୁରଜନ ଉଧାରୀ ପୁଣ ।୩୯
ତୁ ମହାଭୁଜା ନାମ ବହୁ
ଜାନକୀ ନାୟକ ନାମ ଶ୍ରୀ ।୪୦
ରାଧା କଳ୍ପଉ ପଦ୍ମମଣୀ
କଣ୍ଠା ନାମ ଖାଣ୍ଟି ଅଛି ଶୁଣି ।୪୧
ବୃନ୍ଦାବନ ବଲ୍ଲଭ ନାମ
ସରସ୍ୱତୀ ବଲ୍ଲଭ ପୁଣ ।୪୨
କାତର ମାଧୋଇ ଉଦ୍ଧନ
କର୍ମିଷ୍ଠ ମାଣ୍ଡୁଧର ପୁଣ ।୪୩
ନନ୍ଦ କୋଦଣ୍ଡ ସୁରଙ୍ଗୀ
ସୁଘଟ ନାଗର ସେ ପୁରି ।୪୪
ବଳା ନୟନ ସେ ଶ୍ରୀଧର
ଅମାନ୍ୟମାନ୍ୟ କେନ୍ଦ୍ରୀଷ୍ଟ ।୪୫
ତୁ ତପୀ କୌଶଲ୍ୟା ନନ୍ଦନ
ତୁ ବିଷ୍ଣୁ ସକଳ ଜୀବନ ।୪୬
ନନ୍ଦୀ ଉପମ ଭୂଷାଭୂଷଣ
କୌସ୍ତୁଭ ମଣିଧାରୀ ନାମ ।୪୭

ଲବଣୀ ଚୋର ସେ ବକାରି
ଅର୍ଦ୍ଧାର ନାମ ତୋ ଶୌରି ।୪୮
ତୁ ଜଗନ୍ମଣି ଗଦାଧର
ଷଡ଼ଶାଖା ବାଳ ନାମ ତୋର ।୪୯
ଦୁଷ୍ଟ ଭଞ୍ଜନ ତୋ ନାମ
ସୁଦାମା ଦାରିଦ୍ର୍ୟ ଭଞ୍ଜନ ।୫୦
ଗୋକୁଳ କୃଷ୍ଣ ଅନ୍ତକାରି
ଗୋପାଳ କୃଷ୍ଣ ନାମ ଧରି ।୫୧
ପାର୍ଥ ସହିଆ ନାଗର
ଦେବେନ୍ଦ୍ୟନାଥ ନାମ ତୋର ।୫୨
ଲକ୍ଷ୍ମଣ ଲକ୍ଷ୍ମୀ ଭୂଷାରଣ
ତୋ ନାମ ଧନ ଶ୍ରୀବତ୍ସନ ।୫୩
ଲକ୍ଷୀ ନାୟକ ନାରାୟଣ
ଅଗ୍ନୀ ପକ୍ଷୁରି ବଣ ପୁଣ ।୫୪
ଏମନ୍ତେ ତୋ ନାମ ପ୍ରକାଶ
ନମୁହୁ ଅରକ୍ଷିତ ଧାମ ।୫୫
ଅଚ୍ୟୁତ ସୁଜନ ମାନେ ଶୁଣ
ଭକ୍ତ ଦେବା ନାମ ବଖାଣ ।୫୬

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମଗ୍ନମଣ୍ଡଳ ଗୀତା
କଥନେ ନାମ ପଞ୍ଚାଶତ୍ତମୋଧ୍ୟାୟଃ ।

---

# ଏକପଞ୍ଚାଶତ ଅଧ୍ୟାୟ

ଅଚ୍ୟୁତ ଚୈତନ୍ୟ ଶୁଣ ତୁ ହି
ଆଜ୍ଞା ଦେଲେ ନାମ ତୁ ବହି ।୧
ସେ ନାମ ବସ୍ତୁ ଅଛି ଶୁଣ

ଭକ୍ତି ଦେବା ନାମ ବଖାଣ ।୨
ମହାଭକ୍ତ ଜାଗନ ତୁ ହି
ନଳାକ୍ଷ୍ମୀଙ୍କ ତୁ ଚନ୍ଦ୍ର ଦୋଷ ।୩

ନାମ ଅନନ୍ତ ଚକ୍ରଧାରୀ
ଜଗତମୋହନ ନାମଧାରୀ ।୪
ମହାବୀର୍ଯ୍ୟ ସୁରାନନ୍ଦ ହିଁ
ଧର୍ମ ଶ୍ରୁତି ସ୍ମୃତି ବନ୍ଧୁ ହୋଇ ।୫
ବୁଦ୍ଧି ବର୍ଦ୍ଧନ ଭ୍ରାନ୍ତିହ୍ନଣ
ଶରଣ୍ୟ ବତ୍ସ ସଦାଭିଣ ।୬
ବହୁ ଶିରଭୂତ ଭୁବନ
ପରମ ଗତି ତୁମ୍ଭ ନାମ ।୭
ସୁବନ ଧରଣୀ ଯେ ଧର
ପ୍ରଧାନ ସୁନ୍ଦର ଈଶ୍ୱର ।୮
ସ୍ୱୟମ୍ଭୁ ଲୋହିତାକ୍ଷ ଧୀର
ଅପ୍ରମେୟ ଯେ ସର୍ବେଶ୍ୱର ।୯
ହିରଣ୍ୟ ଗର୍ଭ ବିଶ୍ୱ ଯୋନି
ଅମୃତ ବପୁରେଖ ମୂର୍ତ୍ତି ।୧୦
ଅମୋଘ ଯେ ସର୍ବ ଦର୍ଶନ
ଶରଣ୍ୟ ନାଥ ଅକିଞ୍ଚନ ।୧୧
ନରସିଂହ ବପୁ ତୋ ନାମ
ତୁ ସଦା ଯୋଗୀ ଗୋପ୍ତା ପୁଣ ।୧୨
ସୁଧାତା ମହା ବୁଦ୍ଧି ତୁଷ୍ଟ
ଗୋବିନ୍ଦ ଏତି ନାମ ତଷ୍ଟ ।୧୩
ଅଦୃଶ୍ୟ ତୁ ଖଣ୍ଡି ତୁ ନର
ତୁ କୃଷ୍ଣ ଶୀଳ ଯଶୋଦର ।୧୪
କ୍ଷୋଭଦା ତୁ ତୁଷ୍ଟି ସାଗର
ତୁ ପ୍ରକାଶନ ସର୍ବେଶ୍ୱର ।୧୫
ଉତ୍ତମ ସତ୍ୟ ଧର୍ମ ପ୍ରାଣ
କଟରଣ ଉଦ୍ଧ ନବେକ୍ଷଣ ।୧୬
ମୃତ୍ୟୁଞ୍ଜୟ କାଳ କାରଣ
ହଂସ ବାୟୁ ସର୍ବ ଲକ୍ଷଣ ୧୭

ତୁ ପଦ୍ମଗର୍ଭ ମହୀଧର
ସାରୁ ବାହୁ ଯେ ନାମ ତୋର ।୧୮
ଗୃହପତ ଧର୍ମ ବହୁତ୍ତମ
ତୁ ପରମେଷ୍ଠି ମହାଧନ ।୧୯
ତୁ ଜ୍ଞାନ ଗମ୍ୟ ପୁରାତନ
ଅମୂଲ୍ୟ ନିଧି ଯେ ଦାରୁଣ ।୨୦
ତୁ ସତ୍ୟ ଧର୍ମ ସତ୍ୟ ସନ୍ଧ
ମେଧଣ ଶତ ଯେ କଟିନ୍ଦ୍ର ।୨୧
ମନ୍ଦର ମହା ଶୃଙ୍ଗ ଭୁଜ
କପିଲାଚାର୍ଯ୍ୟ ଗୋପ୍ତା ହୋଇ ।୨୨
ତୁ ମହା ବରାହ ଶରୀର
ଶ୍ୟାମାଙ୍ଗ ଶୃଙ୍ଗ ଗଦାଧର ।୨୩
ଅଗ୍ନିବର୍ଣ୍ଣୀଙ୍କ କାନ୍ତି ଭୁଜ
କମଳାକ୍ଷ ବଳଭ ହୋଇ ।୨୪
ଦ୍ୱାଦଶ ରକ୍ଷକ ଯେ ଭୁଜ
ଜାମ୍ବୁ ପ୍ରାକର୍ଷ ନାମ ବନ୍ଧୁ ।୨୫
ତୁ ରକ୍ତ ପ୍ରାଣ ଭକ୍ତ ଧନ
ତୁ ଭଞ୍ଜନର୍ ଦାତା ପୁଣ ।୨୬
ଦୃଷ୍ଟି ଲୋକଙ୍କ ବନ୍ଧୁ ଭୁଜ
ଭକ୍ତ ରକ୍ଷଣ ନାମ ବନ୍ଧୁ ।୨୭
ଇନ୍ଦ୍ର କର୍ମୀ ବାସୁ ବାହନ
ସର୍ବଶ ମୂଳ ଭୁଜ ପୁଣ ।୨୮
ଅପରାଜିତ ସୁଭଲ ହିଁ
ଅନନ୍ତ ରୂପ ଲକ୍ଷ୍ମୀ ହୋଇ ।୨୯
ସର୍ବଂସହ ପାପ ନାଶନ
ତୁ ସତ୍ୟ ଧର୍ମ ପରାୟଣ ।୩୦
ତୁ ସତ୍ୟ ଅକ୍ଷର ଅଶର
ଆଦିତ୍ୟ ନାମ ଧନେଶ୍ୱର ।୩୧

ଅରୁଣା ନନ୍ଦ ଶ୍ୟାମଘନ
ରୁକ୍ମିଣୀ ଭର୍ତ୍ତା ନନ୍ଦନ ।୩୨
ବୈକୁଣ୍ଠ ନାୟକ ତୋ ନାମ
ରଘୁକୁଳ ତିଳକ ପୁଣ ।୩୩
ନୀଳାଚଳ ବୃନ୍ଦାବନ ସ୍ୱାମୀ
ଜଗ ମୋହନ ନାମ ଭଣି ।୩୪
ଯଜ୍ଞପତି ଋଷିଙ୍କ ଗତି
ଆତ୍ମ ଦେଖାଇ ଯେ ନାମ ପୁଣି ।୩୫
ଅନନ୍ତ ଶ୍ରୀ ଭ୍ରମର ନାମ
ଭୂତେ ଯେ ଜନ୍ମ ମୃତ୍ୟୁ ପୁଣ ।୩୬
ଅଯୋଧ୍ୟା ନାୟକ କୃତଘ୍ନ
ଦ୍ୱାରକା ନାୟକ ନାରାୟଣ ।୩୭
ବର ପଞ୍ଜର ଉଦ୍ଧାରଣ
ଜାନକୀ ବଲ୍ଲଭ ବ୍ୟାଖ୍ୟାନ ।୩୮
ଯଦାଦ୍ରି ନାୟକ ତୋ ନାମ
ଅଚଳ ସତ୍ୟ ନାରାୟଣ ।୩୯
ତୁ ପୁଷ୍ପ ବାଗ ଯେ ବଦନ
ଗଣପତି ଯେ ଶରଣ ।୪୦
ତୁ ନିତ୍ୟା ଶାନ୍ତି ପରାୟଣ
ସୁଦର୍ଶନ ନାମ ସଙ୍କର୍ଷଣ ।୪୧
ଚଣ୍ଡ ପରଶୁ ବଳଶୋଧନ
ତୁ ଧନ୍ୱା ଶୋକ ବିନାଶନ ।୪୨
ହଳାୟୁଧ ଶ୍ରୀ ମହାମ୍ବର
ତୁ ଶ୍ରୀ ନିବାସ ଯେ ଶ୍ରୀଧର ।୪୩
କେଶୀହା ସତ୍ୟ ପରାୟଣ
ତୁ ଅନିର୍ଦ୍ଦେଶ୍ୟ ବସୁ ପୁଣ ।୪୪
ତୁ ଭକ୍ତିରଥ କୃପାଗମ୍ୟ
ତୁ ମହାଦେବ ମହାକର୍ମୀ ।୪୫
ତୁ ମହାକର୍ମା ବିଶ୍ୱମୂର୍ତ୍ତି
ତୁ ବସୁରେତା ପ୍ରଜାପତି ।୪୬
ତୁ ଲୋକ ବନ୍ଧୁ ପ୍ରଜାଗର
ଧନୁର୍ବେଦ ସର୍ବଶ୍ରୀ କର ।୪୭
ଏ ସର୍ବ ନାମ ତୁ ଯେ ବନ୍ଧୁ
ଭକତେ ଦେଇଛନ୍ତି ବନ୍ଧୁ ।୪୮
ତୋ ନିଜ ନାମଟି ଅପୂର୍ବ
କହୁଛି ଅଭିଷିତ ଦାସ ।୪୯
ଆହେ ସୁଜନମାନେ ଜାଣ
ନିଜ ନାମ ଶୋଧନେ ରଖ ।୫୦।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା
କଥନେ ନାମ ଏକପଞ୍ଚାଶତୋଽଧ୍ୟାୟଃ ।

---

# ଦ୍ୱି ପଞ୍ଚାଶତ୍ ଅଧ୍ୟାୟ

ଆହେ ଚୈତନ୍ୟ ମୁଁ କହୁଛି
ଆଉ ଯେତେ ନାମ ତୋ ଅଛି ।୧।
ସେ ନାମ କହୁଅଛୁ ଶୁଣ
ଭକତେ ଦେଇଛନ୍ତି ପୁଣ ।୨
ଅନେକ ମୂର୍ତ୍ତି ଭଣୋତବ
ଦେବମାନଙ୍କ ଭୟ ଯେ ନାଶନ ।୩

ମାଦବେ ସତ୍ୟ ମେଧା ତୁହି
ଦୁର୍ଗମ ଦୁର୍ଗନାଶ ହୋଇ ।୪
କୋଟି ବ୍ରହ୍ମାଣ୍ଡ ନାଥ ତୁହି
ତୋ ନାମ ଜାଣିଆ କହ୍ନାଇ ।୫

ଯେ ତିନ୍ଦୁ ଭୂତେଶ ନତା ନାମ
ଦଶଶିର ବଇରୀ ପୁଣ ।୬
କଲ୍ୟାଣ ରକ୍ଷଣ ତୁହି
ସମଦର୍ଶୀ ସୁକୃତି ହୋଇ ।୭
ଲକ୍ଷ୍ମଣ ସଖା ତୁମ୍ଭେ ହେଲ
ବଶିଷ୍ଠ ଶିଷ୍ୟ ହୋଇଥିଲ ।୮

ଅହଲ୍ୟା ନିସ୍ତାରଣ ହୋଇ
ବିଶ୍ୱାମିତ୍ରଙ୍କ ଶିଷ୍ୟ ତୁହି ।୯
ପ୍ରଲମ୍ବା-ବଧକାରୀ ନାମ
ସୁବନା ଶୋଭା ତୁମ୍ଭେ ପୁଣ ।୧୦
ଅନନ୍ତ ରୂପ ତୁହି ଧରି
ଖର ଦୂଷଣ ବଧକରି ।୧୧

କୁବୁଜା ନିସ୍ତାରଣ ହୋଇ
କାଳୀବଧକାରୀ ଯେ ତୁହି ।୧୨
ଗୀରବର ପଦ୍ମନୟନ
ତୋ ନାମ ଜଗତ ଧାରଣ ।୧୩
ତୁ ରାଧା ପତି ନାମ ବହୁ
ଜଗତ ପତି ତୁମ୍ଭେ ହୋଇ ।୧୪

ତୁ ଭୂତଚିନ୍ତା ଜ୍ଞାତା ପୁଣ
ଭୁବନ କାରଣ ତୋ ନାମ ।୧୫
ତୁ ବିଶ୍ୱରୂପୀ ସୁରେଶ୍ୱର
ଋଷଭ ବୁଦ୍ଧ ଅବତାର ।୧୬
ତୁ ବର୍ଯ୍ୟ ରୂପ ଶଙ୍ଖଧର
କୂର୍ମ ହଂସ ରୂପ ଶୁକ୍ର ପୁଣ ।୧୭

ଧର୍ମର ପତ୍ନୀ ଗର୍ଭେ ତୁହି
ତୁ ନାରାୟଣ ଜନ୍ମ ହୋଇ ।୧୮
ଲକ୍ଷ୍ମୀପତି ପୀତାମ୍ବର ହିଁ
ଦଣ୍ଡକା ଅନୁଭବ ତୁହି ।୧୯

ଦେବକୀ କୁକ୍ଷି ଦେବୋଦୟା
ଶରଣ୍ୟା ଗୁପ୍ତା ଯେ ମାଳିଆ ।୨୦
ତୁ ଚକ୍ରବର୍ତ୍ତି ଅଧିକାରୀ
ଯେ ଦେବ ସାମନ୍ତ ମୁରାରୀ ।୨୧
ତୁମ୍ଭେ ତ ବ୍ରହ୍ମାଣ୍ଡେ ଈଶ୍ୱର
ଜଗନ୍ନିବାସ ନାମ ତୋର ।୨୨

ଜଗତ ଈଶ୍ୱର ଯେ ତୁହି
ହୃଷି ନାସ୍ୱେକ ନାମ ହିଁ ।୨୩
ଦେବଙ୍କ ବଳା ଜ୍ଞାନ ଗୁରୁ
କାଳ ରୂପ ଯେ ତୁହି ଧରୁ ।୨୪
ଅରୂପ ବଶ ମନ୍ତ୍ରଧର
ଶିକ୍ଷା ଗୁରୁ ଯେ ନାମ ତୋର ।୨୫

ଚରଣ କର୍ମ୍ମ ତୁହି ଗୁରୁ
କର୍ମ୍ମ ଅକର୍ମ୍ମ ତୁହି ସବୁ ।୨୬
ତୁ ଧ୍ୟାନ ଜଗତ କାରଣ
ଶରଣ ମାୟା ତୁହି ପୁଣ ।୨୭
ଗଜାଧି ଗଜନ ଯେ ତୁହି
ଭୂତାତ୍ମା ପୂତାତ୍ମା ଯେ ହୋଇ ।୨୮

ଈଶ୍ୱର ରକ୍ଷକ ତୋ ନାମ
ଇନ୍ଦ୍ର ରକ୍ଷକ ତୁହି ପୁଣ ।୨୯
ଭକ୍ତ ରକ୍ଷକ ତୋର ନାମ
ବ୍ରହ୍ମା ରକ୍ଷକ ତୁହି ପୁଣ ।୩୦
ହନୁମନ୍ତ ପ୍ରଭୁ ଯେ ତୁହି
ସୁଗ୍ରୀବର ସଖା ଯେ ହୋଇ ।୩୧

ଭ୍ରାତ ବିଦିତ ତୋର ନାମ
ବିଶ୍ୱାମିତ୍ର ଙ୍କ ଶିଷ୍ୟ ପୁଣ ।୩୨
କୌଶଲ୍ୟା ତନୟ ଯେ ତୁହି
ବିଦ୍ୟା ନିଧିପତି ଯେ ହୋଇ ।୩୩
ନାମ ତୋ ଶତ୍ରୁଘ୍ନ ଲକ୍ଷଣ
ସୌମିତ୍ରି ବହିଲ ଯେ ପୁଣ ।୩୪
ତୁହି ତ ରାମ ରାଜା ହେଲୁ
ମଳାଦ୍ରି ରାଜ ବୋଲାଇଲୁ ।୩୫
ପଥର ଘର ଶାନ୍ତି ତୁହି
ସାମନ୍ତ ପତି ନାମ ବହି ।୩୬
ତୁଷ୍ଟ ରାଜର୍ଷି ନାମ ବହି
ବେଣିଆ ରଘୁ ବଳା ତୁହି ।୩୭
ତୁ ଚତୁର୍ବର୍ଗ ଦାତା ହୋଇ
ତୁ ପୂର୍ଣ୍ଣାନନ୍ଦ ନାମ ବହି ।୩୮
ତୁ କୋଟି ବ୍ରହ୍ମାଣ୍ଡ ନାୟକ
ତୁ ଚତୁର୍ବର୍ଗ ଯେ ଦାୟକ ।୩୯
ଦଶରଥ ଅର୍ଚ୍ଚିତ ହୋଇ
ବିଦ୍ୟା ଅଯୋଧ୍ୟାଶ୍ରୀ ତୁହି ।୪୦
ଗୋଷ୍ଠୁର ଅଙ୍କୁର ହେଲ
କଂସ ଅରିର ବୋଲାଇଲ ।୪୧
କଳ୍ପତରୁ ଭଗବାନ ।
ତୁ ନିରଞ୍ଜନ ନାରାୟଣ ।୪୨
ଗୋପୀ ଜୀବନ ହେ ମୁରାରି
ତୁ ବସୁଦେବ ସୁତ ହରି ।୪୩
ତୁ ନାଗ ଦର୍ପ ଭଞ୍ଜା ହେଲୁ
ଅର୍ଜ୍ଜୁନ ସଖା ବୋଲାଇଲୁ ।୪୪
ଆହେ ତୁ କମଳା ବିଳାସ
ନନ୍ଦାତ୍ମଜ ନାମେ ପ୍ରକାଶ ।୪୫
କେଶୀ ସୁଦନ କୃପାସିନ୍ଧୁ
ପୀତ ବସନ ଦୀନବନ୍ଧୁ ।୪୬
ବୈକୁଣ୍ଠ ପତି ଶୂନ୍ୟ ନାଥ
ନୀଳାଦ୍ରି ନାଥ ତୁମ୍ଭେ ଅଟ ।୪୭
ତୁ ବାସୁଦେବ ଚକ୍ରଧର
ଇନ୍ଦ୍ରାଧିପତି ନାମ ତୋର ।୪୮
ତୁ ରଘୁନାଥ ବେଣୁଧର
ବୈକୁଣ୍ଠ ନାଥ ନାମ ତୋର ।୪୯
ଯାଦବ ପତି ହେ ଅନନ୍ତ
ବୈକୁଣ୍ଠ ସାଇଁ ହେ ଅଚ୍ୟୁତ ।୫୦
ଏ ସର୍ବ ନାମ ତୋ ପ୍ରକାଶ
କହୁଛି ଅରକ୍ଷିତ ଦାସ ।୫୧
ଅହେ ସୁଜନ ଜନ ତୁମ୍ଭେ
ପ୍ରଭୁଙ୍କ ନାମ ଶୁଣ ସର୍ବେ ।୫୨

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମନ୍ମଣ୍ଡଳ ଗୀତା କଥନେ
ନାମ ଦ୍ୱି ପଞ୍ଚାଶତୋଽଧ୍ୟାୟଃ ।

# ତ୍ରିପଞ୍ଚାଶତ ଅଧ୍ୟାୟ

ଆହେ ଚୈତନ୍ୟ ମୁଁ କହଇ
ଆଜ୍ଞା ଦେଲେ ନାମ ଅନନ୍ତ ।୧
ଦେବିକାର ନାମ ଜନାର୍ଦ୍ଦନ
ତୋ ନାମ ଦୁଷ୍ଟର ମର୍ଦ୍ଦନ ।୨
ଜଗଜ୍ଜୀବନ ହେ ମୁକୁନ୍ଦ
ପୁରୁଷୋତ୍ତମ ରାମଚନ୍ଦ୍ର ।୩
ଷଡ଼ଭୁଜ ମୁରଲୀଧର
ବାସୁକି ଶତ ନାମ ତୋର ।୪
ନିଜ ବ୍ରହ୍ମାଣ୍ଡ ନାଥ ତୁମ୍ଭ
ନରେଶ ନାରାୟଣ ହୋଇ ।୫
ଶଙ୍ଖ ଚକ୍ର ଧାରିଛି ତୁମ୍ଭ
ନୃସିଂହ ଆଦିମୂଳ ହୋଇ ।୬
ସୁମର୍ତ୍ତି ପାଇଁ ସତ୍ୟଧର
ଅଜନ୍ମା ନଶୀ ପିତାମ୍ବର ।୭
ତୁ ସତ୍ୟଭାମା ପତି ହେଲୁ
ଜଳାଧି ପତି ବୋଲାଇଲୁ ।୮
ତୁ ଦିବ୍ୟ ସିଂହ ପଦ୍ମମୁଖ
ତୋ ଭୁଜ ତଳେ ମୋତେ ରଖ ।୯
ଗରୁଡ଼ ଆସନ ଶ୍ରୀଧର
ମଥୁରାର ନାଥ ମାଧବ ।୧୦
ପତିତପାବନ ତୋ ବାନା
ଗଣ୍ଡିର ଚନ୍ଦ୍ର ବଜ୍ର ସେନା ।୧୧
ତୁ ନିର୍ଦ୍ଧନ ପତି ହେଲୁ
ତୁ ଜଷଚନ୍ଦ୍ର ବୋଲାଇଲୁ ।୧୨

ଶ୍ରୀବତ୍ସ ଲାଞ୍ଛନ ମୋହନ
ତ୍ରୈଲୋକ୍ୟ ସତ୍ୟ ଶବ ନାମ ।୧୩
ପଦ୍ମ ଚରଣ ଧନ ଜନ
ତୁ ବଜ୍ର ସେନା ଦେବାତ୍ମଣ ।୧୪
ଆହେ ତୁ ଆତଙ୍କ ନାଶନ
ଶକଟ ଭଞ୍ଜା ତୋର ନାମ ।୧୫
ରାଜୀବ ଲୋଚନ ଅମୂଳ
ବାଳାତ୍ମକ ଗରୁଡ଼ ଧ୍ୱଜ ।୧୬
ଆରତ ଭଞ୍ଜନ ଶାର୍ଙ୍ଗବ
କରୁଣା କଟାକ୍ଷ ମାଧବ ।୧୭
ଶ୍ରୀ ଗଦାଧର ଦୀନବନ୍ଧୁ
ଅଖିଳ ପତି ଦୟା ସିନ୍ଧୁ ।୧୮
ପରମ ପୁରୁଷ ତୋ ନାମ
ଶ୍ରୀ ଜଗନ୍ନାଥ ହେ ଶ୍ରୀରାମ ।୧୯
ଜଗତଜନକ କାନ୍ତ ତୁମ୍ଭ
ଶରଣ ନାରାୟଣ ହୋଇ ।୨୦
ଦୁଃଖ ସାଗର ରତ୍ନାକର
ଅମୁଳ ଚରଣ ତୁ ମୋର ।୨୧
ପରମାନନ୍ଦ ଦାଶରଥି
ତୁ ମୋର ଅଟୁ ପ୍ରାଣ ପତି ।୨୨
ଶ୍ରୀରାମଚନ୍ଦ୍ର ଘନଶ୍ୟାମ
ନୀଳାଦ୍ରି ଚନ୍ଦ୍ର ତୋର ନାମ ।୨୩
ଅଭୟ ପଙ୍କଜ ଶ୍ରୀରଙ୍ଗ
ସଂସାର ଯାକ ତୋର ରଙ୍ଗ ।୨୪

କମଳ ଲକ୍ଷଣ ନିର୍ଗୁଣ
ତୁ ଚୂଡ଼ାମଣି ପ୍ରହାରଣ ।୨୫
ଠାକୁର ଶିରୋମଣି ହେଲୁ
ଆରତ ଖାଣ ବୋଲାଇଲୁ ।୨୬
ମଳାଦ୍ରି ବାହ୍ମୁଣି ତୁହି
ଅନନ୍ତ ଶୟନ ଗୋସାଇଁ ।୨୭
ମୁରଲୀ ପାଣି ତୁମ୍ଭେ ହେଲ
ବେଣୁପାଣି ଯେ ବୋଲାଇଲ ।୨୮
ତ୍ରୈଲୋକ୍ୟ ଚିନ୍ତାମଣି ତୁହି
ତ୍ରୈଲୋକ୍ୟ ଈଶ୍ୱର ଗୋସାଇଁ ।୨୯
କମଳା କାନ୍ତ ଦେବ ସ୍ୱୟ
ଦର୍ପ ନାଶନ ନନ୍ଦ ସୁଅ ।୩୦
କରୁଣା ସିନ୍ଧୁ ଗୋବର୍ଦ୍ଧନ
ତୁ ଲକ୍ଷ୍ମୀମନ ଜନାର୍ଦ୍ଦନ ।୩୧
ବୈକୁଣ୍ଠ ବେହାରୀ କେଶବ
ତୋ ନାମ ଜଗତ ବଲ୍ଲଭ ।୩୨
ତ୍ରୈଲୋକ୍ୟ ମୋହନ ନୀଳାମ୍ବର
ଅଭୁତ ଭଞ୍ଜନ ସୁନ୍ଦର ।୩୩
ଜଗତ ନାଥ ଆନନ୍ଦ
ପରମ ବ୍ରହ୍ମ ନିତ୍ୟାନନ୍ଦ ।୩୪
ତ୍ରୈଲୋକ୍ୟ ପତି ନବଘନ
ତୋ ନାମ ଶଙ୍କଟ ଭଞ୍ଜନ ।୩୫
ଜଗତବନ୍ଦ୍ୟ ସୁଧା କାନ୍ତ
ଦୟା ସାଗର ନନ୍ଦ ସୁତ ।୩୬
ଦଧିବାମନ ଦୟାଶୀଳ
ତୁ ପ୍ରଭୁ ସକଳ ମଙ୍ଗଳ ।୩୭
ତୁ ପୀତାମ୍ବର ଚକ୍ରଧର
ସତ୍ୟସ୍ୱରୂପି ଘନଶ୍ୟାମ ।୩୮

ଦୈତ୍ୟ ମର୍ଦ୍ଦନ ମହୋଦର
ପଙ୍କଜ କର-ଲକ୍ଷ୍ମୀ ଶୀଳ ।୩୯
ଜଗତ ଜୀବନ ଯେ ହେଲୁ
ଭକ୍ତ ଜୀବନ ବୋଲାଇଲୁ ।୪୦
ଦୁର୍ଗା ମାଧବ ରୂପ କାନ୍ତ
କଂସାରି ତାମସ ମୂରତି ।୪୧
କୃଷ୍ଣ ଅନାଦି ନିରାକାର
ତୋ ନାମ କରୁଣା ସାଗର ।୪୨
ଗଳ ସୁନ୍ଦର ପଦ୍ମ ଧର
ତୁ ବୃନ୍ଦାବନ ଚନ୍ଦ୍ର କର ।୪୩
ମହିମା ଦେହୁ ମହାବାହୁ
ଶ୍ରୀକୃଷ୍ଣ ଚନ୍ଦ୍ର ନାମ ବହୁ ।୪୪
ପୁରୁଷୋତ୍ତମ ପଦ୍ମ ମୁଖ
ଗରୁଡ଼ ବାହାସ୍ତି ସୁରେଶ ।୪୫
ଭକ୍ତ ବତ୍ସଳ ଭକ୍ତ ପତି
କୃପା ଜଳଧି ହେ ଶ୍ରୀପତି ।୪୬
ତୁମ୍ଭେ ଯେ ସ୍ୱାମୀ ଶିରୋମଣି
ବୋଲାଇ ସୁଣି ଚକ୍ରପାଣି ।୪୭
ପୁଣ୍ୟଶ୍ଲୋକ ଯେ ଶ୍ରୀହରି
ତୁ ବନମାଳୀ ଚକ୍ରଧାରୀ ।୪୮
କଷ୍ଟ ଭଞ୍ଜନ ଶ୍ରୀପତି
ତୁମ୍ଭେ ଯେ ଚତୁର୍ଦ୍ଧା ମୂରତି ।୪୯
ଶୂନ୍ୟ ପୁରୁଷ ହେ ପରମ
ଆତଙ୍କ ଭଞ୍ଜନ ତୋ ନାମ ।୫୦
ଏମନ୍ତେ ନାନା ନାମ ବହୁ
ନିଜ ନାମ ଗୋପନେ ଥୋଇ ।୫୧
କହଇ ଅରକ୍ଷିତ ଦାସ
ତୋ ନିଜ ନାମେ ଅଛୁ ବସ ।୫୨

ତୋହର ଦୟା ମୋରେ ଥିଲେ
ଅବଶ୍ୟ ଜଣାଇବୁ ଭଲେ ।୪୩

ଅନ୍ୟେ ସୁଜନ ମାନେ କହ
ନିଜ ନାମ ନ ଜାଣେ କେହ ।୪୪

ଇତି ଶ୍ରୀ ମନ ଚେତନ୍ୟ ସମ୍ବାଦେ ମସ୍ତମନ୍ତ୍ରଳ ଗୀତା କଥନେ
ନାମ ତ୍ରିପଞ୍ଚାଶତୋଽଧ୍ୟାୟଃ ।

# ଚତୁଃପଞ୍ଚାଶତ୍ ଅଧ୍ୟାୟ

ଅହେ ତେ ଜନ୍ୟ ଶୁଣ ତୁମ୍ଭେ
ଆଜ୍ଞ ଯେତେ ନାମ ତୁ କହି ।

ନସ ନାମ କହିବି ଟୁମ୍ବର
ହେ କ୍ଷମାଶୀଳ ଦୟା କର ।୧

ତୁମ୍ଭେ ହେ ବିବେକେ ଉତ୍ତମ
ପରମେଶ୍ୱର ତୁମ୍ଭ ନାମ ।୩

ତୁ ବନ୍ଦୁଣୀ ଦୟାନିଧି
ଶ୍ରୀକୃଷ୍ଣ ଗୋପାଳ ଜଗଦ୍ଧି ।୪

ଶଙ୍ଖ ଚାପଧ ବୋଲାଇଲ
ପଦ୍ମ ଲୋଚନ ତୁମ୍ଭେ ହେଲ ।୫

ଦାନୁବୃନ୍ଦ ବସନ୍ତ ତୁମ୍ଭେ
ଆତଙ୍କ ନାଥ ହେ ଗୋସାଇ ।୬

କେଶୀ ସୂଦନ ତୋର ନାମ
ବୋଲଥ ଅରୁଣ ବଦନ ।୭

ଗୋବର୍ଦ୍ଧନ ଚନ୍ଦ୍ର ବୃନ୍ଦାବନ
ମଥୁରା ନାଥ ତୁମ ନାମ ।୮

ତୋ ନାମ କୋଦଣ୍ଡ ଧାରଣ
ବୋଲନ୍ତି ଲକ୍ଷ୍ମୀର ଜୀବନ ।୯

ଶ୍ୟାମ ବଳନ୍ତୁ ଶାରଙ୍ଗ ଧର
ହଂସ ସ୍ୱରୂପ ହେ ଈଶ୍ୱର ।୧୦

ଦ୍ୱାରିକା ନାଥ ଗିରିଧାରୀ
ରମା ପତି କୁଞ୍ଜ ବିହାରୀ ।୧୧

କୋଦଣ୍ଡ ଧାରୀ ନାମ ତୋର
ଜଗନ୍ନାଥ ଚକ୍ର ଧର ।୧୨

ମଧୁସୂଦନ ଅବଧୂତ
ତୁ ଚକ୍ରପାଣି ହେ ଅଚ୍ୟୁତ ।୧୩

ତୁମ୍ଭେ ହେ ନନ୍ଦଘୋଷ ଧ୍ୱଜ
ବୋଲନ୍ତି ଆମ୍ଭେ ହେ ଅନୁଜ ।୧୪

ତୁ ସଦାନନ୍ଦ ଦାମୋଦର
ତୁ ପଦ୍ମନାଭ ଚକ୍ରଧର ।୧୫

ତୁମ୍ଭେ ହେ ଗୋପୀଙ୍କର ପତି
ବୋଲନ୍ତି ଅରୁଣ ମୂରତି ।୧୬

ଲକ୍ଷ୍ମୀ ବଲ୍ଲଭ ରମାନାଥ
ତୁ ସତ୍ୟବାଦୀ ସୀତାକାନ୍ତ ।୧୭

ତୁ କାହ୍ନୁ କାଳିଆ ଶ୍ରୀଧର
ମହିମା ଅପ୍ରମେୟ ତୋର ।୧୮

ଶରଣ ପଞ୍ଜର ହେ ନାଥ
ଅଟେ ତେ ବ୍ରହ୍ମାଣ୍ଡର ତାତ ।୧୯
ଗିରିଧାରୀ ନାମ ତୁ ଧନ୍ୟ
ଅଜ୍ୟୋତ ଅବର୍ଣ୍ଣି ସେ ଶୂନ୍ୟ ।୨୦
ଅଜ୍ୟୋତି ପତି ବ୍ରହ୍ମଋଷି
ତୁ ସିଧାପ୍ରଭ ଶୂନ୍ୟବାସୀ ।୨୧
ଓଁକାର ଜ୍ୟୋତି ବୌଦ୍ଧ ରୂପ
ଚୌବାଳିଶ ଦେବ ସେ ଅଧ୍ୟାପ ।୨୨
ଅର୍ଯ୍ୟମା ଦେବ ନାରାୟଣ
ଅଟଇ କମଳା ବର ଶୁଣ ।୨୩
ପାଣ୍ଡବ ଧନ ବୋଲାଇଲ
ମୁକୁନ୍ଦ ମୋହନ ସେ ହେଲ ।୨୪
ଶ୍ୟାମ ସୁନ୍ଦର ତ୍ରିଳ ଚନ୍ଦ୍ର
ନନ୍ଦନ ସୁନ୍ଦର ହେ ଗିନ୍ଦ୍ର ।୨୫
ଅମ୍ବୁଜ ଧାରୀ ନାମ ବହ
ନରସିଂହ ହି ତୁମ୍ଭେ ହୁଅ ।୨୬
ତୁ ମଧୁରିପୁ ଭଗବାନ
ମଦନ ମୋହନ ଶ୍ରୀବତ୍ସ ।୨୭
ତୋ ନାମ ଦେବ ମହାବଳ
ନାମ କରୁଣା ମସ୍ତ୍ୟଳ ।୨୮
ଦେବକୀ ସୁତ ଯାଦା କୁଳ
ତୁ ବୃନ୍ଦଧାରୀ ମହା ପେଳୁ ।୨୯
କଳା ଶ୍ରୀମୁଖୀ ବକାତ୍ତୋଳା
ଈଶ୍ୱର ତୋ ନାମ ସେ ହେଲା ।୩୦
କମଳା ପତି ଶୂନ୍ୟ ବାସୀ
ଦେବକୀ ନନ୍ଦନ ଶ୍ରୀବତ୍ସି ।୩୧
ଯଶୋଦା ସୁତ ନନ୍ଦ ଜନ୍ମା
ଶରଣି ସୋଦର ତୋ ବାନା ।୩୨

ବୈକୁଣ୍ଠ ବାସୀ ବଳଭଦ୍ର
କୋଦଣ୍ଡ ଧାରି ଅନିରୁଦ୍ଧ ।୩୩
ଜଳଧି ନାଥ ହୃଷୀକେଶ
ଅଟଇ ତୁ ସର୍ବଜ୍ଞ ପୁରୁଷ ।୩୪
ତୁ ସର୍ବ ଭୂତ ଦାମୋଦର
ତୁ ନରବେଶ ନିର୍ବିକାର ।୩୫
ବାଳକୃଷ୍ଣ କାଳୀ ମର୍ଦ୍ଦନ
ମହାଭୁଜ ରଘୁ ନନ୍ଦନ ।୩୬
କମ୍ବାଳି ଗରୁଡ଼ ବାହନ
ବୈକୁଣ୍ଠ ପୁରୁଷ ପ୍ରଦ୍ୟୁମ୍ନ ।୩୭
ତୁ ମନୋହାରୀ ଚକ୍ରପାଣି
ଅଟଇ କାରୁଣ୍ୟ କମ୍ବୁପାଣି ।୩୮
ରୁକ୍ମିଣୀ ବଞ୍ଛିତ କନ୍ତା ନାମ
ତୁ ଧନ କନକ କାରଣ ।୩୯
ନନ୍ଦ ନନ୍ଦନ ହେ ଲକ୍ଷ୍ମୀଶ
ବିଶ୍ୱକେଶନ ଦେବକୀଶ ।୪୦
ତୁ ଅଗ୍ରଜ ଗଦାଧର
ତୁ ନନ୍ଦସୁତ ଗୋପବାଳ ।୪୧
କଟୋର ନନ୍ଦ ସେ ଶ୍ରୀ ତର୍କ
କୁଞ୍ଜ ନେତନ ତତ୍ତ୍ୱଙ୍କ ।୪୨
କୃପାନିଧାନ ଦୀନ ବାର
କୃପାକୁସମ ହେ ଶଙ୍କର ।୪୩
କ୍ଷୀରୋଦା ସୁତା ପତି ଅଜ
ବନ୍ଦି ନାଥ ଗରୁଡ଼ ଧ୍ୱଜ ।୪୪
ଅନାଥ ବନ୍ଧୁ ଧରାଧର
ଶ୍ରୀବାସ ହରି ହେ ଶ୍ରୀଧର ।୪୫
କଦମ୍ବଧାରୀ ନିରଞ୍ଜନ
ଜଗବନ୍ଧୁ କେଶୀ ସୂଦନ ।୪୬

କାଳି ସୁନ୍ଦର ନବଘନ
ଅଳିଲକ୍ଷ କମଳ ଲୋଚନ ।୪୭
ଅଟଇ ତୁ ଗୋବର୍ଦ୍ଧନଧାରୀ
ହେ ନନ୍ଦଘୋଷ ବିହାରୀ ।୪୮
ନିତ୍ୟ ରଞ୍ଜନ ନିରଞ୍ଜନ
କରୁଣା ବାରିଧି ତୋ ନାମ ।୪୯
ରମା ରମଣ ଶ୍ୟାମ ପିତୃ
ଗୋପୀଙ୍କ ଇଷ୍ଟ ଦାତା କଳ୍ପ ।୫୦
ପାତାଳ ଶକ୍ତି କଳ୍ପଦ୍ରୁମ
ପଦ୍ମ ଲୋଚନ ତୋହର ନାମ ।୫୧
ଗୋପାଳ କଦମ୍ବ ବିହାରୀ
ମକୁନ୍ଦ ନାମ ଯେ ତୋହରି ।୫୨
ବର୍ଦ୍ଧିଲୁ ଇନ୍ଦ୍ର ବଜ୍ର
ସାରଙ୍ଗ ଦେବ ଅଧୋକ୍ଷଜ ।୫୩
ବିଷ୍ଣୁ କେଶବ ବିଶ୍ୱମ୍ଭର
କେ ଟଭି ଶିତ ପୀତାମ୍ବର ।୫୪
କଂସାରତି ବୈକୁଣ୍ଠ ବାସୀ
ଶୁଭ ଶଙ୍ଖର ବାଳଧ୍ୱଂସୀ ।୫୫
ତୁ ବଳିଆର ଭୁଜ ଦେଇ
ଚକ୍ରାୟୁଧ ଯେ ମହାବାହୁ ।୫୬
ହେ ପ୍ରଭୁ ଏ ସର୍ବ ତୋ ନାମ
ସଂସାରେ ଖ୍ୟାତ ହେଲା ଶୁଣ ।୫୭
ନିଜ ନାମ ଗୋପନେ ରଖି
ଏ ସର୍ବ ନାମ ପ୍ରକାଶଇ ।୫୮
ଏ ସର୍ବ ନାମ ଯେ ଭଜିଲେ
ନିଜ ନାମ କେ ନ ଜାଣିଲେ ।୫୯
ତେଣୁ ଅଜ୍ଞାନ ହେଲେ ପୁଣି
ନାନା କର୍ମରେ ଭ୍ରମେ ଜାଣ ।୬୦
ତୁମ୍ଭ ଦୟା ଯାହାକୁ ହୋଇ
ତୋ ନିଜ ନାମ ସେ ଜାଣଇ ।୬୧
ନୋହିଲେ ତୋ ନାମ ଅଦୃଶ୍ୟ
କହୁଛି ଅରକ୍ଷିତ ଦାସ ।୬୨
ଆହେ ସୁଜନ ସର୍ବେ ଶୁଣ
ମହିମଣ୍ଡଳ ଗୀତା ଶୁଣ ।୬୩

ଇତି ଶ୍ରୀମନ ଚୈତନ୍ୟ ସମ୍ବାଦେ ମହିମଣ୍ଡଳ ଗୀତା
କଥନେ ନାମ ଚତୁଃପଞ୍ଚାଶତୋଽଧ୍ୟାୟଃ ।

---

# ପଞ୍ଚପଞ୍ଚାଶତ୍ ଅଧ୍ୟାୟ

ଆହେ ଚୈତନ୍ୟ ସର୍ବ ଶକ୍ତି
ଜାତ କରୁଛ ସର୍ବ ଦେହୀ ।୧
ବ୍ରହ୍ମାଙ୍କୁ ନିବାରଣ କଲ
ସୃଷ୍ଟି କରନ୍ତା ତୁମ୍ଭେ ହେଲ ।୨
ପାପୀଙ୍କି ନାଶି ପଦ୍ମ ରଖ
ମୋ ଦୁଃଖ ବାରେ ତୁ ନିରେଖ ।୩
ମୂର୍ଚ୍ଛିତ ମହାପାପୀ ଜନ
ଦୟା ତୁ କର ଏବେ ପୁଣ ।୪

ମୋତେ ଉଦ୍ଧରିବା କାହିଁ ପାଇଁ
ସର୍ବ ଜୀବନ ଅଟୁ ତୁମ୍ଭେ ।୫
ମୁଁ ମହାପାପୀ ଦୟାକର
ଅନ୍ୟ ଭରସା ନାହିଁ ମୋର ।୬

ତୁ ପ୍ରଭୁ ତାର ବା ନ ତାର
ଜଣାଉଅଛି ମୁଁ ତୁମର ।୭
ଆହେ ହେ ଜଗତ ସୋଦର
ମୋ ଅପରାଧ କ୍ଷମାକର ।୮
ଆହେ ହେ ଶରଣ ପୋଦର
ତୋର ମାୟାରୁ ପାରକର ।୯
ଆହେ ହେ ଅଭୟ ଚରଣ
ମୁଁ ତୁମ୍ଭ ଚରଣେ ଶରଣ ।୧୦

ଆହେ ଅଭୟ ପଦ୍ମପାଦ
ହରିବ ବିପତ୍ତି ବିଷାଦ ।୧୧
ଆହେ ହେ କମଳ ଲୋଚନ
ଦୁଃଖୀ ଜନଙ୍କର ଅଟୁ ଧନ ।୧୨
ଦରିଦ୍ର ଦୁଃଖୀ ମୁଁ ଅଟଇ
ତୋ ନାମ ଭଜି ନ ପାରଇ ।୧୩

ସଂସାରେ ଯେତେକ ପାପୀ ଜନ୍ତୁ
ମୋ ପରି ପାପୀ ସେ ନାହାନ୍ତି ।୧୪
ମୁଁ ଏବେ ଜଣାଉଛି ଶୁଣ
ମୁଁ ପାପୀ ଅଟଇ ଅଧମ ।୧୫
କିପୁ ଅଜଣା ପରିତ୍ରାହି
ମୋ ପାପ କର ହେ ଦହନ ।୧୬

ତୋହର ରୂପ ବର୍ଣ୍ଣି ନାହିଁ
ନାମ ଭଜନେ ତୋତେ ପାଇ ।୧୭
ଛପନ କୋଟି ଜୀବ ଯେତେ
ତୋ ନାମ ଭଜନ୍ତି ସମସ୍ତେ ।୧୮

ଚଳନ୍ତା ସ୍ୱେଦ କୋଟି ଜନ୍ତୁ
ତୋ ନାମ ଘେନି ସେ ଚଳନ୍ତି ।୧୯
ଜାଣ୍ଡୁଳ ସ୍ୱେଦ କୋଟି ହେଲେ
ତୋ ନାମ ଘେନି ସେ ଚଳିଲେ ।୨୦

ବୁଡ଼ା ଜଳଦ କୋଟି ହୋଇ
ତୋ ନାମ ଘେନି ବୁଡ଼ି ରହି ।୨୧
ଉଡ଼ା ତଇଦ କୋଟି ଜନ୍ତୁ
ତୋ ନାମ ଘେନି ସେ ଉଡ଼ନ୍ତି ।୨୨
ତୋ ନିଜ ନାମ ଏସନ ଶ୍ରୀ
ସର୍ବ ଘଟରେ ଗୁପ୍ତେ ଥାଇ ।୨୩
ତୋ ନାମ ଶ୍ରଦ୍ଧେ ଯାହାକୁ
ତୋ ଦୟା ହୋଇଛି ତାହାକୁ ।୨୪
ନୋହିଲେ କେତେ ଗତି ନାହିଁ
ହେ ପ୍ରଭୁ ଦୟାକର ତୁମ୍ଭେ ।୨୫
ଏ ଘଟ ଛପନ କୋଟି ଜୀବ
ଉତ୍ତମ ପିଣ୍ଡ ଏହୁ ସର୍ବ ।୨୬
ଏଥୁ ସେ ତରିବ ପାତକ
ତୋ ନାମ ଧରି ଜାଣିବ ।୨୭

ତୋ ନାମ ମହିମା ଅପାର
ମୁଁ କାହୁଁ ଜାଣିବ ପାମର ।୨୮
ମନୁଷ୍ୟ ଗଣ ଆଦି ଯେତେ
ତୋ ନାମେ ଅଛନ୍ତି ସମସ୍ତେ ।୨୯
ବୃକ୍ଷ ପାଷାଣ ପଶୁ ତୃଣ
ସର୍ବ ଜପନ୍ତି ତୋର ନାମ ।୩୦

ତୋ ନାମ ଯାହାକୁ ଫୁଟଇ
ସେ ପ୍ରାଣୀ ନିଶ୍ଚେ ନାଶ ପାଇ ।୩୧
ତୋ ନାମ ଯାନ୍ତି କୃପାକରେ
ସେ ପ୍ରାଣୀ କେବେହେଁ ନ ମରେ ।୩୨

ତୋ ନାମ ମୋତେ ଦସ୍ତାଇଲୁ
ଅକଳିତ ମହିମା ଦେଖିଲୁ ।୩୩
ଏକାଗ୍ର ବ୍ରହ୍ମ ରୂପ ତୁହି
ନିତ୍ୟ ମଣ୍ଡଳେ ଅଛ ରହି ।୩୪
ସେ ନିତ୍ୟ ମହିମା ଅପାର
ବ୍ରହ୍ମା ଶିବଙ୍କୁ ଅଗୋଚର ।୩୫
ସେ ନିତ୍ୟ ମହିମା ଅଶେଷ
କହଇ ଅରକ୍ଷିତ ଦାସ ।୩୬
ଅହେ ସ୍ୱଜନ ମାନେ ଶୁଣ
ନିଜ ନାମଟି ନିତ୍ୟ ସ୍ଥାନ ।୩୭
ସେ ନିତ୍ୟ ନାମେ ସ୍ଥୂଳ ନାହିଁ
ତା ଗର୍ଭେ ସର୍ବେ ଲୀନ ହୋଇ ।୩୮
ତା ଗର୍ଭୁ ଜନ୍ମ ମୃତ୍ୟୁ ହୁନ୍ତି
ସ୍ୱଜନ ମାନେ ଜାଣ ଚିନ୍ତି ।୩୯

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହିମଣ୍ଡଳ ଗୀତା
କଥନେ ନାମ ପଞ୍ଚପଞ୍ଚାଶତ୍ତମୋଽଧ୍ୟାୟଃ ।

# ଷଟ୍ପଞ୍ଚାଶତ୍ ଅଧ୍ୟାୟ

ଅହେ ଚୈତନ୍ୟ ଶୁଣ ତୁହି
ତୋ ନାମ ଯେ ଯେମନ୍ତେ ଧ୍ୟାୟି ।୧
ତାହା କହିବି ମୁହିଁ ଶୁଣ
ଯେ ଯେମନ୍ତେ ଧ୍ୟାଇଲେ ପୁଣ ।୨
ତାଙ୍କୁ ତେମନ୍ତ ଆଜ୍ଞା ହୋଇ
ସେ ସେହିଁ ମତେଣ ଭାବଇ ।୩
ତୋ ନାମ ସ୍ମରି ବେଦେ ଥାନ୍ତି
ସ୍ତୁତି ବାଟରେ ସେ ଫେରନ୍ତି ।୪
ତୋ ନାମ ଜଗନ୍ନାଥ ଧ୍ୟାୟି
ପୂର୍ବ ଦ୍ୱାରକୁ ସେ ଜଗଇ ।୫
ରାମ ସେ ତୋ ନାମ ଚିନ୍ତିଲେ
ଦକ୍ଷିଣ ଦ୍ୱାରେ ବାସ ହେଲେ ।୬
କୃଷ୍ଣ ସେ ତୋ ନାମ ଚିନ୍ତନ୍ତି
ପଶ୍ଚିମ ଦ୍ୱାର ସେ ଜଗନ୍ତି ।୭
ନାରସିଂହ ସେ ନାମ ଧ୍ୟାୟି
ଉତ୍ତର ଦ୍ୱାର ସେ ଜଗଇ ।୮
ତୋ ନିତ୍ୟ ମହିମା ଏମନ୍ତ
ତୋ ନାମ କେ କରିବ ଅନ୍ତ ।୯
ତୋ ନାମ ଜପିଣ ଶଙ୍କର
ଯୁଗ ଯୁଗାନ୍ତେ ଅଜାମର ।୧୦
ତୋ ନାମ ଜପିଣ ପାର୍ବତୀ
ଈଶ୍ୱର ବର ପାଇଛନ୍ତି ।୧୧
ବ୍ରହ୍ମା ସେ ତୋ ନାମ ଚିନ୍ତଇ
ସକଳ ସୃଷ୍ଟି ସେ ସର୍ଜଇ ।୧୨
ବିଷ୍ଣୁ ସେ ତୋର ନାମ ଜପି
ବ୍ରହ୍ମାଣ୍ଡ ପାଳୁଛି ଅଦ୍ୟାପି ।୧୩
ଈଶ୍ୱର ତୋର ନାମ ଧ୍ୟାୟି
ସକଳ ସୃଷ୍ଟି କି ନାଶଇ ।୧୪

ବରୁଣ ତୋ ନାମ ଚିନ୍ତଇ
ଜଳରେ ଅଧିପତି ହୋଇ ।୧୫
ତୋ ନାମ ଚିନ୍ତି ପ୍ରହ୍ଲାଦ
ସ୍ୱର୍ଗେ ପାଇଲା ଇନ୍ଦ୍ର ପଦ ।୧୬
ଯମ ସେ ତୋ ନାମ ଜପଇ
ପାପ ପୁଣ୍ୟକୁ ସେ ବୁଝଇ ।୧୭
ଇନ୍ଦ୍ର ସେ ତୋହର ନାମ ଧରି
ସ୍ୱର୍ଗେ ହୋଇଛି ଅଧିକାରୀ ।୧୮
ଶଚୀ ସେ ତୋ ନାମ ଧ୍ୟାଇଲା
ସ୍ୱର୍ଗରେ ପାଟରାଣୀ ହେଲା ।୧୯
ଧା ଦେଖ ନବସୁତା ହୋଇ
ସୁତ ସୁତାଙ୍କେ ଅଛି ରହି ।୨୦
ଶ୍ରେମାଷ୍ଟ ନାରଦ ବଶିଷ୍ଠ
ଭୃଗୁ ଅଙ୍ଗିରା ସେ ପୁଲହ ।୨୧
ମଞ୍ଜିନ୍ଦ୍ର ଗୋଭେଣ ଅତ୍ରି
ଏ ସବୁ ଋଷି ସେ ଅନନ୍ତ ।୨୨
ଏ ସର୍ବେ ତୋ ନାମ ଚିନ୍ତିଲେ
ଅମର ହୋଇଣ ରହିଲେ ।୨୩
ତାହିଗଣେ ନାମ ଧରନ୍ତି
ରାତ୍ର ଦିବସ ବିହରନ୍ତି ।୨୪
ଅଗସ୍ତି ତୋ ନାମ ଜପିଲେ
ସପ୍ତ ସମୁଦ୍ର ଚଳୁ କଲେ ।୨୫
ତୋ ନାମ ବୃହସ୍ପତି ଧ୍ୟାଇ
ସକଳ ବେଦ ସେ କହଇ ।୨୬
ଗଙ୍ଗା ସେ ତୋ ନାମ ଧରଇ
ସେ ପୁଣ୍ୟ ତୀର୍ଥଟି ହୋଇଲ ୨୭
ସୂର୍ଯ୍ୟ ଚନ୍ଦ୍ର ନାମ ଧରନ୍ତି
ରାତ୍ର ଦିବସ ବିହରନ୍ତି ।୨୮

ପବନ ତୋହର ନାମ ଧରି
ସକଳ ଘଟେ ସେ ବିହରି ।୨୯
ଜଳ ସେ ତୋହର ନାମ ବହି
ସକଳ ଘଟେ ସେ ରହଇ ।୩୦
ଅଗ୍ନି ସେ ତୋ ନାମ ଜପଇ
ସେ ସର୍ବ ଘଟେ ଅଛି ରହି ।୩୧
ଲକ୍ଷ୍ମୀ ସେ ତୋ ନାମ ଚିନ୍ତଇ
ପଦ୍ମକୁ ପଡ଼ି ସେ ବସଇ ।୩୨
ସୀତା ସେ ତୋ ନାମ ଚିନ୍ତିଲେ
ତେତେଡ଼େ ବନ୍ଦୀରୁ ପାର ହେଲେ ।୩୩
ବାଲ୍ମୀକି ସେ ନାମ ବହି
ସୁତ ସୁତାଙ୍କେ ଅଛି ରହି ।୩୪
ତୋ ନାମ ସ୍ମରି ମେଘ ଧ୍ୟାଇ
ପୃଥିବୀରେ ଜଳ ବରଷଇ ।୩୫
ତୋ ନାମ ଅନନ୍ତ ମହିମା
ଅନ୍ତ ନ କରେ ସୁରବ୍ରହ୍ମା ।୩୬
ତେତିଶି କୋଟି ଦେବ ଯେତେ
ତୋ ନାମ ଜପନ୍ତି ସମସ୍ତେ ।୩୭
ତୋ ନାମ ଧରି ବସୁମତୀ
ଅମର ହୋଇଅଛି ପୁଣି ।୩୮
ତୋ ନାମ ହନୁମନ୍ତ ଧ୍ୟାଇ
ଅମର ହୋଇଣ ଅଛଇ ।୩୯
ରାମ ସେ ତୋ ନାମ ଚିନ୍ତିଲେ
ବ୍ରହ୍ମ ହତ୍ୟାରୁ ପାରିହେଲେ ।୪୦
ଗରୁଡ଼ ତୋ ନାମ ଚିନ୍ତିଲା
ବିଷ୍ଣୁ ବାହନ ସେହୁ ହେଲା ୪୧
ନନ୍ଦ ସେ ତୋ ନାମ ଚିନ୍ତିଲେ
ତୋତେ ପୁତ୍ର କରି ପାଇଲେ ।୪୨

ଦଶରଥ ଯେ ନାମ ଧ୍ୟାଇଁ
ପୁତ୍ର ଜନନ ଲୋକେ ପାଇ ।୫୩
ଗୁହ ଯେ ତୋ ନାମ ଚିନ୍ତିଲେ
ମରିବା ଦୁଃଖ ସେ ଟାଳିଲେ ।୫୪
ସୁଗ୍ରୀବର ଯେ ନାମ ଧ୍ୟାଇଁ
ତା ସଙ୍ଗେ ମିଳିଥିଲି ହୋଇ ।୫୫
ଶବର ତୋ ନାମ ଚିନ୍ତିଲା
ଚିନ୍ତିଣ ନିସ୍ତାର ହୋଇଲା ।୫୬
ସୀତା ଯେ ତୋ ନାମ ଚିନ୍ତିଲେ
ତେଣୁ ବନ୍ଦୀରୁ ପାର ହେଲେ ।୫୭
ବାଳକେ ତୋ ନାମ ଚିନ୍ତିଲେ
ନର୍କ କୁଣ୍ଡରୁ ପାରି ହେଲେ ।୫୮
ବାଳ ଯେ ତୋ ନାମ ଚିନ୍ତଇ
ତାକୁ ଜଗିଛି ସୁଦର୍ଶନେ ।୫୯
ଏମନ୍ତ ତୋ ନାମର ଗୁଣ
ଶୁଣିଲେ ହେଉଛୁ ପ୍ରସନ୍ନ ।୬୦
ଯେ ଯେମନ୍ତେ ଭାବନ୍ତି ତୋତେ
ତାଙ୍କୁ ପ୍ରସନ୍ନ ହେଉ ଶତେ ।୬୧
କହଇ ଅଚ୍ୟୁତ ଦାସ
ତୋ ନିଜ ନାମେ ମୋର ଆଶ ।୬୨
ଅନ୍ୟ ମୋହର ଆଶା ନାହିଁ
ଆହେ ସୁଜନ ମାନେ କହି ।୬୩

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ନାମମନ୍ତ୍ର ଗୀତା
କଥନେ ନାମ ଷଟ୍ପଞ୍ଚାଶତୋଽଧ୍ୟାୟଃ ।

---

# ସପ୍ତପଞ୍ଚାଶତ୍ ଅଧ୍ୟାୟ

ଆହେ ଚୈତନ୍ୟ କହୁ ଶୁଣ
ନାମ ଗୁଣ ଭଜିଲେ ଜାଣ ।୧
ଭକତେ ତୋ ନାମ ଚିନ୍ତିଲେ
ନାନା ସଙ୍କଟୁ ପାରି ହେଲେ ।୨
ମାର୍କଣ୍ଡ ଋଷି ନାମ ଧ୍ୟାଇଁ
ତେଣୁ ସଙ୍କଟୁ ପାରି ହୋଇ ।୩
ରୁକ୍ମିଣୀ ତୋ ନାମ ଚିନ୍ତିଲେ
ତୋହର ସ୍ତ୍ରୀ ସେ ହୋଇଲେ ।୪
ବସୁଦେବ ଯେ ନାମ ଧ୍ୟାଇଁ
ପୁତ୍ର କରିଣ ତୋତେ ପାଇ ।୫
ଶଙ୍ଖ ଚକ୍ର ଯେ ଗଦାପଦ୍ମ
ତୋ ନାମ ନିତ୍ୟ ଯେ ଚିନ୍ତିଣ ।୬
କୌସ୍ତୁଭ ମଣି ନାମ ଧ୍ୟାଇଁ
ଗଳାରେ ଅଛି ତାକୁ ବାନ୍ଧି ।୭
ତୋ ନାମ ଗଜ ଯେ ଚିନ୍ତିଲା
ତେଣୁ ସଙ୍କଟୁ ପାରି ହେଲା ।୮

ଭୃଙ୍ଗିଆ ଚଣ୍ଡୀ ନାମ ଧ୍ୟାଇ
ସେତେକ ସଙ୍କଟୁ ପାରି ହୋଇ ।୯
ତୋ ନାମ ମୃଗୁଣୀ ଡାକିଲା
ମହା ସଙ୍କଟୁ ତାରି ହେଲା ।୧୦
ତୋ ନାମ ଦ୍ରୌପଦୀ ଡାକିଲା
ଦେବନ୍ତ ଲଜ୍ଜାରୁ ପାରି ହେଲା ।୧୧
ବ୍ରହ୍ମା ଯେ ତୋ ନାମ ଚିନ୍ତିଲା
ତେତେକ ସଙ୍କଟ ପାରି ହେଲେ ।୧୨
ତୋ ନାମ ଅଜ ଯେ ଧରିଲା
ସେ ଭବ୍ୟ ତନୁ ସେ ପାଇଲା ।୧୩
ପାଣ୍ଡବେ ତୋ ନାମ ଜପିଲେ
ଘୋର ସଙ୍କଟୁ ପାରିହୋଇଲେ ।୧୪
ତୋ ନାମ ଧ୍ରୁବ ଯେ ଧରିଲା
ଧ୍ରୁବ ମଣ୍ଡଳେ ବାସ କଲା ।୧୫
ଗୋପୀ ଯେ ତୋ ନାମ ଧରିଲେ
କେତେ ସଙ୍କଟୁ ପାରି ହେଲେ ।୧୬
କୁବେର ତୋ ନାମ ଚିନ୍ତିଲା
ସେ ଧନ ପାଇ ଶାନ୍ତ ହେଲା ।୧୭
ଜମ୍ବୁ ବଜ୍ରମ୍ବୁ ନାମ ଧ୍ୟାଇ
ତୋ ଦ୍ୱାର ଜଗିଛନ୍ତି ସେହି ।୧୮
ଇନ୍ଦ୍ର ଯେ ତୋ ନାମ ଚିନ୍ତିଲା
ବ୍ରହ୍ମ ହତ୍ୟାରୁ ପାରି ହେଲା ।୧୯
ଗଙ୍ଗାଧର ବସ୍ତ୍ର ବୋଲିଣ
ତୋ ନାମ ଧରିଲା ସେ ପୁଣ ।୨୦
ତାଙ୍କୁ ତୋ ନିଜ ରୂପ ଦେଲୁ
ତାହାରେ ଦୟା ତୁ ବହିଲୁ ।୨୧
ଉଦ୍ଧବ ତୋ ନାମ ଚିନ୍ତିଲେ
ବ୍ରହ୍ମ ଶାପରୁ ପାରି ହେଲେ ।୨୨

ଅଜାମିଳ ନାମ ଧରିଲା
ମହା ପାତକୁ ପାରି ହେଲା ।୨୩
ନାରଦେ ତୋ ନାମ ଚିନ୍ତିଲେ
ନାନା ସ୍ୱରେଣ ଗାନ କଲେ ।୨୪
ତୋ ମିଷ୍ଟ ବ୍ରାହ୍ମଣ ଯେ ନାମ
ଚିନ୍ତି ସ୍ୱର୍ଗ ଲଭିଲ କହ୍ନଣ ।୨୫
ଶିଳା ଯେ ତୋ ନାମ ଚିନ୍ତିଲା
ବ୍ରହ୍ମ ଶାପରୁ ପାରି ହେଲା ।୨୬
ଅହଲ୍ୟା ତୋ ନାମ ଚିନ୍ତିଣ
ପାଷାଣୁ ମୁକ୍ତ ହେଲା ପୁଣ ।୨୭
କୁବୁଜା ତୋ ନାମ ଚିନ୍ତିଲା
ନବ ଯୁବତୀ ସେ ହୋଇଲା ।୨୮
ଦେବତା ମାନେ ନାମ ଧ୍ୟାନ୍ତି
ନାନା ସଙ୍କଟୁ ତରି ଯାନ୍ତି ।୨୯
ତୋ ନାମ ବାସୁକୀ ଧରିଲା
ପୃଥିବୀ ଶିରେ ଅଛି ବହି ।୩୦
ତୋ ନାମ ପୃଥିବୀ ଚିନ୍ତଇ
ପୃଥିବୀ ଭର ଅଛି ବହି ।୩୧
ତୋ ନାମ ଚିନ୍ତିଲା ଅନନ୍ତ
ଭୂ ଦଶ ଅବତାର ପୁଣି ।୩୨
ଅବଶ ଭାଗ କଲୁ ଶେଷ
ତୋ ନାମ ମହିମା ଅଶେଷ ।୩୩
ତୋ ନାମ ଗାଇବ ଯେ ଅକ୍ଷରେ
ସୂର୍ଯ୍ୟ ଭଣ୍ଡାରୁ ଯେବେ ଠାବେ ।୩୪
ସମୁଦ୍ର ବାଲି ଯେ ଗଣିବ
ତୋ ମହିମା କଳି ନ ପାରିବ ।୩୫
ତୋ ନାମ ଯେତେକ ଶାସ୍ତ୍ର ହୋଇ
ସେ ନାମେ ମୁକତ ଯେ ନାହିଁ ।୩୬

ତୁମ୍ଭଙ୍କୁ ନାମ ଦେଲେ ଭକ୍ତ.
ସେ ନାମ ଭଜନ୍ତି ବିଖ୍ୟାତ ।୭୭
ତୋ ନିଜ ନାମ ନ ଜାଣନ୍ତି
ଭକ୍ତେ ଦେବା ନାମ ଭଜନ୍ତି ।୭୮
ତୋହର ଦୟା ଯାକୁ ହୋଇ
ତୋ ନିଜ ନାମ ସେ ଜାଣଇ ।୭୯
ତୋ ନାମ ଯେ ଯେମନ୍ତେ ଧ୍ୟାଇ
ତାକୁ ତେମନ୍ତେ ଦୟା ହୋଇ ।୮୦
ମୁଁ ପାପୀ କିଛି ନ ମାଗଇ
ତୋ ନିଜ ନାମେ ଆଶା ଥାଇ ।୮୧
ତୋ ନାମ କୃପା ମୋତେ ହେଉ
ଅନ୍ୟ ମୋ ଏଣେ ସେ ନ ରହୁ ।୮୨
ଏବେ ସଦୟ ମୋହର ହୁଅ
ଭକତି ଯୋଗ ମୋତେ ଦିଅ ।୮୩
ଏ ବିନୁ ଅନ୍ୟ ନ ମାଗଇ
ଜୟ ଜୟ ତୁ ଶିବଗାନ୍ଧି ।୮୪
ମୁଁ ଏବେ ଜାଣିଅଛି ଶୁଣି
ମୋତେ ଉଦ୍ଧର ଭଗବାନ ।୮୫
ମୁଁ ଯେଣୁ ପାପିଷ୍ଠ ପାମର
ମୋ ଦୋଷ ବାରେ କ୍ଷମା କର ।୮୬
କ୍ଷମା ସାଗର ତୁ ବୋଲାଉ
ଜୟ ତୁ ଜୟ ମହାବାହୁ ।୮୭
ମୋରେ ସୁଦୟା ଏବେ ହେଉ
ତୋ ନିଜ ନାମେ ମନ ରହୁ ।୮୮
ଏ ନାମ ଯେ ଜପିବ ନିତ୍ୟ
କାଳେ ନଥିବ ଯମ ଭୟ ।୮୯

ଏ ନାମ ଯେ ଜନ ପଢ଼ିବ
ପାପାଧି ପାପ ନାଶ ଯିବ ।୯୦
ଏନାମ ଯେ ପଢ଼ିବ ନିତ୍ୟ
ବୈକୁଣ୍ଠ ପୁରେ ତାର ସ୍ଥିତି ।୯୧
ଏନାମ ଲକ୍ଷ ଯେ କରିବ
ଯା ଇଚ୍ଛା ତେତେକି ପାଉଥିବ ।୯୨
ଭୂତ ପ୍ରେତ ହିଁ ନ ଆସିବେ
ବ୍ୟାଧି ଶଲ୍ୟ ହିଁ ଦୂରେ ଯିବେ ।୯୩
ମହା ସ୍ୱସ୍ତ୍ୟୟନ ହେ ଭଣିବ
ଏ ନାମ ହୃଦରେ ଗୁଣିବ ।୯୪
ଅଜସ୍ର ଜପ ଯେ କରିବ
ସେ ସର୍ବ ବିପତ୍ତି ନାଶିବ ।୯୫
ଏ ନାମ ନିତ୍ୟ ଯେ ଚିନ୍ତିବ
ତା ରୋଗ ବ୍ୟାଧି ନାଶ ହିବ ।୯୬
ଏ ନାମ ଦୁରନ୍ତ ଜପୁଥିଲେ
ଧନ ବସ୍ତୁ ପ୍ରାପତ ହେଲେ ।୯୭
ଏ ନାମ ଯେ ଜନ ପଢ଼ିବେ
ଗ୍ରହ ଦୋଷକୁ ପାରି ହେବେ ।୯୮
ଏନାମ ଦୁରନ୍ତ ଜପୁଥିବ
ସର୍ବ ପାତକ ନାଶଯିବ ।୯୯
ଗୋ ହତ୍ୟା ବ୍ରହ୍ମ ହତ୍ୟାମାନ
ଏ ସର୍ବ ହୋଇବ ଦହନ ।୧୦୦
କହଇ ଅରକ୍ଷିତ ଦାସ
ମହାମଣ୍ଡଳ ଗୀତା ରସ ।୧୦୧
ଆହେ ସୁଜନ ମାନେ କହ
ଓଳାଦୃଡି ଗବତେ ଭଣ ।୧୦୨

ତୁମ୍ଭଙ୍କୁ ସେବକ ନ ଥାଇଲା
ଏ ମହା ମଣ୍ଡଳେ ଭ୍ରମିଲ ।୬୩
ପ୍ରଭୁଙ୍କ ମାୟା ମୋତେ ହେଲା
ତେଣୁ ମୁଁ ତୁମ୍ଭଙ୍କୁ କହୁ ।୬୪

ଇତି ଶ୍ରୀ ନବ ଚୈତନ୍ୟ ସମ୍ବାଦେ ମଣ୍ଡମଣ୍ଡଳ ଗୀତା କଥନେ
ନାମ ସପ୍ତପଞ୍ଚାଶତୋଽଧ୍ୟାୟଃ ।

---

# ଅଷ୍ଟପଞ୍ଚାଶତ୍ ଅଧ୍ୟାୟ

ଜୟ ଜୟ ଜୀବ ପରମ
ହଂସ ସ୍ୱରୂପ ତୁ ହୋଇଣ ।୧
ଯୁଗଜ କୋଟି ଜୀବ ହେଲୁ
ହଂସ ସ୍ୱରୂପେ ବହିଲୁ ।୨
ହଂସ ଅଟନ୍ତି ଜୀବ ପରମ
ବିହାର କରୁଛନ୍ତି ସେ ପୁଣ ।୩
ସ୍ୱରୂପ ଅଟନ୍ତି ଦୁଇ ହେଲେ
ଜୀବ ପରମ ବହିଲେ ।୪
ଏହା ଅଟନ୍ତି ଦୁଇ ହୋଇ
ଖେଳୁଛ ତିନି ରୂପେ ରହି ।୫
ତିନିରୁ ପାଞ୍ଚ ସେ ହୋଇଛ
ସଂସାରେ ଲୀଳା କରୁଅଛ ।୬
ଏକରୁ ପାଞ୍ଚ ରୂପ ହୋଇ
ଲୀଳା ନିମନ୍ତେ ଭିନ୍ନ ଥାଇ ।୭
ନ ହେଲେ ଏକ ରୂପ ଜାଣି
ଭିନ୍ନ ନାହିଁ କେବେ ଶୁଣି ।୮
ଆରମ୍ଭି ଖେଳସବୁ କଲୁ
ଭିନ୍ନା ଭିନ୍ନ କରି ତୁ ମଲୁ ।୯
ତାଙ୍କ ରୂପନ୍ତି ନାଶ ଗଲେ
ବ୍ରହ୍ମରେ ଯାଇ ସମାଇଲେ ।୧୦
ସେଠାରୁ ଭିନ୍ନା ଭିନ୍ନ ନାହିଁ
ଏକା ଅଟନ୍ତି ଶୁଣ ତୁହି ।୧୧
ସେଠାରେ ଏକ ରୂପ ଜାଣ
ଏଠାରେ ଦୁଇ ରୂପ ପୁଣ ।୧୨
ଏଠାରେ ଦୁଇ ରୂପ ହେଲେ
ହଂସ ସ୍ୱରୂପ ବୋଲାଇଲେ ।୧୩
ଜୀବ ପରମ ରୂପ ଧରି
ଖେଳୁଛ ସବୁ ଘଟେ ପୂରି ।୧୪
ପ୍ରକୃତି ସଙ୍ଗ ଜାତ କଲେ
ଜୀବ ପରମେ ମିଶାଇଲେ ।୧୫
ତାଙ୍କ ସଙ୍ଗେ ଜୀବ ପରମ
ପଡ଼ି ମାୟାରେ ହେଲେ ଭ୍ରମ ।୧୬
ତେଣୁ ଭିନ୍ନା ଭିନ୍ନ କରନ୍ତି
ଏକ ବୋଲନ୍ତି ନ ଜାଣନ୍ତି ।୧୭
ହେ ପ୍ରଭୁ ମାୟା ପ୍ରକାଶିଲୁ
ପ୍ରକୃତି ସଙ୍ଗେ ତୁ ଭ୍ରମିଲୁ ।୧୮

ମୋହର କିଛି ଦୋଷ ନାହିଁ
ତୋ ମାୟା ଶୁଣ ଏବେ କହି ।୧୯
ଏକ ଦିନେ ମତେ ଶାଣ୍ଡଣ
ଗ୍ରାମ ବୁଲି ଆସିବା ପୁଣ ।୨୦
ସେଦିନ ସଙ୍ଗେ କେହି ନ ଥିଲେ
ଏକାନ୍ତେ ବୁଲି ଆସି ଭଲେ ।୨୧
ଆମ୍ଭକୁ ଦେଖି ଏକ ସ୍ତ୍ରୀ
ତମକି ଚଢ଼ି ଯାଏ ଡରି ।୨୨
ଗୁଳ୍ମରେ ଗୁପ୍ତ ସେ ଲୁଚାଇ
ଏକ ସ୍ତ୍ରୀ ଖିକା ଯାଏ କନ୍ତୁ ।୨୩
ବୋଇଲି ଭଲ ତୋ ବହନ
ବାୟୁ ଧାତୁରେ ଚଢ଼ି ଥିଲା ।୨୪
ତେବେ ତୋ ଯାଉଅଛି କାହିଁ
ଏ ବାୟୁ କାହୁଁ ଆସିଲଇଁ ।୨୫
ଏମନ୍ତ ବୋଲି ତାକୁ କହେ
ସେ ହସି ମୋ କର୍ଣ୍ଣେ ସମ୍ଭାଏ ।୨୬
ବୋଇଲା ପ୍ରଭୁ ମାୟା ଦେଖ
କର୍ମାଇ ଚଳାଇ ସମ୍ମୁଖ ।୨୭
ସେ ତ ସ୍ୱରଣା ଆମ୍ଭକୁ କହି
କର୍ମ ବାୟୁ ମୋତେ ବୋଲଇ ।୨୮
ମୁହିଁ ବା ତାକୁ ନ ଚଳାଇ
ତେଣୁ ସେ ବାୟୁ ବୋଲି ଡରି ।୨୯
ତା ହୃଦେ ମୁହିଁ ରହି ଅଛି
ସେହି ଦେହୀ ହୃଦେ ରହିଅଛି ।୩୦
ତେବେ ଜୀବ ଆତ୍ମା ଅଟଇ
ମୁହିଁ ପରମ ଆତ୍ମା କହି ।୩୧
ଜୀବକୁ ସ୍ତ୍ରୀ ବୋଲି ଜାଣ
ପରମ ପୁରୁଷ ସେ ପୁଣ ।୩୨

ଏ ଦେହ ନଗର ପୁରୀ ମୋର
ଚଳ ଦେହରେ ଅଟୋ ଚର ।୩୩
ସେ ଜଳ ସଙ୍ଗ ସଙ୍ଗେ ଥାଇ
ସ୍ତ୍ରୀ ସ୍ୱ ପୁରୁଷ ଭେଦ ହୋଇ ।୩୪
ଏକା ଅଟନ୍ତି ଦୁହେଁ ହେଲ
ମାୟାରେ ଖେଳ ଲଗାଇଲ ।୩୫
ପ୍ରକୃତି ଗଣ ଜାତ କରି
ଖେଳ ମୋ ଦେହେ ଭୁବନ ପୁରି ।୩୬
ତେଣୁ ପ୍ରକୃତି ସେ ଦେଖିଲେ
ବ୍ରହ୍ମା ଭିନ୍ନ ସେ କରି ଦେଲେ ।୩୭
ଜୀବ ପରମ ଦୁହେଁ ଯାନ୍ତି
ପ୍ରକୃତି ଦେହକୁ ଚୁମ୍ବନ୍ତି ।୩୮
ସେ ଜନ ପ୍ରଭୁଙ୍କୁ ବିନୟ
ପ୍ରକୃତି ମାନଙ୍କୁ ନାଶଇ ।୩୯
ବୋଲଇ ମୁହିଁ ସଙ୍ଗ ଭୁଞ୍ଜେ
କବୀର ବ ଭୁଞ୍ଜି ଗୃହରେ ।୪୦
ସ୍ତ୍ରୀ ସ୍ୱ ପୁରୁଷ ମୁହିଁ ହୋଇ
ମୋ ବିନୁ ଅନ୍ୟ କେହି ନାହିଁ ।୪୧
ସେମନ୍ତ ସତୀ ସେ ରୁକ୍ମିଣୀ
ମୁହିଁକି ଲକ୍ଷ୍ମୀ ନାରାୟଣ ।୪୨
ମୁଁ ଯେବେ ଏମନ୍ତ କହନ୍ତି
ବାୟୁ ଯେ କର୍ମ ଶୁଣନ୍ତି ।୪୩
ପ୍ରକୃତି ଗଣ ଭିନ୍ନ କରି
ଭିନ୍ନା ଭିନ୍ନ ମୁଁ ନ ବିଚାରି ।୪୪
ସାରଥୀ ହୋଇ ବାୟୁ ବୋଲେ
ପ୍ରଭୁ ତ ମୋତେ ମାୟା କଲେ ।୪୫
କର୍ମାଇ ମୋତେ ବାୟୁ କରି
ଚଳାଇ ଗଲ ସେ ଧାମକୁ ।୪୬

ଏ କଥା ବୁଝିବା ପା ହେଲେ
ତାର ମୋର କି ହେଉଛି ବେଳେ ୫୭
କର୍ମାଇ ଭସ୍ମ ସେ କରୁଛି
ମୋତେ ଡରଣ ପଳାଉଛି ।୫୮
ମୋତେ ଅନୁକ୍ଷଣେ ସେବଇ
କର୍ମାଇ ଭସ୍ମ ସେ ପଳାଇ ୫୯
ପ୍ରଭୁ ତ ମାୟା କଲେ ମୋତେ
କି ଅପରାଧ କଲି ତତ୍ତ୍ୱ ।୬୦
ପୂର୍ବେ ପ୍ରଭୁଙ୍କ ଦୟା ଥିଲା
ଏବେ ନିର୍ଦ୍ଦୟା ମୋତେ କଲା ।୬୧
ନୋହିଲେ ସେ କର୍ମା ପଳାଇ
ଶକ୍ତି ନ ପାରେ ମୋତେ ସେନ୍ଧି ।୬୨
ଏ କଥା ବୁଝିବା ଅବଶ୍ୟ
ଆଉ କଥାଏ ଶୁଣ ରାୟ ।୬୩
ଉଦକୁଣ୍ଡରେ ମୁହିଁ ଥିଲି
ଏକ ସ୍ନାନକୁ ମୁହିଁ ଗଲି ।୬୪
ଧାତ୍ରେଣ ଖଗ ସେ କାଟିଲା
ଶରୀର ଗରମି ଉଠିଲା ।୬୫
ବାମ୍ପୀ ଭିତରକୁ ମୁଁ ଗଲି
ଜାହତେ ବସି ସ୍ନାନ କଲି ।୬୬
ସ୍ତ୍ରିୟ ପାଞ୍ଚ ଜଣ ଆଇଲେ
ପାଣି ନେବାକୁ ଉଭା ହେଲେ ।୬୭
ତାହାଙ୍କୁ ଦେଖିଲିଟି ମୁହିଁ
ଟଳକାଳେ ଅଇଲା ତହିଁ । ୬୮
ଏକ ସ୍ତ୍ରିୟ ବୋଇଲା ଶୁଣ
ଏ ପାଣି ନେବା ତୋ କେସନ ।୬୯
କର୍ମାଇଁ ବୈଷ୍ଣବ ଅଇଲା
ଏହି ଭିତରେ ଗାଧୋଇଲା । ୭୦

କେମନ୍ତେ ଏ ପାଣିଟି ନେବା
ଶୁଣିଲ ଗୋ ଏଥୁ ଫେରି ଯିବା ୭୧
ଏତେହେ ଅଜ୍ଞାନ ସେ ଅଟଇ
ବାମ୍ପୀ ଭିତରେ ସେ ଗାଧୋଇ ।୭୨
ଏମନ୍ତେ ପାଣି ସେହୁ ନେଲେ
କାହାରେ ରଖିବା ଗୋ ଭଲେ ।୭୩
ସେ ବାଳା ସ୍ତ୍ରିୟ ଜଣେ ଶୁଣି
ସବୁ ଆମ୍ଭଙ୍କୁ କହେ ପୁଣି ।୭୪
କର୍ମା ବୈଷ୍ଣବ କି କରିଲା
ଏତେ ଗାଳି କର୍ମା ଶୁଣିଲା ।୭୫
ସେତ ଅଜ୍ଞାନ ସ୍ତ୍ରିୟ କହିଁ
କେତେ ଗାଳିଟି ଦେଲା ସେହି ।୭୬
ଲକ୍ଷଣ ସବୁ ଗାଳି ଶୁଣି
ମୋ ମନେ କ୍ରୋଧ ଜନ୍ମା ପୁଣି ।୭୭
ସନ୍ଥ କପାଳ ତୁମ୍ଭ ଆବେଗ
କହିଲା ବୁଝ କି ନା ବେଗେ ।୭୮
ବୋଇଲୁ ତୁମ୍ଭେ ଏବେ ଶୁଣ
ସେତ ସ୍ୱଷଣା ଆମ୍ଭ ଜାଣ ।୭୯
ତା କଥା ନ ବୁଝିଲା ସନ୍ତୁଁ
କୋପ କରି ଯାଉଛ ତହୁଁ ।୮୦
ସେ କି ଆମ୍ଭଙ୍କୁ ଦୂର କରି
ଆମ୍ଭେ କି ତାଙ୍କୁ ଛାଡ଼ି ପାରୁ ।୮୧
ବୋଲଇ ଅସମ୍ଭବ ବାଣୀ
କର୍ମା କହିଲା ଏହା ପୁଣି ।୮୨
ତୁମ୍ଭ ତାଙ୍କର ଦେଖା ନାହିଁ
କେମନ୍ତେ ଭରସା ଅଟଇ ।୮୩
ସେ ଗ୍ରାମ ବେନ ନ ଯାଇଛ
କର୍ମାଇଁ ଏ ସାକ୍ଷୀ କହୁଛ ।୮୪

ବୋଇଲୁ ତୁମ୍ଭେ ଏବେ ଶୁଣ
ତୁମ୍ଭେଟି ଆମ୍ଭର ଜୀବନ ।୭୫
ମାୟା ଦେହରେ ରହି ତୁମ୍ଭ
ରୂପ ହେଉଛି ସୃଷ୍ଟି କରି ।୭୬
ଜୀବଟି ସୃଷ୍ଟି ଅଙ୍ଗ ଜାଣି
ପରମ ପୁରୁଷ ଟି ପୁଣି ।୭୭
ଏ ଦୁହେଁ ଦେହରେ ଅନନ୍ତ
ଅନୁକ୍ଷଣେ ଲୀଳା କରନ୍ତି ।୭୮
ସଂସାରେ ଯେହ୍ନ ଦୁହେଁ ଜାଣ
ସ୍ତ୍ରୀ ଯା ପୁରୁଷ ଯେ ହୋଇଣ ।୭୯
ତୁମ୍ଭେଟି ଜୀବ ଆତ୍ମା କହି
ମୁହିଁ ପରମ ଆତ୍ମା ହୋଇ ।୮୦
ଏ ହେନ ଭାବନା ମୋହର
ପୁତ୍ର ନିମନ୍ତେ ଚିନ୍ତା ତାର ।୮୧
ଯେଣୁ ପୁତ୍ର ତାକୁ ନ ହେଲ
ତେଣୁ ଭର୍ତ୍ସନା ମୁଁ ଶୁଣିଲି ।୮୨
ଅବଶ୍ୟ ପୁତ୍ର ତାକୁ ହେବ
ତା ଚିନ୍ତା ଅବଶ୍ୟ ଫେଡ଼ିବ ।୮୩
ତାହାର କୋପ ଶାନ୍ତ ହେଲେ
ବଳେ ଡକାଇ ନେବ ଭଲେ ।୮୪
ବୋଇଲେ କେମନ୍ତେ ଡକାଇ
ଦେଖିବା ଶୁଣିବା ନା କହି ।୮୫
ଯେତେବେ ସେ ଡାକି ନେବ ସଇ
ସେତେବେ ବଞ୍ଚିଲ ଯେ ନିକର ।୮୬
ଯେବେ ମୁଁ ମନେ ଚିନ୍ତେ ଯାଇ
ତୁମ୍ଭଙ୍କୁ ମନୁଷ୍ୟ ନେ କରି ।୮୭
ବୋଇଲୁ ପଦ୍ମ ବଦନରେ
ଡକାଇ ନେବ ସେହୁ ଘରେ ।୮୮
ଆମ୍ଭଙ୍କୁ ଛାଡ଼ିଲେ ସେ ମଣି
ତାଙ୍କୁ ଛାଡ଼ିଲେ ମୁଁ କି କରି ।୮୯
ପଦର ଏତେ ସତ୍ତ ପାଇ
ପାଞ୍ଚଟି ଟାକ ଥିବୁ ତୁମ୍ଭ ।୯୦
ଏମନ୍ତେ ତାଙ୍କୁ କହିଲା
ଚିତ୍ରକୂଟେ ଯାଇ ମିଳିଲା ।୯୧
କହଇ ଅଚ୍ୟୁତ ଦାସ
ଜୀବ ପରମ କୁ ନିରଖ ।୯୨
ଆହେ ସୁଜନ ମାନେ କହି
ଶାବନ୍ତି ମୋତେ ଭକ୍ତ ପାଇ ।୯୩

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ବ୍ରହ୍ମମଣ୍ଡଳ ଗୀତା କଥନେ
ନାମ ଅଷ୍ଟପଞ୍ଚାଶତ୍ତୋଽଧ୍ୟାୟଃ ।

---

## ଊନଷଷ୍ଟିତମ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁମ୍ଭ
ମୋ ମନେ ବଡ଼ ଚିନ୍ତା ହୋଇ ।୧
ଭରସା ହୋଇ ଗାଳିଦେଲା
କିମ୍ପା ସେ ମୋତେ କୋପ କଲା ।୨
ତୁମ୍ଭେ ତ ସବୁ ଘଟେ ଅଛ
ସ୍ତ୍ରୀତଳ ରୂପରେ ଖେଳୁଛ ।୩

ଘୁଂଘ ଘୁଂଚୁଣ ଲୁଚେଇ ହୋଇ
ଦେଖୁଛନ୍ତି ତିନି ଆଉ ନାହିଁ ।୪
ଏହା ଅଟନ୍ତି ଦୁହେଁ ଜାଣ
ଲକ୍ଷ୍ମୀ ନାରାୟଣଟି ପୁଣ ।୫
ସଂସାରେ ଯେତେକ ସ୍ତିରୀ ଜନ୍ତୁ
ଲକ୍ଷ୍ମୀଟି ସର୍ବେ ସେ ଅଟନ୍ତି ।୬
ସଂସାରେ ଯେତେକ ପୁରୁଷ
ନାରାୟଣ ବୋଲି ଅବଶ୍ୟ ।୭
ଏ ବେଦ ବଚନ ସେ ମୋର
ଏକଥା ବୁଝ ହେ ସତ୍ୱର ।୮
ଦେଖ ରୁକ୍ମିଣୀ ବନ୍ଦୀ ହୋଇ
ତା ମନ ଜାଣିଲି କହଇ ।୯
ବେଦଗୁରୁକୁ ତାଙ୍କ କହିଲା
ଦିବ୍ୟକନ୍ତ ଯାଅ ଡକାଇଲା ।୧୦
ଯେତେ ଶାସ୍ତ୍ର ଜ୍ଞାନ ଯୋଗେବ
ଆମ୍ଭଙ୍କୁ ପୁଣ ସେହୁ ଦେବେ ।୧୧
ବୋଲିବଲେ କାହା ପାଶେ ନାହିଁ
ଆମ୍ଭ ଦୁଃଖ ଯେତେବେ ସେହି ।୧୨
କହୁ ଘରକୁ ବେନିଅସ
ମୁହିଁ ଜଣାଇ ତାଙ୍କ ପାଶ ।୧୩
ତା ଶୁଣି ବେଦଗୁରୁ ବୋଲଇ
ଭଦ୍ରେ ନେ ତାଙ୍କ ଆଗେଶ କହି ।୧୪
ତାଙ୍କ ଆଗରେ ମୁଁ ରହିଣ
ବଚନ ନ ଫିଟିବ ପୁଣ ।୧୫
ବୋଇଲେ ତାଙ୍କ ପାଶେ ଯେଣୁ
କସ୍ତୁରୀ ଲେଖନେ ଏହ କହୁ ।୧୬
ତାଙ୍କ ଅଗ୍ରରେ ସେ କହିବ
ଜଣାଇ ଦେବିଣ ଆସିବ ।୧୭

ତୁମ୍ଭଙ୍କୁ ଦେଖିଲେଣି ସେହୁ
ବହଳ ପତ୍ରଶବେଟି କହୁ ।୧୮
ଅନ୍ତର୍ଯାମୀ ପୁରୁଷ ଜାଣ
ଯାହ ମୁଁ ସ୍ୱପନେ ଦେଖିଣ ।୧୯
ଭୟ ନ କର ଜଣାଇବ
ତାଙ୍କ ଆଗରୁ ସେ କହିବ ।୨୦
ଶୁଣିଲେ ଅବଶ୍ୟ ଆସିବେ
ନାସ୍ତି ତ କେଡେବ ନ କଣବେ ।୨୧
ଡାକିଲେ ଅବଶ୍ୟ ଆସନ୍ତି
ବୁଦ୍ଧ ଚଣ୍ଡାଳ ସରେ ଯାନ୍ତି ।୨୨
ଏମନ୍ତ ଶୁଣି ଅଛି ମୁହିଁ
ଶୀଘ୍ର ତାଙ୍କୁ ଆଣ ଏଠାଇଁ ।୨୩
ଏମନ୍ତ ଶୁଣି ତା ବେଦଗୁରୁ
ଚଦନ୍ତ ଗଲ ଭ୍ରମନ୍ତେ ।୨୪
ଆମ୍ଭଙ୍କୁ ଏକାନ୍ତେ ଭେଟିଲା
ହେଲୁ କଥାଟି ସେ କହିଲା ।୨୫
ବୋଇଲୁ କାଳି ସେ ସ୍ୱୟମ୍ବରେ
ଯାଅ ହେଇ ସିନ୍ଧୁ ତୁମ୍ଭ ଘରେ ।୨୬
ତା ଶୁଣି ନବେଗ ଚଳିଗଲୁ
ଏଥି ଭିଅନ୍ତୁ ଶୁଣ ଭଲ ।୨୭
ସେହିଦିନ ଦିନକୁଟେ ରହି
ଆରଦିନ ସ୍ୱୟମ୍ବରେ ଯାଇଁ ।୨୮
କତି ବଇଶି ସେହୁ ଥିଲେ
କବାଟ ଯେତ ବେନିଗଲେ ।୨୯
ଅନେକ ସଇନ୍ୟ ଦେଖିଲୁ
ପାଛିଣ ଭିତରେ ବସିଲୁ ।୩୦
ଦର୍ଶନ କରି ସେହୁ ଗଲେ
ଦ୍ୱାରକା ଛାଡ଼ି ସେ ଆସିଲେ ।୩୧

ଯାତ୍ରୀ ଆସନରେ ଶୋଇ
ତାର ସ୍ୱରଯାକୁ ଦେ ଦଣ୍ଡ ।୩୨
ହୋଇଲା ଦର୍ଶନ କରଣ
ପାଦ ମଣ୍ଡଳ ଜଣା ସୃଣା ।୩୩
ଆମ୍ଭ ଦୁଃଖଟି ଜଣାଇବ
ଆଜ୍ଞା ହେଲେ ତେବେ ଆସିବ ।୩୪
ଏମନ୍ତ କହି ଦେବୀ ଚଳି
ସେ ଆସି ଦର୍ଶନ ଦେ ଭଲ ।୩୫
ପାଦ ମଣ୍ଡଳେ ସେ ବସିଲ
ମୋ ମନେ ଜଥାଏ ସ ହେଲ ।୩୬
ସେତେବେ କୋପ କରି ଆସି
ଏବେ ପାଦ ମଣ୍ଡଳେ ବସି ।୩୭
ଗାଧୁଆ ପାଣି ନ ଖାଇଲ
ଏବେ ଅଇଁଠା ସେ ଘଷିଲ ।୩୮
ଦୂର କରିଲ କି ଦୂର ହୋଇ
ସେ ଜୀବ ସ୍ମରନ୍ତି ମୁହିଁ ।୩୯
ଏକ ଆମ୍ଭଙ୍କି ଦୂରେ ଜାଣ
ସିଦ୍ଧି ମୂର୍ତ୍ତି ହୋଇଲା ପୁଣ ।୪୦
କୋପ ତ ମୋତେ ହୋଇଥିଲା
ଏବେ ତ କାଳ କଲି ଭଲ ।୪୧
ମିଛେ ନେଇଁ ନିଦ୍ରା ଯାଉଥିବ
କାହିଁ କହିବ ମୁଁ ଶୁଣିବ ।୪୨
ଏମନ୍ତ ଯାଏ ମିଛେ ଶୋଇ
ସେତେ ଜାଣିଲ ମୁଁ ଶୁଣେଇ ।୪୩
ମୋତେ ନିନ୍ଦା ଯେ କରୁଛ
କର୍ମାଇ ନିଦ୍ରାରେ ଶୋଉଛ ।୪୪
ମୁହିଁ ତ ସଦା ଅପରାଧୀ
ତୁମ୍ଭେ ତ କରୁଣା ବାରିଧି ।୪୫

ମୋ ଦୁଃଖ ନ ଶୁଣିବା ପାଇଁ
ଶୋଇଲ ଏବେ ତୁମ୍ଭେ ହୋଇ ।୪୬
ନିଦ୍ରା ଭାଙ୍ଗିଲେ ତୁମ୍ଭେ ଶିବ
ଆଜି କି ଏଠାକୁ ଆସିବ ।୪୭
କି ଦୁଃଖେ ଜଣାଇବ ମୁହିଁ
ନିଦ୍ରା କରୁଛ କର୍ମାଇଁ ।୪୮
ବୋଇଲେ ନିଦ୍ରା ଭାଙ୍ଗି ଶୁଣ
କି ଦୁଃଖ କହ ଏବେ ପୁଣ ।୪୯
ଆମ୍ଭ ନିଦ୍ରା ତୋରେ ନାହିଁ
ମୋତେ ନିନ୍ଦା ତୋର କାହିଁ ।୫୦
ବୋଇଲେ କର୍ମା ଆଜ୍ଞା କର
ସର୍ବଦା ଦାସୀ ମୁଁ ତୁମ୍ଭର ।୫୧
ମୋ ଦୋଷ ନ ଦେଖିବ କିଛି
କଥାଏ ମାଗୁଅଛି ମୁହିଁ ।୫୨
ସୁଖ ନିମନ୍ତେ ଚିନ୍ତା ମୋର
ମୋ ଚିନ୍ତା ଯେ ହେବ ଦୂରର ।୫୩
ତୁମ୍ଭେ ତ ଅନ୍ତର୍ଯାମୀ ଶୁଣ
ସର୍ବଙ୍କ କଥା କି ନ ଜାଣ ।୫୪
ତୁମ୍ଭର ଆଜ୍ଞା ଯେବେ ହୋଇ
ତେବେ ମୁଁ ପଦ୍ମ ପାଇବଇଁ ।୫୫
ବୋଲିଲେ ମଣ୍ଡପ ନିକଟ
ରହିଲେ ଏଥି ଦେଖ କୁମର ।୫୬
ମୋଠାରେ ଦୟା ହେବେ ଅଛି
ଏଥି ଦେଖ ଆଜ୍ଞା ମୁଁ ଦେଉଛି ।୫୭
ମୁହିଁ ତ ଜାଣିଛି ମନରେ
ଦୟା ତ ଅଛି ମୋର ଠାରେ ।୫୮
ବୋଇଲେ କର୍ମା ସକଳ ଦୂର
ଦୟା ଯେବେ ମୋତେ ନ ଆସ ।୫୯

ମୋ ଚିନ୍ତା ଫେଡ଼ିବାର ପାଇଁ
ଅଛିନ୍ତି ମୁହିଁ ଜାଣିଛଇଁ ।୬୦
ଏବେ ତ ଅଙ୍ଗ ମୋତେ ଦିଅ
ମୋ ମନ ସଂଶୟ ଫିଟାଅ ।୬୧
ତାଙ୍କ ବଚନ ମୁହିଁ ଶୁଣି
ଏବେ ତୁ ଚିନ୍ତା ଛାଡ଼ ପୁଣି ।୬୨
କହଇ ଅରକ୍ଷିତ ଦାସ
ଛାଡ଼ନ୍ତି ମୋହର ଦୁରବଶ୍ୱାସ ।୬୩
ଅଟେ ସୁଜନ ମାନେ ଶୁଣ
ଜୀବ ପରମକୁ ଭାବଣ ।୬୪

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ଶୂନ୍ୟମଣ୍ଡଳ ଗୀତା
କଥନେ ନାମ ଊନଷଷ୍ଠିତମୋଽଧ୍ୟାୟଃ ।

---

# ଷଷ୍ଠିତମ ଅଧ୍ୟାୟ

ଏବେ ତୁ ଶୁଣ ମୋ ବଚନ
ତୋ ଚିନ୍ତା ଫେଡ଼ିବ କହିନ ।୧
ସୂର୍ଯ୍ୟ ନିମନ୍ତେ ଚିନ୍ତା ତୋର
ଆମ୍ଭେ ତ ଜାଣିଛୁ ନିକର ।୨
ପ୍ରଭୁଙ୍କ ଠାରେ ମୁଁ ଜଣାଇ
ଅବଶ୍ୟ ସୂର୍ଯ୍ୟ ଦେଖୁ କହି ।୩
ସୂର୍ଯ୍ୟ ନିମନ୍ତେ ଚିନ୍ତା କରି
କେଣ୍ଣୁଟି ମୋତେ କୋପ ଭରି ।୪
ଲୁଚ ଆମ୍ଭ ଜୀବନ ଶୁଣି
ମୁଁ ତୋର ନିଜ ଚିତ୍ତ ଜାଣି ।୫
ଯାକୁ ଟି ଲଗ୍ନ ହୋଇଅଛୁ
ସେହିଟି ମୁହିଁ ନ ଜାଣୁଛୁ ।୬
ମାୟାରେ ଜାଣି ନ ପାରୁଛି
ଭିନ୍ନାଭିନ୍ନ କରି ମରୁଛି ।୭
ତୋ ଦେହେଁ ମୁହିଁ ଅଛୁ ଜାଣି
ମୋ ଦେହେଁ ତୁହି ଅଛୁ ପୁଣି ।୮
ଜୀବନ୍ତି ଯିବା ଅନ୍ତ ତୁହି
ମୁହିଁଟି ପରମ ଅଟଇ ।୯
ସର୍ବ ଦେହେ ଜୀବ ପରମ
ବିହାର କରୁଛନ୍ତି ପୂର୍ଣ୍ଣ ।୧୦
ଏ ଦୁହେଁ ଯେତେବେ ଛାଡ଼ନ୍ତି
ମଲା ବୋଲି ସର୍ବେ କହନ୍ତି ।୧୧
ତୁହି ମୁହିଁଟି ସର୍ବ ଦେହେ
ନାଶ ନୁହଇ ପୃଥ୍ବୀରେ ବହେ ।୧୨
ବାମ ପୁଡ଼ାଟି ତୁହି ଜାଣି
ଡାହାଣ ପୁଡ଼ା ମୁହିଁ ପୁଣ ।୧୩
ସଂସାରେ ଯେତେ ସ୍ତ୍ରୀ ହୋଇ
ଗୋଟିଏ ସ୍ତ୍ରୀ ଜାଣ କହି ।୧୪
ସଂସାରେ ଯେତେକ ପୁରୁଷ
ଗୋଟିଏ ଜାଣି ମୁଁ ଅବଶ୍ୟ ।୧୫
ପ୍ରକୃତି ଦେହରେ ଅଛନ୍ତି
ଭିନ୍ନା ଭିନ୍ନ କରି ମରନ୍ତି ।୧୬

ଏମନ୍ତ ତାଙ୍କ ସଙ୍ଗ କରି
ମତେ ପୂର୍ବ କଥା ପାଶୋରି ।୧୭
ମାୟାରେ ଚଉ ଭ୍ରମ୍ଭ ମଣି
ଆଉ କଥାଏ ଶୁଣ ସୁଣି ।୧୮
ଯେ ଦିନ ସ୍ନାନକୁ ମୁଁ ଗଲି
କୂଅ ଭିତରେ ଗାଧୋଇଲି ।୧୯
ତୁମ୍ଭେ ତ ଡାକି ନେବା ପାଇଁ
ଯାଇ ଯେ ଥିଲ ମୁଁ ଜାଣଲି ।୨୦
ତୁମ୍ଭଙ୍କୁ ଦେଖି ମୁହିଁ ଡରନ୍ତେ
ସଙ୍ଗରେ ଗାଳି ଦେଲ ମୋତେ ।୨୧
ତୁମ୍ଭ ଗାଳି ଦେବାରୁ ଶୁଣି
ଜଣେ ଆମ୍ଭଙ୍କୁ କହେ ପୁଣି ।୨୨
ତା ଶୁଣି ଚିନ୍ତା ମୁହିଁ କଲି
କିମ୍ପା ମୁଁ ଗାଳି ଯେ ଶୁଣିଲି ।୨୩
ବୋଇଲି ଶୂଦ୍ରପା ମୋ ସେଜ୍ଞ
କିମ୍ପା କ୍ରୋଧରେ ଗାଳି ଦେଲ ।୨୪
ତାକଥା ନବୁଝିଲି ଯେଣୁ
ଦେଖି ଗାଳି ଦେଉଛି ତେଣୁ ।୨୫
ତା ଚିନ୍ତା ଚେତଉ ନାକରୁ
ବଳେ ଡକାଇ ନେବ ଘରୁ ।୨୬
ଭିନ୍ନ ଜଳେ କି ଭିନ୍ନ ହୋଇ
କ୍ଷୀରରେ ନାଉ ନଯ ପୁଶଇ ।୨୭
ତୁମ୍ଭର କ୍ରୋଧ ଶାନ୍ତ ହୁଅନ୍ତେ
ଡକାଇ ଆଣିଲ ଯେ ମୋତେ ।୨୮
ବୋଇଲି ସତ୍ୟ ଏ ପ୍ରମାଣ
ଗାଳି ଦେଇ ଆଣିଲି ପୁଣ ।୨୯
ଗାଳି ଦେବାରୁ ଯତନ ପାଇଁ
ଆଉ ଦିନେ ସ୍ୱପନେ କହି ।୩୦

ବୋଇଲି କିମ୍ପା ଗାଳିଦେଲ
ମୋତେ କି ଚିହ୍ନି ନ ପାରିଲ ।୩୧
ନର ଦେହରେ ତୁମ୍ଭେ ଥାଇ
କିମ୍ପା ତୁ ଭିନ୍ନ କରୁ କହି ।୩୨
ପୁଣ ନିମନ୍ତେ ଚିନ୍ତା କରି
ତେଣୁଟି ମୋତେ କୋପ ଭରି ।୩୩
ଅବଶ୍ୟ ତୁମ୍ଭ କଥା ମୁହିଁ
ବୁଝିବ ଚିନ୍ତା ଗୁରୁ ତୁହି ।୩୪
ଏମନ୍ତେ ସପନରେ ଜାଣି
କହି ଯେ ଯାଇଥିଲ ପୁଣି ।୩୫
ସେଦିନୁ ମନ ମୋ ଉଚ୍ଛନ୍ନ
କେମନ୍ତେ କରିବ ଦର୍ଶନ ।୩୬
ବଳ ଆଣି ମୋତେ ନେଉଥିବ
ମତେ କି ପ୍ରଭୁ ଦୟା ହେବ ।୩୭
ମୋ ଗଉ ଧରି ନେଲେ ନେଷ୍ଠି
କାଆଁରେ କଣ୍ଠେ ଟିକି ମୁହିଁ ।୩୮
ଏମନ୍ତେ ମନେ ମୁଁ ପାଞ୍ଚିଣି
ତୋରସ୍ଥିକୁ ହକୁ କଷଣ ।୩୯
ତାଙ୍କୁ ପେଷିଣ ଆପଣଙ୍କୁ
ଡକାଇ ନେଇଛିଲ ତୁମ୍ଭଙ୍କୁ ।୪୦
ଆମ୍ଭେ କ ସୃଷ୍ଟି ମୂଳ ଜନ
ତୁମ୍ଭଙ୍କୁ ଚିହ୍ନିବୁ କେସନ ।୪୧
ବେଦ ପୁରାଣ ଯେ ନ ଶୁଣୁ
ସୃଷ୍ଟି କୁଳରେ ଜନ୍ମ ଯେଣୁ ।୪୨
ଯେତେ କଥା କହିଲି ଆଜ
ତୁଂଭେ ତ ଅଟ ଦେବରାଜ ।୪୩
ମନୁଷ୍ୟ ଦେହ ବଳି ଜାଣି
କେ କଣ୍ଢ ପାରେ ଏ ବଚନ ।୪୪

ଆପଣଙ୍କୁ ମନୁଷ୍ୟ କରି
ବୋଲନ୍ତି ଚିହ୍ନି ନ ପାରି ।୫୫
ମୁହିଁ ଜାଣିଲି ପ୍ରଭୁ ଏହି
ତାଙ୍କ କଲେଟି ନ ସହରି ।୫୬
ତାଙ୍କ କରଣ ଗାଳି ଦେଲି
ଏତେ ଅପରାଧ ମୁଁ ଅର୍ଜିଲି ।୫୭
ଏବେ ଅପରାଧ କ୍ଷମା କର
ମୋ ଦୋଷ ନ ଦେଖ ହେ ନଅର ।୫୮
ବୋଇଲି ମେଲଣି କୁ ହୁଅ
ଦୟା ଆଂଭର ମୁଖେ ଥାଅ ।୫୯
ଏବେ ମୁଁ ଯାଉଅଛି ଶୁଣ
ତୁଂଭେ ତ ଆଂଭର ଜୀବନ ।୬୦
ଏମନ୍ତେ ଆଂଭ ମୁକ୍ତ ଶୁଣି
ଦର୍ଶନ ଦେଉଥିବ ପୁଣି ।୬୧
ଏ ମାସେ କଳିମାସେ କହି
ଦର୍ଶନ ଦେବି ମୁଁ ଜଣାଇ ।୬୨
ବୋଇଲୁ ଜନକୁଟେ ଥିଲେ
ଦର୍ଶନ ପାଇବ ଯେ ଭଲେ ।୬୩
ନୋହିଲେ ଦେଖିବଟି କାହିଁ
ସ୍ୱପନେ ସ୍ୱପ୍ନେ ଦେଖା ଲୁହ ।୬୪
ଏମନ୍ତ ଶ୍ରୀମୁଖ ଯହୁଁ
ମେଲଣି ମାଗିଗଲି ତହୁଁ ।୬୫
ମେଲଣି ମାଗି ସେହୁ ଯାଇ
ଆଂଭେ ଉଇଲୁ ଘର ବାହି ।୬୬
କହଇ ଅଦର୍ଶିତ ଦାସ
ନିଜକୁଟେ ହେଲୁ ପ୍ରବେଶ ।୬୭
ଆହେ ସୁଜନ ତୁଂଭେ ଶୁଣ
ଜୀବ ପରମ ବିଚକ୍ଷଣ ।୬୮

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା କଥନେ
ନାମ ଷଷ୍ଟିତମୋଽଧ୍ୟାୟଃ ।

—○—

# ଏକଷଷ୍ଟିତମ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ନିଜକୁଟରୁ ମୁହିଁ ଯାଇ ।୧
ଯାହାକୁ ଯହିଁର ଧନକୁ
ଦଣ୍ଡ ମୁଁ କରିଥିଲି ତାକୁ ।୨
ଯାଇଁ ମୁଁ ତାହାଙ୍କୁ ଯେ କହି
ଶୁଣ ତୁ ସାବଧାନ ହୋଇ ।୩
ଯେ ଗାଳି ଦେଉଥିଲ ପୁଣି
ଉଦାସ ଥିଲି ଗଲୁ ଜାଣି ।୪
ପ୍ରେମ ଲକ୍ଷଣ ଅର୍ପିଲୁ
ପ୍ରତ୍ୟେକ ଏବେ ଲୁହି ଗଲୁ ।୫
ବୋଇଲେ କାଳିଆକୁ ମୁହିଁ
ଶୁଣିଣ ମନେ ମୁଁ ଘେନଇ ।୬
ତାହା ତ କହୁଥିଲେ ମୋତେ
ପ୍ରତ୍ୟକ୍ଷ ଜାଣିଲି ମୁଁ ଚିତ୍ତେ ।୭

ଆଂଭେ ସର୍ବେ ଅଜ୍ଞାନ ହୋଇ
ମନୁଷ୍ୟ ବୋଲି ତାଙ୍କୁ କହୁ ।୮
ସେତ ଅନ୍ତର୍ଯାମୀ ପୁରୁଷ
କେ ଜାଣଇ ତାଙ୍କ ଅନ୍ତଲେଶ ।୯
ଏମନ୍ତ ଭଲ ମୁଁ ବୁଝରେ
ନିଦ୍ରା ତ ନାହିଁ ନୟନରେ ।୧୦
ଆପଣ କଥା ଶୁଣି ଶୁଣି
ସୁଖ ପାଇଲି ମୁଁ ନ ଜାଣି ।୧୧
ଏପାରେ ଶରତେ ହେବାରୁ
ଚାଷ୍ଟ ମୁଁ ଆଣିଲି ଆଚାର୍ଯ୍ୟରୁ ।୧୨
ସେକଥାମାନ ମୁଁ ଲେଖିଛି
ପିଲ୍ଟି ଏନୁ ଶୁଣିଅଛି ।୧୩
ମୋତେ ଅ.ଠ ବରଷ ଜାଣ
ତୁଂଭେ ପଚରେ ଏଥେ ପୁଣ ।୧୪
ସେ ଦିନକୁ ଯେ ଆଜି କହୁ
ମୋତେ ପଚର ବରଷଇଁ ।୧୫
ନବ ବରଷ ହେଲା ଶୁଣ
ତୁଂଭ କଥା ଦେଖି ଶୁଣିଣ ।୧୬
କେତେ କଥା ଏ ଶୁଣି ଥିଲି
ଏ କଥା ପ୍ରତ୍ୟକ୍ଷ ପାଇଲି ।୧୭
କେଉଁ ପୁରୁଷ ତୁଂଭେ କହ
ମୋ ମନୁ ସଂଶୟ ପିଟାଅ ।୧୮
ଏମନ୍ତେ କବି ଭୁନ ହୋଇ
ମୁହିଁ ବୋଇଲି ଶୁଣ କହୁ ।୧୯
ସତର ବରଷ ଯେ ତୋତେ
ଏ ହେତୁ ପାଇଲୁ କେମନ୍ତେ ।୨୦
ଦ୍ଵାପରେ ସ୍ମୃତି ସ ଅଙ୍ଗ ବନ୍ଧୁ
ଅସର ଦେଖିବାକୁ ନାହିଁ ।୨୧

ବେଦ ପୁରାଣ ନ ଶୁଣିଲୁ
ଏ ହେତୁ କାହିଁ ତୁ ପାଇଲୁ ।୨୨
ବେଦ ପୁରାଣ ଯେ ଶୁଣନ୍ତି
ହେତୁ ବଚନ ନ କହନ୍ତି ।୨୩
ତୁ ଯେ ସ୍ମୃତି ସ ନେଇଥାଉ
ଅବଶ୍ୟ ଆଂଭେ ତୋତେ ନ୍ୟାୟ ।୨୪
ତୁଂଭେତ କଥା ଯେ ପାଇଲେ
ଅବଶ୍ୟ ସାଧନ ଯେ ଭଲେ ।୨୫
ଆଂଭେ ତ ଜାଣି ନ ସାଧନ୍ତୁ
ପ୍ରଭୁ ମାୟାରେ ଭ୍ରମୁଅଛୁ ।୨୬
ସେ ହରି ସର୍ବ ଘଟେ ଥାଇ
କା ହୃଦେ କେଉଁ ବୁଦ୍ଧି ଦେଇ ।୨୭
ତୋ ହୃଦେ ହେତୁରେ ଅଛନ୍ତି
ଏହା ମୁଁ ଜାଣିଲି ଯେ ଚିନ୍ତି ।୨୮
ଏକା ପୁରୁଷ ଦୁଇ ହୋଇଁ
ସର୍ବ ଘଟରେ ବିହରଇ ।୨୯
ମୋତେ ଯେ ପଚାରିଲ ତୁଂଭେ
କେଉଁ ପୁରୁଷ କହ ଏବେ ।୩୦
ମୁହିଁଟି ବ୍ରହ୍ମାଣ୍ଡେ ଘୋଟିଛି
ଗାବେ ଅଗାବେ ପୂରିଅଛି ।୩୧
ତୋ ଦେହେ ଅଛି ମୁହିଁ ଜାଣ
ମୋ ଦେହେ ଅଛୁ ତୁହି ପୁଣ ।୩୨
ଏକା ଅଙ୍ଗଟି ଭିନ୍ନ ନାହିଁ
ପ୍ରତ୍ୟକ୍ଷେ ବୁଝିଅଛୁ ତୁହି ।୩୩
ତୁତ ଜୀବ ଆତ୍ମା ମୋହର
ମାଗ ହୋ ଦେବଇଁ ନିକର ।୩୪
ଯେ ଇଚ୍ଛା ମାଗ ମନେ ତୁହି
ଦେବଇଁ ପ୍ରଭୁ ଆଗେ କହି ।୩୫

ହୋଇଲେ ଶୁଣ ମୋର ବାଣୀ
ମୋତେ ସଙ୍ଗତେ ରଖ ପୁଣି ।୩୬
ଏ ବୋଲୁ ଅନ୍ୟ ନ ମାଗଇ
ଜଥା ଏ ଏବେ ଜର ଜନ୍ମ ।୩୭
ମୋତେ ମାଃରଣ ଘୋଡାଇବ
ଘରେ ଆସି ଉଠାଇ ନେବ ।୩୮
ଦେହେ ଜାବ ନ ଜାଣିବେ
ମଲ ବୋଲି ସତେ କହିବେ ।୩୯
ବୋଇଲୁ ଅବଶ୍ୟ ନିଅନ୍ତୁ
ଏ କଥା ଅବଶ୍ୟ କରନ୍ତୁ ।୪୦
ତୁମ୍ଭ ମନରେ ଥାଣ୍ଡି ଅଛ
ସଂସାର ହେଗରକୁ ଲଙ୍ଘିଛ ।୪୧
ସେ ସ୍ରେତ କରିବ ଯେ ଶୁଣ
ବାଖି ହେବ ତୁମ୍ଭେ ପୁଣ ।୪୨
ବାଳକୃଷ୍ଣ ବୋଲି ଜଣେ ହିଁ
ତାହାକୁ ଦଣ୍ଡ ଦେବୁ ତୁହି ।୪୩
ଯେତିକି ମୁହିଁ ବୋଲି ଜାଣ
ତୁମ୍ଭଙ୍କୁ ବଖାଣେଦ ପୁଣ ।୪୪
ଏକା ପୁରୁଷ ସର୍ବ ଦେଖେ
ଭିନ୍ନ କର୍ମା ମଣ୍ଡନ୍ତି କାଯ୍ୟେ ।୪୫
ଏକା ସୂର୍ଯ୍ୟକି ଦେଖ ତୁମ୍ଭେ
ଦଶ ବ୍ରହ୍ମାଣ୍ଡ ଦୋଷେ ସେହି ।୪୬
ଏକ ଚନ୍ଦ୍ରମା କେତେ ପୁଣ
ବ୍ରହ୍ମାଣ୍ଡେ ଶୋଭି ଅଛି ଜାଣ ।୪୭
ଏକା ପବନ ଦେଖ ତୁମ୍ଭେ
ବ୍ରହ୍ମାଣ୍ଡେ ପୂରିଅଛି ସେହି ।୪୮
ଏକା ଜଳକି ଦେଖି ଅଛ
କେତେ ଏ ବ୍ରହ୍ମାଣ୍ଡେ ପୂରିଛି ।୪୯

ଏକ ଅଗ୍ନିକି ଦେଖ ତୁମ୍ଭେ
ବ୍ରହ୍ମାଣ୍ଡେ ପୂରିଅଛି ସେହି ।୫୦
ପୃଥ୍ୱୀ ଆକାଶ ଦେଖ ପୂର୍ଣ୍ଣ
ବ୍ରହ୍ମାଣ୍ଡେ ଘୋଟିଅଛି ଜାଣ ।୫୧
ଏକା ପୁରୁଷ ସର୍ବ ଦେହେ
ବେଢାଇ କରୁଛି ମୁଁ କହେ ।୫୨
ଛପନ କୋଟି ଜୀବ ଯେତେ
ଘୋଟିଛି ଜାଣିବୁ ସାକ୍ଷାତେ ।୫୩
ଭିନ୍ନ ଜନ୍ମକୁ ଦେଖନ୍ତି
ଏକ ଆତ୍ମାକି ନ ଜାଣନ୍ତି ।୫୪
ଯେଣୁ ଏକ ଆତ୍ମା ଘଟଇ
ତାହାର ଜନ୍ମ ମୃତ୍ୟୁ ନାହିଁ ।୫୫
ମୁହିଁ ଏକ ଆତ୍ମା ନ ମଣି
ତୁମ୍ଭଙ୍କ ମାୟା ମୋତେ ପୁଣି ।୫୬
ଯେତେବେ ପ୍ରଭୁଙ୍କ ଦୟା ହେବ
ତୁର୍ଣ୍ଣି ଯୁଗାନ୍ତେ ଏ ରହିବ ।୫୭
ନୋହିଲେ ଦେହ ମୁଁ ଛାଡିବ
ନିଜ ସ୍ଥାନକୁ ମୋର ଯିବ ।୫୮
ମୋ ସଙ୍ଗେ ସୁଖ ନାହିଁ ତୋତେ
ଭୋଗ ତୁ କର ଏ ଜଗତେ ।୫୯
ଏମା କେତେ ଭୋଗ କରିଣ
ଅଧି ଭେଟିବ ମୋତେ ପୁଣ ।୬୦
ମୋ ଅଙ୍ଗେ ଆସି ଲୀନ ହେବ
ମାୟା ପିଣ୍ଡକି ଛାଡ଼ି ଯିବ ।୬୧
ମାୟା ଦେହରେ ସୁଖ ନାହିଁ
ଦୁଃଖ ତୁ କହୁଅଛି ମୁହିଁ ।୬୨
ଦେହାନ୍ତେ ମୋର ପାଶେ ଆସ
ନେମନ୍ତି ହୋଇ ଥାଅ ବାସ ।୬୩

ତୁମ୍ଭ ଅନୁଭ ବଳ ପାଇଁ
ଏଣା ଏମନ୍ତି ବୁଝେଁ କଥା ।୧୪
ଏମନ୍ତ ଆଜ୍ଞା ମୁଖୁ ଶୁଣି
ମେଲାଣି ନେଲ ଭଗବତୀ ।୧୫
ନଚାଇଲ ତୁମ୍ଭର ମାୟାରେ
କେ ନ ଭୁଲିବ ଏ ସଂସାରେ ।୧୬
ରହିଲ ଦୋଷ କ୍ଷମା କର
କହନ୍ତି ଜନନୀ ଦାସୀ ତୁମ୍ଭର ।୧୭
ଏମନ୍ତ କହି ସେହୁ ଯାଇ
ଗଡ଼କୁ ଚଳି ଗଲ ମୁହିଁ ।୧୮
ହେ ପ୍ରଭୁ କେତେକ ଦୟା ଥିଲ
ଏବେ କ୍ଷମା ନିର୍ଦ୍ଦୟା ହେଲ ।୧୯
ମୋ ଚିନ୍ତି କେତେକ ଅନ୍ତ ନାହିଁ
ପ୍ରଭୁଙ୍କ ସଙ୍ଗେ ମୁଁ ଭ୍ରମଇ ।୨୦
ମୋର ଅସ୍ତ୍ର ହସ୍ତୁକନ୍ତ
ଟୁଟୁଛି ପାଦେ ମନ ଶାନ୍ତ ।୨୧

ତେଣୁ ବାସ୍ତ ବୋଲି ଉଠିଲି
ମୋତେତ ତ ଚିହ୍ନି ନ ପାରିଲ ।୨୨
ପ୍ରଭୁ ନିର୍ଦ୍ଦୟା ମୋତେ ଶୁଣି
ନୋହିଲେ କ୍ଷମା ଉଠେ ଜାଣ ।୨୩
ହେ ପ୍ରଭୁ ନିର୍ଦ୍ଦୟା କ୍ଷମାଇ
ମୁଁ ତ ତୁମ୍ଭଙ୍କୁ ଗୁହାନାହିଁ ।୨୪
ତୁମ୍ଭର ଭଉପାତେ ଶୁଣ
ଗର୍ବ ମୁଁ ନ ସହଇ ଜାଣ ।୨୫
ତୁମ୍ଭେତ ଏହି ଦେଖେଁ ଥାଇ
ଗର୍ବ ତ କେବେ ସହ ନାହିଁ ।୨୬
ମାଡ଼ି ଗାଳିହିଁ ସବୁ ସହ
ଗର୍ବ କଲେଟି ସେ ନ ସହ ।୨୭
କହୁଛି ଅରକ୍ଷିତ ବାଧି
ହେ ପ୍ରଭୁ ତା ଗର୍ବ ତୁ ନାଶ ।୨୮
ଆହେ ସୁଜନ ମାନେ କହେ
ଗର୍ବଟି କେବେ ହେଁ ନ ସହେ ।୨୯

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମଣିମଣ୍ଡଳ ଗୀତା କଥନେ
ନାମ ଏକଷଷ୍ଟିତମୋଽଧ୍ୟାୟଃ ।

# ଦ୍ୱିଷଷ୍ଟିତମ ଅଧ୍ୟାୟ

ଆହେ ଚୈତନ୍ୟ କଥା ଶୁଣ
ତୁମ୍ଭର ଦୟାରୁ ମୁଁ ଜାଣ ।୧
ଗର୍ବଟି କେବେ ନ ସହଇ
ଯେ କରେ ତା ଗର୍ବ ତୁଟଇ ।୨
ମୋ ଠାରେ ଗର୍ବ ଯେ କରନ୍ତି

ତୁଚ୍ଛ ତା ଜାଣି ସେ କହନ୍ତି ।୩
ଏମନ୍ତେ ଏକ ପ୍ରଶ୍ନ ଜାଣ
ଗର୍ବ କଲ କଥିବା ଶୁଣ ।୪
ଆଂଭଙ୍କୁ ଗର୍ବେ ଗାଳି ଦେଇ
ଖବଳାଙ୍କ ଉପରେ କହି ।୫

ବୋଇଲା ବୈଷ୍ଣବକୁ ତୁମ୍ଭେ
କର୍ମା ଗୋ ଦେଖା ଦିଅ ସର୍ବେ ।୬
ବଡ଼ ଘରର ବୋହୂ ହୋଇ
ନ ଲୁଚି ଦେଖା ଦିଅ କିମ୍ପା ।୭
ତାର ଜନମ କେଉଁଠାଇଁ
ପଚାରେ ଅସିଷ୍ଠ କର୍ମାଇଁ ।୮
ତାକୁ ତ ତୁମ୍ଭେ ଦେଖା ଦିଅ
ଲଜ୍ଜା ସଙ୍କୋଚ ଦୂରର ଥୁଅ ।୯
ଏମନ୍ତେ ତାକୁ ଜ୍ଞାନ ଦେଲେ
ସେଥୁ ବୋଇଲେ ଶୁଣ ତୁମ୍ଭ ।୧୦
କର୍ମାଳିଁ ଏତେ ଗର୍ବ ତୋର
ନ ବୁଝି ଜ୍ଞାନ ଦେଉ ଘୁର ।୧୧
ଗର୍ବିଷ୍ଠ କେବେ ନ ସହନ୍ତି
ଅନ୍ତର୍ଯ୍ୟାମୀ ସେହୁ ଅଟନ୍ତି ।୧୨
ତୋ ଜ୍ଞାନ ଯେ ନଷ୍ଟେ କାଟିବେ
ତୋହର ଗର୍ବ ବିନାଶିବେ ।୧୩
ବଳେ ଡକାଇ ତୁ ଆଣିବୁ
ତାଙ୍କର ପାଦ ମଖାଳିବୁ ।୧୪
ଏକଥା ଦୃଢ଼ କରି ଧର
ଅଣିଲେ କଳ୍ପକ ହିମୂର ।୧୫
ବୋଇଲେ ଦେବହ ପ୍ରାଣି ଥିଲେ
କେବେ ଗୋ ନ ଡକାଇ ଭଲେ ।୧୬
ଏମନ୍ତ କହି ଚଳ ଶୁଣି
ବଡ଼କୁ ଧନେ କେ ଜାଣି ।୧୭
ସବଗ୍ରାସୀଙ୍କ କାଢ଼ୀ ଦେଖି
ସମସ୍ତ କହିଲୁ ଉପେକ୍ଷି ।୧୮
ମୁହିଁ ବୋଇଲି ତୁମ୍ଭେ ଶୁଣ
କର୍ମା ସେ ମୋତେ ଯୋଗ ପୁଣି ।୧୯

ସେତ ଆଂଖ ଜାବନ କର୍ତ୍ତ
ବଳେ ଡକାଇ ନେବ ସେଠି ।୨୦
ତର୍ଣ୍ଣିକ ଶର୍ମା ତୁ ନକର
ତା ଗର୍ବ ଭୁଞ୍ଜିବ ଶିକର ।୨୧
ତୁମ୍ଭ ଆଗରେ କହି ଯାଇଁ
ମଲେ ନ ଡକାଇବ ମୁହିଁ ।୨୨
କେମନ୍ତେ ନ ଡକାଇ ପୁଣ
ବୁଝିବା କେତେକ ଟାଣପଣ ।୨୩
ସେତ ଜ୍ଞାନ ପରମ ମୁହିଁ
ସକ୍ତିକ ଗଣେଶ ସର୍ବ କହି ।୨୪
ସଜ୍ଞୀଭ ଗଣ ସଙ୍ଗେ ପଢ଼ି
ମୋତେ ପାଟଣାକି ଅଛି ବୁଡ଼ି ।୨୫
ବଳେ ଡକାଇ ନେବ ସେଥି
ଦୂର କଲେ କି ଦୂର ହୋଇ ।୨୬
ଏକ ଆତ୍ମାଟି ଦୁହେଁ ଜାଣ
ଷୀରରେ ନୀରନ୍ତି ଯେସନ ।୨୭
ଏକଥା ବୁଝି ଲକ୍ଷ୍ୟ କରି
ବିନା କେଉଁଠ ଯାଅ କାହାରି ।୨୮
ଏମନ୍ତ କହି ତାଙ୍କୁ ମୁହିଁ
ତିରସ୍କୁଟକୁ ଚଳୁ କହି ।୨୯
ଏମନ୍ତେ ଧନା କେଉଁଠ ଯାଇ
ତା ମନ ଉଚ୍ଛନ ସେ ହୋଇ ।୩୦
ବିବେକ ଭଣ୍ଡାରୀ ଜଣେ ଦେଖି
ସମସ୍ତ କହିଲୁ ଉପେକ୍ଷି ।୩୧
ବୋଇଲେ ବାବାଜି କି ଆଣ
ଦର୍ଶନ କରିବ ମୁଁ ପୁଣ ।୩୨
ଆଂଖି ଦୂର ପ୍ରାଣୀଟି ଥିବ
ସବୁ ଅର୍ଦ୍ଧେ ସେଥି ଆସିବୁ ।୩୩

ତୁମ୍ଭେ କହିଲେ ଯେ ଆସିବେ
ନାସ୍ତିକ କେବେ ନ ଭଜିବେ ।୩୪
ମୋ ଚିତ୍ତ ହରି ନେଲେ ସେହି
ତୁମ୍ଭେ ଭେଟ କରାଅ କହି ।୩୫
ତୁମ୍ଭ ପ୍ରସନ୍ନେ ମୁହିଁ ଜାଣ
ପାଇବି ତାଙ୍କ ଦରଶନ ।୩୬
କାଲି ସ୍ୱରୂପ ସେତେକ ଆଣିବ
ଜାଣିବ ତୁମ୍ଭ ତାଙ୍କ ଭାବ ।୩୭
ବୋଲିଲେ ତୁମ୍ଭଠାରେ ସେହି
ଚଣ୍ଡାଳ ତାଙ୍କ କେବେ ନାହିଁ ।୩୮
ଏମନ୍ତ ତାଙ୍କ କଥା ଶୁଣି
କାଲି ଆଣିବ ଆଉ ଜାଣି ।୩୯
ସେଠାରେ ଜବାବ ଦେଇଣି
କହି ଆମ୍ଭଙ୍କୁ ନେଲେ ପୁଣି ।୪୦
ଘର ଭିତରକୁ ଯେ ଗଲୁ
ଆସନ ଉପରେ ବସିଲୁ ।୪୧
ସେ ଆସି ଦର୍ଶନ ଯେ କଲ
ପାଦ ମସ୍ତାକ ସେ ବସିଲ ।୪୨
ବୋଇଲ ଶୁଣିଲ ଶରଣ
ଆମ୍ଭେତ ଅପରାଧୀ ଜନ ।୪୩
ତୁମ୍ଭଙ୍କୁ ଭକ୍ତି କେ ପାଇବ
ଆମ୍ଭଠାରେ ଦୟା ଯେ ଥିବ ।୪୪
ମୋଠାରେ କୋପ ଯେ ବହିଛ
ସେଥିଁ ବଚନ ନ କହୁଛ ।୪୫
ମୁହିଁଟି ସଦା ଦୋଷକାରୀ
ଜନ୍ମେ ଜନ୍ମେ ଯେ ପଞ୍ଚସ୍ୱୀ ।୪୬
ଏବେ କରେଣି ଦୟା କଲ
ଦର୍ଶନ ଆଜ ତୁମ୍ଭେ ଦେଲ ।୪୭
ବହୁତ ଦିନୁ ଇଚ୍ଛା ହୋଇ
ଦର୍ଶନ କରିବାର ପାଇଁ ।୪୮
ସାଇ ଦିବସ ଗଲେ ପୁଣ
କେ ଆସି ଭେଟାଇବ ଜାଣ ।୪୯
ଏମନ୍ତେ ଭଲ ଭାଗ ମୁହିଁ
ଗୋପବନ୍ଧୁଙ୍କୁ ମୁଁ ଯେ କହି ।୫୦
ତାଙ୍କ ବଚନେ ଯେ ଆସଛ
ମୋ ଠାରେ କୋପ ଯେ ବହିଛ ।୫୧
ବୋଇଲୁ କୋପ ନାହିଁ ଶୁଣି
ତୁମ୍ଭେ ତ ଆମ୍ଭର ଜୀବନ ।୫୨
ତୁମ୍ଭେଟି ଆମ୍ଭରେ ନରାଗ
କହଇ ଅରକ୍ଷିତ ଦାସ ।୫୩
ଆହେ ସୁଜନ ମାନେ କହ
ଗର୍ବ ଗଞ୍ଜନ ଭବହାରୀ ।୫୪

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମନ୍ତ୍ରଙ୍କ ଗୀତା କଥନେ
ନାମ ଦ୍ୱିସପ୍ତତିତମୋଽଧ୍ୟାୟଃ ।

— — — —

ବୋଇଲା ବୈଷ୍ଣବଙ୍କୁ ତୁମ୍ଭେ
କର୍ମୀ-ଯୋଗେ ଦେଖା ଯାଅ ସର୍ବେ ।୬
ବ୍ରହ୍ମ ସ୍ୱରୂପ ବୋଧ ହୋଇ
ନ ଲୁଚି ଦେଖା ଯାଅ କହି ।୭
ତାର ଜନମ କେଉଁଠାଇଁ
ଜଣାଇ ଆସିଛୁ କର୍ମୀଇଁ ।୮
ତାଙ୍କୁ ତ ତୁମ୍ଭେ ଦେଖା ଯାଅ
ଲଜ୍ଜା ସଙ୍କୋଚ ଦୂରେ ଥୁଅ ।୯
ଏମନ୍ତେ ତାଙ୍କୁ ଆଜ୍ଞା ଦେଇ
ସେଠୁ ବୋଇଲେ ଶୁଣ ତୁମ୍ଭି ।୧୦
କର୍ମୀଙ୍କି ଏତେ ସର୍ବ ତୋର
ନ ବୁଝି ଗାଳି ଦେଉ ସ୍ଥିର ।୧୧
ସର୍ବଙ୍କି କେବେ ନ ସହନ୍ତି
ଅନ୍ତର୍ଯାମୀ ସେଠୁ ଅଛନ୍ତି ।୧୨
ତୋ ଗାଳି ସେ କର୍ଣ୍ଣେ ଶୁଣିବେ
ତୋପଣ ଭଙ୍ଗ ଜଣାଇବେ ।୧୩
ବଟଳ ଉଚାଇ ତୁ ଆସିବୁ
ତାଙ୍କର ପାଦ ମସ୍ତକରୁ ।୧୪
ଏକଥା ଦୃଢ଼ କରି ଧର
ଆସିଲେ କହିବ ସ୍ୱମୂର ।୧୫
ବୋଇଲେ ସେତେ ପ୍ରାଣ ଥିଲେ
କେବେ ତୋ ନ ଉଚାଇ ଅଟିଲ ।୧୬
ଏମନ୍ତ କହି ଗଲ ଶୁଣି
ଗାଉଁକୁ ଯତେ ଚଲି ଜାଣେ ।୧୭
ଶୁକଗୋସାଇଁଙ୍କ କାଯ୍ୟ ଦେଖି
ସମସ୍ତ କହିଲେ ଉଦେଷି ।୧୮
ମୁହିଁ ବୋଇଲି ତୁମ୍ଭେ ଶୁଣ
କର୍ମୀ ସେ ମୋତେ କୋପ ପୁଣ ।୧୯

ସେତ ଆଉ ଜୀବନ କରି
ବଟଳ ଉଚାଇ ନେବ ସେହି ।୨୦
ତହିଁକି ଚନ୍ଦ୍ରାଙ୍କୁ ନଜର
ତା ସଙ୍ଗ ବୁଝିବ କିବର ।୨୧
ତୁମ୍ଭ ଆଗରେ କହି ଯାଉଁ
ମରିଲେ ନ ଉଚାଇବ ମୁହିଁ ।୨୨
କେମନ୍ତେ ନ ଉଚାଇ ପୁଣ
ବୁଝିବା କେମନ୍ତେ ଟାଣପଣ ।୨୩
ସେତ ଜୀବ ଶରୀର ମୁହିଁ
ପ୍ରକୃତି ଗଢିଣ ସର୍ବ ଭଜି ।୨୪
ପ୍ରକୃତି ଗଣ ସଙ୍ଗେ ସଞ୍ଚି
ମୋତେ ଆଦେଶ ଅଛି ତୁଞ୍ଚି ।୨୫
ବଟଳ ଉଚାଇ ନେବ ସେହି
ଦୁଇ କଲେ କି ଦୁଇ ହୋଇ ।୨୬
ଏକ ଆତ୍ମାଟି ଦୁହେଁ ଜାଣ
ଶରୀରେ କରନ୍ତି ସେଥିନ ।୨୭
ଏକଥା ବୁଝି ତତ୍ୱ କରି
ଜନା କେତେଠ ଯାଉ ବାହାର ।୨୮
ଏମନ୍ତ କହି ତାଙ୍କୁ ମୁହିଁ
ଚି ସଙ୍କଟରୁ ଗଲି କହି ।୨୯
ଏମନ୍ତେ ଯଦା କେଜାତ ଥାଇ
ତା ମନ ଉଲ୍ଲାସ ତେଜ ହୋଇ ।୩୦
ଯତେକ ବଶ୍ୟାଦୀ ଜଣେ ଦେଖି
ସମସ୍ତ କହିଲେ ଉଦେଷି ।୩୧
ବୋଇଲେ ବାବାଜି କି ଆଣ
ଦର୍ଶନ କରିବା ମୁଁ ପୁଣ ।୩୨
ଆଜ୍ଞେ ଦୁଇ ପ୍ରାଣୀଟି ଥିବୁ
ସର୍ବ ଅଛେ ଦେଖି ଆସିବୁ ।୩୩

ତୁଂଭେ ଗଚ୍ଛିଲେ ବଳ ଆସିବେ
ନାସ୍ତିକ ଦେକେବ ନ ଗଣିବେ ।୩୪
ମୋ ଚିତ୍ତ ଧନ୍ୟ ନେଲେ ଦେଖ
ତୁଂଭେ ଭେଟ କରାଅ ଭକ୍ତ ।୩୫
ତୁଂଭ ପ୍ରସନ୍ନେ ମୂର୍ଖ ଜାଣ
ଚାରଣୀ ନ'ଙ୍କ ଦଲଶାନ ।୩୬
ଦାଲି ପ୍ରେଷ ଯେବେ ଆଣିବ
ଜାଣିବ ତୁଂଭ ଭାଙ୍କ ସବୁ ।୩୭
ବୋଧିଲେ ତୁଂଭଠାରେ ସେହି
ବିଶ୍ୱାସ ତାଙ୍କ ହେବେ ନାହିଁ ।୩୮
ଏମନ୍ତ ତାଙ୍କ ଭାଷା ଶୁଣି
କାଲି ଆସିବ ଆଉ ଜାଣି ।୩୯
ସେଠାରେ ଜବାବ ଦେଇଣ
ଗନ୍ଧ ଆମ୍ଭଙ୍କୁ ଦେଲେ ପୁଣ ।୪୦
ଘର ଭିତରକୁ ଯେ ଗଲୁ
ଆସନ ଉପରେ ବସିଲୁ ।୪୧
ସେ ଆସି ଦର୍ଶନ ଯେ କଲ
ପାଦ ପଖାଳି ସେ ବସିଲ ।୪୨
ବୋଇଲ ପଶିଲ ଶରଣ
ଅନେକ ଅପରାଧୀ ଜନ ।୪୩
ତୁମ୍ଭଙ୍କୁ ଚିହ୍ନି ନ ପାରିବ
ଆମ୍ଭଠାରେ ଦୟା ଯେ ଥିବ ।୪୪
ମୋଠାରେ କୋପ ଯେ ବଳିଛ
ଯେତେକ ବଚନ ନ କହୁଛ ।୪୫
ମୂର୍ଖଙ୍କି ସଦା ଦୋଷକାର
ଜନ୍ମେ ଜନ୍ମେ ଯେ ପରିଚୟ ।୪୬
ଏତେ ଖଟନ୍ତି ଦୟା କଲ
ଦର୍ଶନ ଆଜ ତୁମ୍ଭେ ଦେଲ ।୪୭
ବହୁତ ଦିନୁ ଇଚ୍ଛା ହୋଇ
ଦର୍ଶନ କରିବାର ପାଇଁ ।୪୮
ଘରି ଧ ବସ ଘରେଜ ପୁଣ
କେ ଆସି ଭେଟାଇବ ଜାଣ ।୪୯
ଏମନ୍ତେ ଘନ ଭଲ ମୂର୍ଖି
ଗୋପବନ୍ଧୁଙ୍କୁ ମୁଁ ଯେ ଭକ୍ତି ।୫୦
ତାଙ୍କ ବଚନେ ଯେ ଆସନ୍ତ
ମୋ ଠାରେ କୋପ ଯେ କରିଛ ।୫୧
ବୋଇଲୁ କୋପ ନାହିଁ ଶୁଣ
ତୁଂଭେ ତ ଆଂଭର ଜୀବନ ।୫୨
ତୁମ୍ଭେକି ଆମ୍ଭରେ ନରଖ
କହଇ ଅରକ୍ଷିତ ଦାସ ।୫୩
ଆହେ ସୁଜନ ମାନେ ଭକ୍ତ
ଭବ ଭଞ୍ଜନ ସବତାସ୍ତ ।୫୪

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମଧ୍ୟମଣ୍ଡଳ ଗୀତା କଥନେ
ନାମ ଦ୍ୱିଷଷ୍ଟିତମୋଽଧ୍ୟାୟଃ ।

# ତ୍ରିଷଷ୍ଠିତମ ଅଧ୍ୟାୟ

ବୋଇଲୁ ଶୁଣ ଏବେ ତୁହି
ଭୂତ ଗାବ ଉତ୍ତମ ମୂର୍ତ୍ତି ।୧
ମାୟା ଦେହରେ ତୁ ରକ୍ଷଣ
ଆଂଭଙ୍କୁ କର୍ମା ଗ୍ରନ୍ଥ ପୁଣ ।୨
ତୁହି ମୂର୍ତ୍ତିକି ଧୂଳ ହୋଇ
ସଙ୍ଗ ଅଙ୍କୁ ଧରି ଛଇଁ ।୩
ଆଂଭେ ଦୁର୍ଦ୍ଦେଂକି ସୃଷ୍ଟିଗଲ
ଏ ଦେହ ନାଶ ଯାଇ ଛଳେ ।୪
ଏଣା ସୁକ୍ଷ୍ମ ଦୁର୍ଦ୍ଦେଂ ହୋଇ
ସଂସାରେ ଲୀଳା କରୁଛନ୍ତି ।୫
ବଣଟି ହୋଇଅଛୁ ଯାକୁ
ଦେଖନ୍ତି ମୂର୍ତ୍ତି ଜାଣି ତାଙ୍କୁ ।୬
ଏକ ଆତ୍ମାକି ଦର୍ବ ଦେହେ
ଭିନ୍ନଟି ଦେଖିବ ହେଁ ନ କହେ ।୭
ତୁଂଭେଟି ଭିନ୍ନ କରି ସତେ
କର୍ମା ଗାଳ ଦେଲଟି ମୋତେ ।୮
ଭିନ୍ନ କା କଲେ ଭିନ୍ନ ହୋଇ
ବଳେ ଡାକ ଆଣିଲୁ କହି ।୯
ବୋଇଲେ ସତ୍ୟ ଏହୁ ବାଣୀ
ନଶିକ୍ଷି ଗ.ଳ ଦେଲୁ ପୁଣି ।୧୦
ଆଂଭେ ତ ସ୍ତ୍ରିଯ ମୂର୍ଖଜନ
ତୁଂଭଙ୍କୁ ଚିହ୍ନିବୁ କେସନ ।୧୧
ଗାଳ ଦେଲଣ ମୁଁ ଅଜ୍ଞାନ
ତୁଂଭଙ୍କୁ ସପନେ ଦେଖିଲ ।୧୨
ବୋଇଲେ କର୍ମା ଗାଳ ଦେଲ
ମୋତେ ତ ଚିହ୍ନି ନ ପାରିଲ ।୧୩
ତୁ ମୋର ନିଜ ପତ୍ନୀ କହି
ନ ଚିହ୍ନି କର୍ମା ଗାଳ ଦେଇ ।୧୪
ଆଂଭର କୋପ ହେଲେ ଶୁଣ
ତୋ ଦେହୁ ଗ୍ରନ୍ଥ ଯିବ ପୁଣ ।୧୫
ଏବେକ ଦେହ ରଖି ଥାନ୍ତୁ
କର୍ମା ଅଜ୍ଞାନ ହୋଇ ମତ୍ତ ।୧୬
ଆଂଭର ଦୟା ତୁଂଭ ତହିଁ
ମୋତେ ନିଜ ସ୍ତ୍ରୀ ତୋ କପାଇଁ ।୧୭
ଏମନ୍ତ ସ୍ୱପନେ କହିଲ
ସେ ଦିନୁ ନିଜ ମୋ ହରିଲ ।୧୮
ସେଦିନୁ ମନ ଭଜନ୍ତି ଶ୍ରୀ
ଶାସ୍ତ୍ରତେ ଦେଖି ହେବା ପାଇଁ ।୧୯
ରୋପବନ୍ଧୁଙ୍କୁ ପଠାଇଲ
ଡକାଇ ତୁଂଭଙ୍କୁ ଭେଟିଲି ।୨୦
ମୋଠାରେ ଦୟା ଥିଲା ଯେଣୁ
ଆପଣ ବିଜେ କଲେ ତେଣୁ ।୨୧
ନିଜ ସ୍ତ୍ରୀ ଥିଲେ ମୋର ତହିଁ
କର୍ମା ଆପଣ ମୁଁ କହଇ ।୨୨
ଦୟାଶୀଳଟି ଅଟ ତୁଂଭେ
ଜାଣିଲି ସ୍ୱପନର ଭାବେ ।୨୩
ଏମନ୍ତେ କହନ୍ତେଣ ସେହୁ
ବୋଇଲୁ ଏବେ ଆଂଭେ ଯାଉ ।୨୪
ଶୁଣିଣ ନେଲଣି ଦୁଅଇ
ସେଠାରୁ ଆସୁ ଏବେ କହୁ ।୨୫

ଯଦୁଗୋଷ୍ଠୀ ସଙ୍ଗେ ମିଳିଲୁ
ଡକାଇ ତାହାଙ୍କୁ କହିଲୁ ।୨୬
ବୋଇଲୁ ଏବେ ତୁମ୍ଭେ ଶୁଣ
ସେ ଗାଈ ଦେଇଅଛନ୍ତି ପୁଣ ।୨୭
ଗୋପବନ୍ଧୁଙ୍କୁ ପଠାଇ
ଆମ୍ଭଙ୍କୁ ଡକାଇ ସେ ନେଇ ।୨୮
ଦେଖନ୍ତି ଲକ୍ଷଣ ଅଟିଲୁ
ପ୍ରତ୍ୟକ୍ଷ ଏବେ ସେ ପାଇଲୁ ।୨୯
ବୋଇଲେ ଆପଣଙ୍କ ଠାରେ
ଗର୍ବ କରି ନ ଦେହ ଧରେ ।୩୦
ତୁମ୍ଭଙ୍କୁ ମନୁଷ୍ୟ ବୋଲିଣ
ବୋଲୁ ସେ ଆଜ୍ଞା ମୂର୍ଖପଣ ।୩୧
ତୁମ୍ଭଙ୍କୁ କେ ଚିହ୍ନି ପାରଇ
ଆମ୍ଭେ ସବେହିଁ ଅଜ୍ଞାନ ହୁଁ ।୩୨
ନଜାଣି ଗର୍ବ ସେ କରୁଛୁ
ତୁମ୍ଭରେ ଅପରାଧ ଅର୍ଜୁଛୁ ।୩୩
ଏମନ୍ତେ କହି ସେହୁ ଗଲେ
ଆମ୍ଭେ ଚଳୁଅଛି ଅମ୍ବୁ ଭଲେ ।୩୪
ଆମ୍ଭ ପାଖକୁ ସେହୁ ଯାଇ
ତାହାଙ୍କୁ ଡକାଇ ଅଣାଇ ।୩୫
ବୋଇଲେ ଆଜି ସତେ ଶୁଣ
ଜା ସଙ୍ଗେ କଥା ହେଲ ପୁଣ ।୩୬
ଯେବଣ ଥିଲେ ତୁମ୍ଭେ କହି
କେବେହେଁ ନ ଡକାଏ ମୁହିଁ ।୩୭
ଏବେ ତାଙ୍କ ପାଦ ଧରିଲୁ
ସ୍ତୁତି ଅନେକ ସେ କରିଲୁ ।୩୮
ବଡ଼ ଘରର ବୋହୂ ହୋଇ
ନଲୁଚି ଦେଖା ଦେଲୁ ତୁହି ।୩୯

କିମ୍ପାଇଁ ଏତେ ଗର୍ବ କଲୁ
ଜାଣି ସୁଣି କାହିଁ ରଖିଲୁ ।୪୦
ଆମ୍ଭଙ୍କୁ ଗାଳି ଦେଇ ତୁମ୍ଭେ
ଏବେ କାହିଁ ଯେ କଲୁ କହ ।୪୧
କିମ୍ପାଇ ଡକାଇ ଆଣିଲୁ
ଲଜ୍ଜା ସଙ୍କୋଚ କି ନ କଲୁ ।୪୨
ତାଙ୍କଠାରେ ତୋ ଗର୍ବ କରି
ଜୀବନ କେ ପାଇବ ଧରି ।୪୩
ବୋଇଲେ ଅଜ୍ଞାନ ମୁଁ ଜାଣି
ତୁମ୍ଭଙ୍କୁ ଗାଳିଦେଲି ପୁଣି ।୪୪
ପୁଣି ହିଁ ତାଙ୍କୁ ଗାଳି ଦେଇ
ଅପରାଧ ଅର୍ଜିଲି ମୁଁ କହି ।୪୫
ସେହି ଯେ ମନୁଷ୍ୟ ରୂପନ୍ତି
ସ୍ୱୟଂ ଭଗବାନ ଅଟନ୍ତି ।୪୬
ତୁମ୍ଭଙ୍କୁ ଗାଳିଦେଇ ଗଲି
ତାହାଙ୍କୁ ସ୍ୱପନେ ଦେଖିଲି ।୪୭
ସେ ଜନ ମୋ ପାଶରେ ବେଢ଼ି
ନଥିଲେ ଶୁଣ ମୁଁ ମରଇ ।୪୮
ଶଯ୍ୟା ଉପରେ ଯାଇଁ ବସି
ଉଠାଇ ବଚନ ପ୍ରକାଶି ।୪୯
ବୋଇଲେ ମୋତେ ଶୁଣ ସଖି
କର୍ମୀ ତୁ ମୋତେ କୋପ କରୁ ।୫୦
ତୋହର ଦେହରେ ଥାଇ ଜାଣ
ମୋତେ ପାଶୋରୁ ଅଛୁ ପୁଣ ।୫୧
ତୁ ମୋର ନିଜ ପତ୍ନୀ ହୋଇ
ମାୟାରେ ମୋତେ ଭୁଲି ତୁହି ।୫୨
ତୁମ୍ଭଙ୍କି ଜୀବ ଆତ୍ମା ଜାଣି
ମୁହିଁ ପରମ ଆତ୍ମା ଶୁଣ ।୫୩

ପୁଲିରୁ ଆଜ୍ଞା ଭଳ ନାହିଁ
ଗୁହ୍ମାଦିଶ୍ରି ନ୍ଦିରିଶ୍ଚ ନେଶ୍ଚ ।୬୪
ଆଂଟେର ପୁଛେଁତି ଏ ଦେହରେ
ବହୁରୁ ଭୂତ ଭବଘରେ ।୬୫
ବାମ ଅଙ୍ଗଟି ଭୁଖି ଜାଣ
ଡାହାଣ ଅଙ୍ଗ ମୁହିଁ ପୁଣ ।୬୬
ଏକ ଅଙ୍ଗଟି ଭିନ୍ନ ନାହିଁ
କମ୍ପା ମୋତେ ପାଟଶାରୁ ତୁହି ।୬୭
ଏମନ୍ତେ ସ୍ୱପନେ କହିଲେ
ସେ କଥା ମନ ମୋ ହରିଲେ ।୬୮
ସେ ଦିନୁ ମନ ମୋ ଉଛନ୍ନ
କେମନ୍ତେ କରିବି ଦର୍ଶନ ।୬୯
କେ ଆସି ମୋତେ ଭେଟାଇବ
ସତେ କି ପ୍ରଭୁ ଦୟା ହେବ ।୭୦
ଗୋପବନ୍ଧୁଙ୍କ ପଠାଇଲ
ତାଙ୍କର ଦର୍ଶନ ଗୋ କଲ ।୭୧
ଅନ୍ତର୍ଯ୍ୟାମୀ ପୁରୁଷ ସେହି
ଆମ୍ଭେଟି ଜାଣିବା ଗୋ କାହିଁ ।୭୨
କେଉଁ ପୁରୁଷ ଗୋ ଜନ୍ମିଛି
ତିଷ୍ଠା ନ ପଡ଼ି ଗୋ ଭ୍ରମୁଛି ।୭୩

ମୁଁ ଯେ ମନରେ ଦଂଭ କଲ
ମଲେ ନ ଡାକଇ ପାସୁଲ ।୭୪
ଭୁଂଇ ବଚନ ନ ମାନିଣ
ଗଙ୍ଗ ଗୋ କଲ ମନେ ମନ ।୭୫
ଏମନ୍ତ ତାଙ୍କ ମାୟା ହୋଇ
ବଳେ ମୁଁ ଡାକାଇ ଅଣାଗ ।୭୬
ଏବେ ଗୋ ତାଙ୍କୁ କେ ମୁକ୍ତି ବ
ଜୀବନ ଦେହେ ରହେବ ଥିବ ।୭୭
ସେହିଁ କଥା କହିଲେ ମୋତେ
ପ୍ରତ୍ୟେକ ଜାଣିଲି ମୁଁ ଗତେ ।୭୮
ମନୁଷ୍ୟ ଏ ବଚନ ନୋହି
ମୁହିଁ ଜାଣିଲି ପ୍ରଭୁ ସେହି ।୭୯
ଏମନ୍ତ କୁହା କୁହି ହେଲ
ଯେ ଯାହା ଘରକୁ ସେ ଗଲେ ।୮୦
ଆଦେଶ ଚୈତନ୍ୟ ଶୁଣ ଭାଇ
ପ୍ରଭୁଙ୍କ ଦୟା ମୋରେ ଥାଇ ।୮୧
ଏବେ ପ୍ରଭୁଙ୍କ ସେ କିରଣ
କହଇ ଅରକ୍ଷିତ ଦାସ ।୮୨
ଆଦେଶ ସୁଜନ ମାନେ କହି
ଏବେ ପ୍ରଭୁ କନ୍ଦର୍ପ ହୋଇ ।୮୩

ଇତି ଶ୍ରୀ ନଜ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା
କଥନେ ନାମ ଷିତ୍ରିଂଶତମୋଽଧ୍ୟାୟଃ ।

---

# ଚତୁଃଷଷ୍ଟିତମ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ଶୁଦ୍ଧି
ଶୁଦ୍ଧ ମୂର୍ତ୍ତିକି ସବୁ ଦେଖି ।୧
ଏକା ସ୍ୱରୂପ ଦୁହେଁ ଜାଣ
ସବୁ ଘଟରେ ପରିପୂର୍ଣ୍ଣ ।୨
ଏ ଦେହ ଯେ ମୋର ସ୍ୱରୂପା
କର୍ମା କଲ୍ପନ୍ତି ମୋତେ ତେଜ୍ୟା ।୩
ଯେତେ ଗାତ ଶରଣ ମୂର୍ତ୍ତି
କର୍ମା ମୋତେ ଧ୍ୟାନ କରନ୍ତି ।୪
ମୋତେ ଲକ୍ଷୁଳ ଯେ ରଖନ୍ତି
ତା ଭୁଲ ଜଗତେ ଦେଖାନ୍ତି ।୫
ଏଣୁ ଦସ୍ୟାନ୍ତି ତାର ପୁଣ
ଏବେ ନିର୍ଦ୍ଦୟା କି କେ ଚୁଣି ।୬
ମୂର୍ତ୍ତିତ ତାଙ୍କୁ ନ ଛାଡ଼ଇ
କର୍ମା ଯେ ମୋତେ ଛାଡ଼ିଦେଇ ।୭
ଏ ଘରେ ମୋତେ ଧରି ମାରି
କାହାରେ ମୋତେ ଦେଖି ଡରି ।୮
ମୋତେ ପାଶକୁ ଯେ ନ ନେଇ
ଆଡ଼େ ହୋଇଣ ଟାଳି ଥାଇ ।୯
ନିର୍ଦ୍ଦୟା ଦୟା ନାହିଁ ତାର
ମୋତେ ଛାଡ଼ିଲା ଯେ ନିଜର ।୧୦
ଲେଖିଛି କେବେ ନ ଶୁଝିଲ
ଏତେ ନିର୍ଦ୍ଦୟା ମୋତେ କଲା ।୧୧
ମୋତେ ବାପ୍ପା ବୋଲି ଭାବଇ
ଘର ପ୍ରତ୍ୟକ୍ଷେ ରହୁ ଥାଇ ।୧୨

ମୁଁ ଯେ ନିଜ ସ୍ୱାମୀ ତାହାର
ମୋତେ ଛାଡ଼ିଲା ସେ ପାମର ।୧୩
ଦୋଷର ଘଣ ଅଚରିଲା
ଅଙ୍ଗ ନରକୁ ସମର୍ପିଲା ।୧୪
ତାଙ୍କର ବଳ ଥିଲେ ଶୁଣ
ତୋ ସଙ୍ଗେ ରହୁ ଥିବେ ପୁଣ ।୧୫
ନିର୍ବଳ ହେଲେ ତାଙ୍କ ଦେଖି
ତୋତେ ନ ପଚାରିବେ କେହି ।୧୬
କେବେ କି କରିବୁ ଯେ ଶୁଣ
କା ସଙ୍ଗେ ବିହରିବୁ ପୁଣ ।୧୭
ମୂର୍ଖ ତୋତେ ନ ଛୁଇଁବ
ତୋତେ ମାରି ଦେହ ଲୁଟିବ ।୧୮
ଘର ପୁରୁଷେ ଯେ ମାରିବେ
ତୋତେ କି ସାହା କେ ହୋଇବେ ।୧୯
କେବେ ରହିବୁ କାହିଁ ଶୁଣ
ନରକୁ ଦେହକୁ ଛାଡ଼ିଣ ।୨୦
ମୋହର ଦୋଷ ନାହିଁ କହୁ
ଲେଖିଛି ଗୁହାଁ ମୁଁ କହୁଛି ।୨୧
ଲେଖିଛି ମୋତେ ତୁ ଶୁଣିଲେ
ଏଡେହ ରଖିବ ମୁଁ ଭଲେ ।୨୨
ତୋ ପରେ ଦୟା ହେବ ଶୁଣ
ମୁଁ ମଲେ ମରିବୁ ସେ ପୁଣ ।୨୩
ଅନ୍ତକ୍ଷଣେ ତୋ ସଙ୍ଗେ ଥିବ
ଯେତେ ନେଲେଟି ତେତେ ଦିବ ।୨୪

ଅନୁଷଙ୍ଗେଣି ତୋର ସଙ୍ଗେ
ରତି କରନ୍ତ ନାନା ରଙ୍ଗେ ।୨୫

ଯା ଇଚ୍ଛା ତାହା ମାଗୁଥିଲେ
ଆଣି ମୁଁ ଦେଉଥିନ୍ତି ଭଲେ ।୨୬

ତୋ ମନ ବୋଧିବାକୁ ମୁହିଁ
ତୋତେ ବୋଧି ନପାରେ କେହି ।୨୭

ତୁହି ତ ଅବୋଧ ତରୁଣୀ
ତୋ ମନ ମୁହିଁ ସିନା ଜାଣି ।୨୮

ଆଜି ତୋ ମନ କେ ଜାଣିଲ
ଏ ଦେହେ ଯେତେକଲୁ ଜନ୍ମ ।୨୯

ଏବେ ତୋ ସଙ୍ଗେ ପ୍ରୀତି କର
ତବେ ମାଗିବେ ତୋତେ ଧର ।୩୦

ଏହା ତୁ ଜାଣି ନ ପାରୁଛୁ
ତାଙ୍କ ସଙ୍ଗେ ଭ୍ରମୁଅଛୁ ।୩୧

ତୋତେ କି ନାନା ବୁଦ୍ଧି ଦେଇ
ତୁମ୍ଭ ଆମ୍ଭ ସଙ୍ଗ ଛଡ଼ାଇ ।୩୨

ତେଣୁ ଆମ୍ଭଙ୍କୁ ନ ଚିହ୍ନିଲୁ
ବାହ୍ୟ ବୋଲି ଭରଣ ଗଲୁ ।୩୩

ତୁହି ମୁହିଁ କି ଏକ ଦେହ
ଶୂନ୍ୟରୁ ଆମ୍ଭେ ଜନ୍ମ ହୋଇ ।୩୪

ସେଠାରେ ଏକ ରୂପ ଜାଣି
ଏଠାରେ ଦୁଇ ରୂପ ପୁଣି ।୩୫

ସ୍ତ୍ରୀ ଘ ଅଙ୍ଗକି ହେଲୁ ତୁ ସ୍ତ୍ରୀ
ପୁରୁଷ ଅଙ୍ଗ ମୁଁ ଅଛଇ ।୩୬

ତୁ ସ୍ତ୍ରୀ ମୁହିଁ ସଙ୍ଗ ହେବାରେ
ଜାତ ବ୍ରହ୍ମାଣ୍ଡ ଉଦରରେ ।୩୭

ସେବେ ଇଚ୍ଛା ଉଲ୍ଲାସି ହେବା
ସଂସାରେ କି ଲୀଳା କରିବା ।୩୮

ଏଠାରେ ତୁ ସ୍ତ୍ରୀ ମୁହିଁ ପୁଂବେ
ଲୀଳା ନିମନ୍ତେ ଜାତ କଲେ ।୩୯

ଏଠାରୁ ଯେତେକ ସୃଷ୍ଟି ହେବା
ଶୂନ୍ୟରେ ଏକ ଅଂଶ ହେବା ।୪୦

ସେଠାରେ ଏକ ଅଙ୍ଗ ଜାଣି
ସ୍ତ୍ରୀ ଘ ପୁରୁଷ ନାହିଁ ପୁଣି ।୪୧

ସେ ପ୍ରିୟ ସର୍ବ ଘଟେ ଥାଇ
ସ୍ତ୍ରୀ ଘ ପୁରୁଷ ସେ ଅଛଇ ।୪୨

ଅନନ୍ତ କୋଟି ବ୍ରହ୍ମାଣ୍ଡରେ
ତା ତତ୍ତ୍ୱ କେହୁ ନାହିଁ ପରେ ।୪୩

ସର୍ବ ଘଟରେ ବିହରଇ
ଜୀବ ଅଜୀବ ପ୍ରକାଶଇ ।୪୪

ବ୍ରହ୍ମାଙ୍କୁ କୃଷ୍ଣ ବୋଲି ଯାଏ
ସର୍ବ ଘଟରେ ସେହୁ ଥାଏ ।୪୫

ଇନ୍ଦ୍ରଙ୍କଠାରୁ ଯେତେ ଦେବ
ସର୍ବ ଘଟରେ ସେ ମାଧବ ।୪୬

ମେରୁଠାରୁ ଯେତେ ପର୍ବତ
ସର୍ବ ଘଟରେ ଗୋପୀନାଥ ।୪୭

ଅଶ୍ୱତ୍ଥ ଠାରୁ ଯେତେ ବୃକ୍ଷ
ସର୍ବ ଘଟରେ ଅନ୍ତ୍ରୀକ୍ଷ ।୪୮

କାକୁ ଗରୁଡ଼ ଯାଏ ପୁଣ
ସର୍ବ ଘଟରେ ନାରାୟଣ ।୪୯

ସିଂହରୁ ଦଣ୍ଡିତୋଳ ଯାଏ
ସବୁରି ଘଟେ ଦେବ ଥାଏ ।୫୦

ଚଳନ୍ତା ଚୈତ୍ୟ କୋଟି ସେହ୍ନ
ଖଡ଼ା ବୁଢ଼ା ନାସ୍ତିକ ହୋଇ ।୫୧

ସେହ୍ନି ଛପନ କୋଟି ଜୀବ
ସର୍ବ ଘଟରେ କରି ଠାବ ।୫୨

ଏମନ୍ତେ ଲୀଳା ସେ କରନ୍ତି
ଏକଲ୍ପି ରୂପ ଦେଖାଇଅଛି ।୧୩
କର୍ମୀ ମୋତେ ବାପା ବୋଇଲ
ତୁମ୍ଭ କଣ୍ଠୀ ମୋତେ ଦେଲ ।୧୪
ତୁମ୍ଭ ଭରସାରେ ମୁଁ ଅଛି
ମୋ ଚିତ୍ତେ ଆନ ନାହିଁ କିଛି ।୧୫
ପ୍ରବୃତ୍ତି ଭାବ ମଣୁଛନ୍ତି
ଜ୍ଞାନକୁ ଶିଖାଇ ମାରନ୍ତି ।୧୬
ମୋହର କିଛି ନାହିଁ ଦୋଷ
ତୁମ୍ଭଙ୍କ ଆଶ୍ରିତ ଦାସ ।୧୭
ଏହେ ସୁଜନ ମାନେ କହି
ଭାବ ପରମେ ଭଜ ଯାଇ ।୧୮

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା କଥନେ
ନାମ ଚତୁଃଷଷ୍ଟି ତମୋଽଧ୍ୟାୟଃ ।

---

# ପଞ୍ଚଷଷ୍ଠିତମ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ବିଷ୍ଣୁ ପୁରୁଷ ତୁମ୍ଭେ ଦେଖାଇ ।୧
ଯାବ ପରମ ରୂପ ଧରି
ସବୁ ଘଟରେ ତୁ ବିହାରି ।୨
ବିଷ୍ଣୁ ରୂପରେ ଦେଖା ଦେଲୁ
ପରମ ଗୃହରେ ରହିଲୁ ।୩
ପରମ ରୂପ କର୍ତ୍ତି ନାହିଁ
ଯାବ ବିଷ୍ଣୁ ରୂପଟି କହି ।୪
ସଂସାରେ ଯେତେ ଜାତ କଲୁ
ବିଷ୍ଣୁ ଅଟନ୍ତି ବୋଲାଇଲୁ ।୫
ଛପନ କୋଟି ଯାବ ଯେତେ
ବିଷ୍ଣୁ ଅଟନ୍ତି ସମସ୍ତେ ।୬
ମେରୁଠାରୁ ଯେତେ ପର୍ବତ
ବିଷ୍ଣୁ ଅଟନ୍ତି ସମସ୍ତ ।୭
ଇନ୍ଦ୍ରଠାରୁ ଯେତେ ଦେବ
ବିଷ୍ଣୁ ଅଟନ୍ତି ଜାଣ ସବୁ ।୮
ବାଳକରୁ ଗରୁଡ଼ ପର୍ଯ୍ୟନ୍ତେ
ବିଷ୍ଣୁ ଅଟନ୍ତି ସମସ୍ତେ ।୯
ଅଶ୍ୱତ୍ଥଠାରୁ ଯେତେ ବୃକ୍ଷ
ବିଷ୍ଣୁ ଅଟନ୍ତି ପ୍ରତ୍ୟକ୍ଷ ।୧୦
ତଣ୍ଡାରୁ ବ୍ରହ୍ମଲୋକ ଯାଏ
ବିଷ୍ଣୁ ଅଟନ୍ତି ସବୁ କହେ ।୧୧
ପିଂଡରୁ ଦହିଶୋକ ଯାଏ
ବିଷ୍ଣୁ ଅଟନ୍ତି ସର୍ବ କହେ ।୧୨
ରୂପାରୁ ଲୁହା ପରିଯନ୍ତେ
ବିଷ୍ଣୁ ଅଟନ୍ତି ସମସ୍ତେ ।୧୩
ସୁନାରୁ ଧାତୁ ଯାଏ ପୁଣ
ବିଷ୍ଣୁ ବୋଲିଣ ସର୍ବ ଜାଣ ।୧୪

ଆମ୍ଭି କୁ ଯୁଗ ଅନ୍ତଅନ୍ତ
ସ୍ରିଷ୍ଟି ଜାଣିବୁ ସମସ୍ତେ ।୧୫
ଗିଳରୁ ରଙ୍ଗପାଏ ଶୁଣ
ସ୍ରିଷ୍ଟି ବୋଲିଣ ସର୍ବ ଜାଣ ।୧୬
ଚଳନ୍ତା ଚୌଦ କୋଟି ହୋଇ
ସ୍ରିଷ୍ଟି ଜାଣ ସର୍ବ କହି ।୧୭
ନିଶ୍ଚଳ ଚୌଦ କୋଟିହନ୍ତି
ସ୍ରିଷ୍ଟି ଏ ସର୍ବେ ଅଟନ୍ତି ।୧୮
ଅଣ୍ଡା ଚଉଦ କୋଟି ଶୁଣ
ସ୍ରିଷ୍ଟି ଅଟନ୍ତି ସର୍ବ ଜାଣ ।୧୯
ବୃକ୍ଷା ଚଉଦ କୋଟିହନ୍ତି
ସ୍ରିଷ୍ଟି ଏ ସର୍ବେ ଅଟନ୍ତି ।୨୦
ଏମନ୍ତେ ଛତିଶ କୋଟି ସ୍ତ୍ରୀ
ଏ ସର୍ବେ ସ୍ରିଷ୍ଟି ଜାଣ ଭକ୍ତ ।୨୧
ବ୍ରହ୍ମା ବିଷ୍ଣୁ ଶିବ ସ୍ତ୍ରୀ ଜାଣ
ସ୍ରିଷ୍ଟି ଅଟନ୍ତି ଏ ପ୍ରମାଣ ।୨୨
ଦେବଗଣ ଯକ୍ଷ ଗଣସ୍ତ୍ରୀ
ସ୍ରିଷ୍ଟି ଅଟନ୍ତି ଏହା କହି ।୨୩
ନରଗଣ ରାକ୍ଷସ ଗଣ
ଏ ସର୍ବ ସ୍ରିଷ୍ଟି ବୋଲି ଜାଣ ।୨୪
ଯୋଗୀଗଣ ସିଦ୍ଧଗଣସ୍ତ୍ରୀ
ଏ ସର୍ବ ସ୍ରିଷ୍ଟି ଅଟେ କହି ।୨୫
ଭୂଲୋକ ଚତଲୋକ ଜାଣ
ସପ୍ତ ଲୋକଟି ସ୍ରିଷ୍ଟି ପୁଣ ।୨୬
ଯୋଗାନ୍ତ ସିଦ୍ଧାନ୍ତ ବେଦାନ୍ତ
ନାଗାନ୍ତ ସ୍ରିଷ୍ଟିଏ ସମସ୍ତ ।୨୭
ମନ୍ତ୍ର ଯନ୍ତ୍ର ସ୍ତ୍ରୀ ଧ୍ୟାନ ଯେତେ
ସ୍ରିଷ୍ଟି ଅଟନ୍ତି ସମସ୍ତେ ।୨୮

ତିଳକ ଭଜନ ପୂରଣ
ଏସର୍ବ ସ୍ରିଷ୍ଟି ବୋଲି ଜାଣ ।୨୯
ତୀର୍ଥ ବାର ବ୍ରତଟି ଯେତେ
ସ୍ରିଷ୍ଟି ଅଟନ୍ତି ସମସ୍ତେ ।୩୦
ଅଷ୍ଟଭୂମାନେ ଯେତେହନ୍ତି
ଏସର୍ବେ ସ୍ରିଷ୍ଟି ଅଟନ୍ତି ।୩୧
ଶୁନକୋଟି ବାଦ୍ୟଟି ପୁଣ
ଏସର୍ବ ସ୍ରିଷ୍ଟି ବୋଲି ଜାଣ ।୩୨
ସ୍ୱର୍ଗ ମର୍ତ୍ତ ପାତାଳ ଜାଣ
ସ୍ରିଷ୍ଟି ଅଟନ୍ତି ଏହ ପ୍ରମାଣ ।୩୩
ସପ୍ତ ସମୁଦ୍ର ସ୍ରିଷ୍ଟି କହି
ସପ୍ତ ବ୍ରହ୍ମାଣ୍ଡ ସ୍ରିଷ୍ଟି ହୋଇ ।୩୪
ନବଦ୍ୱୀପ ନବ ପୃଥିବୀ
ସ୍ରିଷ୍ଟି ବୋଲିଣ ସର୍ବ ଭାବ ।୩୫
ସପ୍ତ ପାତାଳ ସପ୍ତ ଦ୍ୱୀପ
ସ୍ରିଷ୍ଟି ବୋଲିଣି ଯେ ଅଧ୍ୟାପ ।୩୬
ଚଉଦ ବ୍ରହ୍ମାଣ୍ଡ ଯହିଁରେ
ସ୍ରିଷ୍ଟି ଅଟନ୍ତି ସମସ୍ତେ ।୩୭
ଚନ୍ଦ୍ର ସୂର୍ଯ୍ୟ ଯେ ତାରାଗଣ
ସ୍ରିଷ୍ଟି ବୋଲିଣ ସର୍ବ ଜାଣ ।୩୮
ଜଳ ପବନ ଅଗ୍ନି ହୋଇ
ସ୍ରିଷ୍ଟି ବୋଲିଣ ସର୍ବ କହି ।୩୯
ସ୍ମୃତି ମେଘଟି ତୃଣ ବେଦ
ସ୍ରିଷ୍ଟି ବୋଲିଣ ଭୂଚର ଭାବ ।୪୦
ଆକାଶ ବାସୁକି ପୃଥିବୀ
ସ୍ରିଷ୍ଟି ବୋଲିଣ ଭୂମି ଭାବି ।୪୧
ଇତ୍ୟାଦି ଜୀବ ଜନ୍ତୁ ଯେତେ
ସ୍ରିଷ୍ଟି ଅଟନ୍ତି ସମସ୍ତେ ।୪୨

କାଟନ୍ତି ବ୍ରହ୍ମଘାଏ ପୁଣ
ସ୍ତ୍ରିୟ ବୋଲିଣ ସର୍ବ ଜାଣ ।୪୩
ଗଉଡ଼ ପତଙ୍ଗ ତନ୍ତୁ କ୍ରୁଣ
ଏସର୍ବ ସ୍ତ୍ରିୟ ବୋଲି ଜାଣ ।୪୪
ଏ ଦେହ ସ୍ତ୍ରିୟ ଯେ ଅଟଇ
ଦେହ ମନ ଚେତ ଏବେ ବୁଝ ।୪୫
ଇନ୍ଦ୍ର ମାଜ୍ଞିସ ବାଡ଼ ଚର୍ମ
ସ୍ତ୍ରିୟ ବୋଲିଣ ସର୍ବ ଜାଣ ।୪୬
ପାଞ୍ଚ ମନକୁଁ ସ୍ତ୍ରିୟ ଜାଣ
ତତ୍ତ୍ୱ ଗୁଣନ୍ତି ସ୍ତ୍ରିୟ ମଣ ।୪୭
ଚଉଦ ପ୍ରକୃତି ଯେ ହୋଇ
ସ୍ତ୍ରିୟ ବୋଲିଣ ସର୍ବ କହି ।୪୮
ଏକାଦଶ ଇନ୍ଦ୍ରିଟି ଜାଣ
ସ୍ତ୍ରିୟ ବୋଲିଛି ଏ ପ୍ରମାଣ ।୪୯
ମନାଶ ଦଳ ନିର୍ଗୁଣ ଶ୍ରୀ
ସ୍ତ୍ରିୟ ବୋଲିଣ ସର୍ବ କହି ।୫୦
କୋଟିଏ ରୋଗ ସ୍ତ୍ରିୟ ଜାଣ
ଏବେ କହିବି ବୁଝ ପୁଣ ।୫୧
ନୟନ ନାଶା ମୁଖ କର୍ଣ୍ଣ
ଏସର୍ବ ସ୍ତ୍ରିୟ ମଧ୍ୟେ ଗଲ ।୫୨
ଲିଙ୍ଗ ଗୁହ୍ୟଟି ସ୍ତିରୀ କହି
ତ୍ରିଣ ସୁମନେ ଶତ୍ରୁ ଦେଇ ।୫୩
ସପ୍ତ ଦିବସ ଅନ୍ଧକାର
ସ୍ତିରୀ ବୋଲିଛି ବେହୁଗତ ।୫୪
ହାଡ଼ ବାରଟି ସ୍ତିରୀ ଜାଣ
ବାର ନାସନ୍ତି ସ୍ତିରୀ ପୁଣ ।୫୫
ଷୋଳ ସନ୍ଧିକି ସ୍ତିରୀ କହି
ଦେହ ତହୁଁ ସ୍ତିରୀ ହୋଇ ।୫୬

ସତାଇଶ ନକ୍ଷତ୍ର ପୁଣି
ସ୍ତିରୀ ବୋଲିଣ ସର୍ବ ଜାଣି ।୫୭
ଏକାଦ୍ଧ କରଣଟି କହି
ସ୍ତିରୀ ବୋଲିଣ ଜାଣ ତୁହି ।୫୮
ବାର ଚନ୍ଦ୍ରଟି ସ୍ତିରୀ ଜାଣ
ଷାଠି ବରଷ ସ୍ତିରୀ ପୁଣ ।୫୯
ଶାଠି ସ୍ଥାପନ ସ୍ତିରୀ କହି
ତତ୍ତ୍ୱ ଗୁଣଟି ସ୍ତିରୀ ହୋଇ ।୬୦
ସଂସାରେ ଯେତେ ଆଚରନ୍ତି
ସ୍ତିରୀ ଛନ୍ତି ଅଟନ୍ତି ସମସ୍ତ ।୬୧
ତୁ ଏହା ଅନୁଭବ କର
ପରମ ହେବୁ ତୁ ବିହର ।୬୨
ଅଷ୍ଟଦଳନ୍ତି ନାବ ଜାଣ
ଏକା ପୁରୁଷ ଦୁଇ ମତ ।୬୩
ସଂସାରେ ଖେଳବା ନିମନ୍ତେ
ଏକାକୁ ଦୁଇ କଲେ ତତ୍ତ୍ୱେ ।୬୪
ଶବ୍ଦ ପରମ ରୂପ ଧରି
ସର୍ବ ଘଟରେ ଯେ ବିହରି ।୬୫
ସ୍ତିରୀ ରୂପଟି ଯେ ହୋଇଲୁ
ପୁରୁଷ ରୂପେ ବିହରିଲୁ ।୬୬
ଏହା ତ କେହୁ ନ ଜାଣନ୍ତି
ସ୍ତିରୀ ପୁରୁଷ ଭିନ୍ନ ଭିନ୍ନ ।୬୭
ଦେଖନ୍ତି ଯେବେ ନାଶ ଗଲେ
ଏ ଦୁଇ ଏକ ଯେ ନକଲେ ।୬୮
ଏ ଦୁଇ ଏକ ବୋଲେ ଯେହୁ
ମୋ ବିନୁ ଅନ୍ୟ ନାହିଁ କେହୁ ।୬୯
ମୁକ୍ତିକି ବ୍ରହ୍ମାଣ୍ଡେ ହୋଇଛି
ସର୍ବେ ଅକାରେ ପୂର୍ଣ୍ଣ ଅଛି ।୭୦

ମୋ ବିନୁ ବ୍ରହ୍ମାଣ୍ଡ ଭିତରେ
ନାହାନ୍ତି କେହି ଯେ ସଂସାରେ ୭୧
ଛପନ କୋଟି ଜୀବ ମୂର୍ତ୍ତି
ମୋ ବିନୁ ଅନ୍ୟ କେହି ନାହିଁ ।୭୨
ଏମନ୍ତେ ବୋଲି ମନେ ମନେ
ସବୁ ଦେଖିବ ସମାଧାନେ ।୭୩
ସେହି ଅମର ହୋଇ ରହେ
ନୋହିଲେ ଦେହ ଗୁଡ଼ି ଯାଏ ।୭୪
ଜଗତ ଅବସିତ ହୋଏ
ଏକକୁ ଦିଶଇ ପ୍ରକାଶ ।୭୫
ଆହେ ସୁଜନ ମାନେ ଜାଣ
ହିଂସା ସୁକୃତ ଏକ ହେଉ ।୭୬
ଏକା ଅଟଇ ଜୀବ ପରମ
ସବୁ ଘଟରେ ପରିପୂର୍ଣ୍ଣ ।୭୭
ଏ ଦୁଇ ଏକ ମୁଁ କହଇ
ଭ୍ରମୁଛି ମାୟା ପଥ ଧରି ।୭୮
ପ୍ରଭୁଙ୍କ ଦୟା ମୋତେ ନାହିଁ
ଆହେ ସୁଜନ ମାନେ ଜାଣ ।୭୯
ଖଣ୍ଡଗିରିରେ ମୁହିଁ ରହି
ଜୀବକୁ ନଚାଇଁ ଭ୍ରମଇ ।୮୦

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ଶୂନ୍ୟମଣ୍ଡଳ ଗୀତା
କଥନେ ନାମ ଷଟ୍ଷଷ୍ଠିତମୋଽଧ୍ୟାୟଃ ।

---

# ସପ୍ତଷଷ୍ଠିତମ ଅଧ୍ୟାୟ

ମନ ଚୈତନ୍ୟ ପାଦେ ପଡ଼ି
ସ୍ତୁତି କରେ ଯୋଗେ କର ଯୋଡ଼ି ।୧
ସ୍ୱାମିନାଥ ଜଗତ ଜୀବନ
ବ୍ରହ୍ମ ସ୍ୱରୂପ କହ ପୁଣି ।୨
ସଂସାରେ ଯେତେକ ଆଚାର
ଏ ସବୁ ମୁଁ ଜାଣି ସତ୍ୟ ।୩
ସ୍ୱରୂପ କଥା ମୋତେ କହ
ଯେବେ ତରିବ ମାୟା ମୋହ ।୪
ଅର୍ଥରେ ମୋତେ କହି ଦେବ
ଯେବେ ମୋ ଠାରେ ଦୟା ଥିବ ।୫
ବ୍ରହ୍ମକୁ କେମନ୍ତେ ଜାଣିବ
କହ ହେ କେମନ୍ତେ ଚିହ୍ନିବ ।୬
ସେ ବ୍ରହ୍ମ କଥା ଅଗୋଚର
କହ ହେ ଭ୍ରମ ଯାଉ ମୋର ।୭
ମନ ମୁଖରୁ ଶୁଣି ଏହା
ସେ ବ୍ରହ୍ମ ଯାକୁ କରେ ଦୟା ।୮
ତାହାକୁ ଦୃଶ୍ୟ ହେ ଦୃଷ୍ଟାନ୍ତ
ନୋହିଲେ ଦୃଶ୍ୟ ହେ ଦୁର୍ଗନ୍ତ ।୯
ସେ ବ୍ରହ୍ମ କଥା ଶୁଣ ଜଣ
ହେ ମନ ତାକୁ ଯାକ ଭୁଞ୍ଜ ।୧୦

ଅର୍ଥରେ ଏବେ କହୁଦେବା
ତୋ ମନୁ ସଂଶୟ ଫେଡ଼ିବା । ୧୧

ଶ୍ଲୋକ

ନାମ ବ୍ରହ୍ମଖାଦ୍ଭ ଯେ ଭଜନ୍ତି ନର
ପୃଥ୍ୱୀ ନାଶେ ଷଟ୍ଟେ ନୁଭବନ୍ତି
ସ୍ୱର୍ଗ ସୁରଗ ଯେ ଅମର ।

ଗୀତ

ହେ ମନ ଶୁଣ ଏବେ ଭୁକ୍ତି
ଏକ ବ୍ରହ୍ମକୁ ଭାବ କହି । ୧୨
ଭୁକ୍ତି ସର୍ବ ଶରୀର ଅଛି
ନ ଚାହ୍ନି କର୍ମାର ଭ୍ରମୁଛି । ୧୩
ଛପନ କୋଟି ଜୀବ ହୋଇ
କର୍ମାରେ ଭସ୍ମ କରୁ ଭୁକ୍ତି । ୧୪
ମେରୁଠାରୁ ଶରୀର ଯେତେ
ଭୁକ୍ତି ହୋଇଛନ୍ତି ଜାଣ ଚିତ୍ତେ । ୧୫
ଇନ୍ଦ୍ରଙ୍କ ଠାରୁ ଯେତେ ଦେବ
ଭୁକ୍ତି ହୋଇଅଛନ୍ତି ସର୍ବ । ୧୬
ସିଂହକୁ ଚଳିଟୋକ ଯାଏ
ଭୁକ୍ତିହୋଇଛନ୍ତି ସର୍ବ କହେ । ୧୭
କାକରୁ ଗରୁଡ଼ ପର୍ଯ୍ୟନ୍ତେ
ଭୁକ୍ତି ହୋଇଛନ୍ତି ଜାଣ ଚିତ୍ତେ । ୧୮
ଚଣ୍ଡାଳ ବ୍ରହ୍ମ ସାଧୁ ପୁଣି
ଭୁକ୍ତି ଟି ସର୍ବ ହେଉ ଜାଣ । ୧୯
ଚଳନ୍ତା ଚୌଦ କୋଟି ଜୀବ
ଭୁକ୍ତି ଟି ହୋଇଅଛନ୍ତି ସର୍ବ । ୨୦
କିଷ୍ଟଳ ଚୌଦକୋଟି ଭୁକ୍ତି
କର୍ମା ନ ଚିହ୍ନି ଭ୍ରମୁ କହି । ୨୧
ବୁଝା ତେତିଶ କୋଟି ହେଲୁ
କର୍ମାର ନ ଚିହ୍ନି ଭ୍ରମିଲୁ । ୨୨

ଊଣା ଚଉଦ କୋଟି ଭୁକ୍ତି
କର୍ମା ନଚିହ୍ନି ଭ୍ରମୁ କହି । ୨୩
କାଠରୁ ବ୍ରହ୍ମ ପର୍ଯ୍ୟନ୍ତେ
ଭୁକ୍ତି ଟି ଜାଣ ସର୍ବଭୂତେ । ୨୪
ପୃଥ୍ୱୀ ଜଳ ସ୍ଥଳ ଅନଳ
ଭୁକ୍ତି ଟି ହୋଇଛନ୍ତି ସକଳ । ୨୫
ଚଉଦ ବ୍ରହ୍ମାଣ୍ଡ ଟି ଭୁକ୍ତି
ହୋଇଛନ୍ତି କର୍ମା ଚେତୁ ନାହିଁ । ୨୬
ସପ୍ତ ପାତାଳ ସପ୍ତ ଦ୍ୱୀପ
ଭୁକ୍ତି ଟି ହୋଇଛନ୍ତି ଅଦ୍ୟାପ । ୨୭
ନବଖଣ୍ଡ ପୃଥ୍ୱୀ ଜାଣ
ଭୁକ୍ତି ଟି ହୋଇଅଛନ୍ତି ପୁଣ । ୨୮
ସପ୍ତ ସମୁଦ୍ର ନବ ଦ୍ୱୀପ
ଭୁକ୍ତି ଟି ହୋଇଛନ୍ତି ଅଦ୍ୟାପ । ୨୯
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଭୁକ୍ତି
ହୋଇଛନ୍ତି କର୍ମା ଚେତେ ନାହିଁ । ୩୦
ଚନ୍ଦ୍ର ସୂର୍ଯ୍ୟ ଯେ ତାରାଗଣ
ଭୁ ହୋଇଅଛନ୍ତି ନ ଚେତନ୍ତି । ୩୧
ଜଳ ପବନ ଅଗ୍ନି ଭୁକ୍ତି
ହୋଇଛନ୍ତି କର୍ମା ଚେତୁ ନାହିଁ । ୩୨
ଗ୍ରହ ମେଘ ସ୍ତ୍ରୀ ବୃକ୍ଷ ବେଦ
ଭୁକ୍ତି ହୋଇଛନ୍ତି ମନ ଭେଦ । ୩୩
ବ୍ରହ୍ମା ବିଷ୍ଣୁ ଶିବ ଟି ଭୁକ୍ତି
ସର୍ବ ଦେବତା ଭୁକ୍ତି ହୋଇ । ୩୪
ନର କିନ୍ନର ଭୂତ ଗଣ
ଭୁକ୍ତି ଟି ହେଲୁ ସର୍ବ ଜାଣ । ୩୫
ମଙ୍ଗଳା ଦୁର୍ଗା ଚଣ୍ଡୀ ଭୁକ୍ତି
କାଳୀ କରାଳୀ ହେଲୁ କହି । ୩୬

ନାରଦଙ୍କ ଯେ ପିତୃଗଣ
କ୍ଷୁଦ୍ରକୀଟ ସବୁ ହେଲୁ ଜାଣ ।୭୭
ଗ୍ରହ ନବଗ୍ରହ ସାତବାର
ତୁ ହୋଇଅଛୁ ଚେତୁ କର ।୭୮
ବାର ମାସ ଷୋଳ ତିଥି ସ୍ତ୍ରୀ
ତୁହିଁ ହୋଇଅଛୁ ଜାଣୁ ।୭୯
ଷଡ଼ ଋତୁ ଟି ଷଡ଼ ରସ
ତୁହିଁ କରୁଛୁ ପ୍ରକାଶ ।୮୦
ବ୍ରହ୍ମାଣ୍ଡେ ଯେତେକ ଅଛନ୍ତି
ସେ ସବୁ ହୋଇଅଛୁ ତୁହି ।୮୧
ତୋ ବିନୁ ବ୍ରହ୍ମାଣ୍ଡରେ କେହି
ନାହିଁଟି ଚେତ ଘେନ କହି ।୮୨
ଅର୍ଥରେ ଏବେ କହି ଦେବା
ତୋ ମନୁ ସଂଶୟ ଫେଡ଼ିବା ।୮୩
ଯେ ଭାବେ ଦେହୁ ବର୍ଣ୍ୟ ହୋଇ
ଶୁଣ ସୁମନ ଚିତ୍ତ ଦେଇ ।୮୪

## ଶୁଣ ହୋ ମନ ଅର୍ଥ

ଅଦେଖା ଦେଖିବ, ଅନଚଳା ଚାଲିବ, ଅମରା ମାରିବ, ଅସାଧ୍ୟ ସାଧିବ, ଅଭକ୍ଷ୍ୟ ଭକ୍ଷିବ, ଅଜଣା ଜାଣିବ, ଅକର୍ମ କରିବ, ଶୁଣ ହୋ ମନ, ଏତେ କର୍ମ ଯେ କରି ପାରିବ, ସେହିଁ ବ୍ରହ୍ମକୁ ଚିହ୍ନିବ, ଅତି ଅନୁଭବେ ବ୍ରହ୍ମକୁ ଚିହ୍ନିବ, ବ୍ରହ୍ମକୁ ଚିହ୍ନି କରି ଯେତେ କଥା କରଇ, ତାହା କହିବା ଶୁଣ—ଆହାରକୁ ନ ଜାଗଇ, ନିଦ୍ରାକୁ ନ ଜାଗଇ, ମୈଥୁନକୁ ନ ଜାଗଇ, ବାୟୁକୁ ନ ଜାଗଇ, ତୃଷାକୁ ନ ଜାଗଇ, ଖରା, ବରଷା, ଶୀତକୁ ନ ଜାଗଇ, ନୟନ, ନାସା, ମୁଖ, ବର୍ଣ୍ଣ ଛନ୍ଦ, ଗୁହ୍ୟ ଏମାନଙ୍କୁ କେବେ ନ ଜାଗଇ, ଚାରି ମନକୁ ନ ଜାଗଇ, ଦଶଣ ପ୍ରକୃତିକୁ ନ ଜାଗଇ, ଏକାଦଶ ଇନ୍ଦ୍ରିୟ ନ ଜାଗଇ, ଷଡ଼ ରିପୁକୁ ନ ଜାଗଇ; ତ୍ରିଗୁଣକୁ ନ ଜାଗଇ, ବେଦ ମାନଙ୍କୁ ନ ଜାଗଇ, ପାପ, ପୁଣ୍ୟ, ଧର୍ମ, ଅଧର୍ମ, ସ୍ୱର୍ଗ, ନର୍କ, ଶୁଭ, ଅଶୁଭ, ସତ୍ୟ, ଅସତ୍ୟ, ଭଲ, ମନ୍ଦ, ମାୟା, ନିର୍ମାୟା, ଦୁଃଖ, ଅଦୁଃଖ, ସୁଖ, ଅସୁଖ, ଲୋଭ, ଅଲୋଭ, କାମ, ଅକାମ, ସାଧୁ, ଅସାଧୁ, ଲଭ, ଅଲଭ, ସାର, ଅସାର, ଉପକାର, ଅପକାର, ଜାତି, ଅଜାତି ସ୍ଥିର, ଅସ୍ଥିର, ପୁରୁଷ, ଅପୁରୁଷ, ଜୀବ, ଅଜୀବ, ଜଡ଼ା, ଅଜଡ଼ା, ଶୁଣ ହୋ ମନ, ଏସବୁ କଥା ମାନଙ୍କୁ କେବେ ନ ଜାଗଇ । ଗାଢ ପରମ ତତ୍ତ୍ୱ, ସୂର୍ଯ୍ୟ, ବ୍ରହ୍ମା, ବିଷ୍ଣୁ, ଶିବ, ଇନ୍ଦ୍ର, ଶଚୀ, ଯମ, କୁବେର, ବରୁଣ, ନୈଋତ, ବୃହସ୍ପତି, ଦଶଦିଗ ପାଳ, ତାରାଗଣ ମେଘମାନ, ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ, ଆପ, ତେଜ, ବାୟୁ, ଆକାଶ,

ଶୁଣ ହୋ ମନ, ଏ ମାନଙ୍କୁ କେବେ ନ ଜାଣଇ। ଗୁରୁ ବେଦ, ଯୋଗାନ୍ତ, ବେଦାନ୍ତ, ସିଦ୍ଧାନ୍ତ, ନାଗାନ୍ତ, ଶୁଣ ହୋ ମନ ଏମାନଙ୍କୁ କେବେ ନ ସାଧଇ। ନ ଜାଣଇ, ବ୍ରହ୍ମକୁ ଯେତେକ ବାନ୍ଧି ଆଉ ଭଜନ, ସ୍ମରଣ, ଅର୍ଚ୍ଚନ, ବନ୍ଦନ, ଜ୍ଞାନ, ଧ୍ୟାନ, ଜପ, ମନ୍ତ୍ର, ଯୋଗ ସୂତ୍ର, ଲିପ୍ତ, ତୀର୍ଥ, ବ୍ରତ, ଉପାସ, ଶୁଣ ହୋ ମନ, କେବେ ନ ଜାଣଇ, କେବେ ନ ଜାଣଇ। ନାନା ତୀର୍ଥ, ନାନାଦ ଉପାସ, ନାନାଦ ଯୋଗ, ନାନାଦ ଜ୍ଞାନ, ନାନାଦ ଧ୍ୟାନ, ନାନାଦ ନାମ, ନାନାଦ ଭକ୍ତି, ନାନାଦ ସ୍ମରଣ, ନାନାଦ ଜପ, ନାନାଦ ଅର୍ଚ୍ଚନ, ନାନାଦ ଭ୍ରମଣ, ନାନାଦ ତିଳକ, ନାନାଦ ମନ୍ତ୍ର, ନାନାଦ ଯନ୍ତ୍ର, ନାନାଦ କଳପ ନାନାଦ ନକ୍ଷତ୍ର, ନାନାଦ ଦେବତା, ନାନାଦ ଚଣ୍ଡୀ, ଚାମୁଣ୍ଡା, ନାନାଦ ଭୂତପ୍ରେତ, ନାନାଦ ଡାକିନୀ, ନାନାଦ ଶକ୍ତିଗୁଣୀ, ଶୁଣ ହୋ ମନ, ଏ ସର୍ବଙ୍କୁ କେବେ ନ ଜାଣଇ; କେବେ ନ ଭଜଇ, କେବେ ନ ସାଧଇ, କେବେ ସ୍ତୁତି ନ କରଇ, ମନେ ନ ଗଣଇ, ଏମାନଙ୍କୁ ସମାନ କରି ବୋଲଇ ମୁହିଁ ମୋ ବିନୁ ଅନ୍ୟ ନାହିଁ; ମୁହିଁ ହିଁ ସଂସାରେ ଯୋଗୀ ଅଛି, ମୁହିଁ ହିଁ ସ୍ୱୟଂ ବ୍ରହ୍ମ, ଏମନ୍ତେ ମନେ ପାଞ୍ଚି ସର୍ବ ସମାନ କରି ମଣଇ, ନାନାଦ ବୃକ୍ଷ, ନାନାଦ ପୁଷ୍ପ, ନାନାଦ ଫଳ, ନାନାଦ ମାଟି, ନାନାଦ ଗୋଡ଼ି ନାନାଦ ପାଷାଣ, ନାନାଦ ପକ୍ଷୀ ଜନ୍ତୁ ନାନାଦ ପୋକ; ନାନାଦ ମାଛ, ନାନାଦ ମାଛି ଡାଆଁଶ, ନାନାଦ ଗୋରୁ ମଇଁଷି, ନାନାଦ ବ୍ୟାଘ୍ର ଭାଲୁ, ନାନାଦ ବଣୁଆ ମୃଗ; ନାନାଦ କୁରଙ୍ଗ, ନାନାଦ ହସ୍ତୀ ଘୋଡ଼ା, ନାନାଦ ଛେଳି, ମେଣ୍ଢା, ଗଧ, ନାନାଦ ବିରାଡ଼ି, କୁକୁର, ମୂଷା, ନାନା ସର୍ପ, ନାନାଦ ଜଳ ଜନ୍ତୁ, ନାନାଦ ଜଡ଼ା ପିମ୍ପୁଡ଼ି, ଝିଙ୍କ, ନାନାଦ ଏଣ୍ଡୁଅ, ଝିଟିପିଟି, ବଗୁଲି; ନାନାଦ ମନୁଷ୍ୟ ନାନାଦ ଦେବତା, ନାନାଦ ରାକ୍ଷସ, ନାନାଦ ଶସ୍ତ୍ର ଶାସ୍ତ୍ର, ନାନାଦ ପୁରାଣ, ନାନାଦ ଗୀତା, ନାନାଦ ବାଦ୍ୟ, ନାନାଦ ବିବାଦ, ନାନାଦ ବେଦ ବିଦ୍ୟା, ଜ୍ୟୋତିଷ, ନାନାଦ ଯୋଗ, ନାନାଦ ଭୋଗ, ନାନାଦ ନୃତ୍ୟ, ଗୀତ, ବାଦ୍ୟ, ନାନାଦ ବସ୍ତ୍ର, ନାନାଦ ଆହାର. ଷଡ଼ ରସ, ଅଷ୍ଟ ଧାତୁ, ନବ ରତ୍ନ, ପଞ୍ଚ ରତ୍ନ, ଚଳ, ଅଚଳ, ବଡ଼ା, ବୁଢ଼ା, ସ୍ଥାବର, ଜଙ୍ଗମ, କାଷ୍ଠ, ପତଙ୍ଗ, ସୃଷ୍ଟିଖାଦ,

ଏ ସମସ୍ତେ ଛପନ କୋଟି ଜୀବ; ଶୁଣ ହେ ମନ; ଏସର୍ବଙ୍କୁ ସମାନ ଜ୍ଞାନ କରଇ; କୀଟରୁ ବ୍ରହ୍ମା ପର୍ଯ୍ୟନ୍ତ ବ୍ରହ୍ମ ବୋଲି ମଣଇ, ଏମନ୍ତ ଲୋକଙ୍କୁ ବ୍ରହ୍ମ ଭକ୍ତ ବୋଲି ଜାଣିବ । ଜଳରେ ନ ବୁଡ଼ଇ ଅଗ୍ନିରେ ନ ପୋଡ଼ଇ; ପବନରେ ନ ଉଡ଼ଇ, ଖଡ଼ଗେ ନ ଛୁଡ଼ଇ, ପୃଥ୍ୱୀ ନଷ୍ଟ ଗଲେ ପିଣ୍ଡ ନଷ୍ଟ ନୁହଇ, ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ହୋଇ ଥାଉଇ, ଛପନ କୋଟି ଜୀବରେ ମିଶଇ କେତେବେଳେ କେତେ ରୂପ ହୁଅଇ, ସପ୍ତ ବ୍ରହ୍ମାଣ୍ଡ ତାଙ୍କୁ ଗୁଣଗ୍ରାସୁ ବଣଇ, ବ୍ରହ୍ମା, ଇନ୍ଦ୍ର, ଚନ୍ଦ୍ର, ସୂର୍ଯ୍ୟ, ତାଙ୍କୁ କେହି ସରି ନୁହନ୍ତି, ତେତିଶ କୋଟି ଦେବ, ନର, ଗନ୍ଧର୍ବ, ପୃଥ୍ୱୀ, ଆପ, ତେଜ, ବାୟୁ, ଆକାଶ, ତାଙ୍କୁ କେହି ସରି ନୁହନ୍ତି । ଶୁଣ ହେ ମନ ଭକ୍ତିର ମହିମା, କେହୁ ମନେ ନ ଜାଣଇ, କେବଳ ବ୍ରହ୍ମଙ୍କୁ ଜାଣଇ, ବ୍ରହ୍ମ ବ୍ୟତୀତରେକେ କାହାକୁ ନ ଜାଣଇ, ଜଗତ ଯାକ ବ୍ରହ୍ମ ମଣଇ, ଏକାନ୍ତେ ଭ୍ରମୁଥାଇ, ଏକା ବ୍ରହ୍ମଙ୍କୁ ଭାବଇ, କାହାରି ସଙ୍ଗତେ ନ ରହଇ, ବ୍ରହ୍ମଙ୍କୁ ସଙ୍ଗ କରିଥାଇ, କୌଣସି କଥାକୁ ଭୟ ନ କରଇ, ବ୍ରହ୍ମ ବ୍ୟତିରେକେ କିଛି ନ ଜାଣଇ, ସେ ବ୍ରହ୍ମଙ୍କୁ ଜାଣେ, କାହାକୁ ମନେ ନ ଜାଣେ, କେବଳ ବ୍ରହ୍ମଙ୍କୁ ଜାଣେ, ବ୍ରହ୍ମରେ ଧ୍ୟାନ, ବ୍ରହ୍ମରେ ପୂଜନ, ବ୍ରହ୍ମରେ ଜପା-ପନା, ବ୍ରହ୍ମରେ ଭଜନା, ବ୍ରହ୍ମରେ ଗାୟନ, ବ୍ରହ୍ମରେ ଶୟନ; ଶୁଣ ହେ ମନ, ଯାହା ପଚାରିଲୁ ତାହା କହିଲୁ । ଏକାକାର ଲୋକଙ୍କୁ ଏହି ଲୋକ ଜାଣଇ, ଅନ୍ୟ ସେ ବ୍ରହ୍ମଙ୍କୁ ଜାଣିବ କାହିଁ, ବ୍ରହ୍ମଙ୍କୁ କେହି ନ ଜାଣଇ, ତାହାଙ୍କର ରୂପବର୍ଣ୍ଣ ନାହିଁ, ନୟନ ନାହିଁ, ମୁଖହିଁ ନାହିଁ, କର୍ଣ୍ଣ ହିଁ ନାହିଁ, ନାସା, ନୟନ ହିଁ ନାହିଁ, ହସ୍ତ, ପାଦହିଁ ନାହିଁ, ହୃଦୟ ନାହିଁ, ପେଟ ହିଁ ନାହିଁ, କଟୀ ହିଁ ନାହିଁ, ପିଠି ହିଁ ନାହିଁ, ଶିର, ଚର୍ମ ହିଁ ନାହିଁ, ରୂପ, ବର୍ଣ୍ଣ; ଚିହ୍ନ ହିଁ ନାହିଁ, ରକ୍ତ, ମାଂସ, ହାଡ଼ ହିଁ ନାହିଁ, ଅଦୃଷ୍ଟି ଅଶୁତ, ଅବର୍ଣ୍ଣ, ଅବାୟୁ, ଅରୂପ, ଅଜପା, ଶୁଣ ହେ ମନ, ଏମନ୍ତେ ସେ ବ୍ରହ୍ମ, ତାହାଙ୍କୁ କେହି ନ ଦେଖନ୍ତି, ଭକ୍ତ ହୃଦରେ ବଶ ଥାନ୍ତି, ଯେ ଏକାକାର ବ୍ରହ୍ମଙ୍କୁ ଭାବଇ ତାହାକୁ ଦୃଶ୍ୟ ହୁଅନ୍ତି, କେହି କେ କେବେ ଦୃଶ୍ୟ ନୁହନ୍ତି, ବ୍ରହ୍ମରୁ ଛନ୍ନ ଜୀବ ରୂପରେ ବିହାର କରୁ-

ଅଜ୍ଞକ୍ତି, ଏ ଦେହରୁ ଯେବେ ଯାଇ, ବ୍ରହ୍ମରେ ଲୀନ ହୁଅନ୍ତି, ସଂସାରେ ବୁଲୁଥାନ୍ତି । ମଲେ ଜନ୍ମ ହୁଅଇ, ଶୁଣ ହୋ ମନ, ଏ ମିଥ୍ୟ, ତାହାଙ୍କ ଉପମା କହିବା ଶୁଣ, ଯାଣ୍ଡି କୁମ୍ଭେ ମିଶ୍ରିତ ଗୋଳ ପୋଖରୀକି ଯେନିଦିବା, ସେ ପାଣିକି ଗୋଟାଏ ଘଟରେ କାଢ଼ି ଦେବା, ନିଜେ ଦେଇ ନେଇଛି ପାଣି କୁମ୍ଭ ଅଛିବା, ସେ ପାଣି ଆଉ କି ମିଶ୍ରିକ ଲାଗିବ ? ଏହା ଭୂରିଚିତ୍ତି ଗଲେ ପ ଆସଇ, ବ୍ରହ୍ମରେ ଲୀନ ହୁଅଇ, ଶୁଣ ହୋ ମନ, ଅଜ୍ଞ ଜନ୍ମ କେ ହୋଇ, ଏ ମଲେ ଆଉ ଜନ୍ମ ହୁଅଇ, ଏ ଦେହ ଗଲେ ଆଉ ନ ପାଇ, ସେବେ ଏ ଦେହ ରହିବ ତେବେ ଏକାକାର ବ୍ରହ୍ମକୁ ଚିହ୍ନିବ । ଶୁଣ ହୋ ମନ, ଏକାକାର ଭାବ କର, ଦ୍ୱିକାର ନ ରଖ, ଦ୍ୱିକାର କଲେ କେବେ ବ୍ରହ୍ମକୁ ନ ଚିହ୍ନିବ ।

ହେ ମନ ଏବେ ଶୁଣ ବୁଝି
ବ୍ରହ୍ମକୁ ନ ଜାଣନ୍ତି କେହି ।୪୫
ବ୍ରହ୍ମାଦି ଦେବାସୁର ନରେ
ତାଙ୍କୁ କେ ଜାଣିବ ସଂସାରେ ।୪୬
କେବଳ ଭାବେ ବଶ୍ୟ ସେହି
ହେ ମନ ଭାବ ତାଙ୍କୁ ବୁଝି ।୪୭
ସେ ବ୍ରହ୍ମ ଦୟା ଯେ କରନ୍ତେ
ସର୍ବ ଘଟରେ ଦୃଶ୍ୟ ହେବେ ।୪୮
ସର୍ବ ଘଟରେ ସେହୁ ଥାଇ
ନ ଲାଗି ଜଳରେ ଖେଳଇ ।୪୯
ଏ ଯେଣି କହ୍ନାମେ ଭାବକୁ
ବେଦ ଶାସ୍ତ୍ରର ନ ଭୁଲବୁ ।୫୦
ବେଦାନ୍ତି ନାନା ମତେ କହି
ଏ ଭାବେ ନ ଭୁଲିବୁ ବୁଝି ।୫୧
ଏକ ବ୍ରହ୍ମକୁ କର ଆଶ
ପାଇବୁ ପରମରେ ବାସ ।୫୨
ମନ ଶୁଣି ଆନନ୍ଦ ହୋଇ
ବୋଲଇ ନଡ଼ୁଆଳ ମୁହିଁ ।୫୩
ଏବେ ମୁଁ ଏ ଶାସ୍ତ୍ର ଶୁଣିଲି
ବ୍ରହ୍ମର ମହିମା ଶୁଣିଲି ।୫୪
ପୂର୍ବେ ତୁ କର୍ମୀ ନ କହିଲୁ
କର୍ମାଇ ଏତେ କଷ୍ଟ ଦେଲୁ ।୫୫
ଧନ୍ଦୁ ଆସିଲି ଯେତେ ମନେ
ସେ ମନ ହରିଲୁ ନିଜପଣେ ।୫୬
ତୋହର ମାୟାରେ ମୁଁ ଭ୍ରମିଲି
କେତେକ କଷ୍ଟ ମୁଁ ପାଇଲି ।୫୭
ସେ କଷ୍ଟ କହୁଅଛି ଶୁଣ
ଯେମନ୍ତେ ଭ୍ରମିଲି ମୁଁ ପୁଣ ।୫୮
କହଇ ଅରକ୍ଷିତ ଦାସ
ତୋ ମାୟା ଭ୍ରମାଇଲା ଦେଶ ।୫୯

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା କଥନେ
ନାମ ସପ୍ତସପ୍ତତିତମୋଽଧ୍ୟାୟଃ ।

# ସପ୍ତଷଷ୍ଠିତମ ଅଧ୍ୟାୟ

ମନ କହୁଛି ନଥ ଚୈତନ୍ୟ
ଏ ମର୍ତ୍ତ୍ୟ ମଣ୍ଡଳର ପ୍ରାଣ ।୧
ତୁମେ ତ ମୋତେ ମାୟା ଦେଲ
ତାହା ତ କେବେ ଚେ ନୋହିଲ ।୨
ତୁମ୍ଭ ବ୍ୟତୀତ ଏ ସଂସାରେ
ଅଛି କି ବ୍ରହ୍ମାଣ୍ଡ ଭିତରେ ।୩
ଜା ଆଗେ କହୁଅଛି ମୁହିଁ
ତୁମ୍ଭ ବ୍ୟତୀତ କେ ଅଛଇ ।୪
ଅହେ ଚୈତନ୍ୟ ତୁ ବିଧାତା
ସକଳ ଜୀବେ ତୁ କରତା ।୫
ଅହେ ଚୈତନ୍ୟ ବିଷ୍ଣୁ ବୁଦ୍ଧ
ପାଳନ କର୍ତ୍ତା ନାଥ ମନ୍ତ୍ର ।୬
ଅହେ ଚୈତନ୍ୟ ତୁ ଈଶ୍ୱର
ସକଳ ଘଟନ୍ତୁ ସର୍ବର ।୭
ଅହେ ଚୈତନ୍ୟ ଅନ୍ତର୍ଯ୍ୟାମୀ
ଚଳୁଛି ମନ ତୁମ୍ଭେ ଜାଣି ।୮
ଅହେ ଚୈତନ୍ୟ ଶୂନ୍ୟ ଦେହି
ତୋହର ରୂପ ବର୍ଣ୍ଣି କାହିଁ ।୯
ଅହେ ଚୈତନ୍ୟ ସର୍ବ ଦେବ
ସକଳ ସଙ୍କଟେ ଶୁଭାଶୁଭ ।୧୦
ଅହେ ଚୈତନ୍ୟ ଶୁଣ ତୁହି
ତୋତେ ମୁ ଛାଡ଼ି ନ ପାରଇ ।୧୧
ଅହେ ଚୈତନ୍ୟ ଦୟାକର ;
ପାପ ପୁଣ୍ୟରେ ତୁ ନ ମାର ।୧୨

ପାପକୁ ଛାଡ଼ିଲେ ମରଣ
ପୁଣ୍ୟ କଲେ ମୁଁ ନାଶ ଦେହ ।୧୩
ଏ ଦୁଇ ଏକ ଯେ କର୍ଣ୍ଣକ
ତୋର ମାୟାରୁ ସେ ଭରିବ ।୧୪
ଛାଡ଼ିଲେ ମୁହିଁ ଯେ ତରିବ
କୋହିଲେ ମୁଁ ନିର୍ଣ୍ଣ ମରିବ ।୧୫
ତୁମ୍ଭଙ୍କୁ ଦେଖିବ ଟୋଲଣ
ଯେତେ ରୂପରେ ମୁଁ ଭ୍ରମିଣ ।୧୬
ମନୁଷ୍ୟ ଜନ୍ମ ମୋତେ ଦେଲୁ
କଥା ଭୁଞ୍ଜାଇବ ଯେ ପାଇଲୁ ।୧୭
କାହାଁ ଭକ୍ତିରୁ ନ ଛାଡ଼ିଲି
କଳିରେ ଭାବ କରି ଦେଲି ।୧୮
ହିଂସା ଘର ମୋହ ମାୟାରେ
ଚୌଷଠି ନର୍କ ଏ ଶରୀରେ ।୧୯
ଏ ପାଞ୍ଚ ପଚାଶ ପ୍ରକୃତି
ମୋତେ ଶବ୍ଦ ନାଶନ୍ତି ।୨୦
ଏହାଙ୍କୁ କେ ଜିଣି ପାରିବ
ଏ ପିଣ୍ଡ ନଦ୍ଦେଶ୍ୱ ନାଶ ଯିବ ।୨୧
ଏହାଙ୍କ ସଙ୍ଗେ ବଶ ହେଲ
କାହିଁକି ଭୁମି ମୁଁ ଭ୍ରମିଲ ।୨୨
ତୁମ୍ଭର ଦୟା ଯେବେ ସ୍ୱାମୀ
ଏ କର୍ମ ମାୟାରେ ଭ୍ରମନ୍ତି ।୨୩
ତୁମ୍ଭ ନିର୍ଦ୍ଦୟା ମୋତେ ହୋଇ
ଭାଜୁ ଆଣିଲ କଷ ପାଇଁ ।୨୪

## ସପ୍ତଷଷ୍ଟିତମ ଅଧ୍ୟାୟ

ସେତେ ମୁଁ ଥିଲି ଯେଉଁ ସ୍ଥାନେ
ତୋତେ ମୁଁ ଭାବୁଥିଲି ମନେ ।୨୫
ଦଶର ବରଷ ପରଠାରୁ
ସ୍ଫୁରୁଣି ହେଲା ମୋ ହୃଦରୁ ।୨୬
ଦୁଇ ବରଷ ଏହି ଠାରେ
ରହିଲି ତୁମ୍ଭ ଭବନାରେ ।୨୭
ତୁମ୍ଭର ସେବେ ଶାନ୍ତି ହେଲା
ରାଜ୍ୟ ଏବଶ ନ ଜାଣିଲି ।୨୮
ଛାଡ଼ିଲି ଘରେ ଯାଏଁ ନାହିଁ
ଅରଣ୍ୟ ପଡ଼ିଅଛି ମୁହିଁ ।୨୯
ଏକା ହୋଇଲି ବନେ ଥିବି
ଗ୍ରାମକୁ କେବେ ନ ଆସିବି ।୩୦
ଏମନ୍ତେ ମନେ ମୁଁ ଭାଳିଣ
ଘରେ ମୁଁ ଏକବେ ଆଇଲି ।୩୧
ଏକ ଗ୍ରାମରେ ବସାଘର
ବଣି ଚେଷ୍ଟା ନାମ ତାହାର ।୩୨
ମୁଁ ତାଙ୍କ କୌପୀନ ମାଗିଲି
ଲେଖା ଘରକୁ ଘୁନ ଦେଲି ।୩୩
ବୋଇଲି ଦେଖାଇବଟି ନାହିଁ
ଯୋଗଲେ ପାଇବବା କାହିଁ ।୩୪
ଏମନ୍ତେ ଲେଖା ଲେଖି ହେଲି
ସ୍ଵପ୍ନ ଅଙ୍ଗରେ ବାନ୍ଧିଲି ।୩୫
ବୈଶାଖ ମାସ ହୋଇଥିଲା
ଅଷ୍ଟମୀ ଚନ୍ଦ୍ର ଅସ୍ତଗଲା ।୩୬
ଏମନ୍ତବେଳେ ବାହାରନ୍ତେ
ମେଘ ଘୋଟିଲା ସେ ଭୁବନେ ।୩୭
ପବନ ବହେ ଝରଝର
ପଥ ନଦିଶେ ଅନ୍ଧକାର ।୩୮
ବରଷା ଟିପି ଟିପି କଲା
ଘନେ ବିଜୁଳି ମାରିଲା ।୩୯
ଏହା ଦେଖନ୍ତେ ମୋର ମନ
ଭାବିଲି କି କରିବ ପୁଣ ।୪୦
ତୁମ୍ଭଙ୍କ ମାୟା ମୋତେ ହେଲୁ
ଏ ଅନ୍ଧକାରୁ ମୋ ଘୋଟିଲା ।୪୧
କି ବୁଦ୍ଧି କରିବଇଁ ମୁହିଁ
ନାହିଁ ସହିତ କେଉଁଠାରେ ।୪୨
ଏମନ ଘୋର ବୃଷ୍ଟି କଲା
ଜିବନ ନାହିଁ ମୋ ବୋଇଲା ।୪୩
କାଲି ସକାଳୁ ମୁହିଁ ଜିବି
ଏଣିକି ଗଣ୍ଡ ନ ପାଇବି ।୪୪
ସୁହିଁ ମନେ ଚିନ୍ତା କଲି
ସ୍ଵଗଠାରୁ ବାହାର ହୋଇଲି ।୪୫
ପଥ ନ ଦିଶେ ଅନ୍ଧକାର
ଶୀତଳ କମ୍ପଇ ଶରୀର ।୪୬
ଖାଲ ଢିପର ନ ଜାଣିଲି
ଅରଣ୍ୟ ଭିତରେ ପଶିଲି ।୪୭
କେତେ ଦେଁ ଦୂର ପଥ ଯାନ୍ତେ
ଶୁଭିଲା ଏ ଦେଖିଲି ତୁରଙ୍ଗେ ।୪୮
ତରୁ ର ଡେଙ୍ଗ ଖାଲେ ମୁହିଁ
ଦେଖିଲି ବାଟରେ ଅଛଇଁ ।୪୯
ଏମନ ବଡ଼ ଭାଗ୍ୟ କଲି
ଆଜ୍ଞାତ ବାଟ ନ ଦେଖିଲି ।୫୦
ଭାବିଲି ନିଶ୍ଚେ ଏ ଖାଇବ
ବାନାକୁ ବଞ୍ଚି ନିଦ୍ରା ହେବ ।୫୧
ଏମନ୍ତେ ମନେ ଚାହିଁ କଲି
ଖାଉ ବୋଲିଣ ମେଲି ଗଲି ।୫୨

ସେ ଖଲୁ ଛୁଇଁ ନ ପାରିଲା
ସେସ୍ଥି ଠାବରେ ବସିଥିଲା ।୧୩
ତହୁଁ ଖଜୁରି ମୁହିଁ ଗଲି
ଅରଣ୍ୟ ଭିତରେ ପଶିଲି ।୧୪
କଣା ହୋଇଣ ମୁଁ ଭ୍ରମନ୍ତେ
ଘର ପାଇଲି ସେ ଭୁଲନ୍ତେ ।୧୫
ଉଦୟ ହେଲେ ଦିବାକର
ମେଘ ପ୍ରବଳ ହେଲା ସ୍ଥିର ।୧୬
ଜଗତ ଆଲୁଅ ଦିଶିଲା
ମୋ ମନ ଆନନ୍ଦ ହୋଇଲା ।୧୭
ଆନନ୍ଦ ଚିତ୍ତ ମନ ଶାନ୍ତେ
ମିଳିଲି ଏକଇ ଚଇତେ ।୧୮
ଭେଟଣି ମାନ ତାର ନାମ
ଶୁଣିଲି ଏଥି ମୁଁ ରକ୍ଷଣ ।୧୯
ଏ ସ୍ଥାନେ ଭଜନ ସାଧିବ
କାହାରି ସଙ୍ଗ ନ କରିବ ।୨୦
କହଇ ଅଚ୍ୟୁତ ଦାସ
ମହାମଣ୍ଡଳ ଗୀତା ରସ ।୨୧

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା କଥନେ
ନାମ ସପ୍ତଷଷ୍ଟିତମୋଽଧ୍ୟାୟଃ ।

---

# ଅଷ୍ଟଷଷ୍ଟିତମ ଅଧ୍ୟାୟ

ଏଥି ଉତ୍ତାରୁ ଯେତେ କଥା,
କହୁଛି ଶୁଣ ସେ ବ୍ୟବସ୍ଥା ।୧
ଏମନ୍ତେ ମନେ ମୁଁ ଘାଞ୍ଚନ୍ତେ
ତୋ ମାୟା ଘୋଟିଲା ତୁରିତେ ।୨
କ୍ଷୁଧା ତୃଷ୍ଣା ଯେ ବଢ଼ି ଗଲା
ଘଡ଼ି ତ ମୋତେ ଦେଖାଇଲା ।୩
ଭାବିଲି କି ବୁଦ୍ଧି କରିବ
କାହିଁ ମୁଁ କଣ ସେ ଖାଇବି ।୪
ଜଳ ଖୋଜନ୍ତେ ନ ପାଇଲି
ତୃଷାରେ ଆକୁଳ ହୋଇଲି ।୫
ବର୍ଷରେ ବୈଶାଖ ସେ ମାସ
ଝସ ଯେ କଲା ବଢ଼ି ତାସ ।୬
ଭ୍ରମିଲି ନଷ୍ଟେ ପ୍ରାଣ ଗଲା
ପକ୍ଷୀଙ୍କୁ ଦେଖି ନ ପାରିଲା ।୭
ସଂସାର ସୂର୍ଯ୍ୟ ସେ ଲୁହିଳ,
ଅରଣ୍ୟ ଭିତରେ ମୁଁ ମଲି ।୮
ଲଭିଲି ବିଧାତା ଏହା କଲା
ଏତେକ ପାଞ୍ଚ ତାର ଥିଲା ।୯
ଏମନ୍ତେ ଚିନ୍ତା ମୁଁ କରନ୍ତେ
ବୁଦ୍ଧି ଏ ଦିଶିଲାକ ମୋତେ ।୧୦
ଶୁଣିଲି ଏଥି କାର୍ଯ୍ୟ ନାହିଁ
ଗ୍ରାମକୁ ଏବେ ଯିବି ମୁହିଁ ।୧୧
ଏଥି ରହିଲେ ପ୍ରାଣ ଯିବ
ଜଳ ଆହାର ନ ମିଳିବ ।୧୨

ଏବେ ଗ୍ରାମକୁ ମୁହିଁ ଯିବି
ଅନ୍ନ ଖାଇ ପ୍ରାଣ ରଖିବି ।୧୩
ପ୍ରଭୁଙ୍କ ଦୟା ହେବ ଯେବେ
କନକସ୍ତ୍ର ଲଭିବି ମୁଁ ତେବେ ।୧୪

ଏମନ୍ତ ମନେ ମୁଁ ଭାବିଲି
ସେ ସ୍ଥାନୁ ବାହାର ହୋଇଲି ।୧୫
ଆଗତେ ପର୍ବତ ଡିଙ୍ଗାଇ
ଗ୍ରାମ ଗୋଟିଏ ଦେଖିଲଇଁ ।୧୬
ଗ୍ରାମ ମଧ୍ୟରେ ବଟ ବୃକ୍ଷ
ଶୀତ ଛାୟାଯୁକ୍ତ ବାଳବୃକ୍ଷ ।୧୭

ସେ ସ୍ଥାନେ ଆସି ମୁଁ ମିଳିଲି
ପଦ ଧୁଅନ୍ତେ ଜଳ ଦେଲି ।୧୮
ତା ଶୁଣି ବାଳକ ଧାଇଁଲେ
ପିତା ମାତାଙ୍କୁ ଯେ କହିଲେ ।୧୯
ତାଙ୍କ ବଚନ ଶୁଣି କରି
ଆସିଲେ ଜଣ ପାଞ୍ଚ ଚାରି ।୨୦

ବୋଇଲେ ଏ ସ୍ଥାନରେ ରହ
ଶିଳଙ୍କୁ ଘାଠ ଯେ ଚଢ଼ାଅ ।୨୧
ତା ଶୁଣି ସନମତ ହେଲି
କେଉଁଠି ଆସିଛ ବୋଇଲେ ।୨୨
ପୁରୁଷୋତ୍ତମ କେଉଁଠାରି
ଆସି ରହିବ ଏଥି ପୁଣି ।୨୩

ସେମାନେ ସନମତି କଲେ
ରନ୍ଧଣା କର ଯେ ବୋଇଲେ ।୨୪
ବୋଇଲି ରନ୍ଧି ନ ପାରିବି
ଅନ୍ନ ହିଁ ଦେଲେ ମୁଁ ଖାଇବି ।୨୫
ତା ଶୁଣି ବଣ୍ଡ ଉଠି କଲେ
ଶବର ଜାତି ଯେ ବୋଇଲେ ।୨୬

ମୁହିଁ ବୋଇଲି ତୁମ୍ଭ ଜାତି
ଏଥି ନ କର ତୁମ୍ଭେ ଭ୍ରାନ୍ତି ।୨୭
ତା ଶୁଣି ବେଗେ ଚଳିଗଲେ
ଅନ୍ନ ହେଲା ଏ ଆଣି ଦେଲେ ।୨୮

ତୃଣ ଶାକ ହିଁ କନ୍ଦ ନାହିଁ
ଅନ୍ନ ଜଣି ଗୋଟିଏ ଦେଇ ।୨୯
ତା ଦେଖି ବିଧାତା ସୁମରି
ଖାଇଲି ଗ୍ରାସ ପାଞ୍ଚ ଚାରି ।୩୦
ଆଉ କି ଖାଇ ନ ପାରିଲି
ଶୁଦ୍ଧ ମୁଁ ବାହାର ହୋଇଲି ।୩୧

ଆସନ୍ତେ ଏକଇ ଗ୍ରାମରେ
ବେଳ ବୁଡ଼ିଲା ସେହିଠାରେ ।୩୨
ସେ ଗ୍ରାମ ଲୋକରେ ଚଳନ୍ତେ
ପିଲାଏ ଗୋଡ଼ାଇଲେ ମୋତେ ।୩୩
ବୋଇଲେ ବାଘ ଆସିଅଛି
ମାରିଲେ ଚେକା ପଥରେ ମିଶି ।୩୪

ତାଙ୍କ କୁବଚନ ଶୁଣିଲେ
ଲୁଚି ଗଲି ଘରେ ରହିଲେ ।୩୫
ଏକ ବ୍ରାହ୍ମଣ ଦେଖିଥିଲା
ଗୃହ ଅଭ୍ୟନ୍ତରେ ଡାକିନେଲା ।୩୬
ବୋଇଲା ଭୋଜନ ତୁ କର
ଆମ୍ଭର ଭୟ ଲଜ୍ଜା ହର ।୩୭

ଏମନ୍ତ ବୋଲି ଚଳିଗଲା
ଘଣ୍ଟି ଦ୍ୱିଅକୁ ନଦୀ ଦେଲା ।୩୮
ତା ଶୁଣି ବ୍ରାହ୍ମଣ କୁମାରୀ
ଅନ୍ନ ହିଁ ଦେଲା ଯତ୍ନକରି ।୩୯
ଖୀର ପିଠା ହିଁ ଆଣି ଦେଲା
ଅଦ୍ଭୁତ ଭଳିରେ କହିଲା ।୪୦

ବୋଇଲା ଶୁଣ ମୋର ବାଣୀ
ଅଳପ ବୟସ ତରୁଣୀ ।୪୧
ମୋହର କପାଳ ସେ ଖାଇଲା
ସ୍ୱାମୀ ମୋହର ନାଶ ଗଲା ।୪୨
ସ୍ୱାମୀର ସୁଖ ମୁଁ ନ ପାଇ
ଏତେ କଷ୍ଟରେ ଦିନ ନେଇ ।୪୩
ଅଳପ ବୟସ କୁମର
କମ୍ପା ଅଇଲା ଲୁଚି ଘର ।୪୪
ବିବାହ ହୋଇଛୁ ନ ଜାଣି
ଦେଖନ୍ତି ଯାଅ ମୁଁ କହଇ ।୪୫
ଦିଶ ହୋଇଣ ସୁରେଖ ରୂପ
ଏ କଷ୍ଟ ପାଇବ ନ ଦେହ ।୪୬
ସ୍ତ୍ରୀ ସ୍ୱୀ କି ମୋର ଯୌବନରେ
ମୁଣ୍ଡି ବୋଲି ଏ ସଂସାରେ ।୪୭
ଏବେ ବଚନ ମୋର କର
ଦେଖନ୍ତି ଯାଅ ଭୁବନ ଘର ।୪୮
ଅନ୍ୟ ବନ୍ଧୁଁ ନମିଳବ,
ନାନାଦ କଷ୍ଟ ପାଇବ ।୪୯
ଏମନ୍ତ ସେ ତରୁଣୀ କହି
ମୋ ମନ ଉଛନ୍ନ କରାଇ ।୫୦
ବୋଇଲି ଦେଖନ୍ତିଣ ଶିବ
ଏତେ କଷ୍ଟ କି ମୁଁ ସହିବ ।୫୧
ସତ କହିଲ ସେ ତରୁଣୀ
କି ବୁଝି କରିବି ମୁଁ ପୁଣି ।୫୨

ଘରୁ ଅଇଲି ସେହି ମନେ
ଦେଖନ୍ତି ଶିବଙ୍କୁ ଚେମନେ ।୫୩
ଏମନ୍ତେ ମନେ ମନେ ଭାବି
ସେ ସ୍ତ୍ରୀଙ୍କୁ ଅବଲି ମୁଁ ତଳ ।୫୪
ଖରଲି ଘରେ କାର୍ଯ୍ୟ ନାହିଁ
ଭୁମି ଭୁମି ମନେ ମନରେ ।୫୫
ଏମନ୍ତେ ବସ୍ତୁ ରହିଲି ପୁଣ
ରହି ଚାହିଲି ତତକ୍ଷଣ ।୫୬
ବୋଲିଲି ମୁଁ ବ୍ରାହ୍ମଣ ଦଶିଲେ
ମାତ୍ର ମାଲକେ ମୋତେ ଭେଟିଲେ ।୫୭
କାହିଁ ମୁଁ କର ଯେ ଶାଠବ
ଏ ଲୋକ କେମନ୍ତେ ସହିବା ।୫୮
ମାଗି ତ ମୋତେ ନ ଅଇଲେ
ଗ୍ରାମ ତ ଶଶି ନ ପାରଇ ।୫୯
ଯାତ ମୋତେ କାଳି ଦର୍ଶଇଲେ
ଗ୍ରାମେ ଭରତେ ପଶିଲି ।୬୦
ନେମନ୍ତେ ଏ ପ୍ରାଣ ରହିବ
ମୋତେ ତ ଖାଇଲା ଦେଖ ।୬୧
ଘରକୁ ମୁହିଁ ଯୋବି ଶିବ
ସ୍ତ୍ରୀଙ୍କୁ କଥା ଶୁଣାଇବ ।୬୨
କହଇ ଅଚ୍ୟୁତ ଦାସ
ମହାମଣ୍ଡଳେ ବଡ ଆଶ ।୬୩
ଶୁଣ ମୋର କଷ୍ଟ ଶୁଣ
ନିଧି ସ୍ୱା କଲେ ଭଗବାନ ୬୪

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା
କଥନେ ନାମ ଅଷ୍ଟଷଷ୍ଟିତମୋଽଧ୍ୟାୟଃ ।

# ଊନସପ୍ତତିତମ ଅଧ୍ୟାୟ

ଏବେ ଚୈତନ୍ୟ ଶୁଣ ଭକ୍ତି
ଯେତେକ କଷ୍ଟ ପାଇଲି ମୁହିଁ ।୧
ତହିଁ ମୁଁ ଗଲି ପଥେ ଚଳି
ପ୍ରଭୁଙ୍କ ନାମ ହୃଦେ ଧରି ।୨
ଏମନ୍ତେ ପଥ ଚଳି ଯାନ୍ତେ
ସନ୍ଧ୍ୟା ହୋଇଲା ଦିନ ଅନ୍ତେ ।୩
ଏକ ଗ୍ରାମ ମଧ୍ୟ ଦାଣ୍ଡରେ
ରହିଲି ଦେଖ ଉପାସରେ
କେହି ନ ପଚାରିଲେ ମୋତେ
ରାତି ପାହିଲା ଗଲି ପଥେ ।୫
ସେ ଗ୍ରାମୁ ଚଳିଲି ବହୁ
ଶୋକେ ମୋ ମନ ଜ୍ୱଳ ଜ୍ୱଳ ।୬
ଭୁଲନ୍ତେ ଭୁଲି ନ ପାରଇ
ଶୋକେ ଆକୁଳ ମୋର ଦେହୀ ।୭
କେତେ ହେଁ ଦୂର ମୁଁ ଆସନ୍ତେ
ବେଳ ବୁଡ଼ିଲା ଦିନ ଅନ୍ତେ ।୮
ତିମିର ପ୍ରକାଶିଲା ନିଶି
ଏକ ଗ୍ରାମରେ ଗଲି ପଶି ।୯
ସେ ଗ୍ରାମେ ବୃଷ୍ଟି ନମିଲା
ଶରୀର ବ୍ୟାକୁଳ ହୋଇଲା ।୧୦
ଶୋକରେ ନିଦ୍ରା ନ ମାଡ଼ଇ
ରାତ୍ର ପାହିଲା ଗଲି ତହିଁ ।୧୧
ଖଲିକୋଟ ଗ୍ରାମ ଭିତରେ
ଜଳପାନ କଲି ସେଠାରେ ।୧୨
ତହୁଁ ଅଇଲି ବାଣପୁର
କୈବର୍ତ୍ତି ଦେଖିଲି ବାହାର ।୧୩
ବୋଇଲି ମୋର ଘରେ ଆସ
ଭୋଜନ କରି ଯାଅ ଦେଶ ।୧୪
ତାର ଘରକୁ ମୁହିଁ ଗଲି
ଭୋଜନ କରି ମୁଁ ଅଇଲି ।୧୫
ଆସନ୍ତେ ବେଳ ଅସ୍ତ ହେଲା
ସ୍ନାନ କ୍ଷୀ କାର୍ଯ୍ୟ ନମିଳା ।୧୬
ବହୁତ କଷ୍ଟ ଦେହେ ପାଇ
ନଗ ଗ୍ରାମୁ ଅଇଲି ପଳାଇ ।୧୭
ଆସନ୍ତେ ଯୋଜନ ଭିତରେ
ବେଳ ବୁଡ଼ିଲା ସେଥିଠାରେ ।୧୮
ମଣ୍ଡପ ଗୋଟିଏ ଦେଖିଲି
ରାତକ ତହିଁରେ ରହିଲି ।୧୯
ମଣ୍ଡପ ପାଖେ ତାର ଘର
ନିଦ୍ରା କରନ୍ତି ସେଦିନର ।୨୦
ମୋତେ ତ ଦେଖିଣ କହିଲା
ଅନ୍ନ କି ଖାଇବୁ ବୋଇଲା ।୨୧
ତାଙ୍କୁ ବୋଇଲି ଦେଲେ ଖାଇ
ମୋତେ ତ ମାଗି ନ ଆସଇ ।୨୨
ବୋଇଲା ଏହି ସ୍ଥାନେ ଥାଅ
ଭୁଞ୍ଜିଣ ନେବ ମୋର ଘିଅ ।୨୩
ଏମନ୍ତେ କହି ସେହୁ ଗଲା
ରାତ୍ର ପାଅନ୍ତେ ନ ଲେଉଟିଲା ।୨୪

ଶୋକରେ ଆକୁଳ ମୋ ଦେହ
ଚିନ୍ତୁ ମୁଁ ଗଲି ପଥ ବାହି ।୨୫
ପଥ ବାହୁଣ ମୁଁ ଆଦରେ
ବ୍ରାହ୍ମଣ ଦେଖିଲେକ ମୋତେ ।୨୬
ବୋଇଲେ ଆସ ଯିବା ଘରେ
ଅନ୍ନ ମୁଁ ଦେବଇ ତୁମରେ ।୨୭
ତାଙ୍କ ସଙ୍ଗତେ ମୁହିଁ ଗଲି
ଅନ୍ନ ଖାଇ ସନ୍ତୁଷ୍ଟ ହେଲି ।୨୮
ସେଦିନ ରହିଲି ମୁଁ ତହିଁ
ରାତ୍ର ପାହିଲା ଗଲି ମୁହିଁ ।୨୯
ଏମନ୍ତେ ପଥ ବାହୁଥାନ୍ତେ
ବେଳ ବୁଡ଼ିଲା ବନ ଅନ୍ତେ ।୩୦
ବ୍ରାହ୍ମଣ ଶାସନ ମଧ୍ୟରେ
ପଶିଲି ଫେଡ଼ିକ ଅନ୍ତରେ ।୩୧
ବ୍ରାହ୍ମଣ ଏକ ମୋତେ ଦେଖିଲା
ଅନ୍ନ ମୁଠିଏ ସେହୁ ଦେଲା ।୩୨
ବୋଇଲା ଏ ଗ୍ରାମେ ନରହ
ଆନ ଗ୍ରାମକୁ ବେଗେ ଯାଅ ।୩୩
ରାତ୍ର ହୁଇଘଡ଼ି ଭିତରେ
ସମସ୍ତେ ମିଳି କହିଲେ ଦୂତରେ ।୩୪
ବୋଇଲେ ଏ ଗ୍ରାମେ ନଥାଅ
ବ୍ୟାଘ୍ର ଭାଲୁଙ୍କ ବଡ଼ ଭୟ ।୩୫
ବ୍ୟାଘ୍ର ଯେବେ ଦେଖିଲେ ଖାଇବ
ରାଜା ତ ଧରି ବନ୍ଧି ନେବ ।୩୬
ଏମନ୍ତ ବୋଲି ଗାଳି ଦେଲେ
ଗ୍ରାମୁ ବାହାର କରି ଦେଲେ ।୩୭
ତାଙ୍କ ବଚନ ମୁଁ ଶୁଣିଲି
ଲଟି କାଳ ବନେ ପଶିଲି ।୩୮

ରାତେ ବୁଲଇ ଏତେଣି ତେଣେ
ନିଦ୍ରା ମୋ ନ ଆସେ ନୟନେ ।୩୯
ମଶା ମଘ ବଡ଼ କଷ୍ଟ ଦେଇ
ସମ୍ଭାଳି ନପାରି କାନ୍ଦଇ ।୪୦
ବୋଇଲି ଥିଲି ଯେ ବ୍ରାହ୍ମଣୀ
ତାର ବୋଲ ନ କଲି ଶୁଣି ।୪୧
ଏ କଷ୍ଟ ମୋ କେ ସହି ପାରିବ
ମରିଲେ ଶିନା ଥିଲା ହୋଇବ ।୪୨
ଏମନ୍ତେ ମନେ ମୁଁ ଭାଳନ୍ତେ
ଗରସିଁ ଥିଲି ରହି ସେଠେ ।୪୩
ବ୍ୟାଘ୍ର ଭାଲୁ କି ଖାଇଯାଉ
ଏ କଷ୍ଟ ଏ ଦେହ ନଯାଉ ।୪୪
ଏମନ୍ତ ଚିନ୍ତଣ ବୁଲନ୍ତେ
ନିଶି ପାହିଲା ଦୂରେ ପଥେ ।୪୫
ବାଟ ଦେଖିଲା ଦୂରୁ ଦେଖି
ସମସ୍ତ ଚିନ୍ତା ମୁଁ ଉପେକ୍ଷି ।୪୬
ଭୁଲି ମୁଁ ଗଲି ଖରତର
ମିଳିଲି ମିଟ୍ଟିକଣି ଦ୍ଵାର ।୪୭
ସେ ଦ୍ଵାର ବାଟ ନ ଛୁଡ଼ିଲା
ଅଠର ନଳା ଯା ବୋଇଲା ।୪୮
ତାଙ୍କ ବଚନ ମୁଁ ଶୁଣିଲି
ଅଠର ନଳା ଦ୍ଵାର ଗଲି ।୪୯
ସେ ଦ୍ଵାରୀ ବାଟ ନ ଛାଡ଼ିଲେ
ବେତ ଦେଖାଇ ଘଉଡ଼ିଲେ ।୫୦
ତହୁଁ ମୁଁ ଲେଉଟିଣ ଆସି
ବସିଲି ଗଛ ମୂଳେ ବସି ।୫୧
ମନେ ବିଚାର କଲି ମୁହିଁ
ଦ୍ଵାରୀ ତ ଛାଡ଼ି ଦେଲେ ନାହିଁ ।୫୨

କେମନ୍ତେ ଭିତରେ ପଶିବି
ପ୍ରଭୁଙ୍କୁ ଦର୍ଶନ କରିବି ।୫୩
ଏମନ୍ତ ମନେ ମୁଁ ଚାହିଁଣ
ରହିଲି କିଛି ନ ଖାଇଣ ।୫୪
ଏମନ୍ତେ ପାଞ୍ଚ ଦିନ ଗଲା
ଶୋକରେ ସାହସ ଭାଙ୍ଗିଲା ।୫୫
ଭାବିଲି ଏଥି କାର୍ଯ୍ୟ ନାହିଁ
ନିର୍ଦ୍ଦୟା ହେଲେ ଦେବସାଇଁ ।୫୬
ଲେଙ୍ଗୁଟି ଦରକୁ ମୁଁ ଯିବି
ଏତେ କଷ୍ଟ କି ମୁଁ ସହିବି ।୫୭
ଏମନ୍ତ ଭାବି ମୁଁ ଅଇଲି
ସତ୍ୟବାଦୀ ଆସି ରହିଲି ।୫୮
ରାତ୍ର ପାହିଲା ତହୁଁ ମୁହିଁ
ବାଟ ଚାଲନ୍ତେ କଣା ହୋଇ ।୫୯

ପୁଣ ତପ୍ତି ମ ନ ଜାଣିଲି
ଅଠର ନଳାରେ ମିଳିଲି ।୬୦
ଦେଖ ସୁଦୁଃଖ ଏତେ ମାୟା
ନଷ୍ଟପ୍ର ହୁଡ଼ିଲା ମୋ କାୟା ।୬୧
ସେ ପ୍ରଭୁ ପାଦେ ଚିତ୍ତ ଦେଲି
ରାତ୍ର ଦିବସ ନ ଜାଣିଲି ।୬୨
ଏମନ୍ତ ମନେ ମୁଁ ଭାବିଲି
ବଉଳ ମୂଳେ ମୁଁ ରହିଲି ।୬୩
ଏମନ୍ତେ ସାତ ଦିନ ଗଲା
ଅନ୍ନ ଶ୍ରୀ ଜାଡ଼ୁଁ ନ ମିଳିଲା ।୬୪
ଜଗତ ଅରକ୍ଷିତ ଦାସ
ମର୍ତ୍ତ୍ୟ ମଣ୍ଡଳେ ସୁଖ ନାଶ ।୬୫
ଆହେ ସୁଜନ ଜନ ମାନେ
ମୋ କଷ୍ଟ ଶୁଣ ସର୍ବ ଜନେ ।୬୬

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା କଥନେ
ନାମ ଊନସପ୍ତତିତମୋଽଧ୍ୟାୟଃ ।

---

# ସପ୍ତତିତମ ଅଧ୍ୟାୟ

ଆହେ ଚୈତନ୍ୟ ଦାସ ପୁଣ
ଏଥୁ ଉତ୍ତାରୁ କଷ୍ଟ ଶୁଣ ।୧
ଏମନ୍ତେ ସାତ ଦିନ ଅନ୍ତେ
ଗୋସାଇଁ ଦେଖାଇଲେ ମୋତେ ।୨
ନଡ଼ୀ କାଳ ବାଗ ଭିତରେ
ଶାମୁକା ଉହୁଁର ଭିତରେ ।୩
ଗୋସାଇଁ ବସି ମୁଁ ଅଇଲି
ଶାମୁକା ଭିତରେ ପଶିଲି ।୪

ପାଣି ଦେଇ ବାହାର ହେଲି
ବାଲିରେ ଦାବୁଡ଼େ ପଡ଼ିଲି ।୫
ହୋଇଲି ସ୍ଥିର ନାହିଁ ପ୍ରାଣ
ଆଜ ତ ଦେବ ରଖିବ କସ୍ତୁ ।୬
ଏମନ୍ତ ବୋଲି ସେ ଧାଇଁଲା
କେଶ ଧରିଣ ଟିକି ଦେଲା ।୭
ଭୂମିରେ ପଡ଼ନ୍ତେଣ ମୁହିଁ
ଗୋଇଠା ମାରିଲେକ ନେଇ ।୮

ଶୁଣି ଉଠାଇ ମୋତେ ଦେଲ
ଖୁଦା କହୁଣି ସେ ମାଉଲ ।୯

ହାତୁଆ ମାନ୍ତି ବସନ୍ତି ଦେଇ
ବାଳ ଧରି ବସ୍ତେଣ୍ଡ ଭୁଇଁ ।୧୦

ଶୁଣି କଥା ଶୁଶ୍ରୁତା ମାନ୍ତି
ଜଟ୍ରୋଧ ନାହିଁ ସେ ତାହାନ୍ତି ।୧୧

ନିତ୍ୟ ମୋ ଚୋଟରେ ପଶିଲୁ
ନଡ଼ିଆ ଲେଷ୍ଟଇ ବାକଲୁ ।୧୨

ଏମନ୍ତ ବୋଲି ତାକ ଦେଇ ।
କ୍ରୋଧରେ ଶସ୍ତ୍ର କମାଇ ।୧୩

ବୋଇଲ ଆଜ ଲୁଚି ମଲୁ
ନଡ଼ିଆ ସବୁ ତୁ ଖାଇଲୁ ।୧୪

ବାଳ ଧରି ଯୋଗାନ୍ତି ନେଇ
ରାଜାଙ୍କୁ ଜଣ୍ଡ ମୁଁ ଯାଇ ।୧୫

ଏମନ୍ତେ ଯୋଗାଣି ଜଣନ୍ତେ
ଭୂଷିଏ ଦେଖିଲେକ ମୋତେ ।୧୬

ବୋଇଲ ପାଲୁ କାହିଁ ପାଇଁ
କହ ତୁ ଦୋଷ ଆଉ ଭୁଞ୍ଜ ।୧୭

ବୋଇଲ ସ୍ୱରୂ ଏହୁ ଶୁଣ
ନଡ଼ିଆ ନେଇ ନିତ୍ୟ ପୁଣ ।୧୮

ତା ଶୁଣି ଭୂତୀ ସେ ବୋଲଇ
ଚୁଣ୍ଡଣ ବେଟଗ ବଅ ଭୁଞ୍ଜ ।୧୯

ଉପାସ ଆଠ ଦିନ ହେଲା
ବଉଳ ମୂଳେ ପଡ଼ିଥିଲା ।୨୦

ଭୁଖା କରନ୍ତେ ଅବା ଦେଖ
ଚାଣି ଖାଇବାକୁ ସେ ଯାଇ ।୨୧

ଏ ପେଟେ ରାଜାଙ୍କୁ କହିବ
ମାଡ଼ ମରାଇ କେତି ଦେବ ।୨୨

ତାର ବଚନେ ଖସ୍ତ କଲା
ଘିଡ଼ି ଦେଇଣ ପଳାଇଲା ।୨୩

ଚଲୁ ମୁଁ ଉଠିଣ ଅଇଲି
ବଉଳ ମୂଳରେ ଶୋଇଲି ।୨୪

ଚୋଇଲି ନଟେଶ୍ୱ ପ୍ରାଣ ଗଲା
ଦଇବ ଏଥା ଲେଖିଥିଲା ।୨୫

ବ୍ରାହ୍ମଣୀ ବଚନ ମେଣ୍ଟିଲି
ଆଶର ପ୍ରାଣ ହରାଇଲି ।୨୬

ଏ ସେ ମନୁଷ୍ୟ ଜନ୍ମ ସାର
ନ ଭୋଗ କରନ୍ତି ସଂସାର ।୨୭

ବସୁସ ଜଣେଶ ବରଷ
ବିଧାତା ମୋତେ କଲା ନାଶ ।୨୮

ବଣ୍ଟୁ କ୍ରୁଟ ମୁ ନ ଦେଖିଲି
ମାଡ଼ି ଖାଇଣ ଏଠି ମଲି ।୨୯

ଘରେ ମୁଁ ଥିଲେ କେ ମାରନ୍ତା
ଏ କଷ୍ଟ ଲେଖିଲା ବିଧାତା ।୩୦

ସ୍ୱଗଣ ମାନଙ୍କରେ ଜଣ
ଦୟା ସାଗର ବୋଲି ଭୁଞ୍ଜ ।୩୧

ଏହା ଶୁଣନ୍ତେ ମୁଁ ଅଇଲି
ଦୟା ବା କରିବ ବୋଇଲି ।୩୨

ମୋତେ ନିଦୟା ତୋର ହେଲା
ଚୋଟେ ନ ଦେଇ ପ୍ରାଣ ଗଲା ।୩୩

ଏବେ ମୂଦୟା ମୋତେ ହୁଅ
ଏ ଦେହ ବେଗେ ଛାଡ଼ଯାଅ ।୩୪

ଏତେକ ମାତୁଣି ମାନ୍ତିଲ
ଏ କଷ୍ଟ ସହି ନ ପାରିଇ ।୩୫

ଆଜକୁ ଦଶ ଦିନ ହେଲା
ଅନ୍ନ ଟିକେ କିଛି ନ ମିଳିଲା ।୩୬

ପାଣି ଖାଉଣି ଏହୁ ପ୍ରାଣ
ରହିଛି କାହିଁ ପାଇଁ ପୁଣ ।୭୭
କ୍ଷୁଧା ତୃଷାରେ ଦଗ୍ଧ ହୋଇ
ତହିଁ ଝପଟରେ ମାଡ଼ି ଖାଇ ।୭୮
ତୋତେ ଭରସା କରେ ଯେହୁ
ଏତେ କଷ୍ଟ କି ପାଏ ସେହୁ ।୭୯
ଏମନ୍ତ ବିଚାରି ଶୋଇଲି
ଘୋର ଯାତ୍ନା ଯେ ଭୁଲିଲି ।୮୦
ବ୍ୟଥା ଡରସ କିଛି ନାହିଁ
ମନ ମୋହର ଧନ୍ୟ ହୋଇ ।୮୧
ବେଳ ହୋଇଲା ଦୁଇ ଦଣ୍ଡ
ଦ୍ୱାର ଛୁଡ଼ିଲେ ସେ ପାହାରୀ ।୮୨
ମୋତେ ଦେଖିଣ ସେ କହିଲେ
ଟଙ୍କା ତୁ ଆଣ ସେ ବୋଇଲେ ।୮୩
ମୁହିଁ ବୋଇଲି କିଛି ନାହିଁ
ଘୁଞ୍ଚ କା ନଶୁନ୍ତେ ସେ କହି ।୮୪
ତା ଶୁଣି ମୋତେ ଘୁଞ୍ଚି ଦେଲେ
ଘାଟରେ ପଡ଼ିଲି ମୁଁ ଭଲେ ।୮୫
ଅକ୍ଷଣ ଖମ୍ବଠାରେ ମୁହିଁ
ବସିଲି ସିଂହଦ୍ୱାରେ ଯହିଁ ।୮୬

ବେଢ଼ ବାଡ଼ରେ କୋଳାହଳ
ତା ଦେଖି ମନ ମୋ ବିକଳ ।୮୭
ବୋଇଲେ ଯେବେ ପେଲି ଶିବ
ଅବଶ୍ୟ ମାଡ଼ି ମୁଁ ଖାଇବ ।୮୮
କେମନ୍ତ ଭକତକୁ ମୁହିଁ
ଶିବ ହେ ପ୍ରଭୁ ଭାବଗ୍ରାହୀ ।୮୯
ଏମନ୍ତେ ମନେ ବିଚାରିଲି
ମାୟାଧର ତହିଁ ଭଣିଲି ।୯୦
ବୋଇଲି ପ୍ରଭୁ ଦୟା ନାହିଁ
ଏଥି ମୁଁ ଥିବ କାହିଁ ପାଇଁ ।୯୧
ଅନ୍ନ ପାଣିକି ନମିଳିଲା
ଦେହରେ ସାହସ ବୁଡ଼ିଲା ।୯୨
ବୋଇଲି ଏଥି କାର୍ଯ୍ୟ ନାହିଁ
ବୃନ୍ଦାବନେ ଚୁହିଅଛି ସେହି ।୯୩
ଏମନ୍ତେ ମନେ ମୁଁ ଭାଙ୍ଗିଲି
ଅଠର ନଳା ପାର ହେଲି ।୯୪
କହଇ ଅଭଣିତ ଦାସ
ମହୀମଣ୍ଡଳେ ବଡ଼ କ୍ଳେଶ ।୯୫
ଆହେ ସୁଜନ ଶୁଣ ଏବେ
ମୋ କଷ୍ଟ ଶୁଣ ଅନୁଭବେ ।୯୬

ଇତି ଶ୍ରୀ ନନ୍ଦ ଚୈତନ୍ୟ ସମ୍ବାଦେ ମହାମନ୍ତ୍ରିକ ଗୀତା
କଥନେ ନାମ ସପ୍ତଷଷ୍ଠିତମୋଽଧ୍ୟାୟଃ ।

# ଏକସପ୍ତତିତମ ଅଧ୍ୟାୟ

ଅହେ ଚୈତନ୍ୟ ନାରାୟଣ
ତୁ ଏତେ କଷ୍ଟ ଦେଲୁ ପୁଣ ।୧
ଆଜି ଏଣିକି କି କରିବୁ
ମୋତେ କି ଦୁଃଖ ଭୋଗ ଦେବୁ ।୨
ଏମନ୍ତେ ବିସ୍ମୟ ଗୁଲନନ୍ଦ
ମେଘ ଘୋଟିଲା ସେ ଭୂମିତେ ।୩
ପବନ ବହେ ହାଣ କରି
ରେଣୁ ଉଡ଼ନ୍ତେ ଧନ ଦୂରି ।୪
ବରଷା କଲା ମହା ଘୋରେ
ଯନ୍ତ୍ର ଘଣ୍ଟି ମାରେ ଜଡ଼ ତୁରେ ।
ପବନ ଘାତେ ମୁଁ ଟଳାଇ
ଛିଣ୍ଡା ଦେହାକୁ ଶକ୍ତି ନାହିଁ ।୬
ଆଗରୁ ଘରକୁ ଯେ ନେଲି
ବୋଇଲି ନଷ୍ଟେ ପ୍ରାଣ ଗଲା ।୭
ଶୀତରେ କମ୍ପିଲା ଶରୀର
ଜଳ ପବନ ବାଜି ଖର ।୮
ଏମନ୍ତ ପବନ ବହିଲା
କେତେ ବେଁ ଦୂର ହୋଇଗଲା ।୯
ବରଷା ଯାତେ ରେଣୁ ଯାଇ
ବଟ ବୃକ୍ଷ ଦେଖିଲି ମୁହିଁ ।୧୦
ସମ୍ଭାଳି ମୁହିଁ ନପାରିଲି
ଗଛକୁ ଜାବୁଡ଼ି ଧରିଲି ।୧୧
ଏମନ୍ତେ ଦୁଇ ଘଡ଼ି ଗଲା
ପ୍ରାଣୀ ପବନ ଥିର ହେଲା ।୧୨
ଦେଖିଲି ପାଦେ ଗ୍ରାମ ନାହିଁ
ବେଳ ବୁଡ଼ିଲା ରହିବି ଠାଇଁ ।୧୩
ଭିତରେ ଗୃହ ନ ପାଇଲି
ଭଲ ପ୍ରଭୁଙ୍କୁ ସେବା କଲି ।୧୪
ଏତେକି ନାଘର୍ଦ୍ଧା ସେ ପୁରୁଷ
ଶାସ୍ତ୍ରରେ ନମାନେ ବଳ ନାଶ ।୧୫
ଏ ଗୃହ ଯେବେ ମୁଁ ବଞ୍ଚିବି
ଅବଶ୍ୟ ଘରକୁ ମୁଁ ଯିବି ।୧୬
ଆଜି ତ ଭୁନି ନ ପାରଇ
ଏ ଭୋଜନ କାଳେ କେ ଯଉଙ୍କ ।୧୭
ଘରେ ମୁଁ ଥିଲି ସେଦିନକ
କି ଭୋଗ କରି ନାହିଁ ପୁଣ ।୧୮
ପାଟ ପଟନ ପୀତାମ୍ବର
ଚୁଆ ଚନ୍ଦନ ଅଳଙ୍କାର ।୧୯
ଖଟ ପଲଙ୍କ ଯେ ସୁପାତି
କୁଙ୍କୁମ ଶରୀରେ ଲେପନ୍ତି ।୨୦
ନାନା ପୁଷ୍ପ ଯେ ତିଅରି ଯୋଗ
ଦ୍ଦୁରଣୀ ଉପରେ ଯେ ପୁଣି ।୨୧
ଖିରି ଖେଚେଡ଼ି ପିଠା ଅନ୍ନ
ଖଣ୍ଡ ଗାକର ଘୃତ ପୁଣ ।୨୨
ନାନାଦି ଭୋଗ ଆଜି ଯେତେ
ମୁଁ କାହିଁ କହିବଇ ଶତେ ।୨୩
ଏ ସବୁ ସୁଖ ଛାଡ଼ି ମୁହିଁ
ତୋତେ ସେବିଲି କଷ୍ଟ ପାଇ ।୨୪

ଦୁଇ ବରଷ ବୟ ଠାରେ
ପିତା ଗଲେକ ନିରନ୍ତରେ ।୨୫
ଏତେ କଷ୍ଟରେ ସେବା କଲି
ବୟସ ନୋହିଲା ଏଥେ ମଲି ।୨୬
ଏମନ୍ତେ ଭଣୁଥିଲ ମୁହିଁ
ଯାଉ ଯାଉ ଦେହେ ମରାଇ ।୨୭
ସତ ହୋଇଛି ଦୁଃଖ ଘେନି
ଯେ ସ୍ଥାନୁ ଆଇଲି ମୁଁ ଛାଡ଼ି ।୨୮
ଏମନ୍ତେ ଦୁଇଦିନ ଅନ୍ତେ
ମିଳିଲି ତ୍ରିଶୋଣା ଅଗ୍ରତେ ।୨୯
ଦେଖିଲି ଘରରେ ରନ୍ଧନ
ବାନ୍ଧକ ଚାହିଁରେ ବସିଲ ।୩୦
ସେଠ ଚାହିଁଲି ଭଲ ମୁହିଁ
ତ୍ରିଶୋଣା ଗ୍ରାମେ ପଶିଲଇଁ ।୩୧
ବ୍ରାହ୍ମଣ ମୋତେ ସେ ଦେଖିଲେ
ଭୋଜନ କର ପି ବୋଇଲେ ।୩୨
ବହର ଦିନ ଉପରନ୍ତେ
ଅନ୍ନ ହିଁ ନ ମିଳିଲା ମୋତେ ।୩୩
ଆମ୍ଭ ମୁହଁରୁ ଏହା ଶୁଣି
ଅନ୍ନ ହିଁ ଦେଲେ ତତକ୍ଷଣି ।୩୪
ମୁଣ୍ଡା ଘୃତ ଡାଲି ଖାଇଲି
ଆଉତ ଖାଇ ନ ପାରିଲି ।୩୫
ବୋଇଲେ ଯାଉଛି ମୁଁ ଶୁଣି
ସେଠାରୁ ଚଳିଲି ବହନ ।୩୬
ଏମନ୍ତେ କେତେକ ଦୂର ଯାନ୍ତେ
ସହଳ ଚୋଟା ଦେଖି ତତେ ।୩୭
ବୋଇଲେ ଆମ୍ଭ ଘଡ଼ ଥିବ
ଦେଖିଲି କେ ଅବା ମାରିବ ।୩୮

ଏମନ୍ତ ଭୟ ଚିତ୍ତ ହୋଇ
ମିଳିଲି ତୋହୋ ପାଶ ଯାଇ ।୩୯
ଦେଖିଲି ଦେଖିଲ ଗୋଲକସ୍ଥ
ଅତି ନିର୍ମଳ ସେତୁ ସ୍ଥଳ ।୪୦
ବୋଇଲି ଏ ସ୍ଥାନେ ରହିବ
ଦେହ ସୁସ୍ଥ ହୋଇଲେ ଯିବ ।୪୧
ଏମନ୍ତେ ମନେ ମୁଁ ଭାବିଲି
ଦେଖିଲ ପାଖରେ ବସିଲି ।୪୨
ଦେଖ ସେ ଦୁଇ ଘଣ୍ଟ ଅଛି
ବ୍ରାହ୍ମଣ ସବେ ମିଳେ ଆସି ୪୩
ଢାଳିଲ ଅନ୍ନ ଆଣିଥିଲେ
ଦେବତା ଭୋଗ କରାଇଲେ ।୪୪
ଭୋଜନ କରି ଚେଷ୍ଟା ମତେ
ବଳନ୍ତେ ଦେଲେ ଘର ପଥେ ।୪୫
ମୁହିଁ ତ ବସିଥିଲି ତହିଁ
ଗୋଷ୍ଠୀ ଏ ମୋତେ ଦେଲେ ନାହିଁ ।୪୬
ଏତେକ ନିନ୍ଦ୍ୟା ତାଙ୍କ ଦେହ
ହୋଇଲେ ଏ ଥାନରୁ ଯାଅ ।୪୭
ତାଙ୍କ ବଚନ ମୁଁ ଶୁଣିଣ
ସନ୍ଧ୍ୟା ହୁଅନ୍ତେ ଚଳୁଁ ଗଲି ।୪୮
ତ୍ରିଶା ଗ୍ରାମ ନଈ ଧାରରେ
ଶରୀର ଚୋଟିକ ଉପରେ ।୪୯
ସ୍ୱସ୍ତି ଚାହିଁ ମୁଁ ଶୋଇଲି
ନିଦ୍ରାରେ ସେଥିନ ରହିଲି ।୫୦
ରାତ୍ର ପାହିଲା ଉହୁଁ ଯାଇ
ହେଉଛି ପାଶରେ ବଇଲି ।୫୧
ଏମନ୍ତେ ଦୁଇ ଦିନ ଅନ୍ତେ
ବୁଢ଼ୀ ବ୍ରାହ୍ମଣୀ ଦେଖି ମୋତେ ।୫୨

ସେତୁ ଖଣ୍ଡିଆ ଆମ୍ଭ ଦୁଇ
ବୋଇଲୁ ଖାଅ ବେଗେ ଭୁଞ୍ଜି ।୫୩
ତାର ବଚନ ମୁଁ ଶୁଣିଲି
ଖାଇବି ବୋଲିଣ ହୋଇଲି ।୫୪
ବେନି ଦୁଇ ପ୍ରହର ଠାରେ
ବ୍ରାହ୍ମଣେ ସ୍ନାନ ଜଳଘାଟରେ ।୫୫
କୃଷ୍ଣ ଦାସ ବୋଲି ବ୍ରାହ୍ମଣ
ସୁତକୁ ସଙ୍ଗତେ ଘେନିଣି ।୫୬
ମୋର ଆଗରେ ବେଶ ବସିଲା
ସୁତକୁ ଗୀତ ବୋଲାଇଲା ।୫୭
ତା ଶୁଣି ମନ ଛନ ଛନ
ଚୌତିଶା ବୋଇଲି ବଚନ ।୫୮
ନ ଅସନ୍ତୁ ଅ ପଡ଼ଯନ୍ତ୍ର
ବୋଇଲି ମନ ତୋଷ ଗାତ୍ର ।୫୯
ତା ଶୁଣି ବ୍ରାହ୍ମଣ ସେ ମାନେ
ବିସ୍ମୟ କଲେ ଜଣେ ଜଣେ ।୬୦
ବୋଇଲେ ବାପୁ ଏ ବୁଦ୍ଧି ଇ
ଗୁପତେ ଏ ବେଶ ଧରଇ ।୬୧
ଏମନ୍ତ ବୋଲି ସେଘା ମତେ
ବ୍ରାହ୍ମଣେ ଗଲେ ସେ ସମସ୍ତେ ।୬୨

ଏମନ୍ତେ ଦିନ ଅସ୍ତ ଗଲା
ସନ୍ଧ୍ୟା ବେଳ ଅତି ହୋଇଲା ।୬୩
ମାଳି ସୁଆଣି ସେ ଅଇଲେ
ସନ୍ଧ୍ୟା ଧାଞ୍ଜଣ ଧନ୍ଦ କଲେ ।୬୪
ବନ୍ଧୁ ଉଗାଳି ମୋତେ ଦେଇ
ବୋଇଲେ ଖାଅ ବେଗେ ଭୁଞ୍ଜି ।୬୫
ଭୁ ପଥରେ ନେଇ କଲେ
ତାହା ମୁଁ ବେଗେ ଖାଇ ତଳେ ।୬୬
ଶାଳେ ଯାଇନ୍ତେ ମୁହିଁ ସୁତି
ବୋଇଲେ ଅଛି ଟି ବଟି ।୬୭
ସଙ୍ଗତେ ମୋତେ ଘେନିଗଲେ
ଶୋଇବାକୁ ସେ ସ୍ଥାନ ଦେଲେ ।୬୮
ଏମନ୍ତେ ଆଠଦିନ ରହି
ଏ ଥାନୁ ମୁହିଁ ଛାଡ଼ି ଯାଇ ।୬୯
ବଧିର ଅରକ୍ଷିତ ଦାସ
ଭ୍ରମିଲି ମୁହିଁ ନାନା ଦେଶ ।୭୦
ଆବେ ସୁଜନ ମାନେ କହି
ଖଣ୍ଡଗିରିରେ ଏବେ ରହି ।୭୧
ଏବେ ପ୍ରଭୁଙ୍କୁ ଭଜନ୍ତୁ କହ
ମୋଠାରେ ଦୟା ଭଜନ୍ତୁ ହୁଅ ।୭୨

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା
କଥନେ ନାମ ଏକସପ୍ତତିତମୋଽଧ୍ୟାୟଃ ।

# ଦ୍ୱିସପ୍ତତିତମ ଅଧ୍ୟାୟ

ଅହେ ଚୈତନ୍ୟ ଶୁଣ କହି
ମୋ ଚିତ୍ତ ଭ୍ରାନ୍ତ ହେ ଭ୍ରମାଇ ।୧
ତୁମ୍ଭେ ତ ସାକ୍ଷୀ ଥୁଲେ ଅଛ
ମୋତେ କିମ୍ପା ହେ ଭ୍ରମାଉଛ ।୨
ପ୍ରକୃତି ସଙ୍ଗ ଏଡ଼ି ମୁହିଁ
ଭ୍ରମିଲି ମାୟା ମତ୍ତ ହୋଇ ।୩
ପ୍ରକୃତି ଗଣ ମୋତେ ଧରି
ନଅନ୍ତି ଏତେ ଛେଦନ୍ତି ଭରି ।୪
ତାହାଙ୍କ ଅନୁଭବେ ମୁହିଁ
ଭ୍ରମିଲି ନାନା ରୂପେ କହି ।୫
ପ୍ରଥମେ ଏମନ୍ତେ ଭ୍ରମିଲି
ତାହା ତ ସୁସିଦ୍ଧ କହିଲି ।୬
ନାନା ଛନ୍ଦେ ଭୁଲାଇଲ
ଆଣି ଖଣ୍ଡଗିରି ରଖିଲ ।୭
ପୁଣି ମୋ ଚିତ୍ତ ହେ ଭ୍ରମାଇ
ଖଣ୍ଡଗିରିକି ବାହାରାଇ ।୮
ବୋଇଲି ଭକତି ସାଧିବ
ମହା ଅରଣ୍ୟରେ ପଶିବ ।୯
ଏମନ୍ତେ ମନେ ମୁଁ ଭାଳିଲି
ଖଣ୍ଡଗିରି ଛାଡ଼ି ଆଇଲି ।୧୦
ଜାଗର ଅମାବାସ୍ୟା ଯେ ବାସୀ
ଛାଡ଼ି ମୁଁ ଆଇଲି ବାଟଶିଷି ।୧୧
ଆଏମନ୍ତେ ମନେ ମୁଁ ଭାଳିଲି
ଗ୍ରାମେ ନଗରି ଯିବ ମୁହିଁ ।୧୨

ଷାଘୁ ବୋଲି ମଣେ ମାରିବେ
ଶିକ୍ଷିତ ନେକ୍ଷ ନ ଥାଇବେ ।୧୩
ନୟନ ତ ମୋର କଷ୍ଟ ନାହିଁ
ଏତ ମାୟା ସଂସାର ନହି ।୧୪
ସେ ତତ୍ତ୍ୱ ସଙ୍ଗ ଘଟେ ଅଛି
ଭଲ ମନ ହିଁ ନ ଜାଣୁଛି ।୧୫
ପ୍ରକୃତି ଦେହରେ ଅଛନ୍ତି
ହିଂସା ଗତରେ ଯେ ଭ୍ରମନ୍ତି ।୧୬
ଏ ଯେଣି ଗ୍ରାମେ ନ ପଶଇ
ବାଟ ଭାଙ୍ଗିଣି ମିଶ ମୁହିଁ ।୧୭
ଏମନ୍ତେ ବସ୍ତି ଚାଲନ୍ତେ
ବ୍ରାହ୍ମଣ ଦୁଇ ଯେ ନେଉଟନ୍ତେ ।୧୮
ବୋଇଲେ କେତେ ଦୂର ଯାଅ
ଆମ୍ଭଙ୍କୁ ସଙ୍ଗ ତୁମ୍ଭେ ନିଅ ।୧୯
ନେଉଛନ୍ତି କର୍ଣ୍ଣିକେ ଯାଏ
ଆସ ହେ ଦୁଷ୍ଟୀ ଦେଖିବା କହେ ।୨୦
ନୀଳ ମାଧବ ଦେବତାହିଁ
ନନ୍ଦିତ ଘରେ ଛନ୍ତି ରହି ।୨୧
ପ୍ରଭୁଙ୍କି ଜଗନ୍ନାଥ ଏଥି
ଶବର ପୂଜୁଥିଲା ନିତି ।୨୨
ଏଥି ବ୍ରାହ୍ମଣ ଦେଖି ଗଲା
ରାଜାଙ୍କୁ ଯାଇଣି କହିଲା ।୨୩
ଇନ୍ଦ୍ରଦ୍ୟୁମ୍ନ ରାଜା ଦେଖି
ଦେଖାଇ ଗଲା କ ଉପେକ୍ଷି ।୨୪

ନେଉଣ ଶ୍ରୀ ଗଳ ଜଗଂରେ
ଷଡଙ୍ଗେ କରିଣ ନୃପ ବନେଇ ।୨୫
ଏମନ୍ତେ କହି ସେ ବ୍ରାହ୍ମଣ
ଆଜ ସେ। ରଥ ସେହି ସ୍ଥାନନ ।୨୬
ନୀଳ ମାଧବଙ୍କୁ ଦେଖିବ
ସେଠାରେ ପ୍ରସାଦ ପାଇବ ।୨୭
ଏ ମନ୍ତେ କେତେ ଦୂର ଯାଇ
ଦେଶ ଦେଖିଲ ବସୁଛଇ ।୨୮
ସ୍ନାହାନେ ଯାଉ ଆମ୍ଭେ ଜାଣ
ତୁମ୍ଭେ ତ ଆସେଗ ଯାଅ ପୁଣ ।୨୯
ତାଙ୍କ ବଚନେ ମୂର୍ଚ୍ଛି ଗଲ
ନୀଳ ମାଧବଙ୍କୁ ଦେଖିଲି ।୩୦
ଅତି ନିର୍ମଳ ସ୍ଥାନ ସେହି
ନହାନଦୀ କୂଳ ପାଶେଇ ।୩୧
ନୋହିଲେ କର୍ମା ଜଗନ୍ନାଥ
ପୂର୍ବେ ତ ରହିଥିଲେ ଏଠି ।୩୨
ତାଙ୍କ ନୃଶି ସେ ସ୍ଥାନ ଏହି
ନୋହିଲେ କର୍ମା ଜୁଲେ ରହି ।୩୩
ଏମନ୍ତେ ମନେ ଚାହ୍ଣ ବସି
ପ୍ରସାଦ ଦେଲେକ ବିଶେଷ ।୩୪
ବୃକ୍ଷକ ବସ ସ୍ଥାନରେ ରହି
ରାଜ ପାହାନ୍ତେ କହୁଁ ଯାଇ ।୩୫
ଏମନ୍ତେ କେତେ ଦୂର ଯାନ୍ତେ
ବ୍ରାହ୍ମଣ ଜଣେ ସେ ଭେଟନ୍ତେ ।୩୬
ବୋଇଲେ ମୋତେ ପଡ଼ିଗ ନିଅ
କେଉଁ ଠାବକୁ ଯିବ କହ ।୩୭
ବୋଇଲ ମଣିଭଦ୍ରା ଯାଏ
ତୁମ୍ଭେ କେଉଁ ଗ୍ରାମ ଯିବ କହ ।୩୮

ବୋଇଲେ ବେଲପଡ଼ା ଜାଣ
ଆଜି ସେ ସ୍ଥାନେ ରହ ପୁଣ ।୩୯
କାଲି ମଣିଭଦ୍ରାକୁ ଯିବ
ସ୍ଥଳ ବେଲପଡ଼ା ରହିବ ।୪୦
ଏମନେ କେତେ ଦୂର ଯାନ୍ତି
ସ୍ନାହାନ ସାରିବା ସେ କହି ।୪୧
ମହାନଦୀରେ ସ୍ନାନ କଲୁ
ଜଳ ପାନ କରି ଯାଇଲୁ ।୪୨
ଏମନ୍ତେ ପଥ ବହି ଯାନ୍ତେ
ବେଲପଡ଼ା ଗଲୁ ଭୂଣିତେ ।୪୩
ବୋଇଲେ ମଣ୍ଡପକୁ ଯାଅ
ରହିଲ ଦସ୍ୟୁ ଭଗି ଥାଅ ।୪୪
ବୋଇଲୁ ଦସ୍ୟୁ ସେ ଭୂସୁର
ଆଗି ମିଳିଲୁ ମଣ୍ଡପର ।୪୫
ମଣ୍ଡପ ଭଙ୍ଗା ଦେବଗୃହିଁ
ଦଧିବାମନ ଛନ୍ତି ରହି ।୪୬
ବୋଇଲୁ ପ୍ରଭୁରଛି ମାୟା
କାକୁ ଶିଷ ପୁ। କାକୁ ଦୟା ।୪୭
ନୀଳ ମାଧବ ସେ ଅଛନ୍ତି
କେତେ କେତେକି ପାଉଛନ୍ତି ।୪୮
ଏଥି ଦଧିବାମନ ପୁଣି
ପୋତରେ ବୃକ୍ଷଳକୁ ଭୋଜନ ।୪୯
ସେଷ ପଥରେ ଘରେ ଛନ୍ତି
ଏକ ଭଙ୍ଗା ମଣ୍ଡପେ ସ୍ଥିତି ।୫୦
ସେ ପ୍ରଭୁ ପଡ଼ି ଦାଣ୍ଡା କହାଇ
ଯାହାକୁ ସେମନ୍ତେ ଖୋଜିଲ ।୫୧
କାହାକୁ ଫାଟ୍କଟ୍ଟୀ ପୁଣି
କାହୁ ନ ଚିଏ କଳା ଜାଣି ।୫୨

କାହାକୁ ପତ୍ନୀ ରସ ଦେଇ
କାହାକୁ ସନ୍ତାନ ନ ମିଳଇ ।୬୩
କାହାକୁ ଦେଇ ପଲଙ୍କ ସ୍ତ୍ରୀ
କାକୁ ଦାରା ନ ଦିଅଇ ।୬୪
ଏମନ୍ତେ ସେ ପ୍ରଭୁ ଭିଆଣ
ଯାହାକୁ ଯେମନ୍ତେ ଖଞ୍ଜିଣ ।୬୫
ଭଣଇ ଅରକ୍ଷିତ ଦାସ
ପ୍ରଭୁଙ୍କ ମହିମା ଅଶେଷ ।୬୬
ଆହେ ସୁଜନ ଜନ ମାନେ
ପ୍ରଭୁଙ୍କ ମାୟାଟି ଏସନେ ।୬୭

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହିମଣ୍ଡଳ ଗୀତା
କଥନେ ନାମ ଦ୍ୱିସପ୍ତତିତମୋଽଧ୍ୟାୟଃ ।

---

# ତ୍ରିସପ୍ତତିତମ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣି ବୁଝ
ଏମନ୍ତ ତୋର ମାୟା କହୁ ।୧
ସନ୍ଧ୍ୟା ଆସିବା ବେଳେ ଶୁଣ
ଯେତେକ କଷ୍ଟ ପାଇଲି ପୁଣ ।୨
ସେ କଷ୍ଟ ଏ କଷ୍ଟ ବଳଇ
କହିବ ଶୁଣ ଏବେ ବୁଝି ।୩
ମଣ୍ଡପ ଉପରେ ବସିଲି
ତୃଷାରେ ଆକୁଳ ହୋଇଲି ।୪
ବେଳ ତିନି ପ୍ରହର ହେଲା
ଲୋକ ତ ବଡ଼ ଦେଖାଇଲା ।୫
ଜଳ ତ ପାଖେ ନାହିଁ ଜାଣି
କାହାକୁ ମାଗିବି ମୁଁ ପୁଣି ।୬
ଓଳଏ ଉପାୟେ ନ ସୁଝି
ବନସ୍ତେ ବସିଛି ମୁଁ କାହିଁ ।୭
ଏ ଦେହେଁ କେହୁ ରହିଅଛି
ମୋତେ ତ ଧନ ସେ ମାରୁଛି ।୮
ଏମନ୍ତେ ବସିଥିଲେ ଜାଣ
ଏକ ଜଣେ ଆସିଲେ ପୁଣ ।୯
ବୋଇଲା କାହୁଁ ସେ ଅଇଲ
ଏ ସ୍ଥାନେ କର୍ମାଇ ରହିଲ ।୧୦
ବୋଇଲୁ ଶୁଣ ଯେ ଶିଷ୍ୟନ୍ତୁ
ଖସ ପାଇଣ ସିଦ୍ଧ ଦୂତୁ ।୧୧
ବୋଇଲା କସ ସେ ପାଣିବ
ମୁହିଁ ବୋଇଲ ଯାହା ଦେବ ।୧୨
ତା ଶୁଣି ବେଗେ ଚଳି ଗଲା
ଜଳପାନ ଘେନି ଆସିଲା ।୧୩
ତାହା ଯାଉନ୍ତେ ମୁହିଁ ପୁଣି
ଆସି ଭେଟିଲେ ବୃଦ୍ଧ ଜଣ ।୧୪
ଦର୍ଶନ କରିଣ କହିଲେ
ଏ ଭୂଇଁ ଭଷ କି ବୋଇଲେ ।୧୫
କାଲି ସଙ୍ଗରେ ଜଣେ ଶିଷ୍ୟ
ପର୍ବତ ପାଖରେ ଛାଡ଼ିବୁ ।୧୬

ଏମନ୍ତ କହୁଣ ରଷିଲେ
ହସ୍ତ ଚାଆନ୍ତେ କଣେ ଦେଲେ । ୧୭
ବୋଇଲା ଆଗେ ଭୁସେ ରୁଲ
ବାଟ ତ ନ ଜାଣଇ ଭଲ । ୧୮
ତା ଶୁଣି ଅତେ ସେ ବୁଲଇ
ମୂର୍ଖ ତ ପନ୍ଥରେ ଟୋଳାଇ । ୧୯

ସେ ଦିନ କୁଡ଼ୁଡ଼ ସେ କଲା
ଶୀତ ଶ୍ରୀ ବଡ଼ ଦେଖାଇଲା । ୨୦
ବୋଇଲା ତରତ ମାସରେ
ଶୀତ ତେ ମୋତେ ବଡ଼ କରେ । ୨୧
ଜାଡ଼ କାଳରେ ଶୀତ ମୂର୍ଖ
ବନେ କେମନ୍ତେ ବଞ୍ଚିବଇଁ । ୨୨

ମଲ୍ଲା ସେ କମ୍ପଇ ମୋହର
ଦେହ ଜାଳଇ ଅସ ଖର । ୨୩
ତା ଶୁଣି ମନେ ବିସ୍ମରଇ
ଏତ ଅଇଲା କିସ ପାଇଁ । ୨୪
ଏ ଦେବେ ସଙ୍ଗେରେ ନ ଥିଲେ
ଉତ୍ପାତେ ବସନ୍ତ ମୁଁ ଭଲେ । ୨୫

ଜାଳେଇ ଗ୍ରୁଡ଼ନ୍ତି ଯାଆନ୍ତି
ଏତେ ଶୀତ କମ୍ପ ପାଆନ୍ତି । ୨୬
ଏମନ୍ତେ ବକୁଣି ବୁଲଇ
ବେଳ ସେ ପ୍ରହରକ ହୋଇ । ୨୭
କୁଡ଼ୁଡ଼ ହୁଡ଼ ଦେଖାଇ ଗଲା
ସୂର୍ଯ୍ୟଙ୍କ ତେଜ ପ୍ରକାଶିଲା । ୨୮

ସୂର୍ଯ୍ୟଙ୍କ ତେଜ ଲାଗି ଦେହେ
ଶୀତଟି ଦେଖେଣି ତାଳୁ କହେ । ୨୯
ବୁଲନ୍ତେ ଏକଇ ଗ୍ରାମରେ
ଦଶପଲ୍ଲୀ ସୀମା ଭିତରେ । ୩୦

ସଙ୍ଗରେ ସେଠାଁ ଜଣା ଥିଲା
କହି ଆସ୍ତୁଙ୍କୁ ଦେଖି ଗଲା । ୩୧
ବୋଇଲା ଆସ ନୀଳା ଘରେ
ପାଣି କରିଣ ପିଅ ଝଡ଼େ । ୩୨
ତାର ବଚନେ ମୂର୍ଖ ଗଲା
ପ୍ରାଣିଣ ସେ ଗ୍ରାମ୍ୟ ଭିନିଲା । ୩୩

ମହାଜନୀ ଭିତରର ପାର
ମଣିରଦ୍ଧା ହେବ ପାଦ । ୩୪
ଭିତରକୁ ଶୁଦ୍ଧିଣ ନଛ
ଘୁରି ଟୋକା ଭିତ ଦେଖଲଁ । ୩୫
ଜଗତରେ ପାଣି ନାହିଁ ଶୁଣ
କିସ ଝାଳ ଉଲ୍ଲବ ସୁଣ । ୩୬

ଉକଲୁ ଆସି ତଲ ଶୀତ
କ୍ଷତି ନିବାକୁ ଶସ୍ତ ନାହିଁ । ୩୭
ବଡ଼ ଭରସା କରିଥିଲି
ଏଥି ମୁଁ ଭକ୍ଷିବ ସାଞ୍ଜିଲା । ୩୮
ସେ ଚାଞ୍ଚ ଜଣିଲ ତ ହେଲା
କାହିଁ ରକ୍ଷିବି ମୁଁ ରହିଲା । ୩୯

ମହାଜନୀ ବୁଝି ବୁଲନ୍ତେ
ଗ୍ରାମ ତ କରିସ୍ତି ଶାର୍ଦ୍ଧେରେ । ୪୦
କଣା ଡଟରେ ଲତା ନାହିଁ
ଗ୍ରାମକୁ ଗ୍ରାମ ବସିନ୍ତଲ । ୪୧
ସ୍ତବକ ମାନଙ୍କରେ ସୁଣ
ଜନ ତ ନ ପାଳନ୍ତି ସୁଣ । ୪୨

ଗ୍ରାମେ ତ ମିଶି ନ ପାରଇ
କାହିଁ ରକ୍ଷିବି ବୁଦ୍ଧି ନାହିଁ । ୪୩
ଏମନ୍ତେ ଚକୁଳି ବୁଲନ୍ତେ
ଦେବଳ ବୁଡ଼ିଲା ଦିନ ଅନ୍ତେ । ୪୪

ରଥରେ ବାଟ ଭୁଲି ଯାଇ
ତପ, ବୁଦ୍ଧିବନ୍ତ ତପ ରହିଲ ।୮୫
ମହାନଦୀ ନିକଟରେ ପୁଣି
ବସିଣ ବିଚାରଇ ଜାଣି ।୮୬
ଆଜ ତ ରବିବାର ହୋଇ
କହିଲ ଧମଚର୍ମା କଣ୍ଠ ।୮୭
ଶୁଣନ୍ତି ଯାତ ପଣ୍ଡ ହୋଇ
ତେଣୁ ଚନ୍ଦ୍ରମା ଅସ୍ତ ଯାଇ ।୮୮
ଅନ୍ଧାରେ ବାଟ ନ ଦିଶିଲ
ନଈ ମଧ୍ୟରେ ଅଛି ଛନ୍ଦି ।୮୯
ଚଲେ ମୁଁ ବାଟ ନ ପାଇଲି
କାହିଁ ବା ଜଳରେ ପଶିବି ।୯୦
ଏଠାରେ ରହିବି ବସିଣ
ଦିନ ପାଆନ୍ତେ ଯିବି ପୁଣ ।୯୧
ଏମନ୍ତେ ବିଚାରିଲି ମୁହିଁ
ଖାଲି ବାଲି ଉପରେ ଶୋଇ ।୯୨
କନା କଣ୍ଟି କ ଦେଇଣ ଦେଇ
ଏହା ତ ଅର୍ଜିଥିଲି ମୁହିଁ ।୯୩
ହେ ପ୍ରଭୁ ଏହା ବିଚାରିଲି
ପଦ୍ମ କୁଁ ଆଗରୁ ଜାଣିଲି ।୯୪
ଏମନ୍ତେ ଶାସ୍ତ୍ର ମୁଁ ଶୁଣାଇ
ଘେନରେ କିଛା ନ ମାଗଇ ।୯୫
ହେ ଅନ୍ତର୍ଯ୍ୟାମୀ ପୀତବାସ
ଶୁଣି ଟଳିତ ଧାର କ୍ଳେଶ ।୯୬
ଅହେ ସୁଜନ ସାଧେ ଶୁଣ
ଏମନ୍ତେ ଶାସ୍ତ୍ର ମୁଁ ଶୋଇଣ ।୯୭

ଇତି ଶ୍ରୀ ମନ୍ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା କଥନେ
ନାମ ତ୍ରିସପ୍ତତିତମୋଽଧ୍ୟାୟଃ ।

---

# ଚତୁଃସପ୍ତତିତମ ଅଧ୍ୟାୟ

ଅହେ ଚୈତନ୍ୟ ଶୁଣ ବୁଦ୍ଧି
ବେଦାନ୍ତ ପ୍ରହର ହୋଇ ।୧
ପବନ ବଡ଼ ଶୀଁ ବହିଲା
ଶୀତରେ ଶରୀର କମ୍ପିଲ ।୨
ମନକୁ ଧାସ୍ତ କଲି ମୁହିଁ
ଶରୀର ଧାସ୍ତ କେବେ ନୋହି ।୩
ଦେହତ ଧାସ୍ତ କରି ରହିଲେ
କମ୍ପଇ ଥରହରେ ଘିଲେ ।୪
ପବନ ହେତୁ ଦେଲ ବହି
କହିଲ ଥରଥର ହୋଇ ।୫
ଜଳରେ ବାନ ତେଣ ପବନ
ମନ୍ଦା ଶୀତଳ ଲାଗେ ପୁଣ ।୬
ବୋଲଇ ପ୍ରଭୁ ମାଗୁ ଏହି
ଏ ବଚନେ ଏ ଶୀତ ଜାଣିବ ।୭
ଏବେ ମୁଁ କ ବୁଝି ଜାଣିବ
କାହିଁ ହେଉଁ ଥାବନୁ ଯିବ ।୮

ନଷ୍ଟ ମଧ୍ୟରେ ମୁଁ ରହିଲି
ଗ୍ରାମେ ତ ରହିପୁ ନ ଚାହିଁଲି ।୯
ଏବେ ତ ଅନ୍ଧାର ଘୋଟିଲା
ରାତି ତିନି ପ୍ରହର ହେଲା ।୧୦
ଦେଖିଲେ ଲେଉଟି ଯେବେ ମିତ୍ର
ତେବେ ମୁଁ ଗ୍ରାମକୁ ଫେରିବ ।୧୧
ଏତେ ରାତ୍ରରେ ମୁହିଁ ଗଲେ
ଚୋର ବୋଲି ମାରିବେ ଭଲେ ।୧୨
ଏହି ଭାବିଲେ ପ୍ରାଣ ଯିବ
ଶରୀର କମ୍ପେ ଅପନ୍ଥବ ।୧୩
କର୍ମା ମୁଁ ଖଣ୍ଡଗିରି ଛାଡ଼ି
ଆଇଲି ଏତେ ସୁଖ ଏଡ଼ି ।୧୪
ଏ ଗ୍ରାମ ଯେବେ ମୁଁ ଜାଣନ୍ତି
ଅବଶ୍ୟ ଖଣ୍ଡଗିରି ଯିବି ।୧୫
ଆଉ ତ ଭୂମି ନ ପାଇଲି
କେତେ କଷ୍ଟ ପାଇଲି ମୁହିଁ ।୧୬
ଏଣୁ ତ କଷ୍ଟ ନ ସହିଲି
ପ୍ରଭୁଙ୍କ ମାୟା ମୋତେ ହେଲା ।୧୭
ପାଦ ଫେଟନ ଗଲି ମୁହିଁ
ବନେ ଭକତି ସାଧିବାଇଁ ।୧୮
ପ୍ରଭୁଙ୍କ ମାୟା ମୋତେ ହେଲା
ସାତବେଳ ହିଁ ଲେଉଟିଲି ।୧୯
ଆଉ ତ ବନେ ନ ପଶିଲି
ଏ କଷ୍ଟ କେ ସହି ପାରଇ ।୨୦
ଆଉ ଯୋଗ ମୁଁ ସାଧିଥିଲେ
ଅବଶ୍ୟ ସାଧୁ ହୋଇଥିଲେ ।୨୧
ଭକତି ଯୋଗ ଯେ ବୋଲନ୍ତି
ପ୍ରଭୁଙ୍କ ନିଜ ଧର୍ମ ପୁଣ ।୨୨

କେଉଁଠି ମୋତେ ମାୟା ହୋଇ
ଭକତି ଯୋଗ ଦେଖା ପାଇଁ ।୨୩
ହେ ପ୍ରଭୁ ମାୟା ତୁ ନକର
ଏ କଷ୍ଟ କେବଳେ ତୁ ଭିଆର ।୨୪
ଭକତି ଯୋଗେ କାର୍ଯ୍ୟ ନାହିଁ
ଏ କଷ୍ଟ ପାରିବାର ଭୁଇଁ ।୨୫
ଭକତି ଯୋଗ ବନ୍ଧୁ ଅନ
ଆଉ ଯୋଗ ନ ସାଧେ ପୁଣି ।୨୬
ଅବଶ୍ୟ କୌପୀନ ପିନ୍ଧିବ
ଖଣ୍ଡଗିରି ବସି ରହିବ ।୨୭
ଭୂମିର ଦୟା ଯେବେ ଥିବ
ଅବଶ୍ୟ ଭକ୍ତି ମୋତେ ଦେବ ।୨୮
ବୋଲିଲେ ଆନ ଯୋଗ ମୁହିଁ
ମରିଲି କେବେ ହେଁ ନ ସାଧିଲି ।୨୯
ହେ ପ୍ରଭୁ ମାୟା ମୋରେ ହୋଇ
ଏଠାରୁ ଲେଉଟିଲି ମୁହିଁ ।୩୦
ଏ ଦେହେ କେଉଁ ରହିଅଛି
କଷ୍ଟ ତ ସହି ନ ପାରୁଛି ।୩୧
ତୁ ନାଥ ମାୟା ଦେହେ ଥାଇ
କଷ୍ଟ ନ ସହିଲୁଟି କହି ।୩୨
ଏବେ ମୁଁ ଜଣାଉଛି ଶୁଣ
ଲେଉଟି ଖଣ୍ଡଗିରି ପୁଣ ।୩୩
ଏ ଦୋଷ କ୍ଷମା ଯେ କରିବ
କଷ୍ଟ ନ ସହିଲି ହେ ଦେବ ।୩୪
ବେଳକୁ ବେଳ ଶୀତ ହୋଇ
ସେ ସ୍ଥାନୁ ଲେଉଟି ଆସିଲ ।୩୫
କେତେ ହେଁ ଦୂର ମୁଁ ଆସନ୍ତେ
ଅଗ୍ନି ଦେଖିଲି ଦୂରପଥେ ।୩୬

ନଗ୍ର ମଧ୍ୟରେ ଅଗ୍ନି ଲଗେଣ
ଗୋସାଇଁ ନାଥ୍ଁ ଅବା ଦେଶ ।୩୭
ଜେ ଅଙ୍କ ମନ୍ତ୍ର ଘୋଷି ଥାଇ
ସେଠାକୁ ଏବେ ଯିବି ମୁହିଁ ।୩୮
ଅଗ୍ନି ମାଝରେ ମୁଁ ବସିବ
ଶରୀର ଦଗ୍ଧ ମୁଁ କରିବି ।୩୯
ଏମନ୍ତ ଚାଲି ମୁହିଁ ଗଲି
ଅଗ୍ନି ମାଝରେ ସେ ପଶିଲି ।୪୦
ମନୁଷ୍ୟ ଲୋକ ସେ ଶୁଣିଲା
ଧାଇଲା ସର୍ବ ଦଶ୍ୟ କଲା ।୪୧
ନଗ୍ର ମଧ୍ୟରେ ଅଗ୍ନି ଲାଗି
ଏଭେ ପ୍ରଭୁଙ୍କ ଦଶା ହେଲା ।୪୨
ଏମନ୍ତେ ଶୁଣିଣ ମୁଁ ଗଲି
ଅଗ୍ନି ମାଝରେ ଛାଡ଼ିଦେଲି ।୪୩

ତିନ ଜଣ ସେ ବସିଥିଲେ
ଦେଖିଣ ଭୟେ ପଳାଇଲେ ।୪୪
ବୋଲିଲେ କାହିଁ ସେ ଅଇଲା
ଏମନ୍ତ ଗ୍ରାମରେ ଥିଲା ।୪୫
ଶୀତଳରେ କମ୍ପ ଗ ଶରୀର
ଅଗ୍ନି ମାଝରେ ବସିଲା କଲା ।୪୬
ଏମନ୍ତେ କହିଲେକ ପ୍ରଭୁ
ଅଗ୍ନି ମାଝରେ ବସେ ରହୁ ।୪୭
ଅଗ୍ନିଙ୍କ ତେଜ ସେ ଲାଗିଲା
ଶରୀର ଦଗ୍ଧ ସେ ହୋଇଲା ।୪୮
କହଇ ଅଚ୍ୟୁତ ଦାସ
ଏ ବେନି ଗାଲ ବହୁ କ୍ଲେଶ ।୪୯
ଆହେ ସୁଜନ ମାନେ ଶୁଣ
ଚଳିଥିଲି ଖଣ୍ଡଗିରି ଯାଇ ।୫୦

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମଣ୍ଡଳ ଗୀତା କଥନେ
ନାମ ଚତୁଃସପ୍ତତିତମୋଽଧ୍ୟାୟଃ ।

---

# ପଞ୍ଚସପ୍ତତିତମ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ କଥା
ଶୀଘ୍ର ଗ୍ରହିଲା ସର୍ବ ମୁହିଁ ।୧
ବୋଇଲା ଖଣ୍ଡ ସେ ଗିରିକୁ
ଯାଇ ସେ ଥିଲୁ ବହୁ ଦିନ ।୨
ରହିଲି ବାଟେ ପାଞ୍ଚ ଯାଇ
ତନୁ ଛାଡ଼ିବେ ରହିଲଇଁ ।୩

ନଗ୍ର ମଧ୍ୟରେ ସେ ରହିଲୁ
ଶୀଘ୍ର କରନ୍ତେ ସେ ଆସିଲୁ ।୪
ଅଗ୍ନିକୁ ଯୁକ୍ତ ଦେଖି ଜାଣ
ଅଇଲୁ ଏଥି ଭୂମି ଶୁଣ ।୫
ବୋଇଲେ ଜଗଦେବ ରହିଲା
କାଶୀ ଗ୍ରାମକୁ ସେ ଗଲା ।୬

ଜ୍ଞାନକୁ ଯାଉଥିଲେ ଜାଣ
ଘଷା ଯେ କରୁଥାଂତ ପୁଣ ।୭
ବୋଇଲୁ ବଣ୍ଡ ନ ଛାଡ଼ଇ
ଯେ ଯେତେଲ ତା ଧରି ଯାଉଛ ।୮
ବୋଇଲେ ଆମ୍ଭ ନଯ ରତାରେ
ଯାଉଛ ଜଣାଇ ଶ୍ରୀମୁଖରେ ।୯
କୋଇଲି ଯାଉଛୁ ଯେ ଶୁଣ
ଦାଢ଼ ଉଷୁର ନାହିଁ ପୁଣ ।୧୦
ତା ଶୁଣି ବେଗେ ଗନ୍ଧଧାରି
ଅନ୍ନ ବ୍ୟଞ୍ଜନ ଦେଲେ ଭରି ।୧୧
ଯାଉନ୍ତେ ଚାହିଁ ପାଣ୍ଡୁ ପୁଣ
କହିଣ ଆସିଲୁ ଭୋଜନ ।୧୨
ସେଠାରୁ ଚାଲି ମୁଁ ଆସନ୍ତେ
ଜଳ ଦେଖିଣ ମୁଁ ବସନ୍ତେ ।୧୩
ଋଷି ପାଞ୍ଚ ସାତ ଅଇଲେ
ବୃକ୍ଷ ଦେଖିଣ ସେ ନିଶ୍ଚଳେ ।୧୪
ବୋଇଲେ ବାପୁ ଏ ଅଟଇ
ଏଥେ ବସିଛୁ କାହିଁ ପାଇଁ ।୧୫
କେମନ୍ତେ ଆସି ତୋ ଆଶିବା
ଭୁଲ ତୋ ଏଥୁ ଫେରାଇବା ।୧୬
ଗଲାଣି ସଞ୍ଜ ବେଳ ବେଣ୍ଡ
ଭୁଲ ତୋ ଫେରାଇବା କହ ।୧୭
ଏମନ୍ତେ ବୋଲି ଫେରିଗଲେ
ତାହା ମୁଁ ମନେ ପାଇଛି ଧିକେ ।୧୮
ଦେଖ ଏ ପୁତ୍ରଙ୍କ ମାପୁ
ଉଜ୍ଜଳ ସବୁ କର ବାପୁ ।୧୯
ସେ ଭଲି ସବୁ ଘଟେ ଥାଇ
ଯୁଗଳ ରୂପେ ବିହରଇ ।୨୦

ଏତେଦେଖ ଜାଣନ୍ତି ଉତ୍ତମ
ବିହ୍ୱଳେ ଗୁଣ ଧିବେକେଶ ।୨୧
ସଂସାରେ ଭଷେଳ ଲଗାଇଲ
ଋଷିଙ୍କ ପୁତ୍ରକ ଜାତ କଲ ।୨୨
ସେପରେ ଋଷି ପୁତ୍ରମ ଛନ୍ତି
ଲକ୍ଷ୍ମୀ ନାରଦୂଣ ଅଟନ୍ତି ।୨୩
ଏ ଯେତେ ଋଷି ଆସିଥିଲେ
ଆମ୍ଭର ପତ୍ନୀ ଅଟନ୍ତି ଭଲେ ।୨୪
କମାଇଁ ଭଦ୍ରେ ଯେ ଚଳାଇ
ବାପୁ ବୋଲନ୍ତି ଗାଳି ଦେଇ ।୨୫
ତେଣୁ ଠାରେ କୋପ କରି
କମାଇଁ ଏଥୁ କଲେ ଫେରି ।୨୬
ମୁହିଁ ବା ଚିହ୍ନି ନ ପାରଇ
ତେଣୁ ଭର୍ତ୍ସନା ବୋଲେ ନଯନ୍ତି ।୨୭
ମୁଁ ଯେତେକ ଚିହ୍ନି ପାରି ଥାନ୍ତି
କମାଇଁ ଭର୍ତ୍ସନା ଶୁଣନ୍ତି ।୨୮
ଏଣୁ ମୁଁ ଭ୍ରମା ଭ୍ରମି କଲି
ତେଣୁ ବାପୁ ଉଦ ବହିଲ ।୨୯
ସେ ଚିହ୍ନ ସର୍ବ ଘଟେ ଥାଇ
ଭଲ ମନ୍ଦ ସେ ନ ଜାଣଇ ।୩୦
ଦେହରେ ପ୍ରକୃତି ଭ୍ରମନ୍ତି
ଭ୍ରମା ଭ୍ରମି କରି ମରନ୍ତି ।୩୧
କ୍ଷୁଂଧା ଲେଲ୍ଲି କାମ ମାୟାରେ
ଭକ୍ତି ଯେତି ବେଳେ ସଙ୍ଗତରେ ।୩୨
ଏହାଙ୍କ ସଙ୍ଗେ ମୁଁ ଭ୍ରମିଲି
ଦୁର୍ଯ୍ୟୋଧନ ପଶ୍ଚଟୁ ଦେଲି ।୩୩
ଏମନ୍ତେ ମନେ ମୁଁ ପାଞ୍ଚିଲ
ସେଠାରୁ ଆଇଲି ପଳାଇ ।୩୪

ରଥିକ ବେଲପତ୍ରା ଜାଣି
ସିନ୍ଧୁ ପାଅନ୍ତେ ସେ ଆସିଣ ।୭୫
ଗଲି ମାଧବ ସ୍ଥାନେ ବହି
ସାକ୍ଷୀ ପାଆନ୍ତେ ମୁଁ ଆସଇ ।୭୬
ନଦୀନଦୀ ତଟରେ ଜାଣି
ଏକ ପର୍ବତେ ରହି ପୁଣି ।୭୭
ବୋଇଲି ଏଥୁ ଗୁମ୍ଫା ଥିଲେ
ଏ ସ୍ଥାନେ ରହନ୍ତି ମୁଁ ଭଲେ ।୭୮
ଏମନ୍ତେ ଚାହିଁ ମୁଁ ଗଲି
ଗୁମ୍ଫା ଖୋଜନ୍ତେ ନ ପାଇଲି ।୭୯
ପର୍ବତ ବୁଲି ମୁଁ ଆସନ୍ତେ
ମହାଦେବ ସ୍ଥାନ ଦେଖନ୍ତେ ।୮୦
ସେଠାରେ ଆସି ମୁଁ ମିଳିଲି
ପ୍ରସାଦ ଦେଲେ ମୁଁ ପାଇଲି ।୮୧
ସାରିଣ ଚଳିଲି ବହନ
ମିଳିଲି ବୈଦେଶ୍ୱର ଜାଣ ।୮୨
ପର୍ବତ ଉପରେ ମହାଦେବ
ରଥିକ ରହି ସେସ୍ଥାନବ ।୮୩
ଦଣ୍ଡି ପକାଇ ତୀର୍ଥ ଖାଇ
ରସ ପାଅନ୍ତେ ମୁଁ ଆସଇ ।୮୪
ବାଙ୍କୀ ସୀମା ଭୁକଶୀ ପୁର
ଦ ରାଜ୍ୟ ଚଳିଲି ତହିଁର ।୮୫
ବୁଲି ରାଜ ରହି ଗ୍ଲାନିଲୁ
ଦ୍ୱାଳନ୍ଦା ପର୍ବତ ଅଇଲୁ ।୮୬
ସେଠାରେ ସ୍ଥାନ କରୁ ନାହିଁ
ଲେଉଟି ଓଗଣ୍ଡା ପାଇ ।୮୭
ରଥିକ ସେଠାରେ ରହିଲୁ
ସିନ୍ଧୁ ପାଆନ୍ତେ ସେ ଆସିଲୁ ।୮୮
ଆସିଣ ଖଣ୍ଡଗିରି ପାଇ
ତାହାଙ୍କୁ ଦେଖା ସେ ନ ଦେଇ ।୮୯
ବାର ଏକ ଲୁଚି ରହିଲି
ପୁଣି କଥାଏ ଶାସ୍ତ୍ର ଭଲି ।୯୦
କେତେ ଦେଁ ଲୁଚି ରହିଥିବା
ହ୍ରାସୀ କୁଳ ଦେଖି ଆସିବା ।୯୧
ବାହାରେ ଅରକ୍ଷିତ ଦାସ
ମାସ୍କାଟି ଭଲେ ପୀତବାସ ।୯୨
ଅଚ୍ୟୁତ ସୁଜନ ମାତନ କହି
ଖଣ୍ଡଗିରି ନ ଛାଡ଼ ମୁହିଁ ।୯୩

ଇତି ଶ୍ରୀ ନବ ଚୈତନ୍ୟ ସମ୍ବାଦେ ମଧ୍ୟମଣ୍ଡଳ ଗୀତା କଥନେ
ନାମ ପଞ୍ଚସପ୍ତତିତମୋଽଧ୍ୟାୟଃ ।

---

## ଷଟ୍‌ସପ୍ତତିତମ ଅଧ୍ୟାୟ

ଅଚ୍ୟୁତ ଚୈତନ୍ୟ ଶୁଣ କହି
ଖଣ୍ଡଗିରିରୁ ମୁହିଁ ଯାଇ ।୧
ଭୁବନର ଦୂର କୋଶ ଗଲୁ
କାଳକାଟି ପାଟେ ମିଳିଲୁ ।୨

ଶୁଣ ପାଣ୍ଡୁଲା ଶୂନ୍ୟ ଭଇଁ
ଗଲୁ ତପ କରିବାର ହୋଇ ।୩
ବୋଇଲୁ ଜେ ଅବା ଶିଖିବେ
ଆମ୍ଭଙ୍କୁ ଆକଟି ରଖିବେ ।୪
ଏ ତେଜ ବେଗେ ଗୃହପାଇଁ
ଏକ ଗ୍ରାମରେ ମିଳିଲଇଁ ।୫
ଦେବଳ ଯେ ଯାଇ ଯଣ୍ଡ ଜାଣି
ଦେଉଳ ପାଶରେ ବସିଣି ।୬
ଦେଉଳ ପୂଜାରୀ ଦେଖିଲା
ଯୋଗ ଯାତ୍ରୀ ଆ ବୋଇଲା ।୭
ଧୂର ଯାଉଣ ତେଜ ଯାଇ
ଅମ୍ଭଙ୍କୁ ଜଳ ସେ ନ ଦେଇ ।୮
ତା ଦେଖି ମନେ ମୁଁ ପାଞ୍ଚଇ
ଏ ଦ୍ୱିଜ ମୂର୍ଖ ସେ ଅଟଇ ।୯
ପରୁଷ ବେଶ ଗଲା ଜାଣି
ଆଶା ଜଗଇ ସେ ବ୍ରାହ୍ମଣ ।୧୦
ସେଠାରେ ଖସ ସେ ଯାଉଲୁ
ଦେଉଳରେ ଆକୁଳ ହୋଇଲୁ ।୧୧
ଜଣ ଶାନ୍ତ ପଡ଼ିଲ ଦେହିଁ
ସେଠାରୁ ଭେଟେ ତଳେ ତହିଁ ।୧୨
ଯାଅନ୍ତେ ବନ ଅଗ୍ର ଯାଇ
ଏକ ଗ୍ରାମରେ ମିଳିଲଇଁ ।୧୩
ବ ସ୍ତ୍ରତ ଦେଖି ପସ୍ତରିଲ
ଶୁଣ ଦ୍ରୁଅନ୍ତେ ଅନ୍ନ ଦେଲ ।୧୪
ବଣ ଚାଣ୍ଡାଳ ମୁଁ ଆପଇ
ଦୁ ତୀ ଜଳରେ ମିଳିଲଇ ।୧୫
ଦେଖିଲି ଲକ୍ଷ୍ମୀ ନାହିଁ ଜଣୁ
ଗ୍ରାମରୁ ଗ୍ରାମ ବସିଅଛୁ ।୧୬

ବୋଇଲ ଜାହିଁକି ମୁଁ ଯିବ
ନାହିଁ ମୁଁ କୁଆଡ଼େ ପଶିବ ।୧୭
ଏମନ୍ତେ ମନେ ବିସ୍ମରଇ
ଚଳନ୍ତି ଖଣ୍ଡଗିରି ପାଇ ।୧୮
ଏମନ୍ତେ ମନେ ମୁଁ ପାଞ୍ଚିଲି
ଚଳନ୍ତି ଖଣ୍ଡେ ଦୂର ଚଳି ।୧୯
ପୁଣି ହିଁ ମନେ ବିସ୍ମରଇ
ଖଣ୍ଡଗିରି ଯିବ କି ନାହିଁ ।୨୦
ଯୋଗୀ ବ୍ରହ୍ମା ପାଇଁ ରକ୍ଷିତ
ଆଜ୍ଞା ତ ଭୂମି ନ ପାରିବ ।୨୧
ଏଠାକୁ ଦୂର ଖଣ୍ଡେ କୋଶ
ଖାଇ କି କରେ ବଞ୍ଚି ବାସ ।୨୨
ବୈଶାଖ ମାସ ଖରା ବହ୍ନି
କେମନ୍ତେ ବାଟ ଚାଲିବଇଁ ।୨୩
ବାଟରେ ଜଳ ଯେ ଖାଇବ
ଗ୍ରାମେ ତ ଭସ୍ମ ନ ପଶିବ ।୨୪
ପ୍ରାଣ ଗଲେ ତ ନ ମାଗଇ
ଭୋକ ତ ସହି ନ ପାରଇ ।୨୫
କର୍ମା ବିଧାତା ଏହା କଲୁ
ସୁଖ ଭୋଗ ହିଁ ଛଡ଼ାଇଲୁ ।୨୬
ଜଳ ପାନ ମୁଠାଏ ଦେଇ
ଧୃତି ନ ରଖିଲୁ ହି ଭୁଞ୍ଜ ।୨୭
ଛତ୍ର ଭୟ ଭୋଗ ଛାଡ଼ିଲି
ଅନ୍ନ ବସ୍ତ୍ର ହିଁ ଦୂର କଲି ।୨୮
ଦୁଃଖିଲି ଭକତ ସାଧୁବ
ମହା ଅରଣ୍ୟ ଭ୍ରମୁ ଥିବ ।୨୯
ସେ ପାଞ୍ଚ ନ ରଖିଲୁ ଭୁଞ୍ଜ
କର୍ମାଙ୍କୁ ଏତେ କଷ୍ଟ ଦେଇ ।୩୦

ଗୂଢ଼େ ମୁଁ କି ଟାଣ ଅଣିଛି
ତେଣୁ ମୁଁ ଏ କଷ୍ଟ ଭୁଞ୍ଜୁଛି ।୩୧
ପୂର୍ବ କଥାକୁ ଅଟେବା
କମାଇଁ ତୁମ୍ଭଙ୍କୁ ସେବିବା ।୩୨
ଏମନ୍ତେ ପାଣ୍ଡୁ ଲେଉଟିଲି
ସମୁଦ୍ର ଦେଖି ଭଙ୍ଗାକଲି ।୩୩
ଲହଡ଼ି ଦେଖୁଥିବି ମୁହିଁ
ସେହି ତଟରେ ରହିବଇଁ ।୩୪
ପୁଣି ଶୁଣିଲି ଖାର ପାଣି
କଷ ଖାଳ ରହିବ ପୁଣି ।୩୫
ବ୍ରାହ୍ମଣେ ସମୁଦ୍ରକୁ କୋପେ
ଶାପ ତ ଦେଲେ ମହାତାପେ ।୩୬
ବୋଇଲେ ଅନ୍ନ ଜାତ ହେଲ
ତୋ ଜାତି ସାଙ୍ଗ ଶାପ ଦେଲ ।୩୭
ଖାର ପାଣିଟି ହୁଅ ତୁହି
ତୋତେ ଚେଟି ନ ଭକ୍ଷନ୍ତି କେହି ।୩୮
ଶାପେ ସମୁଦ୍ର ଖାର ପୁଣ
ସେ ଟାଣ ନ ଖାଇଲେ ଜାଣ ।୩୯
କେମନ୍ତେ ଖାର ପାଣି ଖାଇ
ସେ ସ୍ଥାନେ ରହି ନ ପାରଇ ।୪୦
ଏମନ୍ତେ ପାଣ୍ଡୁ ମୁହିଁ ଗଲି
ଘର ଘର ପୁରେ ମିଳିଲି ।୪୧
ମହାଦେବ ଦେଖିଲେ ମୁହିଁ
ସନ୍ଧ୍ୟା ବେଳେ ଆସି ମୁଁ ପାଇ ।୪୨
ମାଳ ପୂଜାସ ସେ ଅଇଲେ
ଘଣ୍ଟି ପଖାଳ ସେପ କଲେ ।୪୩
ବୋଇଲେ ଦକ୍ଷ ଟେଖାଳ ହିଁ
ଆମ୍ଭଙ୍କୁ ଦିଛ ଦଅ କହି ।୪୪

ଏ ଧନ ଉପାସେ ରହିଛୁ
ତୁମ୍ଭଙ୍କୁ ଦେଇ ଯାଅ କହୁ ।୪୫
ତା ଶୁଣି ବ୍ରାହ୍ମଣ ବୋଲଇ
ଗ୍ରାମରେ ମାଗି ଖାଅ ଯାଇ ।୪୬
ଏମନ୍ତ ବୋଲି ସେନ ଗଲ
ମନକୁ ମନ ବୋଧ କଲ ।୪୭
ଅଟେ ପାମର ମନ କାନ୍ତି
କମାଇଁ ମାଗିଲେ ଭୁଞ୍ଜି ।୪୮
ଦେଖୁ ବସିବା ଏତୁ ଜାଣ
ତାହାକୁ ନ ମାଗୁରେ ପୁଣ ।୪୯
ତୁ ଅବା ତାକୁ କେତେ ଦେଇ
ତୋତେ ତ ମାଗି ନ ଆସଇ ।୫୦
ଏବେ ନିର୍ଲଜ୍ଜ ପଣ କଲୁ
ନ ମରି କମାରେ ମାଗିଲୁ ।୫୧
ଯତ୍ନ ଆସିବା ବେଳେ ତୁହି
ଦେଉର ଧନ ସେବକ ପଣ୍ଡ ।୫୨
ତେବେଟି ନ ମଲୁରେ ମନ
ଏ ଧନେ ମରନ୍ତୁ କା ପୁଣ ।୫୩
ଏ ଧନ ସେବକ ତୁ ନ ସହ
ନ ମରି ଅଛୁରେ କମାଇ ।୫୪
ତତକ୍ଷଣେ ତୁହି ଜାଣ
ଆହାର ଛାଡ଼ିବା ପାଣିଶ ।୫୫
ଏବୋଇଲି ଧନ ଉପାସ
ରହିଲୁ ଜଳ କର ଗ୍ରାସ ।୫୬
ତେବେଟି ମନ ଦୁଃଖ ଦାହିଁ
ସମସ୍ତେ କଷ୍ଟ ହାତୁ ଖାଇ ।୫୭
ଏ ଧନ ସଙ୍ଗ ନନ୍ଦାଇଲୁ
ନକୁଳ ବୁଦ୍ଧିରେ ଧଇଲୁ ।୫୮

ଏମନ୍ତେ ମନକୁ ବୁଝାଇ
ସେ ମହାଦେବଙ୍କୁ ଜଣାଇ ।୫୯
ହେ ମହାଦେବ ତୁମ୍ଭେ ଶୁଣ
ମୋତେ ଆକୁଳ କଲା ମନ ।୬୦
ଏ ଶବ ଓଢ଼ାଣ ରହିଛି
ଖାଇବାକୁ ସେ ବାଞ୍ଛା କରୁ ।୬୧
ବୋଇଲେ ତୁମ୍ଭର ସ୍ଥାନରେ
ଉପାସେ ରହି ଯିବୁ କେବେ ।୬୨
ଏମନ୍ତେ ଜଣାଇ ବୋଇଲ
ଶୁଣି ପାର୍ବତୀ ସେ ଉଠିଲ ।୬୩
ବୋଇଲ ସ୍ଥିର ଅଛଇ
ଏତ ମହାଦେବ ଶୁଣିଲ ।୬୪
ସେବେ ଦେବତା ହୋଇଥାନ୍ତା
ଅବଶ୍ୟ ଖାଇବାକୁ ଦିଅନ୍ତା ।୬୫
କହଇ ଅରକ୍ଷିତ ଦାସ
ମନକୁ ମନ କରି ତୋଷ ।୬୬
ଆହେ ସୁଜନ ମାନେ ଶୁଣ
ଏ ମନ ଚଣ୍ଡାଳଟି ଜାଣ ।୬୭

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା
କଥନେ ନାମ ଷଷ୍ଟସପ୍ତତିତମୋଽଧ୍ୟାୟଃ ।

---

# ସପ୍ତସପ୍ତତିତମ ଅଧ୍ୟାୟ

ଆହେ ଚୈତନ୍ୟ ଏବେ କହ
ମହାଦେବ ସ୍ଥାନକୁ ଯାଇ ।୧
ଯାଅନ୍ତେ ଜଣଙ୍କୁ ଦେଖିଲ
ମହାଦେବ କଥା କହିଲ ।୨
ତା ଶୁଣି ଆମ୍ଭଙ୍କୁ ସେ ନେଲା
ନେଲେ ଅନ୍ଧ ଆଖିଣ ଦେଲ ।୩
ସେ ଧନ ସେଠାରେ ରଖିଲ
ସ୍ୱର୍ଗ ଯାଆନ୍ତେ ଚହ୍ନି ଗଲ ।୪
ଯାଅନ୍ତେ ସ୍ୱର୍ଗଦ୍ୱାରେ ପୁଣ
ଶାରଦା ଦେବୀଙ୍କି ଦେଖିଣ ।୫
ହେ ଦେବୀ ଜଣାଉଛୁ ମୁହିଁ
ଖାଇବାକୁଟି ଦେବୁ ତୁହି ।୬
ତୁମ୍ଭେ ନ ଦେଲେ ମୋତେ ଶୁଣ
କେହି ମୋତେ ନ ଦେବେ ଜାଣ ।୭
ତ୍ରିଭୁବନେ ନିରପେକ୍ଷ କହ
ମୋତେ ନ ଦେଇବେ କେହି ।୮
ମୁହିଁତ ନ ମାରିବି ଶୁଣ
ମୋ ମନ ନ ଜାଣୁନ ପୁଣ ।୯
ଏତ ପ୍ରଭୁଙ୍କ ଭରସାରେ
ଭ୍ରମୁଛି ଦେଶ ବନ ଘୋରେ ।୧୦
ଭିକ୍ଷା ମାଗନ୍ତେ ନ ଦେଉଛି
ତୁମ୍ଭଙ୍କି ମୋତେ ସେ ମାରୁଛି ।୧୧
ହେ ଦେବୀ ତୁମ୍ଭେ ମୋହପାଇଁ
ଜଣାଅ ଦୟା କରୁ ସେହି ।୧୨

ତୁମ୍ଭ ବଚନ ଚିତ୍ତ ରଖି
ଏହା ମୁଁ ଜାଣିଲୁ ପ୍ରତ୍ୟକ୍ଷ ।୧୩
ତୁମ୍ଭେ ତ ମୋତେ ଦୟା ହୁଅ
ପ୍ରଭୁଙ୍କ ଶ୍ରୀମୁଖର ସେ କଥା ।୧୪
ତୁମ୍ଭ ବଚନେ ଏବେ ସେହି
ମୋତେ ଭକତି ଯୋଗ ଦେଇ ।୧୫
ଭକତି ଯୋଗ ତିନି ଗୁଣ
ମତେ ନ ବାଧେ କର୍ମ ଜ୍ଞାନ ।୧୬
ଏମନ୍ତ ଶାରଦାଙ୍କ ମାନସ
ମୋ ଦୁଃଖ କରିଲ ହରଷ ।୧୭
ବେଳ ସେ ଦିନି ପ୍ରହର ହେଲା
ଧୂପ ଆହାଙ୍କର ବଢ଼ିଲ ।୧୮
ବ୍ରାହ୍ମଣେ ମୋତେ ଡାକକରି
ପ୍ରସାଦ ଦେଲେ ଦୁଇ ଭରି ।୧୯
ବୋଇଲା ବାକ୍ୟଦେବୀ ଏହି
ମୁହିଁ କହିଲୁ ଜାଣ ।୨୦
ବ୍ରାହ୍ମଣ ହୃଦରେ ପଶିଲେ
ତାଙ୍କଣ ପରସାଦ ଦେଲେ ।୨୧
ନୋହିଲେ ବ୍ରାହ୍ମଣ କି ଦ୍ୟନ୍ତେ
କମାଇ ଏମାନେ ଡାକନ୍ତେ ।୨୨
ସ୍ୱାଙ୍କ ପ୍ରସାଦେ ଶୁଦ୍ଧ ମୁନି
ସେ ମହାଭାରତ ବଖାଣି ।୨୩
ଶାରଳା ହୃଦରେ ପଶିଲେ
ଦେଖ ଭାରତ ସେ କହିଲେ ।୨୪
ନୋହିଲେ ସେ କାହିଁ ଜାଣନ୍ତେ
ସ୍ୱାଙ୍କର ଦୟା ତାଙ୍କୁ ତହିଁ ।୨୫
ଏମନ୍ତେ ବାହୁଡ଼ି ଆସିଲି
ଆସି ସିଂହଦ୍ୱାରେ ବସିଲି ।୨୬

ଫଣିଙ୍କୁ ଦେଖି ପଶୁଗଣ
କୁଳଟା ଜାତି ପଥ କରି ।୨୭
ବୋଇଲି କାହିଁକି ଯିବ
ରଜାଙ୍କୁ ତହିଁ ନ ଦେଖିବ ।୨୮
ଭଜାଅ ପାର୍ବତୀଙ୍କ ଜାଣ
ଏବାଟେ ଯାଅ ତୁମ୍ଭେ ପୁଣ ।୨୯
ତାର ବଚନ ମୁଁ ଶୁଣିଲି
ପାର୍ବତୀଙ୍କୁ ବାହାରିଲି ।୩୦
ଯାଆନ୍ତେ ବେଳ ଅସ୍ତ ହୋଇ
ଏକ ସ୍ଥାନରେ ମିଳିଲଇଁ ।୩୧
ବୈଷ୍ଣବ ମଠ ଥିଲା ଜାଣି
ତହିଁକି ଗଲି ମୁହିଁ ପୁଣି ।୩୨
ବୈଷ୍ଣବ ମୋତେ ଚହ ଦେଖିଲା
ଏଠାରୁ ଯାଅ ସେ ବୋଇଲା ।୩୩
ବୋଇଲି ମଠକୁ ନ ଯାଇ
ଏ ବଟ ମୂଳେ ଶୋଇବଇଁ ।୩୪
ଶୁଣି ଖାଇଲେ ଯିବୁ କିଣି
କମାଇଁ କୋପ କରି ପୁଣି ।୩୫
ଖାଇବାକୁ ତ ନ ମାଗଇ
ଖଣ୍ଡେକ ବଣ୍ଟି ଏଥୁ ଯାଇ ।୩୬
ଏମନ୍ତ କହିଣ ବସନ୍ତେ
ଶୁଣି ଦୁଃଖନ୍ତେ ଡାକି ମୋତେ ।୩୭
ଖାଇବାକୁ ଟି ଦେଲେ ପୁଣି
ଶୁଣି ଖାଇଲେ ଗଲି ଶୁଣି ।୩୮
ଏମନ୍ତେ ବେଳେ ଦୂର ଯାନ୍ତେ
ବେଳ ଏଣାଣ ଘଡ଼ି ଥିବନ୍ତେ ।୩୯
ବଟ ବୃକ୍ଷ ମୂଳେ ରହିଲି
ଶ୍ରମ ଡାଇଣ ମୁଁ ଶୋଇଲି ।୪୦

ଏକ ବ୍ରାହ୍ମଣ ସେ ଦେଖିଲା
ତାକୁ ନେଇଣ ଅନ୍ନ ଦେଲା ।୪୧
ଖାଇଣ ପଥ ବହିଗଲୁ
ଏକ ଗ୍ରାମ ମଧ୍ୟେ ପଶିଲୁ ।୪୨
ଏମନ୍ତେ ବେଳ ଅସ୍ତ ଯାଇ
ସେ ଗ୍ରାମ ଲୋକେ ଦେଖିକହି ।୪୩
ଏ ଗ୍ରାମେ ଥାନ ନାହିଁ ଶୁଣ
ଆର ଗ୍ରାମକୁ ଯାଅ ପୁଣ ।୪୪
ଆର ଗ୍ରାମରେ ମଠ ଅଛି
ଅଳ ଭାଗବତ ବସୁଛି ।୪୫
ସେ ଠାବକୁଟି ଭଜନ କର
ଖାଇବାକୁ ଦେବେ ଚତୁର ।୪୬
ସଙ୍ଗରେ ଜଣେ ବୈଷ୍ଣବ ଦେଲେ
ମଠ ଦେଖାଇ ଦେବ ବୋଲେ ।୪୭
ତାର ସଙ୍ଗରେ ମୁହିଁ ଗଲି
ମଠ ଦେଖିଣ ମୁଁ ରହିଲି ।୪୮
ଆମ୍ଭଙ୍କୁ ଦେଖିଲେକି ଯହିଁ
ଦଣ୍ଡ ଦୁଆଟି ଫେଡିଲେ ତହିଁ ।୪୯
ଖାଇଣ ସବୁ ମୁଁ ରହି
ରାତ୍ର ପାଆନ୍ତେ ତହୁଁ ଯାଇ ।୫୦
ଦୁଇ ଦଣ୍ଡ ଘାଟି ହୋଇଲୁ
ପ୍ରଥମ ଘାଟରେ ମିଳିଲୁ ।୫୧
କହଇ ଅରକ୍ଷିତ ଦାସ
ପ୍ରଥମ ଘାଟର ପରବେଶ ।୫୨

ଇତି ଶ୍ରୀ ନନ୍ଦ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା
କଥନେ ନାମ ସପ୍ତସପ୍ତତିତମୋଽଧ୍ୟାୟଃ ।

---

## ଅଷ୍ଟସପ୍ତତିତମ ଅଧ୍ୟାୟ

ଆହେ ଚୈତନ୍ୟ କହେ ଶୁଣ
ପ୍ରଥମ ଘାଟରେ ରହିଣ ।୧
ଘାଟିଆ ଦେଖି ଆକଟଇ
କାହିଁ ଯାଉଛ ରହ କହି ।୨
ବୋଇଲୁ ସାରଦ୍ୱୀପ ଯିବୁ
ରାଜାଙ୍କୁ କହିଣ ରହିବୁ ।୩
ବୋଇଲେ ଗୋଚର କରିଣ
ଚେତେବେଳି ଗୁରୁଦେବୁ ଜାଣ ।୪
ବୋଇଲୁ ବେଗେ ତୁମ୍ଭେ ଯାଅ
ଗୋଚର କରି ବେଗେ ଆଅ ।୫
ନୋହିଲେ ନାହୁଡ଼ିଣ ଯିବୁ
କଷ୍ଟିତ ଆଜ ନ ପାରିବୁ ।୬
ଆମ୍ଭ ମୁଖରୁ ଏହା ଶୁଣି
ଆର ଘାଟକୁ ଯିବା ପୁଣି ।୭

ସେ ଦ୍ୱୀପକ ଗୋଚର କରିବେ
ତୁମ୍ଭଙ୍କୁ ତତକାଳ ନେଇବେ ।୮
ଏମନ୍ତ କହି ଯେଣୁ ଗଲେ
ଅର ଘାଟେ ଦୂତ ଆସିଲେ ।୯
ସେ ଲୋକ ଆମ୍ଭଙ୍କୁ ଦେଖିଣ
ଘଡ଼ିଏ ଉତଳ କର ପୁଣ ।୧୦
ରାଜାଙ୍କୁ ଜଣାଇବୁ ଯାଇ
ଆଜ୍ଞା ହେଲେଟି ଯିବ କହି ।୧୧
ତା ଶୁଣି ମୁହିଁ କହି ପୁଣ
କେବେଟି ଯାଅ ହେ ବହନ ।୧୨
ବୋଇଲେ ଏଥୁ ଦେଖି ଯାଇ
କେମାଇଁ ବସିଥିବୁ କହି ।୧୩
ଏମନ୍ତ ଶୁଣି ସେହୁ ଗଲ
ଜଣାଇ ଆସିବ ବୋଇଲ ।୧୪
ଏମନ୍ତ କହି ସେହୁ ଯାଇ
ସେଠାରେ ବସି ରହୁଥାଇ ।୧୫
ଦ୍ୱାପର ଯୁଗ କଥା ଶୁଣ
ଜଗପତି ବୋଲି ରାଜନ ।୧୬
ଭୂପାଳେ ଶତ୍ରୁ ରାଜାଙ୍କୁ
ବନ୍ଦୀ ସେ କରିଥିଲ ତାଙ୍କୁ ।୧୭
ଶୁଣି ସେ ମଦନ ବସୁଭର
ରାଜା ମାନଙ୍କୁ ବାନ୍ଧିବଇଁ ।୧୮
ବଳ କରିଣ ଦେବୀ ଆଗେ
ବଳିବ ଦେବୀ ତୋଷ ହେବେ ।୧୯
ମନୁଷ୍ୟ ବଳି ଦେବୀ ଖାଇ
ମୋତେ ସନ୍ତୋଷ ହେବେ ସେହି ।୨୦
ଏମନ୍ତ ବିଚାର କରନ୍ତି
ରାଜାଏ ବାନ୍ଧିଲ ସମସ୍ତେ ।୨୧

ସନ୍ଧି ସେ ଷଡ଼ଦ୍ୱାର କଲ
ଭଲ ବନ୍ଦ ହିଁ ପିନ୍ଧାଇଲ ।୨୨
ବୋଇଲେ ନାମଚିନ୍ତା କରି
ନିସ୍ତର ହେଲାଙ୍କ ଆଗ୍ରହ ।୨୩
ଅସ୍ତ୍ରଙ୍କୁ ବଳ କରି ନେଇ
ଦେବୀ ଆଗରେ ବାନ୍ଧିବଇଁ ।୨୪
ଦେଖୁ ଆମ୍ଭଙ୍କୁ ସଜ କରେ
ନାମଟି ଚିନ୍ତ ସର୍ବେ ଯତ୍ରେ ।୨୫
ଆଜ୍ଞାତ ଦେହ ନ ରଖିବେ
ରଖିଲେ ପ୍ରଭୁ ସେ ରଖିବେ ।୨୬
ଅଭିତନାଶ ସେ ଅଚ୍ୟୁତ
ଡାକିଲେ ଅବଶ୍ୟ ଶୁଣନ୍ତି ।୨୭
ବୋଲନ୍ତିଲେ ସର୍ବେ ଯିବା ନାଶ
ଚିନ୍ତା କରନ୍ତି ଯୀତବାଦ ।୨୮
ରାଜାଙ୍କ ଚିନ୍ତା ସେ ଜାଣିଲେ
ଜଗପତି ପୁରେ ମିଳିଲେ ।୨୯
ବ୍ରାହ୍ମଣ ଭଳି ମୂର୍ତ୍ତି ହୋଇ
କୃଷ୍ଣ ଅର୍ଜ୍ଜୁନ ଭୀମ କହି ।୩୦
ପ୍ରଥମ ଦ୍ୱାର ରେ ମିଳିଲେ
ଖୀନଙ୍କୁ ଶସ୍ତ୍ର ନାଶ କୋଇଲେ ।୩୧
ପ୍ରଥମ ଦ୍ୱାର କଟିଯାଇ
ଦ୍ୱିତୀୟ ଦ୍ୱାର ପାଇଁ ଯାଇ ।୩୨
ସେ ଦ୍ୱାରେ ଅର୍ଜ୍ଜୁନ କଟିଲେ
ତୃତୀୟ ଦ୍ୱାର ସେ ପାଇଲେ ।୩୩
ଆପଣେ ବ୍ରହ୍ମାଣ୍ଡ ଗୋସାଇଁ
ଗଦା ଧରି ଧଇଲେ ତହିଁ ।୩୪
ଭକ୍ତ ନାମଟେ ସେ ଧଇଲେ
କଟି ଯାଇ ସୁଖ ମାଗିଲେ ।୩୫

ସତ୍ୟ କହୁଛି ଚେତ ରାଜାକୁ
ଶ୍ରମ ହାତେ ମଗାଇ ତାଙ୍କୁ ।୭୬
ରାଜା ମାନଙ୍କୁ ଆଜ୍ଞା ଦେଲେ
ରାଜ୍ୟ ମାନଙ୍କୁ ଯାଅ ବୋଲେ ।୭୭
ଭକ୍ତ ମାନଙ୍କୁ ମୁକୁଳାଇ
ନିଜ ବ୍ରହ୍ମବନେ ବିଜେ କଲ ।୭୮
କାର୍ଯ୍ୟ କାମନ୍ତେ ରଥ ପାଏ
ଧରି ରଖିଲେ ସଇନାଦ ।୭୯
ମୁହିଁତ ଏ ସ୍ଥାନେ ରହିବ
କାର୍ଯ୍ୟ କାମନ୍ତେ ବସିଅଛି ।୮୦
ବୋଇଲେ କର୍ମା ମୁଁ ବସନ୍ତ
ଆଜକେଟ କର୍ମା ମୁଁ ରହନ୍ତି ।୮୧

ରାଜାଙ୍କୁ କହଇ ରହିବ
କର୍ମା ମୁଁ ଏଥେ ଯେସନ୍ତୀହ ।୮୨
ଫେରିଗଲେ ମୁଁ କାହିଁ ଯାଇ
ଆଜିତ ଭୂମି ନ ପାଉଛ ।୮୩
ଏମନ୍ତେ ବିଷ୍ଣୁଭକ୍ତ ଶୁଣ
ଆସି ବୋଇଲେ ଯାଅ ପୁଣ ।୮୪
ତାର ବଚନେ ମୁହିଁ ଚଳି
ସାନ୍ଧ୍ୟାଯୀର ଗଡ଼େ ପଶିଲି ।୮୫
କହଇ ଅଭୟନ ଦାୟ
ପାଖଡ଼ିରେ ବେଢ଼ାଏ ସୁଦର୍ଶନ ।୮୬
ଆଦେଶ ସୁଜନ ମାନେ ଶୁଣ
ଏମନ୍ତେ ମୁହିଁ ସେ ଭୂମିଣ ।୮୭

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା କଥନେ
ନାମ ଅଷ୍ଟସପ୍ତତିତମୋଽଧ୍ୟାୟଃ ।

---

# ଏକୋନାଶୀତିତମ ଅଧ୍ୟାୟ

ଆଦେଶ ଚୈତନ୍ୟ ଶୁଣ ଭକ୍ତି
ଏଥି ଉତ୍ପନ୍ନ କଥା ଦେଖି ।୧
ଲୋକନାଥ ଦେଉଳେ ରହି
ଗଡକ ବନ୍ଧିଲ ସେ ତହିଁ ।୨
ସେଠାରେ ସରପାଦ ଦେଲି
ତାହା ମୁଁ ନ ଖାଇ ସେ ଅଟଳି ।୩
ଅନ୍ନ ତ ରଙ୍କମସ୍ତେ ହସି
ତାଙ୍କୁ ଚରଣ ଅନ୍ନ ମିଶି ।୪

ବ୍ୟଞ୍ଜନ କଣ୍ଟୁହିଁ ନ ଦେଲେ
ପାଣ୍ଡୁ ବୋଲଣ ଥୋଇ ଗଲେ
ତା ଦେଖି ଶୀଘ୍ର ମୁଁ ସାରିଲି
ସବୁତ ପୋଛାଡ଼ି ଦେଲି ୬
ରାଜାଙ୍କ ଉଚ୍ଛ ଗିଞ୍ଜି ଅଛି
ଏହା ତ ଦେବତା ଖାଉଛନ୍ତି ।୭
ଏ ଯାହା ଦେଲେ ତାହା ଖାଇ
ଅଞ୍ଜନ ଦେବତା ଅଟଇ ।୮

ସେବକଜନ ଦେଖିଣ ସେ ଭଣନ୍ତି
ଦେବତା କିସ ସେ ଖାଆନ୍ତି ।୯
ଅଗରୁ ଯୋଉଣି ଦେଖାଇ
ସେଠାନ୍ତୁ ଅନ୍ତର ଉଠାଇ ।୧୦
ଦେଖି ଇନ୍ଦ୍ରଦ୍ୟୁମ୍ନ ଭଣନ୍ତି
ଦେବତା କିସ ସେ ଖାଆନ୍ତି ।୧୧
ଏହି ଦେଖାଇ ଏହି ଖାଅ
ଦେବତା ଏହି ସେ ଅଟଇ ।୧୨
ଏହା ନ ଜାଣି ନ ପାରନ୍ତି
ମିଳିଲ ଦେବତା ହୁକୁ ଥାନ୍ତି ।୧୩
ଏ କି ସ୍ୱରୂପ ବ୍ରହ୍ମ ଅଟଇ
ଦେଖି ସୁର୍ଖିଣ ଚାଉଳକି ।୧୪
ଘିଲୁଛି ବସ୍ତୁଛି ଯୋଗଛି
ସବୁ ଭୋଗକି ଜଳୁଅଛି ।୧୫
ଆଲୁ ଚିହ୍ନିଲେ ଏ ତରଳ
ବୋଲିଲେ ଗଉ କାହିଁ ନାହିଁ ।୧୬
ଏମନ୍ତେ ଛଳର କଳନ୍ତି
ଏକ ବ୍ରାହ୍ମଣେ ଦେଖି ମୋତେ ।୧୭
ମଠକୁ ଯେଣ ନେଇକୁ ଗଲା
ମହନ୍ତ ଦେଖି ପଚାରିଲ ।୧୮
କାହିଁ ତେ ଗୁରୁଙ୍କ ଲୁଚିଗ ଥିଲ
ଏଠାକୁ କାହିଁକି ଆଇଲ ।୧୯
ବୋଇଲୁ ଟଣ୍ଡାଣି ଦିଲୁ
ଲୁଚିଣ ଏଠାକୁ ଆଇଲୁ ।୨୦
ଏକାନ୍ତ ସ୍ଥାନ ସେ ମିଳିଲା
ଦିନ ଦେଖଇ ରହିଲୁ ଭଲେ ।୨୧
ବୋଇଲେ ପାଚେଶ୍ୱର ଠାରେ
ଏକାନ୍ତ କହିଲୁ ଲୁଚିଣ ।୨୨

ତାଙ୍କ ବଚନେ ମୁହିଁ ଗଲି
ସେମାନେରେ ଥିଲ ରହିଲି ।୨୩
ଦେଖିଲି ପଣ୍ଡାଙ୍କୁ କାହିଁ
ଜଳଦାନ ଖଞ୍ଜା ଦେଖି ଭୁଇଁ ।୨୪
ବୋଇଲି ବ୍ରହ୍ମସାପ ଜାଣି
ଶୁଣିଲି ମୁହିଁ ଭୁବନେ ଶୁଣି ।୨୫
କହିଁ ଶ ନ ପୂଜନ୍ତି ସେହି
ମୂର୍ଖ ସୁବାବ ବ୍ରାହ୍ମଣହିଁ ।୨୬
ସେବକ ଭୋଗ ମଠେ ଧାଇନ୍ତି
ତା ଦେଖି ତାଙ୍କ ମୋର ମନ ।୨୭
ବଗଡା ଅନ୍ନ ମଠେ ଦେଇ
ଟିକି ଅନ୍ନଟି ସେହୁ ଖାଇ ।୨୮
କେତେଦିନ ଦ୍ୱିଜଙ୍କରେ ମିଳେ
କେତେଦିନ ନ ବାଣ୍ଟନ୍ତି ଭଲେ ।୨୯
କେତେଦିନ ଗମ ପାଇଁ ଯାଇ
କେତେଦିନ ପଣ୍ଡାଙ୍କୁ ମିଳଇ ।୩୦
ଏମନ୍ତେ ବାଇଶି ସେ ଦିନ
ସେଠାରେ ରହି ଗଲେ ମନ ।୩୧
ବୋଇଲି ଜାଇ ନେଇ ରାଜାଙ୍କୁ
ଶଙ୍କା ପଣ୍ଡା ପଚାରି ତାଙ୍କୁ ।୩୨
ଧର୍ମ ସମୀପ କେତେ ଗଲି
ବନ୍ଦୁ ଲୁଟିମ୍ବୁ ଜ୍ଞାନିଲି ।୩୩
ଅନ୍ନ ବସ୍ତୁ କିଛି ନ ମିଳଇ
କଷ୍ଟ ଗଳେରେ ସେ ରହଇ ।୩୪
ଏମନ୍ତେ ବିଶା ସେ ପଡ଼ିଲି
କାଆଁଜ ପାଟ ସେ ଭୁଲିଲି ।୩୫
ମଠେ ତ ସେହି ଦଶା ପଡ଼ି
ଧର୍ମ ସମୀପ ଦୂରେ ଏଡ଼ି ।୩୬

ବାଆନ ପଥେ ମୁଲୁ ଅଛି
ଥିର କରିଣ ନ ରହୁଛି ।୩୭
ଅନ୍ନ ବସ୍ତ୍ର କିଛି ନ ମିଳଇ
ଭଙ୍ଗା ଦେଉଳ ଦେଉ ରହି ।୩୮
ସେ ଲୋକ କୁମ୍ଭର ଭରସା
ତାକୁ କି କରିବାରେ ଦଶା ।୩୯
ମୁହିଁ ତ ଭରସା କରୁଛି
ଦେହ ଦୁଷ୍ଟ ଦଶା କି ଭୁଞ୍ଜୁଛି ।୪୦
ଦଶା ଯେବେ ମୋତେ ଘେରଇ
ତୁମ୍ଭଙ୍କୁ ଦେବେ କଷ୍ଟ ଲାଗି ।୪୧
ଦଶା କରତା ତୁମ୍ଭେ ଜାଣ
ସବୁଟି ତୁମ୍ଭର ଭିଆଣ ।୪୨
ଦଶଙ୍କ ସତ୍ତ ଦାତା ତୁମ୍ଭି
ଯାହାକୁ ଯେମନ୍ତେ ଚଳାଇ ।୪୩
ମୁଁ ତୁମ୍ଭଠାରେ ଦୋଷ କଲି
କି ପାପ ମୁହିଁ ଯେ ଅର୍ଜିଲି ।୪୪
ସେ ଦେନ ଏ ଅନ୍ନ ତେଜିଲି
ଦେଖୁଛି ନାନା କଷ୍ଟ ହେଲି ।୪୫
କିମ୍ପାଇଁ ଏ ଥାନେ ରହନ୍ତି
ଏ ଅନ୍ନ ମୁହିଁ ନ ଖାଇନ୍ତି ।୪୬
ତୁମ୍ଭ ଠାକୁର ସିନା ଏହି
ଏତେ କଷ୍ଟଟି ଦେଉ ତୁମ୍ଭି ।୪୭
ଏଠାକୁ ଆଶା କରି ମୁହିଁ
ଆସିଲି ଏତେ ପଥ ବହି ।୪୮
ଏ ସ୍ଥାନୁ କେଉଁଆଡ଼େ ଯିବି
କାହିଁ କେଉଁସ୍ଥାନେ ରହିବି ।୪୯

ପ୍ରଜାତ ଦେଖି ପଶୁଥିଲି
କନ୍ତୁ କିଛି ଗତି ଯେ ନଦେଲ ।୫୦
ମୁହିଁ କହଂତେ ମନା କଲେ
ଦୂରେ ଯା ବୋଲିଣ ଡୋଗଲେ ।୫୧
ଏ ଗ୍ରାମେ ଯେତେ ଜନଛନ୍ତି
ମୂର୍ଖ ସୁଭାବ ମୂଢ଼ ମତି ।୫୨
ଏ ରଜା ମୂର୍ଖ ଯେ ଅଟଇ
ସୁଭବେ ଦଣ୍ଡି ନାମ ବହି ।୫୩
ଚୋରୁ କି ଜ୍ଞାନ ଜାଣେ ଶୁଣ
ଆଂଭଙ୍କୁ ଚିହ୍ନିବ ଏ ପୁଣ ।୫୪
ଏ ଥାନ ମୁହିଁ ଛାଡ଼ିଯିବି
ଜନନୀ ଲୀଳାକୁ କହିବି ।୫୫
ସେ ରଜା ରକ୍ଷକ ଅଟଇ
ଚିହ୍ନି ରଖିବ ଅବା ସେହି ।୫୬
ଏ ଥାନୁ କେଉଁଆଡ଼େ ଯିବି
କାହାକୁ ମୁହିଁ ଯେ ପୁଛିବି ।୫୭
ଏମନ୍ତେ ବିଚାରିଲି ଶୁଣ
ପାରଦ୍ୱୀପକୁ ମୁଁ ଗ୍ରହଣ ।୫୮
ବାଇଶୀ ଦିନ ଚଳି ଚଳି
ସେ ସ୍ଥାନ ଛାଡ଼ି ମୁଁ ଆସଇ ।୫୯
କହଇ ଅଲକ୍ଷିତ ବାଣୀ
ପାରଦ୍ୱୀପକୁ ଛାଡ଼ି ଆସ ।୬୦
ଆବେ ସୁଜନ ମାନେ କହି
ପାରଦ୍ୱୀପ ନଯିବ କେହି ।୬୧
କଳିରେ ଦୟା ଧର୍ମ ନାହିଁ
ଏ ଦେଖା ତୁମ୍ଭଙ୍କୁ କହଇ ।୬୨

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା କଥନେ
ନାମ ଏକୋନାଶୀତିତମୋଽଧ୍ୟାୟଃ ।

# ଅଶୀତିତମ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ଭକ୍ତ
ଏ ସପ୍ତଦ୍ୱୀପ ଭ୍ରମି ଆସିଲି ।୧
ଆସନ୍ତେ ମତେ ପାଷେ ପୁଣି
ଏଡେ ନୀଳାଚଳ ଯେ ସ୍ଥାନ ।୨
ଦେବତା ଭକ୍ତେ ଯେତେ ଛନ୍ତି
ଅଜ୍ଞାନ ସମସ୍ତେ ଅଛନ୍ତି ।୩
ଏକ ଦିନେ ମୁଁ ଏକାନ୍ତେଣ
ଚାରିବେଶ୍ୱରକୁ କହେ ପୁଣ ।୪
ଭିଜ୍ଞାକୁ କହି ମୋତେତ ଦଶ
ବିସ୍ମିତ ପାଇଲି ମୁଁ ଦୁଃଖ ।୫
ସେ କାହିଁ ବଚନ ଶୁଣିଲ
ପାଷାଣ ମୂର୍ତ୍ତି ଅଜ୍ଞାନହିଁ ।୬
ବୋଇଲା ଏ ତ ନ ଶୁଣିଲା
ଲୋକନାଥକୁ କହି ଭଲା ।୭
ସେହି ଲୋକନାଥ କହି ଶୁଣ
ଏ ଆସନ ରଖ ମୋତେତ ପୁଣ ।୮
ରଜାକୁ କହି ମୋତେ ଭଜ
ଭ୍ରମି ଭ୍ରମି ପାଇଲି ଦୁଃଖ ।୯
ସେହି ସେ ନ ବୁଝିଲା ପୁଣ
ଅଜ୍ଞାନ ମୂର୍ତ୍ତି ସେ ପାଷାଣ ।୧୦
ମିଛେ ସେହିଁ ପୂଜା ପାଉଛନ୍ତି
ଏମନ୍ତ ଭାବେ ମୋର ମତି ।୧୧
ଆସନ୍ତେ ଏମନ୍ତେ ପାଞ୍ଚିଲି
ଏକ ଗ୍ରାମରେ ମିଳିଲିଁ ।୧୨

ବଟ ବୃକ୍ଷ ଗ୍ରାମ ମୁଣ୍ଡରେ
ସେଠାରେ ବସି ଛାୟା ତଳେ ।୧୩
ହେଲ ଯେ ଦଶଦଣ୍ଡ ହୋଇ
ଅନ୍ନଙ୍କୁ ନ ମିଳିଲା କେହି ।୧୪
କ୍ଷୁଧା ତୃଷା ହିଁ ବଡ଼ କଲା
ଶରୀର ବ୍ୟାକୁଳ ହୋଇଲା ।୧୫
ସେ ଭଳି କାହାକୁ ମାଗିଲି
ଏମନ୍ତେ ଗାଆଁ ଜଣେ ପାଇ ।୧୬
ବୋଇଲେ ଏ ଗ୍ରାମରେ ଶୁଣ
ଦସ୍ୟୁ ଅଧର୍ମି ନାହିଁ ପୁଣ ।୧୭
ଏ ଗ୍ରାମେ ଯେତେ ଜନଛନ୍ତି
ନୀଳାଚଳେ ସର୍ବେ ଅଛନ୍ତି ।୧୮
ଦେଖିଲ ସେ ଭିକି ଦେଖି କରି
ଯାଆନ୍ତି ଅ ଭକ୍ତି ହୋଇ ସେହି ।୧୯
ଏମନ୍ତ କହିଲି ମୁଁ ଶୁଣି
ଅନ୍ୟାୟ ହେଉଅଛି ପୁଣ ।୨୦
କେ ଅବା ଭକତେ ଆସିବେ
ନଗରେ ଭୋଗ ଯେ କରିବେ ।୨୧
ହେବେ କ କରିବଟି ଶୁଣ
ଭକ୍ତ ବଚନ କୋଟିଏ ଆନ ।୨୨
ଧନ କଥିହିଁ ନ ମାଗନ୍ତି
ଗୃହରେ ଭୁମି ମାଗି ଖାନ୍ତି ।୨୩
ସେ ଗ୍ରାମେ ନ ମିଳିଲି ଶୁଣ
ବାହୁଡ଼ି ଆସନ୍ତି ସେହୁ ପୁଣ ।୨୪

କାରଣ ହୋଇ ଦେଖିଥାନ୍ତି
ସ୍ତମ୍ଭ ତା କାଟି ଯେ କହନ୍ତି । ୨୫
ଏମନ୍ତ ପୁରକରେ ଅଛି
ତୁମ୍ଭେ କି ଶୁଣି ନାହିଁ କହି । ୨୬
ଏମନ୍ତେ କହି ତାକୁ ମୁହିଁ
ଆଜ୍ଞା ହେଲା ଯଦୁପୁରର ରହି । ୨୭
ଜାଲି କନକ ପାଚିରି ଦିଶୁ
ନେତଣ କୋଶଟି କନ ଯକୁ । ୨୮
ବୋଲିଲ ଯଦୁପୁର ଜାଣ
ତୋତାକୁ କୋଶେ ହେବ ପୁଣ । ୨୯
କନକ ପାରି ଯଦୁପୁର
ପାଞ୍ଚ କୋଶଟି ହେବ ଦୂର । ୩୦
ଏତେରେ ଆଜ୍ଞା ଘେଣ ତହୁ
ନାଲି ପ୍ରଭୁଙ୍କୁ ତୁମେ ଯାଅ । ୩୧
ତାର ବଚନେ ମୁଁ ରହିଲି
ଘେନ ପାଆନ୍ତେ ମୁଁ ଆସିଲି । ୩୨
କେବଳ ଯେ ଦୂତବନ୍ଧୁ ହୋଇ
ଯଦୁପୁରରେ ମିଳିଲାଇଁ । ୩୩
କହଇ ଅରକ୍ଷିତ ଦାସ
ଯଦୁ ପୁରରେ ପରବେଶ । ୩୪
ଆହେ ସୁଜନ ମାନେ କହି
ଯଦୁ ପୁରରେ ମୁହିଁ ରହି । ୩୫

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଅଶୀତିତମୋଽଧ୍ୟାୟଃ ।

---

# ଏକାଶୀତିତମ ଅଧ୍ୟାୟ

ଆହେ ଚୈତନ୍ୟ କହି ଶୁଣ
ଯଦୁପୁରରେ ମୁଁ ରହିଣ । ୧
ଚାଲିଶି ଦିନ ମୁଁ ରହିଲି
ଅତି ସୁଖରେ ଦିନ ନେଲି । ୨
ବାଇଶି ଦିନ ତହିଁ ରହି
ସେ ସ୍ଥାନ ଛାଡ଼ି ମୁଁ ଆସଇ । ୩
ଆସେ ମୁଁ କନକ ପାରିରେ
ବୃଷମାସ ରହି ତହିଁରେ । ୪
ବୃଷମାସ ରହି ଛାଡ଼ିଲୁ
ସେ ସ୍ଥାନ ଦୁହେଁ ଅଇଲୁ । ୫
ଅଇଲେ ନାଭ ଘରେ ଜାଣ
ସମସ୍ତେ କହିଲ ସେ ପୁଣ । ୬
ମୃଗୁଣମାସ ଚତୁର୍ଦ୍ଦଶୀ
ମଙ୍ଗଳବାର ଯେ ବାରସି । ୭
ମନ୍ତ୍ରି ମକୁ ଯେ ଶୁଭ ନୋହେ
ମୃତ୍ୟୁ ମୋ ଥାଇ କହୁ ଭୟେ । ୮
ଦେଖ କଣ୍ଠଙ୍କ ବାତ କହି
ମେଘ ଯୋଡ଼ିଣ ବରଷଇ । ୯
ମୋତେ ଅଳ୍ପଦିନେ ପାଞ୍ଚ
ତା ପାଖେ ମୋର କାଯ ଅଛି । ୧୦

ଯାହାର ଭକତରେ ମାଇଲି
ତାଙ୍କ ଶୋଚନା ମୋ ନାହିଁ ୧୧
ଏକା ପ୍ରଭୁଙ୍କ ଦୟା ଥାଉ
କାହାକୁ ଭୟ ନାହିଁ ଆଉ ୧୨
ତେତିଶ କୋଟି ଦେବ ଯେତେ
କାଳୁ ମୋ ଭୟ ନାହିଁ ଚିତ୍ତେ ୧୩
ଏକା ପ୍ରଭୁ ଭରସା କରି
କାହାକୁ ଭୟ ମୁଁ ନ କରି ୧୪
ଯେ ପ୍ରଭୁ ନିର୍ଦ୍ଦୟା ଯାହାକୁ
ବ୍ରହ୍ମାଣ୍ଡେ ଠାବ ନାହିଁ ତାକୁ ୧୫
ମୁହିଁ ପ୍ରଭୁଙ୍କ ଭରସାରେ
କାହାକୁ ନଗଣେ ମନରେ ୧୬
ଏତ ମାତ୍ର ନାଶ କରନ୍ତି
ବରଷ ଥାଉ ଯିବ ମୁହିଁ ୧୭
ଏମନ୍ତ ମନେ ମୁଁ ଗୁଣିଣ
କଇବର୍ତ୍ତକୁ ମୁଁ ଡାକିଣ ୧୮
ବୋଇଲି ହେ ନାବ ବାହା ତୁମ୍ଭେ
ଖଣ୍ଡି ପାସୁତିକ କଣ୍ଠି ୧୯
ଆମ୍ଭ ସହିତେ ଭଲ ଦେବ
ଘଣ୍ଟି ଯେତେକ ମାଗିନିବ ୨୦
ଏମନ୍ତ ଶୁଣିଲେକ ପଛୁଁ
ନାବ ବାହିଲା ବେଗ ତହୁଁ ୨୧
ଯେଠାରୁ ନାବ ଆସେ ଯାଇ
ସେଥ ଯେ କରୁଣା ଥାଇ ୨୨
ଘଣ୍ଟି ଜାତେ ପାଞ୍ଚ ଟାକ
ନାବଟି ଆସୁଥାଇ ଜାଣି ୨୩
ଦେଖି ସେ ନ ପଡ଼ ଭକ୍ତରେ
ଆଗ୍ରେ ଯେ ମଣ୍ଡପ ଗାଇଲ ୨୪
ବୋଇଲୁ ନାବ ଏଣ୍ଡ ଟାଣି

ଖଟାଉ ମିତ୍ର! ଘଟ ଫୋଇଲ ୨୫
ଏହି ସମୟେ ଉଠି ମିତ୍ରା
ଗୁମ୍ଫାରେ ଯାଇଣ ମାଗିବା ୨୬
ସମସ୍ତ ଦ୍ରୋଣ ନେଇ ବଇ
ଡଙ୍ଗାକୁ ମିତ୍ରା ଚଳାଉ ୨୭
ଅମ୍ଭ ମୁଣ୍ଡରୁ ଏହା ଛୁଟି
ବେଗେ ଯାଅ ବାହାରେ ପୁଣି ୨୮
ଭିଗିବ ମାଦ ଦେଖା ଯାଇ
ଅଶ୍ରୁ ନ ମାନ୍ଧ ବଦନ ହୋଇ ୨୯
ଯେବଣ ଦୁଃଖକାର ଜାଣି
ସବୁକୁ ଉଠି ଆସୁ ପୁଣି ୩୦
ହେ ଓଲାଶୁଣି ଗିଣ୍ଡ ବଲ
ଦୟା ରଖିବ ମୋହଠାରେ ୩୧
ଭୁବନେ ଦୟା ମୋରେ ଥିଲେ
ଯିବା କେତେ ଉଶ୍ୱିବି ଭଲେ ୩୨
ମୋର ଅନ୍ୟାୟେ ଯେ ସହିବୁ
ଦୟା ମୋତେ ବୋଧ ନ ଦେବୁ ୩୩
ପୁଷ୍ପାରେ ରଖିବ ମୁଁ ଶୁଣ
ଯାଉଛି ଦୟା ଥିବ ପୁଣ ୩୪
ବହୁତ ଭୂମି ମୁଁ ଯୁଝିଲି
ଜଗତେ ଅଶ୍ରା କେହି ଅଲଲି ୩୫
ଅଇଲ ଭୂମି ନ ଚାଉଛି
ମୋତେ ରଖିବ ଦୟାକରି ୩୬
ପ୍ରଭୁ ନିର୍ଦ୍ଦୟା ମୋର ଠାରେ
ଲଳ୍ପି ନେଇବ ମାୟା ଜନେ ୩୭
ତେଣୁ ମୁଁ ଭୁବନ୍ତ ଶୁଣ
ସ୍ଥିରେ ନ ରହେ ନାହିଁ ପୁଣ ୩୮
ଏବେ ତୋ ଠାକୁ ଧାଇଁଅଛୁ
ଯାଉଛୁ ଦୟାଥିବ କହୁ ୩୯

ଭୁବନେତ ଦସ୍ୟୁଠାରେ ବନ୍ଧି
ବିଷୟେ ଆଜ୍ଞ ନ ଭ୍ରମାଇ ।୪୦
ତୋର ଉପରେ ମୋର ବାସ
ନମ୍ରତ ଅରକ୍ଷିତ ଦାସ ।୪୧
ଏମନ୍ତେ ଶବଦକୁ କହି
ଅଛି ମୁଁ ଗୁମ୍ଫାରେ ମିଳଇ ।୪୨
ଏବେ ତୁମ୍ଭଙ୍କ ଇଚ୍ଛା ଯେଣ୍ଣି
ତାହା ଇଚ୍ଛା ଚାହା କରୁ ଯେଣ୍ଣି ।୪୩
ଆଜ୍ଞାତ ନଭ୍ରମାଅ ଶୁଣ
ଏଠାରେ ରଖ ନାରାୟଣ ।୪୪
ଭକତ ଯୋଗ ନ ଦେଖୁଛ
କିମ୍ପାଇଁ ଭ୍ରମାଇ ମାରୁଛ ।୪୫
ଯେବେ ମୋଠାରେ ଦୟାଅଛି
ଭକତ ବୋଲି ହେ କହୁଛି ।୪୬
ତୋହ୍ମଲେ ଦେହ ଛାଡ଼ି ଯାଅ
କିମ୍ପା ଭ୍ରମୁଅଛ କହ ।୪୭
ହେ ପ୍ରଭୁ ମାୟାଧର ତୁମ୍ଭ
କିମ୍ପାଇଁ ମାୟାକରୁ କହି ।୪୮
ତୁ ମାୟା କଲେ କେହୁ ତରେ
ବ୍ରହ୍ମାଦି ଦେବାସୁର ନରେ ।୪୯
ମୁହିଁତ ଭରସା କରିଛି
ହେ ପ୍ରଭୁ ଦୟା କର କହି ।୫୦
ଯେତେ କହିଲେ ନ ଶୁଣୁଛ
କିମ୍ପାଇଁ ନିଷ୍ଠୁର କରୁଛ ।୫୧
ଦୟା ସାଗର ବୋଲି ତୁମ୍ଭ
ଭରସା କଲି ତେଣୁ ମୁହିଁ ।୫୨
ନିର୍ଦ୍ଦୟା କଠିନ ହେଲ ଦେବ
ଦୟା ସାଗର କିମ୍ପା କହ ।୫୩

ହେ ପ୍ରଭୁ ସଂସାରେ ନଥିଲ
ଯେବେ ତୁମ୍ଭଙ୍କୁ ନ ସେବନ୍ତି ।୫୪
ତୁମ୍ଭର ଦୟା ମୋତେ ନାହିଁ
କିମ୍ପା ସଂସାରେ ଥିବ ଭାଇ ।୫୫
ହେ ପ୍ରଭୁ କଲୁ ତୁମ୍ଭ ନାଶ
ମୋହର ନାହିଁ କିଛି ଦୋଷ ।୫୬
ତୋହର ଦୟା ଯେବେ ଥିଲା
ଏ କିମ୍ପା ଏତେ ଯେ ଭ୍ରମିଲା ।୫୭
ତୋହର ଦୟା ନାହିଁ ମୋତେ
ତ ଅପରାଧ କଲି କେତେ ।୫୮
ତେଣୁ ମାୟା ମୋତେ କଲୁ
ନାନା କର୍ମରେ ବୁଡ଼ାଇଲୁ ।୫୯
ମୁହିଁତ ସଦା ଦୋଷକାରୀ
କିମ୍ପା ଦୋଷ କ୍ଷମା ନ କର ।୬୦
ହେ ଦେବ ଦେବ ହୃଷୀକେଶ
କ୍ଷମା ଦୋଷ ଖଣ୍ଡ ପୀତବାସ ।୬୧
ହେ ଦେବ ଦେବ ନାରାୟଣ
କ୍ଷମା ଦୋଷ ନ ଘେନିବ ପୁଣ ।୬୨
ହେ ଦେବ ଦେବ ଚକ୍ରଧର
ମୋ ଦୋଷ ଭାରେ କ୍ଷମା କର ।୬୩
ହେ ଦେବ ଦେବ ଗିରିଧାରୀ
କିଆଁ ମନେ ଚିନ୍ତିଲଇଁ ।୬୪
ଏ କଥା କହୁଅଛି ଶୁଣ
ମୋ ଦୋଷ ନ ଘେନିବ ପୁଣ ।୬୫
ଆଉ ଅନ୍ୟରେ ଜଣାଇବ
କହିଲେ ଭ୍ରାନ୍ତି ମୁଁ ଛାଡ଼ିବ ।୬୬
ମୋଠାରେ ଦୟା ଯେବେ ଥିବ
ଅବଶ୍ୟ ଯେତେ ସେ କହିବ ।୬୭

ନିଢ଼ିସ୍ୱା ଥିଲା ମୋର ଛନ୍ଦି
କର୍ମା କରିବ ସ୍ୱେଚ୍ଛାୟ ।୬୮
ମହାମନ୍ତ୍ରକେ ଯେତେ କଥା
କହିତା ହେଲ ଯେ ବ୍ୟବସ୍ଥା ।୬୯
ଯେତେ କଥାକୁ ମୁହିଁ ପୁଚି
କହିଣ ହେଲି କିଛୁ ବାଛି ।୭୦
କଥା ଏ ଶୁଣନ୍ତେ ଭକତି
କୃଷ୍ଣାଙ୍କି ମାୟା ଯେ କରୁଛି ।୭୧
କହନ୍ତି ଅଚ୍ୟୁତ ଦାସ
ଦୟା କୁ କର ଗୀତବାସ ।୭୨

ଇତି ଶ୍ରୀ ନନ୍ଦ ଚୈତନ୍ୟ ସମ୍ବାଦେ ମହାମନ୍ତ୍ର ଗୀତା କଥନେ
ନାମ ଏକତ୍ରିଂଶତମୋଽଧ୍ୟାୟଃ ।

# ଦ୍ୱାତ୍ରିଂଶମ ଅଧ୍ୟାୟ

ଅହେ ଚୈତନ୍ୟ ମହାଧର
କଥାଏ ଜଣାଏ ଶ୍ରୀମୁଖ ।୧
ଅଣ୍ଡର ମହିମା କହିବ
ଯେବେ ମୋତାରେ ଦୟାଥିବ ।୨
ଅଣ୍ଡର ମହିମା ଶୁଣିବ
ତେବେ ମୁଁ ସନ୍ଦେହ ଛାଡ଼ିବ ।୩
ଯେବେ ମୋତାରେ ଦୟାଅଛି
ମାୟା ନକରି କହ ଶୁଦ୍ଧି ।୪
ଯେତେ କଥାକୁ ମୁଁ ପଚାରି
ସବୁତ କହିଲ ବୁଝାଇ ।୫
ପୃଥ୍ୱୀର ମହିମା କହିଲ
ମୋ ମନୁ ସଂଶୟ ଫେଡିଲ ।୬
ଜଳର ମହିମା ଶୁଣିଲି
ମନେ ମୁଁ ଆଶ୍ଚର୍ଯ୍ୟ ହୋଇଲି ।୭
ଅଗ୍ନିର ମହିମା ତୁ ମୋତେ
କହିଣ ଦେଲୁ ଯେ ଗୁପତେ ।୮
ପବନ କଥା ମୁହିଁ ଶୁଣି
ଅତି ଅଦ୍ଭୁତ ଯେ ବାଣୀ ।୯
ଆକାଶ କଥା ଯେ କହିଲ
ଅତି ଗୁପତ ଯେ ଫେଡ଼ିଲ ।୧୦
ପଞ୍ଚ ଭୂତଙ୍କ କଥା ଯେତେ
କହିଣ ଦେଲ ଯେ ଗୁପତେ ।୧୧
ବ୍ରହ୍ମାଣ୍ଡ ମହିମା ସକଳ
କହିଣ ଦେଲ ଯେ ବିସ୍ତାରି ।୧୨
ଆପର କଥା ଜାଣି ମୁହିଁ
ସଂଶୟ ଛାଡ଼ିଲି ଯେ କହି ।୧୩
ନାଦର ମହିମା କହିଲ
ମନୁ ମୋ ସଂଶୟ ଫେଡ଼ିଲ ।୧୪
ଆତ୍ମାର ମହିମା ମୁଁ ଶୁଣି
ଅତି ଗୁପତ ଏହୁ ବାଣୀ ।୧୫
ଜଗତ ମହିମା ତୁ ମୋତେ
କହିଣ ଦେଲ ଯେ ଗୁପତେ ।୧୬

ମହାଶୂନ୍ୟ କଥା କହିଲ
ମନୁ ମୋ ଭ୍ରାନ୍ତିସେ ଫେଡ଼ିଲ ।୧୭
ଓଁକାର ମହିମା ଶୁଣିଲି
ମନେ ମୁଁ ଆଶ୍ଚର୍ଯ୍ୟ ହୋଇଲି ।୧୮
ଚନ୍ଦ୍ର ସୂର୍ଯ୍ୟଙ୍କ ଯେତେ ଗୁଣ
ଅତି ଗୁପତ ଯେ କହିଣ ।୧୯
ପର ପୁରୁଷ କଥା ଶୁଣି
ମୋ ମନୁ ଭ୍ରାନ୍ତି ଗଲା ପୁଣି ।୨୦
ଦୁଃଖ ସୁଖର କଥା ଯେତେ
କହିଣ ଦେଲ ଯେ ଗୁପତେ ।୨୧
ଏ ଦେହ ଦଶ ଅବତାର
କହିଣ ଦେଲ ମୋତେ ସାର ।୨୨
ଆତ୍ମର ଈଶାତ୍ମର ଯେତେ
କହିଣ ଦେଲ ଯେ ଗୁପତେ ।୨୩
ଜୀବ ପରମ କଥା ଶୁଣି
ମୋ ମନୁ ଭ୍ରାନ୍ତି ଗଲା ପୁଣି ।୨୪
ବ୍ରହ୍ମର ମହିମା କହିଲ
ଅତି ଗୁପତେ ଦେଖାଇଲ ।୨୫
ଏବେ ଅକ୍ଷର ଭେଦ ଯେତେ
କହିଣ ଦେବ ମୋ ଅଗ୍ରତେ ।୨୬
ଅକ୍ଷର ମହିମା ଶୁଣିବି
ତେବେ ମୁଁ ସଂଶୟ ଛାଡ଼ିବି ।୨୭
ହେ ପ୍ରଭୁ ମାୟା ତୁ ନ କର
କହ ହେ ଅକ୍ଷର ବିସ୍ତର ।୨୮
ଯେଉଁ ଅକ୍ଷର ଯେଉଁ ଗୁଣ
କହିଣ ଦେବ ମୋତେ ପୁଣ ।୨୯
ହେ ପ୍ରଭୁ ଦୋଷ କ୍ଷମା କର
କହ ହେ ଅକ୍ଷର ବିସ୍ତାର ।୩୦
ଯେବେ ମୋ ଠାରେ ଦୟା ଥିବ
ଅକ୍ଷର ଭେଦ ଯେ କହିବ ।୩୧
ନିର୍ଦ୍ଦୟା ନ କର ଜଣାଇ
କହ ହେ ମୋତେ ଦୟା ବହି ।୩୨
ମୁହିଁ ତୋ ଚରଣେ ଶରଣ
ମାୟା ନ କର କହ ପୁଣ ।୩୩
ମନ ମୁଖରୁ ଏହା ଶୁଣି
ଅତି ଗୁପତ କଥା ପୁଣି ।୩୪
ତିଅରେ ଘେନୁ ତୁ ନ କଲୁ
ଅକ୍ଷର ମହିମା ପୁଛିଲୁ ।୩୫
ଅକ୍ଷର ମହିମା ମୁଁ ତୋତେ
ମୁଁ କସ କହିବ ପ୍ରକଟେ ।୩୬
ବ୍ରହ୍ମା ବିଷ୍ଣୁ ଶିବ ନ ଜାଣେ
ଆଜ୍ଞା ଦେଲେ କହିବଟି ଜଣେ ।୩୭
ତାଙ୍କ ଠାରୁ ନିଜ ବଡ଼ ପୁଣି
ଅକ୍ଷର ମହିମା କହିଣି ।୩୮
ଅକ୍ଷର ମହିମା ଅପାର
ମୁ କସ କହିବ ଗୋଚର ।୩୯
କହିଲେ ଜୋବ ନ ସରଇ
ହେ ମନ ପୁଚ୍ଛୁ କାହିଁ ପାଇଁ ।୪୦
ମନ କହୁଛି ପ୍ରଭୁ ଶୁଣ
ଜଣ୍ଡି କହିବା ତାଙ୍କ ଗଣ ।୪୧
ମୁହିଁତ ଧଡ଼ଧା କରୁଛି
ମୋତେ କର୍ମ ମାୟା ହେଉଛି ।୪୨
ଯେବେ କି ମାୟା ମୋତେ ତୋର
ଏ ଦେହ ଛାଡ଼ି ହେ ନିକର ।୪୩
କର୍ମ ସଂସାରେ ମୁହିଁ ଥିବ
ଯେବେ ତୁମ୍ଭଙ୍କୁ ନ ସେବିବ ।୪୪

ହେ ପ୍ରଭୁ କର ଏହି ଠାରି
ମାୟା ନ କର ଲୁହ ଦେଇ ।୪୫
ଅକ୍ଷର ମହିମା ଶୁଣିଲେ
ତରକ ମୂର୍ଖ ସିନା ଛାଡ଼ିଲ ।୪୬
ଜନାଇଲେ ତନ୍ନ ନ ଟାଳଇ
କର୍ମୀ ସଂସାରରୁ ଥୁଣ ଭଣି ।୪୭
ଅକ୍ଷର ମହିମା କହିବ
ଅଛିତି ଯାହାକୁ ଭଣିବ ।୪୮
ଛୋଡ଼ିଗଲା ଦେହଗ ମାୟା ଭଣି
ସଂସାରେ ଥିବ ସେ କର୍ମୀଙ୍କି ।୪୯
କହଇ ଅରକ୍ଷିତ ଦାସ
ତୋ ମାୟା ମୋତେ ଦଳ ନାଶ ।୫୦
ଆହେ ସୁଜନ ମାନେ ଶୁଣ
ପ୍ରଭୁ କରୁଣା ମୋତେ ଜାଣ ।୫୧

ଇତି ଶ୍ରୀ ମନ ଚୈତନ୍ୟ ଦମ୍ଭୋଦେ ମହାମଣ୍ଡଳ ଗୀତା କଥନେ
ନାମ ଦ୍ୱାଷଷ୍ଠିତମୋଽଧ୍ୟାୟଃ ।

# ତ୍ରୟଷଷ୍ଠିତମ ଅଧ୍ୟାୟ

ହେ ମନ ଶୁଣ ଏବେ ବୁଝି
ତୋଠାରେ ମୋର ମାୟା ନାହିଁ ।୧
ଏତ ଗୁପତ ପଦ୍ମଭକ୍ତି
କହିବା ଶୁଣ ବୁଝି କହି ।୨
ଅକ୍ଷର ମହିମା ମୁଁ କହାଇ
ଯାହାଙ୍କ ଗୁଣ ଅଛି ଯେତେ ।୩
ତାହା କହିବ ଶୁଣ ଏବେ
ହେ ମନ ପତ୍ନୀରୁ ଯେତେବ ।୪
ସି-ଲ ଅକ୍ଷର ଶୂନ୍ୟ ବ୍ରହ୍ମ
ବ୍ରହ୍ମାଣ୍ଡେ ହୋଇଅଛି ଜନ୍ମ ।୫
ଖି-ଇ ଅକ୍ଷର ଧୀରେ ଅଛି
ଦେଖ ଏ ବ୍ରହ୍ମାଣ୍ଡ ପୂରନ୍ତି ।୬
ର-ଅ ଅକ୍ଷର ସୃଷ୍ଟି ଅଛି
ଦେଖ ଏ ବ୍ରହ୍ମାଣ୍ଡ ପୂରଣି ।୭
ଭ-ଆ ଅକ୍ଷର ରଜ ଗୁଣ
ଦଶ ଜାତ କରୁଛି ପୁଣ ।୮
ହ୍ରୂ-ଉ ଅକ୍ଷର ଯାହା ଜନ୍ମ
ଜଡ଼ଦ ଅଛି ସେ କରମ ।୯
ଛ-ଅ ଅକ୍ଷର ଜଡ଼ତ୍ୱ କହି
ତା ଗର୍ଭ ସନ୍ଦେହ ଜାଣ ହୋଇ ।୧୦
ଅ-ଅ ଅକ୍ଷର ନ ଲଗିଲେ
ଶବଦ କେବେ ନୋହେ ଭଲେ ।୧୧
ଛ-ଅ ଶବଦ ପୂରି ଅଛି
ବ୍ରହ୍ମାଣ୍ଡେ ଲୀଳା ସେ କରୁଛି ।୧୨
ଅ-ଅ ଅକ୍ଷର ନ ଲଗିଲେ
ଲୀଳାଟି କେବେ ନାହିଁ ଭଲେ ।୧୩
ଅ-ଅ ଅକ୍ଷର ଲଗି ଶୁଣ
ଆଜ୍ଞା ଅକ୍ଷର ତନେ ଜାଣ ।୧୪

ନୋହିଲେ କେବେ ନ ଚଳିବେ
ସଂସାରେ କି ଲୀଳା କରିବେ ।୧୫

ଅ-ଅ ଅକ୍ଷର ଲାଗି କହି
ସମସ୍ତ ଅଛନ୍ତି ଆବୋରି ।୧୬

ଅ-ଅର ଏମନ୍ତ ବେଭାର
ତା ଲାଗି ଅଛଇ ସଂସାର ।୧୭

ନୋହିଲେ ଶୂନ୍ୟ ହୋଇଥିବ
ପୃଥ୍ୱୀରେ କେହି ନ ରହିବ ।୧୮

ଅ-ଅ ଅକ୍ଷର ଲାଗି ଶୁଣି
ଧରନ୍ତି ଆଉ ଧାତୁ ଗୁଣି ।୧୯

ବ୍ରହ୍ମାଦି ଦେବାସୁର ନରେ
ତାଙ୍କୁ ଯେମନ୍ତି ଲୀଳା କରେ ।୨୦

ଛପନ କୋଟି ଜୀବ ଯେତେ
ତା ଲାଗି ଅଛନ୍ତି ସମସ୍ତେ ।୨୧

ନୋହିଲେ ସର୍ବେ ନାଶ ଯିବେ
କେହି ତ ବଞ୍ଚି ନ ପାରିବେ ।୨୨

ଅ-ଅର ଏମନ୍ତ ମହିମା
କହିଲେ ନ ସରଇ ସୀମା ।୨୩

ଆ-ଆ ଅକ୍ଷର ଆଦ୍ୟଅଛି
ଦେଖ ଏ ବ୍ରହ୍ମାଣ୍ଡେ ପୂରିଛି ।୨୪

ଇ-ଈ ଅକ୍ଷରଟି ଈଶ୍ୱର
ପୂରିଛି ଦେଖ ଏ ସଂସାର ।୨୫

ଉ-ଊ ଅକ୍ଷର ଉଇଁ ଅଛି
ଦେଖ ଏ ବ୍ରହ୍ମାଣ୍ଡେ ଘୋଟିଛି ।୨୬

ଋ-ୠ ଅକ୍ଷର ରୂପ ଜାଣି
ଘୋଟିଛି ବ୍ରହ୍ମାଣ୍ଡରେ ପୁଣି ।୨୭

ଌ-ୡ ଅକ୍ଷର ଲୁଚି ଅଛି
ଦେଖ ଏ ବ୍ରହ୍ମାଣ୍ଡେ ଘୋଟିଛି ।୨୮

ଏ-ଏ ଅକ୍ଷର ଏକ ବ୍ରହ୍ମ
ଏକ କରିଣ ଭାବ ମନ ।୨୯

ଐ-ଇ ଅକ୍ଷର ମହାଶୂନ୍ୟ
ଘୋଟିଛି ବ୍ରହ୍ମାଣ୍ଡର ଜାଣ ।୩୦

ଓ ଅକ୍ଷର ଶରୀର ଜନ୍ମ
ବ୍ରହ୍ମାଣ୍ଡେ ପୂରିଅଛି ସେହି ।୩୧

ଔ-ଉ ଅକ୍ଷର ଏ ସମ୍ଭୂତ
ଦେଖ ଏ ବ୍ରହ୍ମାଣ୍ଡେ ପୂରିତ ।୩୨

ଅଂ ଅକ୍ଷର ସେ ଓଁକାର
ଘୋଟିଛି ସଂସାର ସାଗର ।୩୩

ଅଃ ଅକ୍ଷର ଏ ଶରୀର
ବ୍ୟାପିଛି ଏହୁ ଚରାଚର ।୩୪

ହେ ମନ ଏ ଷୋଳ ଅକ୍ଷର
କହିଲି ମନେ ହେଜି କର ।୩୫

ତୋ ପାରେ ମୋର ମାୟା ନାହିଁ
ତେଣୁ ସେହିଣ କହିଲଇଁ ।୩୬

ଏ ଷୋଳ ଅକ୍ଷରଙ୍କ ଗୁଣ
କହିଲି ଶୁଣିଲୁ କି ଭ୍ରମ ।୩୭

ମନ ବୋଲଇ ସାକ୍ଷୀ ସାକ୍ଷୀ
ମନ୍ଦ ମୋ ଭ୍ରାନ୍ତି ଗୁଡ଼ିଲଇଁ ।୩୮

ତୁମ୍ଭର ଦୟା ମୋରେ ଯେଣୁ
ସେହି କହିଲ ମୋତେ ତେଣୁ ।୩୯

ଏ ଷୋଳ ଅକ୍ଷର ମହିମା
ଶୁଣିଲ ତୁମ୍ଭ ମୁକ୍ତି ସୀମା ।୪୦

କହିଲ ଅଗଣିତ ବାପ
ଭୁଞ୍ଜ ଚରଣେ ମୋର ଆଶ ।୮୧
ଅହେ ସୁଜନ ମାନେ ଶୁଣ
ଏ ହୋଇ ଅନନ୍ତଙ୍କ ଗୁଣ ।୮୨

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ନଷ୍ଟମଣ୍ଡଳ ଗୀତା
କଥନେ ନାମ ତ୍ର୍ୟଶୀତିତମୋଽଧ୍ୟାୟଃ ।

—o—

# ଚତୁରଶୀତିତମ ଅଧ୍ୟାୟ

ଅହେ ଚୈତନ୍ୟ ଶୁଣ ଭୁତ
କର୍ମାଙ୍କ ମାୟା କରୁ କହ ।୧
କ-ଅ ରୁ କ୍ଷ-ୟ ପର୍ଯ୍ୟନ୍ତ
କହ ହେ ପ୍ରଭୁ ଦୟା କରି ।୨
ତେବେ ମୁଁ ସଂଶୟ ଛାଡ଼ିବ
ତୋ ନାମ ନିତ୍ୟ ସୁମରିବ ।୩
କହ ହେ ପ୍ରଭୁ ନାରାୟଣ
କେଉଁ ଅକ୍ଷର କେଉଁ ଗୁଣ ।୪
ମନ ମୁଖରୁ ଏହା ଶୁଣି
ଭୁ ଯାହା ଚତୁର୍ଭୁଜ ଭଣି ।୫
ଭୁଝି ମୂର୍ତ୍ତି ଟି ଏକ ଦେହ
ତେଣୁ ଗୀତା ମୁଁ କହୁଅଛି ।୬
ନୋହିଲେ କେହେ ନ ଜାଣନ୍ତି
ଏବେ ତୁ ଶୁଣ ଦେଇ ମନ ।୭
କ-ଅ ଅକ୍ଷର କହୁଅଛି
ସଂସାର ଖେଳ ଲଗାଇଛି ।୮
ଖ-ଅ ଅକ୍ଷର ଖଣ୍ଡି ଯାଇ
ବ୍ରହ୍ମାଣ୍ଡେ ଖେଳୁଅଛି କହି ।୯
ଗ-ଅ ଅକ୍ଷର ଗଳୁଅଛି
ଶୁଭରେ ବ୍ରହ୍ମାଣ୍ଡେ ପୂରିଛି ।୧୦
ଘ-ଅ ଅକ୍ଷର ଘୋଟି ରହି
ହେ ମନ ଶୁଣ ଏବେ ବୁଝି ।୧୧
ଙ-ଅ ଅକ୍ଷର ଉଡ଼ି ଅଛି
ଦେଖ ଏ ସଂସାରେ ଟୁଣିଛି ।୧୨
ଚ-ଅ ଅକ୍ଷର ଚୁଳେ ଶୁଣ
କହି ମନ ଦେଖ ତୁ ବଚନ ।୧୩
ଛ-ଅ ଅକ୍ଷର ଛଇ ଅଛି
ଦେଖ ଏ ବ୍ରହ୍ମାଣ୍ଡ ଛନ୍ଦିଛି ।୧୪
ଜ-ଅ ଅକ୍ଷର ଜଳେ ଶୁଣ
ବ୍ରହ୍ମାଣ୍ଡ ଯାଉଅଛି ପୂଣି ।୧୫
ଝ-ଅ ଅକ୍ଷର ଝୁରୁଅଛି
ବ୍ରହ୍ମାଣ୍ଡ ତା ଲାଗି ରହିଛି ।୧୬
ଞ-ଅ ଅକ୍ଷର ନିତ୍ୟ ରହି
ହେ ମନ ଦେଖ ଏବେ ବୁଝି ୧୭
ଟ-ଅ ଅକ୍ଷର ଟଳୁ ଅଛି
ଟାକିଣି ବ୍ରହ୍ମାଣ୍ଡେ ଖେଳୁଛି ।୧୮

ଠ-ଅ ଅକ୍ଷର ଠୁଳେ ଭଜ
ମହାଶୂନ୍ୟକି ସେ ଅଟଇ ।୧୯
ଡ-ଅ ଅକ୍ଷର ଡ଼ାକୁ ଅଛି
ଦେଖ ଏ ବ୍ରହ୍ମାଣ୍ଡେ ଶୁଣୁଛି ।୨୦
ଢ-ଅ ଅକ୍ଷର ଢାଳେ ଶୁଣ
ଢାଙ୍କି ଖେଳୁଛି ବ୍ରହ୍ମାଣ୍ଡେଣ ।୨୧
ଣ-ଅ ଅକ୍ଷର ମହାଶୂନ୍ୟ
ଦେହ ମନ ଦେହକୁ କରି ନେନ ।୨୨
ତ-ଅ ଅକ୍ଷର ତତ୍ତ୍ୱ କହି
ତତ୍ତ୍ୱରେ ଭାବ ମନ ଭୁଞ୍ଜ ।୨୩
ଥ-ଅ ଅକ୍ଷର ଥିରେ ଅଛି
ଦେଖ ଏ ବ୍ରହ୍ମାଣ୍ଡ ପୂରିଛି ।୨୪
ଦ-ଅ ଅକ୍ଷର ଦଣ୍ଡଅଛି
ଦେଖ ଏ ବ୍ରହ୍ମାଣ୍ଡେ ଘୋଟିଛି ।୨୫
ଧ-ଅ ଅକ୍ଷର ଧରି ଭଜି
ବ୍ରହ୍ମାଣ୍ଡେ ପୂରି ଅଛି ସେହି ।୨୬
ନ-ଅ ଅକ୍ଷର ମହାଶୂନ୍ୟ
ତହିଁରୁ ସମସ୍ତେ ଉଇଣି ।୨୭
ପ-ଅ ଅକ୍ଷର ପୂର୍ଣ୍ଣ ଅଛି
ଷଢ଼ଚକ୍ର ସେ ନାହିଁ କହି ।୨୮
ଫ-ଅ ଅକ୍ଷର ଫେଳେ ତୁଣି
ଫୁଟିଛି ବ୍ରହ୍ମାଣ୍ଡରେ ଜାଣି ।୨୯
ବ-ଅ ଅକ୍ଷର ବନ୍ଧଅଛି
ବ୍ରହ୍ମାଣ୍ଡ ଯାକେ ବନ୍ଧିଛି ।୩୦
ଭ-ଅ ଅକ୍ଷର ଭ୍ରମେ ଶୁଣି
ଭରୁଛି ବ୍ରହ୍ମାଣ୍ଡରେ ଜାଣି ।୩୧
ମ-ଅ ଅକ୍ଷର ମହାଶୂନ୍ୟ
ମାନଜ ରୂପ ସେହି ଜାଣି ।୩୨

ତହିଁରୁ ସବେ ଜନ୍ମୁଛନ୍ତି
ମିଶିଣ ବ୍ରହ୍ମାଣ୍ଡେ ଖେଳନ୍ତି ।୩୩
ଯ-ଅ ଅକ୍ଷର ଯୁକ୍ତ ହିଁ
ଦେହ ମନ ଭାବ ତାକୁ ଭୁଜି ।୩୪
ର-ଅ ଅକ୍ଷର ରାଜଅଛି
ଦେଖ ଏ ବ୍ରହ୍ମାଣ୍ଡେ ନାଶୁଛି ।୩୫
ଲ-ଅ ଅକ୍ଷର ଲୀଳା କରଇ
ଦେହ ମନ ଶୁଣି କହି ତୋଷର ।୩୬
ଶ-ଅ ଅକ୍ଷର ଶୂନ୍ୟ ଭଜି
ତିଶ ଦେବତି ସେ ଅଟଇ ।୩୭
ଷ-ଅ ଅକ୍ଷର ଏ ଶରୀର
ଘୋଟିଛି ସଂସାର ସାଗର ।୩୮
ସ-ଅ ଟି ସତସ୍ୱରୂପରେ
ଘୋଟି ରହିଛି ପର୍ବତରେ ।୩୯
ହ-ଅ ଟି ହନୁଅଛି ଜାଣି
ହୁରିଛି ବ୍ରହ୍ମାଣ୍ଡରେ ଶୁଣି ।୪୦
କ୍ଷ-ଅଟି କ୍ଷରୁ ଅଛି ଭଜି
କ୍ଷ-ଅଟି ବ୍ରହ୍ମାଣ୍ଡ ନାଶଇ ।୪୧
ଛୁଟଇ ସତ୍ତ୍ୱରୁ ହେ ମନ
ସେହି ଅକ୍ଷର ଯେବା ଗୁଣ ।୪୨
କହିଲି ମନେ ଦେହକୁ କର
ଅକ୍ଷର ପୂରୁଛି ସଂସାର ।୪୩
ଅକ୍ଷର ମୂଳଟି ଅଟଇ
ଜାଳ ଉପୁଟି ମାୟା କହି ।୪୪
ଜାଳ ଛିଣ୍ଡ ନଥିଲେ ଶୁଣି
ମୁଣ୍ଡା ବୃଷ କ ଶୋଭା ମୁଣି ।୪୫
ମାତ୍ରାଟି ବର୍ଣ୍ଣିଛି ଅକ୍ଷର
ବ୍ୟାପିଛି ଦେଖ ତପବର ।୪୬

ଠ-ଅ ଅକ୍ଷର ଠୁଳେ ରହି
ମହାଶୂନ୍ୟଟି ସେ ଅଟଇ ।୧୯
ଡ-ଅ ଅକ୍ଷର ଡାକୁ ଅଛି
ଦେଖ ଏ ବ୍ରହ୍ମାଣ୍ଡେ ଶୁଭୁଛି ।୨୦
ଢ-ଅ ଅକ୍ଷର ଢାଳେ ଶୁଣ
ଢାଙ୍କି ହୋଇଛି ବ୍ରହ୍ମାଣ୍ଡେଣ ।୨୧
ଣ-ଅ ଅକ୍ଷର ମହାଶୂନ୍ୟ
ହେ ମନ ହେଜୁ କରି ଧ୍ୟାନ ।୨୨
ତ-ଅ ଅକ୍ଷର ତତ୍ତ୍ୱ କହି
ତତ୍ତ୍ୱରେ ସ୍ଥିର ମନ ଭୁଞ୍ଜି ।୨୩
ଥ-ଅ ଅକ୍ଷର ଥମ୍ଭ ଅଛି
ଦେଖ ଏ ବ୍ରହ୍ମାଣ୍ଡ ପୂରିଛି ।୨୪
ଦ-ଅ ଅକ୍ଷର ଦଣ୍ଡଅଛି
ଦେଖ ଏ ବ୍ରହ୍ମାଣ୍ଡେ ଘୋଟିଛି ।୨୫
ଧ-ଅ ଅକ୍ଷର ଧରି ରହି
ବ୍ରହ୍ମାଣ୍ଡେ ପୂର୍ଣ୍ଣ ଅଛି ସେହି ।୨୬
ନ-ଅ ଅକ୍ଷର ମହାଶୂନ୍ୟ
ତହିଁରୁ ନମସ୍ତେ ଭିଆଣ ।୨୭
ପ-ଅ ଅକ୍ଷର ପୃଥ୍ୱୀ ଅଛି
ସପତେ ସେ ନାହିଁ କଛି ।୨୮
ଫ-ଅ ଅକ୍ଷର ଫଳେ ଶୁଣ
ଫୁଟିଛି ବ୍ରହ୍ମାଣ୍ଡରେ ଜାଣ ।୨୯
ବ-ଅ ଅକ୍ଷର ବନ୍ଧଅଛି
ବ୍ରହ୍ମାଣ୍ଡ ଯାକେ ବନ୍ଧିଛି ।୩୦
ଭ-ଅ ଅକ୍ଷର ଭସେ ଶୁଣ
ଭରିଛି ବ୍ରହ୍ମାଣ୍ଡରେ ଜାଣ ।୩୧
ମ-ଅ ଅକ୍ଷର ମହାଶୂନ୍ୟ
ମାଦଳ ରୂପ ସେହି ଜାଣ ।୩୨

ତହିଁରୁ ସବୁ ଜନ୍ମ ହୁନ୍ତି
ମିଳିଣ ବ୍ରହ୍ମାଣ୍ଡେ ଖେଳନ୍ତି ।୩୩
ଯ-ଅ ଅକ୍ଷର ଯୁ ଭୂତ ସ୍ଥିତି
ହେ ମନ ସ୍ୱର ତାକୁ ଭୁଞ୍ଜି ।୩୪
ର-ଅ ଅକ୍ଷର ରାଜୁଅଛି
ଦେଖ ଏ ବ୍ରହ୍ମାଣ୍ଡେ ନାଚୁଛି ।୩୫
ଲ-ଅ ଅକ୍ଷର ଲୀଳା କରେ
ହେ ମନ ଶୁଣ କହି ତୋହର ।୩୬
ଶ-ଅ ଅକ୍ଷର ଶୂନ୍ୟ ରହି
ତିଣ ଦେବତି ସେ ଅଟଇ ।୩୭
ଷ-ଅ ଅକ୍ଷର ଏ ଶରୀର
ଘୋଟିଛି ସଂସାର ସାଗର ।୩୮
ସ-ଅ କି ସଚରାଚରରେ
ଘୋଟି ରହିଛି ସପ୍ତଗରେ ।୩୯
ହ-ଅ କି ହରିଅଛି ଜାଣି
ଦେଖିଛି ବ୍ରହ୍ମାଣ୍ଡରେ ଶୁଣି ।୪୦
କ୍ଷ-ଅକ୍ଷି ନିତ୍ୟ ଅଛି କହି
କ୍ଷ-ଅକ୍ଷି ବ୍ରହ୍ମାଣ୍ଡ ନାଶଇ ।୪୧
ଲୁଚେ ଚଉରାଶି ହେ ମନ
ସେହି ଅକ୍ଷର ସେବା ଗୁଣ ।୪୨
କହିଲି ମନେ ହେଜୁ କର
ଅକ୍ଷର ମୂଳଟି ସଂସାର ।୪୩
ଅକ୍ଷର ମୂଳଟି ଅଟଇ
ତାଳ ଧରନ୍ତି ମାଆ କହି ।୪୪
ତାଳ ଟେକି ନଥିଲେ ଶୁଣ
ମୁଣ୍ଡା ରୂପ କ ଶୋଭା ଭୂଣ ।୪୫
ମାଆଟି ବସିଛି ଅକ୍ଷର
ବ୍ୟାପିଛି ଦେଖ ଚରାଚର ।୪୬

ହେ ମନ ଅକ୍ଷରଙ୍କ ଗୁଣ
କହିଲେ ନ ସରଇ ଜାଣ ।୪୭
ତାଙ୍କ ମହିମା ଏ ପୃଥ୍ୱୀରେ
କେ କହି ପାରିବ ଶବ୍ଦରେ ।୪୮
ବ୍ରହ୍ମା ଶିବଙ୍କୁ ଅଗୋଚର
ଆଉ କେ ଜାଣିବ ପ୍ରକାର ।୪୯
ତୁ ଯେ ଦେଖୁଛୁ କଥା ମନ
କିଛି କହିଲି ତାଙ୍କ ଗୁଣ ।୫୦
ଆଉ କହିବି ମୁହିଁ କେତେ
ତାହାଙ୍କ ଗୁଣ ଅଛି ଯେତେ ।୫୧
ଆଉ ଅଧାରେ ବୁଝାଇବା
ତୋ ମନୁ ସଂଶୟ ଫେଡ଼ିବା ।୫୨
କହଇ ଅଚ୍ୟୁତ ଦାସ
ହେ ପ୍ରଭୁ ମାୟା କର ନାଶ ।୫୩
ଆହେ ସୁଜନ ମାନେ ଶୁଣ
ଅକ୍ଷର ସେବା ସେହି ଗୁଣ ।୫୪

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମନ୍ତ୍ର ଗୀତା କଥନେ
ନାମ ଚତୁରଶୀତିତମୋଽଧ୍ୟାୟଃ ।

# ପଞ୍ଚାଶୀତିତମ ଅଧ୍ୟାୟ

ଚୈତନ୍ୟ କହେ ମନ ଶୁଣ
ଅକ୍ଷରକୁ ଯେ ମୁଁ ଧରିଣ ।୧
ତେଣୁଟି ଏ ଦେହ ରହିଲି
ଅକ୍ଷରକୁ ସେ ଆଶ୍ରେ କଲି ।୨
ତୁହିଁ ଟି ଅକ୍ଷର ଧରିଛୁ
ଏ ଦେହ ଲୀଳା ତୁ କରୁଛୁ ।୩
ଅକ୍ଷର ନ ଧରିଲେ ଶୁଣି
କେମନ୍ତେ ବସ୍ତୁ ଥିବୁ ପୁଣ ।୪
କା ଲାଗି ଖାଇବୁ ଶୋଇବୁ
କା ଲାଗି ବୁଲିବୁ କହିବୁ ।୫
ଅକ୍ଷର ନ ଲଭିଲେ ଶୁଣ
ଶବଦ କାହୁଁ ହେବ ଜାଣ ।୬
ଅକ୍ଷର ଲଭି ଦେହ ଅଛି
ନୋହିଲେ ଦେହ କାହିଁ କିଛି ।୭
ଅକ୍ଷର ନ ଲଭିଲେ ଜାଣ
ଏ ଦେହ କାହୁଁ ଜାତ ପୁଣ ।୮
ଅକ୍ଷର ଲଭି ଦେହ ଜାତ
ହେ ମନ କହି ଦେଲି ସତ୍ୟ ।୯
ଅକ୍ଷର ଥିବାକୁ ଟି କହି
ଦେହ ବୋଲିଣ ଜାଣୁ ତୁହି ।୧୦
ଭକ୍ତ ମାଏଁଣ ହାଓ ତମେ
ଅକ୍ଷର ଥିବାକୁ ଜାଣିଣ ।୧୧
ଅନ୍ତଃ ଦିଷ୍ଟି ଛୁଟି ଦିଲେହି
ଅକ୍ଷର ଥିବାକୁ ଜାଣଇ ।୧୨

ନୟନ ନାଶା ମୁଖ କର୍ଣ୍ଣ
ଅକ୍ଷର ଥିବାକୁ ଜାଣିଣ ।୧୩
ଇନ୍ଦ୍ରି ଗୁହ୍ୟଙ୍କି ନବ ଦ୍ୱାର
ଅକ୍ଷର ଥିବାକୁଟି ସାର ।୧୪

ଅକ୍ଷର ନ ଲାଗିଲେ ଶୁଣ
ମୁଖ ବଚନ ନ କହିଣ ।୧୫
ଅକ୍ଷର ନ ଲାଗିଲେ କହି
ନାସା ପବନ ନ ବହଇ ।୧୬
ଅକ୍ଷରୁ ନ ଲାଗିଲେ ଶୁଣ
ଚକ୍ଷୁଟି ନ ଦିଶଇ ଜାଣ ।୧୭

ଅକ୍ଷର ନ ଲାଗିଲେ କହି
କର୍ଣ୍ଣ ଶୁଣିବ ଅବା କାହିଁ ।୧୮
ଅକ୍ଷର ନ ଲାଗିଲେ ଶୁଣ
ନାଭିରେ ମଳମୂତ୍ର ଜାଣ ।୧୯
ଅକ୍ଷର ନ ଲାଗିଲେ କହି
ହସ୍ତ ପାଦଟି ନ ଚଳଇ ।୨୦

ଅକ୍ଷର ଦେହକୁ ଧରିଛି
ଅକ୍ଷର ସବୁଟି କରୁଛି ।୨୧
ଅକ୍ଷର ସବୁକୁ ଟି ନାମ
ଦେଇଛି ନାନା ରୂପେ ଶୁଣ ।୨୨
ପାଞ୍ଚ ମନଟି ପାଞ୍ଚ କହି
ଅକ୍ଷର ଥିବାକୁ ଜାଣଇ ।୨୩

ପଞ୍ଚଶ ପ୍ରକୃତି ବୋଲିଣ
ଅକ୍ଷର ନାମ ଦେଲା ଶୁଣ ।୨୪
ଏକାଦଶ ଇନ୍ଦ୍ରିଟି କହି
ଅକ୍ଷର ନାମଟି ଧଇଲ ।୨୫
ଷଡ଼ ରିପୁଟି କହି ଜାଣ
ଅ-କ୍ଷର ନାମ ଦେଲା ଶୁଣ ।୨୬

ସାତଷ ବାୟୁସ ଦେ ନ ହି
ଅକ୍ଷର ନାମ ଦେଲା ଧାଇଁ ।୨୭
ଚୌଷଠି ଦେହର ତ୍ରିଗୁଣ ତହିଁ
ଅକ୍ଷର ନାମ ଦେଲା କହି ।୨୮

ଏ ଦେହେ ନସକେ ଅ.ଡ଼ାପାଡ
ଅକ୍ଷର ନାମ ଦେଲା ସତ୍ୟ ।୨୯
ଅକ୍ଷର ନ ଲଗିବ ଯହିଁ
ସେ ନାମ ବସ୍ତୁବଟି କାହିଁ ।୩୦
ଅକ୍ଷର ଶରୀରେ ପୂରିଛି
ଅକ୍ଷର ଲାଗି ଦେହ ଅଛି ।୩୧

ଅକ୍ଷର ଦେହକୁ ଛାଡ଼ିଲେ
ଶବବଦନ୍ତି ଦେହ ଭଲେ ।୩୨
ଶବବଦନ୍ତି ଦେହକ ଶୁଣ
ଏ ଦେହ ନାଶ ଯିବ ପୁଣ ।୩୩
ଶବଧ ଦେହେ ଯେବେ ଅଛି
ଅକ୍ଷର ଲାଗି ସେ ରହିଛି ।୩୪
ଶବଧରେ କାର୍ଯ୍ୟ ନାହିଁ
ଶବଦ ଲୀଳାଟି କରଇ ।୩୫

ଅକ୍ଷର ଯେବେ ନ ଲାଗିବ
ମହାଶୂନ୍ୟଙ୍କି ବୋଲାଇବ ।୩୬
ଅକ୍ଷର ଯେବେ ଚଳୁଥାଇ
ଏ ଦେହ କେବେ ହେଁ ନଯାଇ ।୩୭
ଅକ୍ଷର ଶୂନ୍ୟ ପିଣ୍ଡ କହି
ଲୀଳା କମନ୍ତେ ଚଳେ ଦେଖି ।୩୮

ଅକ୍ଷରୁ ଶରୀର ଜନ୍ମିଲା
ଅକ୍ଷର ବ୍ରହ୍ମାଣ୍ଡ ଘୋଟିଲା ।୩୯
ଅକ୍ଷର ମାୟା ଯେ ଜାଣିବ
କହିବା ଶୁଣି ତାଙ୍କ ଯିବ ।୪୦

ଅକ୍ଷର ମୁଖେ କହୁ ଥାଇ
ସେ ପୋଥିରେ କିଛି ନ ଦେଖଇ ।୮୧
ଜଳକା ହୋଇ ସ୍ୱର୍ଣ୍ଣ ବୃନ୍ଦ
ନ ପାଳଇ କିଛି ନ ଦେଖିଣ ।୮୨
ମୁଖରେ ସେହି ଅକ୍ଷର କହି
ସେହି ଅକ୍ଷର ନ ଲେଖା ହୋଇ ।୮୩
କିମ୍ପାଇଁ ନ ଜାଣିବ ଜାଣ
ମୁଖରେ କହୁଥାଇ ଶୁଣ ।୮୪
ଯେବେ ଲାଠି ଛିଡ଼ିଥାଇ
ପୋଥିରେ ତାହାକୁ ଦେଖଇ ।୮୫
ନୋହିଲେ ନ ଦିଶଇ ଶୁଣ
ଯେ କାହିଁ ଅକ୍ଷର ଜାଣିଣ ।୮୬
ଅକ୍ଷର ମୁଖେ କହୁ ଥାଇ
ଅକ୍ଷର ତାକୁ ନ ଦିଶଇ ।୮୭
ଏମନ୍ତ ଅକ୍ଷରଟି ମାୟା
ଦର୍ଶନ ନ ଦେଖାଇ କାୟା ।୮୮
ମାୟାରେ ମୋହିଛି ସଂସାର
ଏହା ଜ୍ଞାନ ବୁଝି ହେଉ ନର ।୮୯
କହଇ ଅରକ୍ଷିତ ଦାସ
ହେଉ ନେ ଦିଅ ପୀତବାସ ।୯୦
ଆହେ ସୁଜନ ମାନେ ଶୁଣ
ଅକ୍ଷର ଭାବ ମନେ ଗୁଣ ।୯୧

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମଣ୍ଡଳ ଗୀତା କଥନେ
ନାମ ପଞ୍ଚାଶୀତିତମୋଽଧ୍ୟାୟଃ ।

# ଷଡ଼ଶୀତିତମ ଅଧ୍ୟାୟ

ଅହେ ଚୈତନ୍ୟ ଦୟାକର
କହ ହେ ଅକ୍ଷର ବେଭାର ।୧
ଅକ୍ଷର ଏମନ୍ତ ମୋହିଛି
ଶୁଣି ମୋ ନ ପୂରଇ କିଛି ।୨
ତୁମ୍ଭ ମୁଖରୁ ଶୁଣି କଣ
ଘାରୁଛି କିଛି ସେ ନ ସ୍ଫୁରି ।୩
ମୋ ମନେ ହେଉ ସେ କରୁଅ
ହେ ପ୍ରଭୁ ଦୟା ମୋରେ ହୁଅ ।୪
ମନ ମୁଖରୁ ଶୁଣି ଏହା
ଭୋ ଠାରେ ଅଛି ଆମ୍ଭ ଦୟା ।୫
ସବୁତ କହିବ ବିସ୍ତାରି
ହେ ମନ ଶୁଣ ହେଉ କରି ।୬
ଅକ୍ଷର ମହିମା କୁ ଶୁଣ
ତା ଲାଗି ସବେ ଜାତ ପୁଣ ।୭
ଅକ୍ଷର ନ ଥିଲେ ହିଁ କହି
କେହୁ ବଞ୍ଚିବ ଦେହ ବହି ।୮
ଅକ୍ଷର ଲାଗି ସବେ ଛନ୍ତି
ସଂସାରେ ଲୀଳା ସେ କରନ୍ତି ।୯
ବଚନେ ସବେ ଆଚରନ୍ତ
ଅକ୍ଷର ଲାଗି ସେ ସମସ୍ତ ।୧୦

ବଚନ ନ କହିଲେ ଜାଣ
କେମନ୍ତେ କହିବଟି ପୁଣ ।୧୧
ଶବଦ ଅକ୍ଷର ଧଇଲା
ତେଣୁ ଟି ସବୁ ଜାତ ହେଲା ।୧୨
ଅକ୍ଷର ନ ଧଇଲେ ଶୁଣ
ଶବଦ କାହୁଁ ଜାତ ପୁଣ ।୧୩
ଅକ୍ଷର ଲାଗି ନାମ ବନ୍ଧ
ନ ଲାଗିଲେଟି ନାମ ନାହିଁ ।୧୪
ଅକ୍ଷର ମନ୍ତ୍ର ଯନ୍ତ୍ର ହେଲା
ନାନା ନାମଟି ବୋଲାଇଲା ।୧୫
ନାନା ଧ୍ୟାନଟି ମୁଦ୍ରା କହେ
ଅକ୍ଷର ସବୁଟି ଉଦୟେ ।୧୬
ନାନା ମାଳା ଜପକ ହୋଇ
ଅକ୍ଷର ସବୁଟି କହଇ ।୧୭
ନାନା ଭଜନ ଯେ ଆସନ
ଅକ୍ଷର ସବୁଟି କାରଣ ।୧୮
ନାନା ଯୋଗଟି ଯେ ଅଛଇ
ଅକ୍ଷର ସବୁଟି କହଇ ।୧୯
ନାଗାନ୍ତ ଅକ୍ଷରୁ ଜନ୍ମିଲା
ବେଦାନ୍ତ ଅକ୍ଷର ହୋଇଲା ।୨୦
ସିଦ୍ଧାନ୍ତ ଅକ୍ଷରୁଟି ଜାତ
ଯୋଗାନ୍ତ ଅକ୍ଷରୁ ସମ୍ଭୂତ ।୨୧
ନାନା ତିର୍ଥେ ଦେବେ ଅଛନ୍ତି
ଅକ୍ଷର ସବୁକୁ ଧରନ୍ତି ।୨୨
ନାନା ଜନ୍ତୁଟି ମନୁଷ୍ୟ
ଅକ୍ଷର ସବୁକୁଟି ବାନ୍ଧ ।୨୩
ଅମୃତ ଅକ୍ଷରୁ ଜନ୍ମିଲା
ବତିଶି ଅକ୍ଷର ହୋଇଲା ।୨୪

ଅକ୍ଷର ନ ଲାଗିଲେ ଶୁଣ
କହୁଟି ଜାତ ହୋଇବ ପୁଣ ।୨୫
ଅକ୍ଷର ଚାଲୁଛି ମାଲୁଛି
ଅକ୍ଷର ସବୁଟି କହୁଛି ।୨୬
ଅକ୍ଷର ନ ଲାଗିଲେ କହି
କେଉଁଣସି ପଦାର୍ଥ ନାହିଁ ।୨୭
ଅକ୍ଷର ନ ଲାଗିଲେ ଶୁଣ
ଲୁହାଟି କାହୁଁ ଜାତ ପୁଣ ।୨୮
ଅକ୍ଷର ଲାଗିବାକୁ କହ
ଲୁହାଟି ଅକ୍ଷରୁ ଜନ୍ମଇ ।୨୯
ଲୁହା ନ ଥିଲେ ନରଗଣ
କେମନ୍ତେ ହୋଇବେଟି ପୁଣ ।୩୦
ଲୁହା ଥିଲାକୁ ଘର କଲ
ନଗର ଅଟାଳି ପାଚେରି ।୩୧
ଲୁହା ଯୋଗକୁ ଦେଉଳ ସ୍ଥୀ
ଲୁହା ଥିଲାକୁଟି କରଇ ।୩୨
ଅକ୍ଷର ଲାଗି ଲୁହା ଜାତ
ତେଣୁଟି ନଗର ଯେ ବସ୍ତିତ ।୩୩
ବୃକ୍ଷ କାଟିକ ଯେ ଲୁହାରେ
ଲୁହା ନ ଥିଲେ କାଟି ହୋଇବ ।୩୪
ନାନା ଶସ୍ତ୍ରଟି ଲୁହା ଜାଣ
ଅକ୍ଷର ଲାଗି ଜାତ ପୁଣ ।୩୫
ତମ୍ବା ପିତଳ ସୀସା ହୋଇ
ଅକ୍ଷର ଲାଗି ଜାତ କହି ।୩୬
ରୁପା ରପଟି କଂସା ଜାଣ
ଅକ୍ଷର ଲାଗି ଜାତ ପୁଣ ।୩୭
ଖପରା ମିଶି ଅଛି ଥାଉ
ଶୁଣ ତୁମ୍ଭେ ଦେଖ ହେଉ ।୩୮

ଅସ୍ଥି ଧାତୁରୁ ନାନା ଦ୍ରବ୍ୟ
ଅକ୍ଷର ଲାଗି ହେଲେ ସର୍ବ ।୭୯
ନବରନ୍ଧ୍ରଟି ଯାହା କହି
ଅକ୍ଷର ଲାଗି ଜାତ ହୋଇ ।୮୦
ଅକ୍ଷର ନ ଥିଲେଟି ଶୁଣ
ଏ ସର୍ବ ଜାତ କାହୁଁ ପୁଣ ।୮୧
ଅକ୍ଷର ଧାରଣ ଶବଦ
ଜାତ କରୁଛି ଶୁଣ ଭେଦ ।୮୨
ଅକ୍ଷର ନ ଧଇଲେ ଶୁଣ
ଶବଦ ନ ବାହାରେ ପୁଣ ।୮୩
ଶବଦ ନ ବାହାରେ ଯେବେ
ଜାତ ହୋଇବେ କାହୁଁ ସର୍ବେ ।୮୪
ଶବଦ ଅକ୍ଷର ଧଇଲା
ଚଉଷଠି ଲୀଳା ଆରମ୍ଭିଲା ।୮୫
ଲୀଳାରେ ଅକ୍ଷର ଶବଦ
ଗୁପ୍ତ ବଚନ ନାହିଁ ଭେଦ ।୮୬
ଅକ୍ଷର ଶବଦ ମିଶିଣ
ଦେହକୁ ଧରିଛନ୍ତି ଶୁଣ ।୮୭
ଯେବେ ସେ ଦେହୁ ଛାଡି ଯାନ୍ତି
ଅକ୍ଷର ଶବଦେ ଲୁଚନ୍ତି ।୮୮
ଏମନ୍ତେ ଦେହ ହୋଏ ନାଶ
ନମଈଁ ଅରକ୍ଷିତ ବାସ ।୮୯
ଆହେ ସୁଜନ ମାନେ ଶୁଣ
ଅକ୍ଷର ମହିମା ଏହନ ।୯୦

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମନ୍ତ୍ରକ ଗୀତା କଥନେ
ନାମ ଷଡ଼ଶୀତିତମୋଽଧ୍ୟାୟଃ ।

---

# ସପ୍ତାଶୀତିତମ ଅଧ୍ୟାୟ

ହେ ମନ ଶୁଣ ମୁଁ କହଇ
ଅକ୍ଷର ଲାଗି କଥା ଯେହି ।୧
ଅକ୍ଷର ଥିଲାକୁଟି ଶୁଣ
ଗୁପ୍ତ ବଚନକୁ ଜାଣିଣ ।୨
ତୋଳ ଧଡ଼ିଟି ଯାହା କହି
ଅକ୍ଷର ଥିବାକୁ ଜାଣଇ ।୩
ସାତ ବାରଟି ଅଛି ଜାଣ
ଅକ୍ଷର ଥିବାକୁ ଜାଣିଣ ।୪
ବାର ମାସଟି ଯେ ହୋଇଲା
ଅକ୍ଷର ଥିବାକୁ ଜାଣିଲା ।୫
ଉଦର ତଥି ଯେ ଅଛଇ
ଅକ୍ଷର ସବୁଟି କହଇ ।୬
ଏଗାର କରଣଟି ଜାଣ
ଅକ୍ଷର ଥିବାକୁ ଜାଣିଣ ।୭
ବାର ଚନ୍ଦ୍ରଟି ଯାହା କହି
ଅକ୍ଷର ଲାଗି ସର୍ବ ହୋଇ ।୮
ନବ ଗ୍ରହଟି ଛନ୍ତି ଶୁଣ
ଅକ୍ଷର ସବୁ କହେ ଜାଣ ।୯

ଷଡ଼ ଚକ୍ରକୁଟି ଘାର୍ଣ୍ଣା କଣ୍ଠ
ଅକ୍ଷର ଲଗି ସବୁ ହୋଇ ।୧୦
ଦଶ ଭଙ୍ଗିଟି ଷଡ଼ରସ
ଅକ୍ଷର କରଇ ପ୍ରକାଶ ।୧୧
ଅକ୍ଷର ସବୁକୁଟି ଧାମ
ଦେଇଛୁ ଭୁଞ୍ଜ ଏବେ ଶୁଣ ।୧୨
ଦେବ ଗଣଟି ସାଧ୍ୟା କଣ୍ଠ
ଅକ୍ଷର ନାମଟି ଧରଇ ।୧୩
ସାଦାଙ୍କୁ ଦ୍ୱିଜେନ୍ଦ୍ର ଯେ ନାମ
ଅକ୍ଷର ଦେଇଅଛି ପୁଣ ।୧୪
ନରଗଣ ଯେତେ ଅଛନ୍ତି
ଅକ୍ଷର ନାମଟି ଧରଇ ।୧୫
ରାକ୍ଷସ ଗଣ ନାଗଗଣ
ଅକ୍ଷର ନାମଟି ଦେଇଣ ।୧୬
ଭୂତଗଣ ଯମଗଣ ହିଁ
ଅକ୍ଷର ନାମଟି ଧରଇ ।୧୭
ଗନ୍ଧର୍ବଗଣ ଯେ ପିତୃଗଣ
ଅକ୍ଷର ନାମଟି ଦେଇଣ ।୧୮
ତପଲୋକ ଦେବ ଲୋକ ହିଁ
ଅକ୍ଷର ନାମ ଦେଇଛନ୍ତି ।୧୯
ଜନ ଲୋକ ଯେ ମହ ଲୋକ
ଅକ୍ଷର କହିଛି ଅନେକ ।୨୦
ଧ୍ରୁବ ଲୋକ ବ୍ରହ୍ମ ଲୋକ ହିଁ
ଅକ୍ଷର ସବୁଟି କହଇ ।୨୧
ନାନା ରସଟି ଅଛି ଜାଣ
ଅକ୍ଷର ନାମଟି ଦେଇଣ ।୨୨
ଗୃହ ସ୍ୱର୍ଗ ବୋଲି ଅଛନ୍ତି
ଅକ୍ଷର ନାମଟି ଧରଇ ।୨୩

ସପ୍ତରେ ଯେତେ ସଖା ଅଛି
ଅକ୍ଷର ନାମଟି ଦେଇଛି ।୨୪
ଅକ୍ଷର ନ ଲଗିବ ଯହିଁ
କୌଣସି କଥା ନ କହଇ ।୨୫
ବେଦବେଦ ଗ୍ରନ୍ଥ ଅଛି ଶୁଣ
ଅକ୍ଷର ସବୁଟି କହିଣ ।୨୬
ପୁରାଣ ଭାଗବତ ହୋଇ
ଅକ୍ଷର ସବୁଟି କହଇ ।୨୭
ଅଠର ଖଣ୍ଡ ଯେ ଭାରତ
ଅକ୍ଷର ସବୁଟି କହିତ ।୨୮
ସାତ କାଣ୍ଡ ଯେ ରାମାୟଣ
ଅକ୍ଷର ସବୁଟି କହିଣ ।୨୯
ତେର ଖଣ୍ଡ ଯେ ହରିବଂଶ
ଅକ୍ଷର କରଇ ପ୍ରକାଶ ।୩୦
ସ୍କନ୍ଦ କେତେକ ପୁରାଣ ହିଁ
ଅକ୍ଷର ସବୁଟି କହଇ ।୩୧
ନାନା, ପୁରାଣ ଯେତେ ଶାସ୍ତ୍ର
କହିଲେ ନ ସରିବ ଗ୍ରନ୍ଥ ।୩୨
ଅକ୍ଷର ସବୁଟି କହଇ
ନାନା ପୁରାଣ ଯେ ସ୍ତୁତଇ ।୩୩
ନାନା ଗୀତାଟି ଯେତେ ଗ୍ରନ୍ଥ
ଅକ୍ଷର ସବୁ ଯେ କହନ୍ତି ।୩୪
ନାନାଦି ଶାସ୍ତ୍ର ଅଛି ପୁଣ
ଅକ୍ଷର ସବୁ କହେ ଜାଣ ।୩୫
ନାନା ବିଦ୍ୟା ଜ୍ୟୋତିଷ ଶାସ୍ତ୍ର
ଅକ୍ଷର ସବୁ ଅଛି ଛନ୍ଦ ।୩୬
ନାନା ଶାସ୍ତ୍ରଟି ଯେତେ ଶୁଣି
ଅକ୍ଷର ସବୁଟି କହିଣି ।୩୭

ନାନାଦି ଦେବତା ଅଛନ୍ତି
ଅକ୍ଷର ସବୁଙ୍କି କହନ୍ତି ।୭୮
ନାନାଦି ଯାତ୍ରା ଉପାସ ହିଁ
ଅକ୍ଷର ସବୁଙ୍କି କହଇ ।୭୯
ନାନାଦି ଗ୍ରାମ ଯେ ଅଛନ୍ତି
ଅକ୍ଷର ସବୁଙ୍କି କହନ୍ତି ।୮୦
ନାନା କୁଟ କପଟ ଅଛି
ଅକ୍ଷର ସବୁଙ୍କୁ ବାନ୍ଧିଛି ।୮୧
ନାନା ଉପାୟ ଯେ ଅଛଇ
ଅକ୍ଷର ସବୁଙ୍କି କହଇ ।୮୨
ଛଳ ମିଥ୍ୟାହିଁ ଯଲ୍ ଜାଣ
ଅକ୍ଷର ସବୁଙ୍କି କହଣ ।୮୩
କର୍ମସ୍ଥି: ମାୟା ଯେ ସଂସାରେ
ଅକ୍ଷର ସିନା ସର୍ବ କରେ ।୮୪
ଧର୍ମ ଅଧର୍ମ ପାପ ପୁଣ
ଅକ୍ଷର ସର୍ବ କରେ ଜାଣ ।୮୫
ଅକ୍ଷର ଲାଗି ଜିନା ମରେ
ଅକ୍ଷର ଲାଗି ସିନା ତରେ ।୮୬
ଅକ୍ଷର ଲାଗି ଜାତି ହୋଇ
ଅକ୍ଷର ଲାଗିଟି ମରଇ ।୮୭

ଚଉଦ ମାୟା କୂଟ କରି
ଅକ୍ଷର ମାରୁଅଛି ଧରି ।୮୮
ଅକ୍ଷର ସର୍ବ ଜାତ କରେ
ଅକ୍ଷର ସର୍ବଟି ସଂହାରେ ।୮୯
ଅକ୍ଷର ତେଜ ବଳେ ଶୁଣ
ସମସ୍ତେ ହୁଅନ୍ତି ଦହନ ।୯୦
ଅକ୍ଷର ଶୀତଳ ଅଟନ୍ତି
ହେମ ଲାଗି ସର୍ବେ ମରନ୍ତି ।୯୧
ଅକ୍ଷର ଏମନ୍ତଟି ଶୁଣି
ହେ ମନ ସାବଧାନେ ଶୁଣ ।୯୨
ମନ ଶୁଣି ଉଦ୍ବେ ବୋଲଇ
ହେ ପ୍ରଭୁ ଦୟାକର ତୁମ୍ଭେ ।୯୩
ତୁମ୍ଭ ମୁଖରୁ ଏହା ଶୁଣି
ଦମା ମନେ ବଡ଼ ଭୟ ପୁଣି ।୯୪
ଅକ୍ଷର ଏମନ୍ତ ବେଭାର
ହେ ପ୍ରଭୁ ଏଥୁ ପାରିକର ।୯୫
ହେ ପ୍ରଭୁ ଭୟ କର ନାଶ
ଜଗାଇ ଅରକ୍ଷିତ ଦାସ ।୯୬
ଅହେ ସୁଜନ ମାନେ ତୁମ୍ଭେ
ଅକ୍ଷରକୁ ସେ ଧର ସର୍ବେ ।୯୭

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା
ବର୍ଣ୍ଣନେ ନାମ, ସପ୍ତାଶୀତିତମୋଽଧ୍ୟାୟଃ ।

# ଅଷ୍ଟାଶୀତିତମ ଅଧ୍ୟାୟ

ଅହେ ଚୈତନ୍ୟ ବସ୍ତୁ କର
ଏ ଦେହ ଗୁଡ଼ିକ ନକର ।୧
ଏ ଦେହେ ମୂର୍ଖେ ଯେ ଭ୍ରମିଲ
ନାନା କଷ୍ଟକି ସେ ପାଇଲ ।୨
ଏ କଷ୍ଟ ସଙ୍ଗ ନ ପାଉଛ
ଏ ଦେହୁ ପାଶୋରକ କୃଷ୍ଣ ।୩
ମନ ମୁଖନ୍ତ ଏହା ଶୁଣି
ଭସ୍ମ ନକର ଏବେ ପୁଣି ।୪
ତୋର ଉତ୍ପତ୍ତି କହାଇବା
ତୋ ମନୁ ସଂଶୟ ପେଡ଼ିବା ।୫
ଏବେ ତୁ ଶୁଣ ମନଦେଇ
ଅକ୍ଷର ମହିମା କହଇ ।୬
ନିରାଶୂନ୍ୟ ବୋଲିଣ ଦେଖ
ଅକ୍ଷର ହୋଇଅଛି ଲକ୍ଷ ।୭
ଭର୍ତ୍ତିରୁ ଆକାଶ ଜନ୍ମିଲ
ଅକ୍ଷର ନାମ ଶିବା ହେଲ ।୮
ଅକ୍ଷର ଥିବାରୁ କହି
ଆକାଶ ନାମ ଛନ୍ତି ନେଇ ।୯
ଆକାଶୁ ପବନ ଜନ୍ମଇ
ଅକ୍ଷର ନାମଟି ଧରଇ ।୧୦
ଅକ୍ଷର ନଥିଲେଟି ଶୁଣ
ପବନ ବୋଲି କେ ଜାଣିନ ।୧୧
ପବନୁ ଅଗ୍ନି ଜାତ ହୋଇ
ଅକ୍ଷର ନାମଟି ଧରଇ ।୧୨
ଅକ୍ଷର ନଥିଲେଟି ଶୁଣ
ଅଗ୍ନି ବୋଲନ୍ତି କେ ଜାଣିନ ।୧୩
ଅଗ୍ନିରୁ ଜଳ ଜାତ ହୋଇ
ଅକ୍ଷର ନାମଟି ଧରଇ ।୧୪
ଅକ୍ଷର ନଥିଲେଟି ଶୁଣ
ଜଳ ବୋଲିଟି କେ ଜାଣିଣ ।୧୫
ଜଳରୁ ପୃଥ୍ୱୀ ଜନ୍ମିଲ
ଅକ୍ଷର ନାମ ଶିବା-ଦେଲ ।୧୬
ଅକ୍ଷର ନଥିଲେଟି କହି
ପୃଥ୍ୱୀ ବୋଲିଟି କେ ଜାଣଇ ।୧୭
ଅକ୍ଷରୁ ଏତୁକ ଜନ୍ମ
ଲୀଳା ନିମନ୍ତେ ଜାତ ଶୁଣ ।୧୮
ଏ ପଞ୍ଚଭୂତ ଏ ସଂସାରେ
ଅକ୍ଷର ଧରି ଲୀଳା କରେ ।୧୯
ଅକ୍ଷର ନ ଲଭିଲେ ଶୁଣ
ଆକାଶ କହୁଁ ଜାତ ପୁଣ ।୨୦
ଅକ୍ଷର ନ ଲଭିଲେ କହି
ପବନ କେବେ ନ ବହଇ ।୨୧
ଅକ୍ଷର ନ ଲଭିଲେ ଶୁଣ
ଅଗ୍ନିଟି ଜାତ କେବେ ପୁଣ ।୨୨
ଅକ୍ଷର ନ ଲଭିଲେ କହି
ଜଳଟି କେବେ ଜାତ ହୋଇ ।୨୩
ଅକ୍ଷର ନ ଲଭିଲେ ଶୁଣ
ପୃଥ୍ୱୀଟି ଜାତ କେବେ ପୁଣ ।୨୪

ପୃଥ୍ୱୀ ଅକ୍ଷର ଧରିଛି
ମାଧବ ରୂପରେ ପଡ଼ିଛି ।୨୫
ତାର ଉପରେ ଲୀଳା କରେ
ସମସ୍ତ ସୃଷ୍ଟି ସହି ଧରେ ।୨୬
ବାସୁକି ଅକ୍ଷର ଧରିଛି
ପୃଥ୍ୱୀ ତାର ଶିରେ ଅଛି ।୨୭
ଅକ୍ଷରକୁ ଯେ ଆଶ୍ରେ କଲା
ଭିକ ପ୍ରାପ୍ତେ ପୃଥ୍ୱୀ ଧରିଲା ।୨୮
ଏମନ୍ତେ ଅକ୍ଷର ମହିମା
କେହି ନ ଜାଣନ୍ତି ତାର ସୀମା ।୨୯
ଆକାଶ ଅକ୍ଷର ଧରିଣ
ତା ଗର୍ଭେ ଛନ୍ତି ସର୍ବେ ଶୁଣ ।୩୦
ଜଳ ପବନ ଅଗ୍ନି ଛନ୍ତି
ଅକ୍ଷର ଧରିଣ ଭ୍ରମନ୍ତି ।୩୧
ଏ ଶବ୍ଦ ଆକାଶ ଗର୍ଭରେ
ଭ୍ରମୁ ଅଛନ୍ତି ନିରନ୍ତରେ ।୩୨
ଅକ୍ଷର ନ ଧରିଲେ ଜାଣ
ଭୂମିରେ ଏହୁ କାହିଁ ପୁଣ ।୩୩
ସ୍ୱର୍ଗ ମର୍ତ୍ତ୍ୟ ପାତାଳ କହି
ଅକ୍ଷରୁ ଜାତ ହେଲେ ସେହି ।୩୪
ଅକ୍ଷର ନ ଥିଲେଟି ଶୁଣ
ମର୍ତ୍ତ୍ୟ ବୋଲନ୍ତି କେ ଜାଣିଣ ।୩୫
ଅକ୍ଷର ନ ଥିଲେଟି କହି
ପାତାଳ ବୋଲି କେ ଜାଣଇ ।୩୬
ଅକ୍ଷର ନ ଥିଲେଟି ଶୁଣ
ସ୍ୱର୍ଗ ବୋଲନ୍ତି କେ ଜାଣିଣ ।୩୭
ଅକ୍ଷର ନ ଥିଲେଟି କହି
ଇନ୍ଦ୍ର ବୋଲନ୍ତି କେ ଜାଣଇ ।୩୮
ଇନ୍ଦ୍ର ହି ଅକ୍ଷର ଧରିଲା
ସ୍ୱର୍ଗରେ ଅଧିପତି ହେଲା ।୩୯
ଅକ୍ଷର ଶଚୀହିଁ ଧରିଣ
ନବ ସୁଖରେ ଅଛି ପୁଣ ।୪୦
ଅକ୍ଷର ନ ଥିଲେଟି କହି
ଶଚୀ ବୋଲନ୍ତି କେ ଜାଣଇ ।୪୧
ଅକ୍ଷର ନ ଥିଲେଟି ଶୁଣ
ରମ୍ଭା ମେନକା କେ ଜାଣିଣ ।୪୨
ଅକ୍ଷର ନ ଥିଲେଟି କହି
ଅପସରୀ ବୃନ୍ଦ କେ ଜାଣଇ ।୪୩
ଅକ୍ଷର ନ ଥିଲେଟି ଶୁଣ
ଐରାବତ କେ ଜାଣିଣ ।୪୪
ଅକ୍ଷର ନ ଥିଲେଟି କହି
ଯମ ବୋଲନ୍ତି କେ ଜାଣଇ ।୪୫
ଅକ୍ଷର ନ ଥିଲେଟି ଶୁଣି
ମୃତ୍ୟୁ ବୋଲନ୍ତି କେ ଜାଣିଣି ।୪୬
ଅକ୍ଷର ନ ଥିଲେଟି କହି
କାଳ ବୋଲନ୍ତି କେ ଜାଣଇ ।୪୭
ଅକ୍ଷର ନ ଥିଲେଟି ଶୁଣି
ଚନ୍ଦ୍ର ସୂର୍ଯ୍ୟେ କେ ଜାଣିଣ ।୪୮
ଅକ୍ଷର ନ ଥିଲେଟି କହି
କୁବେର ବୋଲି କେ ଜାଣଇ ।୪୯
ଅକ୍ଷର ନ ଥିଲେଟି ଶୁଣି
ବୃହସ୍ପତି କେ ଜାଣିଣ ।୫୦
ବୃହସ୍ପତି ଅକ୍ଷର ଧରିଛି
ଦେବ ଗୁରୁ ବୋଲାଉଛି ।୫୧
ଅକ୍ଷର ନ ଥିଲେଟି କହି
ଶକ୍ତି କହନ୍ତା କାହୁଁ ଗୁହିଁ ।୫୨

ଅକ୍ଷର ଧଣ୍ଡିବାରୁ ସେକ୍ଷି
ସକଳ ତାଙ୍କୁ ତୁଲ୍ୟ ହୋଇ ।୪୩
ଅକ୍ଷର ନ ଥିଲେଟି ଶୁଣ
ସେ କାହିଁ ବେଦ ଯେ କହିଣ ।୪୪
ଏମନ୍ତେ ଅକ୍ଷରଙ୍କ ଗୁଣ
ତେବେ ନିଜ ଚେତ ମନେ ଘେନ ।୪୫
ନିମାଇ ଅଚ୍ୟୁତ ଦାସ
ତୁମ୍ଭ ଚରଣେ ମୋର ଆଶ ।୪୬
ଆହେ ସୁଜନ ମାନେ ଶୁଣ
ଅକ୍ଷର ବୁଝି ମନେ ଘେନ ।୪୭

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମଣ୍ଡମଣ୍ଡଳ ଗୀତା କଥନେ
ନାମ ଅଷ୍ଟାଶୀତିତମୋଽଧ୍ୟାୟଃ ।

# ଏକୋନ ନବତିତମ ଅଧ୍ୟାୟ

ହେ ଚକ୍ଷୁ ଅକ୍ଷରଙ୍କ ଗୁଣ
ଶୁଣିବ ଭଲେ ହେ ବଚନ ।୧
ମନ ମୁଖରୁ ଏହା ଶୁଣି
ଚୈତନ୍ୟ କହେ ମୃଦୁବାଣୀ ।୨
ଅକ୍ଷର ମହିମା ମୁଁ ତୋତେ
କହିବି ଶୁଣ ତୁ ଗୁପତେ ।୩
ଅକ୍ଷର ସବୁଙ୍କି କି ନାମ
ଦେଉଛି ତୁମ୍ଭି ଏବେ ଶୁଣ ।୪
ଅକ୍ଷର ନ ଥିଲେଟି କହି
ବରୁଣ ବୋଲି କେ ଜାଣଇ ।୫
ଅକ୍ଷର ନ ଥିଲେଟି ଶୁଣ
ଚନ୍ଦ୍ର ବୋଲନ୍ତି କେ ଜାଣିଣ ।୬
ଅକ୍ଷର ନ ଥିଲେଟି କହି
ସୂର୍ଯ୍ୟ ବୋଲନ୍ତି କେ ଜାଣଇ ।୭
ଅକ୍ଷର ନ ଥିଲେଟି ଶୁଣ
ନକ୍ଷତ୍ର ବୋଲି କେ ଜାଣିଣ ।୮
ତାହାଙ୍କ ନାମ ଅଛି ଯେତେ
ଅକ୍ଷର ଦେଲନ୍ତି ଗୁପତେ ।୯
ଅକ୍ଷର ନ ଥିଲେଟି ଶୁଣ
ଆଦ୍ୟ ଶକ୍ତି କେ ଜାଣିଣ ।୧୦
ଅକ୍ଷର ନ ଥିଲେଟି କହି
ଅନାଦି ବୋଲି କେ ଜାଣଇ ।୧୧
ଅକ୍ଷର ନ ଥିଲେଟି ଶୁଣ
ନିରାକାରଙ୍କୁ କେ ଜାଣିଣ ।୧୨
ଅକ୍ଷର ନ ଥିଲେଟି କହି
ବିଷ୍ଣୁ ବୋଲନ୍ତି କେ ଜାଣଇ ।୧୩
ଅକ୍ଷର ନ ଥିଲେଟି ଶୁଣ
ବ୍ରହ୍ମା ବୋଲନ୍ତି କେ ଜାଣିଣ ।୧୪
ବ୍ରହ୍ମା ଅକ୍ଷର ଆଶ୍ରେ କଲେ
ଏକାକ ସୃଷ୍ଟି କି ସର୍ଜିଲେ ।୧୫
ଅକ୍ଷର ନ ଥିଲେଟି କହି
ବସ୍ତୁ ବୋଲନ୍ତି କେ ଜାଣଇ ।୧୬

ବିଷ୍ଣୁ ଅକ୍ଷରକୁ ଧରଣି
ସକଳ ସୃଷ୍ଟି ପାଳେ ପୁଣ ।୧୭
ଅକ୍ଷର ନ ଥିଲେଟି କହ
ଶିବ ବୋଲିଟି କେ ଜାଣେ ।୧୮

ଈଶ୍ୱରେ ଅକ୍ଷର ଧରଣି
ସକଳ ସୃଷ୍ଟି ନାଶେ ପୁଣ ।୧୯
ଏମନ୍ତେ ଅକ୍ଷର ମହିମା
ସ୍ୱାଙ୍କ ଆଜ୍ଞିତେ ସର୍ବେ ସିମା ।୨୦
ସମସ୍ତ ଅକ୍ଷର ଧର୍ଣ୍ଣି
ଲୀଳା ଯେ କରୁଛନ୍ତି ପୁଣ ।୨୧

ଅକ୍ଷର ଅସ୍ତ୍ରେ ଯେ ନ କଲେ
ଲୀଳାଟି କେବେ ନାହିଁ ଭଲେ ।୨୨
ମେଘଟି ଅକ୍ଷର ଧଇଲେ
ପୃଥ୍ୱୀରେ ଜଳ କରୁଛିଲେ ।୨୩
ଅକ୍ଷର ନ ଲଗିଲେ ଜାଣ
ମେଘ ବରଷେ କାହିଁ ପୁଣ ।୨୪

ମେଘ ନ ବରଷିଲେ କହ
କେଉଁ ବର୍ଷକ ଦେଖ କହି ।୨୫
ଅକ୍ଷର ଲାଗି ଜଳ ଉଠେ
ପୃଥ୍ୱୀରେ ଜଳଟି ବଢ଼ରେ ।୨୬
ଅକ୍ଷର ଜଳଟି ଧରଣି
ତେଣୁ ବଢ଼ରେ ସର୍ବ ସ୍ଥାନ ।୨୭
ଅକ୍ଷର ନ ଲାଗିଲେ କହ
ଲଟି କେବେ ନ ବଢ଼ଇ ।୨୮
ଅକ୍ଷର ସର୍ବ ଲୀଳା କରେ
ତାଙ୍କୁ କେ ଜାଣେ ସଂସାରେ ।୨୯
ଅକ୍ଷର ନ ଥିଲେଟି କହି
ବୃଷ୍ଟି ମେଘଟି କେ ଜାଣଇ ।୩୦

ଆବର୍ତ୍ତ ମେଘ ବୋଲି ଜାଣ
ଅକ୍ଷର ନାମଦେଇ ଶୁଣ ।୩୧
ପୁଷ୍କର ମେଘ ବୋଲି କହ
ଅକ୍ଷର ନାମଟି ଧଅଇ ।୩୨

ସମ୍ବର୍ତ୍ତ ମେଘବୋଲି ଜାଣ
ଅକ୍ଷର ନାମଟି ଦେଇଣ ।୩୩
ଦ୍ରୋଣ ମେଘ ବୋଲିଣ କହି
ଅକ୍ଷର ନାମଟି ଧଅଇ ।୩୪
ଏମନ୍ତେ ଚାରିମେଘ ଛନ୍ତି
ଅକ୍ଷର ଲାଗିଟି ଭ୍ରମନ୍ତି ।୩୫
ଅକ୍ଷର ନ ଲାଗିଲେ ଜାଣ
ମେଘ ଗର୍ଜିବ କାହୁଁ ପୁଣ ।୩୬

ଅକ୍ଷର ଲାଗିଲେଟି କହି
ଘଡ଼୍ ଘଡ଼ି ଶୁଣି ଯେ ଭୂଇଁ ।୩୭
ଅକ୍ଷର ଯେବେ ନ ଲାଗିବ
ଶବଦ କାହୁଁ ପ୍ରକାଶିବ ।୩୮
ଅକ୍ଷର ନ ଲାଗିଲେ କହି
ବେଦଟି କେବେ ନ ଆସଇ ।୩୯

ଅକ୍ଷର ନ ଲାଗିଲେ ପୁଣ
ଋକ ବେଦଟି କେ କହିଣ ।୪୦
ଋକ୍ ବେଦ ବୋଲିଣ କହି
ଅକ୍ଷର ନାମଟି ଧଅଇ ।୪୧
ଶ୍ୟାମ ବେଦ ବୋଲିଣ ଜାଣ
ଅକ୍ଷର ନାମଟି ଦେଇଣ ।୪୨

ଅଥର୍ବ ବେଦ ବୋଲି ଦେଖ
ଅକ୍ଷର ନାମଟି ଧଅଇ ।୪୩
ଯଜୁର୍ବେଦ ବୋଲିଟି ଶୁଣି
ଅକ୍ଷର ନାମଟି ଦେଇଣ ।୪୪

ଏମନ୍ତେ ସୃଷ୍ଟିବେଦ କହୁ
ଅକ୍ଷର ଜାଗିଛି ଚଳନ୍ତୁ ।୮୫
ଶୀଘ୍ର ବେଦଙ୍କି ଶୂନ୍ୟ ରକ୍ଷି
ଏମନ୍ତେ ପଞ୍ଚବେଦ ହୋଇ ।୮୬
ଏମନ୍ତ ଅକ୍ଷରଙ୍କ ଗୁଣି
ନାମ ହୋଇଛି ସେ ଭାକଣ ।୮୭
ଏମନ୍ତ ଅକ୍ଷରଙ୍କ ମାୟା
ଲୁଚିଣ ତୁମ୍ଭ ଅଛି କାୟା ।୮୮
ମନ ଶୁଣି ଆନନ୍ଦ ହୋଇ
ବୋଲଇ କର ଯୋଡ଼ି ହୋଇ ।୮୯
ମୁଁ ତୁମ୍ଭ ଚରଣେ ଶରଣ
ତମାଟେ ଉଦ୍ଧର ଭଗବାନ ।୯୦
କହଇ ଅକ୍ଷିତ ଦାସ
ମୁଁ ତୁମ୍ଭ ଚରଣରେ ଆଶ ।୯୧
ଆହେ ସୁଜନ ଯେ ସମସ୍ତେ
ମୋପାଟେ ଦୟା ଥିବ ଚିତ୍ତେ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା କଥନେ
ନାମ ଏକୋନନବତିତମୋଽଧ୍ୟାୟଃ ।

---

# ନବତିତମ ଅଧ୍ୟାୟ

ହେ ମନ ଶୁଣ ଏବେ ତୁମ୍ଭେ
ଅକ୍ଷର ଲୀଳା କହୁଅଛି ।୧
ସପ୍ତ ସମୁଦ୍ର ତୁମ୍ଭେ ଶୁଣ
ଅକ୍ଷର ନାମ ହେଲା ପୁଣ ।୨
ସମୁଦ୍ର ଅକ୍ଷର ଧରିଛି
ଲହଡ଼ି ଆସୁଛି ଯାଉଛି ।୩
ଅକ୍ଷର ଲାଗି ଗରଜଇ
ନ ଲାଗିଲେ ଚଳନ୍ତ ନାହିଁ ।୪
ଅକ୍ଷର ମେଳି ସେ ଆଣଇ
ଅକ୍ଷର ହେଲା ସେ ନାଶଇ ।୫
ଅକ୍ଷର କହଇ ମାରଣ
ଷଣେ ବଞ୍ଚାନ ନାହିଁ ଶୁଣ ।୬
ହେ ମନ ଶୁଣ ଏବେ ତୁମ୍ଭେ
ଅକ୍ଷର ଏମନ୍ତ ଅଟଇ ।୭
ଅକ୍ଷର ସପ୍ତକୁଳି ଗୁଳେ
ଭୂମି ଆଚ୍ଛାଦି ଧଇ ଥାନେ ।୮
ଅକ୍ଷର ସପ୍ତକୁଳି ନାମ
ହୋଇଛି ତୁମ୍ଭେ ଏବେ ଶୁଣ ।୯
ମୀନ ରୂପଟି ଯାହା କହି
ଅକ୍ଷର ନାମଟି ବହଇ ।୧୦
କୂର୍ମ ରୂପଟି ଯାହା ଶୁଣ
ଅକ୍ଷର ନାମ ହେଲା ପୁଣ ।୧୧
ବରାହ ରୂପ ବୋଲି କହି
ଅକ୍ଷର ନାମଟି ବହଇ ।୧୨

ନରସିଂହ ରୂପଟି ଜାଣ
ଅକ୍ଷର ନାମଟି ଦେଇଣ ।୧୩
ବାମନ ରୂପ ଯାହା କହି
ଅକ୍ଷର ନାମଟି ଧରଇ ।୧୪
ପରଶୁ ରୂପ ଯାହା ଶୁଣ
ଅକ୍ଷର ନାମଟି ଦେଇଣ ।୧୫
ରାମ ରୂପଟି ଯାହା କହି
ଅକ୍ଷର ନାମଟି ଧରଇ ।୧୬
ବଳରାମ ରୂପଟି ଶୁଣ
ଅକ୍ଷର ନାମଟି ଦେଇଣ ।୧୭
ବଉଦ୍ଧ ରୂପ ଯାହା କହି
ଅକ୍ଷର ନାମଟି ଧରଇ ।୧୮
କଳକି ରୂପ ବୋଲି ଶୁଣ
ଅକ୍ଷର ନାମଟି ଦେଇଣ ।୧୯
ଏମନ୍ତେ ଦଶ ଅବତାର
ଅକ୍ଷର ନାମ ଦେଲି ସାର ।୨୦
ଆଉଟି ଅବତାର ଯେତେ
ଅକ୍ଷର ନାମ ଦେଲି ଚେତେ ।୨୧
ନବ ଖଣ୍ଡ ପୃଥିବୀ ଜାଣ
ଅକ୍ଷର ନାମ ଦେଲି ପୁଣ ।୨୨
ନବ ଦ୍ୱୀପ ଟି ଯାହା କହି
ଅକ୍ଷର ନାମଟି ଧରଇ ।୨୩
ଚଉଦ ବ୍ରହ୍ମାଣ୍ଡଟି ଜାଣ
ଅକ୍ଷର ନାମ ଦେଲି ପୁଣ ।୨୪
ସପ୍ତ ପାତାଳ ଯାହା କହି
ଅକ୍ଷର ନାମଟି ଧରଇ ।୨୫
ବ୍ରହ୍ମାଣ୍ଡେ ଯେତେ ଜାତି ଜାଣ
ଅକ୍ଷର ନାମ ଦେଲି ପୁଣ ।୨୬

ଅନନ୍ତ କୋଟି ବ୍ରହ୍ମାଣ୍ଡ ହିଁ
ଅକ୍ଷର ନାମଟି ଧରଇ ।୨୭
ସ୍ୱର୍ଗ ଖାନି ଯାକୁ ଟି ପୁଣ
ଅକ୍ଷର ନାମଟି ଦେଇଣ ।୨୮
ସ୍ଥାବର ଯେତେକ ଅଛଇ
ଅକ୍ଷର ନାମଟି ଧରଇ ।୨୯
ଜଙ୍ଗମ ଯେତେକ ଅଛନ୍ତି
ଅକ୍ଷର ନାମଟି ଧରନ୍ତି ।୩୦
ଜୀବ ଅଛନ୍ତି ଯେତେ ପୁଣି
ଅକ୍ଷର ନାମଟି ଦେଇଣି ।୩୧
ପକ୍ଷୀ ଯେତେ ଅଛଇ
ଅକ୍ଷର ନାମଟି ଧରଇ ।୩୨
ତଳନ୍ତା ଦେବିଧ କୋଟି ଜାଣ
ଅକ୍ଷର ଦ୍ୱୀକଙ୍କି ପୁଣ ।୩୩
ନାସ୍ତିକ ଦେବିଧ କୋଟି ବୋଲି
ଅକ୍ଷରେ ରଚିଣୀ ଅଛଇ ।୩୪
ଗୁପ୍ତା ଚଉଦ କୋଟି ଜାଣ
ଅକ୍ଷର ଲୁଣ୍ଡାଇଛି ପୁଣି ।୩୫
ଗୁପ୍ତା ଚଉଦ କୋଟି ଛନ୍ତି
ଅକ୍ଷର ଗୁଣ୍ଠାଇ ରଖନ୍ତି ।୩୬
ବ୍ରହ୍ମାଙ୍କୁ ବ୍ରହ୍ମଯାଏ ଜାଣି
ଅକ୍ଷର ଆଦେଶ ରହେ ପୁଣି ।୩୭
ଦେବତାଙ୍କ ଯେତେ ଶବଦ
ଅକ୍ଷର ଆଦେଶ କରି ସତ୍ୟ ।୩୮
ରୁଦ୍ରଙ୍କ ଠାରୁ ଯେତେ ଦେବ
ଅକ୍ଷର ଆଦେଶ ଛନ୍ତି ସବ ।୩୯
କାକୁ ଗରୁଡ଼ ଯାଏ ଜାଣି
ଅକ୍ଷର ଆଦେଶ ରହେ ପୁଣି ।୪୦

ଅଶ୍ୱତ୍ଥ ଠାରୁ ସୂକ୍ଷ୍ମ ସେହି
ଅକ୍ଷର ଆଶ୍ରନ୍ତି ସମସ୍ତେ ।୫୧
ସିଂହକୁ ଗଣ୍ଡିପୋକ ଖାଏ
ଅକ୍ଷର ଆଜ୍ଞା ସଙ୍ଗ ଗୁଣେ ।୫୨
ଛପନ କୋଟି ମେଘ ଜାଣ
ଅକ୍ଷର ଲାଗି ଲୀଳାପୂର୍ଣ୍ଣ ।୫୩
ଅକ୍ଷର ଆଡ ପାତ କରେ
ଅକ୍ଷର ଖଣ୍ଡନ୍ତି ସଂସାରେ ।୫୪
ଅକ୍ଷର ନ ଥିଲେକି କଣ
କଳ୍ପନ ରକ୍ଷି ନ ପାରଇ ।୫୫
ଛପନକୋଟି ବାଦ୍ୟନ୍ତି ପୂରେ
ଅକ୍ଷର ନାମନ୍ତି ଦେଇଣ ।୫୬
ଅକ୍ଷର ନ ଲାଗିଲେ କେହି
ବାଦ୍ୟ ବାଜିବ ଅବା କାହିଁ ।୫୭
ଛପନ କୋଟି ବାଦ୍ୟନ୍ତି ଛନ୍ଦ
ଅକ୍ଷର ଲାଗିଣ ବାଜନ୍ତି ।୫୮
ଅକ୍ଷର ନ ଲାଗିଲେ କେହ୍ନେ
ଶବଦ ବାହାର ନ ହୋଇ ।୫୯
ଅକ୍ଷର ଶବଦ ଘୋଷାଇ
ରହିଛି ତାହାଙ୍କୁ ଲୁଚାଇ ।୬୦
ଅକ୍ଷର ଚଳିଲେ ବାଜିଲ
ଶବଦେ ବ୍ରହ୍ମାଣ୍ଡ କମ୍ପିଲ ।୬୧
ଅକ୍ଷର ଶବଦ ଘାତରେ
ପୃଥ୍ୱୀ କମ୍ପଇ ଥରହରେ ।୬୨
ଅକ୍ଷର ମହା ଶକ୍ତି ହୋଇ
ଅକ୍ଷର ମହା ଭଣ୍ଡାରଇ ।୬୩
ଏମନ୍ତେ ଅକ୍ଷରଙ୍କ ଗୁଣ
କେହି ନ ଜାଣନ୍ତି ସେ ପୁଣ ।୬୪
ତୋ ଠାରେ ମୋର ଦୟା ହେଲୁ
ପଚାରିଲୁ ସେ କହେ ଶୁଣ ।୬୫
ଅତି ଗୁପତ ଏହୁ ବାଣୀ
କେହି ନ ଜାଣନ୍ତି ସେ ପୁଣି ।୬୬
ତୁ ଯେଣୁ ପଚାରିଲୁ ମୋତେ
ତେଣୁ ମୁଁ କହିଲି ଗୁପତେ ।୬୭
ତୋ ଠାରେ ମୋର ମାୟା ନାହିଁ
ତେଣୁ ମୁଁ କହିଲି ବୁଝାଇ ।୬୮
ହେ ମନ ଅକ୍ଷରକୁ ଧର
କାହାକୁ ଭୟ ତୁ ନ କର ।୬୯
ହେ ମନ ଅକ୍ଷରକୁ ଘୋଷ
ନମଇ ଅଚ୍ୟୁତ ଦାସ ।୭୦
ଆହେ ସୁଜନ ମାନେ ଶୁଣ
ଅକ୍ଷର ଭବ ମନେ ଘେନ ।୭୧

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମଧୁମଣ୍ଡଳ ଗୀତା
କଥନେ ନାମ ନବତ୍ରିଂଶତମୋଽଧ୍ୟାୟଃ ।

# ଏକନବତିତମ ଅଧ୍ୟାୟ

ମନ କହୁଛି ପ୍ରଭୁ ଶୁଣ
ଅକ୍ଷର ଧରିବ କେମନ ।୧
ମୋରେ ସୁବୁଦ୍ଧି ଭୁଲେ ଦିଅ
କ ରୂପେ ଧରିବି ମୁଁ କହ ।୨
ମନ ମୁଖରୁ ଏହା ଶୁଣି
ଚୈତନ୍ୟ କହନ୍ତି ଶୁଣ ପୁଣି ।୩
ଅଣ ପାଖରେ ତୁ ବାନ୍ଧିବୁ
ତେବେ ଅକ୍ଷରକୁ ଧରିବୁ ।୪
ନୋହିଲେ କେବେ ନ ରହଇ
ହେ ମନ ଶୁଣ ରଖ ବୁଝି ।୫
ଅକ୍ଷର ଯେବେ ତୁ ଧରିବୁ
ଯାହା ଚାହିଁବୁ ତା କରିବୁ ।୬
ଅକ୍ଷର ଆଣି ତୋତେ ଦେବ
ତୋ ହାତ ତଳେ ଖଟାଇବ ।୭
ଅକ୍ଷର ସବୁକୁ ବାନ୍ଧଣ
ରଖିଛି ମନ ବୁଝି ଶୁଣ ।୮
ଯା ନାମ ଧରି ତୁ ଡାକିବୁ
ଅବଶ୍ୟ ତାହାକୁ ଦେଖିବୁ ।୯
ଅକ୍ଷର ବାନ୍ଧିଛି ଆଣିକ
ତାର ଅଭୂତ ଯେ ନ ଥିବ ।୧୦
ବନା ପାଖଚି ଏ ଅଟଇ
ଅକ୍ଷର ବାନ୍ଧିଛି ଅଣକୁ ।୧୧
ଅକ୍ଷର ମନ୍ତ୍ର ଯେ ହୋଇଛି
ସବୁକୁ ବାନ୍ଧଣ ରଖିଛି ।୧୨
ବ୍ରହ୍ମାଦି ଦେବାସୁର ନରେ
ବାନ୍ଧିଛି ଅକ୍ଷର ଭୂତରେ ।୧୩
ଯାହାର ରୂପ ବର୍ଣ୍ଣି ନାହିଁ
ଅକ୍ଷର ବାନ୍ଧିଛି ଯେ କହି ।୧୪
ଯେଉଁ ଦେବତା ନାମଧରି
ମନ୍ତ୍ର ପଢ଼ିବୁ ହୃଦେ ଭରି ।୧୫
ଅକ୍ଷର ଧରିଛି ଆଣିକ
ତୋ ଆଗେ ଛିଡ଼ା କରାଇବ ।୧୬
ତୋ ମନେ ଯାହା ଚାହିଁଥିବୁ
ମାଗିଣ ତାହା ତୁ ନେଇବୁ ।୧୭
ଆଜ୍ଞା ଦେଲେଣ ସେହୁ ଯିବେ
ଅକ୍ଷର ସେବା କରୁଥିବେ ।୧୮
ଅନ୍ୟଥା ତାହା ନ କରଇ
ଅଛନ୍ତି ଅକ୍ଷର ପାଳଇ ।୧୯
ଆଜ୍ଞା ଦେଇଣ ଯାହା କହି
ଅକ୍ଷର ଯିବାନ୍ତି ଅଟଇ ।୨୦
ବଚନ ମୁଖେ ଯେ କହିଣ
ବଚନ ଅଛନ୍ତି ପ୍ରମାଣ ।୨୧
ବଚନ ଅକ୍ଷର ଅଟଇ
ଛଡ଼ି ଅକ୍ଷରନ୍ତି କହଇ ।୨୨
କେତେ ବଚନ ଛନ୍ଦି ଜାଣି
କେଉଁ ଅକ୍ଷରନ୍ତି ବଖାଣି ।୨୩
ଅକ୍ଷର ସବୁ କରୁ ଅଛି
ଛଡ଼ି ଅକ୍ଷର ଯେ ହୋଇଛି ।୨୪

କେଉଁ ବଚନେ ନାଶ ଯାଇ
କେଉଁ ବଚନେ ବର୍ଣ୍ଣ ରହି ୧୫
ଅମରେ ଅଛି କ ବଚନେ
ଶୁଣ କହିବା ସାବଧାନେ ।୧୬
ଶଚୀ ଈଶ୍ୱର ବଇଷ୍ଣବ
ଅମରେ ଅନନ୍ତ ଯେ ପୁଣ ।୧୭
ବଚନେ ତାଙ୍କୁ ଆଜ୍ଞା ଦେଲେ
ସେ ଆଜ୍ଞା ଅକ୍ଷର ପାଳିଲେ ।୧୮
ତେଣୁ ଅମରେ ସେ ରହିଣ
ଅକ୍ଷର ଭଜିଅଛି ପୁଣ ।୧୯
କେଉଁ ବଚନେ ନାଶ ଯାଇ
ଶୁଣ ସୁମନେ ଚିତ୍ତ ଦେଇ ।୨୦
କଂସାସୁର ଭସ୍ମାସୁର ହିଁ
ରାବଣ କୁମ୍ଭକର୍ଣ୍ଣ ଦୁଇ ।୨୧
ଏମାନେ ବଚନରେ ମରି
ଆଜ୍ଞା ଅକ୍ଷର ଧରି ମାରି ।୨୨
ଏମନ୍ତେ କେତେ ନାଶ ହୋଇ
କେତେ ଅନନ୍ତ ଦେବ ବର୍ତ୍ତି ।୨୩
ଅକ୍ଷର ଜାଣୁଛି ମାନୁଛି
ଅକ୍ଷର ସବୁଁ କରୁଛି ୨୪
ସଂସାରେ ଯେତେ ଦେବତାହିଁ
ଅକ୍ଷର ଲାଗି ଜାତ କହି ।୨୫
ଅକ୍ଷର ଯେତେବ ଶୁଦ୍ଧ କରି
ଦେବତା ହୋଇଲେ ସଂସାରେ ।୨୬
ଅକ୍ଷର ମନ୍ତ୍ର ନ୍ୟାସ କରି
ତେଣୁ ପୂଜିଲେ ଭବେ ଧରି ।୨୭
ନାନା ବସ୍ତୁରେ ପୁଷ୍ପ ଆଣି
ଶାନ୍ତି କରନ୍ତି ଆବେଶ ପୁଣି ।୨୮

ଯେତେବ ଅକ୍ଷର ଶୁଦ୍ଧ କରେ
ତେଣୁ ନନ୍ଦାନ୍ତ ଯେ ଶୀଘ୍ରରେ ।୨୯
ନାନା ପଦାର୍ଥ ଭୋଗ ଆଣି
ଦେବତା ଆଗେ ଦିଅନ୍ତି ପୁଣି ।୩୦
ମନ୍ତ୍ର ପକାଶ ଭୋଗ ପାନ୍ତି
ଅକ୍ଷର ଯିବୁ କରୁଛନ୍ତି ।୩୧
କୂଅ ପୋଖରୀ ଘର ନଗର
ଅକ୍ଷର ଶୁଦ୍ଧ କରି ତନ୍ତ୍ରେ ।୩୨
ଅକ୍ଷର ମନ୍ତ୍ର ଯେ ଲଗିଲେ
ଶୁଦ୍ଧ ହୁଅନ୍ତି ସେହୁ ଭଲେ ।୩୩
ମନୁଷ୍ୟ ଜଣ ଜନ୍ମ ଯେତେ
କହିବା ଶୁଣ ଏକ ଚିତ୍ତେ ।୩୪
ଦର୍ଶିରେ ମନ୍ତ୍ର ନ କହିଲେ
ସେ ପିଣ୍ଡ ଶୁଦ୍ଧ ନୋହେ ଭଲେ ।୩୫
ପୃଥ୍ୱୀ ଜଳ ଅଗ୍ନି ପବନ
ମନ୍ତ୍ର ଲାଗିକି ଶୁଦ୍ଧ ଜାଣ ।୩୬
ଏମନ୍ତେ ଅକ୍ଷର ମହିମା
ହେ ମନ ଭାବ ତାଙ୍କୁ ସିନା ।୩୭
ମନ କହୁଛି ପ୍ରଭୁ ଶୁଣ
ମୁହିଁ ତ ହୀନ ମୂଢ଼ ଜନ ।୩୮
ମୁଁ ମହା ପାପୀ ଏ ସଂସାରେ
ଅକ୍ଷର ଦୟା କରୁ ମୋତେ ।୩୯
ଅକ୍ଷର ଦୟା ମୋତେ କଲେ
ତୋତେ ମୁଁ ଜାଣୁଥିବି ଭଲେ ।୪୦
ନୋହିଲେ ଜାଣି ନ ପାରଇ
ସା ଇଚ୍ଛା ତାହା କରୁ ସେହି ।୪୧
ଅକ୍ଷର ମାୟା ମୋତେ କରି
ଭୁମାଉଅଛି ଦେହ ଧରି ୪୨

ତୁମ୍ଭଙ୍କୁ ଗୃହରେ ରଖିଣ
ଭୁଞ୍ଜାଇଅଛୁ ମୋତେ ପୁଣ ।୫୩
କହଇ ଅରକ୍ଷିତ ଦାସ
ଅକ୍ଷର କଲେଟି ନିବାସ ।୫୪
ଅନେକ ସୁଜନମାନେ କହି
ଅକ୍ଷର ଦୟା ମୋତେ ନାହିଁ ।୫୫

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଏକନବତିତମୋଽଧ୍ୟାୟଃ ।

# ଦ୍ୱିନବତିତମ ଅଧ୍ୟାୟ

ହେ ମନ ଶୁଣ ଏବେ ତୁହି
ଅକ୍ଷର ଦୟା ଯେବେ ହୋଇ ।୧
ଅକ୍ଷର ଦୟା ତୋତେ ଅଛି
ତେଣୁ ତାହାଙ୍କ କଥା ପୁଛି ।୨
ବୋଇଲେ ତୁ କର୍ମ ପୁଞ୍ଜରୁ
ଆମ୍ଭଙ୍କୁ ତୁ କର୍ମ ଦେଖନ୍ତୁ ।୩
ଏ ଯେ ତୋହର ବଡ଼ ଭାଗ୍ୟ
ଅକ୍ଷର କଲେ ଅନୁରାଗ ।୪
ତାଙ୍କ ଦୟା ଯେବେ ହୁଅନ୍ତା
ଚଉଦ କି ତୋ ମୁଖ ଘରନ୍ତା ।୫
ଅକ୍ଷର କହିଲାକୁ ଶୁଣି
ଏତେ ପଦଙ୍କ ଯେ ସ୍ମରିଣ ।୬
ଯେତେ ପଦଙ୍କ ତୋର ହୋଇ
ଅକ୍ଷର କହ ଶୁଣ ତୁହି ।୭
ଅକ୍ଷର ନିଗିବାକୁ ତୁହି
ତୁ ପୁଛୁ ଦିନ ମୁହିଁ କହି ।୮
ଅକ୍ଷର ନ ଲାଗିଲେ ଶୁଣା
ମୁଖେ ତାହାକୁ କାହିଁ ପୁଣ ।୯
ଅକ୍ଷର ଦୟା ତୋତେ ହୋଇ
ତୁ କର୍ମ କର ତାଙ୍କୁ କହି ।୧୦
ଅକ୍ଷର ଦୟା ସର୍ବଠାରେ
ତାଙ୍କୁ ନ ଚିହ୍ନି ମୂଢ ନରେ ।୧୧
ହେତୁ ଦେହଙ୍କ ପାଇଛନ୍ତି
ନ ଚିହ୍ନି ଚଉଦେ ମରନ୍ତି ।୧୨
ଛପନ କୋଟି ଜୀବ ଯେତେ
ଜାତ ହୁଅନ୍ତି ଏ ସମସ୍ତେ ।୧୩
ଏଥିରେ ମନୁଷ୍ୟ ଯେ ସାର
ଅକ୍ଷର କହନ୍ତି ବିଚାର ।୧୪
ବେଦ ବଚନ ନିତ୍ୟାକ୍ଷର କାରଣ
ପାପ ପୁଣ୍ୟଙ୍କ ଯେ ବର୍ଣ୍ଣଣ ।୧୫
ଅକ୍ଷର ସର୍ବ ଘଟେ ରହି
ମନୁଷ୍ୟଠାରେ ଦୟା କହି ।୧୬
ତେଣୁକ ସର୍ବ ସେବା କରେ
ଅକ୍ଷର ଦୟା ଯାଙ୍କ ଠାରେ ।୧୭
ଏ ଯେବେ ଅକ୍ଷର ଧରନ୍ତି
କର୍ମାଇଁ ମରଣ ଲଭନ୍ତି ।୧୮

ଅକ୍ଷର ନ ଧଇଲେ ଦେହୁ
ଅକ୍ଷର ମାତ୍ରା ଭଲେ ତେଣୁ ।୧୧୯
ଅକ୍ଷର ସର୍ବ ଗତି ମତି
ହେ ମନ ତୁ କର୍ମ ନ ଚିନ୍ତ ।୧୨୦
ଯେବେ ଅକ୍ଷର ତୁ ଚିନ୍ତୁ
ମୃତ୍ୟୁଟି କେବେ ନ ଲଭୁ ।୧୨୧
ଅକ୍ଷର ଦୟା ହେବ ଶୁଣ
ସର୍ବ କଥାକୁ ତୁ ଜାଣିଣ ।୧୨୨
ଅକ୍ଷର ସର୍ବ ଘଟେ ଥାଇ
ଦୟା କରିବେ ତୋତେ ଯେତ୍ତି ।୧୨୩
ସର୍ବ ଜୀବ ଜନ୍ତୁ ବଚନ
ଜାଣିବୁ ଅକ୍ଷର ଟାଣିଣ ।୧୨୪
ଯେ ଯାହା ବଚନ ଭଣନ୍ତି
ଅକ୍ଷର ଲାଗି ସେ କହନ୍ତି ।୧୨୫
ଅକ୍ଷର ନ ଲାଗିଲେ କଣ୍ଠ
ଶବଦ କାହାରିକ ନାହିଁ ।୧୨୬
ଅକ୍ଷର ଯେବେ ସେବିଥିବୁ
ସର୍ବ ଭାଷାକୁ ତୁ ଜାଣିବୁ ।୧୨୭
ସର୍ବ ଭାଷାକୁ ତୁ ଜାଣିଲେ
ଭକ୍ତ ଭାଗବତ ହେବ ଭଲେ ।୧୨୮
ଅକ୍ଷର ସର୍ବ ଘଟେ ଥାଇ
ଅନ୍ତର ତାହାର ନାହିଁ ।୧୨୯
ବ୍ରହ୍ମା ଯେଉଁ ଅକ୍ଷର ଧରି
ସକଳସୃଷ୍ଟିକି କରଇ ।୧୩୦
ସର୍ବ ଘଟରେ ସେ ଅକ୍ଷର
ବାହାରେ ଭେଦ ନାହିଁ ତାର ।୧୩୧
ଅକ୍ଷର ବ୍ରହ୍ମାଣ୍ଡି ଶିଖିଲେ
ସକଳ ସୃଷ୍ଟିକି ସଜିଲେ ।୧୩୨

ଏ ସର୍ବେ ଅକ୍ଷର ନ ଚିହ୍ନି
ଅକ୍ଷର ଭୂମାନଙ୍କ ପୁଣି ।୧୩୩
ଅକ୍ଷର ଯେ ଚିହ୍ନି ପାରିବ
ବ୍ରହ୍ମାଙ୍କ ଉର୍ଦ୍ଧ୍ୱ ବସି ହେବ ।୧୩୪
ତାକୁ ସଂସାରେ ବନ୍ଦ କର
ନୋହିବେ ଶୁଣ ମୁଁ କହଇ ।୧୩୫
ଅକ୍ଷର ଦୟାଟି କରିବ
ବ୍ରହ୍ମାଣ୍ଡ ଯାକ ଯେ ପୂରଇବ ।୧୩୬
ଜଗ ପାରେ ଯେଉଁ ଜନା ହୋଇ
ଭଗ୍ନ ହେଲେ ଦେଖିବ ଯେତ୍ତି ।୧୩୭
ଅକ୍ଷର ଭଜାଇଟି ଦେବ
ଦେଖାଇ ଦେଇଟି ଆଣିବ ।୧୩୮
ଏମନ୍ତେ ଅକ୍ଷରଙ୍କ ଗୁଣ
ହେ ମନ ଭାବ ତାଙ୍କୁ ପୁଣ ।୧୩୯
ଅକ୍ଷର ଯେବେ ସେବିଥିବୁ
ସର୍ବ ଦେବତାଙ୍କୁ ଦେଖିବୁ ।୧୪୦
ଯା ନାମ ଧରି ତୁ ଡାକିଲେ
ସେ ଆସି ଦେଖା ଦେବ ଭଲେ ।୧୪୧
ଅକ୍ଷର ବାନ୍ଧିଟି ଆଣିବ
ତୋତେ ଟି ଭେଟ କରାଇବ ।୧୪୨
ଅକ୍ଷରେ ସର୍ବେ ବନ୍ଧା ହୋଇ
ଅନନ୍ତ ଗୁଣ ମନ ବୁଝି ।୧୪୩
ଏହା ନ ଜାଣି ମୂଢ଼ ନରେ
ଅକ୍ଷର ନିନ୍ଦନ୍ତି ସଂସାରେ ।୧୪୪
ଅକ୍ଷରକୁ ଯେ ନିନ୍ଦାକରେ
ସେ ଘୋର ପାପିଷ୍ଠ ଯମରେ ।୧୪୫
ସେ ନର ଜୀଇ ଥାଉ ମରି
ଅକ୍ଷରକୁ ଯେ ନିନ୍ଦା କରି ।୧୪୬

ଅକ୍ଷରକୁ ଯେ ନିନ୍ଦେ ପୁଣ
ତା ଠାରୁ ପାପୀ ନାହିଁ ଜାଣ ।୪୭
ଅକ୍ଷରକୁ ଯେ ନ ଦେଖନ୍ତି
ସେ ନର ଶ୍ୱାନ ସୂକ୍ର ମତି ।୪୮
ଗୀତା ପୁରାଣ ଶାସ୍ତ୍ର ଯେତେ
ମୂର୍ଖ ଥାଆନ୍ତି ନ ବୋଲନ୍ତି ।୪୯
ସେ ମୂର୍ଖ ଅଟନ୍ତି ଅଃଇ
ତା ଠାରୁ ପାପୀ କେହି ନାହିଁ ।୫୦
ଅକ୍ଷର ମୁଖେ କହି ଶୁଣି
କିଛି ନ ଜାଣନ୍ତି ପୁଣି ।୫୧
ସେ ନର ଅନ୍ଧ ବୋଲି ଜାଣି
ତାକୁ ଅକ୍ଷର ମାନେ ଘୃଣି ।୫୨
ଯେ ନର ଅକ୍ଷର ଶିଖଇ
ମୁଖରେ ଗାୟନ କରଇ ।୫୩
ସେ ନର ଶିଳା ପୂରେ ଧନ୍ୟ
ଦେବେ କରନ୍ତି ତାକୁ ମାନ୍ୟ ।୫୪
ସେ ଲୋକ ଗାବନ୍ତା ଅଃଇ
ତାହାକୁ ତୁଲ୍ୟ କେହି ନାହିଁ ।୫୫
ସେ ନର ଜନ ପୂରେ ଧନ୍ୟ
ଯେ ମୁଖେ କରନ୍ତି ଗର୍ଜନ ।୫୬
ତାହାକୁ ସର୍ବେ ବଶ ହୁନ୍ତି
ଅକ୍ଷର ଅମୃତ ପିଅନ୍ତି ।୫୭
ହେ ମନ ଅକ୍ଷରକୁ ଭାବ
ତୋତେ ଦୟାଃ ମୋର ଥିବ ।୫୮
ହେ ମନ ଅକ୍ଷରଙ୍କ ଗୁଣ
ନିତି ତୁ କରିବୁ ଗାୟନ ।୫୯
ଅକ୍ଷର ବ୍ରହ୍ମଟି ଅଟଇ
ହେ ମନ ଭଜ ତାଙ୍କୁ ତୁହି ।୬୦

ଅକ୍ଷର ବ୍ରହ୍ମ ବୋଲି ଜାଣ
ହେ ମନ ଭଜ ତାଙ୍କୁ ପୁଣ ।୬୧
ଅକ୍ଷର ବ୍ରହ୍ମ ସର୍ବ ଦେବ
ହେ ମନ ତାଙ୍କୁ କରେ ଭାବ ।୬୨
ଅକ୍ଷର ବ୍ରହ୍ମ ରୂପ ଧରି
ଶୂନ୍ୟରେ ଦେଖ ଅଛି ପୂରି ।୬୩
ଅକ୍ଷର ଜୀବ ରୂପ ହୋଇ
ସଂସାରେ ଖେଳିଅଛି ସେହି ।୬୪
ମୁହିଁ ଅକ୍ଷର ରୂପ ଧରି
ଏ ଦେହ ରଖିଛି ତୋହରି ।୬୫
ମୁହିଁ ଅକ୍ଷର ଜୀବ ହୋଇ
ସର୍ବ ଘଟକେ ହେଲି ମୁହିଁ ।୬୬
ମୁହିଁ ଅକ୍ଷର ବ୍ରହ୍ମ ହେଲି
ମହାଶୂନ୍ୟଟି ବୋଲାଇଲି ।୬୭
ଅକ୍ଷର ସୃଷ୍ଟି ପୁରୁଷ ମୁହିଁ
ସର୍ବ ଜାତ କରୁଅଛି ସେହି ।୬୮
ଅକ୍ଷର ନ ଲଗିଲେ ପୁଣି
ସୃଷ୍ଟି ପୁରୁଷ ନ ଭେଟିଣି ।୬୯
ଅକ୍ଷର ଲଗିଲେଟି କହି
ସୃଷ୍ଟି ପୁରୁଷ ଭେଟ ହୋଇ ।୭୦
ନାନା କୌତୁକେ ରସ ଖେଳ
କରନ୍ତି ଅକ୍ଷର ଯେ ମେଳ ।୭୧
ନାନା କୌତୁକେ ସର୍ବ ଘଟେ
ରକ୍ଷା କରନ୍ତି ଯେ ଅଚାଟେ ।୭୨
ଅଳ୍ପ କ୍ଷଣେ ରକ୍ଷା କରନ୍ତି
ତେଣୁ ଟି ସର୍ବେ ଜାତ ହୁଅନ୍ତି ।୭୩
ଅକ୍ଷର ନ ଲଗିଲେ ଜାଣ
ରକ୍ଷା କରିବେ କାହିଁ ପୁଣ ।୭୪

ସଂସାର ଶୂନ୍ୟ ହୋଇ ଥିବ
କ ଭାଇ କେମନ୍ତ ହୋଇବ ।୭୫
ଅକ୍ଷର ଜୀବ ପରମ ହିଁ
ସର୍ବଜାତ କରନ୍ତି ସେହି ।୭୬
ସୃଷ୍ଟି ଘଟି ଜୀବ ହୋଇ ଜାଣ
ପରମ ପୁରୁଷ ପ୍ରମାଣ ।୭୭
କେଉଁ ଅକ୍ଷର ସୃଷ୍ଟି କଲି
କେଉଁ ଅକ୍ଷର ପୁରୁଷ ହିଁ ।୭୮
ଏ ଦୁହେଁ ଲକ୍ଷ ଯେ ଭରନ୍ତି
ତେଣୁ କି ସର୍ବ ଜାତ ହୁଅନ୍ତି ।୭୯
ନୋହିଲେ ଏକା ଅଙ୍ଗ ଶୁଣି
ଅଛନ୍ତି କେବେ ନାହିଁ ଜାଣି ।୮୦
ଲୀଳା ନିମନ୍ତେ ଭିନ୍ନ ହେଲେ
ସଂସାରେ ଖେଳ ଲଗାଇଲେ ।୮୧
ଯୁଗଳ ନୋହିଲେକି ପୁଣି
ଲୀଳାକି ଥାନ୍ତି ହେବ ଜାଣି ।୮୨
ଯୁଗଳ ଅକ୍ଷର ଦେଖାଦେଲେ
ଜାତ ହୁଅନ୍ତି ଚରାଚର ।୮୩
ଅକ୍ଷର ସୃଷ୍ଟି ପୁରୁଷ ହିଁ
ଏହି ମନ କଥା ତେଜୁ ନାହିଁ ।୮୪
ଅକ୍ଷର ସର୍ବ ଘଟେ ଜାଣି
ଲୀଳାଯେ କରୁଛନ୍ତି ପୁଣି ।୮୫
ଏ ଯେମା ପ୍ରମାଣ ଦେଖିବୁ
ଭିନ୍ନ ତୁ କେବେ ନ ମଣିବୁ ।୮୬
ଏ ଯେକ ଅକ୍ଷରକୁ ଘୋଷ
ନାମଇ ଅରକ୍ଷିତ ଦାସ ।୮୭
ଆହେ ସୁଜନ ମାନେ କହି
ଅକ୍ଷର ଭାବ ଚିତ୍ତେ ଥୋଇ ।୮୮

ଇତି ଶ୍ରୀ ନନ ଚୈତନ୍ୟ ସମ୍ବାଦେ ମହିମଣ୍ଡଳ ଗୀତା କଥନେ
ନାମ ଦ୍ୱିନବତିତମୋଽଧ୍ୟାୟଃ ।

# ତ୍ରିନବତିତମ ଅଧ୍ୟାୟ

ଆହେ ଚୈତନ୍ୟ ବ୍ରହ୍ମ ତୁମ୍ଭେ
ମୋ ଦୋଷ ନ ଘେନିବ କେବେ ।୧
ମୂର୍ଖ ତ ମାୟା ଦେହେ ଅଛି
ଏ ଦୋଷ ତୁମ୍ଭଙ୍କୁ ମାଗୁଛି ।୨
ଯେତେ ଦୋଷ ମୁଁ କରିଥିଲେ
କ୍ଷମା ଯେ କରୁଥିବ ଭଲେ ।୩
ହେ ବ୍ରହ୍ମ କ୍ଷମାଶୀଳ ତୁମ୍ଭ
ଦୟା ତ ରଖିଥିବୁ କହି ।୪
ହେ ବ୍ରହ୍ମ ସର୍ବାକ୍ଷର ହେଲ
ବ୍ରହ୍ମାଣ୍ଡ ଧାଡରେ ଖେଳିଲ ।୫
ହେ ବ୍ରହ୍ମ ତୋ ବିନୁ କେ ପୁଣି
ଅକ୍ଷର ମାନ ତୁ ହୋଇଣି ।୬

ହେ ବ୍ରହ୍ମ ଈ ଅକ୍ଷର ଭଣ
ଦୟା ତୁ କର ମୋତେ କହ ।୭
ହେ ବ୍ରହ୍ମ ଉ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୮
ହେ ବ୍ରହ୍ମ ଊ ଅକ୍ଷର ଭଣ
ଦୟା ତୁ କର ମୋତେ କହ ।୯
ହେ ବ୍ରହ୍ମ ଋ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୧୦
ହେ ବ୍ରହ୍ମ ୠ ଅକ୍ଷର ଭଣ
ଦୟା ତୁ କର ମୋତେ କହ ।୧୧
ହେ ବ୍ରହ୍ମ ଌ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୧୨
ହେ ବ୍ରହ୍ମ ୡ ଅକ୍ଷର ଭଣ
ଦୟା ତୁ କର ମୋତେ କହ ।୧୩
ହେ ବ୍ରହ୍ମ ଲ୍ଲ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୧୪
ହେ ବ୍ରହ୍ମ ଋ ଅକ୍ଷର ଭଣ
ଦୟା ତୁ କର ମୋତେ କହ ।୧୫
ହେ ବ୍ରହ୍ମ ଲ୍ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୧୬
ହେ ବ୍ରହ୍ମ ଏ ଅକ୍ଷର ଭଣ
ଦୟା ତୁ କର ମୋତେ କହ ।୧୭
ହେ ବ୍ରହ୍ମ ଐ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୧୮
ହେ ବ୍ରହ୍ମ ଓ ଅକ୍ଷର ଭଣ
ଦୟା ତୁ କର ମୋତେ କହ ।୧୯
ହେ ବ୍ରହ୍ମ ଔ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୨୦

ହେ ବ୍ରହ୍ମ ଅଂ ଅକ୍ଷର ଭଣ
ଦୟା ତୁ କର ମୋତେ କହ ।୨୧
ହେ ବ୍ରହ୍ମ ଅଃ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୨୨
ହେ ବ୍ରହ୍ମ ଏ ସେ ଜ ଅକ୍ଷର
ଭଣ ହୋଇଲୁଁ ନିକର ।୨୩
ହେ ବ୍ରହ୍ମ କ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୨୪
ହେ ବ୍ରହ୍ମ ଖ ଅକ୍ଷର ଭଣ
ଦୟା ତୁ କର ମୋତେ କହି ।୨୫
ହେ ବ୍ରହ୍ମ ଗ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୨୬
ହେ ବ୍ରହ୍ମ ଘ ଅକ୍ଷର ଭଣ
ଦୟା ତୁ କର ମୋତେ କହ ।୨୭
ହେ ବ୍ରହ୍ମ ଙ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୨୮
ହେ ବ୍ରହ୍ମ ଚ ଅକ୍ଷର ଭଣ
ଦୟା ତୁ କର ମୋତେ କହ ।୨୯
ହେ ବ୍ରହ୍ମ ଛ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ୩୦
ହେ ବ୍ରହ୍ମ ଜ ଅକ୍ଷର ଭଣ
ଦୟା ତୁ କର ମୋତେ କହ ।୩୧
ହେ ବ୍ରହ୍ମ ଝ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୩୨
ହେ ବ୍ରହ୍ମ ଞ ଅକ୍ଷର ଭଣ
ଦୟା ତୁ କର ମୋତେ କହ ।୩୩
ହେ ବ୍ରହ୍ମ ଟ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୩୪

ହେ ବ୍ରହ୍ମ ଠ ଅକ୍ଷର ଚିହ୍ନ
ଦୟା ତୁ କର ମୋତେ କହ୍ନ ।୩୫
ହେ ବ୍ରହ୍ମ ଡ଼ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୂର୍ଣ୍ଣ ।୩୬
ହେ ବ୍ରହ୍ମ ଢ଼ ଅକ୍ଷର ଚିହ୍ନ
ଦୟା ତୁ କର ମୋତେ କହ୍ନ ।୩୭
ହେ ବ୍ରହ୍ମ ଣ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୂର୍ଣ୍ଣ ।୩୮
ହେ ବ୍ରହ୍ମ ତ ଅକ୍ଷର ଚିହ୍ନ
ଦୟା ତୁ କର ମୋତେ କହ୍ନ ।୩୯
ହେ ବ୍ରହ୍ମ ଥ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୂର୍ଣ୍ଣ ।୪୦
ହେ ବ୍ରହ୍ମ ଦ ଅକ୍ଷର ଚିହ୍ନ
ଦୟା କର ମୋତେ କହ୍ନି ।୪୧
ହେ ବ୍ରହ୍ମ ଧ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୂର୍ଣ୍ଣ ।୪୨
ହେ ବ୍ରହ୍ମ ନ ଅକ୍ଷର ଚିହ୍ନି
ଦୟା ତୁ କର ମୋତେ କହ୍ନି ।୪୩
ହେ ବ୍ରହ୍ମ ପ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୂର୍ଣ୍ଣ ।୪୪
ହେ ବ୍ରହ୍ମ ଫ ଅକ୍ଷର ଚିହ୍ନି
ଦୟା ତୁ କର ମୋତେ କହ୍ନି ।୪୫
ହେ ବ୍ରହ୍ମ ବ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୂର୍ଣ୍ଣ ।୪୬
ହେ ବ୍ରହ୍ମ ଭ ଅକ୍ଷର ଚିହ୍ନ
ଦୟା ତୁ କର ମୋତେ କହ୍ନ ।୪୭
ହେ ବ୍ରହ୍ମ ମ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୂର୍ଣ୍ଣ ।୪୮

ହେ ବ୍ରହ୍ମ ଯ ଅକ୍ଷର ଚିହ୍ନ
ଦୟା ତୁ କର ମୋତେ କହ୍ନ ।୪୯
ହେ ବ୍ରହ୍ମ ର ଅକ୍ଷର ଶୁଣ
ଦୟା ତୁ କର ମୋତେ ପୂର୍ଣ୍ଣ ।୫୦
ହେ ବ୍ରହ୍ମ ଲ ଅକ୍ଷର ଚିହ୍ନ
ଦୟା ତୁ କର ମୋତେ କହ୍ନ ।୫୧
ହେ ବ୍ରହ୍ମ ଶ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୂର୍ଣ୍ଣ ।୫୨
ହେ ବ୍ରହ୍ମ ଷ ଅକ୍ଷର ଚିହ୍ନ
ଦୟା ତୁ କର ମୋତେ କହ୍ନ ।୫୩
ହେ ବ୍ରହ୍ମ ସ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୂର୍ଣ୍ଣ ।୫୪
ହେ ବ୍ରହ୍ମ ହ ଅକ୍ଷର ଚିହ୍ନ
ଦୟା ତୁ କର ମୋତେ କହ୍ନ ।୫୫
ହେ ବ୍ରହ୍ମ ମାତ୍ରା ମାନେ ଶୁଣ
ଦୟା ତୁ କର ମୋତେ ପୂର୍ଣ୍ଣ ।୫୬
ହେ ବ୍ରହ୍ମ ଏ ସବୁ ଅକ୍ଷର
ଦୟା କରିଣ କେବେ ତାର ।୫୭
ହେ ବ୍ରହ୍ମ ସର୍ବାକ୍ଷର ଶୁଣ
ବ୍ୟାପିଛ ବ୍ରହ୍ମାଣ୍ଡରେ ପୂର୍ଣ୍ଣ ।୫୮
ହେ ବ୍ରହ୍ମ ଅକ୍ଷର ସଂସାର
ବ୍ୟାପିଅଛ ସେ ତିନିପୁର ।୫୯
ହେ ବ୍ରହ୍ମ ଜୀବ ଅଣାକାରେ
ଅକ୍ଷର ଚିହ୍ନି ହବ ଠାରେ ।୬୦
ହେ ବ୍ରହ୍ମ ଜଳ ସ୍ଥଳାକାଳ
ଅକ୍ଷର ମୃତ୍ୟୁ ସକଳ ।୬୧
ହେ ବ୍ରହ୍ମ ଅକ୍ଷର ତୁ ଶୁଣ
ଦୟା କଲେ ତରବ ପୂର୍ଣ୍ଣ ।୬୨

ହେ କୃଷ୍ଣ ସର୍ବାଶ୍ରୟ ମୋତେ
ଦୟା କରିଣ ତାରୁ ଚିତ୍ତେ ।୬୩
ହେ କୃଷ୍ଣ ସର୍ବାଶ୍ରୟ ତୁମ୍ଭ
ଦୟା ନରହେ ମୁଁ ଜାଣଇ ।୬୪
ନମୋ ନମସ୍ତେ ସର୍ବାଶ୍ରୟ
ମୋ ଅପରାଧ କ୍ଷମାକର ।୬୫
ନମସ୍ତେ ଈଶ୍ୱର ତ୍ରିବିଷ୍ଣୁ
ଦୟା ତୁ କର ମୋତେ ପୂର୍ଣ୍ଣ ।୬୬
ନମସ୍ତେ ଈଶ୍ୱର ତୁ ଶିବ
ଦୟା ତୁ କର ମୋତେ ଦେବ ।୬୭
ନମସ୍ତେ ଈଶ୍ୱର ପରମ
ଦୟା ତୁ କର ମୋତେ ପୂର୍ଣ୍ଣ ।୬୮
ନମୋ ନମସ୍ତେ ସର୍ବ ତୁମ୍ଭେ
ଦୟା ତୁ କର ମୋତେ ଏବେ ।୬୯
ତୁମ୍ଭର ଦୟା ଯେବେ ନାହିଁ
କେବେହିଁ ନାଶ ନର କାହିଁ ।୭୦
ଯେବେ ତୁମ୍ଭର ଦୟା ଅଛି
କେବେ ହେଁ ତାର ମୁଁ ବଞ୍ଚୁଛି ।୭୧
ମୁକ୍ତିର କିଛି ନ ମାଗଇ
ତୁମ୍ଭଙ୍କୁ ସେବକ ଜଣାଇ ।୭୨
ନମୋ ନମସ୍ତେ ଦୟାକର
ମୁଁ ହୀନ ପାପିଷ୍ଠ ପାମର ।୭୩
ନମୋ ନମସ୍ତେ ସର୍ବାଶ୍ରୟ
ଏ ସ୍ତୁତି କଲଇ ତୁମ୍ଭର ।୭୪
ଅଟଳକ୍ଷ୍ୟ ଶର ତୁମ୍ଭେ
ଜଣାଇ ଅଛୁ ଶୁଣ ସର୍ବେ ।୭୫
ଏ ତୁମ୍ଭ ସ୍ତୁତି ମୁହିଁ ମୁଖେ
ବାପୁନ କହୁଥିବ ସୁଖେ ।୭୬

ଏତେକ ଦୟା ରଖିଥିବ
ମାୟା ତ କେବେ ନ କରିବ ।୭୭
ତୁମ୍ଭେ ସପ୍ତେ ମାତ୍ସୃଷ୍ଟି କରି
କର୍ମୀଙ୍କ ଥିବ ଦେହ ଧରି ।୭୮
ତୁମ୍ଭର ମାୟା ମୋତେ ନୋହୁ
ତୁମ୍ଭ ସ୍ତୁତି ମୋ ମୁଖେ ଥାଉ ।୭୯
ଏତେକ ଜଣାଉଛି ମୁହିଁ
ହେ ସର୍ବାଶ୍ରୟ କର ଶାନ୍ତି ।୮୦
ହେ କୃଷ୍ଣ ଅଶରଣେ ତୁମ୍ଭେ
ମୋ ଦୋଷ ନ ଧରିବ କେବେ ।୮୧
ହେ କୃଷ୍ଣ ଅଶରଣେ ସ୍ତୁତି
ଯେ ଏହା ପଢୁଥିବ ନିତି ।୮୨
ସେ ନର ତ୍ରିଭୁବନେ ଧନ୍ୟ
ଧନ୍ୟ ଜୀବନ ଧନ୍ୟ ଧନ୍ୟ ।୮୩
ସେ ନର ଜୀଅନ୍ତା ଅଛଇ
ତାଙ୍କୁ ସଂସାରେ ଭୟ ନାହିଁ ।୮୪
ଈଶ୍ୱର ଦୟାହିଁ କରିବେ
ତାର ବିପତ୍ତି ସେ ନାଶିବେ ।୮୫
ସେତୁଣ ସେ ପାଉଥିଲେ ଶୁଣ
ନାଲୁଛି କରିଥିବ ମୁଣ ।୮୬
ଈଶ୍ୱର ସଙ୍ଗ ସଦେହ ଥାଇ
ତାଙ୍କୁ ବିପତ୍ତି ଅର୍ଥ କାହିଁ ।୮୭
ଈଶ୍ୱର ଦୟାହିଁ କରିବେ
ଯାହା ମାଗିବ ତାହା ଦେବେ ।୮୮
ଅମର ପଦ ସେ ମାଗିବ
ଅମର ହୋଇଣ ରହିବ ।୮୯
ସିଦ୍ଧାନ୍ତ ପଦ ସେ ମାଗିଲେ
ସିଦ୍ଧାନ୍ତ ହେବ ସେତୁ ଭଲେ ।୯୦

ଯୋଗାନ୍ତ ମାଗିଲେଟି ଶୁଣ
ଯୋଗାନ୍ତ ତାଙ୍କୁ ଦେବେ ପୁଣ ।୯୧
ନାଶାନ୍ତ ମାଗିଲେଟି କହି
ନାଶାନ୍ତ ପ୍ରାପତ ସେ ଦେହୀ ।୯୨
ବେଦାନ୍ତ ମାଗିଲେଟି ଶୁଣ
ବେଦାନ୍ତ ପ୍ରାପତ ସେ ପୁଣ ।୯୩
ଇନ୍ଦ୍ରାଦି ବ୍ରହ୍ମ ପଦ ଯେତେ
ମାଗିଲେ ପାଇବ ସେ ସତ୍ତ୍ୱେ ।୯୪
ନବଧା ଭକ୍ତି ଯେବେ ମାଗି
ପାଇବ ଦେବେ ତାଙ୍କୁ ଯୋଗୀ ।୯୫
ନିଷ୍କାମ ଭକ୍ତି ଯେ ମାଗିଲେ
ପ୍ରାପତ କରାଇବେ ଭଲେ ।୯୬
କାମନା ଭକ୍ତି ଯେ ମାଗିବ
ସେ ପାଞ୍ଚଭୂବ ତା ପାଇବ ।୯୭
ଧନ ବା ପୁତ୍ର ବାଞ୍ଛା ଯେତେ
ମାଗିଲେ ପାଇବ ସେ ଚିତ୍ତେ ।୯୮
ଯେତେ ଦ୍ରବ୍ୟରେ ଯୋଗ ଇଚ୍ଛା
ମାଗିଲେ ଦେବେ ତାଙ୍କୁ ବାଞ୍ଛା ।୯୯
ଅକ୍ଷର ସର୍ବ ଘଟେ ଥାଇ
ମାଗିଲେ ଦେବେ ତାଙ୍କୁ କହି ୧୦୦
ଅକ୍ଷର ସର୍ବଙ୍କୁ ବାଛଣି
ତାଙ୍କ ଆପୁରତି ଜାଣ ପୁଣ ୧୦୧
ତେଣୁଟି ସର୍ବ ଦେଉ ପାରେ
ତାଙ୍କୁ ନ ଲଭେ ମୃତ୍ୟୁ ନରେ ।୧୦୨
ଏମନ୍ତେ ଅକ୍ଷର ମହିମା
ମୁଁ କି କହିବି ତାଙ୍କ ସୀମା ।୧୦୩
ଅକ୍ଷର ମୋତେ ଦୟା କଲେ
କିଛି ମହିମା କହି ଭଲେ ।୧୦୪
କହଇ ଅରକ୍ଷିତ ଦାସ
ମନ୍ତ୍ର ମଣ୍ଡଳ ଗୀତା ରସ ।୧୦୫
ଆହେ ସୁଜନ ମାନେ ଧରି
ଓଳଂ ଶ୍ରୁତି ମନରେ ଧରି ।୧୦୬
ଅକ୍ଷର ମହିମା କହିଲି
ଏ ଦୋଷ ତୁମ୍ଭଙ୍କୁ ମାଗିଲି ।୧୦୭
ଏ ମନ୍ତ୍ର ମଣ୍ଡଳ ସେ ଗୀତା
ଅତି ଗୁପତ ଏହୁ କଥା ।୧୦୮
ଏ ମନ୍ତ୍ର ପୃଥ୍ୱୀରେ ଯେ ଶୁଣି
ହେବ କଲ୍ୟାଣ ସେବ ପୁଣ ।୧୦୯
ଅକ୍ଷର ଦୟା ଯେ କରିବେ
ସେ ଶ୍ରବଣ ତାଙ୍କୁ ତାରିବେ ।୧୧୦
ନୋହିଲେ ଅକ୍ଷର ବାଇର
ଆହେ ସୁଜନ ମାନେ କହ ।୧୧୧

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମନ୍ତ୍ରମଣ୍ଡଳ ଗୀତା
କଥନେ ନାମ ନିବବତତମୋଽଧ୍ୟାୟଃ ।

ଭୀମସ୍ୟାପି ରଣେ ଭଙ୍ଗୋ
ମୁନେ ରପି ମତି ଭ୍ରମଃ
ଯଦି ଶୁଦ୍ଧ ମଶୁଦ୍ଧଂ ବା
ମମ ଦୋଷୋ ନ ଦୀୟତେ ।

—ସମାପ୍ତ—